# ଦିଗନ୍ତ

## ଫେବୃୟାରୀ ୨୦୨୧




Photo by Dr. Ranjit Kumar Sahu, USA

ISSN NO – 2582-208X

[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଆଜି ବେଦାନ୍ତୀ ପହଞ୍ଚି ପାରିଛି ସାରା ବିଶ୍ୱରେ ରହିଥିବା ଓଡିଆମାନଙ୍କ ପାଖରେ ଆଉ ଏହା ଆମପାଇଁ ଅତ୍ୟନ୍ତ ଗର୍ବର ବିଷୟ। କିନ୍ତୁ ଏହା କେବଳ ସମ୍ଭବ ହୋଇପାରିଛି ବେଦାନ୍ତୀର ଲେଖକ ଓ ଲେଖିକାମାନଙ୍କ ଅବଦାନ ପାଇଁ। ବିନା ଲେଖାରେ କୌଣସି ବହି ବାହାରିପାରିବ ନାହିଁ। କିନ୍ତୁ ବେଦାନ୍ତୀପାଇଁ ଲେଖାର ସୁଅ ଛୁଟିଛି ଏବଂ କେବଳ ଭାରତ ଭିତରୁ ନୁହେଁ, ବିଦେଶରେ ରହୁଥିବା ଅନେକ ଓଡିଆ ବନ୍ଧୁମାନେ ସେମାନଙ୍କର ବହୁମୂଲ୍ୟ ସମୟ ଦେଇ ବେଦାନ୍ତୀ ପାଇଁ ଲେଖା ନିୟମିତ ଭାବରେ ପଠାଉଛନ୍ତି। ସେଥିପାଇଁ ବେଦାନ୍ତୀ ପରିବାର ତରଫରୁ ସମସ୍ତ ଲେଖକ/ ଲେଖିକାମାନଙ୍କୁ ଅନେକ ଅନେକ ସାଧୁବାଦ। ଆଶା କରୁଛି ଆପଣମାନଙ୍କର ସହଯୋଗ ଏହିପରି ଭାବରେ ରହିଥିବ ଏବଂ ଏହା ସହିତ ଆମେ ମଧ୍ୟ ଲାଗିରହିଥିବୁ ଓଡିଆ ଭାଷାର ଏକ ପତ୍ରିକାକୁ ପ୍ରତି ମାସରେ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କୁ ପାଖରେ ପହଞ୍ଚାଇବା ପାଇଁ।

ଜୟ ଓଡିଶା, ଜୟ ଓଡିଆ।

ଅରବିନ୍ଦ ମିଶ୍ର

# ଭିତର ପୃଷ୍ଠାରେ....


| | | |
|---|---|---|
| ଅଭିଳ୍ କଥା | ଡକ୍ଟର ବିଜ୍ଞାନୀ ଦାସ | ୧୧ |
| ତୁମେ ନ ଥା'ନ୍ତ ଯଦି | ପ୍ରାଧ୍ୟାପିକା ଜ୍ୟୋତ୍ସ୍ନା ରାୟ | ୨୧ |
| ବିପ୍ରଲବ୍ଧା ବୈଦେହୀ | ଡ. ଶକୁନ୍ତଳା ଗୁପ୍ତା | ୨୩ |
| ଶୀତ ଆସିଛି ମୋ ଗାଁ କୁ | ପୁଷ୍ପାଞ୍ଜଳି ପଣ୍ଡା | ୨୫ |
| ନାବ ମିଳଗଲ୍ କୂଳକୁ | ଶାନ୍ତିଲତା ମିଶ୍ର | ୨୭ |
| ଶ୍ରାବଣର ଆଖି | ଡକ୍ଟର ନୀଳମାଧବ କର | ୩୧ |
| ଅନ୍‌ଲାଇନ୍‌ର 'ଆମାଜନ'ର ନର୍ମାଲ୍ୟ ବିକ୍ରି | ଶଶଧର ମହାପାତ୍ର | ୩୩ |
| ସମୟର କୋଳରେ | ଭାସ୍କର ଚନ୍ଦ୍ର ଖଣ୍ଡା | ୩୬ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୩୮ |
| ନୂତନ ବର୍ଷ | ଡ. ପ୍ରସନ୍ନ କୁମାର ବଳ | ୪୮ |
| ରାଇ ଦାମୋଦର | ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ | ୫୦ |
| ନାମରୂପ | ସୁବାସ ଚନ୍ଦ୍ର ମୁଦୁଲି | ୫୨ |
| ମୃତ୍ୟୁ | ସରୋଜ ଲକ୍ଷ୍ମୀ ମହାନ୍ତି | ୫୩ |
| ମାନବିକ ଅଧିକାର ଓ ବିଶ୍ୱ ଶାନ୍ତିପାଇଁ ଏହାର ପ୍ରୟୋଜନତା | ରାଜକିଶୋର ସାଇଁ | ୫୫ |
| କାହାକୁ କରିବି ନଜର! | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୬୨ |
| କଣ୍ଟକତ ପଥ | ହାସ୍ୟମୟୀ ରାଜ୍ | ୬୩ |
| ଶସ୍ୟ ଶ୍ୟାମଳା ହେ ମରଣ | ନନ୍ଦିନୀ ରାଉତ | ୬୫ |
| ସଂସାରୀ | ସନାତନ ମହାକୁଡ | ୬୭ |

| | | |
|---|---|---|
| ଶଙ୍ଖ | ଆରତୀ ସାହୁ (ଆଶା) | ୬୮ |
| ଚରଣ କମଳ ବନ୍ଦେ | ମୀନାକ୍ଷି ପାଢ଼ୀ | ୭୧ |
| ସପ୍ତମ ଋତୁ | ପ୍ରିୟଦର୍ଶିନୀ ମହାନ୍ତି | ୭୩ |
| ଆସ ତୁମେ ନୂଆ ବରଷ | ପ୍ରିୟଦର୍ଶିନୀ ମହାପାତ୍ର | ୭୫ |
| କେମିତି ହବ ମିଳନ! | ପ୍ରିୟଦର୍ଶିନୀ ପଣ୍ଡା | ୭୭ |
| ରମ୍ୟ ରଚନା – କଳିଯୁଗ ର ଦଶରଥ | ସତ୍ୟନାରାୟଣ ମିଶ୍ର | ୭୮ |
| ପ୍ରକୃତି | କୃଷ୍ଣଚନ୍ଦ୍ର ମହାପାତ୍ର | ୮୦ |
| ଅଜନ୍ମା ର କଥା | ତପସ୍ୱିନୀ ଷଢଙ୍ଗୀ | ୮୨ |
| ଜାଡ ଆସେ..... | ସ୍ୱାତୀ ବନ୍ଦନା କର | ୮୪ |
| ଗପଟିଏ | ଦେବଯାନୀ ସ୍ୱାଇଁ | ୮୬ |
| ଜାଗି ଉଠ | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୯୦ |
| ନବ ଦଶନ୍ଧିର ଶ୍ରୀଗଣେଶ.... | ପ୍ରିୟରଞ୍ଜନ ସାହୁ | ୯୨ |
| ଆକାଶ | ପ୍ରଶାନ୍ତ କୁମାର ନାଥ | ୯୪ |
| ପ୍ରଶ୍ନବାଚୀ | ଅମ୍ବିକା ସ୍ୱାଇଁ | ୯୬ |
| ଦାମନଯୋଡିର ଶୀତ ଗୀତ | ବିଜୟ କୁମାର ଜେନା | ୧୦୩ |
| ମଶାଣି | କୃଷ୍ଣ ଚନ୍ଦ୍ର ବାରିକ୍ | ୧୦୬ |
| ସାର୍ଥକ ଅନୁଚନ୍ତା | ଆଲୋକ କୁମାର ପଣ୍ଡା | ୧୦୮ |
| ଶେଷବସନ୍ତର ଚଠି | ବେଣୁଧର ସୂତାର | ୧୦୯ |
| ଅଫେରା ବାଟ | ବାସନ୍ତୀ ଲତା ଜେନା | ୧୧୨ |
| ବାପୁଙ୍କ ପାଇଁ ପଦେ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୧୪ |
| ମାଟିର ପୁଅ (ଚଷାଭାଇ) | ସମ୍ୟଜିତ ପାତ୍ର | ୧୧୫ |

| | | |
|---|---|---|
| ୧୮୫୭ ସ୍ମୃତି ସଂଗ୍ରହାଳୟ, ଲକ୍ଷ୍ନୌ | ପ୍ରିୟବ୍ରତ ପାତ୍ର | ୧୧୭ |
| କାହିଁକି | ଡ. ଜ୍ଞାନେଶ୍ୱର ମିଶ୍ର | ୧୨୩ |
| ସୁଖଦୁଃଖ | ତ୍ରିପତି ପ୍ରଧାନ | ୧୨୫ |
| ସନ୍ଧ୍ୟା ଆଳତି | ରାମ ଚନ୍ଦ୍ର ପ୍ରଧାନ | ୧୨୬ |
| ଆସିବକି ଥରେ କୁଣିଆ ହେଇ | ବୈଦ୍ୟନାଥ ପଣ୍ଡା | ୧୨୭ |
| ସ୍ୱର୍ଗର ଦ୍ୱାର ଖୋଲିଗଲା | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୨୮ |
| ତାଙ୍କଲାଗି ସବୁ ସହିବି | ଶିଶିର କୁମାର ପଣ୍ଡା | ୧୩୨ |
| ପ୍ରଣାମ ଘେନ ହେ ଚକାନୟନ | ମନୀଷା ପଣ୍ଡା | ୧୩୩ |
| ରବିସୁତ ଦର୍ପଦଳା ନନ୍ଦବଳା | ଡ. ଅର୍ଜୁନ ଚରଣ ବାରିକ୍ | ୧୩୫ |
| ଜୀବଜନ୍ତୁମାନଙ୍କ ପ୍ରତି ଆମର ବ୍ୟବହାର | କୀର୍ତ୍ତି ଦେବୀ | ୧୩୭ |
| ବୀରହିଣୀ | ମଧୁଲିତା ନାୟକ | ୧୪୦ |
| ଲାଳସା | ଅଲେଖ ମେହେର | ୧୪୨ |
| ଖେଳ ସରିଗଲେ.... | ନିରଞ୍ଜନ ସାହୁ | ୧୪୪ |
| ଅଚହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୧୪୫ |
| ମକର ଆସିଛି ଫେରି | ବିଜୟ କୁମାର ପଣ୍ଡା | ୧୫୩ |
| ମାଁ | ଅଜୟ କୁମାର ପଧାନ | ୧୫୯ |
| ପୁତ୍ର ମୋହ | ଅର୍ଜୁନ ମେହେର (ଆଶ୍ରିତ ) | ୧୬୧ |
| ପରୀ ରାଜଜେମା ପ୍ରେମ | ଆଶୁତୋଷ ମେହେର | ୧୬୪ |
| ଆସନ୍ତୁ ତୋତାପୁରୀଙ୍କ ଶକ୍ତିଦର୍ଶନ ବିଷୟରେ ଜାଣିବା | ନରେନ୍ଦ୍ର ପ୍ରସାଦ ବେହେରା | ୧୬୬ |
| ନରମୟ ନବବର୍ଷ | ଦିନବନ୍ଧୁ ବେଜ | ୧୭୧ |

| | | |
|---|---|---|
| କବିର ଭ୍ରବ | ଦୀନବନ୍ଧୁ ପୋଇ | ୧୭୩ |
| ଆଜିର ମଣିଷ | ସଂଜୀବ ମେହେର | ୧୭୫ |
| କହି ଜାଣିଲେ କଥା ସୁନ୍ଦର | ଡକ୍ଟର ମଧୁସ୍ମିତା ମିଶ୍ର | ୧୭୭ |
| ସ୍ୱାଗତର ଚୁକ୍ତିନାମା | ବିଜୟଲକ୍ଷ୍ମୀ ପାଣିଗ୍ରାହି | ୧୮୧ |
| ନାରୀ ମାଗେ ନ୍ୟାୟ | ମଧୁସ୍ମିତା ପୃଷ୍ଟି | ୧୮୨ |
| ପିପାସା | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୧୮୪ |
| ମକର ସଂକ୍ରାନ୍ତି | କୌସ୍ତୁଭ ଜାଲ | ୧୮୬ |
| ତୁମରି ସନ୍ତକ | ଅଶୋକ କୁମାର ପ୍ରଧାନ | ୧୯୦ |
| ମୋର ଗାଁ | ଶ୍ୟାମସୁନ୍ଦର କୁମ୍ଭାର | ୧୯୧ |
| ମୋ' ଝିଅ:ମୋ' ଜୀବନ: ଏକ ଅମୃତ ଅନୁଭବ | ଶେଷଦେବ ପଣ୍ଡା | ୧୯୩ |
| ଅଶ୍ରୁ | ରଶ୍ମିତା ସାହୁ | ୧୯୫ |
| ଭ୍ରଷ୍ୟକାର (ପ୍ରବନ୍ଧ) | ସତ୍ୱେଜ କୁମାର ଜେନା | ୧୯୬ |
| ଶୀତ ସକାଳର ଗାଉଳ ଗୀତ | ଭ୍ରଗିରଥୀ ଯାନୀ | ୨୦୧ |
| କୁହୁଳ  କୁହୁଳ ଜଳେ  ଯଉବନ | ପ୍ରତିମା ମେହେର | ୨୦୩ |
| ଶ୍ରମିକ | ସୌମ୍ୟାଶ୍ରୀ ନାୟକ | ୨୦୫ |
| ଧନ୍ୟରେ ସେଲଫି | ଝରଣା ବାରିକ | ୨୦୬ |
| ନୂଆ ବରଷ | ଅମରନାଥ ବାରିକ | ୨୦୯ |
| ନୂତନ  ବର୍ଷ  ୨0୨୧ | ବିଶ୍ୱ ରଞ୍ଜନ ମହାନ୍ତି | ୨୧୧ |
| ପିଲାଦିନ ସ୍ମୃତି | ସତ୍ୱେଜ କୁମାର ସାହୁ | ୨୧୨ |
| ସେଇ ଅନ୍ଧାର ରାତିରେ | ବିଜୟ କୁମାର ପଣ୍ଡା | ୨୧୪ |
| କରୋନା ଭାଗବତ | ଶମ୍ଭୁନାଥ ଦାସ | ୨୧୬ |
| ମୋ ଗାଁ ନଈ | ସନାତନ ଦାସ | ୨୧୭ |

| | | |
|---|---|---|
| ସମ୍ପର୍କ | ସଙ୍ଗୀତା ମହାନ୍ତି | ୨୧୮ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନତା ପଣ୍ଡା | ୨୨୦ |
| ମୋ ପ୍ରଭୁ | ସୁଲୋଚନା ବେହେରା | ୨୨୭ |
| ଏକଲା ପଥିକ!!! | ଶକୁନ୍ତଳା ପରିଡା | ୨୨୯ |
| ସେବା | କଲେଶ କୁମାର ଖ୍ୱେଇ | ୨୩୦ |
| ମଣିଷ ପଣିଆ | କେଶରୀ ପ୍ରସାଦ ମହାନ୍ତି | ୨୩୧ |
| ସଦା କୁସୁମିତ | ବିଜୟ କୁମାର ଛାଟୋଇ | ୨୩୨ |
| ବିଶ୍ୱାସ ଓ ଜ୍ଞାନଚକ୍ଷୁ | ସୁଧାଂଶୁ ଶେଖର ସୁତାର | ୨୩୪ |
| ନା ମୋର ରାମାୟାପାଟଣା | ରଞ୍ଜନ କୁମାର ଖଣ୍ଡା | ୨୩୬ |
| ମୋ ପରିବାର | ନବ କୁମାର ଦାସ | ୨୩୯ |
| WhatsApp ଭିତରେ ଜିଜ୍ଞାସୁ | ଅଜିତ ପାଢ଼ି | ୨୪୦ |
| ମାନବୀୟ ମୂଲ୍ୟବୋଧ | ଖଗେଶ୍ୱର ବାଗ | ୨୪୨ |
| ଅବଶୋଷ | ସିଦ୍ଧେଶ୍ୱର ତ୍ରିପାଠୀ | ୨୪୪ |
| ତୁମ ଭାବନାରେ... | ଅମୂଲ୍ୟ କୁମାର ପଣ୍ଡା | ୨୪୫ |
| ମୁଇଁ ତ ଗରିବ ଛାତ୍ର | ମହେଶ୍ୱର ସାହୁ | ୨୪୬ |
| ରାମ କହେ ଶୁଣ ଶ୍ୟାମ ହେ | ଗୁପ୍ତେଶ୍ୱର ରାନ୍ଧ୍ | ୨୫୦ |
| ବିସ୍ମୟ ତୁମେ ଗାନ୍ଧୀ | ଜନ୍ମେଜୟ ନାୟକ | ୨୫୨ |
| ଏ ମଣିଷ.... | ଶୁଭଲକ୍ଷ୍ମୀ ସାହୁ | ୨୫୪ |
| ନରୀଶ୍ୱରବାଦୀଙ୍କ ଲକ୍ଷଣ | ବାଲ୍ମୀକ ନାୟକ | ୨୫୫ |
| ଅକ୍ଷୟ ମହାନ୍ତି | ସୌଭାଗ୍ୟ ରଞ୍ଜନ ମହାପାତ୍ର | ୨୫୮ |
| ଲେଖିବାକୁ ଦିଅ.....! | ତପନ କୁମାର ସାହୁ | ୨୬୦ |
| ଆଜିର ମଣିଷ | ସଂଜୀବ ମେହେର | ୨୬୨ |
| ନପାରେ ତୁମକୁ ଭୁଲି !!! | ହରେରାମ ପଣ୍ଡା | ୨୬୪ |

| | | |
|---|---|---|
| ଅଣୁଗଳ୍ପ- ରାସ୍ତାକଡ଼ ପ୍ରେମ | ରୁଦ୍ର ନାରାୟଣ ଦାଶ | ୨୬୫ |
| ଶୀତୁଆ ସଂଜ | ସମ୍ବିତ ଦାଶ | ୨୬୬ |
| ଝିଅ ବୋଝ ନୁହେଁ ବାପା | ପ୍ରକାଶ ସାହୁ | ୨୬୭ |
| ମୁଁ ବି କୃଷକ | ପ୍ରଶାନ୍ତ କୁମାର ନାଥ | ୨୬୯ |
| ନଈରେ ଭାସୁଛି ଦୁଃଖ | ଦୁଷ୍ମନ୍ତ ବେହେରା | ୨୭୧ |
| ଜୟ ଯବାନ | ନବୀନ କୁମାର ପଧାନ | ୨୭୫ |
| ଗ୍ରେଗିଣା | ଦେବାଶିଷ୍ ସାଗର | ୨୭୭ |
| ହେ ଏକୋଇଶ | ପଙ୍କଜିନୀ ଭୋଇ | ୨୭୯ |
| ସତ ଥିଲି ମୁଁ | ମେନନ୍ ସାହୁ | ୨୮୧ |
| ମୋହ | ସଞ୍ଜୟ କୁମାର ତ୍ରିପାଠୀ | ୨୮୩ |
| ହୋ ଡାକ୍ତର! ମୋତେ ପରୀକ୍ଷା କର | ଡମ୍ବରୁଧର ପଟ୍ଟନାୟକ | ୨୮୪ |
| ମହାଭାରତ କଥା | ନରେନ୍ଦ୍ର ପ୍ରସାଦ ବେହେରା | ୨୮୭ |
| ପ୍ରୀତି ବର୍ଣ୍ଣବୋଧ | ଆନନ୍ଦ କୁମାର ଶତପଥୀ | ୨୯୧ |
| ପ୍ରଥମ ପ୍ରେମ | ବେହେରା ବାବୁ ଭୂପେନ୍ଦ୍ର | ୨୯୩ |
| ଧୂସର କେଦାର | ବିନୟ ମିଶ୍ର | ୨୯୪ |
| ଭାବନା ର ଶେଷ ମୂହୁର୍ତ୍ତ | ବିଶ୍ୱମ୍ବର ଦାସ | ୨୯୫ |
| କନ୍ୟା ରତ୍ନ | ଚିତରଞ୍ଜନ ବେହେରା | ୨୯୭ |
| ପ୍ରେମ ବନ୍ଧନ | ଯଶୋବନ୍ତ ନାୟକ | ୨୯୯ |
| ମୁକ୍ତିର ମୃତ୍ୟୁ | ସୂର୍ଯ୍ୟକାନ୍ତ ମଲିକ | ୩୦୧ |
| ଏ କେମିତିକା ପ୍ରେମର ଆରମ୍ଭ ଇତି | ପ୍ରଶାନ୍ତ କୁମାର ପଧାନ | ୩୦୮ |
| ତୁମେ ଗଳ୍ପରେ....... | ସୁଦାମ ଲେଙ୍କା | ୩୦୯ |

| | | |
|---|---|---|
| ଏ କେମିତି କା ନବବର୍ଷ | ସଞ୍ଜୟ କୁମାର ନାଏକ | ୩୧୧ |
| ଜୀବନ ନାଟକ | ଟୁକୁନା ସାହୁ | ୩୧୪ |


# ଆଞ୍ଚଳିକ


| | | |
|---|---|---|
| ବମ୍ବେଲଡ୍ଡୁ ବାଲା | ଶୁକଦେବ ସାହୁ | ୩୧୬ |
| କୋରେନା | ରୁବ୍ଲିନ୍ ସାହୁ | ୩୧୮ |
| ସଲ୍ମ ଦାକ୍ତର | ବିଶ୍ୱନାଥ ସେଠୀ | ୩୧୯ |
| ତୁଇ କରମ୍ କରି ଗ୍ଲଲ୍ | ଅନାଦି ସେଠ | ୩୨୧ |
| ଜିବନଟା ଘଡେ ଛନେ | ମନୋରଞ୍ଜନ ସୁରୁଜାଲ | ୩୨୩ |
| ମୋର ଗ୍ନୀ ଫୁଲକଗାଳ | ଟିକେଶ୍ୱଜ ସାହୁ | ୩୨୫ |
| ଟାକଛେଁ | ଆକାଶ ସାହୁ | ୩୨୬ |
| ଅଲ୍ଝଟ୍ | ସନ୍ତୋଷ କୁମାର ଅଦାବର | ୩୨୭ |
| ଏ ଅନମୁଲ୍ | ସହଦେବ ଧରୁଆ | ୩୩୦ |
| ମୋର୍ ଜୀବନ୍ ଗୁଟେ ରଫ୍ ଖାତା | ବାଙ୍କାବିହାରି ମହାକୁର | ୩୩୨ |


# ଶିଶୁ ବିଭାଗ


| | | |
|---|---|---|
| ପିଆଜର କରାମତି | ଡ଼ଃ ରଞ୍ଜିତ କୁମାର ସାହୁ | ୩୩୫ |
| ସାଧାରଣତନ୍ତ୍ର ଦିବସ | ଅମରନାଥ ବାରିକ୍ | ୩୩୯ |
| ମାଛରଙ୍କାର ମାଛ ଖିଆ | ନୀଳମାଧବ ସାହୁ | ୩୪୧ |
| ସାହସୀ ଝିଅ କୁନ | ଦୀପ୍ତିମୟୀ ସାହୁ | ୩୪୫ |
| ଚନ୍ଦ୍ର | ରିୟାନ୍ସ ପଣ୍ଡା | ୩୪୯ |

| | | |
|---|---|---|
| ଫେବୃୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୫୦ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୩୫୧ |

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

# ଅଭିଲ୍ କଥା



ଡକ୍ଟର ବିଜ୍ଞାନୀ ଦାସ

ଏ କେତୋଟି ମାସ ଭିତରେ ମଣିଷ ଏତେ ସବୁ ଅଭିଲ୍ କଥା ଦେଖିଲାଣି ଯେ, ଭାବିଦେଲେ ମୁଣ୍ଡ ଗୋଳମାଳ ହୋଇଯାଉଛି । ତାପରେ ପୁଣି ଥିଲା ଏମନ୍ତ କଥା ଘଟିବାକୁ । ଓ୍ୱାସିଂଟନ୍ ଡିସିର କ୍ୟାପିଟାଲ୍ ହିଲ୍ ବିଲ୍ଡିଙ୍ଗ୍ ଭିତରେ ଆତଙ୍କ । କଥାଟା ହଜମ ହେଉନଥିଲା ଛନ୍ଦାର। ହେଲେ, ଲୋପା କହିଲା, "ମୁଁ ବି ତ ବିଶ୍ୱାସ କରିପାରୁନ । ଏଇ ଟିକେ ତଳକୁ ଯାଇଥିଲି ପାଣି ଆଣି ପିଇବା ପାଇଁ । ରଞ୍ଜନ ଟିଭି ଦେଖୁଥିଲେ । ସି.ଏନ୍.ଏନ୍ ରେ ଦେଖାଉଛି ସେ ଆତଙ୍କର ସଂପୂର୍ଣ୍ଣ ଜୀବନ୍ତ ବିବରଣୀ ।"

ସେଇଟା ବୁଧବାର, ଜାନୁୟାରୀ ମାସ ୬ ତାରିଖ । ଅପରାହ୍ନ ତିନଟା । ଛନ୍ଦା ଓ ଲୋପା ଦୁଇଜଣ ଗୋଟିଏ ପ୍ରୋଜେକ୍ଟର କାମ କରନ୍ତି । ମାସର ପ୍ରଥମ ବୁଧବାର ଦିନ ତିନଟା ବେଳେ କେବଳ ସେହି ଦୁଇଜଣଙ୍କର ମିଟିଙ୍ଗ୍ ରହେ । ଟିମ୍‌ର ଅନ୍ୟମାନଙ୍କ ସହିତ ସେମାନେ ଶୁକ୍ରବାର ଦିନ ଆଲୋଚନା କରନ୍ତି । ସେଦିନ ବି ସେମାନଙ୍କର ମିଟିଙ୍ଗ୍ ଗୁଗୁଲ୍ ମିଟ୍ ରେ ହେଉଥିଲା । ଛନ୍ଦା ଆଗରୁ ଯୋଗଦେଇଥିଲା ଓ ଲୋପା ପ୍ରାୟତଃ ପାଞ୍ଚମିନଟ୍ ପରେ ଯୋଗଦେଲା ।

ଲୋପାଠାରୁ ଏ ବିଷୟରେ ଶୁଣି ଛନ୍ଦା କହିଲା, "ହଁ, ମୁଁ ଜାଣିଥିଲି, ଆଜି ଟ୍ରଂପ୍‌ଙ୍କ ସମର୍ଥକ ମାନଙ୍କର ଡିସିରେ ଶାନ୍ତିପୂର୍ଣ୍ଣ ସମାବେଶ ହେବାର ଥିଲା । କନ୍ତୁ ସେଇଟା କଣ ଏତେ ହିଂସାତ୍ମକ ହୋଇଗଲା ?

ଲୋପା କହିଲା, "ହଁ, ସେମାନେ କ୍ୟାପିଟାଲ୍ ହିଲ୍ ବିଲ୍ଡିଙ୍ଗ୍ ଭିତରେ ପଶି ଅନେକଙ୍କ ଅଫିସ୍ ରେ ଅଦ୍ଭୁତ କାଣ୍ଡ ଘଟେଇଛନ୍ତି । ସେଥିପାଇଁ ବାଇଡେନ୍ ଓ ହାରିସ୍‌ଙ୍କର ବିଜୟକୁ

ଅନୁମୋଦନ ନମିତ୍ତ ଯେଉଁ ସଭା ହେଉଥିଲା, ତାହା ସ୍ଥଗିତ ରହିଛି । ପୂର୍ବ କ୍ୟାପିଟାଲ୍ ହିଲ୍ ବିଲ୍ଡିଙ୍ଗରେ ସମସ୍ତଙ୍କୁ ଲୁଚ ରହିବାକୁ ଆଦେଶ ଦିଆଯାଇଛି ଓ ଆନ୍ଦୋଳନକାରୀ ମାନଙ୍କୁ ଘଉଡେଇବା ପାଇଁ ପୋଲିସ୍ ବ୍ୟସ୍ତ ରହିଛି ।"

ଛନ୍ଦା ଆଉ ଶୁଣିପାରିଲାନ । ଏସବୁ ଏତେ ସହଜ ଲାଗୁନଥିଲା । ତେବେ ସେ ସମୟରେ ସେମାନଙ୍କର ଯେଉଁ ବିଷୟରେ ଆଲୋଚନା କରିବାର ଥିଲା, କେତୋଟି ଓଜୋନ୍ ବିଶ୍ଲେଷଣ ପ୍ରକ୍ରିୟା ଓ ସୂତ୍ରକୁ ନେଇ, ସେ ବିଷୟରେ ସେମାନେ ମନୋନିବେଶ କଲେ । ତେବେ ଜଣାପଡୁଥିଲା, କାହାର ହିଁ ମନ ସେ ବିଷୟରେ ରହୁନ । ଯାହା ବି ଯିଏ ଉପସ୍ଥାପନା କରୁଛି, କୋଉଠି ନା କୋଉଠି କିଛି ଭୁଲ୍ ହୋଇଯାଉଛି । ସେଇ ସମୟରେ ଲୋପାର ସାତ ମାସର କନ୍ୟା, ଯିଏକି ମେ ମାସ, ୨୦୨୦ରେ ଜନ୍ମ ହୋଇଥିଲା, କାନ୍ଦିବା ଆରମ୍ଭ କଲା । ଏବେତ ସମସ୍ତେ ଘରୁ କାମ କରୁଛନ୍ତି । ତେଣୁ ଘର ଭିତରେ ଛୋଟପିଲା ଥିଲେ, ସେମାନଙ୍କ କଥା ବି ବୁଝିବାକୁ ପଡୁଛି । ଛନ୍ଦା କହିଲା, "ଏ କ୍ୟାପିଟାଲ୍ ହିଲ୍ କଥାଟା ମତେ ବିଚଳିତ କରୁଛି । ତମ ଝିଅ ବି ତ କାନ୍ଦିଲାଣି । ଆଜି ପାଇଁ ଆମର ଆଲୋଚନା ଏତିକି ଥାଉ । ଯଦି ଦରକାର ପଡେ ତ ଆମେ ଇମେଲ୍ ରେ ଯୋଗାଯୋଗ କରିବା ।"

ତାପରେ ଛନ୍ଦା ଆସି ଟିଭି ଖୋଲିଲା । ଯାହା ଦେଖିଲା, ଆଖିକୁ ବିଶ୍ୱାସ କରିହେଲାନ । ବାଚସ୍ପତି ନାନ୍ସି ପେଲୋସିଙ୍କ ଅଫିସ୍ ରେ କିଏ ପଶି ତାଙ୍କ କଂପ୍ୟୁଟରରେ ଲାଗିଛି । କିଏ କାନ୍ଥ ଉପରେ ଚଢି ଗୋଟିଏ କୋଠରିରୁ ଆଉ ଗୋଟିଏ କୋଠରିକୁ ପଶିବା ପାଇଁ ପ୍ରୟାସ କରୁଛି । କିଏ ବିଲ୍ଡିଙ୍ଗ୍ ଛାତ ଉପରେ ଚଢି ତଳ ମହଲାରୁ ଉପର ମହଲାକୁ ଯାଉଛି । ଯେମିତି ଚିତ୍ରକୁଟରେ ମାଙ୍କଡମାନେ ଗୁରିଆଡେ ବିଦ୍ୟମାନ ଥାଆନ୍ତି, ସେଠି ସେମିତି ବିଦ୍ରୋହୀମାନେ ବିଦ୍ୟମାନ । ସେମାନେ ଏକଜୁଟ ହୋଇ କ୍ୟାପିଟାଲ୍ ହିଲ୍ ବିଲ୍ଡିଙ୍ଗରେ ପୋଲିସ୍‌କୁ ଘେରି ଯାଇଥାନ୍ତି । ସେମାନଙ୍କ ସଂଖ୍ୟା ଏତେ ଥାଏ ଯେ, ତା ଭିତରେ ପିଂପୁଡି ଗଳିବାକୁ ଜାଗା ନଥିବା ଭଳି ମନେ ହେଉଥାଏ । ଯାହା ହେଉ, ସମସ୍ତ ସିନେଟର୍ ଓ କଂଗ୍ରେସ୍‌ର ସଦସ୍ୟମାନେ ସୁରକ୍ଷିତ ଥିଲେ । ମେରୀଲାଣ୍ଡ ସିନେଟର୍ କ୍ରିଷ୍ଟୋଫର୍ ଭାନ୍ ହୋଲେନ୍‌ଙ୍କୁ ଫୋନ୍ ରେ ଯୋଗାଯୋଗ କରି ଏ.ବି.ସି. ଟିଭି ଗ୍ୟନେଲ୍ ତାଙ୍କର ମତାମତ ନେଉଥିଲେ । ସିଏ ସେତେବେଳେ ଏକ ଅଜଣା ସ୍ଥାନରେ ଲୁଚ ରହିଥିଲେ । ତେବେ

ତାଙ୍କର ଦାମ୍ଭିକ କଥାବାର୍ତ୍ତା ଶୁଣି ଭଲ ଲାଗିଲା । ବିଦ୍ରୋହ ବନ୍ଦ ହେବା ପରେ ଓ କ୍ୟାପିଟାଲ୍ ହିଲ୍ ବିଲ୍ଡିଙ୍ଗ୍ ସୁରକ୍ଷିତ ବୋଲି ଘୋଷଣା ହେବା ପରେ ସେମାନେ ସମସ୍ତେ ପୁଣି ସଭାକୁ ଯାଇ ବାଇଡେନ୍ ଓ ହାରିସ୍‌ଙ୍କ ବିଜୟକୁ ଅନୁମୋଦନ କରିବାକୁ ବଦ୍ଧ ପରିକର ବୋଲି ସିଏ ଘୋଷଣା କଲେ ।

ମନ ଏମିତି ଲାଗିଗଲା ଯେ ଛନ୍ଦା ସେ ଟିଭି ପାଖରେ ହିଁ ବସି ରହିଲା । ଆଉ କାମରେ ମନ ଲାଗିଲାନ । ଆକାଶ ଯାଇଥିଲେ ମନ୍ଦିରକୁ ଠାକୁରଙ୍କ ପୂଜା କରିବାପାଇଁ । ସିଏ ପାଞ୍ଚଟା ବେଳକୁ ଫେରିଲେ । ଛନ୍ଦାଠାରୁ ସମସ୍ତ ଖବର ଶୁଣି ସିଏ ବି ଟିଭି ପାଖରେ ବସିଗଲେ । ଛନ୍ଦା ଏ ଭିତରେ ଯାଇ ଗ୍ରୀନ୍‌ ଟି କଲା ଓ କିଛି ବିସ୍କୁଟ୍ ନେଇ ଆସି କଫି ଟେବୁଲ୍ ଉପରେ ରଖିଦେଲା । ଉଭୟ ଗ୍ରୀନ୍‌ ଟି ପିଉପିଉ ସମସ୍ତ ଘଟଣା ଦେଖୁଥାନ୍ତି । ସେତେବେଳକୁ ବିଦ୍ରୋହୀମାନେ ତଥାପି ସେ କ୍ୟାପିଟାଲ୍ ହିଲ୍ ବିଲ୍ଡିଙ୍ଗ୍ ପାଖରେ ଥାଆନ୍ତି ଓ ଛାଡିକି ଯାଉନଥାନ୍ତି । ଟିଭି ଚ୍ୟାନେଲ୍ ସବୁ ଯେଉଁ କେତେଜଣ ବିଦ୍ରୋହୀଙ୍କର ମତାମତ ନେଉଥାନ୍ତି ଓ ପ୍ରସାରଣ କରୁଥାନ୍ତି, ସେମାନଙ୍କ କଥା ଶୁଣିଲେ, ମଣିଷ ମୁଣ୍ଡରେ ହାତ ଦେବ । କଏ ଚକାଗୋରୁ ଦିନସାରା ଡ୍ରାଇଭିଙ୍ଗ୍ କରି ଆସିଛି ତ କଏ କାଲିଫର୍ଣ୍ଣିଆରୁ ଉଡାଜାହାଜରେ ଆସିଛି । ସେମାନଙ୍କ ମଧ୍ୟରୁ ଅନେକ ଅଦ୍ଭୁତ ବେଶରେ ଥାଆନ୍ତି । ଦେଖିଲେ ବି ମନରେ ଭୟ ଜାତ ହେବ । ଜଣେ ବ୍ୟକ୍ତି ଶିଙ୍ଗ ପିନ୍ଧି, ବର୍ଚ୍ଛା ଧରି ଏବଂ ନାଲି, ଧଳା ଓ ନୀଳ ରଙ୍ଗରେ ଚେହେରାକୁ ରଙ୍ଗୀନ କରି ବୀର ଦର୍ପରେ ଗର୍ଜୁଥାଏ । ପରେ ଜଣା ପଡିଲା ସିଏ ଜଣେ ବିଫଳ ଅଭିନେତା ଓ ବେରୋଜଗାର ହୋଇ ନିଜ ମାତାଙ୍କ ଘରେ ରୁହନ୍ତି । କିଛି ବିଦ୍ରୋହୀ ମିଲିଟାରୀ ପୋଷାକରେ ରହିଥାନ୍ତି । ଅନ୍ୟ କିଛି ଲୋକ ବିଭିନ୍ନ ରକମର ପତାକା ଧରି ଠିଆ ହୋଇଥାନ୍ତି । ଆମେରିକାର ଜାତୀୟ ପତାକାକୁ ଭାଙ୍ଗି, ଫୋପାଡି ସେମାନେ ସେ ପତାକାଗୁଡିକୁ କ୍ୟାପିଟାଲ୍ ବିଲ୍ଡିଙ୍ଗର ବିଭିନ୍ନ ସ୍ଥାନରେ ଲଗେଇ ଦେଉଥାନ୍ତି । କେତେଗୁଡିଏ କୋଠରିର ଝରକା, କବାଟ ସବୁ ଭାଙ୍ଗି ପକାଉଥାଆନ୍ତି । ଯେମିତିକି ସେମାନେ ଧ୍ୱଂସର ବାର୍ତ୍ତାବହ ହୋଇ ଏ ମର୍ତ୍ତ୍ୟମଣ୍ଡଳରେ ଆରୋହଣ କରିଛନ୍ତି । ଦିନଦିନ ଧରି କ୍ଷୁଧାରେ ରହିଥିବା ଶ୍ୱାନପଲ ଯେମିତି ମଶାଣିରେ ମଣିଷ ଶବଟିଏ ଦେଖିଲେ ହିଂସ୍ର ହୋଇ ବେଗରେ ଦଉଡି ଆସନ୍ତି, ସେ ବିଦ୍ରୋହୀ ପଲ ସେମିତି ହିଂସ୍ରମୁଖା ହୋଇ କୋଠରି

ପରେ କୋଠରି ଭିତରକୁ ପଶୁଥାଆନ୍ତି, ଭଙ୍ଗାରୁଜା କରୁଥାଆନ୍ତି ଓ ତାପରେ ବୀରଦର୍ପରେ ଆଗକୁ ବଢୁଥାନ୍ତି । ସେମାନଙ୍କ ମଧ୍ୟରୁ ଅନେକ ମୁଖା ପିନ୍ଧିନଥାନ୍ତି । ସେମାନେ ସମସ୍ତେ ମୁଖା ପିନ୍ଧିବାର ବିପକ୍ଷରେ । ତାହା ଦ୍ୱାରା ସେମାନଙ୍କର ସ୍ୱାଧୀନତା ଉପରେ ବାଧାପ୍ରାପ୍ତ ହେଉଛି ବୋଲି ସେମାନଙ୍କ ମତାମତ ।

"ହେ ଭଗବାନ, ଏମାନେ ତ ପୁଣି କରୋନା ସଂକ୍ରମଣ ବଢେଇବେ ।" - ଆକାଶ ମତ ପ୍ରଦାନ କଲେ ।

ଛନ୍ଦା କଣ କରିବ, କଣ କହିବ ଜାଣି ପାରୁନଥିଲା । ଏ ସମସ୍ୟାର ସମାଧାନ ଦିଗରେ ତାର ଶକ୍ତି, ସାମର୍ଥ୍ୟ ବା' କଣ ? ତେବେ ଓ୍ୱାଶିଂଟନ୍ ଡିସି ସହରର ମେୟର୍ ମୁରିଏଲ୍ ବାଉଜର୍ ସନ୍ଧ୍ୟା ୬ଟାରୁ ଲୋକଙ୍କର ବାହାରେ ମିଳାମିଶା ବିରୁଦ୍ଧରେ ନିଷେଧାଜ୍ଞା ଜାରି କରିଦେଇଥିଲେ । ସେ ନେଇ ଟିକେ ଆଶ୍ୱସ୍ତ ଲାଗୁଥିଲା ଯେ ସେ ହିଂସ୍ର ବ୍ୟକ୍ତିମାନେ ସମସ୍ତେ ବିଦାୟ ନେଇ ନିଜନିଜର ବାସସ୍ଥାନକୁ ଫେରିଯିବେ । ହେଲେ ୬ଟା ପରେ ମଧ୍ୟ କିଛି ଲୋକ ତଥାପି ସେ ସ୍ଥାନରେ ମହଜୁଦ ଥାଆନ୍ତି । ସେମାନେ ପୋଲିସ୍ ସହିତ ଯୁକ୍ତିତର୍କ କରୁଥାନ୍ତି । ଆକାଶ କହିଲେ, "କର୍ଫ୍ୟୁ ତ ଆରମ୍ଭ ହେଇଗଲାଣି । ଏ ଲୋକଗୁଡା ବିଦା ହେଉନାହାନ୍ତି କାହିଁକି ? ନହେଲେ ପୋଲିସ୍ ସେମାନଙ୍କୁ ଆରେଷ୍ଟ କରୁନ କାହିଁକି ?"

ଛନ୍ଦା ବହୁତ ଉଦାସ ହୋଇଯାଉଥିଲା । ଏ ସ୍ୱପ୍ନର ଦେଶ, ସୁଯୋଗର ଭୂମି, ସମୃଦ୍ଧଶାଳୀ, ଶକ୍ତିଶାଳୀ ଦେଶର ଏମିତି ଅବକ୍ଷୟ କାହିଁକି ? ଏ ଦେଶ, ଯିଏ ପୃଥିବୀର ଅନ୍ୟ ଦେଶମାନଙ୍କୁ ଦିଗ ଦେଖାଉଛି, ଅନ୍ୟ ଦେଶମାନଙ୍କରେ ଗଣତନ୍ତ୍ରକୁ ରକ୍ଷା କରିବାକୁ ନେତୃତ୍ୱ ନେଉଛି, ସେ ଦେଶର ସବୁଠାରୁ ସୁରକ୍ଷାବଳୟ ଭିତରେ ରହିଥିବା କ୍ୟାପିଟାଲ୍ ହିଲ୍ ବିଲଡିଙ୍ଗ ଆଜି ଅନୁପ୍ରବେଶକାରୀ ମାନଙ୍କର ଏମିତି ଆତଙ୍କ ଘଟାଇବା ସମ୍ଭବ ହେଲା କେମିତି ?

ସାତଟା ବେଳକୁ ସେମାନଙ୍କର ବଡପୁଅ ତନ୍ମୟ ଫୋନ୍ କଲା । ସିଏ ଟେକସାସ୍ ରେ ରହୁଥିଲା । ସିଏ ଜଣେ ମେକାନିକାଲ୍ ଇଞ୍ଜିନିଅର୍ । ଦିନରେ ତା କାମ କରୁଥିଲା । ବିଦ୍ରୋହ ଖବର ବିଷୟରେ ଏତେଟା ଜାଣିନଥିଲା । ତେବେ କାମ ସରିବା ପରେ

ସନ୍ଧ୍ୟାବେଳକୁ ଫେସ୍‌ବୁକ୍ ରେ କଛି ଖବର ପଢି ବିଚଳତ ହୋଇଯାଇଥିଲି । "ତମେମାନେ ଭଲ ଅଛ ତ ମାମା ?"

"ଆମେମାନେ ତ ଭଲ ଅଛୁ । କୁଆଡେ ଯାଉନୁ ନା ଆସୁନୁ । ଘରଟାରେ ତ ବସିଛୁ । ହଁ, ଖବର ଜମା ଭଲନୁହେଁ । ଟ୍ରମ୍ପ୍‌ଙ୍କର ସମର୍ଥକମାନଙ୍କର ଏମିତି ହିଂସାକାଣ୍ଡ ପୂର୍ବ ଅଭିଲି କଥା । ଅବିଶ୍ୱାସନୀୟ । ଏପର୍ଯ୍ୟନ୍ତ ଟ୍ରମ୍ପ୍‌ଙ୍କ ମନ ସ୍ୱୀକାର କରିପାରୁନ ଯେ, ନର୍ବାଚନରେ ସିଏ ହାରିଯାଇଛନ୍ତି ବୋଲି, ଗୋଟିଏ ଦେଶର ରାଷ୍ଟ୍ରପତି ଏମିତି ହିଂସାତ୍ମକ ମାଧ୍ୟମକୁ ଆପଣେଇ ସ୍ୱୟଂ ରକ୍ଷକ ପଦରେ ଥାଇ ଭକ୍ଷକ ସାଜୁଛନ୍ତି ।"

ତନ୍ମୟ କହିଲି, "ହଁ ମାମା, ମୁଁ ବି ସେମିତି ଆଶ୍ଚର୍ଯ୍ୟ ହେଉଛି । ମୋର କେତେଟା କଲେଜର ସାଙ୍ଗ ମାନେ ବି ସେ ନର୍ବାଚନକୁ ନେଇ ଏମିତି ଉଦ୍ଭଟ ମତ ପ୍ରକାଶ କରିଛନ୍ତି ଯେ, ମତେ ସେମାନଙ୍କୁ ସାଙ୍ଗ ବୋଲି କହିବାକୁ ବି ଇଛା ଲିଗୁନ । ସେମାନେ ବିଶ୍ୱାସ କରୁଛନ୍ତି ଯେ, ସତରେ ଟ୍ରମ୍ପ୍‌ର ବିଜୟକୁ ଚ୍ଚୋରି କରାଯାଇଛି ।"

ଛନ୍ଦା କହିଲି, "କଣ, ରାଷ୍ଟ୍ରପତି ପଦଟା ଟ୍ରମ୍ପ୍‌ର ପୈତୃକ ସଂପତ୍ତି ନା କଣ ଯେ ତାକୁ ଅନ୍ୟମାନେ ଚ୍ଚୋରି କରି ପକେଇଲେ ? ଇଏ ହେଲି ନର୍ବାଚନ କଥା । ଗଣତାନ୍ତ୍ରିକ ମତାମତ । ଜନତା ଯେମିତି ଭାବିଲେ, ଯାହାକୁ ଭାବିଲେ, ଉପଯୁକ୍ତ ମନେ କରି ଭୋଟ ଦେଲେ । ତାକୁ ପୁଣି ଚ୍ଚୋରି କରିବ କଏ କେମିତି ? ତାପରେ ଭୋଟ ଗଣତି ତ ଅତି ସାବଧାନତାର ସହିତ କରାଯାଉଛି । ସେଥିରେ ଚ୍ଚୋରି ମିଶିଗଲି କେମିତି ?"

ମନର ଯେତେ କ୍ଷୋଭ, ଏମିତି ନଜନଜ ଭିତରେ କଥାବାର୍ତ୍ତା କରି, ନଜନଜ ଭିତରେ ରାଗ ପ୍ରକାଶ କରି ହିଁ ମେଣ୍ଟେଇବାକୁ ପଡେ । ଏ ଗୋରା ଓ କଳା ଲୋକଙ୍କର ଅନେକ ସଂଘର୍ଷ ଭିତରେ ବେଳେବେଳେ ନଷ୍ପେଷିତ ହୋଇ ରହିଯାଆନ୍ତି ସେମାନେ, ବାଦାମୀ ରଙ୍ଗର ଆମେରିକାନ୍ ମାନେ । ସେମାନେ ସମସ୍ତେ ଏସିଆ ମହାଦେଶର ବିଭିନ୍ନ ଦେଶମାନଙ୍କରୁ ଆସିଥାଆନ୍ତି, ଦକ୍ଷିଣ ଆମେରିକାର ବିଭିନ୍ନ ଦେଶମାନଙ୍କରୁ ଆସିଥାଆନ୍ତି ଓ କେନ୍ଦ୍ରୀୟ ଆମେରିକା ଏବଂ ମଧ୍ୟ ପୂର୍ବର ଦେଶମାନଙ୍କରୁ ଆସିଥାଆନ୍ତି ।

ସାରା ବୁଧବାର ଅଧରାତି ପର୍ଯ୍ୟନ୍ତ ହିଁ ସେଇ କ୍ୟାପିଟାଲ୍ ହିଲ୍ ବିଲ୍ଡିଙ୍ଗ୍ ଭିତରେ ଓ ବାହାରେ ଆତଙ୍କବାଦର କାହାଣୀ ଟିଭିରେ ପ୍ରସାରିତ ହେଉଥିଲା । ଆଉ ତା' ଭିତରେ ବି ସେମାନେ ଶୁଣାଇଥିଲେ ପ୍ରେସିଡେଣ୍ଟ ଟ୍ରଂପ୍ଙ୍କର ବିଦ୍ରୋହୀମାନଙ୍କ ପ୍ରତି ବାର୍ତ୍ତା । ସେଥିରେ ସିଏ ସେମିତି ମୂର୍ଖଙ୍କ ଭଳି କହିଥିଲେ ଯେ ନିର୍ବାଚନର ବିଜୟ ତାଙ୍କ ପାଖରୁ ଚୋରି କରି ନିଆଯାଇଛି । ଏକଥା ଶୁଣି ସତରେ ଲଜ୍ଜିତ ଲାଗୁଥିଲା । ହେଲେ ସମସ୍ତ ସିନେଟର୍ ଓ କଂଗ୍ରେସ୍ର ସଭ୍ୟ ମାନଙ୍କର ଧୈର୍ଯ୍ୟ ଓ କର୍ତ୍ତବ୍ୟନିଷ୍ଠାକୁ ମାନିବାକୁ ପଡିବ । ସେମାନେ ରାତିରେ ଉଜାଗର ରହି ସଭାରେ ନିଜ ମତାମତ ପୋଷଣ କରି ବାଇଡେନ୍ ଓ ହାରିସ୍ଙ୍କ ବିଜୟକୁ ଅନୁମୋଦନ କରିଦେଲେ ।

ଜାନୁୟାରୀ ୭ ତାରିଖ ଦିନ ସକାଳୁ କେତେକେତେ ଫୋନ୍ ସବୁ ଭାରତରୁ ଆସିଲା, କେତେ ସବୁ ହ୍ୱାଟ୍ସ୍ଆପ୍ ମେସେଜ୍ ମଧ୍ୟ । "ତମେମାନେ ଭଲ ଅଛ ତ**?** ତମର କିଛି ହୋଇନି ତ**?"** - ଏମିତି ସବୁ ପ୍ରଶ୍ନ ଓ କୌତୁହଳ । ଓଡିଶାର ସମ୍ବାଦପତ୍ର ମାନଙ୍କରେ ମଧ୍ୟ ଏ ସମ୍ବନ୍ଧରେ ଅନେକ ଟିପ୍ପଣୀ ସବୁ ବାହାରିଥିଲା । ହୁଏତ ସେଇଆକୁ ଦେଖି ସଂପର୍କୀୟ, ସାଙ୍ଗସାଥୀ ମାନେ ସମସ୍ତେ ଆତଙ୍କିତ ହୋଇଯାଇଛନ୍ତି । ଏବେ ଓଡିଶାରେ ସମସ୍ତେ କିନ୍ତୁ ଭଲରେ ଅଛନ୍ତି । କରୋନା ସଂକ୍ରମଣ ଅନେକଟା କମିଛି। ବାହାଘର, ମହୋତ୍ସବ, ବୁଲାବୁଲି ସବୁ ଆରମ୍ଭ ହୋଇଗଲାଣି । ଯାହାହେଉ, ଭଗବାନ କରନ୍ତୁ, ସମସ୍ତେ ସୁଖରେ ଥାଆନ୍ତୁ । ସେ ଭୟ ବି ସବୁବେଳେ ଛନ୍ଦା ମନରେ ରହୁଥିଲା । ଏବେ ମନ ଟିକେ ତ ଆଶ୍ୱସ୍ତ ହୋଇଯିବ ।

ଛନ୍ଦା ଜାଣିଛି, ଏ ଦେଶରେ ସେମାନଙ୍କ ଭାରତୀୟ ସାଙ୍ଗସାଥୀ ମାନଙ୍କ ମଧ୍ୟରୁ ଅନେକ ବି ଟ୍ରଂପ୍ଙ୍କର ସମର୍ଥକ ଅଛନ୍ତି । ବେଳେବେଳେ ଛନ୍ଦା ମଧ୍ୟ ଟ୍ରଂପ୍ଙ୍କର କେତେଗୁଡିଏ ନୀତି, ନିୟମକୁ ସମର୍ଥନ କରିଛି । ହେଲେ, ଏମିତି ଭାବେ ନିର୍ବାଚନରେ ପରାଜୟକୁ ଅସ୍ୱୀକାର କରିବା ଓ ପ୍ରତିକ୍ରିୟା ଦେଖେଇବା କୌଣସି ସୁସ୍ଥ ମଣିଷର ମାନସିକତା ନୁହେଁ । ନିର୍ବାଚନରେ ସ୍ୱାଧୀନ ଭାବେ ମତଦାନ କରିବା ସମସ୍ତଙ୍କର ବ୍ୟକ୍ତିଗତ ଅଧିକାର । କିନ୍ତୁ ହିଂସାକୁ ପ୍ରଶୟ ଦେବା କି ହିଂସାକୁ ମାଧ୍ୟମ କରି ଜୋର ଜବରଦସ୍ତ କିଛି ଆଦାୟ କରିବାକୁ ଚାହିଁବା ସପକ୍ଷରେ କାହାର ବି ସମର୍ଥନ ନଥିବ ।

ଓଡିଶାରେ ଏମିତି ଉଦାହରଣ ତ ସବୁ ସମୟରେ, ସବୁ କ୍ଷେତ୍ରରେ । ସେଠି ଏମିତି କଥା କିଛି ନୂଆ ନୁହେଁ । ହେଲେ ଛନ୍ଦା ଓ ଆକାଶଙ୍କର ଆମେରିକା ଦେଶରେ ତିରିଶି ବର୍ଷର ରହଣିକାଳ ମଧ୍ୟରେ ଏମିତି ଘଟଣା କେବେ ସେମାନେ ଦେଖିନାହାନ୍ତି । ବରଂ ଆମେରିକା ଲୋକମାନଙ୍କର ସଚ୍ଚୋଟପଣିଆରେ ପ୍ରଭାବିତ ହୋଇଛନ୍ତି ସେମାନେ । କେବେ ଦୋକାନରେ ପର୍ସ ଭୁଲିଆସିଥିଲେ, ସେ ପର୍ସ ସେମିତି ହିଁ ସୁରକ୍ଷିତ ଭାବେ ସେମାନଙ୍କୁ ମିଳିଛି । କେବେ ଦୂରସ୍ଥାନକୁ ଡ୍ରାଇଭ୍ କରି ଯାଉଥିବା ସମୟରେ ଯେବେ ବାଟରେ କେଉଁ ଦୋକାନରେ ୱାଲେଟ୍ ଛାଡି ଆସିଛନ୍ତି, ଓ ସେମାନଙ୍କୁ ଫୋନ୍ ରେ ଯୋଗାଯୋଗ କରିଛନ୍ତି, ସେମାନେ ୱାଲେଟ୍‌କୁ ପୋଷ୍ଟ କରି ବି ପଠାଇଦେଇଛନ୍ତି । ହେଲେ ଆଜିକାଲି ସମସ୍ତ ଦେଶ, ମହାଦେଶ ଯନ୍ତ୍ରଯୁଗର ସଫଳତା ପାଇଁ ଯେତେ ନିକଟବର୍ତ୍ତୀ ହେଉଛନ୍ତି, ସବୁ ଦେଶର ଜନତା ପରସ୍ପରଠାରୁ ଭଲ ନିୟମ ଶିଖିବା ସହିତ ଖରାପ ନିୟମ ବି ଶିଖୁଛନ୍ତି ।

ଗତଥର ସରପଞ୍ଚ ନିର୍ବାଚନ ସମୟରେ ଗାଁକୁ ଫୋନ୍ କରି ଛନ୍ଦା ବୁଝିଥିଲା । ଖୁଡୀ କହୁଥିଲେ, "ଏଥର ରଙ୍ଗା ମହାନ୍ତି ଜିତିଲା । ଆମ ସାହିର ଜିତୁ ପଣ୍ଡା ହାରିଗଲା ।" ଛନ୍ଦା ପଚାରିଲା, "ଜିତୁ ପଣ୍ଡା କିଛି ଗଣ୍ଡଗୋଳ କଲାନି ତ?" ଖୁଡୀ ଜଣେଇଲେ, "ନା, ଆଜିକାଲି ଆଉ ଗଣ୍ଡଗୋଳ ନାହିଁ । କଥା କଣ କି, ସମସ୍ତଙ୍କ ପାଖରେ ମୋବାଇଲ୍ ଅଛି ତ । କିଛି ଏପଟସେପଟ ହେଲେ, କିଏ ଜଣେ ଭିଡିଓଟିଏ କରି ବାହାରକୁ ଛାଡିଦେବ ଆଉ ସେ ଭିଡିଓ ତ ସାରା ବିଶ୍ୱରେ ପହଞ୍ଚିଯିବ । ସେଥିପାଇଁ ସମସ୍ତେ ଭଦ୍ର ଭଳି ରହିଛନ୍ତି । ନହେଲେ ତ ଆମେ ସମସ୍ତେ ନିର୍ବାଚନ ସମୟରେ ଡରିହରି ରହିଥାଉଁ । ଏବେ ଟିକେ ଆଶ୍ୱସ୍ତ ରହୁଛୁ ।"

ଛନ୍ଦା ଖୁସି ହୋଇଥିଲା । ଯାହା ହେଉ, ଏ ମୋବାଇଲ୍ ତାହେଲେ ଭଲ କାମଟିଏ କରିଛି । ଏବେ କିଏ ନିଜର ଦୁର୍ଗୁଣକୁ ଲୁଚେଇ ପାରିବେନି । ଏଇ କଥା ଏବେ ଓଡିଶାର ଗାଁ ଲୋକ ବୁଝିସାରିଲେଣି । କିନ୍ତୁ ଆମେରିକାରେ ଟ୍ରମ୍ପଙ୍କ ସମର୍ଥକ ମାନେ କଣ ବୁଝିପାରିଲେନି ? ଏବେ ତ ସେମାନଙ୍କର କଳା କାରନାମା ସମଗ୍ର ବିଶ୍ୱ ଜାଣିବ ଓ ସେମାନେ ଆତତାୟୀର ଆଖ୍ୟା ନେବେ ।

ଛନ୍ଦାର କନ୍ତୁ ମନେଅଛି, ସିଏ ମାଇନର୍ ସ୍କୁଲ୍ ରେ ପଢୁଥିବା ସମୟରେ, ଏ ସରପଞ୍ଚ ନର୍ବାଚନ ବି କେମିତି ହିଂସ୍ର ହୋଇ ଯାଉଥିଲା । ଏମିତି କ ଅନ୍ୟର ଧନଜୀବନ ନଷ୍ଟ କରିବାକୁ ବି କେହି ପ୍ରତିପକ୍ଷ ପଛାଉନଥିଲେ । ସେଥର ଖଣ୍ଡାୟତ ସାହିରୁ ଗଦାଧର ଜେନା ଓ ରଥ ସାହିରୁ ଅଶୋକ ରଥ ସରପଞ୍ଚ ପାଇଁ ନର୍ବାଚନ ଲଢୁଥାନ୍ତି । ସେତେବେଳେ ପୂର୍ବ ନର୍ବାଚନରେ ବିଜୟ ଲାଭ କରି ଗଦାଧର ଜେନା ସରପଞ୍ଚ ରହିଥାନ୍ତି । ନର୍ବାଚନ ପୂର୍ବରୁ ନଜର କରିବାପଣିଆ ଦେଖେଇବା ପାଇଁ ସିଏ ଦୁଇଟି ଗାଁ ଭିତରେ ଯୋଗାଯୋଗ ପାଇଁ ଗୋଟିଏ ପୋଲ ତିଆରି କରିଥିଲେ । ସେ ପୋଲଟି ଆଗରୁ ଥିଲା, ହେଲେ ଭଙ୍ଗିରୁଜି ଯାଇଥିଲା । ସମସ୍ତେ ବହୁତ ଖୁସି । ତାଙ୍କର ଜୟଜୟକାରରେ ସେ ଅଞ୍ଚଳର ଲୋକ ସମସ୍ତେ ନମଣ୍ଡିତ ହୋଇଯାଇଥାନ୍ତି । ପୋଲଟି ପାଇଁ ପାଖ ଗାଁର ଛାତ୍ରଛାତ୍ରୀ ମାନେ ପୋଲର ଅନ୍ୟପଟେ ରହିଥିବା ସ୍କୁଲ୍‌କୁ ସୁରୁଖୁରୁରେ ଯିବାଆସିବା କରିପାରୁଥାନ୍ତି ଓ ସବୁ କୁଶଳ ଥାଏ । ହେଲେ ନର୍ବାଚନରେ ଯେତେବେଳେ ଅଶୋକ ରଥ ଠିଆ ହେଲେ, ସେତେବେଳେ ଗଦାଧର ଜେନା ଖୁସି ହେଲେନ । ତଥାପି ତାଙ୍କର ଆତ୍ମବିଶ୍ୱାସ ଥାଏ ଯେ, ସିଏ ନଶ୍ଚୟ ଜିତିବେ । ନର୍ବାଚନରେ ପ୍ରଚାର ଜୋରସୋରରେ ଚାଲିଲା । ମାଇକ୍ ବଜେଇ ରିକ୍‌ସାରେ ବସି ପ୍ରଚାରକ ମାନେ ଗାଁ ଗାଁ ବୁଲି ପ୍ରଚାର କରିବାରେ ଲାଗିଥାନ୍ତି । ଅଶୋକ ରଥ ସେତେବେଳେ ବି.ଏ. ପାସ୍ କରିଥାନ୍ତି । ସିଏ ଯୁବକ ଓ ତାଙ୍କର ଇଚ୍ଛାଥାଏ ଯେ ସିଏ ନର୍ବାଚତ ହେଲେ ସେ ଅଞ୍ଚଳରେ ଗୋଟିଏ କଲେଜ ଖୋଲିବେ । ସେତେବେଳେ କଲେଜରେ ପଢିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ତିନ ଚାରି ମାଇଲ ଚାଲି ରାମଚନ୍ଦ୍ରପୁର ଯିବାକୁ ପଡୁଥିଲା, ବର୍ଷା ଦିନେ ବ୍ରାହ୍ମଣୀ ନଇରେ ଡଙ୍ଗାରେ ପାର ହୋଇ ଯିବାକୁ ପଡୁଥିଲା । ତେଣୁ ଏ କଲେଜ କଥାଟା ଅନେକଙ୍କ ମନକୁ ପାଇଲା ଓ ସେଥର ଅଶୋକ ରଥ ଜିତିଗଲେ ।

ଗଦାଧର ଜେନାଙ୍କୁ ଆଉ ସମ୍ଭାଳେ କଏ ? ନର୍ବାଚନର ଫଳାଫଳ ବାହାରିବା ପରେ ଅଶୋକ ରଥ ଦିନେ ରିକ୍ସାରେ ବସି ପଞ୍ଚାୟତ ଭିତରେ ଥିବା ସମସ୍ତ ଗ୍ରାମ ପରିଦର୍ଶନ କରି ସମସ୍ତଙ୍କୁ ଧନ୍ୟବାଦ ଦେବା ପାଇଁ ଆସିବାର ଯୋଜନା କରିଥାନ୍ତି । ଏହି ସମୟରେ, ଗଦାଧର ଜେନାଙ୍କର ସମର୍ଥକ ମାନେ ପୋଲକୁ ଜଗି ତା ପୂର୍ବଦିନରୁ ଠିଆ ହୋଇ

ରହିଲେ।" ଯଦି ସିଏ ଏ ପୋଲ ଅତିକ୍ରମ କରି ଆମ ଗାଁରେ ପଶେ ତ ଆମେ ପୋଲ ଭାଙ୍ଗିଦେବୁ ।"

"ହେ ଭଗବାନ । ଇଏ କଣ ସଭ୍ୟ ମଣିଷର ବ୍ୟବହାର ?"

ଗାଁରେ ଥିବା ସ୍କୁଲ୍ ମାନଙ୍କର ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ସମସ୍ତେ ଏକଜୁଟ ହୋଇ ଆସି ଗଦାଧର ଜେନାଙ୍କୁ ଭେଟି ତା' ପୂର୍ବଦିନ ନିବେଦନ କରିଥିଲେ । "ଆପଣ ସେମାନଙ୍କୁ ଶାନ୍ତ କରନ୍ତୁ । ନହେଲେ, ପୋଲ ଭାଙ୍ଗିଲେ ଛାତ୍ରଛାତ୍ରୀ ମାନେ ଅନେକ ହଇରାଣ ହେବେ ।"

ଗଦାଧର ଜେନାଙ୍କର ଡାହାଣ ହାତ ସଦା ଜେନା ସେମାନଙ୍କୁ କହିଲେ, "ତେବେ ଆପଣମାନେ ଲେଖିକରି ଦିଅନ୍ତୁ ଯେ ଏ ନିର୍ବାଚନରେ ଭୋଟର ହେରଫେର ହୋଇଛି । ଗଦାଧର ଜେନାଙ୍କ ଠାରୁ ତାଙ୍କ ବିଜୟ ଜୋର ଜବରଦସ୍ତ ଛଡାଇ ନିଆଯାଇଛି। ନହେଲେ ସିଏ କଣ ନ କରିଛନ୍ତି ଏ ଅଞ୍ଚଳ ପାଇଁ ? ତାହେଲେ, ସେ ଅଶୋକ ରଥ କେମିତି ଜିତିଗଲ ?"

ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କ ପାଟି ଚୁପ୍ । ସେମାନେ ଏମିତି ଅଦ୍ଭୁତ କାରଣ ଅନୁମୋଦନ କରି କେମିତି ନିଜ ଦସ୍ତଖତ ଦେଇଥାନ୍ତେ ?

ସଦା ଜେନା କହିଲେ, "ତେବେ ଫେରି ଯାଆନ୍ତୁ । ଆମେ ଆଉ କିଛି କରିପାରିବୁ ନାହିଁ । ଯାହା କରିବେ, ତାଙ୍କ ସମର୍ଥକ ମାନେ ହିଁ କରିବେ ।"

ତା' ପରଦିନ ଅଶୋକ ରଥ ସେ ପୋଲ ନିକଟରେ ପହଞ୍ଚିବାର ଠିକ୍ ପାଞ୍ଚମିନଟ୍ ପୂର୍ବରୁ ଗଦାଧର ଜେନାଙ୍କର ସମର୍ଥକ ଗୁଣ୍ଡାମାନେ ପୋଲଟିକୁ ଭାଙ୍ଗିଦେଲେ । ନିଜ ଜିଦ୍ ରଖିବା ପାଇଁ ନିଜେ ତିଆରି କରିଥିବା ପୋଲକୁ, ନିଜେ ଶୁଭାରମ୍ଭ କରି ଗଢିଥିବା ପୋଲକୁ, ପୋଲ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବାପରେ ନିଜେ ଉଦ୍‌ଘାଟନ କରିଥିବା ସେଇ ପୋଲଟିକୁ ନିଜ ଗୁଣ୍ଡାଙ୍କ ହାତରେ ଧ୍ୱସ୍ତବିଧ୍ୱସ୍ତ କରିଦେଲେ ।

ସେକଥା ଛନ୍ଦା ଉଦାହରଣ କରି ରଖିଥାଏ । ମଣିଷ ମନର ଏ ସୂକ୍ଷ୍ମ ଦିଗଟିକୁ ବୁଝିବା ବୟସ ତାର ସେତେବେଳେ ହୋଇନଥିଲା । ଏବେ ବି ସିଏ ସେ ମନସ୍ତତ୍ତ୍ୱ ବୁଝିପାରେନି ।

ସଉତୁଣୀ ମାନଙ୍କର ଅନେକ ଉଦାହରଣ ପଢିଛି ସିଏ, ଛୋଟବେଳେ ଜେଜେମା ଠାରୁ ଗପ ଶୁଣିଛି, "ନିଜ ସ୍ୱାମୀ ପଛେ ମରୁ, ସଉତୁଣୀ ରାଣ୍ଡ ହେଉ ।" ଏମିତି ପ୍ରକାର ମନସ୍ତତ୍ତ୍ୱ ସବୁ ପୁରୁଣା ଗପ ମାନଙ୍କରେ ରହିଥାଏ । ଗଦାଧର ଜେନାଙ୍କର ମନସ୍ତତ୍ତ୍ୱ ବି ସେଇଭଳି ମଣିଷ ମନର ଏକ ଅନ୍ଧାରୀ ରହସ୍ୟ ।

ଏବେ ଟ୍ରମ୍ପ୍‌ଙ୍କର ଏ ଅଦ୍ଭୁତ ଆଚରଣ ଛନ୍ଦାର ମନେ ପକାଇ ଦେଉଥିଲା ଷାଠିଏ ବର୍ଷ ତଳର ଗଦାଧର ଜେନାଙ୍କୁ ଓ ତାଙ୍କ ପୋଲ ଭାଙ୍ଗିବାର ହିଂସ୍ର ବିଚାରଧାରାକୁ । ନିଜେ ଦେଶର ସର୍ବୋଚ୍ଚ ସ୍ଥାନରେ ରହି, ଦେଶର ରକ୍ଷକ ପଦରେ ରହି, ରକ୍ଷା ଭାରର ଦାୟିତ୍ୱ ବହନ କରି, ଏମିତି ଭକ୍ଷକଙ୍କ ଭଳି ଆଚରଣ, ଆମେରିକା ଦେଶରେ ହୁଏତ ଏକ ଅଭିନବ ଉଦାହରଣ ।

ସେମାନଙ୍କୁ ନିଜେ ଉଦବୋଧନୀ ଦେଇ ରାଲିର ଆୟୋଜନ କରେଇଲେ ଟ୍ରମ୍ପ୍, ତାଙ୍କର ବିଜୟକୁ ଜୋର୍‌ଜବରଦସ୍ତ ତାଙ୍କ ପାଖରୁ ଚୋରି କରି ଅପହରଣ କରାଯାଇଛି କହି ସେମାନଙ୍କୁ ଉତ୍ତେଜିତ କରାଇଲେ ଟ୍ରମ୍ପ୍, ସେମାନଙ୍କୁ ଦେଶଭକ୍ତ କହି ଓ ଅନ୍ୟମାନଙ୍କୁ ଦେଶଦ୍ରୋହୀ କହି ସେମାନଙ୍କ ମନରେ ଅନ୍ୟମାନଙ୍କ ପ୍ରତି ଘୃଣାଭାବ ଭରିଦେଲେ ଟ୍ରମ୍ପ୍, ଆଉ ନିଜ ଶାସନଧାରାର ସ୍ମାରକ କ୍ୟାପିଟାଲ୍ ହିଲ୍ ବିଲ୍‌ଡିଙ୍ଗ୍ ଉପରେ ଆକ୍ରମଣ କରାଇ ତା' ଭିତରେ ଆତଙ୍କ ଖେଳେଇଦେଲେ ଟ୍ରମ୍ପ୍ ।

କିଏ ଜାଣେ, ମଣିଷ ମନସ୍ତତ୍ତ୍ୱର ଆଉ କେଉଁକେଉଁ ଅନ୍ଧାରୀ ରହସ୍ୟର ଉଦାହରଣ ଦେଖିବାକୁ ବାକି ଅଛି ?

-୦-

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ତୁମେ ନ ଥା'ନ୍ତ ଯଦି



ପ୍ରାଧାପିକା ଜ୍ୟୋସ୍ନା ରାୟ

ତୁମେ ନ ଥାନ୍ତ ଯଦି
କିଛି ବି ନ ଥାନ୍ତା ପ୍ରଭୁ
ନା ଥା'ନ୍ତା ଆକାଶ  କ ମାଟି
ନା  ଏ ସୁନ୍ଦର ପୃଥିବୀ -
ନା ବୃକ୍ଷଲତା -ପଶୁପକ୍ଷୀ
ନା ଗିରିବନ - ନଦନଦୀ-
ନା  ଏ ପାହାଡି ଝରଣା -
ନା ଏ ପ୍ରେମର ଅଗଣା  । ।

ତୁମେ ନ ଥାନ୍ତ ଯଦି
ନ ଥା'ନ୍ତା ଶ୍ରୀମନ୍ଦିର ଶ୍ରୀକ୍ଷେତ୍ର ..
ନୀଳଚକ୍ର-ନୀଳ ମହୋଦଧି
ଅବା ନ ଥାଆନ୍ତା
ନିର୍ବୋଧ ଏ ମଣିଷଜାତିଟା..
ନିଜକୁ ସର୍ଜନାର
ସୂତ୍ରଧର ମଣି ଯିଏ
ତା ପାରିବା ପଣିଆରେ
ଅଖଣ୍ଡ ଆସ୍ଥା ଥାପିଛି
କେବେ ଜ୍ଞାନ ନାମରେ ତ
କେବେ ବିଜ୍ଞାନ ନାମରେ।
ଯଦିଚ ହାରିଛି ସେ
ସବୁଥର ଶୋଚନୀୟ ଭାବେ

ତା' ମିଛ ଗର୍ବରେ
ଅହଂର ସାମ୍ରାଜ୍ୟ ଗଢିଛି
ଭୁଲିଯାଇଛି... ସେ ନମିତ୍ତ ମାତ୍ର
ତୁମେ ହିଁ ହର୍ତ୍ତା କର୍ତ୍ତା
ଆଉ ବିଧାତା ଏ ସଂସାରରେ
ସତକୁହ ତ, ଏମିତି କାହିଁକ ହୁଏ !
ବୁଝିବି କାହିଁକ ବୁଝେନା ସିଏ।

ତୁମ ଇଚ୍ଛା ବିନା ଏଠି
କେହି କଣ କରିପାରେ କଛି..
ହଲେଇ ପାରେ ଖଣ୍ଡେ ପତ୍ର?
ଉଡ଼େଇପାରେ ଖଣ୍ଡେ କୁଟା?
ଲେଖିପାରେ ପଦେ କବିତା?
ନା ଦେଇପାରେ  କ ନେଇପାରେ
କାହା ଜୀବନ?
ତୁମ କର୍ତ୍ତୃତ୍ୱ ଭିତରେ
କାହରି  ବି ବଶ ଚଳେନା
ଯାହା ବି ହୁଏ   ସବୁ
କେବଳ ତୁମ ଇଚ୍ଛା ତୁମ ଆଦେଶରେ
ଅଥଚ  କୁହ ତ କାହିଁକ
ଅବୋଧ କବିତା ପରି
ଆଜି ବି ତୁମେ  ରହିଛ
ରହସ୍ୟଘେରରେ
ଦିଅନାହିଁ  ଧରା
ଖୋଲା ଆଖିରେ ???

ବାଲେଶ୍ୱର, ଓଡ଼ିଶା

# ବିପ୍ରଲବ୍ଧା ବୈଦେହୀ



ଡ. ଶକୁନ୍ତଳା ଗୁପ୍ତା

କୀର୍ତ୍ତି ଆଦି ସଖୀ କୁମାରୀମେଳେ କୁମାରିକା
ବିଭୀଷଣ ପୁଷ୍ପ ବିଭ୍ରତିକ ବିଚରେ ପୁଷବାଟିକା
କୁସୁମଚୟନେ ରତ ଋଷିକୁମାର ବିଟପୋଦରେ ବିଜ୍ଜ୍ୱଳ ବିଭୂଷା
ବିଟଙ୍କ ବିଞ୍ଚଇ ପ୍ରେମ ଦର୍ଶନେ ବିମଳ ବିଜିଗୀଷା

ଅଭିଳାଷି ଆଗ୍ରଧୃତ ସ୍ମରଣଇ ବିଦିତ ଗୌରୀ
ବିସ୍ମିତ ବିଞ୍ଚଣି ବିଦାଳତନୟନେ ଅଭିସାରେ ବିଭ୍ୱବରୀ
ଅଭିରକ୍ଷନ୍ତ୍ରୀ ଆଶିଷେ ବରଣଇ ଅତିନ୍ଦ୍ରୀୟ ସତ୍ତା
ବିଭୁ ଅଭିରଙ୍ଗୀ ଆଦିକନ୍ଦ ବିଲଗନେ ବିପ୍ରଲବ୍ଧା

ଆଭିଜାତ୍ୟ ଆବୋରି ଆହୂତ ବିବାହ୍ୟ ଅତିଥି
ବିଲକ୍ଷବତୀ ବାସନା ବାସଙ୍ଗେ ବିପତିତ ବିଲଙ୍କାପତି
ଆବିର୍ଭାବେ ବିଭ୍ରାଜମାନବେଶେ ବିଭ୍ରମୀ ବାସବ ଭ୍ରମର
ବିଭୂତିଭୂଷଣ ଅଜଙ୍ଗ ବିଭଞ୍ଜନେ ବିଦେହ ଦୁଆର

ହସ୍ତେ ବାସିନୀ କୁସୁମମାଳ ଘେନ ବିବୁଧ ବନତା
ବିଭରତ ସ୍ୱୟମ୍ବରେ ବାସଚନ୍ଦନେ ବିଭ୍ରସିତ ଜନକସୂତା
ହର୍ଷଚତ୍ତେ ବିନ୍ୟାସି ଅଯୋଧ୍ୟା ସନ୍ନ୍ୟସୀ ରଘୁନନ୍ଦନ
ବିପାକକର୍ମେ ଅବା ବିଲମ୍ବିଇ ବିପିନବିହାରୀ ରେ ମାଲ୍ୟଦାନ

ପ୍ରଣମିତ ହେଲେ ଜନକ ବିଟପତି ଅନ୍ୟ ବିଜ୍ଞାତା
ବିପକ୍ଷୀ କୁଳେ ପ୍ରଣାଶ ହେବକ ବିଜନନ ବୃଥା
ପ୍ରତିଜ୍ଞାବଦ୍ଧ ପିତା ପ୍ରାଙ୍ଗଣେ ଦୁହିତା ସବିନୟ
ବିଷାଦ ବଦନୀ ଅବଲୋକେ ବଳାହକ ନାଟ୍ୟାଭିନୟ

---

( ବୈଦେହୀଶବିଳାସ - ଅନୁପ୍ରାଣିତ କବିତା )

ରାଉରକେଲା

---

କଛି ଶବ୍ଦାର୍ଥ ଭାଷାକୋଷ ରୁ:
କୀର୍ତ୍ତି— (ନାମ) ସୀତାଙ୍କର ଏକ ସଖୀ
କୁମାରିକା— ସୀତା
ବିଭୀଷଣ ପୁଷ୍ପ— (1। କାଣ୍ଡଶର ଗଛର ଫୁଲ—1. The flower of Kanda sara grass. 2। (ସଂ. ଶଣ) ଛଣପଟ ଫୁଲ—2. The flower of the wild flax plant; Crotalaria.ଏହାର ବର୍ଣ୍ଣ ତୋଫା ହଳଦିଆ ଥିବାରୁ କବି ବୈଦେହୀଶବିଳାସରେ ସୀତାଙ୍କ କାନ୍ତିକୁ ଏହି ପୁଷ୍ପ ସଙ୍ଗେ ତୁଳନା କରିଅଛନ୍ତି ।)
ବିଭାତିବା— ଶୋଭା ପାଇବା, ଉଜ୍ଜ୍ୱଳତା ସହ ପ୍ରକାଶିତ ହେବ
ବିବୁଧ ବନତା— ଦେବ ରମଣୀ; ଅପ୍ସରା
ବିଟପୋଦର— କୁଞ୍ଜ—Grove
ବିଟଙ୍କ— ପକ୍ଷୀ ଧରିବା ଫାଶ (ଜ୍ଞାନେନ୍ଦ୍ର) Bird-net
ବିଦାଳତ— ବିକଶିତ, blossomed
ଆଦିକନ୍ଦ— ଆଦିପୁରୁଷ; ଭଗବାନ
ବିଜିଗୀଷା —ଜୟ କରିବାର ଇଚ୍ଛା
ବିଲକ୍ଷବତୀ— ନିରୂପମା ସୁନ୍ଦରୀ (ସ୍ତ୍ରୀ) [ଉ—ବିଲକ୍ଷ ଲକ୍ଷ ଯେତେକ ବିଲକ୍ଷବତୀକ—ଭଞ୍ଜ. ବୈଦେହୀଶବିଳାସ।]
ବାସବ— ଇନ୍ଦ୍ର; ସୁରରାଜ; ଦେବରାଜ
ବିପତିତ— ଶୂନ୍ୟରୁ ଆସି ଉପସ୍ଥିତ—Befallen
ବିଲଙ୍କା— (Bilaṅkā ବିଲଙ୍କାନଗର (ରୀ), ବିଲଙ୍କାପୁର(ରୀ)ଅନ୍ୟରୂପ ଉତ୍କଳୀୟ କବି ସାରଳା ଦାସଙ୍କର କଳ୍ପନାସମ୍ଭୂତ ଓ ପୌରାଣିକ 'ସହସ୍ର ରାବଣ'ର ଆଖ୍ୟାୟିକା ଅବ— ଲମ୍ବନରେ କଳ୍ପିତ ବିଲଙ୍କା ରାବଣର ରାଜଧାନୀ)
ଅଜଗଂ— ଶିବଧନୁ
ବିପାକ କର୍ମ— ଦୂର୍ଭାଗ୍ଯ; କର୍ମଦଶା
ବିଟପତି— ଜାମାତା; ଜୋଇଁ
ପ୍ରଣାଶ— ବିନାଶ; ଧ୍ୱଂସ
ବିଜନନ— ଜନ୍ମ
ବଳାହକ— ବଳ ପ୍ରକାଶ କରି ଗତି

# ଶୀତ ଆସିଛି ମୋ ଗାଁ କୁ



ପୁଷ୍ପାଞ୍ଜଳି ପଣ୍ଡା

ନଇ କୁଳଆ କୁହୁଡ଼ି ଧୁଆଁ
ଶୀତ ଆସିଛି ମୋ ଗାଁ କୁ
କନ୍ଥା ଭିତରୁ  ପିଣ୍ଡା ଉପରୁ
ନଖିଆନା ଖୋଜେ ଖର୍କୁ।୧।
ନାଣ୍ଡୀମା ଭତହାଣ୍ଡୀରେ
ଫୁଟାଏ କାଞ୍ଜିପାଣି ଗବଗବ
ଶୀତ ସକାଳରେ ପିଇଦେଲେ ପେଟେ
ଦିନସାର୍ କାମ ଦବ ।୨।
ମଙ୍କି ଟୋପି ସାଥେ ପୁରୁଣା ଜାକେଟ
ଭିରି ପ୍ରିୟ ଧୁଳ ଭିଇର
ଟାଣ ଖର୍ ଯାଏ ପିନ୍ଧିଥିବ ସିଏ
ଦିନ ହେବାଯାଏ ବକର।୩।
ଖତୁଆ ଅଜାର ଟୁବି ଗାଡିଆରେ
ପାଣି ସୁଖି ମୀନ ଖେଳନ୍ତି
ମାଛରଙ୍କା, ଧଳା, ମାଟିଆ ବଗଙ୍କ
ମେଢ଼ ଦଳ ପର୍ ବୁଲନ୍ତି।୪।
ନଖିନାନୀ ବସି ବଢି ପାରୁଥାଏ
କଅଁଳ ଖର୍‌ରେ ଡିହରେ
କୋଶିଳା, ଧଣିଆ, ମୂଳା ଗୃଷକରି
ପଧାନ ମଉସା ଆଗେରେ।୫।
ସୁନାପାଟ ଧାନ, ଖଳାକୁ ବୋହିବା
ପାଇଁ ତ ଟ୍ରାକ୍ଟର ଦରକାର

ଉଜୁଡି ଗଲେବି ଗୃଷ ଦନେଇର
କୁକୁଡ଼ା ବେପାର ଜୋରଦାର।୬।
ଗାଈଗୋଠ ସହ ପରିଆ କାନ୍ଧରେ
ଛିଣ୍ଡା ଛତା, ପାଣି ବୋତଲ
ସୁରୁଜ ବୁଡ଼ିଲେ ଗୋଠ ଫେର୍‌ବେଳେ
ଦେଖାଏ ଗୀତର କମାଲ।୭।
ଶୀତୁଆ ସଞ୍ଜରେ ବୃନ୍ଦାବତୀ ମୂଳେ
ନୂଆବୋହୂ ଦୀପ ଟି ଜାଳେ
ପଦନୀ ଆଈର ସୁକୁସୁକୁ ବେଳ
ଭାଗବତ ପୃଷ୍ଠାଏ ବୋଲେ।୮।
ରାତିର ଅନ୍ଧାର ଘୋଡ଼ାଇ ପକାଏ
ମୋ ଗାଁ କୁ ଗୋଟାପଣେ
ଶୀତରେ ଥରିବି ସବୁରି ଆଖିରେ
ସୁନେଲି ସପନ କୁ ବୁଣେ।୯।
ଶୀତ ଆସିଗଲେ ମନ ଖୋଜୁଥାଏ
ସ୍ନେହର ଉଷ୍ମ ପରଷ
ମୋ ଗାଁ ର ଶୀତ କରେ ରୋମାଞ୍ଚିତ
ଆଣଇ ନୂଆ ବରଷ।୧୦।

ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

# ନାବ ମିଳିଗଲା କୂଳକୁ



ଶାନ୍ତିଲତା ମିଶ୍ର

"ମଞ୍ଜୁ' ସଙ୍ଗେ ଆଜି ଦିନ ସାରା ବିତେଇ ସାରି, ସନ୍ଧ୍ୟାରେ ନୂତନ ବର୍ଷର ବନ୍ଧୁ ମିଳନ ପରେ ଏକ ରାଜକୀୟ ମିଜ୍ଜାସ ନେଇ "ମାନସ୍' ଘରକୁ ଫେରିଥିଲା । ଆଗକୁ ପରୀକ୍ଷା ଆସୁଛି ମଞ୍ଜୁ ସଙ୍ଗେ ସମୟ ବିତେଇବାକୁ ଏତେ ସମୟ ମିଳିବନି । ମଞ୍ଜୁ ବି ପରୀକ୍ଷା ପ୍ରସ୍ତୁତିରେ ଲାଗିଯିବ । ତା ତରଫରୁ ବି ତାଗିଦା ମିଳିଯାଇଛି ପଢାରେ ମନ ଦେବାକୁ । ଏଇଟା ପାଠ ପଢାର ଶେଷ ବର୍ଷ । ତାପରେ ଚାକିରୀ ତା ପରେ ଯାଇ ବିବାହ । ଏତେ ଲମ୍ବା ଅପେକ୍ଷା.... ! ହଁ ହେଇଯିବ ବୋଲି ସେ ଭାବୁଛି । ମଞ୍ଜୁକୁ ଜୀବନ ସାଥୀ ରୂପେ ପାଇବାକୁ ହେଲେ ଏତକ ତ କରିବାକୁ ପଡିବ ।

ଯାହା ବି ହେଉ ଆଜି ଦିନଟା କିନ୍ତୁ ଆଶାତୀତ ଭାବେ ଖୁସିରେ ସେମାନେ ଅତିବାହିତ କରିଛନ୍ତି । ସମୁଦ୍ର କୂଳରେ ବୁଲିଲେ ଚାର୍ଟ ଖାଇଲେ ସିନେମା ଗଲେ ନବ ବର୍ଷର ପାର୍ଟି କୁ ଗଲେ । ମନଟା ଆକାଶରେ । କିଛି ଗୋଟେ ରୋମାଣ୍ଟିକ ସଙ୍ଗୀତର ସ୍ୱରରେ ହୁଇସିଲ୍ ମାରି ମାରି ଘରକୁ ଫେରିଲା ପରେ ଆଇର ଖୁଁ ଖୁଁ କାସ ଶୁଣି ମନଟା ବିରକ୍ତିଆ ହୋଇଗଲା "ମାନସ୍'ର ।

-ବାପା ! ଆସିଲୁ କିରେ....,

ଆଇ କଥାର କିଛି ଉତ୍ତର ନଦେଇ ମାନସ୍ ତା ଶୋଇବା ଘରକୁ ଚାଲିଗଲା । ଆଜିର ଏ ମହୁଲିଆ ନିଶାକୁ ଏମିତି ଅଯଥାରେ ଚାଲିଯିବାକୁ ଦବାକୁ ଇଛା ହେଲା ନାହିଁ । କିଛି ସମୟ ଏକ ସ୍ୱପ୍ନିଳ ବାତାବରଣ ତାର ଚାରି ପାଖରେ ମନକୁ ଆବେଶ କରି ରଖିନେଲା । ଶେଯରେ କିଛି ସମୟ ପଡି ରହିବା ପରେ ସେ ଆଇ ପାଖକୁ ଫେରି ଆସିଲା । ଆଇର ତଳେ ପଡି ଯାଇଥିବା ଚାଦର ଟିକୁ ଉଠେଇ ଆଣି ଘୋଡେଇ ଦେଉ ଦେଉ ପଚାରିଲା -"ତୁ ଆଜି ଭଲ କରି ଖାଇଚୁ ତ' ।

ସେ ଆଜି ଜୀବନରେ ପ୍ରଥମ ଥର ଆଈ କଥାର ଉତ୍ତର ନଦେଇ ଚ୍ଲି ଯାଇଥିଲା । ବିବେକ ଶାନ୍ତିରେ ବସେଇ ଉଠେଇ ଦେଲାନ ସେ ଫେରି ଆସିଥିଲା ଆଈ ପାଖକୁ । ତା ଜୀବନରେ ଆଈ ହିଁ ସବୁ କିଛି । ମଞ୍ଜୁ ତା ଜୀବନରେ ଏଇ ବର୍ଷେ ହେବ ଆସିଛି । ମଞ୍ଜୁ ଯୋଗୁ ସେ ଆଈକ ଆଜି ଅବମାନନା କଲା ।

ଆଈ ତା ହାତକୁ ଆଉଁସି ଦଉ ଦଉ ହଁ କଲା । ଆଈର ବି ସେଇ ପ୍ରଶ୍ନ ଭଲରେ ଖାଇଚୁ ତ ଆଜି । ବାପା ବୋଉ ଏକ କାର୍ ଦୁର୍ଘଟଣାରେ ଚ୍ଲିଗଲା ପରେ ତାକୁ ମାତ୍ର ଛ ମାସ । ବାପା ବୋଉ ଙ୍କର ବିବାହର ଦଶ ବର୍ଷ ପରେ ସେ ତାଙ୍କ ଜୀବନରେ ପ୍ରବେଶ କରିଥିଲା । ଅନେକ ପୂଜା ବ୍ରତ, ଉପବାସର ଫଳ ସେ । ବାପା ବୋଉ ପ୍ରତ୍ୟେକ ଗୁରୁବାର ସେ ସହରରେ ଥିବା ସମସ୍ତ ମନ୍ଦୀରକୁ ଯାଇ ପୂଜା କରୁଥିଲେ କନ୍ତୁ ମାନସ୍ର ଜନ୍ମ ପରେ ତାଙ୍କ ପକ୍ଷେ ଯିବା ସମ୍ଭବ ହୋଇ ନଥିଲା । ଛଅ ମାସ ପରେ ମାର୍ଗଶୀରର ପ୍ରଥମ ଗୁରୁବାର ଥିଲା ସେଦିନ । ଆଈକୁ ଘରକୁ ଡକେଇ ଆଣି ତା ଜିମା ମାନସ୍କୁ ଦେଇ ସେମାନେ ଘରୁ ପ୍ରଥମ ଥର ଗୋଡ କାଢିଥିଲେ ଏବଂ ନକଟସ୍ଥ ମନ୍ଦୀର ମାନଙ୍କୁ ଯାଇଥିଲେ ତ ଯାଇଥିଲେ ଆଉ ଫେରି ନଥିଲେ । ଆଈ ସେବେଠୁ ତାଙ୍କ ଘରେ ତା ଦେଖା ରଖାରେ । ବୋଉ ତାର ଗୋଟିଏ ଝିଅ ଓ ବାପା ବି ତାଙ୍କ ବାପ ମା ଙ୍କର ଗୋଟିଏ ପୁଅ ଥିଲେ । ଆଈର ଆଉ ଦୁଇ ପୁଅ ଅଛନ୍ତି ତେଣୁ ସେ ତା ଘରଦ୍ୱାର ଛାଡି ଆସି ତାରି ଦେଖା ରଖାରେ ଦୀର୍ଘ ଚବିଶ ବର୍ଷ ବିତେଇ ଦେଇଛି । ଆଈ ତାର ସବୁ ଦୁଃଖକୁ ତାରି ମୁହଁକୁ ଚ୍ହିଁ ଭୁଲିବକୁ ବାଧ୍ୟ ହୋଇଥିଲା। କପରି ତା ଦିନ ବିତିଥିବ କପରି ତା ର୍‌ାତି ବିତିଥିବ ଏବେ ବଡ ହୋଇଗଲା ପରେ ସେ ଅନୁଭବ କରି ପାରୁଛି ।

ଏବେ ତ ଆଈ ବହୁତ ବୁଢି ହୋଇ ଗଲାଣି । ବିଭିନ୍ନ ବାର୍ଧକ୍ୟ ଜନତ ପିଡାରେ ପ୍ରପିଡିତା । ଆଈ ଶୋଇଗଲା ପରେ ସେ ଫେରି ଆସିଥିଲା ତା ଶୋଇବା ଘରକୁ । ସେଇ ସମ୍ମୋହନ ଶକ୍ତିରେ ବାନ୍ଧି ହୋଇ ମଞ୍ଜୁର ଦୁନଆଁ ଭିତରକୁ । ଏଇ ବର୍ଷେ ବା ଦି ବର୍ଷ ଭିତରେ ସେମାନେ ବିବାହ କରିବାକୁ ମନସ୍ଥ କରିଛନ୍ତି । କନ୍ତୁ ଆଈ ! ମଞ୍ଜୁ କଣ ଆଈକୁ ଓ ତା ବାର୍ଧକ୍ୟର ଅସହାୟତା, ଅପାରଗତାକୁ ବରଦାସ୍ତ କରି ପାରିବ । ଆଈକୁ କୌଣସି ଉପାୟରେ ଯଦି ମାମୁଁ ମାନଙ୍କ ପାଖକୁ ପଠେଇ ଦେଇ ହୁଅନ୍ତା । ଏବେ ତ ମାନସ୍ ବଡ ହୋଇ ଗଲାଣି ସେ ତାର ଦାୟିତ୍ୱ ନବା ପାଇଁ ସକ୍ଷମ, ଆଈର ଏଠି ରହିବାର ଆଉ କଣ ବା ଆବଶ୍ୟକତା ଅଛି।

ଦିନେ ପ୍ରକାରନ୍ତରେ ଆଇକୁ ଏଇ କଥା କହିଥିଲା ଯେ ସେ ତା ପୁଅ ମାନଙ୍କ ପାଖରେ ରହିଲେ ତାର ବେଶି ସୁବିଧା ହୁଅନ୍ତା ତା ଦେହର ଯତ୍ନ ସେମାନେ ଭଲ ଭାବେ ନେଇ ପାରନ୍ତେ । ଏଠି ଏପରି କଷ୍ଟରେ ରହିବାର ମାନେ କଣ । "ବିଷ୍ଣୁ' ତ ଅଛି ଘ୍ରେଷେଇବାସ ଘର କାମ କରିବାକୁ । ଆଇ ସଫା ସଫା ମନା କରି ଦେଇଥିଲା -"ତତେ ଛାଡି ମୁଁ ଘଡିଏ ବି କୋଉଠି ରହି ପାରିବିନରେ ପୁଅ' । ସେ ମାମୁଁ ମାନଙ୍କ ପାଖକୁ ନଗଲେ ବି ମାମୁଁ ମାନେ ମଝିରେ ମଝିରେ ଆସି ଆଇ କଥା ଓ ତା କଥା ବୁଝି ଦେଇ ଯାଆନ୍ତି । ତାର ସମସ୍ତ ପଢା ଖର୍ଚ୍ଚ ଓ ଘର ଖଚ୍ଚର୍ଚ୍ଚ କିଛି ଭାଗ ମାମୁଁ ମାନଙ୍କ ପାଖରୁ ହିଁ ଆସେ ।

ସମୟ ଗଡିଗଲା । ତାର କଲେଜ ସରିଲା । ଭଲ ଚାକରୀ ବି ମିଳଗଲା । ପୂର୍ବ ସର୍ତ୍ତ ଅନୁସାରେ ସେମାନଙ୍କ ବିବାହର ଦିନ ବି ସ୍ଥିର ହୋଇଗଲା । କିନ୍ତୁ ଆଇକୁ ଯେତେ ବୁଲେଇ ବଙ୍କେଇ କହିଲେ ବି ମାନସ୍ ତୁ ମାମୁଁ ମାନଙ୍କ ପାଖକୁ ଯାଇ ରହ ମୁଁ ଯାଇ ତତେ ସବୁଦିନ ଦେଖି ଆସିବି । କିନ୍ତୁ ଆଇ କିଛି ବୁଝିବାକୁ ନାରାଜ । ତାର ଏକା ଯିଦି ସେ ଏଇଠି ତାରି ପାଖରେ ହିଁ ରହିବ । କଣ କରିବ ଏବେ ମାନସ୍ ! ଏତେ ବଡ ଦ୍ୱିଵିଧା । ମଞ୍ଜୁ ଯଦି ଏକଥାକୁ ସହଜରେ ଗ୍ରହଣ ନକରିବ ।

ସେ ଦୁଇ ଜଣଙ୍କୁ ଭଲ ପାଏ । କୋଉ ଜଣଙ୍କ ବିନା ତା ଜୀବନ ବି ସହଜ ହେବ ନାହିଁ ସେ ଜାଣେ । କିନ୍ତୁ ସେ ତ ଆଇ ସାଙ୍ଗେ ଏତେ ବର୍ଷ ବିତେଇ ସାରିଲାଣି ଏବେ ମଞ୍ଜୁ ସଙ୍ଗେ ବିତେଇବା କଥା ନା । ଯଦି ଏ ସମସ୍ୟାର କୌଣସି ସହଜ ସମାଧାନ ତାକୁ ନମିଳେ ତେବେ ତା ଜୀବନରେ ଏକ ବଡ ଝଡ ଆସିବାର ସମ୍ଭାବନା ଆସିଯିବ ଯେ ତାକୁ ଜଳ ଜଳ ହୋଇ ଏବେଠୁ ଦିଶି ଗଲାଣି । କଣ କରିବ । ଏକ ହତୋତ୍ସାହ ପରିସ୍ଥିତି ।

ବାହାଘର ଦିନ ଆସିଗଲା । ମାମୁଁ ମାନଙ୍କ ସହାୟତାରେ ବାହାଘର କରାଡମ୍ବର ଭାବେ ହୋଇଗଲା । ବେଶୀ ଲୋକ ଡାକ ଗୁଡାଏ ଝମେଲା ସାଙ୍ଗକୁ ଖର୍ଚ୍ଚାନ୍ତ ହେବାକୁ ମାନସ୍ କି ମଞ୍ଜୁ ଦୁହେଁ କେହି ରାଜି ନଥିଲେ । ସବୁ ଭଲରେ ଭଲରେ ହୋଇଗଲା । ମାମୁଁ ମାଇଁ ତାଙ୍କ ପିଲା ମାନେ ସାତ ଦିନ ରହିଲା ପରେ ସେମାନେ ବାହାରିଲେ ଯିବାକୁ ଏବଂ ଆଇକୁ ସାଥିରେ ନେଇ ଯିବାର ପ୍ରସ୍ତାବ ମଧ୍ୟ ରଖିଲେ ଓ ତାର ବ୍ୟବସ୍ଥା ବି କରିଦେଲେ ।ମନେ ମନେ ଖୁସିରେ କୁରୁଳ ଉଠିଲା ମାନସ୍ । ସତରେ! ଅନ୍ତରାତ୍ମା ତାର ପରମାତ୍ମାଙ୍କ ପ୍ରଶଂସାରେ ଶତମୁଖ ହୋଇଗଲା ।

ଯାହା ହଉ ଆଇକୁ ମାମୁଁ ନେଇଯିବେ । କେବେ ଠୁ ସେ ଏହା ଗ୍ଭହୁଁଥିଲା । ଏତେ ସହଜରେ ଆଇ ଗ୍ଭଜି ହୋଇ ଯିବ ଆଉ ଏ ସମସ୍ୟାର ସମାଧାନ ହୋଇ ଯିବ ସେ ସ୍ୱପ୍ନରେ ବି ଭ୍ଭବି ନଥିଲା । କନ୍ତୁ ସେମାନେ ଆଉ ଦି ଗ୍ଭରି ଦିନ ରହିଗଲେ କୌଣସି କାରଣରୁ । ସେ ଯାହା ବି ହେଉ ସେଇ ଶୁଭ ଘଡିଟି ଆସିଗଲା । ଆଇର ଜିନଷ ପତ୍ର ସବୁ ବନ୍ଧା ହେଲା କନ୍ତୁ ଏ କଣ ମାନସ୍ ଆଖିରେ ଲୁହ । ଏ ଲୁହ, ଏ କୋହ, ଏ ଛାତି ଥର୍ ଯନ୍ତ୍ରଣା ଅସହ୍ୟ । ଏ ମୁହୁର୍ତ୍ତକୁ ତ ସେ କେବେଠୁ ଅପେକ୍ଷା କରିଥିଲା ପୁଣି ହଠାତ୍ କଣ ହେଲା । ନା ଏବେ ଭ୍ଭବୁଛି ସେ ଆଇ ବିନା ବଞ୍ଚି ପାରିବନ । ତା ଜୀବନର ସେ ଏକ ଅଂଶ । ଏକ ଅଶଂକୁ କପରି ତ୍ୟାଗ କର୍ ଯାଇପାରେ । ଛାତି ଭିତର କୋହରେ ଫାଟିଗଲା ପରି ଲାଗିଲା ।

ହଠାତ୍ ମଞ୍ଜୁର ସ୍ୱର ଶୁଭିଲା ଆଇ କୁଆଡେ ବାହାରିଲେ, ନା ନା ଆଇ କୁଆଡେ ଯିବେନ ସେ ଆମ ପାଖେ ହିଁ ରହିବେ । ତାଙ୍କ ବିନା ଏ ଘର ଯେ ଶୂନ୍ୟ ହୋଇ ଯିବ । ମାନସ୍ ! ଆଇଙ୍କୁ ଅଟକାଅ । ମାନସ୍ ମଞ୍ଜୁଠୁ ଏପରି କଥା ଶୁଣିବ ବୋଲି ଆଶା କରି ନଥିଲା । ଖୁସିରେ ସେ ପାଗଳ ହୋଇଗଲା ଘଡିଏ ପାଇଁ । ଆଇକୁ ତା ପାଖକୁ ଟାଣି ଆଣି କୁଣ୍ଢେଇ ଧରିଥିଲା । ଆଇର କାନ ପଣତ ମାନସ୍ର ଆଖି ଲୁହରେ ଭିଜି ଯାଇଥିଲା । ଆଇର ଜିନଷ ପତ୍ର ସବୁ ନେଇ ଆସି ତା ରୁମ ରେ ରଖିଦେଇଥିଲା ।

-"କେମିତି ତୁ ଭ୍ଭବିନେଲୁ ତୋ ବିନା ମୁଁ ବଞ୍ଚି ପାରିବି ବୋଲି ! ସେଦିନ ବି ବଞ୍ଚି ନଥାନ୍ତି, ବାପା ବୋଉ ଯୋଉଦିନ ଛାଡିଗଲେ, ଆଜି ବି ନୁହେଁ ଲୋ ଆଇ" ।

-"ଆରେ ବାଇଆ ଟା ତୁ । ମୋ ଶେଷ ଜୀବନ ମୁଁ ମୋ ପୁଅ ମାନଙ୍କ ପାଖରେ ରହିବାକୁ ଗ୍ଭହେଁ। ତୋର ତ ଏବେ ସ୍ତ୍ରୀ ଆସିଗଲା ସେ ତୋ କଥା ଏବେ ବୁଝିବ । ମୁଁ କଣ କରିବି ଏଠି ରହିକ" ।

-"ମଞ୍ଜୁ କହିଥିଲା ଆଇ ଆପଣ ତାଙ୍କର ପ୍ରଥମ ସ୍ତ୍ରୀ, ମୁଁ ଦ୍ୱିତୀୟ । ପ୍ରଥମ ସ୍ତ୍ରୀ କୁ କଏ କଣ ଭୁଲି ପାରେ, ଏତେ ସହଜରେ । ତେଣୁ ଆମେ ସମସ୍ତେ ସାଙ୍ଗ ହୋଇ ରହିବା । ମଞ୍ଜୁର କଥାରେ ସମସ୍ତେ ହସି ଉଠିଥିଲେ । ମାନସ୍ ବି, ଏବଂ କହିଥିଲା ହଁ ଠିକ୍ କଥା । ତାଳ ମାରି ନାଚ ଯାଇଥିଲା ଆଇ ସଙ୍ଗେ । ତାର ଭଙ୍ଗା ନାବଟି ଏତେ ସହଜରେ ସକୁଶଳେ ଆସି କୂଳରେ ଲାଗିଯିବ ସେ କେବେ ବି ଭ୍ଭବି ନଥିଲା ।

ରଚେଷ୍ଟର, ମିନେସୋଟା,
ଯୁକ୍ତରାଷ୍ଟ୍ର ଆମେରିକା

# ଶ୍ରାବଣର ଆଖି



ଡକ୍ଟର ନୀଳମାଧବ କର

ତା ହାତରୁ ଶଙ୍ଖା କାଢ଼ି ନେଲ୍ ବେଳେ
ଋତୁଟିଏ ବିତିଥିଲ୍ ମାତ୍ର
ଶ୍ରାବଣର ଋତୁ
.
ଶୀତ ଆସିବା ପରେ
ଆହୁରି ଲମ୍ବେଇ ଯାଇଥିଲ୍ ଅପେକ୍ଷା
.
ସ୍ମୃତି ଅନେକ ବଡ
ତାଠୁ ବଡ଼ ତା ସ୍ୱପ୍ନ
ଢଳ ଢଳ ଆଖି ପତା
ଖୋଜୁଥିଲ୍
ଶେଷ ଶ୍ରାବଣର ଦିନ କେତେଟାର ସ୍ପର୍ଶ
ନିଜ ଅଙ୍ଗରେ - ଓ
ଛାଇ ହେଇ ଯାଉଥିଲ୍ ଶିହରଣ
.
ପ୍ରବାସରୁ ଅତର ଭିଜା ଚିଠି ଆସୁଥିଲ୍
ପ୍ରାୟ ସବୁଦିନ
ତାକୁଇ ବୁକୁରେ ଗୁପି ଧରି
ଦିନ ବିତଉଥିଲ୍
ଶିତ ପର ବସନ୍ତ ବାସ୍ନାରେ
.

ଦୁହେଁ ଯେ କେତେ ମସଗୁଲ୍ ଥିଲେ
ତା ଗୋଲାପ ବି ବୁଝିପାରୁନଥିଲା
ଜୁଇ, ଜାଇ, ହେନା, ଓ ହଳଦୀ ବସନ୍ତ ସଙ୍ଗେ
ସେମାନେ ବି ଅପେକ୍ଷା କରିଥିଲେ ବସନ୍ତକୁ

.

ବସନ୍ତ ଆସିଲା ନାହିଁ
କୌଣସି ମତେ ଜିପ୍ ଟ୍ରଲିରେ
ବୁହା ହେଇ ଆସିଲା ତା ଶବ

.

ତା ହାତରୁ ଶଙ୍ଖା କାଢ଼ି ନେଲା ବେଳେ
ଋତୁଟିଏ ବିତିଥିଲା ମାତ୍ର

.

ଲୁହ ଝରି ଆସିଲା ନାହିଁ
କ ପଲକ ପଡ଼ିଲା ନାହିଁ
ଆଖି ଦିଓଟି ହିଁ ସମୁଦ୍ର
ପାଲଟି ଯାଇଥିଲେ ଯେମିତି

.

ଜୁଇ, ଜାଇ, ହେନା, ଓ ହଳଦୀ ବସନ୍ତ ସଙ୍ଗେ
ଭଗବାନ ବି ...
ସେ ସମୁଦ୍ରରେ
ନିଜକୁ ଖୋଜିଲେ

ଓଲଭରହାମ୍ପଟନ, ୟୁକେ
madhab@yahoo.com

# ଅନ୍‌ଲାଇନ୍‌ର 'ଆମାଜନ'ର ନିର୍ମାଲ୍ୟ ବିକ୍ରି



ଶଶଧର ମହାପାତ୍ର

ଯାହା ଘଟୁଅଛି ଏ' କଳ କାଳରେ
ନକହିଲେ ତାହା ଭଲ
ଅନ୍‌ଲାଇନରେ ନିର୍ମାଲ୍ୟ ମିଳୁଛି
ଶୁଣିଲେ ହୋଇବ କାଲ
ମନହୁଏ କଲବଲ
'ଆମାଜନ' ରେ 'ଜେଫ୍ ବେଜୋସ୍'
ବିକ୍ରି ହୁଏ ମାଲ୍‌ମାଲ
ଅନ୍‌ଲାଇନ୍ ରେ ନିର୍ମାଲ୍ୟ ବିକ୍ରିକୁ
ହେଲାଣି ଜନ ବିରୋଧ
ଓଡିଶାର ଲୋକେ ଆରମ୍ଭ କଲେଣି
ରାସ୍ତାଘାଟ ଅବରୋଧ
ଭକ୍ତ, ସେବାୟତ ପ୍ରକାଶ କରନ୍ତି
ସେଥିପାଇଁ ତାଙ୍କ କ୍ଷୋଭ
ପୁରୀ ଥାନାରେ ଏତଲା ଦେଇଛୁ
କହିଲେ ଶମ୍ଭୁନାଥ ଦେବ
ଯାହାହେବ ଦେଖାଯିବ

ଆମେ ଭାଙ୍ଗିଦେବୁ "ଆମାଜନ' ଗର୍ବ
ଶ୍ରୀମନ୍ଦିର ପ୍ରଶାସନଠୁଁ ନେଇନ
"ଆମାଜନ' ଅନୁମତି
କାହା ବଳରେ ନିର୍ମାଲ୍ୟ ବିକୁଛି
କିଏ ଦେଲା ପ୍ରତିଶ୍ରୁତି **?**
ଗୃରିଶ ଅନେଶୋତରେ ବିକୁଛି
ଫୁଲେଇକ ତାଙ୍କ ଛାତି
ସତେକ ଏ' ହୀରା ମୋତି
ନୀତି ପ୍ରଶାସକ ଜିତେନ୍ଦର ସାହୁ
ଏହା ବାରମ୍ବାର କହୁଛନ୍ତି
'ଆମାଜନ'ର ୱେବସାଇଟ୍ ରେ
ନିର୍ମାଲ୍ୟ ଉଲ୍ଲେଖ ଅଛି
ମହାପ୍ରଭୁଙ୍କର ଏ' ମହାପ୍ରସାଦ
ତା' ସଙ୍ଗେ ଯୋଡା ଯାଇଛି
ଦଶ ଟଙ୍କାରେ ଯାହାକୁ ଯେତେ
ଲୋଭ ଦରିଆରେ ବୁଡିଛି ସତେ
ଲାଜ, ସରମ ହେଲାଣି ଅତି
ଆଇନଗତ ଏହାର ତର୍ଜ୍ଜମା ହେଉ
ଯିଏ ଅଛି ଦୋଷୀ ସିଏ ପାନେ ପାଉ
କାଯ୍ୟାର୍ନୁଷ୍ଠାନପାଇଁ ବିଗ୍ଭର କରୁ
ସୁପ୍ରିମକୋର୍ଟ ବିଗ୍ଭରପତି
ଆସ୍ଥା ଓ ବିଶ୍ୱାସ ରହିଛି, ରହିବ
ଓଡିଆଙ୍କ ନିର୍ମାଲ୍ୟ ପ୍ରତି

ହୃଦ କନ୍ଦରରେ ଲୁଚ ରହିଅଛି
ତାଙ୍କ ଜଗନ୍ନାଥ ପ୍ରୀତି
'ଆମାଜନ' ରେ ନାହିଁ ନିର୍ମାଲ୍ୟ ଶୁଦ୍ଧତା,
କିଏ ପ୍ରଶ୍ନ କରେ ଏହାର ପବିତ୍ରତା
ବଢ଼ିଲାଣି ଏବେ ତାତି
ଦେଖି ପାପର ଏ' କର୍ମମତି ।

( ଓଡିଆ ଖବର କାଗଜରେ ଅନ୍‌ଲାଇନରେ 'ଆମାଜନ' ନିର୍ମାଲ୍ୟ ବିକୁଥିବା ଲେଖାଟିଏ ପଢ଼ିଲି ପରେ .... । ଶ୍ରୀମନ୍ଦିର ସେବାୟତ "ଶମ୍ଭୁନାଥ ଖୁଣ୍ଟିଆ' ସିଂହଦ୍ୱାର ଥାନାରେ ଏ' ବିଷୟରେ ଏତଲା ଦେଇଛନ୍ତି । ଏ' କ ସମୟ ଆସି ପହଞ୍ଚିଲା । )

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ସମୟର କୋଳରେ



ଭସ୍କର ଚନ୍ଦ୍ର ଖଣ୍ଡା

ହେ ସମୟ !
ହେଉଛି ପ୍ରବଳ ଇଛା
ଶୋଇବାକୁ ଥରେ ତୋ କୋଳରେ
ପାଇବାକୁ ତୋ ଉଷୁମ ପରଶ
ପାଆନ୍ତିନ ଦେଖିବାକୁ ଯେଉଁଠି
ଆବଦ୍ଧ ଭିତରେ କୃତ୍ରିମତାର ତରଂଗ ।୧।

ତୋ ନୂଆ ପରଶରେ
ଦେଇଥାନ୍ତୁ ଆଉଁସି ମୋ ମୁଣ୍ଡକୁ
ଧିରେ ଧିରେ ଠିକ୍ ମାଆର ହାତ ପରି
ଯାଇଥାନ୍ତି ଭୁଲି ବିଗତ ସମୟର
ପଶ୍ଚାତାପ ସହ ସବୁ ନଗ୍ଣଶାକୁ ।୨।

ଉଠିବା ପରେ ତୋ କୋଳରୁ
ଦେଖିଥାନ୍ତି ନୂଆ ସକାଳର ସୂରୁଜକୁ
ହୋଇଯାନ୍ତା ବାନ୍ଧି ନୂଆ ଆଶା ସବୁ
ଅଛିଣ୍ଡା ଶକ୍ତ ରଜୁରେ
ନଥାନ୍ତା ସେଠି
କରୋନା ରୂପକ ମହାମାରୀର ଭୟ ।୩।

ନ ଲୁଗ୍ଣଇ ମୁଖମଣ୍ଡଳକୁ
କରିଥାନ୍ତେ ସଭିଏଁ ଚଳ ପ୍ରଚଳନ

ହାତରେ ହାତ ମିଳାଇ
କରିଥାନ୍ତେ ପ୍ରିୟ ବନ୍ଧୁଗଣଙ୍କୁ ଆଲିଙ୍ଗନ ।୪।

ହେଲାଣି ଅସହ୍ୟ ଏଠି
ଭର୍ଚୁଆଲ ମିଟିଂ
ନାକେଦମ ହେଲେଣି ଛାତ୍ର ଛାତ୍ରୀ
ଗଲେଣି ଭୁଲି ପ୍ରିୟ ଖେଳକୁଦ
ଘାରିଲାଣି କୃତ୍ରିମତାର ଛଳନା ।୫।

ଢ଼ଂଗିଲା ପରେ ନଦ ତୋ କୋଳରୁ
ନେ ଆପଣାଇ
ହସ ଖୁସି ଭିତରେ
ଦେଖୁ ଦୁନଆ ଆଉଥରେ
ଏ ନୂଆ ବରଷରେ
ତୋର ଚଳଚଂଚଳ ଗ୍ଳଲି
ସେଇ ସ୍ୱାଭିବିକ ରୂପ ।୬।

ରୋଡ୍ ନମ୍ବର ୩,
ଜଗନ୍ନାଥ ନଗର, ଭୁବନେଶ୍ୱର

# ଅସାଧାରଣ ସୁନ୍ଦରବନ- ୫



ଅଶୋକ ବିଶ୍ୱାଳ

ପାଣି ଗୋଧିଟିଏ ଧୀରେଧୀରେ ଆଗାଉଥିଲା । ତା'ର ନାକ, ଶରୀର ମାଟିର ଉପରେ ଥିଲା, ଲାଞ୍ଜଟି ତଳେ ଘୁସୁରୁ ଥିଲା । ଏମିତିଆ ଗୋଧିକୁ ବାଘ ଧରି ଖାଇନଏ । ଅନ୍ୟ ଯାଗାରେ ବାଘ ଏ ପ୍ରାଣୀକୁ ଦେଖୁ ନଥିବ । ଏକ ଘୃଣ୍ୟ ପ୍ରାଣୀ ଭାବୁଥିବ ।

"ବାଘ ଜୋରରେ ଚାଲି ପାରୁ ନଥିବ ?"- ପାଓଲି ପଚାରିଲେ ।

ତାଙ୍କର ଆଖି ସେ କାଦୁଆ ଜଙ୍ଗଲ ଉପରେ ଲାଗିଥିଲା । ସବୁଆଡେ କଣ୍ଟା ଭଳିଆ ମୁନଆ ଶ୍ୱାସମୂଳ ସବୁ ବାହରି ଆସିଛି । ତା' ଭିତରେ ଚାଲିବା କିଛି ସହଜ ନୁହେଁ । ଏଠାର ଏକ ଅଧିକ ଓଜନଆ ପ୍ରାଣୀ ବାଘ ତ କେମତି ଜୋରରେ ଚାଲିବ ? ଯଦି ମଣିଷ ଚାଲୁଛି ତ ତା'ର ଆଣ୍ଠୁ ପର୍ଯ୍ୟନ୍ତ ପଙ୍କରେ ବୁଡିଯାଉଛି । ତେଣୁ ଏଠି କାହା ପକ୍ଷେ ଚାଲିବା କିଛି ସହଜ ନୁହେଁ ।

"ଆକାର ପାଓଲି ଆକାର ।"– ସପନବାବୁ କହିଲେ । ସେ ଜଙ୍ଗଲ ଭିତରେ ଘଟୁଥିବା ପ୍ରତି ଘଟଣା ଭିତରେ କାରଣ ଖୋଜିନଅନ୍ତି । ବାଘ ସହଜରେ ଚାଲିବା ଏକ ଅସ୍ୱାଭାବିକ ଘଟଣା । ବାଘର ଶରୀରର କିଛି ବିଶେଷତ୍ୱ ଅଛି ବୋଲି ସେ ନିଶ୍ଚିତ ହୋଇଥିଲେ । ସେହି ମତକୁ ପାଓଲିଙ୍କ ଆଗରେ ରଖୁଥିଲେ । ପାଓଲି ସପନବାବୁଙ୍କ ଆଡକୁ ଅନାଇଥିଲେ ।

ପାଓଲି ବାଘମାନଙ୍କ ବିଷୟରେ କିଛି ତଥ୍ୟ ଜାଣିଥିଲେ । ବାଘମାନେ ସମୁଦ୍ରକୂଳରୁ ନେଇ ବରଫର ପାହାଡ ପର୍ଯ୍ୟନ୍ତ ଅଞ୍ଚଳକୁ ଅଧିକାର କରିନେଇଛନ୍ତି । ଜାଭାର ସମୁଦ୍ରକୂଳଆ ଯାଗାରୁ ଆରମ୍ଭକରି ଭାରତ ବର୍ଷ, ଚୀନା, ଇଣ୍ଡୋବର୍ମା ଅଞ୍ଚଳ, ସାଇବେରିଆ ପର୍ଯ୍ୟନ୍ତ ବାଘମାନେ ଦେଖା ଯାଆନ୍ତି । ଅଞ୍ଚଳ ନେଇ ବାଘର ଆକାରର ପରିବର୍ତ୍ତନ ଘଟିଛି ।

"ଏ ବାଘଗୁଡିକ ଆକାରରେ ଛୋଟ । ଅନ୍ୟ ଯାଗାରେ ବାଘଗୁଡିକ ୨୦୦ କଲେ଼ୁ ଅଧିକ ଓଜନ ହୋଇପାରନ୍ତି । କନ୍ତୁ ଏଠିକାର ବାଘର ଓଜନ ୧୦୦ ରୁ ୧୨୦କଲେ଼ ପର୍ଯ୍ୟନ୍ତ । ତେଣୁ ଛୋଟ ବାଘ । ଅନ୍ୟଥା ବଡ଼ ବାଘଗୁଡିକ ଏମିତିଆ ଶ୍ବାସମୂଳ ଭିତରେ କେମିତି ଯାଇପାରିବେ?"- ସପନବାବୁ କହିଲେ । ତାଙ୍କର ଆଖି ସେଇ ଗୋଧି ଉପରେ ଲାଗି ରହିଥିଲା । ଗୋଧିଟି ଘୋଷାରି ଘୋଷାରି ହୋଇ ଆଗାଉଥିଲା ।

ବୈବର୍ତ୍ତନବାଦ କାରଣରୁ ଯାଗା ଯାଗା ନେଇ ଜୀବଙ୍କର ଆକାର ଭିନ୍ନ ହୋଇଛି । ସମସ୍ତେ ପରିବେଶ ସହ ନଜକୁ ମିଳାଇ ନେଇଛନ୍ତି । ବାଘ କେବଳ ଏ ଯିବା ଆସିବାର ଅସୁବିଧା କାରଣ ବା ଅନ୍ୟ କାରଣରୁ ଛୋଟ ହୋଇ ଯାଇଛି । ସେ କାରଣଟା କଣ ହୋଇପାରେ?

"ବାଘର ଛୋଟ ଆକାର ହେବାର କ କାରଣ ହୋଇପାରେ ? ଖାଇବା ହୋଇପାରେ । ମାଂସ ତ ମିଳୁଛି ।"- ପାଓଲି ପଗ୍ଚରିଲେ ।

"ଲକ୍ଷ୍ୟକର ଏଠି କ କ ପ୍ରାଣୀ ଏ ଜଙ୍ଗଲରେ ମିଳୁଛନ୍ତି? ହରିଣ ବା ବାରହା ଭଳ ଛୋଟ ଜୀବ ବା ଆଉ ବେଳେବେଳେ କେମିତି ମାଙ୍କଡ । ହରିଣ ବା ବାରହାର ଓଜନ ବେଶିରେ ବେଶି ପଖାପାଖି ୫୦ କଲେ଼ ପର୍ଯ୍ୟନ୍ତ ହେଇପାରେ । ତେଣୁ ବାଘକୁ ଏଇ ଛୋଟ ଶିକାର କରିବା ପାଇଁ ବେଶି ବଳ ଖର୍ଚ୍ଚ କରିବାକୁ ପଡିବନାହିଁ । ଆକାର ବଡ଼ ହେବା ଦରକାର ନାହିଁ । ସମ୍ବର ବା ଗୟଳ ଶିକାର କରିବାକୁ ହେଲେ ବାଘର ଆକାର ବଡ଼ ହେବା ଦରକାର। ଆଉ ଏଠି ଏମତି ଶିକାର ନାହିଁ । ତେଣୁ ସୁନ୍ଦରବନର ବାଘ ଛୋଟ ଆକାରର ହୋଇଯାଇଛନ୍ତି । ବେଶ ଘଞ୍ଚ ଜଙ୍ଗଲରେ ଆକାର ବଡହେଲେ ଯାତାୟତରେ ଅସୁବିଧା ହେବ । ସ୍ଥାନ ସହ ନଜର ଆଡାପ୍ଟେସନ ।"- ସପନବାବୁ କହିଲେ ।

ପାଓଲି ମୁଣ୍ଡ ଟୁଙ୍ଗାରୁ ଥିଲେ । ସପନବାବୁ ବଡ଼ ଗହନର କଥା କହିଛନ୍ତି । ବାଘର ଆକାର ଏଠି ନଷ୍ଚିତ ଭ୍ବବରେ ଛୋଟ ହେବ । ପାଓଲି ନଜ କଥା ଭ୍ବବୁଥିଲେ । ସେ ଥରେ ସେ କାଦୁଅରେ ଗ୍ଭଲିଥିଲେ । ତାଙ୍କ ଜଙ୍ଘ ପର୍ଯ୍ୟନ୍ତ କାଦୁଅରେ ବୁଡିଯାଇଥିଲା । ସେଇଠୁ ଗୋଡ ବାହର କରିବା କଷ୍ଟ । ଖୋଜେ ଦି ଖୋଜ ଗ୍ଭଲିଲା ପରେ ଆଉ ଗୋଡ ଉଠୁନଥିଲା । ଏମିତିଆ କାଦୁଅରେ ଆଉ କଣ୍ଟା ମୂଳ ଥିବା ମ୍ୟାଙ୍ଗରୁଭ ଜଙ୍ଗଲରେ ଗ୍ଭଲିବାତ ବହୁତ ଅସୁବିଧା ହେବା ତେଣୁ ନଷ୍ଚିତ ଭ୍ବବରେ ବାଘର ଆକାର ଛୋଟ ହେଇଥିବ ।

“ଏଠି ସବୁ ଜୀବ ବଦଳ ଯାଇଛନ୍ତି । ଘାସ କମ୍, ତେଣୁ ହରିଣମାନେ ତାଙ୍କ ଖାଇବାର ଅଧିକାଂଶ ଅଂଶ ଡାଳପତ୍ରରୁ ପାଆନ୍ତି । ଘାସ ଖାଉଥିବା ଅନ୍ୟ ବଡ଼ ପ୍ରାଣୀ ସମ୍ବର, ଗୟଳ ଇତ୍ୟାଦି ଏଠି ନାହାନ୍ତି । ଏକରେ ତ ଓଜନ ଅଧିକ ତେଣୁ ଏ ଅଞ୍ଚଳରେ ରହିପାରି ନାହାନ୍ତି। ସମସ୍ତେ ପରିବେଶ ହିସାବରେ ନିଜର ରୂପ, ଭେକ ଆଉ ବ୍ୟବହାରକୁ ପରିବର୍ତ୍ତିନ କରିଛନ୍ତି ।”-ସପନବାବୁ କହୁଥିଲେ ।

ପାଓଲିଙ୍କ ଆଖି ସପନବାବୁଙ୍କ ଉପରେ ଲାଗି ରହିଥିଲା ।ସପନବାବୁ ସବୁ କଥାଟା ଗଭୀର ଭାବେ ଚନ୍ତା କରି କୁହନ୍ତି । ଏମିତି କିଛି ହାଲୁକାରେ କୁହନ୍ତି ନାହିଁ । ଏଇ ଗୁଣଟା ପାଓଲିଙ୍କୁ ଭାରି ଭଲ ଲାଗେ । ବୁଦ୍ଧିମାନ ଲୋକ ସବୁବେଳେ ଅଯଥାରେ କଥା କୁହନ୍ତି ନାହିଁ । ପାଓଲି ମୁଣ୍ଡ ଟୁଙ୍ଗାରୁଥିଲେ କିନ୍ତୁ ତାଙ୍କ ମନ ଭିତରେ ସପନବାବୁଙ୍କ ପାଇଁ ଅସୀମ ପ୍ରଶଂସା । ସପନବାବୁ ଗହନ କଥାଗୁଡା କେତେ ସହଜରେ ବୁଝେଇ ପାରନ୍ତି । ଖାଲି ଦେଖିକରି ସୁନ୍ଦରବନର ବହୁତ କଥା ବୁଝିହେବନାହିଁ ।

ଦୁଇଟା ଛୁଆ ମାଙ୍କଡ ଏକ ଗଛରେ ଡାଳମାକୁଡି ଖେଳୁଥିଲେ । ସେମାନଙ୍କର ପଛଗୋଡମାନ ଡାଳକୁ କୁଣ୍ଢେଇ ଧରିଥିଲା ଆଉ ଶରୀର ତଳକୁ ଝୁଲି ଯାଇଥିଲା । ନିଜର ହାତରେ ଜଣେ ଜଣଙ୍କୁ ଠେଲା ଠେଲି କରୁଥିଲେ । ମୁହଁ ଖୋଲି ଦେଉଥିଲେ ଆଉ ଟିକେ ଟିକେ କାମୁଡା କାମୁଡି ହେଉଥିଲେ । ଛୁଆଗୁଡିକ ସବୁଠି ସମାନ । ମଣିଷଛୁଆ ହୁଅନ୍ତୁ କି ମାଙ୍କଡଛୁଆ ହୁଅନ୍ତୁ ସେମାନଙ୍କର ହାତ ଗୋଡ ସବୁବେଳେ କିଛି ନା କିଛି କାମ କରେ । ମାଙ୍କଡ ଛୁଆଗୁଡାଙ୍କୁ ଡାଳମାକୁଡି ଖେଳବାକୁ ମଜା ଲାଗୁଥିଲା । ତାଙ୍କର ବାପା ମାଆମାନେ ଉପରେ କୋଉଠି ଖାଦ୍ୟ ସଂଗ୍ରହରେ ବ୍ୟସ୍ତଥିବେ । ଏମାନଙ୍କୁ ବି ନିଜର ଖାଦ୍ୟ ସଂଗ୍ରହ କରିବାକୁ ପଡିବ । କିନ୍ତୁ ଏବେ ତ ଖେଳବାର ସମୟ । ସେମାନେ ଠେଲା ଠେଲି ହେଉଥିଲେ ଆଉ ଖେଳୁଥିଲେ । ତଳେ ପଡିଲେ ସିଧା ପାଣିରେ କିନ୍ତୁ ସେଥିପାଇଁ ଡର ନଥିଲା । ମାଙ୍କଡମାନଙ୍କର ହାତ ଆଉ ଗୋଡ ବଡ଼ ଶକ୍ତ । ସହଜରେ ସେମାନେ ତଳେ ପଡିବେ ନାହିଁ । ଗୋଟିଏ ଛୁଆ ଆଉ ଗୋଟିଏ ଛୁଆର କାନ ଟାଣି ଦେଉଥିଲା । ସେ ଛୁଆଟି ତ ଆର ଛୁଆଟିକୁ କାମୁଡିବାକୁ ଚେଷ୍ଟା କରୁଥିଲା, ହଲୁକା କାମୁଡା ।

ସେପଟେ ବଡ଼ ମାଙ୍କଡଟିଏ ଏଡେଏଡେ ଆଖିକରି ସବୁଆଡକୁ ଅନାଉଥିଲା । ସେ ବୋଧହୁଏ ଦଳପତି । ତା’ କାନଗୁଡିକ ଠିଆ ହୋଇଯାଇଥିଲା । ଆଖିଗୁଡିକ ଲାଲ୍ ଲାଲ୍ ହେଇଯାଇଥିଲା । ତା’ର ମୁହଁଟା ଗୋଲାପି ଆଉ ସେଥିରେ ହାଲୁକା ସୁନେଲି ଧଳା ବାଳ

ଭରିଯାଇଛି । ମାଙ୍କଡଟି ଏକ ଲୟରେ ଏ ଛୁଆଙ୍କୁ ଅନେଇଲା । ଛୁଆମାନେ କଛି ଧ୍ୟାନ ଦେଉ ନାହାନ୍ତି । ସେ ଧିରେ ଖିକ୍ ଖିକ୍ ହେଲା । ସାମାନ୍ୟ ବିପଦର ଡାକ, ସାବଧାନ ହେଇଯାଅ । ତା' ବାଳଗୁଡିକ ମୁଣ୍ଡ ଉପରେ ଠିଆ ହେଇଯାଇଥିଲା । ସେଇଠି ଟିକେ ସୂର୍ଯ୍ୟ ଆଲୋକ ପଡୁଥିଲା । ମାଙ୍କଡର ଦେହଟା ପ୍ରାୟ ଲୁଚ ଯାଇଥିଲ, କେବଳ ଆଖି ଆଉ ମୁହଁର କଛି ଅଂଶ ଦେଖାଯାଉଥିଲା । ପାଣିଧାରରେ ଅନେକ ମାଙ୍କଡ ଥିଲେ । ତଳେ ମାଙ୍କଡଗୁଡିକ କଣସବୁ ଖୋଜୁଥିଲେ । ଉପରେ ବଡ଼ ମାଙ୍କଡର ଧ୍ୱନି ଶୁଣି ସମସ୍ତେ ଠିଆ ହୋଇଗଲେ ଆଉ ଏଣେତେଣେ ଅନେଇବାକୁ ଲାଗିଗଲେ । ସେମାନଙ୍କ ଠିଆ ହେବା ଦେଖି ଏମିତି ଲାଗୁଥିଲା ଯେମିତି ବାଙ୍ଗରା ଛୋଟ ମଣିଷର ସିପାହୀଦଳ ଠିଆ ହୋଇଛନ୍ତି । ସେମାନେ ପ୍ରାୟ ଗୋଟିଏ ହାତରେ ବାଡି ଭଳ ଉଠିଥିବା ମ୍ୟାଙ୍ଗରୁଭ୍ ବା ଲୁଣା ଜଙ୍ଗଲ ଗଛର ଚେରକୁ ଧରିଥିଲେ । ସମସ୍ତଙ୍କର ଆଖି ବୁଲୁଥିଲା ଆଉ ସମସ୍ତେ ସାବଧାନ ଥିଲେ । ଏ ମାଙ୍କଡଗୁଡିକୁ ସବୁବେଳେ ସାବଧାନ ରହିବା ଦରକାର । ଏଠି ବାଘ ଏକମାତ୍ର ଶିକାରୀ ନୁହେଁ । କୁମ୍ଭୀର ମଧ ମାଙ୍କଡକୁ ଶିକାର କରିନଏ । ଏମତି ଏମାନେ କଛି ସମୟ ଅନେଇଲେ । ଉପରୁ ଆଉ ସତର୍କ ଡାକ ଆସୁ ନଥିଲା । ଉପରର ବଡ଼ ମାଙ୍କଡ ଏପଟ ସେପଟ ଡେଉଁ ନଥିଲା । ଏତେ ସତର୍କ ହେବା ଆଉ ଆବଶ୍ୟକ ନାହିଁ । ବୋଧହୁଏ ବାଘ ପାଖରେ ନାହିଁ ।

ମାଟିରେ ମାଙ୍କଡଗୁଡିକପୁଣି ହାତକୁ ତଳକୁ କରି ଦେଇ ଖାଦ୍ୟ ଖୋଜିବାରେ ଲାଗିଗଲେ । ଗୋଟିଏ ମାଙ୍କଡ ପାଣି ଭିତରକୁ ପଶି ଆସିଲା । ତା'ର ହାତ, ଗୋଡ କାଦୁଅ ହେଇଯାଇଥିଲା । ଅଳ୍ପ ପାଣି । ଆଗରେ ଛୋଟ ନଦୀଟିଏ ଥିଲ।। ବହୁତ ପତଳା ନଦୀ । ସେ ନଦୀକୁ ପାର ହେବାକୁ ଚେଷ୍ଟାକରୁଥିଲା । ପାଓଲି ଆଉ ସପନବାବୁ ଦୂରରୁ ବଇନୋକୁଲାରରେ ସେହି ମାଙ୍କଡକୁ ଲକ୍ଷ୍ୟ କରୁଥିଲେ । ମାଙ୍କଡମାନେ ସାଧାରଣତଃ ପହଁରି ପାରି ହେବାକୁ ଭାବିବେ ନାହିଁ । ଦଳ ପାଖରେ ଅଛି । ତେଣୁ ତା'ର ନଦୀ ପାରି ହେବାର ଆବଶ୍ୟକ ନଥିଲା । ସମସ୍ତଙ୍କ ହାତରେ ଖାଇବାକୁ ଅଛି ।

ଧିରେ ତା'ର ଗୋଡ ପର୍ଯ୍ୟନ୍ତ ପାଣି ହୋଇଗଲା ଆଉ ସେ ଗଭୀରକୁ ଆସିଗଲା । ତା'ର ପେଟ ପର୍ଯ୍ୟନ୍ତ ପାଣି ହେଉଥିଲା । ସେଇଠି ଗୋଟିଏ ଫଳ ଭାସୁଥିଲା । ସେ ଜଲଦି ସେ ଫଳଟିକୁ ହାତରେ ଉଠେଇ ନେଲା ଆଉ ଦାନ୍ତରେ କାମୁଡି ଖାଇବକୁ ଲାଗିଲା । ସ୍ୱାଦିଷ୍ଟ ଫଳ । ତାପରେ ଜଲଦି କୂଳକୁ ଆସିଗଲା । ପାଣିରେ କୁମ୍ଭୀରମାନେ ହୁଏତ ଛପି ପାରନ୍ତି।

ପାଣି ତ କୁମ୍ଭୀର ରାଜ୍ୟ । ସେଇଠି କେହି କଛି କରିପାରିବେ ନାହିଁ । ତେଣୁ ମାଙ୍କଡ ବେଶ ସାବଧାନ ଥିଲା ଆଉ ଜଲଦି କୂଳକୁ ଆସୁଥିଲା । କଛି ବିପଦର ଡାକ ନଥିଲା । ତଥାପି କଛି ମାଙ୍କଡ ବିପଦର ଆଶଙ୍କା କରୁଥିଲେ । ସେମାନେ ଖାଉଥିଲେ କନ୍ତୁ ମଝିରେ ମଝିରେ ଠିଆ ହୋଇଯାଇ ଏପଟ ସେପଟ ଅନାଉଥିଲେ । ସୁନ୍ଦରବନରେ ଖାଲି ଦଳପତି ଉପରେ ସବୁ ଛାଡିଦେଲେ ହେବନାହିଁ । ନଜକୁ ମଧ୍ୟ ସାବଧାନ ହେବାକୁ ପଡିବ ।

ଉପରେ ଛୁଆ ମାଙ୍କଡଗୁଡିକ ଆଉ ନ ଖେଳ ଏକ ଭଲ ପତ୍ରଥିବା ଡାଳକୁ ଆସିଯାଇଥିଲେ । ସେଇଠୁ କଛି କଛି ପତ୍ର ଛିଣ୍ଡେଇ ଖାଇବାକୁ ଲାଗିଗଲେ । ସେମାନଙ୍କ ଆଖି ଜଙ୍ଗଲ ଆଉ ପାଣି ଉପରେ ଲାଗିରହିଥିଲା । ସେମତି କଛି ବିପଦ ନାହିଁ । ମଝିରେ ମଝିରେ ସେମାନଙ୍କର ପାଟି ବଡ଼ ଆଁ ହେଇଯାଉଥିଲା ଆଉ ମୁଣ୍ଡ ଉଚା ହେଇଯାଉଥିଲା । ସେମାନେ କୌତୁହଳଭରା ଆଖିରେ ସବୁଆଡେ ଅନାଉଥିଲେ । ପାଣିରେ ଏମତି ଗୋଟିଏ ମଲାମାଛ ଭାସୁଥିଲା । ଗୋଟିଏ ମାଙ୍କଡ ତା'କୁ ଦେଖିନେଲା । ପାଣିଭିତରେ ପଶିଯାଇ ଜଲଦି ସେ ମାଛଟିକୁ ନେଇଆସିଲା ଆଉ ଖାଇବାକୁ ଲାଗିଲା । ଏ ମାଙ୍କଡଗୁଡିକ ସାଧାରଣତଃ ଶାକାହାରୀ କନ୍ତୁ ବେଳେବେଳେ ଏମାନଙ୍କୁ ମାଛ ବା କଙ୍କଡା ମିଳଗଲେ ଖାଇନଅନ୍ତି । ଏଇଟା ବଡ଼ ଆଶ୍ଚର୍ଯ୍ୟ କଥା । ମାଙ୍କଡମାନେ ମଧ୍ୟ ଆବଶ୍ୟକ ହେଲେ କଛି କଛି ମାଂସାହାର କରି ନଅନ୍ତି ଯଦି ଏହା ସହଜରେ ମିଳଯାଏ ତେବେ ।

"ହରିଣ, ବାରହାମାନେ ବାଘର ସାଧାରଣ ଆହାର । ହରିଣ ସବୁଠାରୁ ବେଶି ଅଂଶରେ ଅଛନ୍ତି । ବାରହା ଅପେକ୍ଷାକୃତ କମ ମିଳନ୍ତି । ମାଙ୍କଡ ବାରହାଠାରୁ ଟିକଏ ଅଧିକା ସଂଖ୍ୟାରେ ଅଛନ୍ତି । ହରିଣମାନେ ସାଧାରଣତଃ ଅଳ୍ପ ଉଚ ଅଞ୍ଚଳରେ ରୁହନ୍ତି । ଏସବୁ ସ୍ଥାନ ସବୁବେଳେ ଜୁଆର ପାଣିରେ ବୁଡେନା । ମାଙ୍କଡମାନେ କେଉଡା ଜଙ୍ଗଲକୁ ପ୍ରାୟ ପସନ୍ଦ କରନ୍ତି ।" – ସପନବାବୁ ବାଘର ଶିକାର ଉପରେ କହୁଥିଲେ ।

"ଏ ପ୍ରାଣୀମାନେ ସବୁ ବାଘର ଆହାର । କନ୍ତୁ ରୁହନ୍ତି କେଉଁଠି ?"- ପାଓଲି ପଗ୍ଭରୁଥିଲେ।

ପାଓଲି ଜଙ୍ଗଲକୁ ଅନାଇଥିଲେ । ସବୁଆଡେ ଗାଢ ସବୁଜ ଘଞ୍ଚ ଜଙ୍ଗଲ । ଭିତରକୁ କଛି ଦିଶୁନ । ସେମିତିଆ ଜଙ୍ଗଲରେ କଛି ଅଞ୍ଚଳ ପାଣିରେ ପ୍ରାୟ ବୁଡେନା । ଏ ଜଙ୍ଗଲରେ ପାହାଡ, ପର୍ବତ ନାହିଁ । ବାଘର ଆଶ୍ରୟପାଇଁ ବଡ଼ ପଥର ଖୋଲ ଆଦି ନାହିଁ । ଏ

ଯାଗାରେ ବାଘ ହେନ୍ତାଳ ଆଉ Heritiera ବା ସୁନ୍ଦରୀ ଜଙ୍ଗଲରେ ରହିବାକୁ ବେଶି ପସନ୍ଦ କରେ । ଏ ଗଛ ଥିବା ଅଞ୍ଚଳ ପ୍ରାୟ ଜୁଆରରେ ବୁଡେନା । ମାଟିଟିକେ ଶକ୍ତ । ଯିବା ଆସିବାରେ ମଧ୍ୟ ଏତେ ଅସୁବିଧା ହୁଏନା । ହେନ୍ତାଳର ଶ୍ୱାସମୂଳ ନାହିଁ । ବାଘ ସାଧାରଣତଃ କଛି ପ୍ରକାର ଗଛର ଥିବା ଅଞ୍ଚଳକୁ ପସନ୍ଦ କରେ । ସେ ଗଛ ଗୁଡିକ ହେଲା ଗର୍ଜ୍ଜନ- କକଡା(Rizophora-Bruguiera), ବାଇନ- ଧନୀଘାସ (Avicennia-Oryzha), ଗେଉଁଆ-ହେନ୍ତାଳବନ (Excoecaria-phoenix), ଗେଉଁଆ- ଗୋର୍‌ାନ (Exoecaria-Ceriops), ଗୋର୍‌ାନ(Pure Ceriops) ଏବଂ ଧନୀଘାସ (pure Oryzha)| ବାଘର ପଦଚହ୍ନ ସବୁଠାରୁ ବେଶି ହେନ୍ତାଳ ବନରେ (ପ୍ରାୟ ୨୦ ପ୍ରତିଶତ) ଦେଖାଯାଇଛି । ତାପରେ ବାଇନ- ଧନୀଘାସ ଅଞ୍ଚଳରେ (ପ୍ରାୟ ୨୦ ପ୍ରତିଶତ) ବାଘର ଯାତାୟତ ଅଧିକ । ଏ ଜଙ୍ଗଲ ଛଡା ବାଘ ଗେଉଁଆ- ହେନ୍ତାଳବନ ଜଙ୍ଗଲକୁ (ପ୍ରାୟ ୧୮ ପ୍ରତିଶତ) ମଧ୍ୟ ଯାତାୟତ କରେ ।

ସୁନ୍ଦରବନର ଉତ୍ତରରେ ବେଶି କଳା ବାଇନ(Avicennia marina), ପିଆର୍ ବାଇନ(A. alba) ଆଉ ସାଦା ବାଇନ(A. officinalis) ମିଳେ । କାଦୁଆ ଚଡାରେ ଧନୀଘାସ (Oryza coarctata) ମିଳେ | ଧୀରେଧୀରେ ତଳକୁ ଗେଉଁଆ (Excoecaria agallocha) ଆଉ ଗୋର୍‌ାନ (Ceriops decandra) ଗଛ ମିଳେ । ଦକ୍ଷିଣ ଆଉ ପୂର୍ବ ଆଡକୁ ଗର୍ଜ୍ଜନ (Rhizophora apiculata), କକଡା (Bruguiera sexangula) ଆଉ ସୁନ୍ଦରୀ (Heritiera fomes) ମିଳେ । ହେନ୍ତାଳବନ(Phoenix paludosa) ଟିକଏ ଉଚ୍ଚ ଭୂମିରେ ମିଳେ । ମାଟି ଏଠି ବେଶି କାଦୁଆ ନୁହେଁ । ଧୁନ୍ଦୁଲ (Xylocarpus granatum), ପାସୁର (Xylocarpus mekongensis) ଆଉ ଗୋଲପତା (Nypa fruiticans) ର ଜଙ୍ଗଲ ବହୁତ ବେଶି ନାହିଁ । କେଉଡା (Sonneratia apetala) ଗଛ ସାଧାରଣତଃ ନୂଆକରି ଗଢି ଉଠୁଥିବା ଅଞ୍ଚଳରେ ବେଶି ମିଳେ। କେଉଡା ଗଛକୁ ତୃଣଭୋଜୀ ପ୍ରାଣୀମାନେ ବେଶି ପସନ୍ଦ କରନ୍ତି ।

ପ୍ଲାଣ୍ଟ ସକସେସନ ପ୍ରଥମେ ଧନୀଘାସର ନୂଆ କାଦୁଆ ଚଡାର ଉତ୍ପତ୍ତିରୁ ଆରମ୍ଭ ହୁଏ । ସମୟକ୍ରମେ ଏହି ଘାସୁଆ ଜମିରେ Avicennia ଏବଂ Sonneratia spp. ବୀଜ ପାଣିରେ ବୋହି ଅଟକଯାଏ ଆଉ ଗଛ ଉତ୍ପନ୍ନ ହୁଏ । ତାପରେ ପରେ ଗୋର୍‌ାନ, ଗେଉଁଆର କଲୋନୀ ତିଆରି ହୁଏ | ଶେଷରେ ଉତ୍ତର ଆଡକୁ ଉଚ୍ଚ ଜମିରେ ଭଲ ହେନ୍ତାଳ ବା Phoenix paludosa ଦେଖାଯାଏ । ନୂଆ ଜମିରେ ବାଇନ ମଧ୍ୟ ଭଲ ହୁଏ । ଧୀରେଧୀରେ ବାଇନ

ଯାଗାରେ ଗୋର୍‌ନ ଆଉ ଗେଉଁଆ ଗଛ ବଢିଥାଏ । ଜଙ୍ଗଲରେ ପ୍ରାୟ ୭୦ ପ୍ରତିଶତ ଗଛ ଗେଉଁଆ ଆଉ ଗୋର୍‌ନର ମିଶ୍ରଣ । ଦକ୍ଷିଣ ଆଉ ପୂର୍ବଭାଗରେ ଗର୍ଜ୍ଜନ, କଙ୍କଡା, ସୁନ୍ଦରୀ, ଆଦିର ଜଙ୍ଗଲ ଦେଖାଯାଏ । ହେନ୍ତାଳ ଜଙ୍ଗଲ ଟିକେ ଉଚ୍ଚ ଜମିରେ ହୁଏ । ଗୋଲପତା ପାମ ନଦୀ ଆଉ ନାଳ କୂଳରେ ଦେଖାଯାଏ । ଏଠି ମାଟିର ଉପରେ ମିଳୁଥିବା ପାଣି ଲୁଣିଆ । ଗୃଷବାସ ଆଉ ପିଇବା ପାଣି ହିସାବରେ ବ୍ୟବାହାର ପାଇଁ ଏ ପାଣି ଅନୁପେଯାଗୀ । ମିଠାପାଣି ପ୍ରାୟ ୩୦୦ ଶହରୁ ୪୦୦ ମିଟର ତଳେ ମିଳେ ।



ସୁନ୍ଦରବନ ପୃଥିବୀର ସବୁଠାରୁ ବଡ଼ ଲୁଣା ଜଙ୍ଗଲ । ଗଙ୍ଗା ଆଉ ବ୍ରହ୍ମପୁତ୍ରର ମିଳନ ସ୍ଥଳରେ ଗଢି ଉଠିଛି ବିଶାଳ ଜୁଆର ଭଟ୍ଟାର କ୍ଷେତ୍ର । ୧୦,୨୦୦ ବର୍ଗ କିଲୋମିଟରର ବିଶାଳ ଅଞ୍ଚଳ । ଭାରତରେ ୪,୨୦୦ ବର୍ଗ କିଲୋମିଟର ଆଉ ବାଙ୍ଗଲାଦେଶରେ ୬,୦୦୦ ବର୍ଗ କିଲୋମିଟରର ହିସାବରେ ଦୁଇ ଦେଶରେ ବ୍ୟାପ୍ତ ହୋଇଛି ଏ ଅଞ୍ଚଳ । ଏହା ଛଡା ଭାରତରେ ୫,୪୦୦ ବର୍ଗ କିଲୋମିଟରର ଅଞ୍ଚଳ ଲୁଣା ଜଙ୍ଗଲକୁ ଲାଗି ରହିଛି । ଭାରତର ସୁନ୍ଦରବନରେ ୧୦୬ଟି ଦ୍ୱୀପ ଅଛିଯାହା ଭିତରୁ ୫୪ଟି ଦ୍ୱୀପରେ ଲୋକାବସତି ଅଛି ।

ସୁନ୍ଦରବନର ଅର୍ଥ ହେଉଛି ସୁନ୍ଦର ଅରଣ୍ୟ । କିନ୍ତୁ କିଏ କିଏ କୁହନ୍ତି ସୁନ୍ଦରବନ ସୁନ୍ଦରୀ ବୃକ୍ଷରୁ ଉତ୍ପତ୍ତି ହୋଇଛି । ଦିନେ ଏ ବୃକ୍ଷ ପ୍ରଚୁର ପରିମାଣରେ ମିଳୁଥିଲା ।ଲୁଣା ଜଙ୍ଗଲର ମହତ୍ତ୍ୱ ସାରା ପୃଥିବୀରେ ଅଛି । ଏମିତି ସବୁ ଦେଶରେ ଲୁଣା ଜଙ୍ଗଲ ଦେଖାଯାଏ ନାହିଁ । ଇଣ୍ଡୋନେସିଆ, ବ୍ରାଜିଲ, ନାଇଜେରିଆ, ଅଷ୍ଟ୍ରେ ଲିଆ ଆଉ ମେକ୍ସିକୋ ଭଳି ଦେଶରେ

ପୃଥିବୀର ୪୭ ପ୍ରତିଶତ ଲୁଣା ଜଙ୍ଗଲ ମିଳେ । ଭାରତରେ ଲୁଣା ଜଙ୍ଗଲ ପୃଥିବୀର ପ୍ରାୟ ୩ ପ୍ରତିଶତ । ଏହି ଦେଶମାନଙ୍କ ଛଡା ପାପୁଆ ନଉଗିନ, କ୍ୟୁବା, ମାଲୟେସିଆ ଆଦି ଦେଶରେ ବହୁତପରିମାଣରେ ଲୁଣା ଜଙ୍ଗଲ ଅଛି ।

ଲୁଣା ଜଙ୍ଗଲର ଉପକାରିତା ଅନେକ । ସବୁଠାରୁ ବଡ଼ ଉପକାରିତା ହେଲା ଲୁଣା ଜଙ୍ଗଲ ସମୁଦ୍ର ତୋଫାନ ଆଉ ଲହିଡରୁ କୂଳକୁ ରକ୍ଷା କରିଥାଏ । ଅନ୍ୟଥା ମୃତ୍ତିକା କ୍ଷୟ ବହୁତ ଅଧିକ ମାତ୍ରାରେ ହୁଅନ୍ତ । ଲୁଣା ଜଙ୍ଗଲର ଗଛ ଆଉ ଜାଲ ଭଳ ଛନ୍ଦି ହିଇଥିବା ଚେର ମାଛ ପ୍ରଜନନ ଆଉ ବଢିବାରେ ବହୁତ ସାହାର୍ଯ୍ୟ କରେ । କୁହାଯାଇପାରେ ଲୁଣା ଜଙ୍ଗଲ ହେଉଛି ମାଛର ନର୍ସରୀ । ଜାଆଁଳ ଲୁଣା ଜଙ୍ଗଲରେ ସହଜରେ ଆଶ୍ରୟ ପାଇ ଥାଆନ୍ତି ।

ସୁନ୍ଦରବନକୁ ୧୯୯୭ ମସିହାରେ ଓ୍ୱାଲର୍ଡ ହେରିଟେଜ ସାଇଟ ବା ବିଶ୍ୱ ଐତିହ୍ୟ ସ୍ଥଳ ଭାବରେ ନାମିତ କରାଯାଇଛି ।

ସ୍ଥାନ ଅନୁପାତରେ ସୁନ୍ଦରବନରେ ମୁଖ୍ୟତଃ ବାଇନ, ଗେଉଁଆ, କକଡା, ସୁନ୍ଦରୀ, ହେନ୍ତାଳ, ଧୁନ୍ଦୁଲ, ପାସୁର, ଗୋଲପତା ଭଳ ବୃକ୍ଷ ମିଳେ । ଧନୀଘାସ ସୁନ୍ଦରବନର ସବୁଆଡେ ମିଳଥାଏ । ଏ ଜଙ୍ଗଲରୁ କାଠ, ଛପର ପାଇଁ ପତ୍ର, ଜାଳେଣୀ କାଠ, ମାଛ, କଙ୍କଡା,ଆଉ ମହୁ ବହୁପରିମାଣରେ ମିଳେ ।ସୁନ୍ଦରୀ, ବାଇନ, କେଉଡା, ପାସୁର, ଗେଉଁଆ ଆଦି ଗଛରୁ ଘର ତିଆରି କରିବା ସାମଗ୍ରୀ ମିଳଥାଏ । ଗୋରାନ, ହେନ୍ତାଳ, କକଡା ଆଦି ଗଛକୁ ଜାଳେଣିକାଠ ହିସାବରେ ବ୍ୟବହାର କରାଯାଏ । ମହୁ ସଂଗ୍ରହକାରୀମାନେ ଖୁଲସୀ, ଗୋରାନ, ବାଇନ, ଗେଉଁଆ, କେଉଡା ଗଛରେ ଲାଗିଥିବା ମହୁଫେଣାରୁ ମହୁ ସଂଗ୍ରହ କରିଥାନ୍ତି ।

ପାଣିରେ ଲୁଣା ଅଂଶ ନେଇ ଯାଗା ଯାଗାରେ ଗଛ ବଦଳଥାଏ । ସୁନ୍ଦରୀ ଗଛ କମ ଲୁଣା ଅଞ୍ଚଳ ଆଉ କମ କୂଳ ଖାଉଥିବା ଅଞ୍ଚଳରେ ଭଲ ବଢେ । ଅନ୍ୟ ପକ୍ଷରେ ଗୋରାନ ଭଳ ଗଛ ବେଶି ଲୁଣା ପାଣିକୁ ଆଉ ମଧମ ଧରଣର କୂଳ ଖାଉଥିବା ଅଞ୍ଚଳକୁ ପସନ୍ଦ କରେ । ଗେଉଁଆ ଭଳ ଗଛ କମରୁ ମଧମ ଧରଣର ଲୁଣା ଆଉ ମଧମ ଧରଣର କୂଳ ଖାଉଥିବା ଅଞ୍ଚଳ ପସନ୍ଦ କରେ ।

ଭାରତୟ ସୁନ୍ଦରବନରେ ଅନେକ ନଦୀ ପ୍ରବାହିତ ହେଉଛି । ରାଇମଙ୍ଗଳ ଆଉ ହରିଣଭଙ୍ଗା ହେଉଛି ଭାରତୀୟ ସୁନ୍ଦରବନର ପଶ୍ଚିମ ସୀମାନ୍ତ । ପୂର୍ବ ସୀମାନ୍ତରେ ମୁରିଗଙ୍ଗା ପ୍ରବହିତ

ହେଉଛି । ଭିତରେ ସପ୍ତମୁଖୀ, ଠାକୁରାଣୀ, ମାତଲା, ଗୋଆସାବା ଭଳି ବଡ଼ ନଦୀ ଅଛି । ଏସବୁ ନଦୀ ନିଜ ଭିତରେ ଅସଂଖ୍ୟ ନାଳ ଦ୍ଵାରା ଗୋଟିଏ ଆଉ ଗୋଟିଏ ସହ ସଂଯୁକ୍ତ ।

## ସୁନ୍ଦରବନର ନଦୀ



ହୁଗୁଳୀ- ଭାରତୀୟ ସୁନ୍ଦରବନର ଶେଷ ପଶ୍ଚିମ ଭାଗରେ ହୁଗୁଳୀ ନଦୀ ଅବସ୍ଥିତ ।

ମୁରିଗଙ୍ଗା- ହୁଗୁଳୀର ଏକ ଉପନଦୀ ହୁଗୁଳୀର ପଶ୍ଚିମକୁ ସାଗର ଦ୍ଵୀପର ପୂର୍ବ କୂଳରେ ପ୍ରବାହିତ ହେଉଛି । ସାଗର ଦ୍ଵୀପର ଲୁଣା ଜଙ୍ଗଲ ଟିକେ ଭିନ୍ନ ।

ସପ୍ତମୁଖୀ- ଏହି ନଦୀର ଉତ୍ପତ୍ତି ସୁଲତାନପୁରରେ । ଏହା ମୁରିଗଙ୍ଗା ସହ ପରେ ସଂଯୁକ୍ତ ହୋଇଛି ।

ଠାକୁରାନ- ଏହି ନଦୀ ଦକ୍ଷିଣ ଚବିଶ ପ୍ରଗଣାର ଜିଲ୍ଲାର ଜୟନଗରଠାରେ ଉତ୍ପତ୍ତି ହୋଇଛି। ଏହା ସପ୍ତମୁଖୀ ନଦୀ ସହ ଭିନ୍ନ ଭିନ୍ନ ସ୍ଥାନରେ ନାଳମାନଙ୍କ ଦ୍ଵାର ସଂଯୁକ୍ତ ।

ମାତଲା- ଏହିନଦୀ ବାଦ୍ୟାଧରୀ, ଖୁରତାୟା ଆଉ ରାମପୁରଖାଲର ମିଳନ ସ୍ଥଳରୁ ଆରମ୍ଭ ହୋଇଛି । ପରେ ମାତଲା ବିଦ୍ୟା ନଦୀ ସହ ମିଳଯାଇଛି ଓ ବଙ୍ଗୋପସାଗରକୁ ବୋହିଯାଇଛି । ଏହି ନଦୀକୁ ମିଠା ପାଣିର ପ୍ରବାହ ବନ୍ଦ ହୋଇଯାଇଛି ଆଉ ଏଥିରେ ଲୁଣା ଅଂଶ ବଢିଯାଇଛି । ଏହାର ପାଣି ହୁଗୁଳୀ ଆଉ ମୁରିଗଙ୍ଗାର ପାଣିଠାରୁ ଅଧିକ ଲୁଣିଆ ।

ବିଦ୍ୟାଧରୀ- ଏହା ୧୫ଶହ ଆଉ ୧୬ଶହ ଶତାବ୍ଦୀର ଭାଗିରଥି ନଦୀର ଏକ ପ୍ରମୁଖ ଶାଖାନଦୀ ଥିଲା । ଏହା ଏବେ କେବଳ କଲିକତା ସହରର ବନ୍ୟାଜଳକୁ ତଳକୁ ବୋହିନଏ । ଏହାର ଶର୍ଯ୍ୟା ଧିରେ ପୋତି ହୋଇଯାଉଛି ।

ଗୋଆସାବା- ମାତଲା ଆଉ ହରିଣଭଙ୍ଗାନଦୀର ପାଣି ଅନେକ ନାଳଦ୍ୱାରା ମିଶି ଗୋଆସାବା ନଦୀକୁ ଉତ୍ପନ୍ନ କରିଛି । ଏହି ନଦୀ ସୁନ୍ଦରବନ ଭିତରେ ଅନେକ ନାଳଦ୍ୱାରା ଅନ୍ୟ ନଦୀମାନଙ୍କ ସହ ସଂଯୁକ୍ତ ।

ହରିଣଭଙ୍ଗା- ଏହା ଭାରତୀୟ ସୁନ୍ଦରବନର ପୂର୍ବତମ ନଦୀ । ତାପରେ ବାଙ୍ଗଲାଦେଶର ସୀମାନ୍ତ ଆରମ୍ଭ । ଏହାକୁ କେଉଁଠି କେଉଁଠି ଇଛାମତି ବା ରାଇମଙ୍ଗଳବୋଲି କୁହାଯାଏ ।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

# ନୂତନ ବର୍ଷ



ଡ. ପ୍ରସନ୍ନ କୁମାର ବଳ

ନୂଆ ବରଷରେ ନୂଆ ଅନୁଭୂତି ଆଣୁ ମନେ ଶିହରଣ
ପୁରୁଣା ବର୍ଷର ଦୁଃଖ ଅନୁଭୂତି ପାଶୋରୀ ଯାଉ ଏ ମନ ।୧।
ଜୀବନ କାଳରେ ଏଇ ପରିସ୍ଥିତି ଦେଉଛି ଅନେକ ଦୁଃଖ,
ଚାକରୀ ତ ଗଲା, ବେପାର ବୁଡିଲା, ଜୀବନ ବି ହେଲା ଶେଷ ।୨।
କୋଟି କୋଟି ଲୋକ ଆକ୍ରାନ୍ତ ହେଲେ ଭୂତାଣୁର କବଳରେ,
ଲକ୍ଷ ଲକ୍ଷ ଲୋକ ଜୀବନ ହାରିଲେ ସମୟର କାଳବଳେ ।୩।
ଭୁଲିବାକୁ ଆମେ ଚେଷ୍ଟା ତ କରିବା ଦୁଃସ୍ୱପ୍ନ ଭଳି ଏହା,
ତେବେ ଯାଇ ଆମେ ଆଗେଇ ପାରିବା ଅନ୍ୟକୁ ତ ହେବା ସାହା ।୪।
ମନକୁ ଆମର ଦେବାନ ତ କେବେ ନିରାଶାର ସେ ଇଙ୍ଗିତ,
ସତେଜ ମନରେ, ଉତ୍ସାହ ଭାବରେ ହେବ କାମ ସମାହିତ ।୫।
କେତେ ସ୍ୱପ୍ନ ନେଇ ଆଗେଇବା ଆମେ ଆମକୁ ତ ହିଁ ସେ ଜଣା,
ସେହି ହିସାବରେ ଚେଷ୍ଟା ତ କରିବା ନ ହୋଇ ତ ବାଟ ବଣା ।୬।
ସମୟ ତାଳରେ ଆଗେଇବା ଆମେ, ପଛକୁ ଚାହିଁବା ନାହିଁ,
ଚଳନ୍ତୀ ନଦୀର ଗତିପଥ କେବେ ପଛକୁ ତ ଫେରେ ନାହିଁ ।୭।
ଜୀବନ ଚକ୍ରର ଏ ଏକ ପର୍ଯ୍ୟାୟ ମାନ ନେବାକୁ ହିଁ ହେବ,
ଏହି ପରିସ୍ଥିତି କେତେ ଯେ ଆସିବ, ପୁଣି ଚାଲି ଯାଇଥିବ ।୮।
ପଛ ତ ଯାଇଛି, ଆଗକୁ ଦେଖନ୍ତୁ, ବର୍ତ୍ତମାନ ଆମ ସାଥି,
ସତ ବିନିଯୋଗ କରିତ ପାରିଲେ ପାଇବୁ ଅନେକ ଶାନ୍ତି ।୯।
ସଂସାର ମଧ୍ୟରେ ଘର ତ କରିଲେ, ପଥର ପଡିଲେ ସହି,
ତାକୁ ସଜ୍ୟ କରି ଯେ ଯାଏ ଆଗକୁ ରାଜ କରେ ଏହି ମହି ।୧୦।
ନୂତନ ବର୍ଷ ହିଁ ଆଣି ଦେଉ ମନେ ଉତ୍ସାହ ଓ ଉଦ୍ଦିପନା,
କାମ କରିବାର ସୁଯୋଗ ହିଁ ମିଳୁ ନ କରି କଛି ବାହାନା ।୧୧।

କଳ କାରଖାନା ଖୋଲି ଯାଉ ସବୁ, ଖୋଲୁ ବ୍ୟବସାୟ ସ୍ଥଳ,
କର୍ମ କରି ସବୁ ରୋଜଗାର କରି ଫେରିବେ ଗନ୍ତବ୍ୟ ସ୍ଥଳ ।୧୨ ।
ଗୃହକରୀ ଯାଗାରେ ସୃଷ୍ଟି ହେଉ ପୁଣି ନୂତନ କର୍ମ ସୁଯୋଗ,
ଶିକ୍ଷିତ ଯୁବକ ନିୟୋଜିତ ହେବେ ନ ହୋଇ ପୁଣି ନିରାଶ ।୧୩ ।
ଶିକ୍ଷାନୁଷ୍ଠାନ ତ ଖୋଲିଯାଉ ପୁଣି ଚାଲୁ ହେଉ ପାଠ ପଢା,
କେତେବା ବସିବେ, ପିଲାମାନେ ସବୁ ହେଲେଣି ତ ବାଟବଣା ।୧୪ ।
ମନ୍ଦିର ସବୁ ତ ଧିରେ ଧିରେ ପୁଣି ଖୋଲିବାକୁ ସବୁ ଚାହୁଁ,
ଭକ୍ତର ଆବେଗ ଶୁଣ ମହାପ୍ରଭୁ ଦେଖାଦିଅ ମହାବାହୁ ।୧୫ ।
ପୁରୁଣା କଥାକୁ ବେଶି ଚିନ୍ତା କରି କିଛି ଲାଭ ଆଉ ନାହିଁ,
ଯେ ପରି ଆସିବ ସେପରି ସେ ଯିବ କାହାରି କର୍ତ୍ତୃତ୍ୱ ନାହିଁ ।୧୬ ।
ଏତିକ ଆମେ ତ କରିତ ପାରିବା ନ ହୋଇ କିଛି ନିରାଶ,
ଯାହା ବି ଆସିବ, ସମ୍ମୁଖୀନ ହେବା ନହୋଇ ଆମେ ହତାଶ ।୧୭ ।
ନୂଆ ବରଷର ନୂଆ ଅନୁଭୂତି ଦିଅ ପ୍ରଭୁ ନାରାୟଣ,
ସୁଖ ଓ ହସରେ ସମୟ ହିଁ କଟୁ ହେଉ ଜନ ଜାଗରଣ ।୧୮ ।
ତୁମେ ହିଁ ସ୍ରଷ୍ଟା ପାଳନ କର୍ତ୍ତା, ତୁମେ ତ ବିଧ୍ୱସଂକାରୀ,
ତୁମରି ଆଶିଷ କାମନା ଆମର ଆହେ ପ୍ରଭୁ ନରହରୀ ।୧୯ ।
ଶେଷରେ ଆମର ଏତିକ ଗୁହାରୀ ଆହେ ଜଗତ ଗୋସାଇଁ,
ତୁମରି ଇଚ୍ଛାକୁ ପୁରଣ ହିଁ କର ଜଗତ ମଙ୍ଗଳ ପାଇଁ ।୨୦ ।

ଉପ ମହାପ୍ରବନ୍ଧକ,
ପଞ୍ଜାବ ନେସନାଲ୍ ବ୍ୟାଙ୍କ, କୋଲକତା

# ରାଇ ଦାମୋଦର



ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ

ତୋ ପରି ପ୍ରେମିକ ରସରାଜ କେହି
ଅଛିକି ସଂସାରେ ଆଉ କେଉଁଠି
ଆତ୍ମାରେ ଯିଏ ନିତ୍ୟ ରାସକରେ
ପଡିଯାଇଥାଏ ପ୍ରେମର ଗଣ୍ଠି ।
ଗୋପ କି ମଥୁରା ଅବା ବୃନ୍ଦାବନ
ଅଥବା ଦ୍ୱାରିକା ନଗ୍ରରେ ଥିଲେ
ହୃଦୟ ସହିତ ନିତ୍ୟ ଲୀଳା ରଚ
ଯାଇ କି ପାରିବ ହୃଦଠୁ ଦୂରେ !
ଦେହ ଆମ ଦୁଇ ଆତ୍ମା କିନ୍ତୁ ଏକ
ରାଧିକାର ତୁମେ ଜୀବନ ଧନ
ହାତେ ଧରାଇଲ ମୋହନ ବଂଶୀ
ଓଠରେ ବାଇଲ ମଧୁର ସ୍ୱନ ।
ଦୋଚାରୁଣୀ କହି ଶାଶୁ ଓ ନଣନ୍ଦ
ମୋ ନାମରେ ଯେତେ ଦୁର୍ଛନା ଦେଲେ
ମନ ତ ଗୋଟିଏ ଦେଇ ଦେଲ୍ ପରେ
ଯିଏ ଯାହା କହୁ ଶୁଣିନି କାନେ ।
ସତ୍ୟଭାମା ଆଉ ରୁକ୍ମିଣୀ ରାଣୀ
ରାଣୀ ଜାମ୍ବବତୀ ବିବାହ କଲ
ସାରା ସଂସାରରେ ସବୁ ଦିନ ଲାଗି
ରାଧାକୃଷ୍ଣ ନାମେ ନାମିତ ହେଲ ।
ମୋ ମନ କାନନ ନିତ୍ୟ ବୃନ୍ଦାବନ
ନିତ୍ୟ ରାସ ଚାଲିଥାଏ ସେଠାରେ

ତୁମଠୁ ଆରମ୍ଭ ମୋ ବେଦ ବେଦାନ୍ତ
ସବୁ ଭାବନାର ନିର୍ଯ୍ୟାସ ତୁମେ ।
ସାରା ଜୀବନର ପରୀକ୍ଷା ଅପେକ୍ଷା
ଶେଷ ହେଲା ସବୁ ପ୍ରଭାସ ତୀର୍ଥେ
କଣା ମାଠିଆରେ ଆଣିଲି ମୁଁ ଜଳ
(ତୁମ)ଯଜ୍ଞ ସମାପନ କରିବା ଅର୍ଥେ ।
ଦେଖୁଥିଲେ ତୁମ ତିନି ପାଟରାଣୀ
ଦେହାତୀତ ଆମ ପ୍ରେମ ବେଭାର
ତୁମ କୋଳେ ଲୋଟି ଜୀବନ ଦେଲି ମୁଁ
ନାମ ହେଲା ଆମ ରାଇ-ଦାମୋଦର ।
ଶିକ୍ତ ହେଲା ମୋ ରିକ୍ତ ହୃଦୟ
ଆତ୍ମା ମିଶିଲା ଆତ୍ମା ସାଥିରେ
ଅଚେତନ ସଚେତନେ ମିଳିଗଲା
ନଦୀ ମିଶିଗଲା ସାଗର ଧାରେ ।

ପ୍ଲଟ ନ. ୪୭୧୯/୨୧, ପୋଖରୀପୁଟ ଭିଲେଜ
ପୋ. ଚନ୍ଦ୍ରଶେଖର ପୁର, ଭୁବନେଶ୍ୱର – ୭୫୧୦୧୬

# ନାମରୂପ



ସୁବାସ ଚନ୍ଦ୍ର ମୁଦୁଲି

ନାମ ଜଗନ୍ନାଥ ସିନା
ରୂପରେ ଦେଖିଲି ନାହିଁ
ରତନ ବେଦିରେ ନାରାୟଣ ହେଲୁ
ରଥରେ ବାମନ ତୁହି
ସ୍ନାନ ମଣ୍ଡପର ମଞ୍ଚରେ ଦେଖିଲି
ତୋ ମଧୁସୂଦନ ରୂପ
ଦୋଳ ମଣ୍ଡପରେ ଦୋଳଗୋବିନ୍ଦ ତୁ
ନବ କଳେବରରେ ରୁଦ୍ର
ଖୋଜିଖୋଜି ମୁଁ ତୋ ନାମ ପାଇଲି
ପଟା ପାଉତିରେ ଯାଇ
ଶ୍ରୀମନ୍ଦିର ପର୍ ଲକ୍ଷ୍ମୀଙ୍କ ସମ୍ପତ୍ତି
କେମିତି ନେଇଛୁ ତୁହି
ତଥାପି -
ତୋ ନାମ ରୂପକୁ ଭକତିରେ ଭରି
ସଦା ଭଜୁଥିବି ମୁହିଁ ॥

ପ୍ରାକ୍ତନ ବରିଷ୍ଠ ପ୍ରୟୋଗଶାଳା ପ୍ରାଯୁକ୍ତିକ
ଜିଲ୍ଲା ମୁଖ୍ୟ ଚକ୍ଷୁଳାଳୟ, ସମ୍ବଲପୁର

# ମୃତ୍ୟୁ



ସରୋଜ ଲକ୍ଷ୍ମୀ ମହାନ୍ତି

ମାଟି ମଟାଳ ର ନିଛକ ସତ
ମଉନ ମଉଳା ଫୁଲ
ମୃତ୍ୟୁ ଗୋ ତୁମେ କାହିଁକି ଯେ ଆସ
ବିନା ନିମନ୍ତ୍ରଣେ କୁହ

ଛୋଟ ଇଛା  ଆଉ କୈଫତ ମାଗୁନି
ଆବେଗ ହେଉନି ଛନ୍ଦି
ନିବେଦନ ନାହିଁ ନିଦାଘ ଝାଞ୍ଜି ରେ
ତାତି ଜଳଉନି  ଦେହ

ରାତ୍ରି ଅପେକ୍ଷା ରେ ସଞ୍ଜବତୀ  ଜାଳେ
ଗୋଧୂଳି ଲୁଣିଆ ଲୁହ
ବର୍ଷା ଛିଟା ଆଉ ଶିହରଉ ନାହିଁ
ନାହିଁ ଭିଜାମାଟି କୋହ

ଡାଆଣିଆ ଖର୍ ଚମକଉ ନାହିଁ
ସ୍ମୃତି ନିଷିଦ୍ଧ  ଇଲାକା
କୁଞ୍ଜ  ପରବତେ ଶୁଭୁ ନାହିଁ ଆଉ
ଡାମର୍ କାଉ ର ଡାକ

ପ୍ରୀୟ ଶବ୍ଦଯେ  ପ୍ରହେଳିକା ଆଜି
ନିହାତି ଏକାନ୍ତ ଏକା

ପାପ ଗ୍ରେମନ୍ଥନେ ପୁଣ୍ୟ ଜଳାଏ
କମ୍ପିତ  ଦୀପଶିଖା

ନିଶବ୍ଦ ସ୍ରୋତ ରେ ସମୟ ଗ୍ଭଲିଛି
ଅମଡା ବାଟର ପଥେ
ମିଛ ପାହାଡ ରେ ସତ କୁ ଖୋଜୁଛି
ମାୟା କୁଝ୍ଝଟିକା ସାଥେ

ମୃଗତୃଷ୍ଣା ଖାଲି ସାହାର୍ା ମରୁରେ
ଫେରିବାର ବାଟ ନାହିଁ
ସବୁ ଜାଣିବାର ବେଳ ସରିଗଲେ
ଫେରିଯିବା ଏକା ହୋଇ ।

**271/3,** ଏ.ଭି. ରେସିଡେନ୍ସି,
ପୋ-କଟ୍, ଭୁବନେଶ୍ୱର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ଯ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ମାନବିକ ଅଧିକାର ଓ ବିଶ୍ୱ ଶାନ୍ତିପାଇଁ ଏହାର ପ୍ରୟୋଜନତା



ରାଜକିଶୋର ସାଇଁ

ସମାଜରେ ମାନବ ସମ୍ବଳର ଉପଯୁକ୍ତ ବିକାଶ ଓ ବ୍ୟବହାରକରଣ ପାଇଁ ଶାନ୍ତି ଏକାନ୍ତ ଆବଶ୍ୟକ । ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସମଗ୍ର ମାନବ ସମାଜ ଶାନ୍ତି ଓ ଆନନ୍ଦ ପାଇଁ ବ୍ୟଗ୍ର । ଶାନ୍ତି ଓ ଆନନ୍ଦ ବିନା ଜୀବନର ରଙ୍ଗ ଅସ୍ପଷ୍ଟ । ଶାନ୍ତି ଓ ସଦ୍ଭାବନା ଉତ୍କୃଷ୍ଟ ସମାଜର ପ୍ରଚଳିତ ଧାରାର ଦୁଇଟି କଳକା ସଦୃଶ । ସମଗ୍ର ମନବ ଜାତିକୁ ଶାନ୍ତି ଓ ଆନନ୍ଦର ମାର୍ଗଦର୍ଶନ ହିଁ ମାନବୀୟ ଧର୍ମ । ମାନବବାଦର ପ୍ରତିଷ୍ଠା ହିଁ ମାନବିକ ଅଧିକାରର ମୂଳମନ୍ତ୍ର ।

ମାନବଜାତିର ଇତିହାସର ପୃଷ୍ଠା ଉନ୍ମୋଚନ କଲେ ଜଣାଯାଏ ପ୍ରଥମେ ମହାବୀର ଜୈନ, ଦ୍ୱିତୀୟରେ ତଥାଗତ ବୁଦ୍ଧ ଓ ତା ପରେ ଜାତିର ଜନକ ମହାତ୍ମାଗାନ୍ଧୀ ଦେଶ ବିଦେଶରେ ଶାନ୍ତି ଓ ଅହିଂସାର ବାଣୀ ପ୍ରଚାର କରି ମାନବବାଦର ବୀଜ ବପନ କରିଥିଲେ । ସେମାନଙ୍କ ତତ୍ତ୍ୱ ହେଲା ହିଂସା ଦ୍ୱାରା ହିଂସାକୁ ପ୍ରତିହତ କରାଯାଇ ପାରିବ ନାହିଁ । ହିଂସା ମଣିଷକୁ, ମାନବ ସମାଜକୁ ଧ୍ୱଂସର ଅତଳ ଗର୍ଭକୁ ଠେଲି ଦେଇଥାଏ । ଏହା ସର୍ବଜନ ସ୍ୱୀକୃତ । ନିଆଁରେ ଘିଅ ଢାଳିଲେ, ତାହା ଅଧିକ ପ୍ରଜ୍ୱୋଳିତ ହେବ ସିନା, ନିର୍ବାପିତ ହେବନାହିଁ । ତେଣୁ ଏକ ସଭ୍ୟ, ଶିକ୍ଷିତ, ଉନ୍ନତମାନର ସମାଜ ଗଠନ ଲାଗି ମାନବିକ ଅଧିକାର ପ୍ରସଙ୍ଗ ନିତ୍ୟାନ୍ତ ଜରୁରୀ ।

ମାନବିକ ଅଧିକାର ମାନବବାଦର ମଙ୍ଗଳ ଗୀତି । ଏକ ଅଭିଳଷିତ ମାନବବାଦୀ ଦୃଷ୍ଟିକୋଣ । ଉତ୍ତମ ନାଗରିକ ଗଠନ ପାଇଁ ଏକ ଅପରିହାର୍ଯ୍ୟ ଅଙ୍ଗ । ସକଳ ଭେଦଭାବ

ବିରୁଦ୍ଧରେ ଏକ ସୁଚନ୍ତିତ ପଦକ୍ଷେପ । ଜୀବନର ସୁରକ୍ଷା ପାଇଁ ବ୍ୟକ୍ତିର ବ୍ୟକ୍ତିତ୍ୱ ର ବିକାଶ ପଇଁ ତଥା ସଂଘତି ପ୍ରତିଷ୍ଠା ନମିତ୍ତ ଏକ ସର୍ବକାଳନ ପ୍ରୟୋଜନତା । ରାଷ୍ଟ୍ରର କ୍ଷମତା ଓ ବ୍ୟକ୍ତିର ସ୍ୱାଧୀନତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବାର ଏକ ବଳଷ୍ଠ ମାଧ୍ୟମ । ମନବିକ ମୂଲ୍ୟବୋଧ ପ୍ରତି ସମ୍ମାନ, ଶୋଷଣମୁକ୍ତ ଏକ ଆଲୋକିତ ସମାଜ ଗଠନ, ଶାନ୍ତି ଓ ସନ୍ତୋଷ ନମିତ୍ତ ଅନୁକୂଳ ପରିବେଶ ସୃଷ୍ଟି ଓ ମାନବର ଅନ୍ତର୍ନିହିତ ପ୍ରତିଭାର ଯଥାର୍ଥ ବିକାଶ ନମିତ୍ତ ଏକ ନର୍ଭରଯୋଗ୍ୟ ପ୍ରତିଶୃତି । ସମ୍ବିଧାନ ପ୍ରଦତ୍ତ ତଥା ରାଷ୍ଟ୍ର ଦ୍ୱାରା ସ୍ୱୀକୃତି ଲାଭ କରିଥିବା ମଣିଷ ନମିତ୍ତ କେତେକ ସୁବିଧା ସୁଯୋଗ । ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃ ତି କ ଅଧିକାରକୁ ନେଇ ଏହାର ପରିସର ବ୍ୟାପ୍ତ ।

ସାଧାରଣତଃ ମାନବିକ ଅଧିକାର ଗୁଡିକ ଦେଶର ସମ୍ବିଧାନ ଦ୍ୱାରା, ବିଭିନ୍ନ ଆଇନ କାନୁନ୍ ଦ୍ୱାରା ସରକାର ବା ସମାଜ ଦ୍ୱାରା ପ୍ରତିଶୃତି ଆକାରରେ ଦିଆଯାଇଥାଏ । ସମାଜରେ ଶାନ୍ତି ଓ ସଦ୍ଭାବନା ପ୍ରତିଷ୍ଠା, ଉନ୍ନତମାନର ସମାଜ ଗଠନ ଓ ଜୀବନ ଧାରଣ ନମିତ୍ତ ଏହାର ବିଶେଷ ଆବଶ୍ୟକତା ରହିଛି । ଅନ୍ୟ ଦିଗରେ ଏଗୁଡିକ କୌଣସି ବ୍ୟକ୍ତିଙ୍କ ଦ୍ୱାରା, ଗୋଷ୍ଠୀ ବା ସଂଗଠନ ବା ରାଷ୍ଟ୍ର ଦ୍ୱାରା ଭଙ୍ଗ କରାଯାଇଥାଏ ।

ବିଶ୍ୱଯୁଦ୍ଧର ଅମାନୁଷିକ ଅତ୍ୟାଚାର, ଅଭିଷିକା ଓ ଧ୍ୱଂସର ତାଣ୍ଡବ ସମଗ୍ର ବିଶ୍ୱବାସୀଙ୍କ ବିବେକ ଓ ଚନ୍ତା ଚେତନାକୁ ଆନ୍ଦୋଳକ କରି ଏକ ନୂତନ ପରିବର୍ତ୍ତନର ଆଶା ସଂଚାର କରିଥିଲା । ସମଗ୍ର ବିଶ୍ୱର ରାଷ୍ଟ୍ର ସମୂହ ଶାନ୍ତି ଓ ମୈତ୍ରୀର ପ୍ରତିଷ୍ଠା ନମନ୍ତେ, ମାନବିକ ଅଧିକାରର ସୁରକ୍ଷା ପାଇଁ ବଦ୍ଧ ପରିକର ହେଲେ । ୧୯୪୮ ମସିହା ଡିସେମ୍ବର ୧୦ ତାରିଖ ଦିନ ମନବିକ ଅଧିକାରର ସାର୍ବଜନୀନ ଘୋଷଣା ପତ୍ର (ବିଶ୍ୱ ଘୋଷଣାନାମା) ଉଦଘୋଷିତ କରିଥିଲେ । ଏହି ଦିବସଟି ମନବ ଇତିହାସର ଏକ ଅବିସ୍ମରଣୀୟ ଘଟଣା । ସେହିଦିନଠାରୁ ପ୍ରତିବର୍ଷ ଡିସେମ୍ବର ଦଶ ତାରିଖକୁ ବିଶ୍ୱ ସ୍ତରରେ ମାନବିକ ଅଧିକାର ଦିବସ ରୂପେ ପାଳନ କରାଯାଉଛି । ଏହି ଘୋଷଣାନାମା ବିଶ୍ୱରେ ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା ପାଇଁ ବିଶ୍ୱ ଯୁଦ୍ଧର ବିଭତ୍ସ ଓ ଭୟାବହ ଲେଲିହାନ ଶିଖାରୁ ଜନ୍ମ ଲାଭ କରିଥିଲା ।

ଉକ୍ତ ଘୋଷଣାନାମା ଦ୍ୱାରା ମଣିଷର ଅନ୍ତର୍ନିହିତ ବ୍ୟକ୍ତିତ୍ୱର ବିକାଶ, ବାକ୍ ସ୍ୱାଧୀନତା, ଭୟ ବା ଅଭାବରୁ ମୁକ୍ତି, ଉତପୀଡନ ଓ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ ପାଇଁ ଆଇନର ଶାସନ, ସ୍ତ୍ରୀ ଓ ପୁରୁଷର ସମାନ ଅଧିକାର, ସାମାଜିକ ଉନ୍ନତି ସହିତ ଉନ୍ନତମାନର ଜୀବନ ଧାରଣ, ପ୍ରତ୍ୟେକ ବ୍ୟକ୍ତିର ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଭାଷା, ଦେଶ ବା ସମାଜର ଭିନ୍ନତା, ସମ୍ପତ୍ତି ବା ଜନ୍ମସ୍ଥାନର ଭିନ୍ନତା ଇତ୍ୟାଦି ଥିଲେ ସୁଦ୍ଧ ମାନବିକ ଅଧିକାର ପାଇଁ ସମସ୍ତଙ୍କର ସମାନ ଅଧିକାର ରହିବା ଦରକାର ବୋଲି ସ୍ୱୀକୃତି ଦିଆଗଲା ।

କିନ୍ତୁ ବଡ ଦୁଃଖ, କ୍ଷୋଭ ଓ ପରିତାପର ବିଷୟ ଆଇ.ଏସ୍.ଆଇ.ଏସ୍. ଆତଙ୍କବାଦୀ ସଂଗଠନ ଦ୍ୱାରା ପ୍ରତ୍ୟହ ନର ସଂହାର, କାଶ୍ମୀରରେ ପାକିସ୍ଥାନ ପ୍ରରୋଚିତ ଆତଙ୍କବାଦୀଙ୍କ ଦ୍ୱାରା ଶହଶହ ନିରୀହ ଲୋକଙ୍କ ନିର୍ମମ ହତ୍ୟା, ଆମେରୀକା ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଅଲକାଏଦା ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିବା ଧ୍ୱଂସର ତାଣ୍ଡବଲୀଳା, ଆମ ଦେଶର ମାଓବାଦୀଙ୍କ ଦ୍ୱାରା ସଂଗଠିତ ହେଉଥିବା ନରସଂହାର, ୨୦୧୭ ମସିହା ମେ ୨୨ ତାରିଖରେ ଆତଙ୍କବାଦୀ ସାଲମେନ ଆବେଦୀଙ୍କ ଦ୍ୱାରା ଲଣ୍ଡନର ମାଞ୍ଚେଷ୍ଟର ଏରିନାରେ ହୋଇଥିବା ୨୨ ଜଣଙ୍କର ନିର୍ମମ ହତ୍ୟା, ୨୦୧୭ ମସିହା ଅକ୍ଟୋବର ଏକ ତାରିଖରେ ଆମେରିକାର ଲାସ ଭେଗାସଠାରେ ଆତଙ୍କବାଦୀଙ୍କ ଦ୍ୱାରା ୫୯ ଜଣଙ୍କର ନିର୍ମମ ହତ୍ୟା ଓ ୫୨୭ ଜଣଙ୍କ ଆହତ କରିବା ଘଟଣା ମାନବିକ ଅଧିକାରକୁ ସଂପୂର୍ଣ୍ଣରୂପେ ଉଲଘ୍ନ କରୁଛି । ଏହା ଆମ ମାନବିକତାର ଏକ ପୂର୍ଣ୍ଣାଙ୍ଗ କଳଙ୍କ । ଏହା ପ୍ରତ୍ୟେକ ବ୍ୟକ୍ତିର ଜୀବନମାର୍ଗକୁ ଅତିମାତ୍ରାରେ ପ୍ରଭାବିତ କରି ତା ମନରେ ଭୀତି ସଞ୍ଚାର କରୁଛି ।

ଏବେ ପୃଥିବୀ ପୃଷ୍ଠରେ ମଣିଷ ହିଁ ବିଶ୍ୱ ବ୍ରହ୍ମାଣ୍ଡର ବୁଦ୍ଧିମନ୍ତ ଶ୍ରେଷ୍ଠ ଜୀବ । ମାତ୍ର ବଡ କ୍ଷୋଭର ବିଷୟ ମଣିଷ ଯେତେ ସଭ୍ୟ ହେଉଛି ବା ଆଧୁନିକ ହେଉଛି, ମାନବିକ ଅଧିକାର ଉଲ୍ଲଙ୍ଘନ ସେତେ ମାତ୍ରାରେ ବଢି ବଢି ଚାଲିଛି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉନ୍ନତି ଘଟାଇ ଆମେ ଜୀବନକୁ ଅତି ସରଳ ଓ ସହଜ କରୁଥିବା ବେଳେ ଅପର ପକ୍ଷରେ ଏହା ଦୁରୁପଯୋଗ କରି ଅନ୍ୟକୁ କଷ୍ଟ ଓ ଯନ୍ତ୍ରଣା ଦେଇ ଆନନ୍ଦିତ ହୋଇଥାଉ । କୌଣସି ମହିଳାର ଅଶ୍ଳୀଳ ଭାଇରାଲ ଭିଡିଓ ଓ ଛବି ସାମାଜିକ ଗଣମାଧମ ଦ୍ୱାରା ପ୍ରେରିତ କରି, ତାର ସାମାଜିକ ପ୍ରତିଷ୍ଠା ବା ମର୍ଯ୍ୟାଦାରେ କୁଠାରଘାତ କରିଥାଉ । ଏପରିକି ବହୁ

ସମୟରେ ଉକ୍ତ ଝିଅ ବା ମହିଳାଙ୍କୁ ଆତ୍ମହତ୍ୟା କରିବାକୁ ବାଧ କରିଥାଉ । ନିର୍ଯ୍ୟାତନା ମାନବିକ ଅଧିକାର ଉଲ୍ଲଘଂନର ସବୁଠାରୁ କଳଙ୍କିତ ଅଧ୍ୟାୟ । ମହିଳା ଓ ଶିଶୁମାନଙ୍କ ଉପରେ ଦିନକୁ ଦିନ ନିର୍ଯ୍ୟାତନା ବଢି ଚାଲିଥିଲା ବେଳେ, ଦଳିତ ଓ ଆଦିବାସୀ ବି ଏଥିରୁ ବାଦ ପଡୁନାହାଁନ୍ତି । ଏସିଡ ଆକ୍ରମଣ ମହିଳା ବିରୋଧୀ ହିଂସାର ଆଉ ଏକ ନଗ୍ନ ନମୁନା । ହାଜତ ମୃତ୍ୟୁ ଓ ମିଥ୍ୟା ଏନକାଉଣ୍ଟର ସଭ୍ୟ ସମାଜରେ କଳଙ୍କିତ ଘଟଣା କହିଲେ ଅତ୍ୟୁକ୍ତି ହେବନାହିଁ ।

ନିକଟରେ ପୁରୀ ଓ ବିରମିତ୍ରପୁର ହାଜତ ମୃତ୍ୟୁ ମାମଲା ଆମ ରାଜ୍ୟରେ ବେଶ୍ ଚହଳ ସୃଷ୍ଟି କରିଛି । ଥାନା ହାଜତ ଓ ଅନ୍ୟ ତଦନ୍ତକାରୀ କାର୍ଯ୍ୟାଳୟ ଗୁଡିକରେ ଅଭିଯୁକ୍ତିମାନଙ୍କର ନିର୍ଯ୍ୟାତନା ଏବଂ ମୃତ୍ୟୁ ଘଟଣା ଆମ ଦେଶରେ ବୃଦ୍ଧି ପାଉଛି । ଅନେକ କ୍ଷେତ୍ରରେ ଏହାକୁ ସ୍ୱାଭାବିକ ମୃତ୍ୟୁର ରୂପ ଦିଆଯାଉଥିବାରୁ ସବୁ ହାଜତ ମୃତ୍ୟୁ ଘଟଣା ଲୋକ ଲୋଚନକୁ ଆସିପାରୁନାହିଁ । ସେ ସବୁକୁ ପୁଲିସ୍ ଚପାଇ ଦେବାରେ ସଫଳ ହେଉଛି । କୌଣସି କାରଣରୁ ଜଣା ପଡିଯାଉଥିବା ବା ହାଜତ ମୃତ୍ୟୁ ଅଭିଯୋଗ ଆସୁଥିବା ମାମଲା ଗୁଡିକରେ ପୁଲିସ ବିରୁଦ୍ଧରେ ପ୍ରମାଣ ମିଳୁନାହିଁ । ତେଣୁ ଏପରି ହାଜତ ମୃତ୍ୟୁ ମାମଲାରେ ଅଭିଯୁକ୍ତ ପୁଲିସ ଅଧିକାରୀଙ୍କ ଉପରେ ଖୁବ୍ କମ୍ ଦଣ୍ଡାଦେଶ ହେଉଛି । ପରିଣାମ ସ୍ୱରୂପ ଏହି ବେଆଇନ୍ ଓ ଅମାନବୀୟ କାର୍ଯ୍ୟ ବନ୍ଦ ହୋଇପାରୁନାହିଁ । ଯେଉଁମାନେ ଆଇନ୍ ର ରକ୍ଷକ ସେମାନେ ଆଇନ୍ ଭାଙ୍ଗିବା ଦ୍ୱାରା ତାହା ଜନ ସାଧାରଣ ଓ ଆଇନ ଶୃଙ୍ଖଳା ପ୍ରତି ବିପଦ ସୃଷ୍ଟି କରି ଚାଲିଛି ।

ବହୁ ସମୟରେ ଆମେ ଦେଖିବାକୁ ପାଉଛେ ମାନବିକ ଅଧିକାର ବହୁ ମାତ୍ରାରେ ଉଲ୍ଲଘଂନ ହେଉଛି ଯେଉଁଥିରେ ବ୍ୟକ୍ତି, ସମାଜ ଓ ରାଷ୍ଟ୍ରର ପ୍ରତ୍ୟେକ ବା ପରୋକ୍ଷ ଭୂମିକା ରହିଛି । ସ୍ୱେଚ୍ଛାଚାରିତା, ଅହଂଭାବ, ଆଇନ ଓ ନୀତି ନିୟମକୁ ବେଖାତିର, ସାମନ୍ତବାଦୀ ଚନ୍ତାଧା ବା ଶାସିତ କରିବାର ମନୋବୃତ୍ତି ହିଁ ମାନବିକ ଅଧିକାର ଉଲ୍ଲଘଂନ କରିବାର ପ୍ରମୁଖ କାରଣ ଅଟେ । ଜଣେ ସାଧାରଣ ବ୍ୟକ୍ତି ଦ୍ୱାରା ଆଇନ୍ ଅମାନ୍ୟ ଯେମିତି ବଡ ଘଟଣା ନୁହେଁ, ଜଣେ ଆଇନ ସୁରକ୍ଷା ବା ଶାସନ ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ ବା ରାଷ୍ଟ୍ର ଦ୍ୱାରା ମାନବିକ

ଅଧିକାର ଉଲ୍ଲଘଂନ ଖୁବ୍ ଗୁରୁତ୍ୱ ବହନ କରେ । ମାନବିକ ଅଧିକାର ଉଲ୍ଲଘଂନ ହେଉଥିବା ବ୍ୟକ୍ତିକୁ ତ୍ୱରିତ ନ୍ୟାୟ ନ ମିଳଲେ ତାହା ମଧ ମାନବିକ ଅଧିକାର ଉଲ୍ଲଘଂନ ଅଟେ ।

ମଣିଷ ଜୀବନ ଏକ ଅତି ମୂଲ୍ୟବାନ ସମ୍ପଦ । ଏହାକୁ ଡର, ଭୟ, ଶୋଷଣ ବା ଅତ୍ୟାଚ୍ଚର ବିରୁଦ୍ଧରେ, କୁଶାସନ କମ୍ବା କୁସଂସ୍କାର ବିରୁଦ୍ଧରେ ବଞ୍ଚାଇ ରଖିବା, ସଂଘର୍ଷ କରିବା ପାଇଁ ପ୍ରେରଣା ଦେବା ହିଁ ମାନବିକ ଅଧିକାର ସୁରକ୍ଷାର ମୂଳମନ୍ତ୍ର । ଏହା ନାରୀ ମାନଙ୍କ କ୍ଷେତ୍ରରେ ହେଉ, ନାବାଳକ ଶିଶୁମାନଙ୍କ କ୍ଷେତ୍ରରେ ହେଉ କମ୍ବା ଦୁର୍ବଳ ଅର୍କମଣ୍ୟ, ଦାଦନ ଶ୍ରମିକ, ବିକଳାଙ୍ଗ କମ୍ବା ବୟସ୍କ ଲୋକମାନଙ୍କ ପାଇଁ ହେଉ, ଏଭଳ ଅନ୍ୟାୟ ଅତ୍ୟାଚ୍ଚର, ଶୋଷଣ ସଦା ସର୍ବଦା ନନ୍ଦନୀୟ ।

ଏଭଳ ଅକଥନୀୟ ଦମନଲୀଳାକୁ ପ୍ରତିରୋଧ କରିବାପାଇଁ ଦରକାର ଏ ଦିଗରେ ସଚେତନତା । ଏକ ସଦା ସର୍ବଦା ଜାଗ୍ରତ ପ୍ରହରି ଭଳ ଅନବରତ ଯଦି ଏଭଳ ତାଣ୍ଡବ ଲୀଳାକୁ ପ୍ରତିରୋଧ କରାଯାଏ, ତେବେ ଯାଇ ପୃଥିବୀ ପୃଷ୍ଠରୁ ଏଭଳ ବ୍ୟଭିଚ୍ଚର ଅନ୍ୟାୟ ଶୋଷଣ ଓ ଆତଙ୍କର କଳା ବାଦଲକୁ ଅପସାରଣ କରିଦେଇ ହେବ । ତେବେ ଏହାକୁ ବ୍ୟକ୍ତିଗତ ସ୍ତରରେ ଆରମ୍ଭ ନକରି ବିଭିନ୍ନ ଅନୁଷ୍ଠାନ, ପ୍ରତିଷ୍ଠାନ, ସଂଘ, ସମିତି, ତଥା ଜାତିସଂଘ, ଆର୍ନ୍ତଜାତିକ ଶ୍ରମ ସଂସ୍ଥା ଆଦି ସଂସ୍ଥାମାନଙ୍କ ଜରିଆରେ କରାଯାଇ ପାରିଲେ ଅଧିକ ଫଳପ୍ରଦ ହେବ ।

ଧର୍ମ ଅଧର୍ମ, ନୀତି ଅନୀତି, ନ୍ୟାୟ ଅନ୍ୟାୟ, ପାପ ପୂଣ୍ୟ ର ବିଚ୍ଚରବୋଧ ନରହିଲେ, ବିବେକ ବୋଧ ନଥିଲେ, ସାମାଜିକ ବାସନ୍ଦ ବ୍ୟବସ୍ଥା ନରହିଲେ, ମଣିଷ କ୍ଷମତାର ପ୍ରୟୋଗ ଉପରେ ଅଙ୍କୁଶ ବା କଟକଣା ନ ରହିଲେ, ଏ ସ୍ୱାର୍ଥ ଲୋଭି ମନୁଷ୍ୟ ସହଜରେ ସ୍ୱଚ୍ଛାଚ୍ଚରୀ ଓ ଦୁର୍ନୀତିଗ୍ରସ୍ତ ହୋଇଯିବ । ସେ ତାର ପଦ ପଦବୀ ଓ କ୍ଷମତାର ଅପବ୍ୟବହାର କରି ଭୟଶୂନ୍ୟ ଚତ୍ତରେ ପ୍ରତ୍ୟେହ ମାନବିକ ଅଧିକାର ଉଲ୍ଲଘଂନ କରିବ । ତାର କ୍ଷମତାକୁ ସଂକୁଚତ କରିବାପାଇଁ ଏବଂ ମାନବିକ ଅଧିକାର ସୁରକ୍ଷା ନମିତ୍ତ ମାନବିକ ଅଧିକାର ଆୟୋଗକୁ ଅଧିକ କ୍ରିୟାଶୀଳ ଓ ଶକ୍ତିଶାଳୀ କରିବା ଅପରିହାର୍ଯ୍ୟ । ଏହି

ପରିପ୍ରେକ୍ଷିରେ ନକଟରେ ସୁପ୍ରିମ୍ କୋର୍ଟ ଦେଇଥିବା ଆଦେଶ ଖୁବ୍ ମହତ୍ୱପୂର୍ଣ୍ଣ ଓ ଐତିହାସିକ ।

ନ୍ୟାୟମୂର୍ତ୍ତି ଆର.ଏଫ୍.ନରିମ୍ୟାନ, ନ୍ୟାୟମୂର୍ତ୍ତି କେ ଏମ୍.ଜୋସେଫ୍ ଏବଂ ନ୍ୟାୟମୂର୍ତ୍ତି ଅନରୁଦ୍ଧ ବୋଷଙ୍କ ପୀଠ ନର୍ଦ୍ଦେଶ ଦେଇଛନ୍ତି ଯେ ଦେଶର ସମସ୍ତ ପୁଲିସ ଥାନା, ହାଜତ, ସି.ବି.ଆଇ., ଏନ ଆଇ ଏ, ପ୍ରବର୍ତ୍ତନ ନର୍ଦ୍ଦେଶାଳୟ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ରାଜସ୍ୱ ଗୁଇନ୍ଦା ନର୍ଦ୍ଦେସାଳୟ (ଡି ଆର ଏସ) ଆଦି ତଦନ୍ତକାରୀ କାର୍ଯ୍ୟାଳୟ ଏବଂ ଅଭିଯୁକ୍ତଙ୍କୁ ରଖାଯାଉଥିବା ସ୍ଥାନ ଗୁଡିକରେ ନାଇଟ ଭିଜନଯୁକ୍ତ ସିସିଟିଭି କ୍ୟାମେରା, ଅଡିଓ ରେକର୍ଡ଼ି ଯନ୍ତ୍ର ଲଗାଇବା ନତ୍ୟାନ୍ତ ଜରୁରୀ । ଆହୁରି ମଧ୍ୟ ଅଭିଯୁକ୍ତ ଜେରାପାଇଁ ବ୍ୟବହାର କରାଯାଉଥିବା କୋଠରି ଓ ହାଜତରେ ପ୍ରେବେଶ ଓ ପ୍ରସ୍ଥାନ ଦ୍ୱାର ସମେତ ଲବି, ରେପସପନ୍ ଅଞ୍ଚଳ, ଇନସପେକ୍ଟର ଓ ଏସ.ଆଇଙ୍କ ପ୍ରକୋଷ୍ଠ ବା ବାଥରୁମ୍ ବାହାରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ ।

ସୁପ୍ରିମ୍ କୋର୍ଟଙ୍କ ଆଉ ଏକ ଆଦେଶ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଯାହା ହେଲା ମାନବାଧିକାର ସୁରକ୍ଷା ଆଇନ୍ ଅଧିନରେ ଗୋଟିଏ ଗୋଟିଏ ମାନବାଧିକାର ଅଦାଲତ ପ୍ରତିଷ୍ଠା କରାଯିବା ଆବଶ୍ୟକତା ରହିଛି ଯେଉଁଠିକ ହାଜତ ମୃତ୍ୟୁ ମାମଲା ଗୁଡିକର ସହଜରେ ବିଗ୍ଭର ହୋଇପାରିବ । ତେଣୁ ଆମେ ଆଶା କରିବା ଯେ, ସରକାର ସୁପ୍ରିମ୍ କୋର୍ଟଙ୍କ ଆଦେଶ ଅନୁସାରେ ଅବିଳମ୍ବେ ବ୍ୟବସ୍ଥାଗୁଡିକ କାର୍ଯ୍ୟକାରୀ କରିବେ ।

ବିଶ୍ୱ ସାର୍ବଜନୀନ ମାନବାଧିକାର ଘୋଷଣାନାମାର ୭୨ ବର୍ଷ ହୋଇଥିଲେ ମଧ୍ୟ ମାନବାଧିକାର ଉଲ୍ଲଙ୍ଘନର ମାତ୍ରା ଦିନକୁ ଦିନ ବଢିଗ୍ଭଲିଛି । ହିଂସା ଓ ଅସହିଷ୍ଣୁତାର ବାତାବରଣ ନେଇ ବିଶ୍ୱ ଏବେ ଗତି କରୁଛି । ବେଳ ଥାଉ ଥାଉ ନ ଚେତିଲେ, ତୃତୀୟ ବିଶ୍ୱଯୁଦ୍ଧ ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ । ବିଶ୍ୱରେ ଶାନ୍ତି ଓ ସଦ୍ଭାବନାର ବାତାବରଣ ବଜାୟ ରଖିବାକୁ ହେଲେ, ମାନବିକତା ଓ ମାନବିକ ଅଧିକାରର ସୁରକ୍ଷା ନତ୍ୟାନ୍ତ ଜରୁରୀ ।

ମାତ୍ର କ୍ଷୋଭର ବିଷୟ ହେଉଛି ଏବେ ମଣିଷ ଦେଖାଉଥିବା ଆଚରଣରୁ ସେ ଯେ ଆଦିମ ମାନବଠାରୁ କୌଣସି ଗୁଣରେ ଶ୍ରେଷ୍ଠ, ତାହା କହି ହେଉନାହିଁ। ପୃଥିବୀର ଯୁଦ୍ଧଖୋର ବ୍ୟକ୍ତି ବିଶେଷମାନେ ମନେ ରଖିବାକୁ ହେବ ଯେ, ପୃଥିବୀ ନରହିଲେ, କୌଣସି ଦେଶ ମାନବ ସମାଜ ରହିବ ନାହିଁ। ତେଣୁ ରାଷ୍ଟ୍ର ଓ ବ୍ୟକ୍ତି ବିଶେଷଙ୍କୁ ଏ ଦିଗରେ ଅଧିକ ଚିନ୍ତାଶୀଳ ହୋଇ କାର୍ଯ୍ୟ କରିବାକୁ ପଡିବ।

ବର୍ତ୍ତମାନ ସ୍ଥିତିରେ ଶାସକମାନଙ୍କର ସ୍ୱେଚ୍ଛାଚାର, ମଣିଷର ମୌଳିକ ଅଧିକାର ସୁରକ୍ଷା ପାଇଁ ଅନିଚ୍ଛା, ଦେଶ ବା ରାଜ୍ୟର ବିକାଶ ର ଦୌଡ ଭିତରେ ପରିବେଶ ପ୍ରତି ଅବଜ୍ଞା, ଜଳବାୟୁ ପରିବର୍ତ୍ତନ ତାପମାତ୍ରା ବୃଦ୍ଧି, ବାୟୁ ମଣ୍ଡଳର ପ୍ରଦୂଷଣ ଇତ୍ୟାଦି ଅଘଟଣ ଯୋଗୁ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଲାଣି, ଏହାଦ୍ୱାରା ମାନବ ସମାଜ ଓ ମାନବିକ ଅଧିକାର ଯେ ଆଜି ସଙ୍କଟାପନ୍ନ ଓ ଧ୍ୱଂସାଭିମୁଖୀ, ଏହା ନିଃସନ୍ଦେହ। ଏଣୁ ସମସ୍ତେ ଏଥିପ୍ରତି ସଚେତନ ଓ ସଜାଗ ରହିବା ଦରକାର।

ମଣିଷ ଯେତେ ସଚେତନ ଓ ଶିକ୍ଷିତ ହେବ, ତାର ହୃଦୟ ସେତେ କୋମଳ ବ୍ୟାପକ ଓ ମାନବବାଦୀ ଚିନ୍ତାଧାରାରେ ଉଦବୃତ ହେବ। ଯେତେ ବେଳେ ସମଗ୍ର ବିଶ୍ୱ ଏହି କଲ୍ୟାଣମୂଳକ ଚିନ୍ତାଧାରାକୁ ସବୁ କୋମଳମତି ଶିଶୁମାନଙ୍କ ମନରେ ରୋପଣ କରିବାରେ ସମର୍ଥ ହେବ, ସେତେବେଳେ ଏ ସାରା ବିଶ୍ୱ ଏକ ନୂତନ ଆଲୋକର କୋମଳ କରଣରେ ଉଦ୍ଭାସିତ ହେବ। ଆସନ୍ତୁ, ଏହି ନୂତନ ଶତାବ୍ଦୀରେ ଆମେ ସମସ୍ତେ ବ୍ରତୀ ହୋଇ ଏହି ମାନବବାଦୀ ଚିନ୍ତାଧାରାକୁ ପ୍ରତ୍ୟେକ ମଣିଷ ମନରେ ସ୍ଥାପନ କରି ସଭ୍ୟତାକୁ ଶାନ୍ତିପୂର୍ଣ୍ଣ ମାର୍ଗରେ ଗତିଶୀଳ କରିବାରେ ସହାୟତା କରିବା।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# କାହାକୁ କରିବି ନିଜର!



ତନୁଶ୍ରୀ ଅନିନ୍ଦିତା ପଟ୍ଟନାୟକ

ଆଜିଠୁ ଆଉ କରିବିନି କାହାକୁ ନିଜର
କି କରିବିନି କାହାକୁ ଏତେ ଆପଣାର
ଯାହାକୁ ଭାବୁଛି କରିବି ନିଜର
ସେଯାଉଛି ଚାଲି ମୋ ଠୁ ବହୁତ ଦୂର
ଯେମିତି କଇଁ ଭାବେ ଜହ୍ନକୁ ନିଜର
(କିନ୍ତୁ) ହୋଇପାରେନା ଜହ୍ନ ଯେ ତାହାର
ଜହ୍ନ ତ ହୁଏ କେବଳ ନୀଳ ଆକାଶର
ସେ ହେବ କାହିଁପାଇଁ କଇଁଫୁଲର
ଯେମିତି ସାଗର ଭାବେ ମୁକ୍ତାକୁ ନିଜର
(କିନ୍ତୁ) ହୋଇପାରେନା ମୁକ୍ତା ଯେ ସାଗରର
ମୁକ୍ତା ତ ହୁଅଇ କେବଳ ଶାମୁକାର
ସେ ହେବ କାହିଁପାଇଁ ସାଗରର
ସେମିତି ତୁମକୁ ଭାବିଥିଲି ମୁଁ ନିଜର
ତୁମେତ ହେଇଗଲ ଆଜି ଆଉ କାହାର
କାହିଁକି ହେଲ ତୁମେ ଏତେ ନିଷ୍ଠୁର
ହୃଦୟ ତୁମର ହୋଇଯାଇଛି ଭାରି କଠୋର ।

ମଠସାହି, ତୁଳସିପୁର

# କଣ୍ଟକତ ପଥ



ହାସ୍ୟମୟୀ ରାଜ୍

ଜୀବନଟା ସମତଳ ରାସ୍ତା ନୁହେଁ
ଚାଲୁ ଚାଲୁ ଭେଟିବାକୁ ହୁଏ
କେତେ ବନ୍ଧୁରତା ଖାଲ ଖମା
କେବେ ବି ଅଟକିଯାଏ ପାଦ
କଣ୍ଟାର ଆଘାତରେ
ରକ୍ତ ଝରେ
ସେଇ ରକ୍ତଭିଜା ପାଦ ଚିହ୍ନ
ପଥକୁ ଦେଇ ଉପହାର
ଚାଲିବାକୁ ହୁଏ ନିରନ୍ତର
ପାଦରେ ସଞ୍ଚୁଥାଏ ବଳ
ଛୁଇଁବାକୁ ଲକ୍ଷ୍ୟସ୍ଥଳ ।।

କେବେ କେବେ
ଉପହାସ କରୁଥାଏ ଭାଗ୍ୟ
ଦଗ୍ଧୀଭୂତ ହେଉଥାଏ ଜୀବନ
ମାଡିଆସେ ଅଗଣନ
ଶୋକ ଦୁଃଖ ରୋଗ
ପୂର୍ଣ୍ଣଚ୍ଛେଦ ପଡିଯାଏ
ଶାନ୍ତି ତୃପ୍ତିର ପବିତ୍ର ସୋହାଗ
ମନ ମନ୍ଦିରରେ ତଥାପି

ପ୍ରାଣର ଦେବତା ପାଇଁ
ବାଢୁଥାଏ ଭେଗ ।।

ଜୀବନକୁ ବୁଝିବାକୁ
କଣ୍ଟାକତ ପଥ ତ ଦେଇଥାଏ
ଶକ୍ତି ଓ ସାହସ
ଥାପୁଥାଏ ଧୈର୍ଯ୍ୟର ବାଲିବନ୍ଧ
ଲୁହ ପିଇ ପିଇ ଓଠରେ
ଭରୁଥାଏ ହସ
ନିରାଶା ଭିତରେ ଚକ୍ ମିକ୍ କରୁଥାଏ
ଆଶାର କରଣ
ମନ ଅଗଣାରେ ଦୋଳଖେଳେ
ଅତୁଟ ବିଶ୍ୱାସ ।।

ଓରାଳି, ହାଟଡିହି, କେନ୍ଦୁଝର

# ଶସ୍ୟ ଶ୍ୟାମଳା ହେ ମରଣ



ନନ୍ଦିନୀ ରାଉତ

ହେ ମରଣ....
କହିବକି ଏ ଧରାକୁ ଆସ କାହିଁ ପାଇଁ
ଅନ୍ୟକୁ କନ୍ଦାଅ ତୁମେ କେଉଁ ସ୍ୱାର୍ଥ ନେଇ
ସରଳ ନିରୀହ ଜୀବ ସ୍ୱପ୍ନେ ଥିଲି ମାତି
କାହିଁ ଆସି ତାଜୀବନେ ମାରିଦେଲ କାତି

ହେ ମରଣ..
ତୁମକୁ ତ ଡ଼ାକେନା କେ କରେନା ସ୍ୱାଗତ
ତଥାପି କାହିଁକି ତୁମେ ହେଉଛ ଆଗତ
ବନ୍ଦାପନା କରେନାହିଁ କରେନା ଆଦର
ତଥାପି ପୃଥିକୁ ଆସ କମ୍ପା ବାରମ୍ବାର

ହେ ମରଣ...
ନେଇ ଯାଅ ଜୀବନକୁ ଛଟପଟ କରି
ଭାବିଛ କି, ପରିବାର କାନ୍ଦନ୍ତି କିପରି
ଶୁଣିଛ କି, ବିଧବା ର ଛାତି ଫଟା କୋହ
ଦେଖିନ କି ଅନାଥର ଆଖି ର ସେ ଲୁହ?

ହେ ମରଣ..
ନିର୍ଦ୍ଦୟ ନିଷ୍ଠୁର ତୁମେ ଅଟ ନିଦାରୁଣ
ଅନାୟାସେ ଆସିପାର କିପରି ମରଣ

ଅଲୋଡ଼ା ଅଖୋଜା ତୁମ ମୁଖେ ନାହିଁ ଲାଜ
ଅସହାୟ ମଣିଷର ତୁମେ ଅଟ ବୋଝ

ହେ ମରଣ....
କେତେ ରାଜା ମହାରାଜା ଦେବତା ବ୍ରାହ୍ମଣ
ଶେଷ କରି ଯୁଗେ ଯୁଗେ ନ କାନ୍ଦେ ତୋ ପ୍ରାଣ
ଦେବତା ଜନ୍ମିଲେ ମର୍ତ୍ତ୍ୟ ଦେଉଛୁ ତୁ ମାରି
ନାହିଁକରେ ଦୟା ମାୟା କରୁଣା ତୋହରି

ହେ ମରଣ...
ଚାଲିଯାଅ ଦୂରେ ପୁଣି ନ ଫେର ଏ ପୁର
ଭସାଇଲୁ କେତେ ପ୍ରାଣ ଲୁହର ସାଗର
ସ୍ନେହ ପ୍ରେମ କରୁଣାର ଯିଏ ଅଧିକାରୀ
ଦୟା ଆସେ ନାହିଁ ତାଙ୍କୁ ନେଉ ତୁ କପରି**?**

ବାଲିପଟ୍ଟା, ଅନୁଗୁଳ

# ସଂସାରୀ



ସନାତନ ମହାକୁଡ

ମୁଁ ସଂସାରୀ
ସଂସାର ଚଳାଏ
ଦେଖେ ଶୁଣେଦେହ ପା
ମୋର ତାର
ପିଲାଛୁଆ ପରିବାର ।

ମୁଁ ସଂସାରୀ
ସଂସାର ଚଳାଇବାକୁ
ରୋଜଗାର କରେ
ଲହୁ ଲୁହ ହୋଇ
ଦେହ ଆଉ ବୁଦ୍ଧି ଖଟାଏ
ହାତ ସଉଦା କରେ ।

ମୁଁ ସଂସାରୀ
ନତି ବିଭୂ ଚନ୍ତି ସଂକଳ୍ପ କରେ
ଯତ୍ନ ନଏ
ଶିକ୍ଷା ସ୍ୱାସ୍ଥ୍ୟ ସଂପଦର
ଚେଇଁଥାଏ
ଧନ ଜନ ମନ ସଂପର୍କରେ
ଫାଟ ନ ହେବାକୁ
ଶେଷ ନଦ ଆସିଯିବା ଯାଏ ।

ବେରୁଆଁବାରୀ, ନୟାଗଡ, ଓଡିଶା

# ଶଙ୍ଖ



ଆରତୀ ସାହୁ (ଆଶା)

ଅନ୍ଧାରିଆ ମଝିଘରର ଖୁନ୍ଦୁଲିକୁ (୦ଣା) ଅଣ୍ଡାଳୁଥିଲ୍ ମୋନା | କଣ ରତ୍ନଟିଏ ପାଇବ ପର୍| ମାଆର ସ୍ପର୍ଶ ବାଜିଥିବା ସବୁ ଜିନଷ ତା ପାଇଁ ରତ୍ନ | ଖୁନ୍ଦୁଲି ଗୁରିପଟ କାନ୍ଥରେ ଚୂନ ଖଇର ଦାଗ | ପିତ୍ତଳର ଚକଚକ ପାନଖୁଙ୍ଗିଟାଏ (ପାନ ପାଛିଆ) ଥୁଆ ହେଇଥାଏ ସବୁବେଳେ | ଆଉ ଆଉ ପାଞ୍ଚପଇସି ଦଶପଇସିର ବିଶାଳ କୁବେର ଭଣ୍ଡାର। ଯେତେ ଗ୍ଲେରି କଲେ ସରେ ନାହିଁ | ବର୍ତ୍ତମାନ କନ୍ତୁ ସେସବୁ କାଳଗର୍ଭରେ, ଠିକ୍ ମାଆ ପରି | ଦାଗ ଗୁଡ଼ିକ ଉପରେ ହାତରେ ଆଉଁସି ଆଣିଲ୍ ମୋନା | ହାତରେ ଅପୂର୍ବ ଶିହରଣ | ସତେ କ ତା ବାତ୍ସଲ୍ୟମୟୀ ମାଆର କଅଁଳ ବିଷି ଆଙ୍ଗୁଠି ବାଜୁଛି ତା ହାତରେ|

ହାତ ପୁରେଇଦେଲ୍ ଖୁନ୍ଦୁଲି ଭିତରେ | ଗହିରିଆ ଖୁନ୍ଦୁଲି ଭିତରେ ଥଣ୍ଡା ଚକ୍କଣିଆ କଣଟାଏ ହାତରେ ଲ୍ଗିଲ୍ | ଚମକ ବାହାର କରି ଆଣିଲ୍ ହାତକୁ | ପୁଣିଥରେ ସାହସ କରି ହାତ ପଶେଇଲ୍ ଆଉ ସେହି ଥଣ୍ଡା ଜିନଷଟିକୁ ନେଇ ଆସିଲ୍ | ଧଳା ଫରଫର ଶଙ୍ଖଟିଏ | ମାଆର ଶଙ୍ଖ | ନତି ଚଉର୍ ପାଖରେ ଛୁଆପିଲ୍ଙ୍କର ଶୁଭ ମନାସି ସୋରିଷ ତେଲ ଦିଆ ପଥର ଖଡ଼ି  ଦୀପଟିଏ ଥୋଇ ଶଙ୍ଖ ଫୁଙ୍କୁଥିଲ୍ ତା ମାଆ, ଲହରେଇ ଲମ୍ବେଇ |

ପୁଁଉଁଉଁ |

ବଡ଼ ସୁମଧୁର ସେ ଶଙ୍ଖଧ୍ୱନ । ସମ୍ପୂର୍ଣ୍ଣ ନଆର୍ । ଗାଁରେ ସମସ୍ତେ ଶୁଣିଲ୍ ମାନେ  ଚହ୍ନି ପକାନ୍ତି ତାଙ୍କ ଘରେ ବାଜୁଛି ବୋଲି ।

ସିଆଡୁ ଖଇରୁ କୁକୁର ନକଲ କରି ସୁର ଲମ୍ବଉଥିଲ୍ ଉପରକୁ ମୁହଁ ଲମ୍ବେଇ, ଭୁଉଉଉଉଉଉଉଉ ।

ଶଙ୍ଖ ଶବ୍ଦ ହେଲ୍ ମାନେ ସେମାନେ ସବୁ ଭାଇ ଭଉଣୀ ଯିଏ ଯେଉଁଠି ଥାଆନ୍ତୁ ଧଡ଼ପଡ଼ ଗୋଡ଼ହାତରେ ପାଣି ବାଳ୍ଟିଏ ନେଖା ଢାଳ ବସିଯାଆନ୍ତି ପ୍ରାର୍ଥନା ବୋଲିବା ପାଇଁ ।

ଆହେ ଦୟାମୟ ବିଶ୍ୱ ବିହାରୀ ......

ଦିନେ ଦିନେ ଭାଇ ଏମିତି କଛି ପେଟଫମ୍ପା ଜନତ ପ୍ରତିକ୍ରିୟା କରେ ଯେ ସେମାନେ ଫେଁ ଫେଁ ହସି ପକାନ୍ତି । ଥରେ ହସ ବାହାରିଲେ ଆଉ ତାକୁ ଜବତ କରିବା ମୁସ୍କିଲ୍ ହି ନହିଁ , ନାମୁମକନ୍ ହୈ । ବାପା ଆସି ଆଖି ତର୍ଟିଲେ ସେ ହସର ବେଗ ଆହୁରି ବଢେ । ମୋନା ଟିକେ ଡରକ ଝିଅ । ହସକୁ ରୋକବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରି ମୁହଁ କାନ ଲାଲ୍ କରି ପକାଏ । ଆଖିରୁ ପାଣି ବାହାରି ପଡେ ।

ଦିନେ ସେ ଶଙ୍ଖ କାଲ ହେଇଗଲ୍ ଯେ ଆଉ ବାଜିଲ୍ ନାହିଁ । ମାଆ ଯେତେ ଚେଷ୍ଟା କଲ୍ ବାଜିଲ୍ ନାହିଁ । ମାଆ ସେଦିନ ଆଉ ଶଙ୍ଖ ଫୁଙ୍କି ପାରିଲ୍ ନାହିଁ । କଣ ହେଇଛି ସେ ଶଙ୍ଖର ? ବାଜୁନ କାହିଁକ ? ଦୁଇଦିନ ଗଲ୍ ଚାରିଦିନ ଗଲ୍ । ଶଙ୍ଖ ବାଜିଲ୍ ନାହିଁ । ଖଇରୁ ଉପରକୁ ଅନେଇ ଅନେଇ ରହିଲ୍ । ସମସ୍ତେ ପଚାରିଲେ ଆଇଲ୍ ଗଲ୍ ଲୋକେ । ପୁରୀରୁ ଆସିଥିଲ୍ ସେ ଶଙ୍ଖ । ପୁଣି କଏ ପୁରୀ ଯିବ ନା ଶଙ୍ଖ ଆସିବ । ସନ୍ଧ୍ୟା ବେଳଟା ମାଆକୁ ଫାଙ୍କା ଫାଙ୍କା ଲାଗେ । ଦେହ ଅଶକତ ଲାଗେ ।

ଦିନେ ମାଆ ବଳ ବାମନ ବହିରେ ଶୁକ୍ରାଚାର୍ଯ୍ୟଙ୍କ ମାଛି ହେଇ ଶଙ୍ଖ ଭିତରେ ପଶିଯିବା ଓ ଶଳାକା ଦ୍ୱାରା ତାଙ୍କ ଆଖି ଫୁଟିଯିବା ବିଷୟ ପଢୁ ପଢୁ ଉଠି ପଡ଼ି ହଠାତ ତାର ମଟର କଣ୍ଟା ଟାଏ ଶଙ୍ଖରେ ପୁରେଇ ଦେଖିଲ୍ । ତା ଭିତରେ ପୁଳାଏ କାଗଜ ପଶିଛି । ଅସଲରେ ମୋନା କେତେବେଳେ ଖେଳୁ ଖେଳୁ ତା ଭିତରେ କାଗଜ ପୁଳେ ଟିକ୍ ଟିକ୍ କରି ପୁରେଇ ଦେଇ ଭୁଲି ଯାଇଥିଲ୍ ବାଳୁତ ସୁଲଭ ବାଇମନ ପାଇଁ ।

ସେଦିନ ସନ୍ଧ୍ୟାରେ ଶଙ୍ଖ ପୁଣି ବାଜିଲା, ଖଇରୁ ପୁଣି ବୋବେଇଲା । ମାଆ ମନ ଖୁସି ହେଲା ।

ମାଆର ଅତ୍ୟନ୍ତ ପ୍ରିୟ ଶଙ୍ଖ ଏମିତି ଅବହେଳତ ହୋଇ ପଡ଼ି ରହିଛି ଦେଖି ମୋନାକୁ ଭାରି ଖରାପ ଲାଗିଲା । ସେ ତାକୁ ନେଇ ଆସିଲା ସାଙ୍ଗରେ । କାଲେ ଶଙ୍ଖ ଫୁଙ୍କୁ ଫୁଙ୍କୁ ତା ମାଆର ଓଠର ଅମୃତ ସ୍ପର୍ଶ ସେ ପାଇବ ।

ଶଙ୍ଖ ସିନା ନେଇ ଆସିଲା । ସେଟା କନ୍ତୁ ଆଉ ବାଜିଲା ନାହିଁ । ତା ଭିତରଟା ପରୀକ୍ଷା କଲା, କଛି ପଶି ନଥିଲା ତା ଭିତରେ । ତାକୁ ଭଲକରି ଧୁଆଧୁଇ କଲା ତଥାପି ବାଜିଲା ନାହିଁ । ମୋନାର ମନ ଖରାପ ହେଇଗଲା ।

ଦିନେ ଦିପହରେ ତାକୁ ଛାଇନଦ ଲାଗି ଯାଇଛି । ଅଗ୍ଚନକ ତାକୁ ଲାଗିଲା ତା ମାଆ ତାକୁ ପଗ୍ଚରୁଛି, - ମନ ଭଲ ନାହିଁ କ ମାଆ ?

ମୋନା ସକସକ ହେଇ କହିଦେଉଛି ଶଙ୍ଖ କଥା । ମାଆ ଝଟକନା ଯାଇ ଶଙ୍ଖକୁ ଗରମ ପାଣିରେ ବୁଡେଇ କଛି ସମୟ ରଖି ଦେଲା । ତାପରେ ଶଙ୍ଖ ବାଜିଲା, ପୁଉଁଉଁଉଁ ।

ଗ୍ଚଇଁ ନଦ ଭାଙ୍ଗିଗଲା ମୋନାର । ସଙ୍ଗେ ସଙ୍ଗେ ସେ ଗରମ ପାଣିରେ ବୁଡେଇ ରଖିଦେଲା ଶଙ୍ଖକୁ । କଛି ସମୟ ପରେ ମେଞ୍ଚେ ଟିକ ଟିକ ଅସରପା ଖୋଳପା ଆପେ ଆପେ ବାହାରି ପାଣିରେ ଭାସିଲା । ବୋଧେ ଶଙ୍ଖର ଆଭ୍ୟନ୍ତରୀଣ କୋଣରେ ଅସରପା ବସା କରିଥିଲା । ମୋନା ଶଙ୍ଖକୁ ବାରମ୍ବାର ଗରମ ପାଣିରେ ବୁଡେଇ ସଫା କରିଦେଲା ।

ସେ କହୁଥିଲା ତା ଶଙ୍ଖ ବର୍ତ୍ତମାନ ବହୁତ ସୁନ୍ଦର ବାଜୁଛି । ଆଉ ଏଥର ବଙ୍ଗାଳ ଦଶହରା ଶଙ୍ଖ ପ୍ରତିଯୋଗିତାରେ ସେ ଭାଗ ବି ନେବ ।

ବସନ୍ତ ବିହାର, ନୂଆ ଦିଲ୍ଲୀ

# ଚରଣ କମଳ ବନ୍ଦେ



ମୀନାକ୍ଷି ପାଢ଼ୀ

ମହାଭଗେ ମହାସରସ୍ଵତୀ ଦେବୀ
ବାକ୍ ବୁଦ୍ଧି ଦାୟିନୀ ନମସ୍ତୁତେ,
ସିଦ୍ଧି ପ୍ରଦାୟିନୀ ଗଜମୋତି ଧାରିଣୀ
ଶ୍ୱେତ ପଦ୍ମାସିନୀ ନମସ୍ତୁତେ ।

ବିଶ୍ୱରୂପା ବିଶାଳାକ୍ଷି ଶାଶ୍ୱତୀ
ଭାରତୀ କୁମୁଦି ନମସ୍ତୁତେ,
ଶ୍ରୀ ହଂସ ବାହିନୀ ବିଦ୍ୟା ପ୍ରଦାୟିନୀ
ଶୁଦ୍ଧ ସିତାମ୍ବରୀ ନମସ୍ତୁତେ ।

ସାରଦେ ବରଦେ ବ୍ରହ୍ମ ସ୍ୱରୂପିଣୀ
ସର୍ବଦେବ ପ୍ରିୟା ନମସ୍ତୁତେ,
ମହାବିଦ୍ୟେ ବୀଣା ରଞ୍ଜିତ ପୁସ୍ତକ -
ଧାରିଣୀ ,ଶ୍ରୀକରେ ନମସ୍ତୁତେ ।

ଶ୍ରୀ ବ୍ରହ୍ମାନନ୍ଦିନୀ କମଳଲୋଚନୀ
ବାଗୀଶ୍ୱରୀ ସିଦ୍ଧି ପ୍ରଦାୟତେ,
ଚନ୍ଦ୍ରକାନ୍ତି ଜଗତୀ ଭୁବନେଶ୍ୱରୀ
ବରଦା ଜ୍ଞାନଦା ନମସ୍ତୁତେ ।

ସପ୍ତସୁର ରାଗିଣୀ ଅଧିକାରିଣୀ
ବୀଣାବାଦିନୀ ନମସ୍ତୁତେ,
ମମ ହୃଦୟ ଅଜ୍ଞାନ ତିମିରେ
ଦିବ୍ୟ ଦ୍ୟୁତିପ୍ରଦାୟିନୀ ନମସ୍ତୁତେ।

ଶିକ୍ଷୟିତ୍ରୀ, ଚକଟୀ, ଗଞ୍ଜାମ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ସପ୍ତମ ଋତୁ



ପ୍ରିୟଦର୍ଶିନୀ ମହାନ୍ତି

ରଙ୍ଗ ତୂଳ ଧରେଇଦେଇ
କେହି ଜଣେ କହିଲେ
ନେ ଧର୍,
ଆଉ ଆଙ୍କି ଦେ
ଶୀତଋତୁର
ଶିଶିର ବିନ୍ଦୁରେ ଭର୍ ଗାଲିଚ୍ଛ,
କୁହୁଡ଼ିଆ ସକାଳ,
ଆମ୍ବ ବଉଳର ବାସ୍ନା,

ମୁଁ କନ୍ତୁ ଆଙ୍କିଦେଲି
ହଳଦି ରଙ୍ଗର ଶୋରିଷ କ୍ଷେତ
ଇନ୍ଦ୍ରଧନୁର ଆକାଶ
କୋଇଲିର ସ୍ୱନ
ଗାଇଆଳ ପିଲ୍ର ଗୀତ
ରଙ୍ଗୀନ ପ୍ରଜାପତି
କାଶତାଣ୍ଡିର ଶୁଭ୍ର ପାଟ

ସେ ପ୍ରଶ୍ନ କଲେ...
ଏ କ ପାଗଲ୍ମୀ!!
ଏ କେଉଁ ଋତୁ..!!
ମୁଁ କନ୍ତୁ ଏକ ସମ୍ମୋହନ ଦୃଷ୍ଟିରେ

ଗୁହିଁଥିଲି
କାନଭାସର ରଙ୍ଗୀନ ଫର୍ଦ୍ଦକୁ
ଆଉ କହିଲି
"ମୁଁ ଭୋଗିଥିବା, ବଞ୍ଚୁଥିବା
ଏ ହେଉଛି ସପ୍ତମ ଋତୁ
ପ୍ରେମ ଋତୁ"

(ଶିକ୍ଷୟିତ୍ରୀ)
ଖୋର୍ଦ୍ଧା

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଆସ ତୁମେ ନୂଆ ବରଷ



ପ୍ରିୟଦର୍ଶିନୀ ମହାପାତ୍ର

ପରିବର୍ତ୍ତନ ର ବାର୍ତ୍ତାବହ ହୋଇ
ଆସ ତୁମେ ନୂଆ ବରଷ
ବିତି ଯାଇଥିବା ଦୁଃଖ ସବୁ ଭୁଲି
ମନେ ଦିଅ ପୁଣି ହରଷ ।।

ଏକତାର ମନ୍ତ୍ର ସାଥେ ଆଣିଥିବ
ଦେବକ ସଭିଙ୍କୁ ଛିଞ୍ଚି
ଛଳନା ଏମନ୍ତୁ ଦୂରେଇ ଦବକ
ବର୍ଷ ତମ ହେବୁ ସୁଖୀ ।।

ବେସହାଗ୍ର ପାଇଁ ସାହାଗ୍ର ର ମନ
ସଭିଙ୍କ ର ମନେ ଭରି
ଦୁଃଖୀ ଓଠେ ହସ ଟିକେ ଦେବାପାଇଁ
ଆଣ ସାଧନା କୁ ସାଥୀ କରି ।।

ପୁଅ ଝିଅ ସବୁ ସମାନ ହୁଅନ୍ତେ
ହିଂସା ଦ୍ୱେଷ ହେବ ଶେଷ
ପରିବର୍ତ୍ତନ ର ବାର୍ତ୍ତାବହ ହୋଇ
ତୁମେ ଆସନ୍ତକ ନୂଆ ବରଷ ।।

ନବଯୌବନ ଓ କଶୋରୀ ମନରେ
ଦେବ ନୂତନତା ଆଣି

ନିଜ କର୍ମ ବଳେ  ସଫଳତା ଲଭି
ଦେବେ  ସବୁଜିମ ଖୁସି ବୁଣି      । ।

ବିଜ୍ଞାନ ପ୍ରଯୁକ୍ତି କ୍ଷେତ୍ର ହେଉ ଅବା
ଶିକ୍ଷା ସ୍ୱାସ୍ଥ୍ୟ ପରିବେଶ
ପରିବର୍ତ୍ତନ ର ବାର୍ତ୍ତାବହ ହୋଇ
ତୁମେ ଆସନ୍ତକ  ନୂଆ  ବରଷ     । ।

ଗୁରୁଜନ ପାଦେ ଭକ୍ତି ସଦା ଥିବ
ସ୍ନେହ କନିଷ୍ଠ ର ପାଶ
ନୂତନତା ସବୁ କ୍ଷେତ୍ରରେ ଆଦରି
ହାସଲ କରିବା  ଯଶ    । ।

ଅଭିନନ୍ଦନ ର ବାର୍ତ୍ତା ଖେଳି ଯାଏ
ବାଳୁତ ଠୁ ବୃଦ୍ଧ ବୟସ
ପରିବର୍ତ୍ତନ ର ବାର୍ତ୍ତାବହ ହୋଇ
ଆସ ତୁମେ ନୂଆ ବରଷ     । ।

ତନୁ  ମନ ପ୍ରାଣେ ଭରିଦିଅ  ତବ
କୁହୁକ  ପ୍ରୀତି  ପରଶ
ପରିବର୍ତ୍ତନ ର ବାର୍ତ୍ତାବହ ହୋଇ
ଆସ ତୁମେ ନୂଆ ବରଷ       । ।

ଜୟଦେବ ବିହାର
ଭୁବନେଶ୍ୱର

# କେମିତି ହବ ମିଳନ!



ପ୍ରିୟଦର୍ଶିନୀ ପଣ୍ଡା

ସିଏ ପୂର୍ଣ୍ଣିମାର ରୂପେଲି ଜହ୍ନ,
ମୁଁ ଗୋଟେ ଦରଭଙ୍ଗା ମନ ।
ସିଏ ବଗିଗ୍ଲର ସତେଜ୍ ଶେଫାଳ,
ମୁଁ ମଉଳା ତୁଠର ଗଙ୍ଗ ଶିଉଳ ।
ସିଏ ସୁନେଲି ସଂଧ୍ୟାର ସୁରିଲ୍ ସୁର,
ଆଉ ମୁଁ! ଗୋଟେ ବେସୁର୍ ଝଙ୍କାର ।
ସିଏ ଅହରହ ଝରୁଥିବା ବାରିଧି ପରି,
ଆଉ ମୁଁ! ଗୋଟେ ପରିତ୍ୟକ୍ତ ପୋଖରୀ ।
ସିଏ ଅଟ୍ଟାଳିକାର ସ୍ୱାଧୀନ ପାଚେରୀ,
ଆଉ ମୁଁ! ସେ ପାଚେରୀର ବନ୍ଦୀ ପ୍ରହରୀ ।
ସିଏ ଆଜି କାଲିକା ଦାମିକା କଣ୍ଢେଇ,
ମୁଁ ସେ ପୁରୁଣା ମାଟି ତିଆରି ହାଣ୍ଡି କରେଇ ।
ସିଏ ସବୁବେଳେ ସବୁଠି ଲୋଡ଼ା,
ଆଉ ମୁଁ! ପାଖରେ ଥାଇ ବି ଅଲୋଡ଼ା ।

ସିଏ ପଞ୍ଜାବୀ ଗୀତର ର୍‌ପ୍‌ ଭଳି,
ଆଉ ମୁଁ! ସେଇ ଖୋକା ଭ୍ଇ ସଂଗୀତ ଧାଡି ।
ସିଏ ବ୍ରାଣ୍ଡେଡ ସୋରୁମ୍ ର ଅଳଙ୍କାର
ଆଉ ମୁଁ! କଳଙ୍କି ଲଗା ଗୋଟେ ଘୁଙ୍ଗୁର ।
କେମିତି ହବ ମିଳନ!?
ସିଏ ଯୌବନର ଅମାନିଆ ବୟସ
ଆଉ ମୁଁ! ସେ ବୟସର ଥକା ବାର୍ଦ୍ଧକ୍ୟ ।

ଯାଜପୁର

# ରମ୍ୟ ରଚନା – କଳିଯୁଗ ର ଦଶରଥ

ସତ୍ୟନାରାୟଣ ମିଶ୍ର

"ଆଲୋ ହେ ମୋ ଉର୍ବଶୀ ! ତୁ ଏ କଅଣ କଲୁ ଲୋ ? ଗେରସ୍ତ ଭାରିଜା ଭିତରେ କା ଘରେ କଳ ଗୋଳ ନ ହୁଏ କହିଲୁ ? ଗୋଟେ ଛୋଟ କଥାକୁ ନେଇ ଝଗଡା ହେଲା ବୋଲି ମହାନଈ ପାଣିରେ ଝାସ ଦେଲୁ କାହିଁକି ? ହେ ପ୍ରଭୁ ଜଳ ଦେବ ! ମୋ ଉର୍ବଶୀ କୁ ତମେ ଫେରେଇ ଦିଅ ପ୍ରଭୁ, ଦେଖାଦିଆ ତମେ, ପ୍ରକଟ ହୁଅ ପ୍ରଭୁ ପ୍ରକଟ ହୁଅ" ।

ଏମିତି କହି କହି ସକାଳ ପହରୁ ଆସି ସଂଜ ହେଲାଣି ନଈ କୂଳେ ସେମିତି କାନ୍ଦି କାନ୍ଦି ଜଳ ଦେବତାଙ୍କୁ ଡାକ ପାରୁଥାଏ ସୁନା ବେପାରୀ ଦଶ ରଥ । ଜଳ ଦେବତା କେତେ ବା ସହିବେ । ପ୍ରକଟ ହେଇ ଦାସୁଆ କୁ କହିଲେ "କଣ ହେଇଛି ରେ ବାବୁ ? ଏତେ ବିକଳ ହଇ କାନ୍ଦୁଛୁ କାହିଁକି ? ତ, ଆଖି ସାମନେ ପ୍ରଭୁଙ୍କୁ ପାଇ ଦାସୁଆ ର ଯଉଁ ଖୁସି କହିଲେ ନସରେ । ସତେ ଯେମିତି ନୂଆ ଜୀବନ ମିଳଗଲା ତାକୁ । ପ୍ରଭୁଙ୍କୁ ହାତ ଯୋଡ଼ି ଜଣାଇଲା ତା ଦୁଃଖ କାହାଣୀ । କଳ ଗୋଳ ହେଲାରୁ ଗଲା ରାତିରେ ତା ମାଇପି କୁ ରାଗରେ ସେ ଗୋଟେ ଚଟକଣ ମାରିଦେଲା । ସେଇ ଅପମାନ ରେ ଭାରିଜା ଭୋର୍ ରୁ ଉଠି ପଳେଇ ଆସିଛି ଏଠିକି । ଝାସ ଦେଇଛି ଜୀବନ" । ମତେ ତମେ ମୋ ଉର୍ବଶୀ କୁ ଦେଇଦିଅ ଜଳଦେବ, ନହେଲେ ମୋ ଛୁଆ ଦି ଟା ମା ଛେଉଣ୍ଡ ହେଇଯିବେ । କେମିତି ସମ୍ଭାଳିବି ମୁଁ!!!

"ଆହା ବିଚରା, କେତେ ବିକଳ ହେଉଛି ସତ, ଏମିତି ଭାବି ବରୁଣ ଦେବ କହିଲେ "ବାବୁ ରେ ! ଗଲା ରାତିରେ ତ ତିନଟା ମାଇପି ପାଣିରେ ଝାସ ଦେଇ ଛନ୍ତି । ସେ ଭିତରୁ କୁଁ ଟା ତୋ ଉର୍ବଶୀ ଜାଣିବି କେମିତି? ବରଂ, ଯାଉଛି ଜଣ ଜଣ କରି ନେଇ ଆସିବି, ତୁ ତୋ ଭାରିଜା କୁ ନେଇ ଯିବ। ଏତିକି କହି ପାଣି ଭିତରୁ ନେଇ ଆସିଲେ ରୂପସି କୁ । ପଚାରିଲେ "ଇଏ ଉର୍ବଶୀ ତ ?"

ନାଇଁ ପ୍ରଭୁ ମୋ ଉର୍ବଶୀ ଏତେ ଗୋରୀ କ ଏତେ ସୁନ୍ଦରୀ ନୁହଁ । ତା ଗାଲ ରେ କଲା ଜାଇ ଚହ୍ନ । ଇଏ ନୁହଁ ସେ " ।

ତହିଁରୁ ବରୁଣ ଯାଇ ଆଉ ଜଣ ଙ୍କୁ ନେଇ ଆସି ପଗ୍ଋରିଲେ", ଇଏ ବୋଧେ **?**

ନାଇଁ ପ୍ରଭୁ ନାଇଁ, ଇଏ ବି ନୁହଁ । ମୋ ଉର୍ବଶୀ ସାବନା ସୁନ୍ଦରୀ । ଏମିତି ହଳଦି ଗୋରୀ ନୁହଁ ।

ଜଳ ଦେବ ସେଇଠୁ ନେଇ କ ଆସିଲେ ଉର୍ବଶୀ କୁ । ତାକୁ ଦେଖି ଦାସୁଆ କୁ ଲାଗିଲା ତା ହଜିଲା ରତ୍ନ ଫେରି ପାଇଛି । ଜଳ ଦେବଙ୍କୁ ଅଶେଷ ଧନ୍ୟବାଦ ଜଣେଇ ଧରି ପକେଇଲା ଉର୍ବଶୀ ର ହାତ ।" ମୋତେ ତୁ ମାଫ କରିଦେ ଲୋ ଉର **!** ଗଲା କଥା ସବୁ ଭୁଲି ଯାଇ ଯିବା ଗ୍ଋଲେ ଘରକୁ । ଛୁଆ ମନେ ମା ମା ବୋଲି ବୋବାଳ ଛାଡୁଛନ୍ତି, ଗ୍ଋଲ୍ " ..

ଉର ଯିବାକୁ ମଙ୍ଗୁ ନ ଥିଲେ ବି ବରୁଣ ଦେବ ବୁଝାସୁଝା କଲେ ବୋଲି ଋଜିହେଲା । ଦୁହିଁ ଙ୍କୁ କଲ୍ୟାଣ ଦେଇ ଯେତେବେଳେ ଜଳ ଦେବ ଅନ୍ୟ ଦୁଇ ତିରିଲା ସାଙ୍ଗରେ ପାଣିଭିତରେ ଯିବାକୁ ବାହାରନ୍ତି, ସେତେବେଳେ ଦାସୁଆ ଧରିପକାଇଲା ତାଙ୍କ ଗୋଡ । ମୁଣ୍ଡିଆ ମାରି ମାରି କହିଲା "ହେ ପ୍ରଭୁ ଏମିତି କଣ ଗ୍ଋଲିଯିବେ । ବିନା ବରଦାନ କରି **?** ମୁ ଶୁଣିଚ ଆପଣ ସେ ଦିନ କାଠୁରିଆ କୁ ତା ସଚ୍ଚୋଟ ପଣିଆ ଦେଖି ଲୁହା କୁର୍‌ହ୍ଢୀ ସାଙ୍ଗକୁ ସୁନା ଆଉ ରୁପା ର ଦି ଟା ଯାକ କୁର୍‌ହ୍ଢୀ ପୁରସ୍କର ଦେଇଥିଲେ । ଆଜି ମତେ ମୋ ସଚ୍ଚୋଟ ପଣିଆ ର ଉପହାର ଦିଅନ୍ତୁ,"। ବରୁଣ ଋବିଲେ ଇଏ ସୁନା ରୁପା କଛି ମାଗୁଛି ବୋଧେ । କହିଲେ "ହଉ କଣ ମାଗୁଚୁ ମାଗ । ସତ୍ୟ କଲି, ନିଶ୍ଚୟ ଦେବି ତତେ ।

ଦାସୁଆ କହିଲା "ଅନ୍ୟ କଛି ନୁହଁ । ମୁଁ ଦଶରଥ । ତ୍ରେତୟା ଯୁଗ ର ଭଳଆ କଳଯୁଗ ଦଶରଥ ହେବାକୁ ମୋର ଋରି ମନ । ମାଗୁଛି, ମୋ ଉର୍ବଶୀ ସାଥିରେ ସେଇ ଦି ସୁନ୍ଦରୀ କୁ ବି ମତେ ଦିଅନ୍ତୁ ।

ଚମକ ପଡିଲେ ଜଳ ଦେବ । ସତ୍ୟ କରିଛନ୍ତି ତ ବରଦାନ ଦେବାକୁ ହି ପଡିବ । ମୁଣ୍ଡ କାନ ଆଉଁସି କହିଲେ "ତଥାସ୍ତୁ" ..............

ସିଂଧେକେଲା, ବଲାଙ୍ଗୀର

# ପ୍ରକୃତି



କୃଷ୍ଣଚନ୍ଦ୍ର ମହାପାତ୍ର

ପ୍ରତାରଣା ସହେ ପ୍ରଗତି ପାଇଁ ସେ
ନିଜ ଅସ୍ମିତାକୁ ଭୁଲି
ପ୍ରତିଟି ପ୍ରହାର ଅଙ୍ଗେ ନିଭାଏ ସେ
ନାମ ତା ପ୍ରକୃତି ବୋଲି
ଖରା-ବର୍ଷା-ଶୀତ ହେଉ ବା ବସନ୍ତ
ସଭିଙ୍କୁ ଦିଏ ସେ ସ୍ଥାନ
କେବେ ସେ ଅଚଳ, କେବେ ସେ ଅଶାନ୍ତ
ସୃଷ୍ଟିର ଏହି ବିଧାନ
ସୌନ୍ଦର୍ଯ୍ୟର ସିଏ ଅଟେ ଗନ୍ତାଘର
ତା ଆଗେ ସବୁ ଯେ ଫିକା
ପର୍ବତ, ଝରଣା ବନ-ବନାନୀର
ପ୍ରତିବିମ୍ବେ ଦିଏ ଦେଖା
ତିତିକ୍ଷାର ସିଏ ଭାବ ମନ୍ଦିରଟେ
ଅସୀମ ଜ୍ଞାନ ଭଣ୍ଡାର
ଶାନ୍ତ କାନ୍ତମୟ ସରଗ ପୁରୀ ଟେ
ଅସୀମ ଜ୍ଞାନ ଭଣ୍ଡାର
ଶାନ୍ତ କାନ୍ତମୟ ସରଗ ପୁରୀଟେ
ଗାଏ ସଙ୍ଗୀତର ସାତସୁର
ରତିଟି ସ୍ୱପ୍ନରେ ପ୍ରକୃତି ରାଣୀ ମୋ
ଆହା କି ଦିଶେ ସୁନ୍ଦର

ପ୍ରତିଥର ମୋତେ ଲ୍‌ଗିଥାଏ ସତେ
ଏ ପ୍ରକୃତି ସାଥୀ ମୋହର
ଦଇବ ଗଢିଛି ନିଜ ହାତେ ତାକୁ
କିଏ ହବ ତାର ସରି
ପ୍ରତିଜ୍ଞା କରିବା ରକ୍ଷା କରିବାକୁ
ଦେହ-ପ୍ରାଣ ଏକ କରି ॥

ତିଆଡି ସାହି, ବାଲିଉପର, ପୁରୀ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଅଜନ୍ମା ର କଥା



ତପସ୍ୱିନୀ ଷଡଙ୍ଗୀ

ମା' ମତେ ବଞ୍ଚିବାକୁ ଦେ
ଏ ଆଲୋକ ଦେଖିବାକୁ ଦେ
ଏବେ ମୁଁ ଅଛି ଗର୍ଭେ ତୋହରି
କରିନ ମୁଁ ଦୋଷ କାହାରି
ମତେ ତୋ ସ୍ନେହ ପାଇବାକୁ ଦେ
ମା' ମତେ ବଞ୍ଚିବାକୁ ଦେ।।

ମୁଁ ସୃଷ୍ଟିର ଆଧାର
ମୋ ବିନା ସୃଷ୍ଟି ଅନ୍ଧାର
ମୁଁ ଲକ୍ଷ୍ମୀ, ମୁଁ କାଳୀ, ମୁଁ ଦୁର୍ଗା
ମୁଁ ସ୍ନେହମୟୀ ମୁଁ ବରଦା
ମତେ ଏ ଦୁନିଆ ଦେଖିବାକୁ ଦେ
ମା 'ମତେ ବଞ୍ଚିବାକୁ ଦେ।।

ମୁଁ ଦିନେ ହେବି ତୋ ସାହା ଭରସା
ମୋ ଅନଷ୍ଟ ବାଣୀ କରନା ବରଷା
ମୁଁ ପାଇବି ଦିନେ ତୋ କୋଳେ ଜନମ
ରଖିବି ତୋର ମାନ ସମ୍ମାନ
ତୋ କୁଳ ମର୍ଯ୍ୟାଦା ରଖିବାକୁ ଦେ
ମା ମତେ ବଞ୍ଚିବାକୁ ଦେ।।

ତ୍ୟାଗିବାକୁ ଇଛା ନାହିଁ ମୋ ନିଃଶ୍ୱାସ
ତୋ ଉପରେ ମା' ଅଛି ମୋ ବିଶ୍ୱାସ

ମତେ ନେଇ କରୁଥିବୁ ତୁ ଗର୍ବ
ତୋ ମାତୃତ୍ୱ ଦିନେ ସାର୍ଥକ ହୋଇବ
ଏ ବିଶ୍ୱାସ ରଖିବାକୁ ଦେ
ମା'ମତେ ବଞ୍ଚିବାକୁ ଦେ।।

ମୁଁ ଜାଣିନ ମୋର ଅସ୍ତିତ୍ୱ
ଏହା କେଉଁ ପର୍ଯ୍ୟନ୍ତ ବିସ୍ତୃତ
ନକଲେ ପଛେ ସ୍ନେହ ନକର
ହେଲେ କରିବୁନ ହତାଦର
ଏ ବନ୍ଧନ ବାନ୍ଧିବାକୁ ଦେ
ମା' ମତେ ବଞ୍ଚିବାକୁ ଦେ।।

ଏବେ ମୁଁ ଅଛି ମଞ୍ଜି ପରି
କେବେ ବର୍ଷିବ ଜାଣିନ ବାରି
ନ ଦିଏ ତୁ ମତେ ଅନ୍ତରୁ ମାରି
ଗ୍ଭଲୁଥିବି ଦିନେ ତୋ ହାତ ଧରି
ମିଠା ମିଠା କଥା କହିବାକୁ ଦେ
ମା ମତେ ବଞ୍ଚିବାକୁ ଦେ ।।

ଝିଅ ବୋଲି ଆଦର ନକଲେ ନକର
ମୁଁ ଏକ ପିଢ଼ି ତୋ ବଂଶର
ଏ ଦୁନିଆ ପରି ନହେଇଯା ଅନ୍ଧ
ଥରେ ଛୁଇଁବାକୁ ଦେ ମତେ ତୋ ପାଦ
ଦୁଇକୁଳ ମାନ ରଖିବାକୁ ଦେ
ମା' ମତେ ବଞ୍ଚିବାକୁ ଦେ।।

ଅସୁରେଶ୍ୱର, କଟକ

# ଜାଡ ଆସେ.....



ସ୍ୱାତୀ ବନ୍ଦନା କର

ଏଇ ଦେଖ ଅନ୍ଧାରି ମୁଲକର ଧାନ କ୍ଷେତ ଧାରେ ଧାରେ
ଅଙ୍କା ବଙ୍କା ପଥ ଦେଇ ଗୁଲିଯାଇଛି
ପଛକୁ ନ ଦେଖି ଏକମୁହାଁ ହୋଇ
ଛାଡିଯାଇଛି ଅତୀତର ଅନେକ ପୁରୁଣା ଝାପ୍ସା ପାଦଚହ୍ନ ।

ସେ ଆସିଛି ବୋଲିତ ଆଜି ଶୁଭ୍ର ଗୁଦରରେ ସୂର୍ଯ୍ୟ ଆଚ୍ଛାଦିତ
କଛି କ୍ଷଣ ବିରତି ଲୋଡେ ପ୍ରଭାତ
ଅଳସୀ ଆଖି ଦୁଇ ଧିରେ ଧିରେ ଖୋଲେ
ଠିକ୍ ତୁମ ପରି ।

ଝରକା ଫାଙ୍କରୁ ଶୀତୁଆ ପବନରେ
ତୁମ ନଦ ଭାଙ୍ଗେ ବାରବାର
ତୁମେ କନ୍ତୁ ପୁଣି ଗୁଦରରେ ଢାଙ୍କିନଅ ନଜକୁ
ସତେ ଅବା ଅଝଟିଆ ଝିଅଟିଆ ପରି ।

ଜାଡ ଆସେ.....
ଗୋଧୂଳର ଧୂଳ ବୋଳ ତନୁ ମନ ଶିହରାଏ
ବ୍ୟସ୍ତ ବିବ୍ରତ କରିଦିଏ
ବାସ୍ ତୁମ ପ୍ରତୀକ୍ଷାରେ ହୃଦୟ
ସ୍ଥାଣୁ ପ୍ରାୟ ମନେହୁଏ ।

ସେଇ ଗାଁ ମୁଣ୍ଡ ଚା ଦୋକାନରେ
ଆମର ପୁଣି ଦେଖା ହୁଏ
ଦୁହିଁଙ୍କ ହାତରେ ଦୁଇ ଉଷୁମ ଚା କପ୍
ତୁମେ ପୁଣି ଅବୋଧ ନିଷ୍ପାପ ଶିଶୁଟିଏ ପାଲଟିଯାଅ
ଚା କପ୍ ରୁ ଉଠୁଥିବା ହାଲ୍କା ଧୂଆଁରେ ହାଃ... କର
ଖୁବ୍ ମଜା ନିଅ ତୁମର ସେ ମତୁଆଲ୍
ଅଧରରେ ଟିକିଏ ହସିଦିଅ ।

ହଁ, ଖାସ୍ ସେ ହସ ଟିକକ ପାଇଁ
ମୁଁ ନିତି ତୁମ ସାଥୀ ସାଜେ
ଭଲଲାଗେ ତୁମ ରାଗ, ରୋଷ, ଅଭିମାନ
କଥା କଥାରେ ତୁମର ସେ ନିଜପଣ
ଅତି ଆପଣାର କରେ ମତେ
ମୁଁ ହଜିଯାଏ ଖୁସି କୁହୁଡିର ଭିସାଦିଆ ସ୍ୱପ୍ନ ଦୁନିଆଁରେ ।

ଜଗତ୍ସିଂହପୁର

# ଗପଟିଏ



ଦେବଯାନୀ ସ୍ୱାଇଁ

ସେ ଥିଲ ମିନୁ!

ଆଶୁତୋଷ ର ମିନୁ, ଏକ ମତ୍ସ୍ୟ ରାଣୀ, ଜଳ ପରି, ସାଗର ସୁନ୍ଦରୀ, ସୌନ୍ଦର୍ଯ୍ୟରେ ଭରା ପ୍ରକୃତିର ଏକ ଅନନ୍ୟ ସୃଷ୍ଟି। ସମୁଦ୍ରର ଗଭୀର ନୀଳ ଜଳ ରାଶିରେ ତାର ଚଳ ପ୍ରଚଳ, ଗହିରୀ ଶୈବାଳରେ ତାର ବିଶ୍ରାମ ଗୃହ, ଗରଙ୍ଗର ଉତ୍ଥାନ ପତନ ତାର ଖେଳନା।

ଆଉ ଆଶୁତୋଷ !

ଅବୋଧ, ଅବାଧ, ଅବୁଝା, ଅଝଟ କିଶୋରଟିଏ। କିଶୋରତାର ଚପଳତା ନେଇ ସେ ସାଗର କୂଳରେ ସାଥୀଟିଏ ଖୋଜୁଥାଏ। କେଉଁ ଏକ ବିଜନ ବେଳାରେ ଢେଉ ସାଙ୍ଗେ ଖେଳୁ ଖେଳୁ ସେ ପାଇଲା ତାର ମିନୁକୁ।

ମିନୁର ସେଇ କମନୀୟ ବକ୍ର ତନୁର ତେଜ ଆଉ ଚଳ ଚଂଚଳତା ଭରା ଚତୁରାଇ ରେ ବିଭୋର, ବିମୋହିତ ହୋଇଉଠିଲା ଆଶୁତୋଷ, ପ୍ରେମରେ ପଡିଗଲା ସେ। ଘଡି ଘଡି ଧରି ତାର ମିନୁକୁ ଦେଖିଚାଲିଲା।

ମିନୁକୁ ବି ଭଲ ଲାଗୁଥିଲା ଆଶୁତୋଷର ଏ ପରଖ। କୁରୁଳି ଉଠୁଥିଲା ସେ ଏକ ଅଜଣା ଆବେଗରେ। ନିଜ ପ୍ରେମିକକୁ ଆକୃଷ୍ଟ କରୁଥିଲା ନିଜଆଡକୁ ସଲୀଳତାର ଛନ୍ଦରେ। ଢେଉର ତାଳେ ତାଳେ କେତେବେଳେ ଆସି ଆଶୁତୋଷର ପାଦକୁ ଛୁଇଁ ଯାଉଥିଲା ତ ପୁଣି କେତେବେଳେ ଫେନିଳ ଲହରୀ ଭିତରୁ କୁଦି ପଡୁଥିଲା ଆଶୁତୋଷ ମୁହଁରେ ଲୁଣିଆ ଜଳ ରାଶିରୁ କେଇ ବୁନ୍ଦା ଛାଟି ଦେଇ।

ଧୀରେ ଧୀରେ ଦୁଇ ପ୍ରେମୀ ହୃଦୟରେ ଗଢି ଉଠିଲା ପ୍ରତିବଦ୍ଧତା, ତଲ୍ଲୀନତା, ବ୍ୟାକୁଳ ହେଲା ମନ, ସୃଷ୍ଟି ହେଲା ମିଳନର ଇଚ୍ଛା, ଉତ୍କଣ୍ଠା, ଉଦ୍ଦୀପନା ।

ଏ ତ ଥିଲା ସ୍ୱାଭାବିକ !! ମିଳନ ହିଁ ପ୍ରେମର ସୂତ୍ର, ଯାହାକ ମୁକ୍ତା ଭଳି ଗୋଟି ଗୋଟି ଗୁନ୍ଥି ହୁଏ ପ୍ରଣୟର ତନ୍ତ୍ରୀରେ ଆଉ ରହିଯାଏ ଚିରକାଳ ପ୍ରେମୀକ ପ୍ରେମିକାଙ୍କ ସ୍ମୃତିରେ ।

ଆଶୁତୋଷର ମିନତି ତାର ମିନୁକୁ ହାତ ପାପୁଲିରେ ଧରିବାକୁ । ପ୍ରତ୍ୟାଖାନ କରିପାରିଲାନି ମିନୁ । କେମିତି ବା କରିଥାନ୍ତା ଉପେକ୍ଷା ସେ ପ୍ରେମିକର ପରଶକୁ !!

ଶୀତଳ ପ୍ରବାହମାନ ଜଳରାଶି ଭିତରୁ ବାହାରି ଆସିଲା ମିନୁ ସ୍ଥାଣୁ, ସ୍ଥାବର, ସ୍ଥଳ ଭୂମିକୁ । ଛଟ୍ ପଟ୍ ହେଇଗଲା ସେ, ଖୁବ୍ ଯନ୍ତ୍ରଣା ହେଉଥିଲା ତାକୁ, ଶ୍ୱାସରୁଦ୍ଧ ହେଇ ଯାଇଥିଲା ତାର । ହେଲେ ପର ମୁହୂର୍ତ୍ତରେ ସେ ନିଜକୁ ପାଇଲା ଆଶୁତୋଷର ହାତ ମୁଠାରେ, ପ୍ରେମିକର ବାହୁ ବନ୍ଧନରେ, ଶରୀରରେ ତାର ଅଜସ୍ର ତାତି । ସେଇ ତାତିର ଉପସମ ଲାଗି କିଛି କ୍ଷଣ ବନ୍ଦ କରିଦେଲା ସେ ଶ୍ୱାସ ପ୍ରଶ୍ୱାସକୁ, ଭୁଲିଗଲା ସେ ନିଜର ଜୀବନକୁ, ଭାସିଗଲା ପ୍ରେମର ସ୍ରୋତରେ, ପ୍ରଣୟର ଫଲଗୁ ତଳେ ଭୁଲିଗଲା ସବୁକିଛି ।

ମିନୁକୁ ପାଇ ମୁଗ୍ଧ, ବିଭୋର, ଆମୋହିତ ଆଶୁତୋଷ । ଆଙ୍କିଦେଲା ଅଜସ୍ର ଚୁମ୍ବନ ମିନୁର ଶରୀରରେ । ପରିତୃପ୍ତ କଲା ନିଜକୁ ଆଉ ରଖିଦେଲା ନେଇ ମିନୁକୁ ପୁଣି ପାଣିରେ ।

ବିଚିତ୍ର ଏ ମିଳନ ଯାହାର ପରିଭାଷା ଅକଳନୀୟ । ସଂଯୋଗର ଏକ ସୁନ୍ଦର ସୁଖଦ ମୁହୂର୍ତ୍ତ । ଅଦ୍ଭୁତ ସେଇ ଯୋଡି । ଗୋଲାର୍ଦ୍ଧର ଦୁଇଟି ଅଲଗା ରଙ୍ଗରେ ବାସ କରୁଥିବା ଦୁଇଟି ପ୍ରାଣୀ, ଦୁଇଟି ଭିନ୍ନ ରୁଚିର ଜୀବନ ଶୈଳୀ । କିପରି ସମ୍ଭବ ହେଇ ପାରିଲା ସେମାନଙ୍କ ଭିତରେ ବନ୍ଧୁତା ପୁଣି ପ୍ରେମ! ଏହା ବନ୍ଧୁତାର ଏକ ଅସାମାନ୍ୟ, ଅସାଧାରଣ ଉଦାହରଣ ଆଉ ପ୍ରେମର ଅନ୍ଧପଣ ।

ବହୁତ ଥର ଏ ମିଳନର ପୁନାରବୃତ୍ତି ହେଲା । ପ୍ରତିଥର ମିନୁ ଯନ୍ତ୍ରଣାରେ ଛଟପଟ ହେଉଥିଲା ତଥାପି ଭି ପ୍ରେମିକର ବାହୁ ବନ୍ଧନରେ ନିଜକୁ ଖୋଜୁଥିଲା । ପ୍ରେମିକ ହାତର ଉଷ୍ମ ମହକ, ଚୁମ୍ବନର ମାଦକତା, ପ୍ରଣୟର ପ୍ରଗଲ୍ଭତା ତାକୁ ଆକୁଳ ଆତୁର କରି ଦେଉଥିଲା । ପରିତୃପ୍ତ ହେଉଥିଲା ଆଉ ଆଶୁତୋଷେ କୁ ପରିତୃପ୍ତ କରୁଥିଲା ।

ସେଦିନ ମିନୁକୁ କଣ ହେଲା କେଜାଣି......

ଆଶୁତୋଷକୁ ଆମନ୍ତ୍ରିତ କଲା । ସାଗରର ଗହୀରି ନୀଳ ଜଳରାଶି ମଧ୍ୟରେ ମିଳନ କରିବାକୁ ପ୍ରସ୍ତାବ ବାଢିଲା । ନିବେଦନ କଲା ଥରୁଟେ କେବଳ ଥରୁଟିଏ ତା ସହିତ ଆସି ଢେଉ ସାଙ୍ଗେ ମିଶିଯିବା ପାଇଁ ।

ଆଶ୍ଚର୍ଯ୍ୟ ଚକିତ ହେଲା ଆଶୁତୋଷ, ଅବାକ୍ ହେଇ ଦେଖିଲା ମିନୁକୁ! କେମିତି ସ୍ୱୀକାର କରିବ ସେ! କେମିତି ଆସିବ ଯେ ଏ ବିଶାଳ ଜଳରାଶି ଭିତରକୁ! ଶ୍ୱାସରୁଦ୍ଧ ହେଇଯିବ ତାର । ଜୀବନର ରଙ୍ଗମଞ୍ଚରେ ଅଭିନୟ କରୁକରୁ ଯେତେବେଳେ ଅଣନିଶ୍ୱାସ ହେଇଯାଏ, କ୍ଷଣିକ ଶ୍ୱାସ ନେବା ଲାଗି ତ ସେ ଆସେ ମିନୁ ପାଖକୁ! ସେତକ ସେ କେମିତି ଜଳାଞ୍ଜଳି ଦେଇଦେବ! ଗଭୀର ଦ୍ୱନ୍ଦ ଭିତରେ ପଡିଗଲା ଆଶୁତୋଷ । ପ୍ରେୟସୀ ମିନୁ ତାରେ ପ୍ରେମିକକୁ ମନେଇ ଚାଲିଥିଲା ଭରସାର ପାହାଡ ଟୋଳ ଟୋଳ । ହେଲେ ଆଶୁତୋଷକୁ ଭରସା ପାଉ ନଥିଲା ।

ଜୀବନ ଲୋଭି ଆଶୁତୋଷ ପ୍ରେମର ଗଭୀରତାକୁ ବୁଝିପାରୁନଥିଲା । କାମନା ବାସନା ଭୋଗୀ ଆଶୁତୋଷ ପ୍ରେମର ଅଲୌକିକତା କେମିତି ବା ବୁଝିବ !

ହଁ....କବିର କଲମରେ ଆଉ ରଙ୍ଗୀନ ପରଦାରେ ସବୁକଛି ସମ୍ଭବ । ସେଠି ପ୍ରେମ ସବୁଠାରୁ ଶକ୍ତିଶାଳୀ, ଲଂଘିପାରେ ସୁଉଚ୍ଚ ଗିରିଶୃଙ୍ଗ ତ ଡେଇଁ ଯାଇପାରେ ସାତ ସମୁଦ୍ର । ପୁଣି କେତେବେଳେ ତୋଳିଆଣେ ଆକାଶରୁ ଚାନ୍ଦ ତାରା ତ ଖୋଜି ଆଣି ଦେଇପାରେ ସାତତାଳ ପାଣି ଭିତରୁ ମୁକୁତାର ମୁକୁଟ । ପ୍ରେମ ଏକ ଅନୁଭବ ସତ । ଅନୁଭବ ଯେତେବେଳେ ଭାବନାରେ ଆସିଯାଏ ସେତେବେଳେ ପ୍ରେମ ଶକ୍ତିଶାଳୀ ବନିଯାଏ । ସବୁ ପରିସୀମାକୁ ଅନାୟାସରେ ଖଣ୍ଡନ କରିଥାଏ । ହେଲେ ବାସ୍ତବରେ ଏହା କଣ ସମ୍ଭବ ! ସବୁ ପରିସୀମାକୁ ଅତିକ୍ରମ କରିବା କଣ ଏତେ ସହଜ ସତରେ ! କେମିତି ଆଶୁତୋଷ ନିଜ ପ୍ରାଣର ପରିଧିକୁ ଡେଇଁଯିବ !

ପ୍ରତ୍ୟାଖାନ କଲା ସେ ମିନୁକୁ । ଧ୍ୱଂସ ବିଧ୍ୱଂସ ହେଇଗଲା ପ୍ରେମର କୁତବ୍ ମିନାର, ଫିକା ପଡିଗଲା ପ୍ରଣୟର ତୁଳୀରେ ଝଲକୁଥିବା ତାଜମହଲର ରଙ୍ଗ । ଚୁର୍ ମାର୍ ହେଇଗଲା ମିନୁର ସବୁ ସପନ ।

ସ୍ୱାର୍ଥୀ ପୁରୁଷ ପାଖରେ ପ୍ରେମ ପରକାଷ୍ଠାର ସତ୍ୟତାକୁ ଠିକ୍ ସେ ବୁଝିଗଲା । ଫେରିଗଲା ମିନୁ ଦୁଃଖରେ, ଅଭିମାନରେ, ପ୍ରେମିକର ପ୍ରତାରଣାରେ, ପ୍ରେମରେ ହାରିଯାଇ ପଳାତକ ପରି ଆହତ ହେଇ ।

ଅସହାୟ, ନିର୍ବୀକାର ଭାବେ ଚାହିଁ ରହିଥିଲା ଆଶୁତୋଷ, ମିନୁର ପ୍ରତ୍ୟାବର୍ତ୍ତନକୁ । ଫେରିଯାଉଥିଲା ମିନୁ ନିଶ୍ଚଳ, ନିଶବ୍ଦ, ନିଜର ଦୂର୍ବଳ, କ୍ଷୀଣ ଶରୀରକୁ ବାଲୁକା ପିଠିରେ ଭାସିଦେଇ । ସବୁଦିନ ପରି ତାର ସେ ଦର୍ପ ନଥିଲା, ନଥିଲା ତାର ସେଇ ଛନ୍ଦାୟିତ, କ୍ରୀଡାରତ ଗତି ବିଧି । ନଥିଲା ତରଙ୍ଗରେ ଆଜି କଂପନ । ଲାଗୁଥିଲା ସତେ ଯେମିତି ଉତ୍ତାଳ ଉନ୍ମାଦ ଢେଉ ଗୁଡିକ ମାଧ୍ୟାକର୍ଷଣ ହୀନ ହେଇ ଯାଇଛନ୍ତି ।

ସ୍ଥାଣୁ ପ୍ରତିମା ପରି ବସି ରହିଥିଲା ଆଶୁତୋଷ । ହୃଦୟର ଅସମ୍ଭାଳ କୋହକୁ ଲୁଚିପାରୁ ନଥିଲା ସେ । ନିଜ ମନକୁ ବାରମ୍ବାର ପଚାରି ଚାଲିଥିଲା.....କେଉଁଠି ଭୁଲ୍ ରହିଗଲା ଯେ ମୋର ।

ଗୋରେଗାଓଁ, ମୁମ୍ବାଇ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଜାଗି ଉଠ



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

କେତେ ଯେ' କଙ୍କାଳ ନର୍ବାଣ ପାଇଁ
ଗୃହିଁ ରହିଛନ୍ତି ଅବନୀ କୋଳେ
ଦିଅ ବାରେ କେହି ଆଗଭର ହୋଇ
ଜାହ୍ନବୀର ଜଳ ମୋତେ ଆଞ୍ଜୁଳେ ।।

ଶିଞ୍ଚି ଦିଏ ନେଇ ଯା'ନ୍ତୁ ମୋକ୍ଷ ହୋଇ
କେତେ ଦେଖୁଥିବେ ନଜ ଜାତିକୁ
ଯେ' ଜାତି ଦାୟାଦ ଟିକେ ସ୍ୱାର୍ଥ ପାଇଁ
ଗୃହିଁଛନ୍ତି ଆଜି ଅନ୍ୟ ଦୟାକୁ ।।

କାହିଁକ ନଜକୁ କରିବେ ଧିକ୍କାର
ଥିଲେ ବୋଲି କେବେ ପୂର୍ବ ପୁରୁଷ
ଏ ଯୁବ ସମାଜ ରକ୍ତ ଯଦି ଥଣ୍ଡା
ଏଥିରେ କ ଅବା ତାଙ୍କର ଦୋଷ ?

ଚେଇଁ ଶୋଇଅଛି ପୁଙ୍ଗବ ପୁରୁଷ
ଶୁଖି ଯାଇଅଛି ତା' ଦେହୁ ରକ୍ତ
ଶାଣିତ କୃପାଣେ କଳଙ୍କ ଲାଗିଛି
ହେବାକୁ ଗୃହୁଁଛି ସେ ଆଜି ମୁକ୍ତ ।।

ଯେ' ମାଟିରୁ ମୁଠେ ଚପୁଡିଲେ ହାତେ
ଝରୁ ଥିଲ୍ ଲହୁ ବୁନ୍ଦା କୁ ବୁନ୍ଦା
ସେ ମାଟି ଝୁରୁଛି ତା' ବୀର ସନ୍ତାନ
ଶୁଖୁ ନାହିଁ ଆଖି ଆଜି ତା' ଓଦା ।।

ଜାଗି ଉଠ ଜାଗି ଉଠ ଆହେ ବୀର
ତାତି ଉଠୁ ଆଜି ଦେହର ଲହୁ
ଉଡୁ ଅବିରତ ବିଜୟ କେତନ
ସଦଭ୍ଵବନା ର ଅନଳ ବହୁ ।।

**ଚକାପଦା, ବେଗୁନଆ, ଖୋର୍ଦ୍ଧା**

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ଵାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ନବ ଦଶନ୍ଧିର ଶ୍ରୀଗଣେଶ....



ପ୍ରିୟରଞ୍ଜନ ସାହୁ

ଶବ୍ଦକରୁ ନବ ଦଶନ୍ଧିର ନିନାଦ
ନସ୍ତବ୍ଧ ବି ଚଖାଉ ବିଜୟର ବୈଜୟନ୍ତୀ ସ୍ୱାଦ...

ଏଇ ଆଦ୍ୟ ଲଗନେ ଶୁଭୁ
କୋଟିଏ ବଧୂର ମୁଖବାଦ୍ୟ
କ୍ରମେ ଅପସରି ଯାଉ
ବୁଭୂକ୍ଷିତ ଆର୍ତ୍ତନାଦ...

ହେଉଥାଉ ଅବା
ଦୁଃଖକ୍ଲେଶର ଅଙ୍କୁରୋଦଗମ
ସାଥେ ଆଣୁ
କ୍ଲେଶନାଶୀ ପନ୍ଥାର ଆଗମ...

ଆଣିଦେଉ ସାର୍ବଭୌମର ଚରମ ଆଭିମୁଖ୍ୟ
ନ ହେଉ କେବଳ ସମ୍ବିଧାନର ପ୍ରଚ୍ଛଦ
ସକଳେ ତନ୍ମଧ୍ୟେ ହୁଅନ୍ତୁ ଗଦଗଦ.... !

ସ୍ୱସ୍ତିଧ୍ୱଜା ନ ହୋଇ କୁଞ୍ଚିତ
ସଗର୍ବେ ପ୍ରତି ମାଥେ ହେଉ ପ୍ରତିଭୃତ...

ଚର ଦଗ୍ଧ ହେଉ ଚର୍‌ଚରିତ ଦଙ୍ଗା
କଞ୍ଚିତେ ବି ପାପର୍‌ଶି ପଡୁ ମହଙ୍ଗା
ନିର୍ଝରିତ ହେଉ ପବିତ୍ର ଶାନ୍ତିର ପାବନୀ ଗଙ୍ଗା
ମନ୍ଦହାସେ ପ୍ରସ୍ଫୁଟିତ ହେଉ
ବିଶ୍ୱନିୟନ୍ତାଙ୍କ ଅଧର ରଙ୍ଗା.... !!

ଭରୁ ସେ ସଜଳ ମାନସ
କଛି ନବୀନ ଅଭିଳାଷ
'ପ୍ରାଚୀ'ର ଅଙ୍ଗନ ଧରି ବାଳଭିନୁ ହାସ
ହର୍ଷ ଉଲ୍ଲାସେ କରିବାକୁ....
..... ନବ ଦଶନ୍ଧିର ଶ୍ରୀଗଣେଶ...... !!!

ରସୁଲଗଡ଼, ଭୁବନେଶ୍ୱର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାର୍ ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଆକାଶ



ପ୍ରଶାନ୍ତ କୁମାର ନାଥ

ଜନ୍ମ ପରଠୁ ଯେତେଥର ଦେଖିଛି
ଆକାଶକୁ.... ଆକାଶକୁ,
ସେ ଜଳଜଳ ହେଇ ଗୁହିଁଛି
ତଳକୁ ତଳକୁ ।

ଯେତେ ଈର୍ଷା, ଅଭିଳାଷା, ସ୍ୱପ୍ନ ସବୁ ଦାନା ବାନ୍ଧିଛି,
ଦେଖି ଆକାଶର ସୌନ୍ଦର୍ଯ୍ୟକୁ
ଆହୁରି ଆହୁରି ଦେଖିବି ମନଭରି ଦେଖିବି !
ହେଲେ, ବାରମ୍ବାର ଦୃଷ୍ଟି ଖସିପଡିଛି
ତଳକୁ ତଳକୁ ।

ଅଳ୍ପ ଅଳ୍ପ ମନେପଡେ ପିଲାଦିନ
ସ୍ୱପ୍ନର ଶେଯରେ ଶୋଇ ଦେଖିଛି ଆକାଶକୁ
ଭାବେ, ଗୁଳଛପରଟା ତ ଅଟକାଇଛି ତାକୁ,
ନହେଲେ କେତେଥର ଛୁଇଁଥାନ୍ତି !
ଖସିପଡନ୍ତା, ସେ ତଳକୁ ତଳକୁ ।

ମୋ ବୟସ ସାଙ୍ଗେ ତାଳଦେଇ ଆକାଶ
ଦୂରକୁ ଦୂରକୁ ଯାଉଛି,
ପକ୍ଷୀ ହୋଇଥିଲେ ଉଡିଯାନ୍ତି, ଛୁଇଁ ପକାନ୍ତି
ଆକାଶକୁ ବାନ୍ଧି ଆଣନ୍ତି
ତଳକୁ ତଳକୁ ।

ବୃଥା ମଣିଷର କାହୁଁ ଅଛି ଯେ ଡେଣା
ମନଖୋଲି ଉଡିଯିବ ! ଦିଗରୁ ଦିଗନ୍ତକୁ
ଆକାଶକୁ ଗୁହିଁ ସ୍ୱପ୍ନ ଗଢେ ସିନା
ଆକାଶ ଖସେନ କେବେ ତଳକୁ ତଳକୁ ।

ଏବେ ମନେ ହେଜୁଛି ଗ୍ରୁଟଶାଳର ପାଠ
ବୁଢାସାର ଚଷମା ତଳୁ ଶୁଣାଇଥିଲେ ଉଁଗ୍ଭଇ ଛାଟ,
ଆକାଶ କେବେ କୟାଁ ନୁହେଁ କ ଚଲିକା ମାଛ
ଆପଣାଛାଏଁ ଖସି ପଡିବ ତଳକୁ ତଳକୁ ।

ଗୋବିନ୍ଦପୁର, ଟାଙ୍ଗି, କଟକ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାର୍ ଓଡିଆ ଭ୍ଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ପ୍ରଶ୍ନବାଚୀ



ଅମ୍ବିକା ସ୍ୱାଇଁ

ଆଜିଯାଏ ଭୁଲି ପାରୁନ, ସେ ଦିନର ଘଟଣା । ଅଫିସ ରୁ ଫେରୁଥାଏ ଅଟୋ ରୁ ଓହ୍ଲାଇ ରାସ୍ତା ପାରି ହେବା ସମୟରେ ଏକ ବାଇକ୍ ରେ ତିନ ଜଣ ଯୁବକ କୁଆଡ଼େ ଥିଲେ କେଜାଣି ମଝି ରାସ୍ତାରେ, ମୋ ଆଡ଼କୁ ହଠାତ୍ ପବନ ବେଗରେ ମାଡ଼ି ଆସିଲେ ମୁଁ କିଛି ଭାବିବା ପୂର୍ବରୁ ସେ ମୋତେ ଧକ୍କା ଦେଇ ଚାଲିଗଲେ, ରାସ୍ତାର ସେପଟେ ଏକ ଛୋଟ ପିଲାଟି ବଡ଼ ପାଟି କରି ହେ, ପ୍ରଭୁ ରକ୍ଷାକର କହି ମୋ ପାଖକୁ ଦୌଡି ଆସିଲା, ମୋ ହାତ ଧରି ଉଠାଇ ଦେଲା, କହିଲା ମାଡାମ ଏବେ ଆପଣଙ୍କର କ"ଣ ହୋଇ ଥାନ୍ତା ଯେ ? ଭଗବାନ୍ ଆପଣଙ୍କୁ ରକ୍ଷା କରି ଦେଲେ କହିଲି ହଁ ବେଟା ତୁମର ସେ ସରଳ ମନ ର ବ୍ୟାକୁଳତା ପଣର ବିକଳ ଡାକ ବୋଧେ ଭଗବାନ୍ ଶୁଣିଲେ, ସେଥିପାଇଁ ମୁଁ ଏତେ ବଡ଼ ଆକ୍ସିଡେନ ରୁ ରକ୍ଷା ପାଇଗଲି, ମରୁ ମରୁ ବଞ୍ଚିଗଲି । ଆଜିକାଲି ର ପିଲାତ ଗାଡିଖଣ୍ଡେ ହାତରେ ପାଇଗଲେ ଇନ୍ଦ୍ର ଚନ୍ଦ୍ର ମାନୁ ନାହାନ୍ତି ତୁମେ ବଡ଼ ହେଲେ ଏମିତି ବେପରୁଆଭାବେ କେବେ ବି ଗାଡି ଚଲେଇବନ, କଣ କହୁଛ ବେଟା ? ହଁ ମାଡାମ୍ କେବେ ବି ନୁହେଁ ।

ଏମିତି କଥବାର୍ତ୍ତା ଭିତରେ ରାସ୍ତା ଆର ପଟକୁ ଏକା ସଙ୍ଗେ ଦୁହେଁ ଏକା ରାସ୍ତା ରେ କଥା ହୋଇ ଚାଲିଲୁ ପରସ୍ପର ତା"ସହିତ କଥା ବାର୍ତ୍ତା ରୁ ଜାଣିଲି ସେ ଷଷ୍ଠ ଶ୍ରେଣୀରେ ପାଠ ପଢୁଛି, ୧୧/ ୧୨ ବର୍ଷ ବୟସ ହେବ । କହିଲା ମାଡାମ୍ ମୁଁ ଆପଣଙ୍କୁ ସବୁଦିନେ ୪ ଟା ବେଳେ ଟିଉସନ୍ ଗଲା ବେଳେ ଦେଖେ, ଭାରି ଇଚ୍ଛା ହୁଏ କଥା ହେବାକୁ ହେଲେ କଥା ହୋଇପାରେ ନାହିଁ । ଭାରି ଡର ଲାଗେ, ସାହସ ହୁଏ ନାହିଁ, ମନରେ ମୋର କେତେ ପ୍ରଶ୍ନ ଉଙ୍କିମାରେ, ପଚାରିବି, ପଚାରିବି ଭାବି ରହି ଯାଏ ଭଗବାନଙ୍କୁ ଅଶେଷ ଧନ୍ୟବାଦ ସେ ବୋଧେ ମୋ ମନ କଥା ଜାଣିପାରି ଆପଣଙ୍କ ସହ ମୋତେ କଥା ହେବାର ସୁଯୋଗ ଦେଲେ । ଆଜି ମୋତେ ବହୁତ ଖୁସି ଲାଗୁଛି ମାଡ଼ାମ୍ ଅନେକ ଦିନର ଇଚ୍ଛା ମୋର ପୂରଣ ହେଲା । କହିଲା ସତ ରେ, ମୁଁ ଯେ ଆଜି ଏତେ ଖୁସୀ ଭାଷା ପାଉନ ବ୍ୟକ୍ତ କରିବାକୁ ।

ଆଜି ମୋର ବହୁତ୍ ବଡ଼ ଭାଗ୍ୟ । ଆପଣଙ୍କ ସହ ଭେଟ ହେଲା ଏମିତି ଦୂର୍ଯୋଗ ରେ ..କିନ୍ତୁ ମୋ ପାଇଁ ଏହା ବଡ଼ ସୌଭାଗ୍ୟ । ସବୁ ଦିନ ଦୂରରୁ ଦେଖି ଭାବୁ ଥିଲି ଆପଣ ଜଣେ ଭଲ ମଣିଷ ହୋଇଥିବେ, ଆଜି କିନ୍ତୁ ପାଖରୁ ଅନୁଭବ କରୁଚ ଆପଣ କେତେ ଭଲ ସ୍ନେହୀ ମଣିଷଟିଏ । ଯାହା ହେଉ ଭଗବାନଙ୍କ ଦୟାରୁ ଆଜି ଆପଣ ଙ୍କ ସହ କଥା ହେବାର ସୁଯୋଗ ମିଳିଲା । ମୁଁ କହିଲି ଆଚ୍ଛା !!!!

ତେବେ କ"ଣ ପାଇଁ ଇଚ୍ଛା ହୁଏ ମୋ ସହ କଥା ହେବାକୁ ? କହିଲା ମାଡାମ ମୁଁ ଜାଣିନି, କିନ୍ତୁ ଆପଣଙ୍କୁ ଦେଖିଲେ ମୋତେ ଖୁବ୍ ଭଲ ଲାଗେ ଆପଣ ଯେମିତି ମୋର କିଏ ଅତି ନିଜର ପରି ମନେହୁଏ । କିଛି ବୁଝି ପାରିଲିନି ପିଲାଟି ଏମିତି କହିବାର କାରଣ କ"ଣ ? ତତ୍ କ୍ଷଣାତ ତାକୁ ପଚାରିଲି ବେଟା ତୁମ ଘରେ ସବୁ କିଏ ଅଛନ୍ତି ? କହିଲା ମୋ ବାବା ମାଆ, ଆଉ ମୁଁ । ତେବେ ତୁମେ କଣ କେବଳ ଗୋଟିଏ ପୁଅ ? ହଁ !! ଏମିତି କଥବାର୍ତ୍ତା ଭିତରେ ଆମ ଘରକୁ ଯିବା ରାସ୍ତା ର ଛକର ବାମହାତି ତା ଘରକୁ ଯିବା ରାସ୍ତା ପଡ଼ିଲା ମୋତେ ବିନମ୍ର ନମସ୍କାରଟି ପକାଇ ଯିବାକୁ ଉଦ୍ୟତ ହେଲା, ମୁଁ ମଧ ତା" ମୁଣ୍ଡରେ ହାତ ରଖି ତାକୁ ଆଶିର୍ବାଦ କଲି, ଭଲ ପାଠପଢି ଭଲ ମଣିଷ ଟି ହେବା ର ସଂକଳ୍ପ ରେ... ହଁ ବେଟା ଶୁଣ ଜୀବନ ରେ ବଡ଼ ଚାକରି କରି ବଡ଼ ମଣିଷ ଟି ନହୋଇ ପାରିଲେ ବି ସବୁ ବେଳେ ମନେ ରଖିବ ଭଲ ମଣିଷ ଟି ହେବାକୁ ଚେଷ୍ଟା କରିବ । ହଁ ମ୍ୟାଡମ ନିଶ୍ଚୟ ମୁଁ ଭଲ ମଣିଷ ହେବାକୁ ଚେଷ୍ଟା କରିବି । ଆପଣଙ୍କ ଆଶୀର୍ବାଦ ଏମିତି ଥାଉ ।

ମାଡାମ ଗୋଟେ କଥା କହିବି ? କୁହ ବେଟା ଜାଣିଛନ୍ତି ନା ମୋର ନିଜ ମା ନାହିଁ, ମୁଁ ଟିକେ ଛୋଟ ଥିଲା ବେଳେ ମୋ ମା"ର ଦେହ ଖରାପ ଥିଲା । ସେ ହସ୍ପିଟାଲ୍ ରେ ମରି ଗଲା | ମୋ ବାପା ଆଉ ଥରେ ବାହା ହେଲେ, ମୋ ମାଆ" କଥା ସବୁବେଳେ ମୋର ଭାରି ମନେ ପଡୁଛି । ଓଃ.!!

କାହିଁକି କେଜାଣି ତା"ଠାରୁ ଏକଥା ଶୁଣି ମନଟା ଭାରି ବ୍ୟସ୍ତ ଲାଗିଲା । ଏତିକି ଆଶ୍ୱାସନା ଦେଲି, ହଉ ବେଟା ବ୍ୟସ୍ତ ହୁଅନି ମୁଁ କଣ ତୁମ ମା ନୁହେଁ ? ।

କଣ ଭାବିଲା କେଜାଣି ମୋ ମୁହଁକୁ ଚାହିଁ ଟିକେ ମୁରୁକି ହସି ଦେଲା, ତା କଅଁଳ ନିଛନ୍ଦ ହସରେ କି ଯାଦୁ ଥିଲା କେଜାଣି ! ତା ସ୍ନେହ ର ଆକର୍ଷଣ ରେ ମୁଁ ବାନ୍ଧି ହୋଇ ଗଲି...

ତା"ପର ଦିନ ମୁଁ ମୋ କାର୍ଯ ରେ ବାହାରି ପଡ଼ିଲି ଘରୁ ଠିକ୍ ୪ ଟା ବେଳେ । ରାସ୍ତା ଚାଲୁ ଚାଲୁ ଟିକେ ଦୂରରୁ ଦେଖିଲି ସେହି ଛକରେ ସେ ଛିଡ଼ା ହୋଇ ମୋତେ ଚାହିଁଛି ଓ ମୁରୁକ ମୁରୁକ ହସୁଛି, ମୁଁ ତା" ପାଖରେ ଆସି ପହଂଚଲା ମାତ୍ରେ ବିନମ୍ର ନମସ୍କାରଟି ପକାଇଲା । ମୁଁ ତାକୁ ପ୍ରତି ନମସ୍କାର ଜଣାଇ, ପଚାରିଲି ଆରେ ବେଟା ଏଠି ଠିଆ ହୋଇଛ ଯେ ! ହଁ ଆପଣଙ୍କୁ ଅପେକ୍ଷା କରି ଛିଡ଼ା ହୋଇ ଥିଲି, ମାଦାମ୍ । ମୁଁ ଜାଣିଛି ଆପଣ ଏହି ସମୟ ରେ ଆସିବେ । ଆଚ୍ଛା !!!! କଣ ପାଇଁ ? ଅପେକ୍ଷା କରି ଥିଲ !!! ନା ମାଡ଼ାମ୍ କିଛି ନାହିଁ, ଏମିତି !!! ମୁଁ କହିଲି ଆରେ ବେଟା ମାଡ଼ମ୍ ନୁହେଁ ଆଣ୍ଟି ବୋଲି ଡାକ । ହଠାତ୍ ଜିଭ୍ କାମୁଡ଼ି ପାକାଇ କହିଲା ଆରେ ବାପରେ ନା ନା ମୁଁ ଆପଣଙ୍କୁ ଆଣ୍ଟି ବୋଲି କେବେ ଡାକବି ନ । ଆରେ କାହିଁକି ? ନା କେବେ ନୁହେଁ । ମୁଁ କଣ ବା ତାକୁ କହିବି କିଛି ବୁଝି ପାରିଲିନ, ଆଶ୍ଚର୍ଯ୍ୟ ହେଲି ତା" କଥା ଶୁଣି । ଗଲାବେଳେ ତା" ପିଠିରେ ହାତ ଥାପୁଡେଇ ଆରେ ଚଗଲାଟା କହି ଚାଲିଗଲି ।

ସେହି ଦିନ ଠାରୁ ମୁଁ ତାକୁ ଚଗଲା ବୋଲି ଡାକେ । ସବୁ ଦିନ ସେ ମୋ ଆସିବା ବାଟକୁ ଚାହିଁ ରହିଥାଏ ଦୂରରୁ ଦେଖି ମୁରୁକ ହସିଦେଇ ନମସ୍କାର ଟିଏ ପକାଇ ମୋ ସହିତ ପାଦ ପକାଇ ଆଗକୁ ଚାଲେ । ଏହା ଏକ ନିତିଦିନିଆ ଘଟଣା ହୋଇଗଲା | ଯଦି କେଉଁଦିନ ସେ ଠିଆ ହୋଇ ନଥାଏ, ମୋ ଆଖି ବି ତାକୁ ଚାରି ଆଡେ ଖୋଜେ | ମୋର ଯେମିତି କିଛି ମୂଲ୍ୟବାନ ଜିନିଷ ହ ଗଲା ପରି ଅନୁଭବ କରେ । କିନ୍ତୁ ମୁଁ ଫେରିଲା ବେଳକୁ ଦେଖେ ସେ ସେହି ନିର୍ଦ୍ଦିଷ୍ଟ ଜାଗାରେ ଠିଆ ହୋଇ ମୋତେ ଅପେକ୍ଷା କରିଥାଏ । ସେ ମୋତେ ଦେଖୁ ଦେଖୁ ଦୁଇ ପାଦ ଆଗକୁ ଚାଲି ଆସେ । ଆଜି ୪ ଟା ରେ କାହିଁକି ଆସି ନଥିଲ ବୋଲି ପଚାରିବା ପୂର୍ବରୁ ସେ ଆଗତୁରା କାରଣ କହି ପକାଏ । ଧିରେ ଧିରେ ମୁଁ ଅନୁଭବ କରେ ମୋ ପ୍ରତି ତାର ଯଥେଷ୍ଟ ସମ୍ମାନ ଓ ଖୁବ୍ ଭଲ ପାଇବା ଅଛି । ମୁଁ କେଉଁ ଦିନ କେଉଁ ରଙ୍ଗ ଶାଢ଼ୀ ପିନ୍ଧିଚ କଣ ଗହଣା ଲଗେଇଛି, କେଉଁଦିନ କେତେ ସୁନ୍ଦର ଦିଶୁଛି ସବୁର ତର୍ଜମା ସେ କରେ । ମୁଁ କିନ୍ତୁ ତା ଠାରୁ ଏମିତି କଥା ଶୁଣି ବି ରାଗିକି କିଛି କହି ପରେନି, କାରଣ ଏତେ ଛୋଟ ପିଲାଟି ଏତେ ଶ୍ରଦ୍ଧା ରେ କହୁଛି, କିଛି କହିଲେ କାଳେ ତା"ମନରେ କଷ୍ଟହେବ, ସେଥିପାଇଁ ମୁଁ ବି ସ୍ନେହରେ ତା"ଗାଲ୍ ରେ ହାତ ମାରି ଦୁଷ୍ଟଟିଏ କହି ଚାଲି ଯାଏ । ସେ ବି ଫୁଲେଇ ହୋଇ କଅଁଳ ସ୍ୱରରେ କହି ପକାଏ ମାଡାମ୍ ମୁଁ ମୋଟେ ଦୁଷ୍ଟ ନୁହେଁ ମୁଁ ପୁରା ଭଲ ପିଲା ଟିଏ। ମୁଁ କହେ ଭଲ ପିଲା ନା ଆହୁରି କଣ !!! ତୁ ପୁରା ଦୁଷ୍ଟ ଟେ ....ଏମିତି କହି କେତେ ଥର ଯେ ତା"କାନ ମୋଡିଥିବି ହିସାବ ନାହିଁ ।

ବେଳେ ବେଳେ ଅଭିମାନ ରେ କହିବ ହଉ ମ୍ୟାଡାମ୍ ଆଉ ଆପଣଙ୍କୁ କଛି କହିବିନ । କନ୍ତୁ ପୁଣି ତା"ପର ଦିନ ସେହି ଏକାକଥା । ମାଡ଼ମ ସତରେ ଆପଣ ଆଜି ଭାରି ସୁନ୍ଦର ଦିଶୁଛନ୍ତି, ଆଜି ଏଇ ଡ୍ରେସ ଟା ନା ଆପଣ ଙ୍କୁ ଖୁବ୍ ମାନୁଛି । ଏମିତି ନତି ଦିନ ଦେଖା ସାକ୍ଷାତ ଓ କଥା କର୍ତ୍ତା ରେ ଦୀର୍ଘ ଦୁଇ ବର୍ଷ କଟି ଗଲା କପରି ସମୟ ଜଣା ପଡିଲାନ ।

ଭଲଭାବେ ମନେ ଅଛି ଦିନ କର କଥା ....ସେଦିନ ମୁଁ ଭଲ ପାଟ ଶାଢ଼ିଟିଏ ପିନ୍ଧି ପଥର ସେଟିଂ ସୁନା ହାର ଓ କାନର ଲଗାଇ ସଜେଇ ହୋଇ ବାହାରି ପଡ଼ିଥାଏ, ଚକସ୍ତା କେନ୍ଦ୍ର ରେ ନତି ଦିନଆ ସେବା କାର୍ଯ୍ୟ ସାରି ସେହି କେନ୍ଦ୍ର ରୁ ଏକା ଥରେ ଯିବି ମୋ ସାଙ୍ଗ ଭଉଣୀ ର ବାହାଘର ରେ ଯୋଗ ଦେବାକୁ । ମୁଁ ଗ୍ଲୁଲି ଥାଏ ରାସ୍ତା ରେ ସେ ଚଗଲା ଦୂରରୁ ଦେଖି ଆଁ କରି ଆଶ୍ଚର୍ଯ୍ୟ ନୟନ ରେ ଗ୍ଲହିଁ ରହି ଥାଏ । ମୁଁ ପାଖକୁ ଗଲା ମାତ୍ରେ ନମସ୍କାର ଟି ପକାଇ କହି ପକାଇଲା, ମାଦମ୍ ଆଜି କଣ୍ ଦିଶୁଛନ୍ତି !!!! ପୁରା ସ୍ୱର୍ଗ ର ପରୀ । ହେ, ହେ ଚଗଲା ତୁମକୁ ମାଡ଼ ଦରକାର । ହଁ ମାରନ୍ତୁ ପଛେ ମୋତେ କନ୍ତୁ ସତ କଥା ଆଜି ଆପଣଙ୍କ ପଛରେ ଗ୍ଲେର ପଡିଯିବେ ...ହଉ ହଉ ଗ୍ଲେର ପଡନ୍ତୁ ତୁମେ କଛି ଚନ୍ତା କରନ ମୁଁ ପୋଲିସ କୁ ଡାକ ଦେବିନ...!!! ଏହା କହି ସ୍ମିତ୍ ହାସ୍ୟଟିଏ ଦେଇ ମୋ କାମରେ ମୁଁ ଗ୍ଲୁଲି ଗଲି ।

ତା"ପର ଦିନ ଠିକ୍ ସେହି ସମୟରେ ମୁଁ ଆସିଲା ବେଳକୁ ସବୁ ଦିନ ପରି ମୋତେ ଅପେକ୍ଷା କରି ଛିଡ଼ା ହୋଇଛି, ମୋତେ ଦେଖୁ ଦେଖୁ ମୋ ହାତକୁ ଏକ dairy milk ଚକୋଲେଟ ଟି ବଢାଇ ଦେଇ କହିଲା ମାଡ଼ାମ୍ ଆଜି ମୋର ଜନ୍ମଦିନ । ମୁଁ ଏକଥା ଶୁଣି ତାକୁ ଜନ୍ମ ଦିନ ର ଶୁଭେଚ୍ଛା ଜଣାଇ, ଯେତିକ ଖୁସି ହୋଇଥିଲି, ବେଶି ଦୁଃଖିତ ହୋଇଥିଲି ଅଭିମାନ, ରାଗ ମିଶା ସ୍ୱରରେ ତାକୁ କହିଥିଲି ଆରେ ବେଟା ତୁମେ ମୋତେ କାଲି କହିଲ ନ କାହିଁ? ତୁମ ପାଇଁ ମୁଁ କଛି ଗିଫ୍ଟ ଆଣି ଥାନ୍ତି, ମୁଁ ତୁମ ସହ ଆଜିଠୁ ଆଉ କଥା ହେବିନ ।

ମନ ଦୁଃଖ କରି କହିଲା ମ୍ୟାଦାମ୍ ସେମିତି କୁହନ୍ତୁ ନ । ଆପଣ ମୋ ସହ କଥା ନ ହେଲେ ନା ! ମୁଁ ମରିଯିବି । ମୁଁ ତା" ମୁହଁରୁ ଏପରି ଅମଙ୍ଗଳଆ କଥା ଶୁଣି ଚମକ ପଡିଥିଲି, ତା"ପାଟିରେ ହାତ ଦେଇ ତାକୁ ଅଟକାଇ ଥିଲି...ସେ ଦିନ ମୋ ଆଖି ଛଳ ଛଳ ହୋଇ ଯାଇଥିଲା । ଅଜାଣତରେ ମୋ ଆଖିରୁ ଅଶ୍ରୁ ବୁନ୍ଦା ବୋହି ଆସି ଥିଲା । ମୁଁ ଅନୁଭବ କରୁଥିଲି ସତରେ ସେ କେତେ ଭଲ ପାଏ ମୋତେ...!! ମୋ ପାଟିରୁ ବାହାରି ଆସିଥିଲା ସେମିତି କାଳ କଥା କୁହନ୍ତିନ ରେ ଚଗଲା....ଏହା କହୁ କହୁ ସେ କହି ପକାଇଲା ଆପଣ

ସତ୍ କୁହନ୍ତୁ ମୋ ସହ ଅପଡ କରି ବେନ ତ **?** ଆରେ ବେଟା ନା "ରେ ବିଲକୁଲ୍ ନୁହେଁ ମୋ ସୁନା ଗେହ୍ଲା ଚଗଲ୍ କୁ ଛାଡ଼ି କଣ ମୁଁ ରହି ପାରିବି **!!!!!** ଏହା କହି ତା ଗାଲ କୁ ଗେଲରେ ଟାଣି ଦେଲ୍ ଭିତରେ ଜାଣିଲି ତା" ଦେହ ଖୁବ୍ ତାତିଛି**,** ପଗ୍ଭରିଲି ଆରେ ତୋ ଦେହ କଣ ଏତେ ତାତିଛି **?**

କହିଲ୍ ମ୍ୟାଦମ୍ ମୋ ମୁଣ୍ଡ ଟିକେ ବିନ୍ଧୁଚ ଥଣ୍ଡା ଧରିଛି ତ ସେଥିପାଇଁ ଦେହ ବୋଧେ ଉଷୁମ ଅଛି । ହଉ ତେବେ ଆସ ମୋ ସାଙ୍ଗରେ ସିଦ୍ଧ ଚକସ୍ତା କେନ୍ଦ୍ର କୁ ସେଇଠି ତୁମକୁ **treatment** କରି ଦେବି ସଙ୍ଗେ ସଙ୍ଗେ ଭଲ ହୋଇ ଯିବ । କହିଲ୍ ନାଇଁ ମାଡାମ ମୋର ଟିଓଉସନ୍ ଅଛି ତ ମୁଁ ଗଲେ ଡେରି ହୋଇଯିବ । ସାର୍ ଗ୍ଭଗିବେ ଆପଣ ଯାଆନ୍ତୁ ମୁଁ ମେଡ଼ିସିନ୍ ଦୋକାନ ରୁ ଗୋଟେ କ୍ରୋସିନ୍ କଣି ଖାଇଦେବି ଜର ଥଣ୍ଡା ସବୁ ଭଲ ହୋଇ ଯିବ । ଆପଣ ଚନ୍ତା କରନ୍ତନ। ମୁଁ କହିଲି ହଉ ଠିକ୍ ଅଛି । **Take care** ମୁଁ ଆସୁଛି ବେଟା । କହିଲ୍ ମାଡ଼ମ ଗୋଟେ କଥା କହିବି। ମୁଁ କହିଲି କଣ କୁହ **?** ଆପଣଙ୍କ ଫୋନ ନମ୍ବର୍ ଟିକେ ଦେବେ । ମୁଁ କହିଲି ହଁ ଦେବିନ କାହିଁକ ରେ **..**ଏହା କହି ଭ୍ୟାନ ଟ ବ୍ୟାଗ୍ ରୁ କାଗଜ କଲମ ବାହାର କଲ୍ ଭିତରେ ଆମ ଚକସ୍ତା କେନ୍ଦ୍ରରୁ ଜଣେ ପେସେଣ୍ଟ ଙ୍କର ଫୋନ ଆସିଲ୍ । ତେଣୁ ତାଙ୍କସହ କଥା ହୋଇ ହୋଇ ଗ୍ଭଲି ଆସିଲି**,** ତାକୁ କହିଲି କାଲି ଗୋଟେ କାଗଜ ରେ ଲେଖି ଆଣିଥିବି ନମ୍ବର୍ କାଲି ଦେବି**,** କହିଲ୍ ହଉ ଠିକ୍ ଅଛି ।

ଏହା କହି ଆମେ ନଜ ନଜ କାମରେ ଗ୍ଭଲିଗଲୁ । ମୁଁ କେନ୍ଦ୍ର ରୁ ଘରକୁ ଗ୍ଭତି ୮ ଟା ରେ ପହଞ୍ଚି ଦେଖେ ତ ମୋ ହଜବ୍ୟାଣ୍ଡ ଗେଟ୍ ପାଖରେ ମୋ ଆସିବା ବାଟକୁ ଖୁବ୍ ଉତ୍କଣ୍ଠାର ସହ ଗ୍ଭହିଁ ରହିଛନ୍ତି**,** ପହଞ୍ଚୁ ପହଞ୍ଚୁ କହି ପକାଇଲେ ହଁ ଶୁଣ ମୋର ଡେପୁଟେସନ ରେ ଦିଲ୍ଲୀ ଯିବାର ଅଛି ଅନିର୍ଦ୍ଧିଷ୍ଟ ସମୟ ପାଇଁ । ତେଣୁ ଜିନଷ ପନ ପ୍ୟାକଂ କର ଆସନ୍ତା ସୋମବାରେ ଦିଲ୍ଲୀ ଯିବା ଫ୍ଲାଇଟ୍ ଟିକେଟ ବି ହୋଇ ଯାଇଛି । ମୁଁ ଶୁଣି ଆଶ୍ଚର୍ଯ୍ୟଚକତ ହେଲି। ଆରେ ଏମିତି ହଠାତ୍ କଣ ଯେ**?** ଯାହା ବି ହେଉ ଅଫିସ ର ଆଦେଶ କୁ ମାନବାକୁ ହେବ ଦିଲ୍ଲୀ ଯିବାକୁ ହିଁ ପଡ଼ିବ । ସେହି ସମୟରୁ ହିଁ ମାନସିକ ଭ୍ବେ ପ୍ରସ୍ତୁତ ହେଲି ଦିଲୀ ଯିବା ପାଇଁ ।

ତା"ପର ଦିନ ଚଗଲ୍ କୁ ଫୋନ ନମ୍ବର ଦେବି ଓ ଆମର ଦିଲ୍ଲୀ ଯିବା କଥା ଜଣାଇବି ବୋଲି ଏକ ଦ୍ୱନ୍ଦ ମନରେ ସନ୍ତାପି ହେଲି । ସେ ମୋ ଯିବା କଥାକୁ କପରି ଭ୍ବରେ ଗ୍ରହଣ କରିବ କ ନାହିଁ ବୋଲି ମନରେ ଅନେକ ଭ୍ବନା ଆସୁଥାଏ । ଯାହା ବି ହେଉ ସବୁ ଦିନ

ପରି ଅପରାହ୍ନ ୪ ଟାରେ ବାହାରି ପଡିଲି, ମୋ କାର୍ଯକ୍ଷେତ୍ର କୁ । ସେଦିନ ଦେଖିଲି ସବୁ ଦିନ ପରି ଚଗଲା ମୋତେ ଚାହିଁ ସେଠି ଠିଆ ହୋଇ ନାହିଁ, ଚାରି ଆଡ଼େ ଆଖି ବୁଲେଇ , ଭଲ ଭାବରେ ଦେଖି ନେଲି । ସେଦିନ ଆଉ ଚଗଲା ର ଦେଖା ପାଇଲିନ । ଭାବିଲି ତା" ପର ଦିନ ଚଗଲା ସହ ଦେଖା ହେବ ତାହା ବି ହେଲାନ । ଏମିତି ଅପେକ୍ଷାରେ ଅପେକ୍ଷା ରେ ୫ ଦିନ କଟି ଗଲା । ହେଲେ ତାକୁ ଦେଖା ନ କରି ମୁଁ ଦିଲ୍ଲୀ ଚାଲିଗଲି । କିନ୍ତୁ ମନ

ବହୁତ କଷ୍ଟ ହେଲା, ତାକୁ ମନରେ ଭାବି ଭାବି ଦିଲ୍ଲୀ ରେ କିଛି ବର୍ଷ କଟିଗଲା । ଅନେକ ସମୟରେ ତା"କଥା ମନେ ପଡେ । ଦିଲ୍ଲୀ ରୁ ଫେରିବା ପରେ ଭାବିଥିଲି, ମୋ ସ୍ନେହର ଚଗଲା କୁ ମୁଁ ପୁଣି ପାଇଯିବି । କିନ୍ତୁ ଆଜି ଯାଏ ତାକୁ ଆଉ ପାଉ ନାହିଁ ମୋ ଆଖିରେ ତା"ଦାନ୍ତେଖି ହସ ଦିଶି ଯାଉଛି । ତା" ଚୁଲ୍ ବୁଲିଆ ଚଗଲିଆ କଥା ମୋ କାନରେ ଯେମିତି

ବାର ବାର ଶୁଭି ଯାଉଛି । ତା"ର ସେହି ନିରୀହ ଚକ୍ଷୁ ପଟ୍ଟଳ ର ଚାହାଣୀ ମୋ ସାମ୍ନାରେ ଯେମିତି ପ୍ରତି ମୁହୂର୍ତ୍ତରେ ନାଚ ଯାଉଛି **!!!** । ଆବେଗ ଭରା ମନରେ ମୁଁ ତାକୁ ଅପେକ୍ଷା କରିଛି, ଚାହିଁ ରହିଛି । ହୃଦ ସ୍ପନ୍ଦନ ବଢ଼ି ଯାଉଛି, ମନ ର ଆଶଙ୍କା ବାର ବାର ଆନ୍ଦୋଳିତ କରୁଛି ଆତ୍ମା କୁ । ତା"ର କିଛି ଅସୁବିଧା ହୋଇନ ତ **!!?**

ଆରେ ଚଗଲା ତୁ କୁଆଡେ ଗଲୁ ରେ **?** ତୋ ପ୍ରିୟ ମାଡ଼ାମକୁ ଭୁଲି ତୁ କେମିତି ରହିଛୁ ରେ **...!!!** ତୋର ମନେ ପଡୁନ ମୋ କଥା **?** ମୋର କିନ୍ତୁ ତୋ କଥା ସବୁବେଳେ ମନେ ପଡୁଛି **|** ଏ ଆଖି ତୋତେ ସବୁଆଡେ ଖୋଜୁଛି, ଏ ସହରର ଗଳି କନ୍ଦିରେ ପ୍ରତି ଜାଗାରେ, ହେଲେ ତୁ ଦେଖା ଦେଉନୁ । କାହିଁକିବା ଦେଖା ଦେବୁ **!!!** ତୁ କଣ ଆଉ ମୋତେ ମନେ ରଖିଥିବୁ **?** ତୁ ତ ଏବେ ବଡ ହୋଇ ଯିବୁଣି କଲେଜରେ ପାଠବୁଣି। କେତେ ସାଙ୍ଗ ସାଥିଙ୍କ ମେଳରେ ମିଶୁଥିବୁ ମଜା ମାଜଲିସ୍ କରୁଥିବୁ । ତୋ କିଶୋର ମନରେ କେତେ ଚଗଲାମି, ଚପଳାମି, ଧସେଇ ପଶୁଥିବ **...**ତୋ ମନ ରେ କେତେ ନୂତନ ଶିହରଣ ଜାଗୁଥିବ, ପାଠ ପଢ଼ିବୁ, ଭଲ ଚାକରୀ କରିବୁ, କେତେ ବାସ୍ତବ ଅବାସ୍ତବ ସ୍ୱପ୍ନ ଭିତରେ ବୁଡ଼ି ରହିଥିବୁ। ଫୁଲ ବଗିଚାରେ ପ୍ରଜାପତି ଙ୍କ ମେଳରେ ଘୂରି ବୁଲୁଥିବୁ **...**। ତୁ ବା କାହିଁ ମୋତେ ମନେ ପକେଇବୁ **!!!** ମୁଁ ତୋର କିଏ କି**?** ମୁଁ ଯଦି ତୋର ଆପଣାର ହୋଇଥାନ୍ତି ତୁ କଣ ମୋତେ ଭୁଲି ରହିଥା **?** ଆରେ ଏସବୁ ମୁଁ କଣ କହୁଛି ମ **!!!!** ମୁଁ ଆଜି ତୋ ସ୍ଥିତି ପରିସ୍ଥିତି କୁ ନେଇ ବହୁତ ଚିନ୍ତିତ **.....!!**

ଭାବୁଥିଲି ଦିଲ୍ଲୀ ରୁ ଆସିଲା ପରେ ତୋ ସହ ମୋର ନିଶ୍ଚୟ ଦେଖା ହେବ, ହେଲେ ...! ନା !! ଆଜିଯାଏଁ ଦେଖା ହେଲା ନାହିଁ । ତୁ ଭଲରେ ଅଛୁ ତ ଚଗଲା ? ମୋ ମନରେ ଆଜି ଅନେକ ପ୍ରଶ୍ନ ବାଚୀ !!!!! ସେଦିନ ତୋତେ ମୋ ଫୋନ ନମ୍ବରଟି ନଦେଇ ଚାଲିଗଲି ସେଥିପାଇଁ ମୋ ଉପରେ ରାଗିକି ଏତେ ବଡ଼ ନିଷ୍ପତ୍ତି ନେଇଗଲୁ ମୋତେ ଦେଖା ନ କରିବାର ସଙ୍କଳ୍ପରେ ରହି ଗଲୁ ? ନା ଆଉ କିଛି !!!! ସତ ରେ ଚଗଲା ମୁଁ ବହୁତ ବଡ଼

ଦୋଷୀ ତୋ ପାଖରେ.... ମୁଁ ଆଜି ହାରି ଯାଇଛିରେ !!! ନିଜକୁ କ୍ଷମା କରି ପାରୁନି, ସେଦିନ ଯଦି ତୋତେ ଫୋନ ନମ୍ବରଟି ଦେଇଥାନ୍ତି, କିମ୍ବା ତୋ ଫୋନ୍ ନମ୍ବର ଟି ମୁଁ ରଖି ଥାଆନ୍ତି ତେବେ ଆଜି ମୁଁ ତୋତେ ଅନ୍ଧ ପରି ଚର୍ତୁଦିଗରେ ଅଣ୍ଡାଳ ବୁଲି ନଥାନ୍ତି ବର୍ଷ ବର୍ଷ ଧରି....ଏମିତି ମାୟା ଡୋରିରେ ମୋତେବାନ୍ଧି ରଖିଥିଲୁ, ପୁଣି ଏମିତି ଭାବରେ ସେ ଡୋରି ର ବନ୍ଧନକୁ ଛିଡାଇ କୁଆଡେ ହଜି ଗଲୁ ତୁ?

ଆଜି ମୋ ମନରେ ଉଙ୍କି ମାରୁଛି ଅନେକ ପ୍ରଶ୍ନ !!! ତୁ କି ମାୟା ମୋ ସହ ଲଗେଇ ଥିଲୁ, କାହିଁକି ମୋତେ ଏତେ ଭଲ ପାଉ ଥିଲୁ... କି ସୁଖ ପାଉଥିଲୁ କି ଶାନ୍ତି ପାଉଥିଲୁ, ପୁଣି ହଠାତ୍ ଏମିତି ମୋତେ ପର କରି ମୋ ସହ ଲୁଚକାଳି ଖେଳିଲୁ ଯେ ମୋତେ ଆଉ ଧରା ଦେଲୁନି । ସାତ ପର କରି କୁଆଡେ ଲୁଚଗଲୁ । ମୁଁ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ତୋତେ ଅଣ୍ଡାଳ ବୁଲୁଛି ବିରାଟ ପୃଥିବୀର କୋଣ ଅନୁକୋଣ । ତୁ ଯାହାକୁ ଏତେ ଭଲ ପାଉଥିଲୁ

ଦିନେ ନ ଦେଖିଲେ ତୋ ପାଠ ପଢାରେ ଖାଇବା ପିଇବା ରେ ମନ ଲାଗୁ ନଥିଲା ବୋଲି, କେତେଥର କହିଥିବୁ ମୋତେ !! ତୁ ପୁଣି ତାକୁ କିଛି ନ ଜଣେଇ କାହିଁକି ତା" ଠାରୁ ଦୂରେଇ ଗଲୁ ? ଏବେ କେଉଁ ଠାରେ ଅଛୁ, କେମିତି ଅଛୁ ? ତୁ ଠିକ୍ ଠାକ୍ ଅଛୁ ନା ଚଗଲା ? କେବେ ପୁଣି ଫେରି ଆସିବୁ ମୋ ପାଖକୁ ସେହି ମାୟା ଜାଲରେ ଛନ୍ଦି ଦେବା ପାଇଁ..ମୋତେ.!! ମୋ କୋହ ଭରା ହୃଦୟରେ ପାଗଳନି ପରି ଆପେକ୍ଷା କରିଛି ଆଦର ରେ କୋଳେଇ ନେବା ପାଇଁ ତୋତେ !!!!

ମୋ ସୁନା ଚଗଲା ଟା ମୋ ଧନ ତୁ ମୋ ପାଖକୁ ଫେରିଆ ରେ.....ତୋ ପ୍ରିୟ ମାଡାମ କୁ ଭୁଲି ତୁ କେମିତି ରହିଛୁ ରେ ? ମୁଁ କଣ ତୋର ସେହି ସ୍ୱର୍ଗୀୟ ଅମୃତମୟୀ ମା"ର ସ୍ନେହ ଦେଇ ପାରିବିନି ତୋତେ.....!!!! ?

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା

# ଦାମନଯୋଡିର
# ଶୀତ ଗୀତ



ବିଜୟ କୁମାର ଜେନା

(୧)
ପ୍ରକୃତି କୋଳରେ ସହର ବସିଛି
ସପନ କରୁଛି ସତ,
ବରଷା ବସନ୍ତ ଶୀତ ବଇଶାଖେ
ସଦାବିହାରୀ'ର ମିତ।
ସୁନେଲୀ ରଙ୍ଗର ଶୀତର ଓଢ଼ଣୀ
ସବୁ ଋତୁ ପାଇଁ ନୁହେଁ,
ଶିଳାବତୀ କନ୍ୟା ସବୁଜ ପାହାଡ଼
ଉପରୁ ଆକାଶ ଛୁଏଁ।
କୁଆଁରୀ କାକର କଣେଇ କହୁଛି
ଶୀତୁଆ ରାତିରେ କଏ,
କେଉଁ ପରଦେଶୀ ପାହାନ୍ତି ପହରେ
ପୀରତି ପରଶ ଦିଏ।

ରାତି ଦାଗଦେଲା କଜଳରେ କଳା
ସକାଳୁ ସିନ୍ଦୂର ନାଲି,
ଫୁଲେଇ ଫୁଲଙ୍କ ଫୁସୁରୁଫାସର
ଆହୁରି ଶୁଣିବ କାଲି।
ଯାଉଁଳ ପାହାଡ଼ ଆକାଶ ଛୁଉଁଛି
ଛାଇ ଆଲୁଅରେ ଘର,

ଯାଉଁଳ ପଥର ମଝିରେ ବହୁଛି
ଲ୍‌ଜକୁଳୀ ଗିରି ଝର।
କାଉଁରୀ ଷ୍ଵଇଜ ସଞ୍ଜ ନଇଁଗଲା
କନକନଆ ତା ଛୁଆଁ,
ସରମେ ସୁରୁଜ ନାଲି ପଡ଼ିଗଲା
କାଲି'କୁ କହିବ ଯାହା।

ଝରି ଭିଜା ଭିଜା ଭୂଗୋଳ ଏଠାରେ
ମାର୍ଗଶିର ମାରେ ହାଇ,
ଖୁମାଣି ଖଷ୍ଵରେ ଖୁସି ଖୋଜି ହୁଏ
ହରଷେ ହଜିବା ପାଇଁ।
ପଥର ଦେହରେ ଆଉଜି ଆଉଜି
ଚପଳ ଝରଣା ଝରେ,
ସାତ ପାହାଡ଼ର ଚଳନ୍ତା ପାଣିରେ
ଶ୍ୟାମଳ ଶିଉଳ ଥରେ,
କୁହୁଡ଼ି କହୁଛି କହଷ୍ଵ ସକାଳ
କେମିତି କଟିଲା ଷ୍ଵତି,
କାହା ସପନରେ କିଏ ଆସିଥିଲା
କୋରି ଦେଇଗଲା ଛାତି।

କେଜାଣି କାହିଁକି କୁହୁଡ଼ି କାକର
ଛୁଇଁଲେ ମାଡୁଛି ଡର,
କେଉଁ କଇବର୍ତ୍ତ କନ୍ୟାକୁ କୋଳେଇ
ପ୍ରଣୟୀବେ ପଷ୍ଵସର।

କୁହୁଡ଼ି ଉହାଡେ ପତର ଝଷ୍ଵଇ
ପୀରତି ଫାଙ୍କରେ ଫିକା,

ଭିଜା ସକାଳର ଚତୁରୀ ନାୟିକା
ଅଳସେ ବସିଛି ଏକା।
ଫୁଲ ପାଖୁଡ଼ାକୁ ପହରା ଦେଉଛି
ରସିଆ ପରଜାପତି,
କୋଉ ପହରରେ ପ୍ରବେଶ କରିବ
ପଉଷ ହେମାଳ ରାତି।

ଦାମନଯୋଡି

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ମଶାଣି



କୃଷ୍ଣ ଚନ୍ଦ୍ର ବାରିକ୍

*******

ଏନ୍ତୁଡ଼ିଶାଳ ଠୁ ଅନୁଷ୍ଠିତ ହୋଇଥିବା
ମୁଢ଼ ମେଢ଼ ର ବିସର୍ଜନ
କଛି ଅଶ୍ରୁ ଙ୍କ ଅଭିଷେକ ଆଉ  କଛି ଶୋକ ର
ବିଷାଦିତ ଆୟୋଜନ

ଯେଉଁଠି ଶାସ୍ତି ପାଏ ଅହଂକାର ଓ ଇର୍ଷା ସହ
ଗର୍ବ ର ଗାରିମା
ମୁଠାଏ ପାଉଁଶ ରେ ଖୋଜୁଥିବା ଚର ନରୁଦ୍ଦିଷ୍ଟଶରୀର ର ଠିକଣା

ଯେଉଁଠି ହତ୍ୟା ହୁଏ ଶରୀର ଓ ଆତ୍ମା ର
ସଂଲଗ୍ନ ଶାଶ୍ୱତ ସନ୍ଧି
ମାୟା ମୋହ ର ମହୋଦଧି ରୁ  ବର୍ତ୍ତୀ ଥିବା
କାୟା ର ଦଗ୍ଧ ସମାଧି

ଶାରୀରିକ ଚରିତ୍ର ଅଭିନୟ ର ବୈଧ ପୂର୍ଣ୍ଣଛେଦ ରେ
କେଇ ଖଣ୍ଡ  ଅସ୍ଥି ର ଭଗ୍ନାଂଶ
ଆତ୍ମୀୟ ସୋଦର ସହ ମେଦିନୀ ରେ ମିଶୁଥିବା
ସବୁ ସମ୍ପର୍କ ର ଅଂଶବିଶେଷ

ଗୁଣଣ, ହରଣ ଓ ଯୋଗ ର ପ୍ରତିଯୋଗୀତା ରେ
ବିୟୋଗ ର ଜିତାପଟ
ଆୟ, ବ୍ୟୟ ଓ ସଞ୍ଚୟ ର ଧାଁ ଧାପଡ଼ ରେ
ଶୂନ୍ୟ ସଂସାର ର ଚକ୍ରପଟ୍ଟ

ଏଠି ଛଖଣ୍ଡ କାଠ ରେ ନିର୍ବାଣ ପାଏ
ନରୋତ୍ତମ ର ନିର୍ବାସନ
ଶରୀର ରୁ ଅଶରୀର ହେବାର
ଏକ ସତ୍ୟ ଓ ଶାନ୍ତ ସମାପନ

ରଜିବ, ବାଙ୍କୀ, କଟକ

# ସାର୍ଥକ ଅନୁଚନ୍ତା



ଆଲୋକ କୁମାର ପଣ୍ଡା

ଧ୍ୟାନ ଦେବା ପାଇଁ ଜରୁରୀ
କଛି ଜିନଷ ଅଛି,
ମାଆର ହୃଦୟ ଭାଙ୍ଗିବ
ନାହିଁ ମନୁ ମୁରୁଛି ।
ବାପାଙ୍କ ଆକଟ ମାନଲେ
ହେବୁ ଜଗତଜୟୀ,
ଭାଇର ସମ୍ପର୍କ ତୋ' ପାଇଁ
ସଦା ମଙ୍ଗଳ ହୋଇ ।
ଭଉଣୀର ମାନ ରଖିବା
ପାଇଁ ରହ ଜାଗ୍ରତ,
ପ୍ରେମର ବିଶ୍ୱାସ ରକ୍ଷଣେ
ରହ ଦୃଢ ନଶ୍ଚିତ ।
ପତ୍ନୀ ଅଧିକାର ଅବଶ୍ୟ
କର ପରିପୂରଣ,

ସ୍ୱାମୀଙ୍କ ଆଦେଶ କେବେହେଁ
କର ନାହିଁ ଲଙ୍ଘନ,
ଭିକାରୀକୁ ଭିକ ପ୍ରଦାନେ
କର ନାହିଁ ବିଳମ୍ବ,
ଦୟାର୍ଥୀ ସେବାର୍ଥୀ ଜନଙ୍କୁ
ବହ ମହତଭାବ ।
ବନ୍ଧୁଙ୍କ ହାତ ନ ଛାଡିବ
କର ବଜ୍ର ଶପଥ,
ଦେଶମାତୃକାର ଆହ୍ୱାନେ
ଲମ୍ଫ ଦିଅ ସତତ ।

ଶିକ୍ଷକ, କପସିପାଲି ଆଶ୍ରମ ବିଦ୍ୟାଳୟ,
ବଲାଙ୍ଗିର

# ଶେଷବସନ୍ତର ଚଠି

ବେଣୁଧର ସୂତାର

ସ୍ରଷ୍ଟାର ଜୀବନ୍ତ
ସୃଷ୍ଟିର ମହକ
ମଧୁର ପୁଲକ ତୋଳେ
ପ୍ରୀତି ପ୍ରାଣମୟ
ସ୍ୱର୍ଗୀୟ ପ୍ରଣୟ
କଳ୍ପନା ନୟନ କୋଳେ ||

ପାଷାଣ ଗାତ୍ରରେ
ମଧୁ ଝଙ୍କାରେ
ଅୟୁତେ ସ୍ୱପ୍ନ ଭରି
ଅମୃତମୟ ସେ
ବିମୁଗ୍ଧ ସୁଷମା
ପ୍ରୀତିର ସ୍ୱପ୍ନପୁରୀ ||

କେତେ ମଧୁଝର୍
ଅମିୟ ପସର୍
ରାଗ ରସ ଆଶାବରୀ
ପ୍ରୀତି ପ୍ରତୀକ୍ଷାର
ସାଇତା ଚତ୍ୱରେ
ଉପମା ପଡ଼ଇ ଝରି ||

ପ୍ରଣୟ ପିଆସୀ
କୋଣାର୍କ କନ୍ୟାର
ଉଷ୍ଣପ୍ରେମ ମାଦକତା
କାମନା ନେତ୍ରରେ
ରତି ଆଳାପର
ମୁଗ୍ଧ ଭାବପ୍ରବଣତା ||

ବିଧୁ ବଦନା ସେ
ବିଦ୍ୟୁତ ଲୋଚନା
ମେଖଳା ଯା ରୁଣୁଝୁଣୁ
ତାରୁଣ୍ୟ ତରଙ୍ଗେ
ଚହଲେ ଗୁତୁରୀ
ପ୍ରୀତିର ପଦ୍ମ ରେଣୁ ||

ସେ ଯେ ପ୍ରୀତିପର୍ଣା
ସୌନ୍ଦର୍ଯ୍ୟ ସମ୍ପର୍ଣା
ପ୍ରେମର ଅମୃତଲଗ୍ନା
ଊର୍ମିଳ ଇଛାର
ଦୁର୍ବାର କଳ୍ପନା
ପ୍ରଣୟ ସ୍ୱପ୍ନରେ ମଗ୍ନା ||

ପ୍ରୀତିଚୁମ୍ବନର
ବାସନା ବାସର
ସୋହାଗ ଅମୃତ ପାଇଁ
ମନସୌଦାଗର
ଚୁମିବ ଅଧର
ନବନୀତ ତନୁଛୁଇ ||

କାଳର ଅକାଳ
କୁଟିଳ କୁହାଟ
ତା ଆଖିର ତନ୍ଦ୍ରାଲୁଟି
ପ୍ରଣୟ ମୋହର
କଳ୍ପିତ ବନ୍ଧନ
ସମ୍ଭ୍ରମେ ଯାଇଛି ତୁଟି ||

କୁମାରୀ ଅନ୍ତର
କାରୁଣ୍ୟ କାହାଣୀ
ବେଦନା ଯା ମର୍ମଭେଦୀ
ନୟନଅଶ୍ରୁ ତ
ସୃଷ୍ଟିକଲ୍ କ ବା
ଯନ୍ତ୍ରଣା ର ନୀଳ ନଦୀ ||

ହଜିଗଲ୍ ତା ର
ଗୋପ୍ନ ଠିକଣା
ଅହଲ୍ୟା ସାଜିଛି ଏଠି
ମନର ମଣିଷ
ଦେଇଛି ବିରହେ
ଶେଷବସନ୍ତର ଚଠି||

କେଶବଦୁର୍ଗପାଳ
କେନ୍ଦୁଝର

# ଅଫେର୍ ବାଟ



ବାସନ୍ତୀ ଲତା ଜେନା

ବହୁ ବର୍ଷ ତଳର କଥା । ରାଇବଣିଆ ଗ୍ରାମରେ ଯୋଗେନ୍ଦ୍ର ବାବୁଙ୍କ ଘର । ଛୋଟ ପରିବାର । ମଧ୍ୟବିତ୍ତ ପରିବାର । ତାଙ୍କର ପୁଅଟିଏ ଓ ଝିଅଟିଏ । ପୁଅ ରବିନ୍ଦ୍ରର ପାଠ ପଢା ଶେଷ ହୋଇ ଯାଇଥିଲା । ଝିଅ ପ୍ରମିଳାର +୩ ତୃତୀୟ ବର୍ଷ ।

ଯୋଗେନ୍ଦ୍ର ବାବୁ ଜଣେ ସ୍କୁଲ ଶିକ୍ଷକ । ପୁଅ ରବିନ୍ଦ୍ର ମିଲିଟାରୀ ଚାକରୀ ପାଇଁ ଇଣ୍ଟରଭ୍ୟୁ ଦେଇ ଥିଲା । ଅର୍ଡର ଆସିଲା । କାଶ୍ମିରୀରେ ପୋଷ୍ଟିଙ୍ଗ । ମା' ସୁଜାତାର ଜମା ଇଛା ନ ଥିଲା ପୁଅକୁ ମିଲିଟାରୀ ଚାକରୀକୁ ଛାଡ଼ିବା ପାଇଁ । କିନ୍ତୁ ରବିନ୍ଦ୍ର ମାଙ୍କୁ ବୁଝାଇ ରାଜି କରିଦେଲା । ବାପା ମା' ଠାରୁ ଅନୁମତି ନେଇ ରବିନ୍ଦ୍ର ଟ୍ରେନ ଚଢିଲା କାଶ୍ମୀର ଅଭିମୁଖେ । ଚାକରୀରେ ଜଏନ କଲା । ଟ୍ରେନିଂ ପିରିୟଡ଼ । କଷ୍ଟ ହେଲେ ବି ଖୁସିରେ ଥିଲା । ସହ କର୍ମୀ ମାନଙ୍କ ସହିତ ତାର ଭଲ ସମ୍ପର୍କ ଥିଲା । ଏକାଠି ଖାଆନ୍ତି, ଏକାଠି ହଲରେ ଶୁଅନ୍ତି । ଗପସପ କରନ୍ତି, ମଜ୍ଜା କରନ୍ତି ।

ସେହି ସମୟରେ କାର୍ଗିଲ ଯୁଦ୍ଧ ଲାଗିଲା । ଭାରତ ଓ ପାକସ୍ଥାନୀ ମଧ୍ୟରେ । ରବିନ୍ଦ୍ର ବିରତ୍ୱର ସହ ଯୁଦ୍ଧ କରି ବହୁ ପାକସ୍ଥାନୀ ସୈନ୍ୟକୁ ମାରି ଦେଇ ଥିଲା । ଶେଷରେ ଓଡ଼ିଆ ବୀର ପୁତ୍ର ରବିନ୍ଦ୍ର ଶତ୍ରୁର ଗୁଳି ଖାଇ ଭାରତ ମାତା କୋଳରେ ଶୋଇଗଲା । ଚିର ଦିନ ପାଇଁ । ଭାରତୀୟ ସେନା ତ୍ରିରଙ୍ଗା ପତାକାକୁ ତା' ଉପରେ ଘୋଡାଇ ଗାଁ ରାଇବଣିଆକୁ ଶବ ନେଇ ଆସିଲେ ।

ସେତେ ବେଳକୁ ଏ ଖବର ଟି. ଭି. ମାଧ୍ୟମରେ ଚାରି ଆଡେ ପ୍ରଚାରିତ ହୋଇ ସାରିଥିଲା । ଶେଷ ଦର୍ଶନ କରିବା ପାଇଁ ବହୁ ଲୋକ ସେଠାରେ ରୁଣ୍ଡ ହୋଇ ଥିଲେ । ବୀରଗତିକୁ ପ୍ରାପ୍ତ କରିଥିଲା ରବିନ୍ଦ୍ର । ରବିନ୍ଦ୍ରର ଶବ ଦାହ ମାନ ସମ୍ମାନର ସହ ଶେଷ ହେଲା । ସମସ୍ତଙ୍କ ଆଖିରେ ଅଶ୍ରୁ ପୁରି ଯାଇଥିଲା । କିଏ କହୁ ଥିଲା ପିଲାଟା ଦୁନିଆ ଦେଖିବା ଆଗରୁ ଆଖି ବୁଜି

ଦେଲା । ଆଉ କଏ ଚୁପ ଗୁପ ଆଖିରୁ ଲୁହ ଗଡାଉ ଥିଲା । ରବିନ୍ଦ୍ରର ମା ମଥା ପିଟି ବାହୁନ ବାହୁନ କାନ୍ଦୁ ଥିଲା । ବେଳେ ବେଳେ ଚେତା ଶୂନ୍ୟ ହୋଇ ଯାଉଥିଲା । ପିତାଙ୍କ ଆଖିରେ ଲୁହ, ଭଉଣୀ ଆଖିରେ ଲୁହ । ସାରା ଗାଁ ଅଶ୍ରୁରେ ଭିଜୁ ଥିଲା । ରବିନ୍ଦ୍ର ଶତ୍ରୁ ସଙ୍ଗେ ଲଢ଼ି ଅଫେରା ବାଟରେ ପାଦ ଦେଲା । ଗର୍ଭ ଧାରିଣୀ ମା'ର କୋଳ ସବୁ ଦିନ ପାଇଁ ଖାଲି ହୋଇ ଗଲା । ଆଦରର ପୁତ୍ର ଗ୍ଲଲି ଗଲା ପର ପାରିକୁ । କେମିତି ବଞ୍ଚିବ ସୁଜାତା । ତା ନୟନର ଜ୍ୟୋତିକୁ ହରାଇ ।

ଏଥି ମଧ୍ୟରେ ଦୀର୍ଘ ବର୍ଷ ବିତି ଯାଇଛି । ଆଜି ବି ଝୁରୁଛି ସୁଜାତା ପୁତ୍ରକୁ । ତାର ଅପଲକ ନେତ୍ର ଗ୍ଲହିଁ ରହୁଛି ଶୂନ୍ୟ ଆକାଶକୁ । ହୃଦୟର କୋହ ଭରି ଯାଉଛି । ରହି ଯାଇଛି ଖାଲି ଦୀର୍ଘ ଶ୍ୱାସ...। ଗଲା ପୁତ୍ର ସତେକ ଆଉ ବାହୁଡ଼ି ଆସିବ ?

ଶିକ୍ଷୟିତ୍ରୀ
ଗାନ୍ଧୀନଗର, ନବରଙ୍ଗପୁର

ଚଳନ୍ତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ବାପୁଙ୍କ ପାଇଁ ପଦେ



ପ୍ରକାଶ ଚନ୍ଦ୍ର ପଣ୍ଡା

ହେ ଶାନ୍ତିର ଦୂତ ଅହିଂସା ପଥିକ
କେଉଁଆଡେ ଗଲ ଚ୍ଛଳି
ଅହିଂସାର ଦୀପ ପ୍ରଜ୍ୱଳନ କରି
ଏ ମାଟିକୁ ଗଲ ଭୂଲି ।
ହେ ମହାମାନବ କେଉଁ ଦାନବର
ଦ୍ୱେଷର ଶିକାର ହେଲ
ନିଜେ ଦେହତ୍ୟାଗୀ ଦେଶବାସୀଙ୍କୁ
ବଞ୍ଚିବା ଶିଖାଇଦେଲ ।
ବକ୍ଷରୁ ତୁମର ରୁଧୀରର ଧାର
ଏ ମାଟିରେ ଢାଳଦେଲ
ଏ ମାଟି ପାଇଁ ଏକତାର ମନ୍ତ୍ର
ଆମକୁ ଶିଖାଇ ଥିଲ ।
ସ୍ୱାଧୀନତାର ସ୍ୱାଦ ଚଖାଇଲ
ଇଂରେଜଙ୍କ ସହ ଲଢି
ସ୍ୱାଧୀନ ପାଇଲେ ଦେଶବାସୀ ତୁମ
ତୁମେ ଚ୍ଛଳିଗଲ ଛାଡି ।

ହେ ଶାନ୍ତିର ଦୂତ ଅହିଂସା ପଥିକ
ତୁମକୁ କୋଟି ପ୍ରଣାମ
ଯେଉଁଠି ଥାଅ ଭଲରେ ରୁହ
ଏତିକି କାମନା ଆମ ।

ଭାରତ ମାତା କ ଜୟ, ଭାରତ ମାତା କ ଜୟ..........

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# ମାଟିର ପୁଅ
## (ଚଷାଭାଇ)



ସମ୍ୟଜିତ ପାତ୍ର

ଗୃଷର କାର୍ଯ୍ୟ ଆରମ୍ଭ କରେ ଚଷାଭାଇ ମୋ
ଧରି ଲଙ୍ଗଳର ମୁନ,
ଗୃଷକରି ସଭିଙ୍କୁ ଆହାର ଯୋଗାଇ
ବଢ଼ାଉଛି ଆମ ଦେଶର  ମାନ ।

ଅଧିକ ଅର୍ଥକୁ ଢାଳି ଦେଉ ଆମେ
ବଡ଼ ବଡ଼ ଦୋକାନେ ସମ୍ଭ୍ରାନ୍ତ ପ୍ରଦର୍ଶନ ପାଇଁ,
ହେଲେ ଗରିବର ପାଖରୁ ଜିନଷ ପତ୍ରକୁ ମୂଲେଇ ନେବାରେ
ଆମର ମନରେ ଥିବା ମଣିଷ ପଣିଆକୁ ଆଘାତ ଲାଗଇ ନାହିଁ ।

ବରଷା ବାଦଲ, ବଳଦକୁ କରେ
ତାହାର ପ୍ରିୟ ମିତ୍ର,
ଲଙ୍ଗଳ ସାଙ୍ଗରେ ହଜେ ମିଶି
ଗାଏ ଶ୍ରମର ଗୀତ।

ପଖାଳର ସାଥ ଶାଗ ଭଜା ଖାଇ
ଖଟେ ଆମ ଚଷାଭାଇ
ମୁଣ୍ଡର ଝାଳକୁ ତୁଣ୍ଡରେ ମାରେ
ଆଉ ଜଣାଇ ଦିଅନ୍ତି ତାଙ୍କ ବିନା ଆମ କଛି ନୋହୁଁରେ।

କର୍ମ ର ମହତ୍ତ୍ୱ ବୁଝି
ଆସ ଆମେ କର୍ମ କୁ ପ୍ରାଧାନ୍ୟ ଦେବା
ଚଷାଭାଇ  କଥା ମନେ ରଖି
ତାଙ୍କ ଅସ୍ତିତ୍ୱ କୁ ଦେଶରେ ପ୍ରାଧାନ୍ୟ ଦେବା।

ଗ୍ରାମ/ପୋଷ୍ଟ-ଗଡିଆ
ଜିଲ୍ଲା-ମୟୂରଭଞ୍ଜ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା –
୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

www.editor.vedantimagazine@gmail.com

# ୧୮୫୭ ସ୍ମୃତି ସଂଗ୍ରହାଳୟ, ଲକ୍ଷ୍ନୌ

ପ୍ରିୟବ୍ରତ ପାତ୍ର

୧୮୫୭ କହିଲେ ଆମେ ଭାରତୀୟମାନେ କେବଳ ସିପାହୀ ବିଦ୍ରୋହକୁ ବୁଝିଥାଉ । ଭାରତର ଏହି ପ୍ରଥମ ମୁକ୍ତି ସଂଗ୍ରାମର ସ୍ମରଣାର୍ଥେ ଲକ୍ଷ୍ନୌର ରେସିଡେନ୍ସି ଠାରେ ତିଆରି ହୋଇଛି ଏକ ସଂଗ୍ରହାଳୟ । ବିଦ୍ରୋହର ଦେଢଶ ବର୍ଷ ପୂର୍ତ୍ତି ଉପଲକ୍ଷେ ସଂଗ୍ରହାଳୟ ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି । ଆପଣାର ଅତୀତକୁ ଜାଣିଲେ ଯାଇ ଦମ୍ଭ ହୋଇ ନିଜ ଭୂମି ଉପରେ ଠିଆହୋଇ ପାରିବା ଏବଂ ଭବିଷ୍ୟତ ଦିଗେ ପାଦ ବଢେଇ ପାରିବା । ଏଥିପାଇଁ ସମସ୍ତଙ୍କ ପାଇଁ ଏହି ସଂଗ୍ରହାଳୟ ଏକ ପବିତ୍ର ସ୍ଥାନ ଓ ଦର୍ଶନୀୟ ସ୍ଥାନ ।



୧୮୫୭ର ଭୟାବହ ଦିନ ସବୁରେ ଭୟଭୀତ ଇଂରେଜ ପରିବାରସବୁ ଲକ୍ଷ୍ନୌର ବିଭିନ୍ନ ଇଲାକାରୁ ଆସି ରେସିଡେନ୍ସିରେ ଆଶ୍ରୟ ନେଇଥିଲେ । ପୁରୁଷମାନେ ଆତ୍ମରକ୍ଷା ପାଇଁ ଯୁଦ୍ଧରେ ଭାଗ ନେବାବେଳେ ମହିଳା ଓ ପିଲାମାନେ ଭୂଗର୍ଭ କୋଠରୀ ସବୁରେ ଲୁଚ ରହୁଥିଲେ । ସେମିତି ଏକ ଭୂଗର୍ଭ କୋଠରୀରେ ଆଜି ଖୋଲିଛି ସ୍ମୃତି ସଂଗ୍ରହାଳୟ । ଏହାର କାନ୍ଥସବୁ ପାଖାପାଖି ଦୁଇଶହ ବର୍ଷର ପୁରୁଣା । ପାଞ୍ଚଫୁଟ ଓସାରର କାନ୍ଥ ଭେଦକରି

ଫୁଟବଲ୍ ଆକୃତିର ଗୋଳାସବୁ ବିସ୍ଫୋରଣ କରୁଥିଲା । କାନ୍ଥ ଉପରେ ସେହି କଣାସବୁ ବିଭିନ୍ନ ଜାଗାରେ ଦେଖିବାକୁ ମିଳେ । ବିଦ୍ରୋହରେ ଝାସ ଦେଇଥିବା ଭାରତର ଅଗଣିତ ନରନାରୀଙ୍କ ବୀରତ୍ୱକୁ ଏହା ମନେ ପକେଇ ଦିଏ । ତୂଳୀଚିତ୍ର, ତୈଳଚିତ୍ର, ସ୍କେଚ୍, ବିଭିନ୍ନ ନଥିପତ୍ର ଇତ୍ୟାଦି ଏଠାରେ ସାଇତା ହୋଇ ରହିଛି; ଭବିଷ୍ୟତ ବଂଶଧରଙ୍କ ପାଇଁ । ସେ ସମୟରେ ସିପାହୀମାନଙ୍କ ଆକ୍ରମଣକାଳୀନ କଛି ନକ୍ସା ଓ ମାନଚିତ୍ର ଏଠାରେ ମହଜୁଦ୍ ।

ଚମତ୍କାର ସାଜସଜାରେ ଆଖି ଖୋସି ହୋଇଯାଉଥିବା ପୋର୍ଟିକ ପାରହୋଇ ସଂଗ୍ରହାଳୟର ମୁଖ୍ୟ ଦ୍ୱାର ପାର ହେଲେ, ବାମ ପଟେ ପଡେ ଦାୟିତ୍ୱରେ ଥିବା ଅଫିସରଙ୍କ ମୁଖ୍ୟ-ମୁକ୍ତ କୋଠରୀ । ସଂଗ୍ରହାଳୟଟି ଦୁଇତାଲା ବିଶିଷ୍ଟ – ପ୍ରଥମଟି ଭୂମିସଂଲଗ୍ନ, ଦ୍ୱିତୀୟଟି ଭୂଗର୍ଭ । ପ୍ରଥମଟିର ପ୍ରବେଶ ପଥରେ ପଡେ – ୧୮୫୭ ପୂର୍ବରୁ ରେସିଡେନ୍ସିର ପୂର୍ଣ୍ଣାଙ୍ଗ-ଅକ୍ଷତ ରୂପର ଏକ ବିରାଟ କାନଭାସ୍ ଛବି । ତା ପଛକୁ ରହିଛି ଅବଧ ରାଜ୍ୟର । ଏହି କୋଠାରେ ଗୋଳାମାଡରେ ନିଜ ଖାଇବା ଟେବୁଲ୍ ଉପରେ ଟଳି ପଡିଥିଲେ ତତକାଳୀନ ମୁଖ୍ୟ କମିଶନର ସାର୍ ହେନେରୀ ଲରେନସ୍ ଓ କର୍ଣ୍ଣେଲ ପାମର୍ ଙ୍କ କନ୍ୟା କୁମାରୀ ସୁସେନ୍ ପାମର୍ । ସେଇ ଦୁଇଜଣଙ୍କ ମୃତ୍ୟୁକାଳୀନ ଦୃଶ୍ୟ ବଡ ସମ୍ବେଦନପୂର୍ଣ୍ଣ ଭଙ୍ଗୀରେ ଉପସ୍ଥାପନ କରାଯାଇଛି । ତା ତଳେ ଲେଖାଯାଇଛି – କୁମାରୀ ସୁସେନ୍ ସେତେବେଳେ "ମୃତ୍ୟୁବରଣ କରିଥିଲେ, ଠିକ୍ ଯେତେବେଳେ ସେ ନିଜର ୧୭ତମ ଜନ୍ମଦିବସ ପାଳନ କରୁଥିଲେ ।

ଏକ କୁଣ୍ଡଳାକୃତି ଲୌହଶିଡି ଦେଇ ଭୂଗର୍ଭ କୋଠରୀକୁ ଯିବାକୁ ପଡେ । ସେହି କୋଠରୀରେ ପ୍ରଥମେ ପଡେ ଖୋଦ୍ ଲକ୍ଷ୍ନୌ ସହରରେ ବିଦ୍ରୋହର ନେତୃତ୍ୱ ନେଇଥିବା ବେଗମ୍ ହଜରତ୍ ମହଲଙ୍କ ଛବି ଓ ଚିନହଟ ଠାରେ ଘଟିଥିବା ପ୍ରଥମ ବିଜୟସୂଚକ ଯୁଦ୍ଧର ଛବି, ନବାବ ମାନଙ୍କ ଛବି, ବିଦ୍ରୋହର ସାରଥୀ ମାନଙ୍କ ଛବି, ଲକ୍ଷ୍ନୌର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କୋଠାବାଡି ଓ ଛକ ଜାଗାମାନଙ୍କର ଛବି । ଏଠାରେ ପ୍ରଦର୍ଶିତ ହୋଇଛି – ସେ ସମୟର ବ୍ୟବହୃତ ଖଣ୍ଡା, ବନ୍ଧୁକ, ଢାଲ, ସାଞ୍ଜୁ, ଗୋଳା, ବିଭିନ୍ନ ପଦପଦବୀ ପାଇଁ ବ୍ୟବହୃତ ବେଡଜ୍, ମୁଦ୍ରା, ମାନପତ୍ର ଇତ୍ୟାଦି । ପଛକୁ ପଛ ରହିଛି ଯୁଦ୍ଧର ଘନଘଟା ସୂଚାଉଥିବା ଅନେକ ଛବି ସହ ମହାନାୟକମାନଙ୍କ ଅନେକ ଦୁର୍ମୂଲ୍ୟ ଛବି ।

ତମାମ ସଂଗ୍ରହାଳୟ ବୁଲିଲାବେଳେ ସବୁଠୁ ଅଧିକ ବ୍ୟଗ୍ରତା ନେଇ ଯେଉଁ ଛୋଟିଆ ଜିନିଷଟିକୁ ଏ ଲେଖକ ଦେଖୁଥିଲା – ତାହା ଥିଲା ଗୁଳିଥିବା ଚମଡା ଥଳିଟି । ଏହି ଚର୍ବିଲଗା

ଗୁଳର ଥଳକୁ କେନ୍ଦ୍ରକରି ଏତେବଡ ବିଦ୍ରୋହର ସୂତ୍ରପାତ ଘଟିଥିଲା । ସେଇ ଥଳର ଚର୍ବି ଶୁଖିଯାଇଛି, କିନ୍ତୁ ତାକୁ ନେଇ ଯେଉଁ ନିଆଁ ସୃଷ୍ଟି ହୋଇଥିଲା, ତାର ଧୂଆଁକୁ ଏଯାବତ୍ ଆଘ୍ରାଣ କରିହେଉଛି ।

ସଂଗ୍ରହାଳୟରେ ଆଉ ଗୋଟିଏ ଛବିକୁ ଏ ଲେଖକ ଢେର ସମୟ ଖୋଜି ହତାଶ ହୋଇଥିଲା । ତାହାଥିଲା ବିଦ୍ରୋହର ଅନ୍ୟତମ ବିନ୍ଧାଣୀ, ରାଣୀ ଲକ୍ଷ୍ମୀବାଈଙ୍କ ପରାମର୍ଶଦାତା ଚନ୍ଦନ ହଜୁରୀଙ୍କ ଚିତ୍ରପଟ୍ଟ । ଚନ୍ଦନ ହଜୁରୀଙ୍କ ଅନ୍ୟ ନାମ ହେଲା ରାଖି ଖୁଣ୍ଟିଆ । ସେତେବେଳେ ପୁରୀ ପଣ୍ଡାମାନେ ବର୍ଷର ବିଭିନ୍ନ ସମୟରେ ଦୂରଦୂରାନ୍ତରେ ଥିବା ଯଜମାନ ମାନଙ୍କ ପାଖକୁ ଯାଉଥିଲେ ଏବଂ ସେମାନଙ୍କ ଠାରୁ କିଛି ଉପଢୌକନ ସଂଗ୍ରହ କରି ଆଣୁଥିଲେ । ରାଖି ଖୁଣ୍ଟିଆ ସେମିତି ଏକ କାର୍ଯ୍ୟରେ ପୁରୀ ମନ୍ଦିରରୁ ପ୍ରସ୍ଥାନ କରି ଝାନସୀ ପହଞ୍ଚିଥିଲେ ଏବଂ ଏକ ଐତିହାସିକ ଘଡିସନ୍ଧି ମୂହୁର୍ତ୍ତରେ ଝାନସୀ ରାଣୀଙ୍କ ପରାମର୍ଶଦାତା ଭାବେ ରହି ପ୍ରକାରାନ୍ତରେ ବିଦ୍ରୋହକୁ ପରିଚାଳନା କରିଥିଲେ । ଜଣେ ସାଧାରଣ ପଣ୍ଡାପୁଅ- କେଉଁଠୁ ଶିଖିଲେ ଏହି ଯୁଦ୍ଧବିଦ୍ୟା, ରାଜନୀତି ଓ କୂଟନୀତି? ଓଡିଶାବାସୀଙ୍କ ଦୁର୍ଭାଗ୍ୟ – ଆମେ ସେସବୁ କିଛି ଜାଣୁନା । ଝାନସୀର ଷ୍ଟାରଫୋର୍ଟ ପତନ ବେଳେ ଇଂରେଜ ଶକ୍ତି ଦ୍ୱାରା ଅବରୁଦ୍ଧ ହୋଇ ଝାନସୀ ରାଣୀ ନିଜ କୋଠରୀରେ ବଡ ଅସହାୟ ଭାବେ ନିଜ ପିସ୍ତଲରୁ ଗୁଳି ଚଳେଇ ଆତ୍ମହତ୍ୟା ପାଇଁ ପ୍ରସ୍ତୁତ ହେଉଥିଲେ । ଆଖିରୁ ଲୁହ ବୋହୁଥିଲା । ମସ୍ତକରୁ ରୁମାଲ ଖସିଯାଇ ବାଳସବୁ ସାଲୁବାଲୁ ହୋଇ ଉଡୁଥିଲା, ଆଉ କିଛି ସମୟ ପରେ ଝାନସୀର ପତନ ହେବ, ତା ପୂର୍ବରୁ ମରିଯିବା ଢେର ଭଲ – ଏହାହିଁ ଥିଲା ରାଣୀଙ୍କ ଭାବନା । ହଠାତ୍ ଆବିର୍ଭାବ ହେଲେ ଚନ୍ଦନ ହଜୁରୀ । ବଜ୍ର ଗମ୍ଭୀର କଣ୍ଠରେ କି ଶବ୍ଦସବୁ ଉଚ୍ଚାରଣ କଲେ କେଜାଣି, ରାଣୀ ପିସ୍ତଲର ମୁହଁ ନିଜ ମୁଣ୍ଡ ବଦଳରେ ଇଂରେଜଙ୍କ ଦିଗେ ବଦଳେଇ ଦେଲେ । ସେ ତମସାଛନ୍ନ ରାତ୍ରୀରେ ନିଜ ଶିଶୁ ପୁତ୍ରକୁ ଧରି କୌଣସି ଏକ ଗୋପନ ରାସ୍ତାରେ ଦୁର୍ଗ ବାହାରକୁ ଚାଲିଯାଇଥିଲେ ଏବଂ ଯୁଦ୍ଧ ଚାଲୁ ରହିଥିଲା । ଏହି ଚନ୍ଦନ ହଜୁରୀଙ୍କ ବିଚକ୍ଷଣତା ଥିଲା ଅତୁଳନୀୟ । ଝାନସୀ ବିଦ୍ରୋହରେ ସାମିଲ୍ ହେବା ପୂର୍ବରୁ ଯେତେବେଳେ ଇଂରେଜଙ୍କ ବଶମ୍ବଦ ହୋଇ ରହିଥିଲା- ଚନ୍ଦନ ହଜୁରୀ ହିଁ ପ୍ରଥମେ ରାଣୀଙ୍କୁ ବିଦ୍ରୋହର ବାର୍ତ୍ତା ଶୁଣାଇଥିଲେ ଏବଂ ରାଣୀଙ୍କଠାରୁ ବାର୍ତ୍ତା ନେଇ, ଇଂରେଜମାନଙ୍କ ସତର୍କ ଛାଉଣୀ ସବୁକୁ ଅତିକ୍ରମ କରି ଗୋପନରେ ଦେଢଶ ମାଇଲ ଦୂରରେ ଥିବା ନାନା ସାହେବ ଓ ତାନ୍ତିଆ ଟୋପିଙ୍କ ସେନା ଛାଉଣୀକୁ ପହଞ୍ଚିଥିଲେ । ସିନ୍ଧିଆ ରାଜପରିବାର ପରିଚାଳିତ ଗୋଆଲିଅର୍ କୁ ଆକ୍ରମଣ କରି ସେଠାରୁ ପ୍ରଚୁର ସମ୍ପତ୍ତି ଓ ଅସ୍ତ୍ରଶସ୍ତ୍ର

ସୈନ୍ୟବଳ ହାସଲ କରିବାର ଯେଉଁ ଦୂରୁହ ଯୋଜନା – ତା ପଛରେ ଥିଲା ଚନ୍ଦନ ହଜୁରୀଙ୍କ ଅଭେଦ୍ୟ ଚକ୍ରାନ୍ତ । ତିନି ବନ୍ଧୁ ନାନା, ତାନ୍ତିଆ ଓ ଲକ୍ଷ୍ମୀବାଈ ଙ୍କୁ ଏକାଠି କରାଇବା ତଥା ପଶ୍ଚାତରେ ରହି ଯୁଦ୍ଧ ପରିଚାଳନା କରିବାରେ ଚନ୍ଦନ ହଜୁରୀ ଥିଲେ ଚାଣକ୍ୟଙ୍କ ସମକକ୍ଷ । ସିପାହୀ ବିଦ୍ରୋହ ଅସ୍ତମିତ ହେବାପରେ ସେ ନେପାଳର ଘନ ଜଙ୍ଗଲରେ ଲୁଚ ଯାଇଥିଲେ । ପରେ କିଛି ଇଂରେଜଙ୍କୁ ସେ ସାକ୍ଷାତ ଦେଇଥିଲେ ଏବଂ ନଗର ଜୀବନକୁ ଫେରିଆସିଥିଲେ । ତାଙ୍କ ବିରୋଧରେ କୌଣସି ଅଭିଯୋଗ ପ୍ରମାଣିତ ହୋଇ ପାରିନଥିଲା । ଜୀବନର ଶେଷ ସମୟରେ ସେ ନିଜ ମାତୃଭୂମି ପୁରୀକୁ ଆସି ଯାଇଥିଲେ ଏବଂ ଅନେକ ଜଗନ୍ନାଥ ଜଣାଣ ରଚନାରେ ସମୟ କାଟିଥିଲେ । ସାଲବେଗଙ୍କ ସମସାମୟିକ ଏହି ଭକ୍ତକବିଙ୍କ ପୂର୍ଣ୍ଣ ସମର୍ପଣର ଭକ୍ତି ସଙ୍ଗୀତ ସବୁ ଆଜି ଭିକାରୀ ବଳଙ୍କ କଣ୍ଠରେ ଶୁଣିଲାବେଳେ – କଳ୍ପନା କରି ହୁଏନାହିଁ ଏହାର ସ୍ରଷ୍ଟା ଥିଲେ ଜଣେ ସମର ବିଶାରଦ । ଆଜି ଏହି ବିଶାରଦ ସାରା ଭାରତରେ, ଏପରିକି ନିଜ ଜନ୍ମମାଟି ଓଡିଶାରେ ମଧ୍ୟ ଉପେକ୍ଷିତ, ଯାହାର ଚନ୍ଦ୍ରପଟ୍ଟଟିଏ ମଧ୍ୟ ମହଜୁଦ୍ ନାହିଁ । ବହୁ ବର୍ଷ ପରେ, ପାଖାପାଖି ଦେଢଶ ବର୍ଷ ପରେ ଓଡିଶା ଶାସକଙ୍କ ନିଦ ଭାଙ୍ଗିଛି ଏବଂ ଏକ କମିଟି ଗଢାଯାଇ ଏହି ଅନ୍ୟତମ ସମର ବିଶାରଦଙ୍କ ବିଷୟରେ ଖୋଳତାଡ ଆରମ୍ଭ ହୋଇଛି । ଏଥିପାଇଁ ଆମ ସରକାର ଦଶବର୍ଷ ନେବେ ବୋଲି କହିଛନ୍ତି । ସର୍ବ ଭାରତୀୟସ୍ତରରେ ସଶସ୍ତ୍ର ସଂଗ୍ରାମର ନେତୃତ୍ୱ ନେଇଥିବା ଓଡିଶାର ଦୁଇ ତୁଙ୍ଗ ନାୟକ ହେଲେ ସୁବାଷ ବୋଷ ଓ ଚନ୍ଦନ ହଜୁରୀ । ଜଣକୁ ପଶ୍ଚିମ ବଙ୍ଗ ବାଲା ଆମର ବୋଲି ଦାବୀ କଲାବେଳେ, ଅନ୍ୟ ଜଣଙ୍କ ବିଷୟରେ ଆମେ କିଛି ଜାଣୁନା । ଏହାହିଁ ଆମର ଶ୍ରଦ୍ଧାଞ୍ଜଳୀ ।



ସଂଗ୍ରହାଳୟରେ ଆଉ ଏକ ତୈଳଚିତ୍ର ତଳେ ପ୍ରତ୍ୟେକ ଭାରତୀୟ ଗର୍ବର ସହିତ ମୁଣ୍ଡଟେ ଠିଆ ହୁଅନ୍ତି – ସେ ହେଉଛନ୍ତି ରାଣୀ ଲକ୍ଷ୍ମୀବାଇ । ମାତ୍ର ୨୧ ବର୍ଷର ଏହି ବିଧବା ରାଜବଧୂ ପୁରୁଷ ବେଶରେ, ମୁଣ୍ଡରେ ନାରଙ୍ଗୀ ରଙ୍ଗର ରୁମାଲ ବାନ୍ଧି, ପିଠିପଟେ ପୁତ୍ରକୁ ଏକ ରେଶମୀ ଚଦରରେ ବାନ୍ଧି, ପାଟିରେ ଲଗାମ ଧରି ଗୋଟିଏ ହାତରେ ଖଣ୍ଡା ଓ ଅନ୍ୟ ହାତରେ ଢାଲ ଧରି କି ଦର୍ପରେ ସେ ରଣକ୍ଷେତ୍ରକୁ ଲମ୍ଫ ମାରୁଥିଲେ – ତାହା ଆମେ କଳ୍ପନା ସୁଦ୍ଧା କରିପାରିବାନି । ଗାଁର ଚଷା ଝିଅ ଫରାସୀ ତରୁଣୀ ଜୋଆନ୍ ଏକଦା ପୁରୁଷ ବେଶରେ ନେତୃତ୍ୱ ନେଇ ଫ୍ରାନସକୁ ବିଜୟ ମୁକୁଟ ପିନ୍ଧାଇଥିଲେ । ଏହି ଖବରକୁ ଫରାସୀମାନେ ସାରା ବିଶ୍ୱରେ ପ୍ରଚାର କରାନ୍ତି । ଅଥଚ ରାଣୀ ଲକ୍ଷ୍ମୀବାଇଙ୍କୁ ଆମେ ଭାରତର ସୀମା ଡିଆଁଇବାରେ କୁଣ୍ଠିତ! ରାଣୀଙ୍କ ଜୀବନୀ ଓ ବିଜୟଗାଥା – ଏକ ବୃହତ୍ କ୍ଷେତ୍ର ଆବଶ୍ୟକ କରେ, କାରଣ ଏହାର ସଂକ୍ଷେପିକରଣ ତାଙ୍କ ପ୍ରତି ଅପମାନ ହେବ ।

ବିଦ୍ରୋହର ଅନ୍ୟତମ ମହାନାୟକ ନାନା ସାହେବ ଥିଲେ ଦ୍ୱିତୀୟ ବାଜିରାଓଙ୍କ ପୋଷ୍ୟପୁତ୍ର । ବିଦ୍ରୋହର ସବୁଠୁ ଶକ୍ତିଶାଳୀ ଯୋଗଦାନ ଥିଲା ନାନାସାହେବଙ୍କ ନେତୃତ୍ୱ । ବିଦ୍ରୋହ ଦମନ ବେଳେ ସେ ନେପାଳର ଘନ ଜଙ୍ଗଲକୁ ଖସି ଚାଲିଯାଇଥିଲେ । ତାଙ୍କର ମୃତ୍ୟୁ ରହସ୍ୟାବୃତ୍ତ ହୋଇ ରହିଗଲା । ଆଜି ସୁବାଷ ବୋଷଙ୍କ ମୃତ୍ୟୁ ଓ ଆତ୍ମଗୋପନକୁ ନେଇ ଯେମିତି ଗୁଜବ ଚାଲିଛି, ବିଂଶ ଶତାବ୍ଦୀର ମଧ୍ୟ ଭାଗ ପର୍ଯ୍ୟନ୍ତ ନାନା ସାହେବଙ୍କ ଉପସ୍ଥିତିକୁ ନେଇ ସେମିତି ଗୁଜବ ସୃଷ୍ଟି ହୋଇଥିଲା । ଦୂର ପର୍ବତ ଉପରେ ନିଆଁ ଜଳଲେ ବା ଧୂଆଁ ଦିଶିଲେ, କିଛି ଅଜଣା ଲୋକଙ୍କ ଆତଯାତ ଦେଖିଲେ ଲୋକେ ଧରି ନେଉଥିଲେ ନାନା ସାହେବ ନିଜ ଅନୁଚରଙ୍କୁ ଧରି ଲୁଚଛନ୍ତି । ଏମିତି ଏକ ଚମତ୍କାର ବର୍ଣ୍ଣନା ମିଳେ କଥାକାର ମନୋଜ ଦାସଙ୍କ କ୍ଷୁଦ୍ର ଉପନ୍ୟାସ – "ଧୂମ୍ରାଭ ଦିଗନ୍ତ"ରେ ।

ଖଡଗ ଉତ୍ତୋଳନ କରି ବୀରତ୍ୱର ପରାକାଷ୍ଠା ଦେଖାଉଥିବା ରାଣୀଙ୍କ ଛବିଟି ଯେମିତି ଉତ୍ସାହପୂର୍ଣ୍ଣ ହାତଗୋଡ ବନ୍ଧାହୋଇ ଦାଢି ସାଲୁବାଲୁ ହୋଇ ଦୟନୀୟ ଭାବେ ବସିଥିବା ତାନ୍ତିଆ ଟୋପିଙ୍କ ଛବିଟି ସେତିକି ପୀଡା ଦାୟକ । ବାଜିରାଓଙ୍କ ଅନ୍ୟତମ ସଭାସଦ୍ ଙ୍କ ପୁତ୍ର ଥିଲେ ତାନ୍ତିଆ, ଯିଏ କି ଥିଲେ ନାନା ସାହେବଙ୍କ ପିଲାଦିନର ସାଥୀ । ତାନ୍ତିଆଙ୍କ ବିଚକ୍ଷଣ ବୁଦ୍ଧିରେ ପ୍ରୀତ ହୋଇ ନାନାସାହେବ ମଣିମୁକ୍ତା ଖଚିତ ଗୋଟିଏ ଟୋପି ତାନ୍ତିଆଙ୍କୁ ଉପହାର ଦେଇଥିଲେ । ସେବଠୁ ତାଙ୍କ ନାମ ହେଲା ତାନ୍ତିଆ ଟୋପି । ନାନା ସାହେବଙ୍କ ପରିଚାଳିତ ଦୁର୍ଦ୍ଧର୍ଷ ସେନାର ସେନାପତି ତାନ୍ତିଆଙ୍କ ବୟସ ଥିଲା ମାତ୍ର ୨୭ ବର୍ଷ । ବିଦ୍ରୋହ

ଦମନ ହେବା ପରେ ତାନ୍ତିଆ ରାଜପୁତାନା ଚାଲିଯାଇଥିଲେ ଏବଂ ସେ ସେଠାରୁ ଗରିଲା ଯୁଦ୍ଧ ଚଳାଇଥିଲେ । ପରେ ଧରା ହୋଇ ଫାଶି ପାଇଥିଲେ ।

ଏ ଲେଖକ ସଂଗ୍ରହାଳୟ ବୁଲୁଥିବାବେଳେ ଏକ ମନେରଖିଲା ଭଳି ଘଟଣା ଘଟିଥିଲା । କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅମ୍ବିକା ସୋନୀ ଏକ ବିଶେଷ ସରକାରୀ କାର୍ଯ୍ୟକ୍ରମରେ ସେଠାରେ ପହଞ୍ଚିଥାନ୍ତି । ସେ ସିଧାସଳଖ ପର୍ଯ୍ୟଟକଙ୍କ ସହ କଥାବାର୍ତ୍ତା କରୁଥାନ୍ତି, ଯାହାକି ଭାରତୀୟ ରାଜନୀତିରେ ପ୍ରାୟତଃ ଏକ ବିରଳ କଥା । ତାକୁ ଏକ ମହାର୍ଘ ସୁଯୋଗ ଭାବି କହିପକାଇଲି – ମ୍ୟାଡେମ୍, ତାନ୍ତିଆ ଟୋପିଙ୍କ ବୀରତ୍ୱ ପ୍ରଦର୍ଶନ କରୁଥିବା ଆଉ କୌଣସି ଛବି ରଖୁନାହାନ୍ତି କାହିଁକି? ଅସହାୟ ଭାବେ ବନ୍ଧା ପଡିଥିବା ଏହି ମହାନାୟକଙ୍କୁ ଦେଖିଲେ ହତାଶ ଲାଗେ । ମ୍ୟାଡେମ୍ ଉତ୍ତର ଦେଲେ – ସେମିତି ଛବି ସାରା ଭାରତରେ ଉପଲବ୍ଧ ନାହିଁ । ମୋର ପୁନଶ୍ଚ ପ୍ରଶ୍ନ ଥିଲା – ତେବେ ଚିତ୍ରକାରଙ୍କ ତ ଅଭାବ ନାହିଁ, ଗୋଟିଏ କରୁନାହାନ୍ତି କାହିଁକି? କିଛି ସମୟ ନୀରବ ରହିବା ପରେ ମନ୍ତ୍ରୀ କହିଲେ – ଯାହା କହିବାର ଅଛି ଲେଖିକରି ମତାମତ-ଅଭିଯୋଗ ବାକ୍ସରେ ପକାଇଦିଅନ୍ତୁ । ମୋର ମତାମତ କାଗଜଟି ଚାରି ଚଉତା ଭାବେ ବନ୍ଧା ହୋଇ ବାକ୍ସରେ ପଡିରହିଲା, ଠିକ୍ ହାତଗୋଡ ବନ୍ଧା ତାନ୍ତିଆଙ୍କ ପରି । ବୋଧେ ଏ ଯାବତ୍ ସେଇଟା ସେମିତି ପଡିଥିବ ।

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

# କାହିଁକି



ଡ. ଜ୍ଞାନେଶ୍ୱର ମିଶ୍ର

ସୁନା, ରୂପା, ଧନଶୂନ୍ୟ ସିନ୍ଦୁକରେ
କାହିଁକି ବା ତାଲ୍ ଦେବି
ପତ୍ର ଫୁଲ ଝଡା ଥୁଣ୍ଟା ଗଛ ମୂଳେ
ପାଣି କପାଁଇ ଢାଳବି

ଦଦର୍ ନାଆରେ ନଦୀ ପାର ହେବା
ଆଶା କାହିଁକି ବାନ୍ଧିବି
ସଳତା ନଥିବା ଲିଭିଲ୍ ଦୀପରେ
ଘିଅ କପାଁ ମୁଁ ଢାଳବି

କଣ୍ଟାତ ଅଚଳ ଘଡିତ ଅଚଳ
କାନ୍ଥରେ କାହିଁକି ଟାଙ୍ଗିବି
ସମୟ ସେ ଆଉ କହି ପାରିବନି
ଯେତେଥର ଦେଖିଥିଲେ ବି

ଉଜୁଡା କ୍ଷେତଟା ସବୁଜ ହୋଇବ
ବୃଥା ଆଶା କମ୍ପା ବାନ୍ଧିବି
ଅମାବାସ୍ୟା ରାତି ଘନ ଅନ୍ଧକାରେ
ଚାନ୍ଦକୁ କାହିଁକି ଖୋଜିବି

ଧୂଧୂ ଖର୍‌ ମରୁଭୂମିଟାରେ
ଝରଣା କାହିଁକ ଖୋଜିବି
ମରୁଦ୍ୟାନ ମୋର ମରୀଚକା ଆଜି
ଏ କଥା କାହାକୁ କହିବି

ଅଳୀକ ଜୀବନ ପରମ ସତକୁ
ଟାଳକେହି ପାରିବେକ
ଅଭଠା ହଦକୁ ଶେଯ ଶେଯ ସଜାଇଛି
ଏକଥା କାହିଁକ କହିବି ।

ବାଙ୍ଗାଲୋର

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ସୁଖଦୁଃଖ



ତ୍ରିପତି ପ୍ରଧାନ

ସୁଖଦୁଃଖ ଅଟେ ମନ ଭାବନା
ଜଣେ ଅଟେ ଭାଇ ଆରେକ ନନା
ଆଗ ପଛ ହୋଇ ଗମନ୍ତି ଦୁଇ
ରାମ ଲକ୍ଷ୍ମଣ ସେ ବଳଆକହ୍ନା (୧)
ବନବାସ ଶେଷେ ଶ୍ରୀ ସିଂହାସନ
ରାଜ୍ୟ ଉପଭୋଗେ ବନ ଆଶ୍ରମ
ଯୁଦ୍ଧ ଅନ୍ତେ ଶାନ୍ତି ପ୍ରଭୁ ଭକତି
ନଶି ଅବଶେଷେ ଦିବସ ସିନା (୨)
କଷ୍ଟକୁ ଭାବିଣ ପରମାନନ୍ଦ
ମନେଚନ୍ତି ହରି ରାମ ଗୋବିନ୍ଦ
ବିପଦ ପାହାଡ଼ ବନବ ଫୁଲ
ସତ୍ୟେ ଗମୀ ଭଜି କଳଆସୁନା (୩)
ପରିଶ୍ରମେ ଭାଇ ମିଳଇ କୃଷ୍ଣ
ତାବିନା ତାହାଙ୍କ ହୁଏକ ଭେଟ
କର୍ମ ଶ୍ରେଷ୍ଠ ଧର୍ମ ତପସ୍ୟା ସମ
ଗୁଲିଯିବ ଭବ ଦୁଃଖ ଯାତନା (୪)

ସଂସ୍କୃ ଶିକ୍ଷକ, ଚକଟି

# ସନ୍ଧ୍ୟା ଆଳତି



ରାମ ଚନ୍ଦ୍ର ପ୍ରଧାନ

ସନ୍ଧ୍ୟା ଆଗମନେ ଗାଆଁ ମନ୍ଦିରରେ
ଶୁଭେ ଘଣ୍ଟ ହୁଳହୁଳ
ଗାଈଗୋରୁ ପଲ ଗୋଠରୁ ଫେରନ୍ତି
ଉଡ଼ାଇ ଦାଣ୍ଡରେ ଧୂଳ ।
ପଲ୍ଲୀବଧୂ ମାନେ ଶୁଭ ମନାସନ୍ତି
ମନରେ ରଖି ଭକତି
ଚଉତରା ମୂଳେ ସଞ୍ଜବତୀ ଜାଳ
କରନ୍ତି ସନ୍ଧ୍ୟା ଆଳତି ।
ନୀଡ଼କୁ ଫେରନ୍ତି ବିହଙ୍ଗମ ଦଳ
ଖାଦ୍ୟ ଅନ୍ୱେଷଣ ସାରି
କୃଷକ ବିଚରା କୃଷିକ୍ଷେତ୍ରୁ ଫେରେ
କାନ୍ଧରେ ଲଙ୍ଗଳ ଧରି ।
ଗ୍ରାମ ସିମନ୍ତନୀ ଘଟେ ସ୍ନାନସାରି
ଗୃହେ ଆସେ ବେଗେ ଚଳ
ଗ୍ରାମ ଦେବତୀଙ୍କୁ ବନ୍ଦାପନା କରେ
ହାତେ ଧରି ଅର୍ଘ୍ୟଥାଳ ।

ସନ୍ଧ୍ୟା ଆଳତିର ଘିଅ ଝୁଣା ବାସ୍ନା
ମନରେ ପୁଲକ ଆଣେ
ଗ୍ରାମ୍ୟ ପରିବେଶ ମୁଖରିତ ହୁଏ
ଚଞ୍ଚଳତା ଖେଳେ ପ୍ରାଣେ ।
ଗାଆଁ ରୁ ସହର ମଠ ରୁ ମନ୍ଦିର
ଭକ୍ତଙ୍କ ଆସର ଜମେ
ସର୍ବ ଜନ ହିତେ ଏ ସନ୍ଧ୍ୟା ଆଳତି
ହୁଏ ଏଇ ପୁଣ୍ୟ ଧାମେ ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ

# ଆସିବକ ଥରେ କୁଣିଆ ହେଇ



ବୈଦ୍ୟନାଥ ପଣ୍ଡା

କୁଣିଆ ହେଇକ ଆସିବକ ପ୍ରଭୁ
ଘରକୁ ମୋହର ଥରେ
ଶ୍ରୀପଦ ପଙ୍କଜ ବଢ଼ାଇ ଦେବ ହେ
ଧୋଇଦେବି ଭବ ଜଳେ
ସ୍ନେହ ପଣତରେ ପୋଛିଦେବି ପାଦ
ଅପ୍ରାକୃତ ପ୍ରେମ ବଳେ
କୁଣିଆ ହେଇକ................ ||

ଭଙ୍ଗା କୁଡ଼ିଆ ମୋ ହୋଇବ ବୈକୁଣ୍ଠ
ପଡି ତୁମ ପାଦ ଧୂଳ
ଧନ୍ୟ ହୋଇଯିବ ନର ଜନ୍ମମୋର
ସେ ଧୂଳ ମୁଣ୍ଡରେ ବୋଳ
ଗାଇ ଶୁଣାଇବି ଗୀତ ଗୋବିନ୍ଦ ମୁଁ
ସଙ୍ଗୀତର ତାଳେ ତାଳେ
କୁଣିଆ ହେଇକ............... ||

ବାଢି ଦେଉଥିବି ନବଧା ଭକତି
ଖୁସି ତୁମେ ହେବା ପାଇଁ
ଖଞ୍ଜୁଥିବି ନୀତି ତୁମ ପ୍ରିୟ ଚଜ
ସେବାରେ ଲାଗିବା ପାଇଁ
ଆସିବକ ଥରେ ମନୁଆ ଠାକୁର
କୁଣିଆ ହେଇ ମୋ ଘରେ
ବଢ଼ାଇ ଦିଅହେ............ ||

ଅବଦଲ ପୁର, ଯାଜପୁର

# ସ୍ୱର୍ଗର ଦ୍ୱାର ଖୋଲିଗଲ୍



ସୁଧାଂଶୁ ଶେଖର ଦ୍ୱିବେଦୀ

ଥରକର କଥା। ସକାଳେ ସକାଳେ ସ୍ୱର୍ଗର ଦ୍ୱାର ନିକଟରେ ୪ଜଣ ବ୍ୟକ୍ତି ଠିଆ ହୋଇଥାନ୍ତି। ସେତେବେଳେ ସ୍ୱର୍ଗର ଦ୍ୱାର ବନ୍ଦ ଥାଏ। ୪ ଜଣ ବ୍ୟକ୍ତି ଅପେକ୍ଷା କରିଥାନ୍ତି କେତେବେଳେ ଦ୍ୱାର ଖୋଲିବ ଓ ସେମାନେ ତା ଭିତରକୁ ପ୍ରବେଶ କରିବେ। ସମୟରେ ସ୍ୱର୍ଗର ଦ୍ୱାରପାଳ ଆସି ଦ୍ୱାର ଖୋଲିଦେଲ୍। ଦ୍ୱାର ଖୋଲିବା ମାତ୍ରେ ବାହାରେ ଠିଆ ହୋଇଥିବା ୪ ଜଣ ଏକାସାଙ୍ଗରେ ଭିତରକୁ ପଶିବା ପାଇଁ ବ୍ୟଗ୍ର ହେଲେ। ଦ୍ୱାରପାଳ ସେମାନଙ୍କର ଅଭିପ୍ରାୟକୁ ଜାଣିପାରି ତୁରନ୍ତ ଅଟକାଇ ଭିତରକୁ ଛାଡିଲ୍ ନାହିଁ। ସହସା ଦ୍ୱାରପାଳ ପଚ୍ଚରିଲ୍, ତୁମେମାନେ କଣପାଇଁ ଏଠାରେ ଠିଆ ହୋଇଛ? ଜଣକୁ ଛାଡି ଅନ୍ୟ ୩ଜଣ ଅଭିମାନ ଭର୍‌ ସ୍ୱରରେ କହିଲେ, ଆମେ ସବୁ ବହୁତ ଦାନ, ଧର୍ମ କରିଛୁ। ସେଥିପାଇଁ ସ୍ୱର୍ଗରେ ରହିବାକୁ ଆସିଛୁ। ୪ର୍ଥ ବ୍ୟକ୍ତି ସେପର୍ଯ୍ୟନ୍ତ ଚୁପଚ୍ଚପ ଠିଆ ହୋଇଥାନ୍ତି। ଦ୍ୱାରପାଳ ତାଙ୍କୁ ମଧ୍ୟ ଏକାପ୍ରକାର ପ୍ରଶ୍ନ ପଚ୍ଚରିଲ୍। ୪ର୍ଥ ବ୍ୟକ୍ତି ନମ୍ର ଭ୍ୱେ କହିଲେ, ମୁଁ କେବଳ ଥରେ ମାତ୍ର ସ୍ୱର୍ଗ ର୍‌ଜ୍ୟ ଦେଖିବାକୁ ଆସିଛି। କୌଣସି ଦାନ ପୂଣ୍ୟ କରିନାହିଁ। କିନ୍ତୁ ଭଲଭ୍ୱେ ଜଣେ ମୋ ପରି ଲ୍ୱେକକୁ ସ୍ୱର୍ଗରେ ରହିବା ପାଇଁ କୌଣସି ସାମର୍ଥ୍ୟ ନାହିଁ।

ସ୍ୱର୍ଗର ଦ୍ୱାରପାଳ ୪ଜଣଙ୍କୁ ଆଉଥରେ ସଂପୂର୍ଣ୍ଣ ରୂପେ ଅବଲ୍ୱେକନ କରି ଜଣକୁ ପଚ୍ଚରିଲ୍, ହେ ମାନବ! ତୁମେ ନିଜର ପରିଚୟ ଦେଇ କୁହ କଣ ଏଭଳି କରିଛ ଯାହାଫଳରେ ସ୍ୱର୍ଗରେ ସ୍ଥାନ ପାଇବାକୁ ଅଧିକାର ସାବ୍ୟସ୍ତ କରୁଛ? ଦ୍ୱାରପାଳର ପ୍ରଶ୍ନ ଶୁଣି ଉକ୍ତ ବ୍ୟକ୍ତି କହିଲେ, ମୁଁ ଜଣେ ର୍‌ଜା ଥିଲି। କେତେ କେତେ ଦେଶକୁ ବିଜୟ ପ୍ରାପ୍ତ କରି ମୋ ର୍‌ଜ୍ୟର ବିସ୍ତାର କରିଛି। ପ୍ରଜାଙ୍କ ସୁବିଧା ପାଇଁ କେତେ ମନ୍ଦିର, ବାମ୍ଫି, କୂଅ, ଧର୍ମଶାଳା, ଆର୍‌ୱେଗ୍ୟଧାମ, ସଡ଼କ,ବଗିଚ୍ଚ ପ୍ରଭୃତି ନିର୍ମାଣ କରିଛି।

ଏହାଛଡା ବ୍ରାହ୍ମଣମାନଙ୍କୁ ଅନେକ ସ୍ୱର୍ଣ୍ଣ, ବସ୍ତ୍ର ଓ ଗାଇ ଦାନ ଦେଇଛି। ରାଜାଙ୍କ ଉତ୍ତରରେ ଦ୍ୱାରପାଳ ପୁଣି ପଚାରିଲା, ଆଚ୍ଛା ମହାରାଜ, ଆପଣ କହିବେକି ଅନ୍ୟ ଦେଶକୁ ବିଜୟ ପ୍ରାପ୍ତ କରିବା ବେଳେ ଆପଣ ଯେଉଁ ଲଢେଇ ଲଢ଼ିଲେ ସେଥିରେ ଆପଣଙ୍କ ରକ୍ତ ବହିଛି ନା ସୈନିକ ମାନଙ୍କର?

ସୈନିକ ମାନଙ୍କର ରକ୍ତ ବହିଛି। ରାଜା କହିଲେ।

ଯୁଦ୍ଧରେ ଆପଣଙ୍କ ପରିବାର ଲୋକମାନେ ମୃତ୍ୟୁ ବରଣ କଲେ ନା ଦୁଇ ପକ୍ଷର ପ୍ରଜାମାନେ ମୃତ୍ୟୁକୁ ପ୍ରାପ୍ତ ହେଲେ?

ଦୁଇ ପକ୍ଷର ପ୍ରଜାମାନେ ମୃତ୍ୟୁକୁ ପ୍ରାପ୍ତ ହୋଇଛନ୍ତି। ରାଜା ପୁଣି ଥରେ ଉତ୍ତର ଦେଲେ।

ଆପଣ ଯେଉଁ ଦାନ ଦେଇଛନ୍ତି, ପ୍ରଜାମାନଙ୍କ ସୁବିଧା ଲାଗି ଯେଉଁ ସଡ଼କ, ବାମ୍ଫି, କୂଅ, ଧର୍ମଶାଳା, ଆରୋଗ୍ୟଧାମ ଆଦି ନିର୍ମାଣ କରି ଛନ୍ତି ସେସବୁ ଆପଣଙ୍କ ଦ୍ୱାରା ଉପାର୍ଜିତ ଧନ ରାଶିରେ କରିଛନ୍ତି ନା ପ୍ରଜାଙ୍କ ପ୍ରତି ଲଗା ହୋଇଥିବା ଖଜଣା ଆଦାୟ କରି କରିଛନ୍ତି?

ଦ୍ୱାରପାଳଠାରୁ ଏଭଳି ପ୍ରଶ୍ନ ଶୁଣି ରାଜା ଚୁପ ହୋଇଗଲେ। ସେ ଉକ୍ତ ପ୍ରଶ୍ନର କିଛି ବି ଉତ୍ତର ସେ ଦେଇ ପାରିଲେ ନାହିଁ।

ତାପରେ ଦ୍ୱାରପାଳ କର୍କଶ ସ୍ୱରରେ କହିଲା,ଏଇଠାରୁ ଫେରି ଯାଆନ୍ତୁ। ସ୍ୱର୍ଗର ଦ୍ୱାର ଆପଣଙ୍କ ପାଇଁ ଖୋଲିବ ନାହିଁ।

ଏବେ ୨ୟ ବ୍ୟକ୍ତିଙ୍କୁ ଦ୍ୱାରପାଳ ସମାନ ପ୍ରଶ୍ନ ପଚାରିଲା। ୨ୟ ବ୍ୟକ୍ତି କହିଲେ,ମୁଁ ଜଣେ ବ୍ୟବସାୟୀ। ବେପାର କରି ବହୁତ ଧନ ସଂଗ୍ରହ କରିଛି। ସମସ୍ତ ତୀର୍ଥସ୍ଥଳ ଦର୍ଶନ କରିଛି। ମନ ଭରି ଦୁଇ ହାତରେ ଦାନ ପୁଣ୍ୟ କରିଛି। ତେଣୁ ମୋ ପାଇଁ ସ୍ୱର୍ଗରେ ରହି ବାକୁ ଦ୍ୱାର ଖୋଲିବାକୁ ହେବ।

ବ୍ୟବସାୟୀର ଦୃଢୋକ୍ତି ଶୁଣି ଦ୍ୱାରପାଳ କହିଲା, ହେ ସୌଦାଗର! ଆପଣ ଯେଉଁ ଦାନ ପୂଣ୍ୟ କରିଛନ୍ତି, ଯେଉଁ ଧନ ତୀର୍ଥକୁ ଯିବାରେ ଖର୍ଚ୍ଚ କରିଛନ୍ତି ସେସବୁ ଲୋକଙ୍କ ପାଖରେ ମିଥ୍ୟା ଓ ବେଇମାନ କରି ଉପାର୍ଜନ କରିଛନ୍ତି। ସେଭଳି ଅର୍ଜିତ କରିଥିବା ଧନରେ ପୂଣ୍ୟ ମିଳେ ନାହିଁ। ତେଣୁ ସ୍ୱର୍ଗର ଦ୍ୱାର ମଧ୍ୟ ଆପଣଙ୍କ ନିମନ୍ତେ ଖୋଲିବ ନାହିଁ।

ପୁଣି ୩ୟ ବ୍ୟକ୍ତିକୁ ନିଜ ବିଷୟରେ କହିବା ପାଇଁ ଦ୍ୱାରପାଳ କହିଲା। ୩ୟ ବ୍ୟକ୍ତି କହିଲେ, ମୁଁ ଜଣେ ଧର୍ମଗୁରୁ ଥିଲି। ସବୁବେଳେ ଭଲ ଓ ପ୍ରେରକ ଉପଦେଶ ମାଧ୍ୟମରେ ଲୋକମାନଙ୍କୁ ଜ୍ଞାନର ପ୍ରକାଶ ଦେଖାଇ ସତପଥରେ ଚାଲିବା ଲାଗି ପ୍ରେରିତ କରିଛି। ମୋହରି ପ୍ରେରଣାରେ କେତେ କେତେ ମଠ, ପୂଜାସ୍ଥଳ ମଧ୍ୟ ନିର୍ମାଣ ହୋଇଛି।

ଦ୍ୱାରପାଳ ଧର୍ମ ଗୁରୁଙ୍କ କଥା ଶୁଣି କହିଲା, ହେ ଧର୍ମଗୁରୁ! ଆପଣ କେବଳ ଧନୀ ଶିଷ୍ୟଙ୍କଠାରୁ ମିଳିଥିବା ଦାନ (ଚାନ୍ଦା)ରେ ପୂଜାସ୍ଥଳ ଓ ମଠ ନିର୍ମାଣ କରିଛନ୍ତି। ଲୋକମାନଙ୍କୁ ଅନେକ ଭଲ ଭଲ ଜ୍ଞାନ ପ୍ରଦାନ କରିଛନ୍ତି ସତ କିନ୍ତୁ ନିଜକୁ ସେହି ଉପଦେଶ ଅନୁରୂପେ ଗଢି ପାରି ନାହାନ୍ତି। ତେଣୁ ଆପଣଙ୍କ ପାଇଁ ମଧ୍ୟ ସ୍ୱର୍ଗର ଦ୍ୱାର ଖୋଲିବ ନାହିଁ।

ଏବେ ୪ର୍ଥ ବ୍ୟକ୍ତିର ପାଳି ପଡିଲା। ଦ୍ୱାରପାଳ ତାଙ୍କଠାରୁ ପରିଚୟ ପଚାରିଲା। ୪ର୍ଥ ବ୍ୟକ୍ତି ବିନମ୍ରତା ଓ ସରଳ ଶବ୍ଦରେ କହିଲେ, ମୁଁ ଜଣେ ଗରିବ ଚାଷୀ। ଜୀବନ ସାରା ନିଜ ପରିବାରର ଭରଣ ପୋଷଣ ପାଇଁ ଦୁଇଓଳି ଭୋଜନ ଦେବାକୁ ଆର୍ଥିକ ବିପନ୍ନରେ ଜିଇଛି। ମୋ ପାଖରେ କେବଳ ଅଭାବ ହିଁ ଅଭାବ। ଏହାସତ୍ତ୍ୱେ ଦାନ ପୂଣ୍ୟ କେମିତି କରି ପାରିଥାନ୍ତି? ମୁଁ ଜାଣେ ମୋ ଲାଗି ସ୍ୱର୍ଗର ଦ୍ୱାର କେବେ ଖୋଲିବ ନାହିଁ।

ଦ୍ୱାରପାଳ ଚାଷୀ ମନର ବ୍ୟଥା ଶୁଣି କହିଲା, ଆରେ ଭାଇ ନିଜକୁ ଏତେ ହୀନମାନ୍ୟ କଣପାଇଁ କରୁଛ? ତୁମେ ଭୁଲି ଯାଇଛ ଦିନେ ଜଣେ ଲୋକ ଭୋକରେ ଆଉଟୁ ପାଉଟୁ ହେଉଥିବା ବେଳେ ସ୍ୱୟଂ ଭୋକରେ ରହି ନିଜର ସବୁ ଭୋଜନ ତାକୁ ଦେଇଥିଲ। ଗ୍ରୀଷ୍ମଦିନେ ଶୋଷରେ ଆତୁର ହେଉଥିବା ଲୋକମାନଙ୍କୁ ପାଣି ପିଆଇ ତୃପ୍ତ କରାଇଛ। ସେସବୁ ମୋର ମନେ ଅଛି ମହାଭାଗ, ତେବେ ତାହା ମୋର କର୍ତ୍ତବ୍ୟ ଥିଲା। ଚାଷୀ କହିଲା।

ସେହିପରି କାର୍ତ୍ତବ୍ୟନଷ୍ଟ କାର୍ଯ୍ୟପାଇଁ ଆପଣ ଆଜି ସ୍ୱର୍ଗରେ ଅବସ୍ଥାନ କରିବାକୁ ଯୋଗ୍ୟ। ଆସନ୍ତୁ ସ୍ୱର୍ଗର ଦ୍ୱାର ଆପଣଙ୍କ ନମନ୍ତେ ଖୋଲା ଅଛି। ସ୍ୱର୍ଗର ଦ୍ୱାରପାଳ ଗୃଷୀର ହାତ ଧରି ସ୍ୱର୍ଗର ଦ୍ୱାର ନକଟକୁ ଆଗେଇଲା। ସତରେ ପରହିତ ପରି ଧର୍ମ କଛି ନାହିଁ, ପର ପୀଡା ସମ ଅନ୍ୟ କଛି ନାହିଁ।

**(ଋଷି ଲୋକ କଥାରୁ ସଂଗୃହୀତ)**

-----------------------

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

## ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

www.editor.vedantimagazine@gmail.com

# ତାଙ୍କଲାଗି ସବୁ ସହିବି



ଶିଶିର କୁମାର ପଣ୍ଡା

ଆମେ ତିନିଭାଇ ଅଲଗା ଖାଉଛୁ
ମନ ଆଗଭଳି ମିଶୁନି
ନୂଆ ବରଷରେ ଭିନେ ହୋଇଗଲୁ
ଭବିଷ୍ୟତ ଭଲ ଦିଶୁନି ।
ମଝିଆଁ ଭାଇଟା ଭାରି ଅଡାଢ଼ିଆ
ଯାହା ବୁଝିଥିବ ସେଇଆ
ଆଉ ପାରିଲିନି ସବୁଦିନ ପରି
ହୋଇ ତାହା ପାଖେ ବେହିଆ ।
ବାପା ମାଆଙ୍କର କଥା ସେ ବୁଝୁନି
ସେମାନେ ଏବେ ମୋ ପାଖରେ
କେମିତି ତାଙ୍କୁ ମୁଁ ପର କରିଦେବି
ମଣିଷ ହେଲି ଯା' କାଖରେ !
ଆୟୁଷ ମୋହର ଲାଗୁ ତାଙ୍କୁ , କୋଟି
ପରମାୟୁ ଦିଅ ଠାକୁର
ମୁଉଁ ପଛେ ଖାଏ ଲୁଣଲଙ୍କା ଦଳ
ସିଏ ଖାଉ ଗ୍ରେହୀ ଖାବୁର ।
ଆଉ କେଉଁ କଥା କହିବି ?
ଯାହାଙ୍କ ଲାଗି ମୁଁ ଦୁନିଆଁ ଦେଖିଲି
ତାଙ୍କ ଲାଗି ସବୁ ସହିବି ।

କୁଆଁସ, ମେରଦା କାଟିଆ, ଯାଜପୁର

# ପ୍ରଣାମ ଘେନ ହେ ଚକାନୟନ



ମନୀଷା ପଣ୍ଡା

ହେ ଚକାନୟନ !!
ପ୍ରଣାମ ମୋ ଘେନ
ଫେଡ ରୋଗ ଶୋକ ଦୁଃଖ,
ହେ ମହିମାମୟ ଅନନ୍ତ ଅରୂପ
ଅନ୍ତର୍ଯ୍ୟାମୀ ବାରେ ରଖ।।।

ସବୁରି ହୃଦ ରେ
ଜଗାଇ ଆନନ୍ଦ
ପ୍ରଶାନ୍ତି କୁସୁମ  ବିଞ୍ଚି,
ଦୂଷଣ କଷଣ ନାଶ କର ସାଇଁ
ସମୃଦ୍ଧି ର ସୁଧା ସିଞ୍ଚି।।।

ମମତା ପ୍ରେମ ର
ଉତ୍ତାଳ ତରଙ୍ଗ
ସ୍ନେହ ଆଶୀଷ ଅସର୍‌,
ଆତ୍ମୀୟ ତରଙ୍ଗ ସମ୍ପର୍କ ସାଗରେ
ପ୍ରୀତି ମନ୍ଦାକିନୀ ଧାର୍‌।।।

ତୁମ ମନ୍ଦିର ରୁ
ଭସି ଆସୁ ପ୍ରଭୁ !
ଦୁଃଖ ନିର୍ବାପନୀ ମନ୍ତ୍ର,

ଭୂଲି ଯିବା କଷ୍ଟ ଯାହା ଦେଇଗଲ୍
ଏଇ ପୁରୁଣା ବରଷ।।।

ଏତିକ ମାଗୁଛି ବିଭୁ ଙ୍କ ପାଦ ରେ
ସକଳ ମଙ୍ଗଳ ହେଉ,
ଗଲ୍ କଥା ଗଲ୍ ଏ ନୂଆ ବରଷ
ନୂଆ ଭ୍ୱାଗ୍ୟ ଆଣି ଦେଉ ।।।।

ଶିକ୍ଷୟିତ୍ରୀ
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ଅଙ୍କଗ୍ରନ୍ଥିପୁର, ଢେଙ୍କାନାଳ

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ରବିସୁତ ଦର୍ପଦଳା ନନ୍ଦବଳା



ଡ. ଅର୍ଜୁନ ଚରଣ ବାରିକ୍

ରବିସୁତ ଦର୍ପ ଦଳା ନନ୍ଦବଳା ଶ୍ରୀକୃଷ୍ଣ କରୁଣାକର ।
ରଙ୍ଗା ପଦେ ଥରେ ପଶିଲେ ଶରଣ ନଥାଇ ଶମନ ଡର ।୧।
ରଙ୍ଗ ଷୋଳକଳା ଘେନି ନନ୍ଦବଳା ବିରାଜିତ ଶ୍ରୀମନ୍ଦିର ।
ରକ୍ଷକ କୋଟୀ ବିଶ୍ୱର ଶ୍ରୀୟାବର ନନ୍ଦ ନନ୍ଦନ ଶ୍ରୀଧର ।୨।
ରମେଶ ହୃଷିକେଶ ଜଗନ୍ନିବାସ ସୁରେଶ ସ୍ମରଣ କର ।
ରତ୍ନବେଦୀ ଶୋଭା ବର୍ଦ୍ଧନ କାରଣ କୃପାସିନ୍ଧୁ ସୁରେଶ୍ୱର ।୩।
ରଞ୍ଜନ କରଇ କୋଟୀ ଜନ ମନ ମନମୋହନ ସୁମର ।
ରୂପକୁ ନିନ୍ଦଇ କୋଟିଏ ମଦନ ମଦନ ଯାର କୁମର ।୪।
ରାତ୍ର ଦିବା ନାହିଁ ରାହାସ କରଇ ରାଇ ଘେନି ସଙ୍ଗତର ।
ରସ ପାରାବାର ସେ ମୂରଲୀ ଧର ପାରାବାର ଯା ଶ୍ୱଶୁର ।୫।
ରମଣୀ ରସିଆ ସେ ନୀଳାଚଳଆ ଶ୍ରୀକୃଷ୍ଣ ନନ୍ଦ କୁମର ।
ରଖ ନେଇ ଚିତ ଆହେ ସାଧୁସନ୍ଥ ଶ୍ରୀହରି କଞ୍ଜ ପୟର ।୬।
ରୁକ୍ମିଣୀ ବଲ୍ଲଭ କୃଷ୍ଣ ପଦ୍ମନାଭ ଦୀନବନ୍ଧୁ ନଟବର ।
ରୁଦ୍ର ଯାହାଙ୍କର ନାମକୁ ନିରତେ କରିଛନ୍ତି ଗଳାହାର ।୭।
ରକ୍ଷ କପି ଘେନି ସେ କୋଦଣ୍ଡ ପାଣି ଶ୍ରୀରାମ ରଘୁକୁମର ।
ରକ୍ଷ ବଂଶ ନିସୂଦନ କଲେ ରାମ ବନ୍ଧ ବାନ୍ଧିଣ ସାଗର ।୮।
ରଖିଲେ ହନୁ ବିଭୀଷଣଙ୍କୁ କରି ଏ ଭବେ ଚିର ଅମର ।
ରାଧାଧବ ନୀଳ ମାଧବ ମୁକୁନ୍ଦ ସାଧବେ ଭଜନ କର ।୯।
ରଖ ତା ନାମ ରତନ ହୃଦହାର କରି ନରେ ନିରନ୍ତର ।
ରହିବନି ଦୁଃଖ ସ୍ମର କଳାମୁଖ ଭକ୍ତ ସୁଖ ଚକ୍ରଧର ।୧୦।
ରାଧା ରସିଆ ସେ କଦମ୍ବ ମାଳଆ କାଇଞ୍ଚ ମାଳଆ ସ୍ମର ।

ରାସେଶ୍ୱରୀ ରାଧା ଯା ର ପ୍ରାଣ ଅଧା ସେ ତ ବୃନ୍ଦାବନେଶ୍ୱର ।୧୧।
ରାଧା ଚନ୍ଦ୍ର ଚକୋର ସେ ମୂରଲୀଧର କୃଷ୍ଣ ଚୋର ସରଦାର ।
ରାଧା ପ୍ରେମେ ମଗ୍ନ ସେ କଳାମୋହନ କମଳା ପରାଣେଶ୍ୱର ।୧୨।
ରାମ ବନମାଳୀ ଶ୍ରୀକ୍ଷେତ୍ର ମଉଳୀ ବିଦୂଷେ ମନନ କର ।
ରକ୍ଷ ସୁର ନର ଗନ୍ଧର୍ବ କିନ୍ନର ବଳନ୍ତି ଯାର ପୟର ।୧୩।
ରଟ ମନ ନିଶିଦିନ ହରେରାମ ଶ୍ରୀକୃଷ୍ଣ ନାମ ସୁନ୍ଦର ।
ରସମୟ ଦେବକୀ ତନୟ ହରି ନାମ ପାବନ ଯାହାର ।୧୪।
ରଚେ ପଦମାନ ଶିଶୁ ଅରଜୁନ ଚନ୍ତି ତା ଛନ୍ଦା ପୟର ।
ରମାବର ହରି ସାମନ୍ତ ମୋହରି ମୁହିଁ ତାର ପରିକର ।୧୫।

ଅଧ୍ୟାପକ, ଇଂରାଜୀ ଭାଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବା ପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଜୀବଜନ୍ତୁମାନଙ୍କ ପ୍ରତି ଆମର ବ୍ୟବହାର



କୀର୍ତ୍ତି ଦେବୀ

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ଆମର ଏଇ ପୃଥିବୀର ଛୋଟ ବଡ ଜୀବ ଓ ଜଡ ଯାହା କିଛି ଦୃଷ୍ଟିଗୋଚର ହେଉଛି ତାହା ସବୁ ଈଶ୍ୱର ବା ଭଗବାନଙ୍କର ସୃଷ୍ଟି । ସମସ୍ତ ସୃଷ୍ଟି ମଧ୍ୟରୁ ମନୁଷ୍ୟ ଶ୍ରେଷ୍ଠ କାରଣ ତାର ଦୟା, କ୍ଷମା, ବୁଦ୍ଧି, ଜ୍ଞାନ ଓ ସହନଶୀଳତା ରହିଛି । ଏହି ମନୁଷ୍ୟମାନଙ୍କର ବ୍ୟବହାର ପାଇଁ କେଉଁଠି ରାମରାଜ୍ୟ ଗଠନ ହୁଏ ତ କେଉଁଠି ରାବଣ ରାଜା ହୋଇ ଅତ୍ୟାଚାର କରି ଚାଲିଥାଏ । ଆଜିର ସମାଜରେ ଏହି ମନୁଷ୍ୟମାନଙ୍କର ବ୍ୟବହାର ଓ ଚାଲିଚଳନରେ ଅନେକ ପରିବର୍ତ୍ତନ ଦେଖାଦେଇଛି । ଏହାର କାରଣ ହେଉଛି ମନୁଷ୍ୟ ନିଜ ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଛି । ସେ ତାର ପରିବେଶ ଓ ପରିସ୍ଥିତିକୁ ଆପଣା ମୁଠାରେ ରଖିବା ପାଇଁ ସର୍ବଦା ଚେଷ୍ଟିତ ।

ଆମର ପରିବେଷ ଓ ପ୍ରକୃତିର ଭାରସାମ୍ୟ କେବଳ ଏହି ଜୀବଜଗତ ଓ ବୃକ୍ଷଲତା ପାଇଁ ସମ୍ଭବ ହୋଇଛି । ଏହି ଜୀବଜନ୍ତୁମାନଙ୍କ ମଧ୍ୟରୁ କେତେକ ମାଂସାହାରୀ ଓ ଆଉ କେତେକ ଶାକାହାରୀ । ଖାଦ୍ୟ ପାଇଁ ପ୍ରତ୍ୟେକ ଜୀବଜନ୍ତୁ ଅନ୍ୟ ଉପରେ ନିର୍ଭର କରନ୍ତି । ଅତି ଛୋଟ ଜିଆକୁ ଆମେ କୃଷକର ବନ୍ଧୁ ବୋଲି କହିଥାଉ । କାରଣ ସେ ମାଟି ଖୋଳେ ଓ ଖାଏ । ତା ଦ୍ୱାରା ଭଲ ଚାଷ ହୁଏ । ସରୀସୃପ ଜାତୀୟ ଜୀବ ଏହାକୁ ଖାଇ ବଞ୍ଚନ୍ତି ଏବଂ ହରିଣ, ଗଧିଆ, ବିଲୁଆ ଏହି ସରୀସୃପଙ୍କୁ ଖାଇ ବଞ୍ଚନ୍ତି । ବାଘ, ଭାଲୁ ଓ ସିଂହଙ୍କର ଖାଦ୍ୟ ହେଉଛି ଏହି ହରିଣ, ଗଧିଆ ଓ ବିଲୁଆ ଜାତିର ଜୀବମାନେ । ଆମେ ଯଦି ଏହି ଛୋଟ ଛୋଟ ଜୀବଜନ୍ତୁଙ୍କୁ ମାରିଦେବା, ତାହା ହେଲେ ବଡ ବଡ ଜୀବଜନ୍ତୁମାନେ କଣ ଖାଇବେ । ଖାଦ୍ୟ ଅଭାବରେ ସେମାନଙ୍କର ବଂଶ ଲୋପ ପାଇଯିବ ଏହି ଜୀବ ଜଗତରୁ । ଅପରପକ୍ଷେ ବଡ ବଡ ଜୀବଜନ୍ତୁଙ୍କ ସଂଖ୍ୟା କମିଲେ ଛୋଟ ଛୋଟ ଜୀବଜନ୍ତୁଙ୍କ ସଂଖ୍ୟା ଅଧିକ ହୋଇଯିବ ।

ଆଜିର ମଣିଷ ସ୍ୱାର୍ଥପର ହୋଇ ନୀରିହ ପଶୁପକ୍ଷୀ ଯଥା ବାଘ, ଭାଲୁ, ହରିଣ, ଛେଳ, ପେଚ୍ଚା, କଇଁଚ, ମୟୁର ଓ ପାର୍ ମାନଙ୍କ ଶିକାର କରି ସେଥିରୁ ଜୋତା, ଚପଲ, ବ୍ୟାଗ୍, ପର୍ସ, ପାନଆ ଓ ଘରସଜା ସାମଗ୍ରୀ ପାଇପାରୁଛି । ଏହାଦ୍ୱାରା ଉଭୟ ଜୀବଜଗତ ଓ ମନୁଷ୍ୟ ଜଗତର ବହୁ କ୍ଷତି ହେଉଛି । ଏଥିପାଇଁ ପରିବେଶ ପ୍ରଦୂଷିତ ହେଉଛି । ଇତିହାସରୁ ଜଣାଯାଏ, ଗୌତମ ବୁଦ୍ଧଙ୍କ ଆହତ ହଂସର ଚକସ୍ତା, ଅଶୋକ ଓ ହର୍ଷବର୍ଦ୍ଧନଙ୍କ "ଜୀବେ ଦୟା" ନୀତି ବେଶ୍ ପରିଚତ । ଭାଷା ଓ ସାହିତ୍ୟ ଜଗତକୁ ଗଲେ ଅନେକ କବି, ଲେଖକ ଓ ସଂଗଠକ ଜୀବହତ୍ୟାକୁ ବିରୋଧ କରିଛନ୍ତି ଏବଂ ଲେଖନୀ ମାଧମରେ ଜନସଚେତନା ସୃଷ୍ଟି କରିଛନ୍ତି ।

ଆମ ରାଜ୍ୟର କେନ୍ଦ୍ରାପଡା ଜିଲ୍ଲାର ଭିତରକନକା ଅଭୟାରଣ୍ୟ ପୃଥିବୀ ପ୍ରସିଦ୍ଧ । ମୟୂରଭଞ୍ଜର ଶିମିଳପାଳ, ସମ୍ବଲପୁରର ଉଷା କୋଠି, ବାଣ ପୁରର ଚଲିକା, ଭୁବନେଶ୍ୱରର ନନ୍ଦନକାନନ ଆଦି ଜୀବଜନ୍ତୁମାନଙ୍କ ସୁରକ୍ଷା ପାଇଁ ସୁନାମ ଅର୍ଜନ କରିଛନ୍ତି । ଆମ ଭାରତୀୟ ସଂସ୍କୃ ତି ରେ ଦେବତାମାନଙ୍କର ବାହାନ ରୂପେ ଏଇ ଜୀବଜନ୍ତୁମାନେ (ବାଘ, ହାତୀ, ଘୋଡା, ସାପ, କଇଁଚ, ମୟୂର, ପେଚ୍ଚା, କାଉ)ପରିଚତ । ଏମାନଙ୍କୁ ଖରାପ ବ୍ୟବହାର ବା ହତ୍ୟା କଲେ ଦେବତାମାନେ କ୍ରୋଧ ପ୍ରକାଶ କରି ଅଭିଶାପ ଦିଅନ୍ତି । ସେହି ଦୃଷ୍ଟିରୁ ଜୀବହତ୍ୟା ମହାପାପ ଅଟେ । ଶ୍ରୀମଦ୍ ଭାଗବତ ଗୀତାରେ ଲେଖାଅଛି:

"କରି କରାଉଥାଉ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ"

ଆମର ବ୍ୟବହାର ଖାଲି ଜୀବଜନ୍ତୁ ନୁହେଁ । ଏହା ପ୍ରତ୍ୟେକ ମଣିଷ ପାଇଁ ଅନ୍ୟ ମଣିଷର ବ୍ୟବହାର ଉତ୍ତମ ହେବା ଦରକାର ଏଇ ପୃଥିବୀରେ ଯାହାର ଜୀବନ ଅଛି ସେଇ ସବୁ ଈଶ୍ୱରଙ୍କ ସୃଷ୍ଟି । ମନୁଷ୍ୟର ସବୁଠାରୁ ବଡ ଅନ୍ତଃର୍ନିହିତ ଗୁଣ ହେଉଛି ଦୟା । ଏହି ଦୟା ବଳରେ ଜୀବଜନ୍ତୁଙ୍କୁ ସାହାଯ୍ୟ ଓ ଉତ୍ତମ ବ୍ୟବହାର କରିବା ତାର ଧର୍ମ ଅଟେ ।

ପରିଶେଷରେ ଏତିକ କୁହାଯାଇପାରେ ଯେ, ଈଶ୍ୱରଙ୍କ ସୃଷ୍ଟିରେ ସମସ୍ତେ ସମାନ । କାରଣ ଆମେ ମଣିଷ ହୋଇ କାହାରିକୁ ଜୀବଦାନ ଦେଇପାରିବା ନାହିଁ । ତେଣୁ ଜୀବକୁ ମାରିବା ବା ହତ୍ୟା କରିବା ତଥା ଖରାପ ବ୍ୟବହାର କରିବା ଉଚିତ ନୁହେଁ । ଏଇ ସୃଷ୍ଟିକୁ ସହଜ, ସରଳ ତଥା ସୁନ୍ଦର କରିବାପାଇଁ ଆମ ମଣିଷମାନଙ୍କୁ ନଜ ବ୍ୟବହାରକୁ ପରିବର୍ତ୍ତନ କରିବାକୁ

ହେବ । ଉଭୟ ଜୀବ ଜଗତ ଓ ବୃକ୍ଷଲତା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିବ । ଆଜିର ଆଧୁନିକ ସମାଜରେ ମଣିଷର ବ୍ୟବହାର ଓ କର୍ମ ପାଇଁ ଉଭୟ ପ୍ରକୃତି ଓ ଜୀବଜଗତ ପତନାମୂଖୀ ହେବାକୁ ଯାଉଛି । ପ୍ରକୃତିକୁ ନିଜ ବାଟରେ ଚାଲିବାକୁ ଦେଲେ ଜୀବ ଜଗତ ଆପେ ଆପେ ନିଜକୁ ସୁନ୍ଦର ଭାବରେ ଗଢିପାରିବ । ତେଣୁ ମନୁଷ୍ୟ ସହୃଦୟର ସହିତ ପ୍ରକୃତି ସଂଗରେ ଚାଲିଲେ ଏହା ସମସ୍ତଙ୍କ ପାଇଁ ମଙ୍ଗଳ ହେବ ।

ସିଭିଲ୍ ଟାଉନ୍ ସିପ୍, ରାଉରକେଲା

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କିମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ -9594993733

# ବୀରହିଣୀ



ମଧୁଲିତା ନାୟକ

ମନର କୋଣାର୍କ ଆଜି ଭଗ୍ନ ଶିଳାର,
ଅନ୍ତର୍ବେଦନାରେ ଜର୍ଜରିତ,
ଧ୍ୱସ୍ତ ବିଧ୍ୱସ୍ତ ନୃତ୍ୟାଙ୍ଗନା ର କରୁଣ ଗୃହାଣୀରେ କୋଳାଗ୍ରତ..!!
ମନେ ପଡେ ଆଜି ସେ ପ୍ରାଙ୍ଗଣ ଅତୀତର,
ମୃଦୁ ମନ୍ଥର  ଶୀତଳ ସ୍ପର୍ଶ  ସମୀରର..!!

ମୃଦଙ୍ଗର ତଳ ସାଥେ ସଙ୍ଗୀତର ସୁମଧୁର ସ୍ୱର,
ନୂପୁରର ରୁଣୁଝୁଣୁ ଶବ୍ଦ ମଦ ମସ୍ତ ମୟୂରର ନୃତ୍ୟ,
ସୁଲଳତ କଣ୍ଠ କୋକିଳ ର..!!

ମନେ ପଡେ ପୁଣି ବୃକ୍ଷ ଉହାଡରେ ଲୁଚକାଳି ଖେଳୁଥିବା ରୂପ ଜାହ୍ନବୀର,
ନିଭୃତ କାନନରେ ଅପେକ୍ଷାରତ ପ୍ରେମିକାର ବାଟ ଗୃହିଁ,
ସଜଳ ନୟନରେ ଭରିଥିବା ଅସୁମାରୀ ଢେଉ ସପନର..!!

ଆଜି ଅଛି ସେହି ନିଭୃତ ପ୍ରାଙ୍ଗଣ କାନନର,
ଆଜିବି ଖେଳୁଅଛି ଲୁଚକାଳି ଖେଳ ଶୀତଳ କିରଣ ଜାହ୍ନବୀ ର,
କିନ୍ତୁ ନୟନର  ଗବାକ୍ଷ ରୁ କାହିଁ କେତେ ଦୂରେ ଲୁଚ ଅଛି,
ଢେଉ ଖେଳୁଥିବା ସ୍ୱପ୍ନର ସାଗର..!!

ଥମି ଯାଉଛି ସେ ନୁପୁରର ସ୍ୱର ନୀରଶ୍ରିତ ପରି ବାଲୁକା ଗର୍ଭରେ,
ଆଶ୍ରିତ ଆଜି ମୃଦଙ୍ଗର ତାଳ ଜାହ୍ନବୀ ର ଶୀତଳ କିରଣ,
ଶୋଣିତ ର ଧାର୍ ପରି କ୍ଷତ ବିକ୍ଷତ କରେ  ଶରୀର ପ୍ରେମିକାର,

ଗୃତକର ଆଶା ନେଇ ଝୁରେ ବିରହିଣୀ,
ନଜ ହାତେ ଗଢିଥିବା ସେଇ ସ୍ୱପ୍ନର ସୌଧ ସେଇ ସୁନ୍ଦର କାନନ,
ଓଠ ଧାରୁ ଝରୁଥିବା ଖିଲି ଖିଲି ହସ
ନୟନର ଗବାକ୍ଷର ମାଦକ ଗୃହାଣୀ..!!

ସଅଁଗ୍, ଜଗତସିଂହପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲ୍ – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ
ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

# ଲାଳସା



ଅଲେଖ ମେହେର

ମାୟା ମୃଗ ଦେଖି ଭ୍ରମିଲେ ଶ୍ରୀରାମ
ଜାନକୀ ଦେଖି ରାବଣ,
ଲାଳସା ତିମିର ଅମାଅନ୍ଧକାର
ପ୍ରଜ୍ଞାର କରେ ହରଣ।

ଜ୍ଞାନ ରବି ଅସ୍ତ କାମନା ଶିଖରେ
ଇନ୍ଦ୍ରିୟ ଭୋଗକୁ ଲଭି,
କାଗଜ କୁସୁମ ବିକ୍ଷଣେ ସୁଷମା
ଯହିଁରେ ନାହିଁ ସୁରଭୀ।

ପଶା ପାଲି ଖେଳ ଲୋଭରେ ମାତାଲ
ସର୍ବସ୍ୱ ଲୁଟାଇ ହସ୍ତେ,
ସତ୍ୟର ପାଣ୍ଡବ କ୍ଳେଶ ଭାର ବୋହି
ଦୁଃଖେ ଗମନ୍ତି ବନସ୍ତେ।

ଷଡରିପୁ ନାଶେ ଜ୍ଞାନର ଅଞ୍ଜନ
ବୃଜିନ ସାଗରେ ବୁଡି,
ସ୍ନେହ ମମତାର ଅମୃତ ବନ୍ଧନେ
କ୍ଷଣିକେ କାଟି ଦଉଡି।

ସ୍ୱାର୍ଥର ରଥରେ ମନଘୋଡା ଯୋଖା
ହୋଇଛି ଲଗାମ ଛଡା,
ବିବେକ ଆମ୍ଭାର ସତର୍କ ସୂଚନା
ମଣଇ ନତ୍ୟ ଅମଡା।

ବାସନା ତଟିନୀ ଭଗ୍ନଯଉବନା
ଦୁଇ କୂଳଯାଏ ଖାଇ,
ବନ୍ଧବାଡ ଡେଇଁ ଯାଏ ଆଗେ ଧାଇଁ
କଳଙ୍କ କାଳ ଲଗାଇ।

ସୋହେଲ୍, ବରଗଡ

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଖେଳ ସରିଗଲେ....

ନିରଞ୍ଜନ ସାହୁ

ସବୁ ଖେଳଲୀଳା ସରିଯିବା ପରେ
ଘର ଲେଉଟାଣି ହେବ
ଖାଲି ହାଏ ଆସି ଖାଲି ଫେରିଯିବ
ସାଥିରେ କିଛି ନନେବ ॥
ଜନମ ମରଣ ଭିତରେ ଜୀବନ
ବିଧିର ବିଧାନ ଏହା
ଶତଚେଷ୍ଟା ସତ୍ତ୍ୱେ ଏହି ସୀମାରେଖା
କିଏ ଡେଇଁପାରେ ତହା
ସବୁ ସରିଯିବ ପିଣ୍ଡରୁ ପରାଣ
ଯେବେ ଛାଡି ଗ୍ଲଲିଯିବ ॥
ଅଢେଇ ଦିନକୁ ବଡେଇ ଦେଖାଇ
ମିଛରେ ମଣିଷ ବଞ୍ଚେ
ଜୀବନଟା ଯାକ ଯେମିତି ବି ହେଲେ
ଧନ ରତନ ଯେ ସଞ୍ଚେ
ସବୁ ଜାଣି ପୁଣି ନଜାଣିବା ପରି
ଚେଇଁ କରି ଶୋଇଥିବ ॥

ନିହାଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ

# ଅଚହ୍ନା ବନ୍ଧନ

(ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ଶୀତ ଋତୁର ଅପରାହ୍ନ ସିନୀଳ ହୋଇ ଆକାଶ ତଳେ ସୂର୍ଯ୍ୟାସ୍ତର ସେହି ମନୋହର ଦୃଶ୍ୟକୁ ଦେଖୁ ଦେଖୁ ହଠାତ୍ କହ୍ନେଇର ପ୍ରତିଶ୍ରୁତି ମନ ଭିତରେ ନାଚ ଉଠିଲା । ଆଖି ଆଗରେ ଖେଳଗଲା ଫଗୁଣର ଭିଜା ଭିଜା ମଳୟର ଛୁଆଁ । ଭଗବାନ ଶ୍ରୀକୃଷ୍ଣ ସଜାଇ ପବିତ୍ରତା ଓ ସତ୍ୟର ପ୍ରେମକୁ ସମର୍ପଣ କରିଦେଇଛି କହ୍ନେଇଙ୍କୁ । ଗାଢ ଅନ୍ଧାର ସହିତ ମନ୍ଦିରରୁ ଠାକୁରଙ୍କ ମଙ୍ଗଳ ଆଳତି ଭାସି ଆସୁଥାଏ । ମନ ଭିତରେ ଅନେକ ଆଶା ଓ ଆକାଂକ୍ଷା ପିଟି ହେଉଥାନ୍ତି । ତାଙ୍କର ସେହି କଥା କୁହା ଆଖି ମତେ ଅତି ନଜର କରିଦେଇଛି । ଏଇ କେତେ ଦିନର ଦୂରତା କେତେ କଷ୍ଟ ଦେଲାଣି । ପୁଣି ଅନେକ ପଥ ପଡିଛି । ଅନେକ ସମୟ ବାକି ଅଛି । ତାଙ୍କ ପାଖରୁ ଦୂରେଇ ରହିବା ଆଉ ସମ୍ଭବ ନୁହେଁ ।

ଓ୍ବରି..... ଛଅ ଦିନ ମଧ୍ୟରେ ଫେରିଆସିବେ ବୋଲି କହି ଯାଇଛନ୍ତି । ଆଜି ଆସିକି ଦଶଦିନ ହେଲାଣି । ମନ ଟା ତ ବୁଝୁନ । ମାଁ ଗାଧୋଇବାକୁ କେତେଥର କହିଲାଣି । ଆଜି ଶିବରାତ୍ରି । ମନ୍ଦିର ଯିବାକୁ ହେବ । ଆଖିରେ ଲୁହ ଜକେଇ ଆସିଲା । ମନ ଭଲ ଲାଗୁ ନଥାଏ । ଜିନା ଓ ସିନାକୁ ଧରି ମନ୍ଦିର ଯିବାକୁ ବାହାରି ପଡିଲା ପୂଜା ।

ଆରେ ପଇସା ନେଇଛ ସିଦ୍ଧେଶ୍ଵରବାବୁ ପଚାରିଲେ ।

ନାଇଁ ବାପା ।

ତୋ ମା ପାଖରୁ ନେଇ ଯାଅ । ସଅଳେ ଯାଇ ଫେରିଆସିବ ।

ରାତି ବେଶି କରିବ ନାହିଁ । କୁଆଡେ ମନ ଲାଗୁ ନଥାଏ । ପୂଜା ସାମଗ୍ରୀ ଧରି ଜିନା ଓ ସିନାକୁ ଦେଇ ଆଗରେ ଯିବାକୁ କହିଲା ପୂଜା । ସେମାନଙ୍କ ପଛେ ପଛେ ଯାଉଥାଏ । ହଠାତ୍ ଅନ୍ଧାର ଭିତରେ ତା ହାତକୁ ଟାଣିନେଲେ ।

ଏ କଣ କରୁଛ । କଏ ତୁମେ ?

ପାଟିରେ ହାତ ଘୁପି – ମୁଁ..... ତୁମର

ଏତେ ଅନ୍ଧାର ଭିତରେ ମୁଁ ଜାଣି ପାରୁନାହିଁ । ଆଗରେ ଜିନା ସିନା ଗ୍ଭଲୁଛନ୍ତି ।

ମୋ ପାଖକୁ ଭିଡି ଆସ । ଜାଣିପାରିବ ମୁଁ କଏ**?**

କାହିଁକ**?**

କହ୍ନେଇକୁ ଜାଣୀ ପୁଜା କହିଲା**,** ନାଇଁ ନାଇଁ**,** ସେମିତି ହବନ । ଜମାରୁ କଥା ହେବିନ ତୁମ ସହିତ ।

ଏଇ..... ମୁହଁ ଫୁଲାନ ତ । ବହୁତ ଫୁଲେଇ ହଉଛ । ଏଇ.... ଆସନା ମୋ ପାଖକୁ **(ପ୍ଲିଜ)**

ଜମା ନୁହଁ । କଣ ଭ୍ଭବିଛ କ**?**

ଗ୍ଭରି ଛଅ ଦିନ କହି ଦଶ ଦିନ ହୋଇଗଲାଣି । ଦେଖା ନାହିଁ**,** କ ଫୋନ ବି କରୁନାହଁ**,** କାହିଁକ**?** କହ୍ନେଇ କହିଲା ଅରେ ପାଖକୁ ଆସିଲେ ସିନା କହିବି । ଦଶ ହାତ ଦୂରରେ ରହିଲେ ମୁଁ କଣ କହିବି**?** ନାଇଁ ନାଇଁ କଏ କାଳେ ଦେଖିଦେବ । ଜମାରୁ ଏମିତି କରନା ।

ଏଇ..... ଧନ **!**

ତୁ ଏମିତି କଣ ଭ୍ଭବୁଛୁ ମତେ**?** ମୁଁ ତୋ ଦେହକୁ ଭଲ ପାଏନରେ । ତୋ ମନକୁ ଆତ୍ମାକୁ ତୋ ସରଳତାକୁ ଭଲପାଏ । ମୁଁ ତତେ ଛାଡି ରହିପାରିବିନ ରେ । ବହୁତ ଦୁଃଖଦ କାମ ଥିଲା । ମୁଁ ସେଠାରେ ରହି ଯାଇଥିଲି । ମୋ ସାଙ୍ଗ ବିକାଶ କଟକରେ ରୁହେ । ମୁଁ କାମ କରି ସାରି ତାରି ପାଖରେ ରହିଗଲି ସେଦିନ । ସନ୍ଧ୍ୟା ବି ହୋଇ ଯାଇଥିଲା । ଭ୍ଭବିଲି ରାତିଟା ଏଇଠାରେ ରହି ସକାଳେ ଗ୍ଭଲିଯିବି । ତା ପରେ ଖଟି ଆରମ୍ଭ ହେଲା । ମଜା ମଜା ଗପରେ ରାତି ସରିଗଲା । ସକାଳୁ ସକାଳୁ ଉଠିପଡି କବାଟ ଖୋଲିଲା ବେଳକୁ ଗୋଟେ ଚଠି ପଡିଛି । ଚଠିଟି ନେଇ ବିକାଶକୁ ଦେଲି ।

କାହା ଚଠି?

ତୁ ଖୋଲି ପଢୁନ ।

ନାହିଁ । ତୋ ଚଠି ତୁ ପଢ ।

ହଉ, ଦେ ।

ଚଠି ପଢି ଭେ ଭେ କରି କାନ୍ଦି ଉଠିଲ୍ ବିକାଶ । କଣ ହୋଇଛି କହୁନୁ । କହ୍ନେଇ କହିଲ୍ ।

ମୋ ଭାଇ ଆଉ ନାହାନ୍ତି । ତାଙ୍କ ଗୋଡ କଟି ଯାଇଛି ।

ଓଃ........ । ତୁ ବ୍ୟସ୍ତ ହୁଅନା ବିକାଶ ।

ବାସ୍ ତା ପରେ ଦୁଇ ଜଣ ମିଶି ତାଙ୍କ ଗାଆଁ ଜଗତପୁରକୁ ଗଲୁ । ୟା ଭିତରେ ପୂଜା କହ୍ନେଇର ଛାତି ପାଖକୁ ଜାକ ହୋଇଯାଇଥାଏ । ଉସୁମ ଛୁଆଁରେ ଦେହ ଶୀତେଇ ପଡୁଥାଏ ପୂଜାର । ଇଚ୍ଛା ହେଉଥାଏ କହ୍ନେଇ ମତେ ଦୁଇବାହୁରେ ଜଡେଇ ଧରନ୍ତେ କ? ମତେ ଟାଣି ନେଇ ତାଙ୍କ କୋଳରେ ଶୁଆଇ ଦେଇ ମୁଣ୍ଡ ଥାପୁଡୁ ଥାପୁଡୁ କହିଲେ - ଜାଣିଛୁ ପୂଜା, ବିକାଶ ଘରକୁ ଯାଇ ଦେଖିଲି ସମସ୍ତେ କେତେ ଦଜର । ବାପା, ମା ଭାଇ ଭଉଣୀ ସମସ୍ତେ ଅଛନ୍ତି । ବିକାଶ ଭାଇ ଉପରେ ଗାଡି ଗ୍ଲିଯିବାରୁ ସେହିଠାରେ ହିଁ ତାଙ୍କ ଦଶ୍ୱାସ ସରିଗଲ୍ । ତାଙ୍କର ପୁଅ ଝିଅ ଦୁଇଟା । ଦୁଃଖର ପାହାଡ ଯେମିତି ଉଜାଡି ପଡିଛି । ଯିଏ ଯେଉଁଠି ବସି କାନ୍ଦୁଛନ୍ତି । ଲୁଗା କଣ ବଦଳେଇ ବି? ସେମିତି ଭାଇଙ୍କର ଶବ ସତ୍କାର ପାଇଁ ବାହାରିଗଲୁ । ଗାଆଁ ଲୋକମାନେ ଆସି ସାହାଯ୍ୟ କରୁଥାନ୍ତି । ବିକାଶର ମା ଓ ଭାଉଜ ପାଗଳ ପରି ତଳେ ଲୋଟି ପଡୁଥାନ୍ତି । ହୃଦୟ ବିଦାରକ ସେ ଦୃଶ୍ୟ । ମାନସିକ ଦୃଢତା କରି ବିକାଶ ଦଜ ଲୁହକୁ ଶୁଖାଇ ଶବ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କଲ୍ । ତାଙ୍କ ଗାଁ ମହାଜନଙ୍କ ପାଖକୁ ଗୋଟେ ଲଣ୍ଠନ ଧରିଗଲୁ ଅନୁମତି ଆଣିବାକୁ । ସେ ଗାଆଁର ଜମିଦାର ମହାଜନ ଦୈତାରି ପଣ୍ଡା । ଗାଁ ମୁଣ୍ଡରେ ଗୋଟିଏ ବୋଲି ସରକାରୀ ପଦା । ସେଠାରେ ସମସ୍ତେ ଶବ ଦାବ କରନ୍ତି । ମହାଜନଙ୍କ ଅନୁମତି ଯାହାକୁ ଯାଉଠି ହେବ । ଗୋଡ ଭାଙ୍ଗି ଅଧଘ ହେଲ୍ ଠିଆ ହୋଇଛି । ଭିତରୁ ଗଳା ଶବ୍ଦ ଶୁଭିଲ୍, ତା ପରେ କଏ କରେ, ବିକାଶ ଆସିଛୁ ।

ହଁ ମହାଜନେ । ଜୁହାର କଲା ମହାଜନଙ୍କୁ ।

ମୁଁ ଜାଣିଲି ତୋ ଭାଇ କଥା । କଣ ଭାବୁଛୁ, ଭାଇ ପରା, ପଛକୁ ଅନାନା.. .. ..

ହଁ ମହାଜନେ ।

କୁହନ୍ତୁ ମତେ କେତେ ଦେବାକୁ ହେବ । ବିକାଶ କହିଲା ।

ଗଭୀର ସ୍ୱରରେ ମହାଜନ କହିଲେ – ଆରେ ବାପା ବିକାଶ । ତୁ ତ ଜାଣିଛୁ ଆମ ବାପା ଗୋସେଇଁବାପା ମାନେ ଶବଦାହ ପାଇଁ ଏ ଜାଗା ଟିକକ ରଖି ଯାଇଛନ୍ତି । ମୁଁ ତ ବୁଢା ହୋଇଗଲିଣି । ଯାହା ତୋର ଦବୁ । ଶ୍ୟାମ ବାରିକର ବାପା ମରିଗଲା ଯେ ସେ ଆଣି ଛଅ ହଜାର ଟଙ୍କା ଦେଇଗଲା । ମୁଁ ଉଁ କ ଚୁଁ କହିଲି ନାହିଁ । ସୁରୁଖୁରୁରେ କାର୍ଯ୍ୟ କରି ଚାଲିଗଲା ।

ହଁ ମହାଜନେ । ମୋ ପାଇଁ ଟିକଏ କମ କରନ୍ତୁ । ମୁଁ ତ ଚାକରି କରିନ । ବାପା ବି ନାହାନ୍ତି । ଯିଏ ପଇସା ରୋଜଗାର କରୁଥିଲା ସେ ତ ଚାଲିଗଲେ । ମୁଁ ଉପାୟ ଶୂନ୍ୟ ହୋଇଯାଇଛି ।

କେମିତି ହବକରେ ...... ମହାଜନ କହିଲେ ।

ଅନ୍ୟମାନେ ଜାଣିଲେ ମତେ ଖରାପ ଭାବିବେ । ମୋ ଓଜନ କମିଯିବ । ହୋଇପାରିବ ନାହିଁ । ରୋକଠୋକ୍ ମନା କରିଦେଲେ ମହାଜନେ । ଆଖିରେ କ୍ରୋଧର ଲୁହଗୁଡାକ ଟକ୍ ଟକ୍ କରୁଥାଏ । ମୁଁ ସହିପାରିଲି ନାହିଁ ପୂଜା । ସଙ୍ଗେ ସଙ୍ଗେ ପକେଟରୁ ଛଅ ହଜାର ବାହାର କରି ଦେଇଦେଲି । ଏତେ ଦୁଃଖ କେମିତି ସହିବି ଯେ । ବିକାଶ ମୋର କଲେଜ ସାଙ୍ଗେ ହେଲେ ବି ନିଜ ଭାଇ ପରି ସବୁ ଖବର ବୁଝେ । ଦିନରେ ଦୁଇଥର ଫୋନ ନ କଲେ ଜମାରୁ ଭଲ ଲାଗେନା ।

ଏତେ ପଇସା କେଉଁଠୁ ଆସିଲା, ପୂଜା କହିଲା ।

କକା ଦେଇଥିଲେ ।

କଣ ପାଇଁ**?**

ତାଙ୍କ ଦୋକାନ ପାଇଁ କିଛି ଜିନଷ କଟକରୁ ନେଇ ଯିବାକୁ କହିଥିଲେ । ମୁଁ ସେଇ ପଇସାକୁ ଦେଇଦେଲି, ମହାଜନ ସଙ୍ଗେ ସଙ୍ଗେ ଅନୁମତି ଦେଇଦେଲେ । ତା ପରେ ଶବ ଦାହ

କରୁହେଲା । ବିକାଶ ଦୀର୍ଘଶ୍ୱାସ ପକାଇ ଟିକଏ ଘୁମେଇ ପଡିଥିଲା । ମୁଁ ତାଙ୍କର ବାଡିଘର ବୁଲି ଦେଖୁଥିଲି । ଘରେ ନିସ୍ତବ୍ଧତା ରାଜତ୍ୱ କରୁଥାଏ । ଦୁଇଟିଯାକ ପିଲା ନିଶ୍ଚିନ୍ତ ଭାବରେ ଜେଜେମା ପାଖରେ ଶୋଇ ଯାଇଥାନ୍ତି । ବିକାଶ କେତେଥର ଶୋଇବାକୁ କହି ସେ ନିଜ ଘୁମେଇ ପଡିଥାଏ । କ୍ଳାନ୍ତ ଲାଗୁଥିଲା ବହୁତ । ହେଲେ ନୂଆ ଜାଗାରେ ଶୋଇବାକୁ ଇଚ୍ଛା ହେଲାନାହିଁ । ହଠାତ୍ ଚତ୍କାର ଶୁଭିଲା ।

କଣ ହେଲା ମାଉସୀ? ସମସ୍ତେ ଦୌଡି ଆସରେ ମୋ ବୋହୂ ଆଉ ନାହିଁରେ । ତଳେ ଗଡିଯାଉଥାନ୍ତି । କି ଦୁଃଖ ? ଓଃ.. .. ! ଛାତି ଫାଟି ପାଡିଲା ପୂଜା ।

ଲୁହ ଟୋପା ପୂଜାର ଗାଲ ଉପରେ ଝରିପଡିଲା ।

ଆରେ ତୁମେ କାନ୍ଦୁଛ?

ବାପା ମା ଭାଇ ଭଉଣୀକୁ ହରେଇବାର ଦୁଃଖ ବହୁତ ନିକଟରୁ ଦେଖିଛି ତ, ସହିପାରୁନି । କହ୍ନେଇର ଲୁହ ପୋଛିଦେଇ ଗାଲରେ ଗୋଟେ ଚୁମା ଦେଇ କହିଲା ମୁଁ ପରା ତୁମ ପାଖରେ ଅଛି । ସବୁବେଳେ ଥିବି ।

ହଁ ପୂଜା ! ତୁମେ ପର କରିବନି କେବେ । ମୁଁ ବଞ୍ଚି ପାରିବିନି ।

ସେମିତି କୁହନା ମତେ, ପୂଜା କହିଲା । ଏ ଜନ୍ମ କଣ ସବୁ ଜନ୍ମ ପାଇଁ ତୁମର ହୋଇ ରହିଥିବି କହ୍ନେଇ । ତୁମେ ଭଲ ପାଅ କି ନ ପାଅ । ଏମିତି କେମିତି ବଞ୍ଚିପାରିବି ପୂଜା । ମୁଁ ଯେଉଁଠି ରହିଲେ ବି ତୋର ହୋଇ ରହିଥିବି ପୂଜା ।

ଆଉ ଟିକଏ ଜଡେଇ ଧରିନେଲେ କହ୍ନେଇ, ଲାଜରେ ଦେହଟି ଶୀତେଇ ଯାଉଥାଏ । କଣ କରୁଛ ଯେ? ମନ ଭିତରେ ଆନ୍ଦୋଳିତ ହେଉଥାଏ । ତୁମେ କଣ ମୋତେ ଅନ୍ଧାର ଭିତରେ ନା... ନା... ନା... ଏମିତି କେବେ କରିବେନାହିଁ । ଅନେକ ଥର ତାଙ୍କ କୋଳରେ ଶୋଇଛି । ସ୍ୱତନ୍ତ୍ରତା ଥିଲା ତାଙ୍କ ପ୍ରେମରେ । କେତେବେଳେ ବି ସେ ମତେ ବାଧ୍ୟ କରିନାହାନ୍ତି, ବରଂ କିଛି ଖରାପ ଦେଖିଲେ ଜୋର କରି ଗାଳି କରନ୍ତି । ଏମିତି କର ସେମିତି କର । ବେଶୀ ହସନା, ବେଶୀ ରାଗନା, ବାସ୍ ଅନେକ କିଛି ଯାହା ତାଙ୍କ ନଜର ଖରାପ ବୋଲି ଜାଣିବେ ସଙ୍ଗେ ସଙ୍ଗେ ଗାଳି କରିଦେବେ । ମୁହଁ ଫୁଲେଇ ଥିବାର ଜାଣିଲେ ନିଜ ଛାତି ଉପରେ ମୋ ମୁହଁକୁ ଜାକି ଦେଇ କାନ୍ଦି ପକାନ୍ତି । ହେ ଧନ ! ତୋ ଉପରେ ମୋର ଅଧିକାର ଅଛିରେ ।

କଏ ତୋତେ ଖରାପ କହିଲେ ମୁଁ ସହିପାରେନ । ତୁ ମତେ ଭୁଲ ବୁଝିବୁନାହିଁ । ତତେ କଷ୍ଟ ହେଲେ ମୁଁ ବଞ୍ଚିପାରିବି ନାହିଁ । ତୋ ଆଖିରେ ଲୁହ ଝରିଲେ ମୁଁ ପାଗଳ ହୋଇଯିବି । ଏଇଟା ଥିଲା ତାଙ୍କର ପ୍ରେମର ଅମରତ୍ୱ । ଗୋଟେ ବାପା ପରି ଗୋଟେ ଭାଇପରି, ଗୋଟେ ମା ପରି, ଗୋଟେ ବନ୍ଧୁ ପରି । ପୁଣି କେବେ ପ୍ରେମିକ ହୋଇ ଭଲପାଇବା ତାଙ୍କର ନିଆରା । ପାଠ ପଢାଇଲାବେଳେ ମଧ୍ୟ ଗୋଟେ ଶିକ୍ଷକ ହୋଇ ପଢାନ୍ତି । ସମସ୍ତେ ଥିବାରୁ ଗୋଡରେ କେତେଥର ମୋ ଗୋଡକୁ ମାଡିଛନ୍ତି ଜାଣି ଜାଣି । କନ୍ତୁ ମିଛରେ କହନ୍ତି ସରି ପୂଜା ଗୋଡ ବାଜିଗଲା । ଦିନକର ଘଟଣା ଦିନେ ଗୋଟେ ଟେବୁଲ୍ ରେ ବସି ପଢୁଥିଲୁ । ବାପା ମଧ୍ୟ ସେଇଠି ପେପର ପଢି ବସିଲେ । ଲଣ୍ଠନ ଆଲୁଅରେ ଭଲ ଦିଶୁନଥାଏ । ବର୍ଷା ପାଇଁ ବିଜୁଳି ସନ୍ଧ୍ୟାବେଳୁ କଟା ଯାଇଥାଏ । ମୋ ଗୋଡ ଭାବି ବାପାଙ୍କର ଗୋଡକୁ ମାଡି ଦେଇଥାନ୍ତି । ଲାଜରେ କଛି କହିପାରିଲେନ କହ୍ନେଇ । ମଜାରେ ଜିନା କହିଲା କହ୍ନେଇ ସାର, ଏଇଟା ବାପାଙ୍କ ଗୋଡ ବୁଝିଲେ । ବାପା କାମ ଅଛି କହି ଉଠିଗଲେ । ବାସ୍, ତାପରେ ଦୁଇ ତିନଦିନ ଆସିଲେନାହିଁ । ବହୁତ ଲାଜ ତାଙ୍କର । ପରେ ଜଗନ ଯାଇ ତାଙ୍କୁ ଆମ ଘରକୁ ନେଇ ଆସିଥିଲା । ସେହି ଦିନରୁ ତାଙ୍କୁ ବେଶି ଖରାପ ଲାଗେ । ଚୁପି ଚୁପି ମୋତେ ଦେଖି ହସନ୍ତି । ଜିନା ଓ ସିନା ଦୁଇ ଜଣ ବହୁତ ଚଡେଇ କଥା କୁହନ୍ତି । ମା ସେମାନଙ୍କୁ ଗାଳି କଲେ ଚୁପ୍ ରହନ୍ତି । ମୋତେ କନ୍ତୁ ବହୁତ ଭଲ ଲାଗୁଥିଲା । କୋଉ ଦିନ ନ ଆସିଲେ ଅଭିମାନରେ କାନ୍ଦି ଦେଉଥିଲି । ଦିନକୁ ଦିନ ବହୁତ ପାଖକୁ ଯିବାକୁ ଇଛା ବଢି ଯାଉଥାଏ । ବିକଳମନରେ ଅନେକ ସୁରଭି କଅଁଡି ହୁଅନ୍ତି । ବୟସର ଫଗୁଣରେ ମଳୟର ତାତି ଭରିଯାଏ । ବେଳେବେଳେ ରାଗିକରି ଚମୁଟିଦିଏ କହ୍ନେଇଙ୍କ ହାତକୁ । କଛି ବି କୁହନ୍ତିନାହିଁ । ପରେ ଦେଖିଲେ କଷ୍ଟ ଲାଗେ । ସେ ଜାଗାରେ ଦାଗ ହୋଇଯାଇଥାଏ । ତୁମେ ରାଗିନାହଁ ତ? ପଚାରେ ପୂଜା । ନା, କାହିଁକି? ଦେଖୁନ, ମୁଁ ଚମୁଟି କେମିତି ଲାଲ କରିଦେଇଛି । ଏଇଟା ତୋ ପ୍ରେମ ପୂଜା, କହ୍ନେଇ କହେ । ସେ ଯେତେ କଷ୍ଟ ହେଲେ ବି ମୁଁ ସହିଯିବି । ମତେ ତା ଭିତରେ ଆନନ୍ଦ ବହୁତ ଲାଏ । କେବେ ଯଦି ମୋ ଜୀବନ ମାଗିବୁ, ମୁଁ ଦେଇ ଦେବିରେ ।

ଛି......! ଏମିତି କେବେ ବି କହିବନ, ପୂଜା କହିଲା । ମୋର ଜୀବନ କଣ ହେବ । ତୁମ ଭଲପାଇବା ଏମିତି ଥାଉ ।

ରାତି ଅନେକ ହେଲାଣି । ଜିନା, ସିନା ଘରେ ପହଞ୍ଚି ସାରିଥିବେ । ମା ମୋତେ ନ ଦେଖି କେତେକଣ ଭାବି ସାରିବଣି । ମନଟା ଭୟରେ ଥରିଉଠିଲା । ଇଚ୍ଛା ନହେଲେ ବି ଉଠି ପଡିଲା ପୂଜା । କାଳେ ବାପା ଖୋଜି ଖୋଜି ଚାଲିଆସିବେ ।

ଏ.. ..ଇ ପୂଜା ଆଉ ଟିକଏ ବସନା, ପ୍ଲିଜ୍ । ଅନେକ କଥା ଅଛି । କହି ପୂଜାର ହାତକୁ ପୁନ ଥରେ ଟାଣିଲେ ।

ଉପାୟଶୂନ୍ୟ ହୋଇ ବସିପଡିଲା ପୂଜା ।

କଟକରୁ ତୁମ ପାଇଁ ଗୋଟେ ଜିନଷ ଆଣିଛି । ମନା କରିବନ ତ ! ମୋ ମୁଣ୍ଡ ଛୁଇଁ କୁହ ପୂଜା ।

ଆଗେ ଦେଖାଅ ତ ତମେ ।

ତା ପରେ ...... ।

ନାଇଁ ତୁମେ ଆଖି ବନ୍ଦ କର । ତା ପରେ ଦେବି, ସେମିତି ହେବ ନାହିଁ ପୂଜା ।

ମନା କରିବାରୁ କହ୍ନେଇ ଆଖିରେ ଲୁହ ଜକେଇ ଆସିଲା ।

ହେଲା ବାବା ମୁଁ ଆଖି ବନ୍ଦ କଲି । କଣ ଦିଅ ଜଲଦି ।

କହ୍ନେଇ ସଙ୍ଗେ ସଙ୍ଗେ ପୂଜା ମୁଣ୍ଡରେ ସିନ୍ଦୁର ଲଗାଇଦେଲା । ଆଜିଠାରୁ ତୋ ମୋର ସ୍ତ୍ରୀ ହୋଇଗଲୁ ପୂଜା । ଯେଉଁଦିନ ସମାଜ ଆଗରେ ବାହାଘର ହେବ ସେହିଦିନ ସ୍ୱାମୀ ସ୍ତ୍ରୀ ସମ୍ପର୍କ ରଖିବା । ତା ଆଗରୁ ନୁହଁ ମୁଁ କେବେ ବି ସେମିତି କିଛି କରିବିନାହିଁ । ମୋ ଉପରେ ଭରସା ରଖିଥିବୁ ।

ସେ ମହାନ୍ ବ୍ୟକ୍ତିତ୍ୱ ପାଖରେ ବନ୍ଦୀ ହୋଇ ଗଲା ପୂଜା ପାଟିରୁ କିଛି ବି ଶବ୍ଦ ବାହାରିଲା ନାହିଁ । କଣ କରିବ କିଛି ବି ଭାବି ପାରୁନଥିଲା । ମହାଦେବଙ୍କ ମନ୍ଦିର ଆଗରେ ଥାଏ । ତାଙ୍କୁ ସାକ୍ଷି କରି ଦୌଡି ଦୌଡି ଚାଲିଆସିଲା । ସିଧା ଯାଇ ଗାଧୁଆ ଘରେ । ମା ବଡ ପାଟିରେ ପଚାରୁଥାଏ କଣ ହେଲା ପୂଜା । ତୁ ଏମିତି ଧଇଁ ସଇଁ ହୋଇ ଦୌଡୁଛୁ କାହିଁକି? କଣ ହୋଇଛି । ଡରି ଗଲୁକି, ସିନା, ଜିନା ତ କେତେବେଳୁ ଆସିଗଲେଣି । ତୁ

ଏତେ ବେଳଯାଏ କେଉଁଠି ଥିଲୁ । ଦୁନିଆ ସାଙ୍ଗେସାଥି ହେଉଛୁ ଦେଖୁଛି । ସିଦ୍ଧେଶ୍ୱର ବାବୁଙ୍କୁ ଦେଖାଇ, ଶୁଣୁଛ ପୂଜା ପାଇଁ ପୁଅ ଠିକ୍ କର ବାହାଘର କରିଦେବା । ଭେଣ୍ଡିଆ ଝିଅକୁ ବେକରେ ବେଶୀ ଦିନ ବାନ୍ଧିଲେ ଭଲ ନୁହଁ । ଜିନା ସିନା ବି ବଡ ହୋଇଗଲେଣି । ଟିକିଏ ଚନ୍ତା କର ।

ହଁ ପୂଜା ମା, ମୁଁ ବି ସେଇଆ ଭାବୁଛି ।

ଖାଲି ଭାବିଲେ ତ ହବନି । ବେଳ ଥାଉଥାଉ କାମ ସାରିଦେଲେ ଭଲ । ପୁଅ ତ ଦୁର୍ଗା ପୂଜାରେ ଆସିବ କହିଛି । ନୂଆ ନୂଆ ଫୋନ କରୁଥିଲା । ଏବେ ଛଅ ସାତଦିନରେ ଥରେ ଫୋନ କରୁଛି । କହିଲେ କହୁଛି ବେଶୀ କାମ । ମା ସମୟ ପାଉନାହିଁ ବଡ କମ୍ପାନି ଚାକିରି ତ ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର, ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ – ୯୯୩୭୭୩୪୭୩୧୮

# ମକର ଆସିଛି ଫେରି



ବିଜୟ କୁମାର ପଣ୍ଡା

କୁସୁମକୁ ସଜବାଜ କରି ପାଉଁଜି ପିନ୍ଧେଇଦିଏ ମା' ସାବି । ତା' ପାଇଁ ରୁପାର ପାଉଁଜିଟିଏ କିଣିବାକୁ କେତେ ସପନ, ହେଲେ..ଏତେ ସପନ କୁ ଗତି କାହିଁ !!

କୁନ କୁନ ପାଦରେ ଚପଳଛନ୍ଦା ଠାଣିରେ ଛମ ଛମ ଶବ୍ଦରେ ଅଣ୍ଟା ଭଙ୍ଗି ଯେବେ ଚାଲିଯାଏ ଘର ଅଗଣା କୁସୁମିତ ହୋଇଯାଏ ।

ଜେଜେମା ଓ ବାପା ଷଡ଼ଯନ୍ତ୍ର କରି ଝିଅଟିଏ ବୋଲି ଜନ୍ମ ହେବା କ୍ଷଣି ତାକୁ ଅଲୋଡ଼ା କରି ପାହାଡ଼ ସେପାଖେ ପକେଇ ଦେଇଆସିଥିଲେ। ଏଇ ଦାସିଆ ଅଜା ତାକୁ ଆଦରି ନେଇଥିଲେ, ନାଁ ତାର ରଖିଥିଲେ କୁସୁମ ||

କୁସୁମର ମା ସାବି ପାଖ ଖଣିରେ ଦିନ ମଜୁରିଆ କାମ କରି ଯାହା କିଛି ରୋଜଗାର କରେ ସେଥିରେ ଘର ଚଳିଯାଏ ।

କୁସୁମ ଏବେ ଅଷ୍ଟମ ଶ୍ରେଣୀରେ । ଫୁଲନ ଆଇ ଏବଂ ଦାସିଆ ଅଜା ପାଇଁ ଗଳାର ହାର, ଅନ୍ଧର ଲଉଡ଼ି ସଦୃଶ । ଫୁଲନ ଆଇ ତାକୁ ଗେହ୍ଲାରେ କୁଶ ବୋଲି ଡାକେ ।

++

ମିନ ଆଉ କୁସୁମ ଦୁହେଁ ଗାଁ ସ୍କୁଲରେ ପଢ଼ନ୍ତି ଅଲଗା ଶ୍ରେଣୀରେ । ମିନର ପରିବାର ଭଲ ଚଳାଚଳ। ବାପା ଗାଁ ସ୍କୁଲରେ ପିଅନ, ସରକାରୀ ଚାକିରୀ।

ଏଇ ବର୍ଷେ ତଳେ ଦୁହେଁ ମକର ବସିଥିଲେ । ମକର ସଂକ୍ରାନ୍ତି ଦିନ, ଗାଁ ମୁନ ପଡ଼ିଆରେ ମକର ଚାଉଳ ଦେଇ ପ୍ରଭୁଙ୍କୁ ସାକ୍ଷୀ ରଖି ଦୁହେଁ ଦୁହିଁଙ୍କ ସୁଖ ଦୁଃଖର ସାଥି ଟିଏ ହେବାପାଇଁ ପ୍ରତିଶ୍ରୁତି ନେଇଥିଲେ । ସାଥି ହୋଇ ଗୁଡ଼ି ଉଡ଼େଇବା, ମକର ମେଳାରେ

ବୁଲିବା, ପାଲ୍ ଦେଖିବା ଆଦି ସବୁଥିରେ ଦୁହେଁ ଏକାଠି ନଜର ଆସନ୍ତି । ଅନେକ ସମୟରେ ଦୁଇଜଣ ମିଶି ସକାଳ କମ୍ବା ସନ୍ଧ୍ୟା ଭୋଜନ କରନ୍ତି। ଭୋଜନ ପୂର୍ବରୁ ହଠାତ ଦୁଇଜଣ ଉଭା ହୋଇ ଯେତେବେଳେ ନଜର ନଜର ଭାଗ ଦାବି କରନ୍ତି ଅପ୍ରସ୍ତୁତ ଥିବା ଉଭୟଙ୍କ ମା' ମାନେ ସମସ୍ୟାରେ ପଡ଼ି ଯାଆନ୍ତି, କନ୍ତୁ ଦୁହିଁଙ୍କ ବନ୍ଧୁତା ଆଗରେ ସେ ସବୁ ଫିକା ପଡ଼ିଯାଏ।

ସମୟ ଚକ୍ରରେ  କୁସୁମ ଆଉ ମିନ ବଡ଼ ହେଲେ | ମିନ ଏ ବର୍ଷ କଲେଜ ରେ ପଢ଼ିଲା ।

ସକାଳ ବେଳା ମିନ ଟ୍ୟୁସନ ଯାଏ ତାପରେ କଲେଜ । ତେଣୁ  କୁସୁମ ସହ ମିନ କେବଳ ସନ୍ଧ୍ୟାରେ ଯାହା ଭେଟ । ବିଗତ ଦୁଇ ବର୍ଷ ହେଲା କୁସୁମକୁ ମିନ ଛଡ଼ା ଆଉ କେହି ସାଙ୍ଗ ନଥିଲେ । ତେଣୁ ଏବେ ସେ ଅନେକ ସମୟରେ ନସଙ୍ଗତା ଅନୁଭବ କରୁଥିଲା ।

ଧିରେ ଧିରେ କଲେଜରେ ମିନ ର ନୂଆ ନୂଆ ଝିଅ, ପୁଅ ସାଙ୍ଗ ହେଲେ । କଲେଜରେ ନୂଆ ସାଙ୍ଗ ମାନଙ୍କ ସହ ମିଶି ପାଠପଢା, ମଜାମସ୍ତି ଏମିତି ରେ କୁସୁମ ସହ ବନ୍ଧୁତା ର ଦୂରତ୍ୱ ବଢ଼ିବଢ଼ି ଗଲା ।

ସେଦିନ ମକର ସଂକ୍ରାନ୍ତି । ଶୀତ ସକାଳ ର ସୁନେଲି କିରଣ ବିଛାଡ଼ି ହେଇ ପଡ଼ିଥାଏ ଅଗଣାରେ । ଶିଶିର ବିନ୍ଦୁ ମାନ ମୁକ୍ତାପରି ଝଟକୁଥାନ୍ତି। ବିଗତ ବର୍ଷ ଭଳି ଏଥର ବି ମକର ମେଳା ପାଇଁ ପଡ଼ିଆ ସଜା ଯାଇଛି । ନାନା ରଙ୍ଗ ର ପତାକା, ବିଭିନ୍ନ ରକମର ଫୁଲ ମାଳ ସହ ମୁନ ମଣ୍ଡପ ସୁସଜ୍ଜିତ । ମେଳା ପାଇଁ ନାନାଦି ବ୍ୟବସ୍ଥା କରାଯାଇଛି । ଉପର ବେଳା ବାଦୀ ପାଲାର ବନ୍ଦୋବସ୍ତ ହୋଇଛି।

: "ମା ତୁ ଆଜି ଖଣିକୁ ସଅଳ ଯାଇ ସଅଳ ଫେରି ଆସିବୁ । ଆମେ ଦୁହେଁ ମିଶି ଉପର ବେଳା ମେଳା ଦେଖିବାକୁ ଯିବା ।" କୁସମ  ସକାଳ ଟାରେ ତା ମା ସାବିକୁ ବଡ଼ ପାଟିରେ କହୁଥିଲା ।

:" ତୁ କେବଠୁ ମିନକୁ ଛାଡ଼ି ମୋ ଭଳି ଦରବୁଢ଼ୀ କୁ ସାଙ୍ଗ କଲୁଣି ଯେ ମେଳା ରେ ବୁଲିବା ପାଇଁ..!!" ହସି ହସି ସାବି କହୁଥିଲା।

:"ମିନ ବଡ଼ ହେଇଗଲାଣି ମା। ସେ କଣ ଅଗଭଳ ଆଉ ମୋ ସାଙ୍ଗ ଅଛି !!

ତାର କହିଛି କଲେଜ ସାଙ୍ଗ ମାନେ ଆଜି ବଣ ଭୋଜି କରୁଛନ୍ତି । ମୋ ସହ ସକାଳୁ ଯାଇ ମକର ପଡ଼ିଆରେ ଟିକେ ବୁଲି ଆସିବା ପାଇଁ ତାକୁ ତ କହିଛି..କନ୍ତୁ ଯିବ କ ନାହିଁ ଜାଣିନ।

ସେକଥା ଛାଡ଼ । ଉପରବେଳା ତୁ ମୋ ଆସିବୁ ନା କହ । ନହେଲେ ମୁଁ ଆଜି କୁଆଡ଼େ ଯିବିନ, ଏଇ ଘରେ ହିଁ ବସିବି ।" ନାକ କାନ୍ଦୁରି କୁସୁମ ସୁଂ ସୁଂ ହୋଇ କହୁଥିଲା।

:"ହଉ ହେଲା..ମୁଁ ଜଲ୍ଦି ବହାରିଯାଉଛି । ଫେରିଲେ ମେଳାକୁ ଯିବା ।" ସାବି ଗ୍ଲ ଆଉ ଟିକେ ମୁଢ଼ି ଖାଉ ଖାଉ କହିଲା।

ଦିନ ଏଗାରଟା ହେବ । ଆଜି ଫୁଲନ ଆଇ ଶାଗ, ବଡ଼ି ଚୁର୍, ଆଳୁ ବାଇଗଣ ଭରତା କରିଛି।

:"ଏତେ ବେଳ ହେଲାଣି। ତୋ ମା ଆଜି ସକାଳୁ ଗ୍ଲ ମୁଢ଼ି ଦୁଇଟା ପାଟିରେ ଦେଇ ସକାଳ ଟାରେ ବାହାରିଯାଇଛି। ଖଣିରେ କେତେ କାମ କରୁଥିବ । ପେଟକୁ ଦିଇଟା ଦାନା ନଗଲେ କେମିତି ଦିହ ପା ଖର୍‌ପ ହବନ ? ଏଇ ପଖାଳ, ଶାଗ ଭଜା ଆଉ ଭରତା ନେଇ ଟିକେ ଖଣିରେ ତୋ ମା କୁ ଦେଇ ଆସନ୍ତୁନ କୁଶ" । କୁସୁମକୁ କହିଲା ଫୁଲନ ଆଇ ।

କୁସୁମ ଟିଫିନ୍ ଧରି ଖଣିକୁ ବାହାରିଲା । ବସ୍ତିରୁ ଖଣି ତିନ ମାଇଲ ବାଟ ହେବ..ଗାଡ଼ିରେ ଯିବା ଆସିବାର ସୁବିଧା ନାହିଁ । ପାହାଡିଆ ରାସ୍ତା ନଛାଟିଆ, କେହି କେହି ଚେରମୂଳ କ ଫଳମୂଳ ଖୋଜା ଖୋଜା କରିବାକୁ କେବେ କେବେ ଉପରକୁ ଯାଏ। ନହେଲେ ସେମିତି ଯା ଆସ ନାହିଁ। କୁସୁମ ବି କବେ କେବେ ଯାଇଛି ସେଇ ରାସ୍ତା ଦେଇ ମା ସହ ଖଣିକୁ।

ଟିଫିନ ବାକ୍ସଟା କୁସୁମ ହାତରୁ ନେବାବେଳେ ସାବି ବିବ୍ରତ ହୋଇ କହୁଥିଲା|| "ଏତେ ଖରାରେ ତୁ ଏଠିକ ଆସିବୁନ ଆଉ ମା । ମୁଁ ମୋ ଲାଗି କଛି ଯୋଗାଡ଼ କରିଦେବି । ପିଲାଟା ମୋର ଖରାରେ ଝାଉଁଳ ଯାଉଛି । ତା ଛଡ଼ା ନଛାଟିଆ ରାସ୍ତା..ସବୁବେଳେ ସମୟ ସମାନ ନାହିଁ" ।

ମା'ର ମମତା ପିଲାର ମୁହଁ ଦେଖି ତାର କୌଣସି ଦୁଃଖ ବା ଆସନ୍ନ ଦୁଃଖର କଳନା କରିପାରେ । କୁସୁମ ଖରାରେ ଫେରିଲା ।

କଛି ସମୟ ପରେ ତାକୁ ମଟର ଗାଡ଼ିର ଶବ୍ଦ ଶୁଭିଲା । କୁସୁମ ତା ବାଟରେ ଗ୍ଲିଲା ଆଗକୁ । କଛି ବାଟ ଗଲାପରେ କୁସୁମ ଦେଖିଲା ଠିକାଦାର ତା ମଟର ଗାଡ଼ିରେ ଆସୁଛି ।

ତା ମନରେ ପ୍ରଶ୍ନ ଆସୁଥାଏ "ଏଇଟା ତ ବସ୍ତି କୁ ଯିବା ବାଟ । ଠିକାଦାର ଟା ଇଆଡ଼େ କାହିଁକି !! ତା' ଛଡ଼ା ସେ ତ କେବେ ତାକୁ ବସ୍ତିକୁ ଆସିବାର ଦେଖିନ !! କେବଳ ଯେବେ ସେ ଖଣିକୁ ଯାଇଛି ତାକୁ ଦେଖିଛି "।

ଠିକାଦାର ଟିକେ ଆଗକୁ ଯାଇ ଗାଡ଼ି ରଖି କୁସୁମକୁ କହିଲା "ମୋ ଗାଡ଼ିରେ ବସ୍ । ମୁଁ ତୋତେ ତୋ ଘରେ ଛାଡ଼ି ଦେଇ ଆସିବି । ବହୁତ ଖରା, ଛୋଟ ପିଲାଟା..ଏତେ ବାଟ ଗ୍ଲିକି କେମିତି ଯିବୁ ? ଆସ ମୋ ଗାଡ଼ିରେ ଛାଡ଼ିଦେବି ।" କୁସୁମ ସିଧା ସିଧା ମନା କରିଦେଲା ।

"ଦେଖ ବାବୁ, ଏଇ ଖଣିକୁ ଯିବା ଆସିବା ଆମର ଅଭ୍ୟାସ । ମୋ ମା' କାହିଁ କେତେ ବର୍ଷରୁ ଯାଉଛି । ତମେ ଜମା ବ୍ୟସ୍ତ ହୁଅନ । ତା ଛଡ଼ା..ମୋର ତମ ସହ ପରିଚୟ କଛି ନାହିଁ । ମୁଁ ତୁମ ଗାଡ଼ିରେ କାହିଁକି ବସିବି ?" କୁସୁମ ଉତ୍ତର ଦେଲା ।

ଠିକାଦାର କହିଲା "ତୁ ସିନା ମୋତେ ଭଲକି ଚହ୍ନିନୁ ..ହେଲେ ତୋ ମା ସହ ମୋର ଅନେକ ଦିନର ପରିଚୟ । ତୁ ଭଲ ପଢୁଛୁ ବୋଲି ମୋତେ ତୋ ମା କହେ । ସିଏ ପରା ମୋତେ ପଠେଇଛି ତୋତେ ଘରେ ଛାଡ଼ିଦେବା ପାଇଁ !!"

କୁସୁମ ପାଠ ପଢୁଆ ପିଲା, ଜାଣିଗଲା ଇଏ ଡ଼ାହା ମିଛ କହୁଛି । "ବାବୁ ଆମେ ତ ଗରିବ ଲୋକ, ଦିନ ମଜୁରିଆ । । ଆମ ପ୍ରତି କାହିଁକି ଏତେ ଦରଦ !! ଆମ ପାଖରେ କଣ ଅଛି!!"

"ଖାଲି ଧନ ନଥିଲେ କଣ ହେବ, ତମ ପାଖେ ମନ ଅଛି ବାକି ବହୁତ କଛି ଅଛି । ତୁ ଛୋଟପିଲା ସେ କଥା ବୁଝିବୁନ। ଆସ ମୋ ଗାଡ଼ିରେ।" ଠିକାଦାର କୁସୁମର ହାତ ଧରି ତାକୁ ଧିରେ ତା ଆଡ଼କୁ ଟାଣି ଆଣିଲା ।

କୁସୁମ ଠିକାଦାର ର ଏମିତି ବ୍ୟବହାର କୁ ଠିକ ବୁଝିପାରୁଥିଲା । ତା ହାତଟା ଛାଟି ଦେଇ ଜୋରରେ ପାଦ ଉଠେଇ ଗ୍ଲିବାକୁ ଲାଗିଲା । ଆଗକୁ ଛୋଟିଆ ବଣଟିଏ ଥାଏ ଯାହାକୁ ପାର ହେଲେ ବସ୍ତି ଆସେ । ନାନା ପ୍ରକାର ଗଛ, ଝାଡ଼ି ଇତ୍ୟାଦି ବଣକୁ ଟିକେ ଘଞ୍ଚ କରି

ଦେଇଥାଏ । ହେଲେ ଏବେ ସେତେ ସବୁଜିମା ନାହିଁ, ବଣରେ ଲୁଚବାକୁ ଚେଷ୍ଟାକଲେ ଧରା ପଡ଼ିଯିବାର ଭୟ । ସେ କନ୍ତୁ ଜାଣିଥିଲା ଠିକାଦାରକୁ ଏ ଜାଗା ନୂଆ ।

କୁସୁମ ସାହସ ଜୁଟାଇ ବଣ ଆଡକୁ ଦଉଡ଼ିଲା । ପାଦ ଉଠାଇଲା ବେଳେ ଶୁଖିଲା ପତ୍ରର ଖସ୍ ଖସ୍ ଶବ୍ଦ । କାଠହଣା ଚଢ଼େଇର ଠକ ଠକ ଶବ୍ଦ ସବୁ ଯେମିତି ତା ପାଦ ଶବ୍ଦ ସହ ମିଶିଯାଇ ତାର ଅବସ୍ଥିତିକୁ ଆକଳନ କରିବାରେ ସାହାଯ୍ୟ କରୁଥିଲେ । ହେଲେ ବି ସାହସ ହାରିଲାନ ସେ । ଗୋଟିଏ ଝାଡ଼ି ପଛରେ ଲୁଚଗଲା।

ଠିକାଦାର ବି ସେଇ ଶବ୍ଦ ସବୁକୁ ଆକଳନ କରି ବଣ ଭିତରକୁ ପଶୁଥାଏ କୁସୁମର ଅନୁସନ୍ଧାନରେ ।

ଏତେ ସବୁ ଦୌଡ଼ା ଦୌଡ଼ିରେ କୁସୁମ ଥକ ଯାଇଥିଲା । ଏ ଖରାଟା ବି ଜୋରରେ ହେଉଛି। ଶୋଷ ହେଲାଣି, ଭୋକ ବି ଲାଗିଲାଣି । ହାଲିଆ ମାରି ବସିଯାଇଥିଲା । ଗୋଡ଼ ଆଉ ଉଠୁନଥିଲା । ଏଇ ସମୟରେ ମନେ ପଡ଼ିଲା ମିନ ଆଉ ତା ସାଙ୍ଗ ମାନେ ବଣଭୋଜି ଯିବା କହୁଥିଲେ ।

: "ମିନ ମିନ.. ବଞ୍ଚା ମୋତେ..ମିନ ..ମିନ.." ରଡ଼ି ଛାଡୁଥିଲା କୁସୁମ ।ମନରେ ଡର ଘାରୁଥାଏ..ତାର ଚକ୍ରାର ଶୁଣି କାଳେ ସେ ଠିକାଦାରଟା ତାକୁ ଧରିପକେଇବ କ !!

ତା ଡର ସତ ହେଲା । ଠିକ ପାଞ୍ଚ ମିନଟ ଭିତରେ ଠିକାଦାର ତା ପିଛାକରି ତା ପାଖେ ପହଂଚ ଯାଇଥିଲା। ଠିକାଦାର ର ଲମ୍ବା ହାତଟା ତା ଦେହ ଆଡ଼କୁ ଲମ୍ବି ଆସୁଥିଲା। କଞ୍ଚା ମାଂସର ଭୋକରେ ଠିକାଦାର ଟା ଘାଇଲା ବାଘ ଶିକାର ଉପରକୁ ଝାମ୍ପି ପଡିଲା କୁସୁମ ଉପରକୁ ।

କୁସୁମ କୌଶଳରେ ଖସି ଯାଇ, ପାଖରେ ଥିବା ଝାଡ଼ିରୁ ଶୁଖିଲା କାଠ ଖଣ୍ଡେ ଟାଣିଆଣି କ୍ରିକେଟ ବ୍ୟାଟ ଭଳ ବୁଲେଇ ଠିକାଦାରକୁ ପାହାରେ ଦେଲା । ଠିକାଦାର ଟା ତଳେ ପଡ଼ି ପୁଣି ଉଠିଲା । ବଞ୍ଚାଅ ବଞ୍ଚାଅ ଚକ୍ରାରରେ ବଣ ଟା ଫାଟି ପଡୁଥିଲା ।

ଚକ୍ରାର ଶୁଣି ମିନ ଆଉ ତାର ସାଙ୍ଗ ଆସି ପହଞ୍ଚିଲେ । ମିନର ସାଙ୍ଗମାନେ ଠିକାଦାରକୁ ନର୍ଧୁମ ମାଡ଼ ଦେଲେ । ମାଡ଼ ଖାଇ ଠିକାଦାର ଟା ସେଠୁ ପଳେଇଲା।

:"ମୋତେ କ୍ଷମା କରିଦେ ସାଙ୍ଗ । ଆଜି ମୁଁ ତୋ ସାଙ୍ଗରେ ଥିଲେ ହୁଏତ ଏମିତି କିଛି ଘଟି ନଥାନ୍ତା "।

ମିନ ଆଉ କୁସୁମ ପରସ୍ପରକୁ ଆଲିଙ୍ଗନ କରି କାନ୍ଦୁଥିଲେ । କୁସୁମକୁ ନେଇ ମିନ ଘରକୁ ଗଲା ।

ମିନ କୁସୁମକୁ ପ୍ରତିଶ୍ରୁତି ଦେଲା ଆମେ ଦୁହିଁଙ୍କ ମକର ବଉଳ ସମ୍ପର୍କ ଆହୁରି ସୁଦୃଢ ହେବ। ଆମେ ଗତ ଥର ଭଳ ସାଥିହୋଇ ମେଳା କୁ ଯିବା ।

ଏ ମକର ସଂକ୍ରାନ୍ତି ରେ ତା ମକର କୁ ଫେରି ପାଇଛି ବୋଲି କୁସୁମ ଖୁସିରେ ବିଭୋର ହେଉଥିଲା

ସମ୍ପାଦକ-କନକପ୍ରଭା,
ସବଙ୍ଗ,ସିମୁଳଆ,ବାଲେଶ୍ୱର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମାଁ



ଅଜୟ କୁମାର ପଧାନ

ଭଗ୍ନ ବ୍ରହ୍ମେ ଦେଇ ପ୍ରାଣ
ଉତ୍ତାରିଲୁ ପୃଷ୍ଠଭୂଇଁ,
କୋଳେଇଛୁ ଏହି ବିଶ୍ୱଶିଖର
ହୋଇ ପ୍ରଗତିର ନଈ ।

ଜନ୍ମାଇଲୁ ତୁହି ଏ ସ୍ୱର୍ଣ୍ଣବ୍ରହ୍ମାଣ୍ଡ
କେତେ ଯାତନା ସହି,
କର୍ମେ ସଂସ୍ଥାପିଲୁ ପୁଣି ସର୍ବାଙ୍ଗେ
ପକ୍ଷପାତ ନ ରହି ।

ବିକାଶର ପଥେ ଗଢ଼ିଲୁ ଆଜି
ଦେଇ ଶ୍ରଦ୍ଧାର ଛାଇ,
ମୁଖ୍ୟସ୍ରୋତେ ଫେରାଉଛୁ ତୁହି
ପ୍ରଥଭ୍ରଷ୍ଟକୁ ଗୋଟାଇ ।

ବାଧାବିଘ୍ନ ପ୍ରାରମ୍ଭିଲେ ନ୍ୟାୟର
ପ୍ରତୀକ ହୋଇ,
ସ୍ୱୟଂସିଦ୍ଧା ରୂପେ ତୋର
ନପାତିଲୁ ଆତତାୟୀ ।

ନ ବିଗ୍ଭରି ତୁ ଜାତି-ବର୍ଣ୍ଣ-ଭେଦ
ଆଶାର କରଣ ଦେଇ,
ସର୍ବୋପରି ସ୍ଥାନେ ତୋହରି ନାମ
ଅଟେ ପ୍ରେରଣାଦାୟୀ ।

ଗୁଣ ମାନ ତୋର ପ୍ରଖର ପଲ୍ଲବୀ
ରଚତ କାଳଜୟୀ,
ପାଦତଳେ ତୋର କୋଟି ପ୍ରଣିପାତ
ପୁଷ୍ପଢାଳ ନମଇ।

ରେଶମ, ଭେଡ଼େନ, ବରଗଡ଼

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପୁତ୍ର ମୋହ



ଅର୍ଜୁନ ମେହେର (ଆଶ୍ରିତ )

ସହରର ଗଳି କନ୍ଦିରେ
କେବେ କେବେ ରାଜ ରାସ୍ତାରେ
ଚିରା ଲୁଗାର ଅଢୁଆଳରେ
ଦିଶି ଯାଉଛି ଅର୍ଦ୍ଧନଗ୍ନ ଦେହ,
ପରସ୍ତ ପରସ୍ତ ମଇଳାର ଆବରଣ
ନାକ ଓ ପାଟିରୁ ବୋହିପଡୁଛି କଦର୍ଯ୍ୟ ନାଳ
ନହାତି ଅପରିଚିତା ଯୁବତିଟିଏ ସେ......

ଘୁରି ବୁଲୁଛି ଚାରିଆଡ଼େ
ଦିନ ରାତି ସବୁ ତାପାଇଁ ସମାନ
ତା ଭାବନାର ଅନ୍ତରାଳେ
ସେ ଯେ କାହାର ?

ହୋଇ ପାରେ ଝିଅ ବା ଭଉଣୀ
କିବା ବିବାହିତା ନାରୀଟିଏ !
ଭାଗ୍ୟର ବିଡ଼ମ୍ବନା ?

ପରିଚୟ..... ପାଗଳୀ
ଏକ ଅପଶବ୍ଦ ।

ଆଦ୍ୟ ଯଉବନରେ ପାଦ ଦେଉଁ ଦେଉଁ
ଖସି ଯାଇଛି ଗୋଡ଼

ଯୌନ ଲାଳସାର ଆବର୍ତ୍ତ ଭିତରେ
ସମୟର ପରିଧି ବାହାରେ
ବିଛିଡ଼ି ଯାଇଛି
ଘର, ପରିବାର,
ଆତ୍ମୀୟ ସ୍ୱଜନ
ସବୁ ଆଜି ଅଛୁଆଁ ଇଲାକା।

ସରଳତାର କଷଟି ପଥର
ବାଡ଼ ଭଙ୍ଗିଛି ବନ୍ୟାର ବେଣୀରେ
ନର ପିଶାଚ ମାନଙ୍କର ଆକ୍ରମଣରେ
କାମାନ୍ଧ ମାନଙ୍କ  ପାଶବିକ ଅତ୍ୟାଗ୍ଚରରେ
ସେ ଆଜି ଅନ୍ତସତ୍ତ୍ୱା
ସମାଜ ଆଖିରେ ପାପ ଗର୍ଭା ।

ଅବୋଧ ବାଳକର ଜନ୍ମ ବୃତ୍ତାନ୍ତ
କିଏ ଜାଣେ.......
ସେ ପାଗଳୀର ଇତିହାସ ।

ତଥାପି ଭୃକ୍ଷେପ ନାହିଁ
ଏ ମୁଖାପିନ୍ଧା ଭଦ୍ର ସମାଜକୁ
କରି ନାହିଁ ଘୃଣା
ଭଲ ପାଇବାର ଏ କ ଦୃଷ୍ଟାନ୍ତ ?

କିଏ କେବେ ପଗ୍ଚରି ଦେଇଛି
ଏ ପାଗଳୀ !
ଟେକ ଦେଇ ପାରିବୁ.... ତୁ ଏ ପିଲାକୁ ?

ପାଗଳୀର ଭାବନା ରାଇଜରେ
କେତେ ସୁନେଲି ସମ୍ଭାବନା,
ଉତ୍ତର ଦେଇଛି..... ନା....

ସେ ପର୍ ମୋ ପୁଅ
ମୋ ହାତରେ ବଡ଼ ହେବ
ବହୁତ ପାଠ ପଢ଼ିବ
ଭଲ ମଣିଷ ହେବ......

ଦୁନଆଁର ଅପହଞ୍ଚ ଇଲାକାରେ
ଥାଇ ବି ଆଜି
ଭାଙ୍ଗି ଯାଇ ନାହିଁ  ସ୍ୱପ୍ନର ତାଜ୍
କ ଆଶ୍ଚର୍ଯ୍ୟ.......
ଛାଡ଼ି ନାହିଁ  ପାଗଳୀର  "ପୁତ୍ରମୋହ".......?

ଗୌଡ଼ପାଲି, ବୁର୍ଲା

# ପରୀ ରାଜଜେମା ପ୍ରେମ



ଆଶୁତୋଷ ମେହେର

ସପନ ଦେଖିଲି ପରୀ ରାଜଜେମା
ବୁଲେ ମନ ଉପବନେ
ଫୁଲ ର ସୁଗନ୍ଧେ ମହକ ଭରୁଛି
ଭୁରୁଭୁରୁ ବାସ ମନେ ।
ହସ ର ମାଧୁରୀ ଇନ୍ଦ୍ରଧନୁ ପରି
ଛାଇଗଲା ମନକାଶେ
ମନରେ ଫୁଲକ ରଙ୍ଗ ପିଚକାରି
ଫୁଆର ଅଜଣା ଆଶେ ।
ହାତ ଠାରି ମୋତେ କହିଲା ସଙ୍ଗାତ
ଜୀବନ ତ ଖେଳ ବାଲି
ହସ କଥା ପଦେ ଜୀବନେ ସାହାର
ଆଜି ଭର, ଖାଲି କାଲି ।
ତଥାପି ମଣିଷ ମିଛ ମରିଚକା
ଜୀବନ କୁ ବୁଝେ ନାହିଁ
ଅଳକ ସଂସାରେ ମୋହେ ମାତିଥାଏ
ବିକଳରେ ହାଇଁ ପାଇଁ।
ପ୍ରେମ ବଦଳରେ ଢିଳ ଗୁଳିଯାଏ
ଜହର ଯନ୍ତ୍ରଣା ଧାର
ସବୁ ଦିନ ପାଇଁ ହୃଦୟ କନ୍ଦରେ

ଅଲିଭ୍ ବେଦନା ଗାର।
ସେଇ ତକ ଧରି ଘୁରି ବୁଲୁଅଛି
ଜୀବନେ ଅଭୂଲ୍ ସ୍ମୃତି
ସେ ସ୍ମୃ ତି ପୁଟରେ ଜହର ପାଲଟେ
ପ୍ରେମ ସୁଖ ଭର୍ ପ୍ରିତି।
ସେଇ ତ ଜୀବନ ପ୍ରେମ ସୁଧା ଭର୍
ବାକ ତ ଅଳକ ସାର
ସେ ଭ୍ବନା ବାଇ ହୋଇଛି ମୁଁ ତାହିଁ
ଆସୁଅଛି ବାରବାର ।
ଆସ ସାଥୀ ହୋଇ ଗାଇବା ଜୀବନେ
ପ୍ରେମ ପ୍ରିତି ଭର୍ ଗୀତି
ସେଇ ସୁର ସୁରେ ଆଗେଇ ଗ୍ଲିବା
ଡେଇଁ ମରଣ ର ଭିତି।

୫୪ ଆର୍ଯ୍ୟପଲ୍ଲୀ
କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଆସନ୍ତୁ ତୋତାପୁରୀଙ୍କ ଶକ୍ତିଦର୍ଶନ ବିଷୟରେ ଜାଣିବା



ନରେନ୍ଦ୍ର ପ୍ରସାଦ ବେହେରା

ଠାକୁର ଶ୍ରୀରାମକୃଷ୍ଣଙ୍କର ସାଧନା କାଳରେ ଜଣେ ଲଙ୍ଗୁଳୀ ସାଧୁ ଆସି ଦକ୍ଷିଣଶ୍ୱରରେ ପହଞ୍ଚିଲେ । ତାଙ୍କର ନାମ ଥିଲା ତୋତାପୁରୀ । ସେ ଥିଲେ ଜଣେ ସିଦ୍ଧଯୋଗୀ ଓ ଉଚ୍ଚକୋଟିର ବ୍ରହ୍ମଜ୍ଞାନୀ । ସେ ଦକ୍ଷିଣେଶ୍ୱରରେ ଦିନେ ଠାକୁରଙ୍କୁ ଡାକ କହିଲେ, ଦେଖ ମୁଁ ଏଠାରେ ତିନିଦିନରୁ ଅଧିକ କାଳ ରହିବି ନାହିଁ । ତୋର ଯଦି ଅଦ୍ୱୈତ ସାଧନା ଶିକ୍ଷା କରିବାର ଅଛି, ତା' ହେଲେ ମୋଠାରୁ ଦୀକ୍ଷା ନେଇ ମୁଁ ଯାହା ବତାଇବି ସେହି ଅନୁସାରେ ସାଧନା କର । ଠାକୁର କହିଲେ, ମନ୍ଦିରରେ ମୋ ମା' ଙ୍କୁ ପଚାରି ଆସେ । ସେ ଯଦି ଅନୁମତି ଦେବେ ତା' ହେଲେ ମୁଁ ତୁମର ଶିଷ୍ୟତ୍ୱ ଗ୍ରହଣ କରି ଦୀକ୍ଷା ନେବି ଓ ଅଦ୍ୱୈତ ସାଧନା ଶିକ୍ଷା କରିବି ।

ଏହା ଶୁଣି ତୋତାପୁରୀ ଭ୍ରୂକୁଞ୍ଚନ କରି ମନେ ମନେ ହସିଲେ । ସେ ଭାବିଲେ ମନ୍ଦିରରେ ମା' ପୁଣି କଏ ? ତୋତାପୁରୀ କେବଳ ବ୍ରହ୍ମଙ୍କ ଛଡା ଆଉ କାହାରିକୁ ବିଶ୍ୱାସ କରୁ ନ ଥିଲେ । ସେ କହୁଥିଲେ ଏକ ବ୍ରହ୍ମଙ୍କ ବ୍ୟତୀତ ଦ୍ୱିତୀୟ କିଛି ନାହିଁ । ସେ ଶକ୍ତିଙ୍କୁ ବିଶ୍ୱାସ କରୁ ନ ଥିଲେ । ତେଣୁ ମନ୍ଦିରରେ ଥିବା ଜଗଦମ୍ବାଙ୍କ ମୂର୍ତ୍ତିଙ୍କୁ ସେ ଦର୍ଶନ କରୁ ନ ଥିଲେ।

ତୋତା କହିଲେ, ଆଚ୍ଛା ଯା' । ତୋର କୋଉ ମା' ଅଛି ତାଙ୍କୁ ମନ୍ଦିରରେ ପଚାରି ଆସ । ଠାକୁର ମନ୍ଦିରକୁ ଯାଇ ମା' କାଳୀଙ୍କୁ ପଚାରିଲେ, ମା' ଏଠାକୁ ଯେଉଁ ସାଧୁଜଣକ ଆସିଛନ୍ତି, ସେ କହୁଛନ୍ତି ମୋତେ ଦୀକ୍ଷା ଦେଇ ଅଦ୍ୱୈତ ସାଧନ ଶିକ୍ଷା ଦେବେ ବୋଲି, ତୁମେ ଯାହା କହିବ, ତାହା କରିବି ।

ଉତ୍ତର ଶୁଣାଗଲା, ଏଥିପାଇଁ ତ ତାକୁ ମୁଁ ଏଠାକୁ ଆଣିଛି । ଯା' , ତା' ଠାରୁ ଦୀକ୍ଷା ନେଇ ସାଧନାରେ ବସ ଓ ସିଦ୍ଧି ଲାଭ କର ।

ଠାକୁର ଧାଇଁ ଯାଇ ତୋତାପୁରୀଙ୍କୁ କହିଲେ, ଅଦ୍ୱୈତ ସାଧନା ଶିକ୍ଷା କରିବାକୁ ମା' ତାଙ୍କୁ ଅନୁମତି ଦେଇଛନ୍ତି । ଏହା ଶୁଣି ତୋତା ମନେ ମନେ ଭାବିଲେ ୟାର କ'ଣ ମସ୍ତିଷ୍କ ବିକୃତି ଅଛି ? ଏପରି କଥା କଅଣ କହୁଛି ? ସେ କହିଲେ, ଆଚ୍ଛା ଠିକ୍ ଅଛି । ତୋତେ କାଲି ଦୀକ୍ଷା ଦେଇ ଅଦ୍ୱୈତ ସାଧନା ଶିକ୍ଷା ଦେବି ।

ତା' ପର ଦିନ ଠାକୁର ଓ ତୋତାପୁରୀ ଏକାନ୍ତରେ ଗୋଟିଏ ଘରେ ବସିଲେ । ତୋତା ହୋମ ଆଦି ଅନୁଷ୍ଠାନ ଶେଷ କରି ମନ୍ତ୍ର ଉଚ୍ଚାରଣ ପୂର୍ବକ ରାମକୃଷ୍ଣ ଦେବଙ୍କୁ ଆସନରେ ବସାଇ ଧ୍ୟାନ କରିବାକୁ କହିଲେ । ଠାକୁର ଧ୍ୟାନସ୍ଥ ହେବା ମାତ୍ରେ ଜଗଦମ୍ବାଙ୍କ ମୂର୍ତ୍ତି ଆଖି ଆଗରେ ଝଲସି ଉଠେ । ସେ ସେଇଠି ଅଟକିଯାନ୍ତି । ଧ୍ୟାନରେ ଆଉ ଉପରକୁ ଉଠିପାରନ୍ତି ନାହିଁ । ଏପରି ଅବସ୍ଥା ଦେଖି ତୋତା ଉତ୍ତେଜିତ ହୋଇ ତାଙ୍କ ଭାଷାରେ ହିନ୍ଦୀରେ କହି ଉଠିଲେ, କ୍ୟୋଁ ନେହିଁ ହୋଗା ? ନିକଟରେ ପଡିଥିବା ଏକ କାଚ ଖଣ୍ଡର ମୁନକୁ ଠାକୁରଙ୍କ ଭ୍ରୂଲତା ମଧ୍ୟରେ ଲଗାଇ କହିଲେ, ଏହି ସ୍ଥାନରେ ଲକ୍ଷ୍ୟ ରଖି ଧ୍ୟାନ କର । ଠାକୁର ଧ୍ୟାନ କରିବା ମାତ୍ରେ ମା' ଙ୍କ ଛବି ଦୂରୀଭୂତ ହୋଇଗଲା ଏବଂ ନିରାକାର ବ୍ରହ୍ମରେ ସେ ଲୀନ ହୋଇ ନିର୍ବିକଳ୍ପ ସମାଧି ରାଜ୍ୟରେ ପ୍ରବେଶ କଲେ । ତୋତା ଠାକୁରଙ୍କୁ ଗଭୀର ଧ୍ୟାନରେ ନିମଗ୍ନ ହେବା ଦେଖି କବାଟ ବନ୍ଦ କରି ବାହାରକୁ ଚାଲି ଆସିଲେ ।

ଠାକୁର ତିନିଦିନ କାଳ ନିର୍ବିକଳ୍ପ ସମାଧିରେ ସେହି ଆସନରେ ବସି ରହିଥିଲେ । ତୋତାପୁରୀ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଯାଇ ମନେ ମନେ ଭାବିଲେ, ଯେଉଁ ଅବସ୍ଥା ପ୍ରାପ୍ତ ହୋଇ ସିଦ୍ଧିଲାଭ କରିବା ନିମନ୍ତେ ମୋତେ ଦୀର୍ଘ ଚାଳିଶି ବର୍ଷ ସାଧନା କରିବାକୁ ପଡିଥିଲା, ମୋ ଶିଷ୍ୟ ତିନିଦିନରେ ସେହି ସିଦ୍ଧି ପ୍ରାପ୍ତ ହୋଇପାରିଲା । ଏହା କଣ କମ୍ ଆଶ୍ଚର୍ଯ୍ୟ କଥା ନୁହେଁ ! ସେ ଠାକୁରଙ୍କ କାନ ପାଖରେ " ହରି ଓଁ , ହରି ଓଁ " ବୋଲି ମନ୍ତ୍ର ଉଚ୍ଚାରଣ କରି କରି ନିର୍ବିକଳ୍ପ ସମାଧି ରାଜ୍ୟରୁ ତାଙ୍କୁ ନିମ୍ନ ଚେତନା ରାଜ୍ୟକୁ ଅବତରଣ କରାଇ ଆଣିଲେ । ଏପରି ଜଣେ ମହାନ୍ ଶିଷ୍ୟଙ୍କୁ ପାଇ ଗୁରୁ ଗୌରବାନ୍ୱିତ ମନେକଲେ ।

ଶ୍ରୀମତ୍ ତୋତା ଦକ୍ଷିଣେଶ୍ୱରରେ ଠାକୁର ଶ୍ରୀରାମକୃଷ୍ଣ ଦେବଙ୍କ ସାନ୍ନିଧ୍ୟ ଲାଭ କରି ତିନି ଦିନ ପରିବର୍ତ୍ତେ ଏଗାର ମାସ କାଳ ରହି ଯାଇଥିଲେ । ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ଗଢି ଉଠିଥିଲା । ତଥାପି ଦୁହିଁଙ୍କର ଆଦର୍ଶ ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ରହିଥିବା କାରଣରୁ ବେଳେ ବେଳେ ଯୁକ୍ତିତର୍କ ମଧ୍ୟ ହେଉଥିଲା । ଗୁରୁ ଯାହା କହୁଥିଲେ ସେଥିରେ ଶିଷ୍ୟ

ଏକମତ ହେଉ ନ ଥିଲେ । ତେଣୁ ମତପାର୍ଥକ୍ଯ ରହିବା ସ୍ୱାଭାବିକ କଥା । ଗୁରୁ ତାଙ୍କ ମା' ଙ୍କୁ ଦର୍ଶନ କରିବାକୁ ମନ୍ଦିରକୁ ଯାଉ ନ ଥିବାରୁ ଶିଷଙ୍କ ମନରେ କ୍ଷୋଭ ଜାତ ହେଉଥିଲା ।

ଶ୍ରୀରାମକୃଷ୍ଣ ଦେବଙ୍କର ନିର୍ବିକଳ୍ପ ସମାଧି ପରର ଘଟଣା । ଦିନେ ସୁସ୍ଥ ସବଳ ସନ୍ନ୍ୟାସୀ ତୋତାପୁରୀ ରକ୍ତ ଆମାଶୟ ରୋଗରେ ପୀଡିତ ହୋଇ ଉତ୍କଟ ଯନ୍ତ୍ରଣା ଅନୁଭବ କଲେ । ତାଙ୍କର ସ୍ଥିର ମନ ସମାଧିସ୍ଥ ବ୍ରହ୍ମଲୀନ ଅବସ୍ଥାରୁ ବିଚ୍ୟୁତ ହୋଇ ଶରୀର ଜ୍ଞାନ ଆଡକୁ ଢଳିବାକୁ ଲାଗିଲା । ସେ କ୍ରମଶଃ ନିଜକୁ ଦୁର୍ବଳ ଅନୁଭବ କଲେ । ଏହା ଦେଖି ତାଙ୍କର ଶିଷ୍ୟ ଠାକୁର ଶ୍ରୀରାମକୃଷ୍ଣ ଦେବ ଗୁରୁଙ୍କର ଶାରୀରିକ ଯନ୍ତ୍ରଣା ଦୂର କରିବା ଉଦ୍ଦେଶ୍ୟରେ ଦକ୍ଷିଣେଶ୍ୱର ମନ୍ଦିର ସମୂହର ତତ୍ତ୍ୱାବଧାନ କରୁଥିବା ତାଙ୍କର ଭକ୍ତ ରାଣୀ ରାସମଣିଙ୍କ ଜାମାତା ମଥୁରମୋହନ (ମଥୁରବାବୁ) ଙ୍କ ସହିତ ପରାମର୍ଶ କରି ଉପଯୁକ୍ତ ଚିକିତ୍ସାର ବ୍ୟବସ୍ଥା କରାଇଲେ । ଯେତେପ୍ରକାର ଚିକିତ୍ସା କରାଗଲେ ମଧ୍ଯ ସାଧୁଙ୍କର ରୋଗର ଉପଶମ ହେବା ତ ଦୂରର କଥା ବରଂ ରୋଗଯନ୍ତ୍ରଣା ଦିନକୁ ଦିନ ଅଧିକରୁ ଅଧିକତର ହେବାକୁ ଲାଗିଲା । ଶ୍ରୀମତ୍ ତୋତା ଶାରୀରିକ ଯନ୍ତ୍ରଣା ଯୋଗୁଁ ଛଟପଟ ହେଲେ ଏବଂ ମନକୁ ଶରୀରରୁ ହଟାଇ ନେବାକୁ ଯେତେପ୍ରକାର ଯୌଗିକକ୍ରିୟା କଲେ ମଧ୍ଯ ତାହା ଫଳପ୍ରଦ ହେଲା ନାହିଁ । ତୋତା ବ୍ଯତିବ୍ୟସ୍ତ ହୋଇ ଭାବିଲେ ଆଉ ଏ ପରାସଢା ଶରୀରଟାକୁ ଏପରି ଅବସ୍ଥାରେ ରଖି ଲାଭ କ'ଣ ? ବରଂ ଏହାକୁ ଜଳସମାଧିରେ ବିସର୍ଜନ କରିଦେବା ଉଚିତ୍ ।

ଦିନେ ଗଭୀର ରାତ୍ରିରେ ତୋତା ଧିରେ ଧିରେ ଚାଲିଲେ ଗଙ୍ଗା ନଦୀ କୂଳକୁ । ଯନ୍ତ୍ରଣାରେ ଛଟପଟ ହେଉଥିବା ଶରୀରଟାକୁ ଜଳସମାଧି ଦେଇ ବିସର୍ଜନ କରିବା ଏବଂ ଶାରୀରିକ ବନ୍ଧନରୁ ନିଜକୁ ମୁକ୍ତ କରିବା ଉଦ୍ଦେଶ୍ୟରେ ସେ ମନକୁ ତାଙ୍କର ଇଷ୍ଟ ବ୍ରହ୍ମଙ୍କ ଚିନ୍ତାରେ ନିମଗ୍ନ ରଖି ଜଳ ମଧ୍ଯରେ ପ୍ରବେଶ କଲେ । ସେଦିନ ନଦୀରେ ଜୁଆର ଆସି ଜଳ ଭରପୂର ହୋଇ ରହିଥାଏ । ତୋତା ଗଭୀର ଜଳ ମଧ୍ଯରେ ପ୍ରବେଶ କରିବାକୁ ଯାଇ ଆଗକୁ ଯାଉ ଯାଉ ଶେଷରେ ନଦୀର ଅପର ପାର୍ଶ୍ୱରେ ଯାଇ ପହଞ୍ଚିଲେ । ସେ ଅବାକ୍ ହୋଇ ଭାବିଲେ ଏ କି ଆଶ୍ଚର୍ଯ୍ୟ କଥା । ନଦୀରେ ଅମାପ ଜଳ ଥାଉ ଥାଉ ସେ କିପରି ବୁଡି ପାରିଲେ ନାହିଁ । ଶରୀରକୁ ଜଳ ସମାଧି ଦେବା ପାଇଁ ନଦୀଜଳ ପର୍ଯ୍ୟାପ୍ତ ହେଲା ନାହିଁ କିପରି ? ଈଶ୍ୱରଙ୍କର ଏ କି ଅପୂର୍ବ ଲୀଳା ?

ତୋତା ନଦୀକୂଳରେ ଠିଆ ହୋଇ ଏହା ଭାବୁଥିବା ସମୟରେ ହଠାତ୍ ଏକ ବିଦ୍ୟୁତ୍ ଝଲକ ପରି ଆଲୋକରେ ଚତୁର୍ଦ୍ଦିଗ ଉଦଭାସିତ ହୋଇ ଉଠିଲା । ଏହି ଉଜ୍ଜ୍ୱଳ ଆଲୋକରେ ଜଗଦମ୍ବାଙ୍କର ଲାସ୍ୟମୟୀ ମୂର୍ତ୍ତି ପ୍ରତିଭାତ ହେବାର ଦୃଶ୍ୟ ପରିଲକ୍ଷିତ ହେଲା । ତୋତାପୁରୀ ଯେଉଁ ଆଡକୁ ଅନାଇଲେ ଦେଖିଲେ ସେହି ଶକ୍ତିସ୍ୱରୂପିଣୀ ମା' ଙ୍କର ମୂର୍ତ୍ତି ବିରାଜିତା । ଏହି ଦୃଶ୍ୟ ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । ସେ ଦେଖିବାକୁ ପାଇଲେ ଜଳରେ ମା' , ସ୍ଥଳରେ ମା', ଆକାଶରେ ମା', ସର୍ବତ୍ର ସେହି ମା' । ତୋତା ମା' ମା' ବୋଲି ଚିତ୍କାର କରି ଆନନ୍ଦରେ ବିହ୍ୱଳ ହୋଇଗଲେ । ଯାହାଙ୍କୁ ସେ ଆଜି ପର୍ଯ୍ୟନ୍ତ ଆଦୌ ବିଶ୍ୱାସ କରୁ ନ ଥିଲେ ସେହି ବିଶ୍ୱଜନନୀ ଶକ୍ତିସ୍ୱରୂପିଣୀ ବ୍ରହ୍ମମୟୀ ମା' ଆଜି ତାଙ୍କ ସମ୍ମୁଖରେ ବିରାଜିତା । ତା' ପରେ ସେହି ଅଲୌକିକ ଦୃଶ୍ୟ ଅନ୍ତର୍ହିତ ହୋଇଗଲା ।

ସେତେବେଳକୁ ତୋତାପୁରୀଙ୍କର ଶାରୀରିକ ଯନ୍ତ୍ରଣା ସମ୍ପୂର୍ଣ୍ଣ ଭାବରେ ଅପସାରିତ ହୋଇ ଯାଇଥାଏ ଏବଂ ସେ ନିଜକୁ ସୁସ୍ଥ ସବଳ ଅନୁଭବ କରୁ ଥାନ୍ତି । ସେ ଭାବିଲେ, ଆଜି ଏ ଶରୀରଟାକୁ ଜଳସମାଧି ଦେଇ ବିସର୍ଜନ କରିବାକୁ ଯାଇ ଭରପୁର ନଦୀ ଜଳରେ ମଧ୍ୟ ତାହା କରି ପାରିଲି ନାହିଁ । ଏ କି ଦୈବୀ ମାୟା ! ସତେ ଯେପରି ତାଙ୍କରି ପାଇଁ ନଦୀ ଜଳ ଅଣ୍ଟାରୁ ଅଧିକ ଗଭୀର ହେଲା ନାହିଁ । କିଏ ଯେପରି ତାଙ୍କ ଆଖି ଖୋଲି ଦେଲା । ଯାହାଙ୍କୁ ସେ ଏତେକାଳ ଅଦ୍ୱିତୀୟ ବ୍ରହ୍ମ ବୋଲି ଭାବି ଉପାସନା କରି ଆସିଥିଲେ, ତାଙ୍କୁ ଭଲପାଇ ଆସିଥିଲେ, ସେ ପ୍ରକୃତରେ ଆଉ କେହି ନୁହନ୍ତି, ସେ ହେଉଛନ୍ତି ବ୍ରହ୍ମମୟୀ ମା', ଶକ୍ତିସ୍ୱରୂପିଣୀ ମା' । ବ୍ରହ୍ମ ଓ ଶକ୍ତି ଅଭେଦ, ଯେପରି କି ଅଗ୍ନି ଓ ତାର ଦାହିକା ଶକ୍ତି ଅଭେଦ, ତାହା ଆଜି ଉପଲବ୍ଧ ହେଲା ।

ମା' ଙ୍କର ଲୀଳା କଥା ଭାବି ତୋତା ମନେ ମନେ ହସିଲେ । ମନକୁ ମନ କହିଲେ, ଓ.....ଏଇଥି ପାଇଁ ମା' ମୋତେ ଶାରୀରିକ ଯନ୍ତ୍ରଣା ଦେଇ ଏତେ ଛଟପଟ କରାଇଥିଲେ । ଏଇଥି ପାଇଁ ମା' ମୋତେ ଏଠାରେ ଏତେ ଦିନ ଅଟକାଇ ରଖିଥିଲେ । ମୁଁ ତାଙ୍କୁ ବିଶ୍ୱାସ କରୁ ନ ଥିଲି ବୋଲି ମୋତେ ଏତେ ଦଣ୍ଡ ଦେଉଥିଲେ । ଆଜି ବୁଝିଲି , ମା' ର ମୋ ପ୍ରତି କେତେ କରୁଣା । ହେ ବ୍ରହ୍ମମୟୀ ମା' ତୋର ପାଦ ତଳେ କୋଟି କୋଟି ପ୍ରଣାମ । ଏହା କହି ତୋତା ଭୂମିଷ୍ଠ ଜଗଦମ୍ବାଙ୍କ ଉଦ୍ଦେଶ୍ୟରେ ସାଷ୍ଟାଙ୍ଗ ପ୍ରଣାମ କଲେ । ତାଙ୍କର ଦୁଇ ଚକ୍ଷୁରୁ ଆନନ୍ଦାଶ୍ରୁ ନିର୍ଗତ ହେଲା । ସେ ପୁନର୍ବାର ନଦୀ ଜଳରେ ପ୍ରବେଶ କରି ନିର୍ବିଘ୍ନରେ

ଅପରପାର୍ଶ୍ୱରେ ପହଞ୍ଚିଲେ ଏବଂ ପଞ୍ଚବଟି ଆସ୍ଥାନକୁ ଫେରି ଯାଇ ଧୁନ ପାଖରେ ଆନନ୍ଦ ବିଭୋର ହୋଇ ଧ୍ୟାନରେ ବସି ରାତ୍ରିର ଅବଶିଷ୍ଟ ସମୟ ବିତାଇଲେ ।

ସକାଳ ହେବା କ୍ଷଣି ତାଙ୍କ ଶିଷ୍ୟ ରାମକୃଷ୍ଣ ଦେବ ଗୁରୁଙ୍କର ସ୍ୱାସ୍ଥ୍ୟର ଅବସ୍ଥା ବୁଝିବାକୁ ଆସି ଦେଖନ୍ତି ତ ଶ୍ରୀମତ୍ ତୋତା ବେଶ୍ ସତେଜ ଅବସ୍ଥାରେ ପ୍ରଫୁଲ୍ଲ ଚିତ୍ତରେ ଧୁନ ପାଖରେ ଧ୍ୟାନରେ ନିମଗ୍ନ ରହିଛନ୍ତି । ରୋଗ ଯନ୍ତ୍ରଣାର ଲେଶ୍ ମାତ୍ର ଚିହ୍ନ ତାଙ୍କଠାରେ ଦେଖିବାକୁ ନ ପାଇ ଠାକୁର ଅବାକ୍ ହୋଇଗଲେ । ସେ ଆଶ୍ଚର୍ଯ୍ୟ ହୋଇ ଭାବିଲେ, ତାଙ୍କ ଗୁରୁ ଗତକାଲି ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିଲେ, ଅଥଚ ଆଜି ସେ ସମ୍ପୂର୍ଣ୍ଣ ସୁସ୍ଥ ସବଳ ଅବସ୍ଥାରେ ବସି ରହିଛନ୍ତି । ଏହା କପରି ହେଲା ?

ଠାକୁର ତୋତାଙ୍କ ନିକଟରେ ପହଞ୍ଚିବାରୁ ତାଙ୍କର ଧ୍ୟାନ ଭାଙ୍ଗିଲା ଏବଂ ସେ ଗତରାତିର ସମସ୍ତ ଘଟଣା ତାଙ୍କ ଶିଷ୍ୟଙ୍କ ନିକଟରେ ବର୍ଣ୍ଣନା କରୁ କରୁ ଭାବ ବିହ୍ୱଳ ହୋଇ ଉଠିଲେ, ବତ୍ସ, ମୁଁ ଏତେଦିନ ତୋ ପାଖରେ କାହିଁକି ରହି ଯାଇଥିଲି ଏବେ ବୁଝି ପାରିଲି । ସତେ ଯେପରି ମନ୍ଦିରରେ ଥିବା ତୋର ସେଇ ମା' ମୋର ଜ୍ଞାନ ଚକ୍ଷୁ ଖୋଲି ଦେବା ପାଇଁ ମୋତେ ଏଠାରେ ବାନ୍ଧି ରଖିଥିଲେ । ଏବେ ମୁଁ ବୁଝୁଛି ତୁ ଯାହା ସବୁ କହୁଥିଲୁ ତାହା ଅକ୍ଷରେ ଅକ୍ଷରେ ସତ । ମୁଁ ତୁଚ୍ଛାଟାରେ ଏଥିନେଇ ତୋ ସହିତ ଯୁକ୍ତି କରୁଥିଲି । ବ୍ରହ୍ମ ଓ ତାଙ୍କ ଶକ୍ତି ଅଭେଦ ବୋଲି ମୁଁ ବୁଝି ପାରିଲି । ଯାହାଙ୍କୁ ମୁଁ ବ୍ରହ୍ମ ବୋଲି ଏତେକାଳ ଭାବି ଆସିଥିଲି ସେ ଯେ ବ୍ରହ୍ମମୟୀ ମା' ତାହା ସେ ମୋତେ ବୁଝାଇ ଦେଲେ । ବର୍ତ୍ତମାନ ତୁ ମୋତେ ବିଦାୟ ଦେ ।

ତାଙ୍କ ଗୁରୁଙ୍କଠାରୁ ଏହା ଶୁଣି ଠାକୁର ଶ୍ରୀରାମକୃଷ୍ଣ ହସି ହସି କହିଲେ, କହୁଥିଲ ପରା ଏକମାତ୍ର ବ୍ରହ୍ମ ହିଁ ସତ୍ୟ ଆଉ ଶକ୍ତି ମିଥ୍ୟା ବୋଲି । ଏଥିନେଇ ମୋ ସହିତ ଯୁକ୍ତି କରୁଥିଲ। ଏବେ ବୁଝିଲ ତ ? ମା' ଜଗଦମ୍ବା ତୁମ ମନର ସନ୍ଦେହ ତୁଟାଇ ଦେଲେ ତ ? ଜଗଦମ୍ବା ମୋତେ ବହୁ ପୂର୍ବରୁ ବୁଝାଇ ଦେଇଛନ୍ତି ବ୍ରହ୍ମ ଓ ଶକ୍ତି ଏକ ଓ ଅଭେଦ ।

ଏହାପରେ ତୋତାପୁରୀ ମନ୍ଦିରକୁ ଯାଇ ମା' ଭବତାରିଣୀଙ୍କ ମୂର୍ତ୍ତି ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣାମ କରି ତାଙ୍କ ପ୍ରିୟ ଶିଷ୍ୟ ରାମକୃଷ୍ଣଙ୍କଠାରୁ ବିଦାୟ ନେଇ ତୀର୍ଥ ପର୍ଯ୍ୟଟନ ଉଦ୍ଦେଶ୍ୟରେ ଦକ୍ଷିଣେଶ୍ୱରରୁ ବାହାରି ଗଲେ ।।

ସଂଗ୍ରହକାରୀ--ନରେନ୍ଦ୍ର ପ୍ରସାଦ ବେହେରା, ଆଳନ୍ଦା, ଖଇରା,ବାଲେଶ୍ୱର

# ନିରାମୟ ନବବର୍ଷ

ଦିନବନ୍ଧୁ ବେଜ

ଚର୍ମ ଧୁଡୁ ଧୁଡୁ
ଖୁଁ ଖୁଁ ଖଣ୍ଡି କାଶ
ରୋଗରେ ଦେହ ଅବଶ,
ମୁଖେ ତୁଣ୍ଡି ବାନ୍ଧି
ସାନିଟାଇଜର ରଖି
ଯାଅ ତୁମେ ପୁରୁଣାବର୍ଷ ।୧।

ତୁମ ମୁଖ ଗୃହିଁ
ପାଦ ଉଠୁ ନାହିଁ
ଯାଅ ବେଗି ତୁମେ ଯାଅ,
ନିସଙ୍ଗ ଜୀବନ
ଅଟେ ପରିପୂର୍ଣ୍ଣ
ବହିଯାଏ ନଇର ସୁଅ ।୨।

ଦୁଃଖ ଯାତନାର
ହୋଇ ପାରାବାର
କାଳଖଣ୍ଡ ଛାପ ରଖିଲ,
ଦୁଃର୍ଦଶାର ବୋଝ
ଲାଗେ ଅସହଜ
ବୁଡିଲା ପାଣିରେ ସୋଲ ।୩।

ଜୀବନ ଜିବିକା
   କରିଦେଲା ଶଙ୍କା
ଯାଅ ବେଗି ତୁମ ଯାଅ,
ସୁଖ ସମୃଦ୍ଧିକୁ
ଫେରାଇବା ପାଇଁ
ନୂଆ ବର୍ଷ କାନେ କୁହ ।୪।

ଆସୁ ନୂଆ ବର୍ଷ
   ଭରୁ ଖୁସି ହସ
ଦୂର ହେଇ ଯାଉ ଭୟ ,
ଫେରୁ ହସ ଖୁସି
   ହୋଇ ମିଶା ମିଶି
ହେଉ ନବବର୍ଷ ନିର୍ଭୟ ।୫।

ବାସୁଦେବପୁର
ଭଦ୍ରକ-୭୫୬୧୨୫

# କବିର ଭାବ



ଦୀନବନ୍ଧୁ ପୋଇ

ନୁହେଁ କବି ଅବା ଲେଖକ
ନୁହେଁ କାହା ଅଗ୍ରତି
ଭାବି ଭାବି କଛି ଲେଖଇ
ଯେବେ ମିଳେ ବିରତି ।।

ଘଟଣା ଯା 'ଘଟେ ସମାଜେ
ଶବ୍ଦ ଦେଲେ ସଜାଡ଼ି
ପଢିବେ କବିତା ପାଠକେ
ତାକୁ ଧାଡ଼ି କ ଧାଡି ।।

ସ୍ୱାସ୍ଥ୍ୟ ଶିକ୍ଷା ନାରୀ ଚରିତ୍ର
ଲେଖା ସଂସ୍କାର ବାଦୀ
ସୁଖ ଶିରୀ ସଦା ମିଳବ
ଗଲେ ହୃଦୟେ ଭେଦୀ ।।

ପ୍ରତିପାଦ ଭାବ ରସକୁ
ଗାଏ ନର ଆଦରି
ଗାଇଲେ କବିର କବିତା
ମାନ ଯାଏ ବିତରି ।।

ପାଠକ ମୋ ଅଟେ ଜୀବନ
ତାଙ୍କ ହିତେ ଲେଖିବି
ମାଆ ବିଣାପାଣୀ ଚରଣେ
ମଥା ମୁଁ ନୁଆଉଁଥିବି ।।

ଗୋରଡାପାଳ, ଢେଙ୍କାନାଳ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଆଜିର ମଣିଷ



ସଂଜୀବ ମେହେର

ଇତିହାସ ପୃଷ୍ଠେ ଦେଖିଅଛି କେତେ
ମହାପୁରୁଷଙ୍କ ମାନ
ଆଜିର ମଣିଷ ମଣିଷ ନୋହୁଁ ରେ
ପଶୁ ଠାରୁ ବଳ ହୀନ ।
ପଶୁ ତ ବୁଝୁଛି ମା'ର ମମତା
ହେଲେ ତୁ ପାରୁନୁ ବୁଝି
ଦଶମାସ ଦିନ ଗରଭେ ଧରିଛି
ଋଣ ପାରିବୁନ ସୁଝି ।
ପିତା କୁ ମଣୁଛୁ ନସ୍ୱ ଶରୀର
କହୁଛୁ ମୁଣ୍ଡର ବୋଝ
ଚତ୍ତବୃତ୍ତି ତୋର ଉଭେଇ ଯାଇଛି
ଅପଥ୍ୟେ ଧାଉଁଛୁ ଆଜ ।
ଜନମ ଲଭିଛୁ ଯାହାପାଇଁ ଏଠି
ତା'ଠାରେ କରୁଛୁ ମାୟା
ଅନ୍ତରେ ଅନ୍ତରେ ତୁ ସିନା ଜାଣିଛୁ
ଧରିଛୁ କଳୁଷ କାୟା ।
ବିଳାସ ବ୍ୟସନେ ନାରୀ ର ଧର୍ଷଣେ
କଟି ଯାଉଛି ତୋ ଦିନ
ଆଜିର ମଣିଷ ମଣିଷ ନୋହୁଁ ରେ
ପଶୁ ଠାରୁ ବଳ ହୀନ ।
କୁ କର୍ମେ ଆଜି ତୁ ଲିପ୍ତ ରହିଛୁ
କରୁ ମିଥ୍ୟା, ହତ୍ୟା, ଗ୍ଭେରି

ଭଢାସିନ ପାଇଁ ଜନ୍ମଦାତା ବୁକେ
ମାରି ଦେଇପାରୁ ଛୁରୀ ।
ରାବଣଠୁଁ ବଳ ବିକଟ ଆସି ତୁ
ଭରସା କରିବା ପାପ
ମଣିଷ ନାଁ'ରେ କଳଙ୍କ ସାଜିଛୁ
ମୁଣ୍ଡେ ବୋଲୁ ଅଭିଶାପ ।
ସଇତାନ ରକ୍ତ ହେଉଛି ପ୍ରଚଳ
ତୋ ଦାରୁଣ ଦେହ ସାରା
କାହିଁକ? କେ'ଜାଣି ବିଷ ଦେହ ତୋର
ମୁଣ୍ଡେ ବୋଝେଇଛି ଧରା ।
ଚକ୍ଷୁ  ପାଇଛୁ ଦେଖିବା ପାଇଁ କ
ପରତେ କାହିଁକ ଗାଳୁ
ହୃଦୟ ପାଇଛୁ ଚନ୍ତିବା ପାଇଁ
ପଛରେ କାହିଁକ ଭାଳୁ ।
ଏବେବି ରହିଛି ସମୟ ତୋ ହାତେ
ଫେରିଆ ସେ ବାଟ ଛାଡ଼ି
ସତ୍ୟ, ଧର୍ମ, ନ୍ୟାୟ ତୋ ଦେହେ ରହିଲେ
ପାପ ଯିବରେ ଦୁରେଇ ।
ଯଦି ଏହି ପଥ ଅନ୍ତ ଯାଏ ତୋର
ପାରିବୁନ ଜମା ଛାଡ଼ି
ଏଇ ସଂସାରେ ମଣିଷ ଜନ୍ମ
ଆଉ ଜନ୍ମିବୁ ନାହିଁ ।

ସାନବାବେୟୁରୀ

# କହି ଜାଣିଲେ କଥା ସୁନ୍ଦର



ଡକ୍ଟର ମଧୁସ୍ମିତା ମିଶ୍ର

ବୃନ୍ଦା ଦେଖୁଥିଲେ । କିଶୋରବାବୁଙ୍କ ଘର ସାମନାରେ ମଟର ସାଇକେଲ, ସ୍କୁଟରର ଲମ୍ବା ଚଉଡା ମେଳା । ଲେନ୍ ମୁଣ୍ଡରୁ ତାଙ୍କ ଘର ଯାଏଁ ଲମ୍ବିଛି ଚାରିଚକିଆର ଅସରନ୍ତି ଧାଡି । କିଶୋର ବାବୁ ଏ ଲେନ୍ ର ଜଣେ ନାମଜାଦା ଲୋକ । ଏ ଗଳିକୁ ନୂଆ କରି ଘର କରି ଆସି ଗତ ବର୍ଷକ ରହଣୀ ଭିତରେ ତାଙ୍କର କରିତକର୍ମା କର୍ତ୍ତୃତ୍ୱ ବିଷୟରେ ବୃନ୍ଦା ଓ ସ୍ୱାମୀ ଆଲୋକ ଅଳ୍ପ ବହୁତ ଭଲ ଭାବରେ ଅବଗତ ।

ଖରା ଦିନ । ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଗରମ ଅନୁଭୂତ ହେଉଛି । ପଙ୍ଖା ଟା ଲଗାଇ ଦେଇ ଆଲୋକ ବହି ଖଣ୍ଡିଏ ଧରି କଣ ପଢୁଛନ୍ତି ।  ବାଲକୋନୀରୁ ଆସି ତାଙ୍କ ପାଖରେ ସୋଫାରେ ବସି ପଡି ବୃନ୍ଦା କହିଲେ, ହେଉଟି ଶୁଣୁଛ, ସେ କିଶୋର ବାବୁ କଣ କାମ କରନ୍ତି କି? ଏତେ ବଡ ଘର । ସବୁବେଳେ ଲୋକବାକ ହାଉଯାଉ । ଯାହା ଜଣାପଡୁଛି ବେଶ ପ୍ରତିଷ୍ଠିତ ବ୍ୟକ୍ତି ବୋଧହୁଏ । ଗଲାକାଲି କି ପହରଦିନ ବୋଧହୁଏ ଆମ ଘରକୁ ତୁମ ସହ ଦେଖା କରିବାକୁ ଆସିଥିଲେ ନା କଣ?

ହଁ ସେ ଗତକାଲି ସକାଳେ ଆସିଥିଲେ ଆମ ପୁଅ ସୁବୁର ନମ୍ବର ନେବାକୁ । କାଲି ରାତିରେ ସୁବୁ ଫୋନ୍ କରି ମୋତେ ସବୁ ଜଣାଇଥିଲା । ମୁଁ ପରେ ସେ କଥା ବିସ୍ତୃତ ଭାବରେ କହିବି । ଏବେ ଖାଦ୍ୟ ଖାଇବା, ସନ୍ଧ୍ୟାବେଳେ ପୁଣି କିଶୋର ବାବୁଙ୍କ ସମ୍ବର୍ଦ୍ଧନା ସଭାରେ ଯୋଗ ଦେବା ।

ସନ୍ଧ୍ୟାବେଳେ ବୃନ୍ଦା ଓ ଆଲୋକ ଦେଖୁଥିଲେ ଓ ଶୁଣୁ ମଧ୍ୟ ଥିଲେ । ଆଗରୁ ତ ଜଣା ଥିଲା ଗଣତନ୍ତ୍ର ଦିବସ ଜାନୁଆରି ୨୬ ତାରିଖରେ ବିଶିଷ୍ଟ ସମାଜସେବୀ ତଥା ଦେଶପ୍ରେମୀ ଭାବରେ ମାନନୀୟ ମୁଖ୍ୟମନ୍ତ୍ରୀ କିଶୋରବାବୁଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରିବେ । ସହରଯାକ

ବିରାଟ ପୋଷ୍ଟର, ଟିଭି, ମିଡିଆ, ସୋସିଆଲ୍ ମିଡିଆ, ଖବରକାଗଜରେ ଘୋଷଣା : ବିଶିଷ୍ଟ ଦେଶପ୍ରେମୀ କିଶୋର ଦାସଙ୍କ ସମ୍ବର୍ଦ୍ଧନା ସଭାରେ ଭର୍ଚୁଆଲ ମୋଡ । ଇଣ୍ଟରନେଟ ଜରିଆରେ ଯୋଗଦାନ କରନ୍ତୁ । ଆଜି ଗଣତନ୍ତ୍ର ଦିବସ । ଜଣକ ପରେ ଜଣେ ସମ୍ମାନସ୍ପଦ ତଥାକଥିତ ବକ୍ତା ବୃନ୍ଦ କିଶୋରବାବୁଙ୍କର ସମାଜ ପ୍ରତି ବଳିଷ୍ଠ ଅବଦାନ, ଉତ୍ସର୍ଗୀକୃତ ମନୋଭାବ, ନିରହଙ୍କାରୀ ସ୍ୱଭାବ ଓ ସେ କିପରି ଦରିଦ୍ର, ନିଷ୍ପେସିତ ଜନସାଧାରଣଙ୍କ ଦରଦ ସହ ଓତଃପ୍ରୋତ ଭାବରେ ଜଡିତ ହୋଇ ସେମାନଙ୍କର ଦରଦୀ ବନ୍ଧୁଟିଏ ପାଲଟିଯାଇଛନ୍ତି ସେ ବିଷୟରେ ଗପି ଚାଲିଥିଲେ । ଦେଖଣାହାରୀଏ ଭାବୁଥିଲେ ଗାନ୍ଧୀ, ଗୋପବନ୍ଧୁଙ୍କୁ ମଧ୍ୟ ବଳିଗଲେ ଦେଶପ୍ରେମୀ କିଶୋର ବାବୁ । ଅନ୍ୟୁନ ଦୁଇ,ଅଢେଇ ଘଣ୍ଟା ଭାଷଣବାଜି ପରେ ରାଜ୍ୟ ସମାଜକଲ୍ୟାଣ ବିଭାଗ ମନ୍ତ୍ରୀ ମହୋଦୟଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ସହିତ କିଶୋରବାବୁ ଙ୍କୁ ବିଶିଷ୍ଟ ଦେଶପ୍ରେମୀ ଭାବରେ ସମ୍ମାନିତ କରିବା ସହ ତାଙ୍କ ପାଇଁ ସମଗ୍ର ରାଜ୍ୟ ଗର୍ବିତ ବୋଲି କହିବାକୁ ଭୁଲି ନଥିଲେ । ଅନିବାର୍ଯ୍ୟ କାରଣ ବଶତଃ ମାନ୍ୟବର ମୁଖ୍ୟମନ୍ତ୍ରୀ ଅନୁପସ୍ଥିତ ଥିଲେ । ତହିଁ ଆର ଦିନ ସକାଳେ ଆଲୋକ କହୁଥିଲେ, ବୃନ୍ଦା ଶୁଣୁଥିଲେ ।

କରୋନା କରୋନା ହେଇ ସାରା ବିଶ୍ୱ ହଇଚଇ ସୃଷ୍ଟି ହେଇଛି । କିନ୍ତୁ ଲୋକେ ମାଛେ ତେଲରେ ମାଛ ଭାଜିବା ବନ୍ଦ କରି ନାହାଁନ୍ତି । କରୋନା ଆସିବା ପରଠାରୁ ଲକ୍ ଡାଉନ୍ ସମୟରେ ଦାଦନ ଶ୍ରମିକାମାନେ ରାଜ୍ୟକୁ ଫେରିବା ପରଠାରୁ ସେ ସେମାନଙ୍କୁ ଖାଇବାକୁ ଦେବେ ବୋଲି ରାଜ୍ୟ ବାହାରେ, ଭାରତ ବାହାରେ ରହୁଥିବା ସମସ୍ତ ସାଙ୍ଗସାଥି, ଚିହ୍ନା ଅଜଣା ସମସ୍ତଙ୍କୁ ମେଲ୍ କରି ଫୋନ୍ କରି, ହ୍ୱାଟସ୍ ଆପ୍ ଚାଟ କରି, ଟୁଇଟର ଆଦି ସୋସିଆଲ ମିଡିଆରେ ପରସ୍ତେ ପରସ୍ତେ ଗପି ସେହି ଅସହାୟ ଶ୍ରମିକମାନଙ୍କ ଥଇଥାନ ପାଇଁ କଣ କରାଯାଇ ପାରିବ ସେଥିପାଇଁ କିଶୋରବାବୁ ବହୁତ ଦରଦ ଦେଖାଇଥିଲେ । ସହାୟତାର ହାତ ବଢାଇବା ଉଦ୍ଦେଶ୍ୟରେ ଓଡିଶା ତଥା ଭାରତ ବାହାରେ ରହୁଥିବା ପ୍ରବାସୀ ଓଡିଆମାନେ ଓ କିଛି ନିଃସ୍ୱାର୍ଥପର ବ୍ୟକ୍ତିବିଶେଷ ପାଞ୍ଚ, ଦଶ ହଜାର ଲେଖାଏଁ ସହାୟତା ରାଶି ନେଟ୍ ରେ ତାଙ୍କ ବ୍ୟାଙ୍କ ଖାତାକୁ ପଠାଇଲେ । ଆମେରିକାରେ ରହୁଥିବା ବ୍ୟକ୍ତିବିଶେଷ ପାଞ୍ଚଶ ଡଲାର ମାନେ ଭାରତୀୟ ମୁଦ୍ରାରେ ହାରାହାରି ୩୭,୫୦୦/- ଟଙ୍କା

ଲେଖାଏଁ ଦେଲେ । ଲଣ୍ଡନ ତଥା ଏଉରୋପ ର ଦାତାଗଣ ୫୦୦ ପାଉଣ୍ଡ ମାନେ ୫୦,୦୦୦ ଟଙ୍କା ଲେଖାଏଁ ଦେଲେ । ଅନ୍ୟାନ୍ୟ ଦେଶର ମୁଦ୍ରା ତ ଆହୁରି ଅଛି ।

ଏହା ଭିତରେ ଲୋକେ ସିନା ଥରେ ଅଧେ ଦେବେ ବା ଏକୁ, ତାକୁ ଥରେ ଦେବାପାଇଁ କହିବେ । ସବୁବେଳେ କଣ ଦେବେ, ଏବେ କଶୋର ବାବୁ ଦାଦନ ଶ୍ରମିଙ୍କ ମାନଙ୍କୁ ଖାଦ୍ୟ ଦେଉଛନ୍ତି ବୋଲି ଖାଦ୍ୟ ବଢାଯାଇଥିବା କଦଳୀପତ୍ରର ଫଟୋ କଛି ବାରମ୍ବାର ସମସ୍ତଙ୍କ ପାଖକୁ ପଠାଉଛନ୍ତି । ଦାନାର୍ଥେ ସାହାଯ୍ୟାର୍ଥେ ଲୋକେ ପାଞ୍ଚଶହ, ହଜାରେ ଟଙ୍କା ନଦେଲେ ବି ଆମେରିକା, ଲଣ୍ଡନରେ ରହୁଥିବା ପରିଚତ, ତହୁଁ ଜଣା ଅଜଣା ଲୋକେ ଶହେ, ଦୁଇଶହ ଡଲାର, ପାଉଣ୍ଡ ଦେଲେ ବି ଚଳଯିବ । କୋଉ ଦାନ ଦେଉଥିବା ଲୋକ ଆସି ସତରେ ଦେଖିଯାଉଛନ୍ତି କେତେଜଣ ଦାଦନ ଶ୍ରମିକ ଦିନକୁ ଖାଉଛନ୍ତି ଅବା କଣ ଖାଉଛନ୍ତି ।

ବୃନ୍ଦା ଉଠିଲେ, ଆଲୋକଙ୍କୁ କହିଲେ ହଉ କଶୋର ପୁରାଣ ସେତିକ ଥାଉ । ଆଜି ତ କାହିଁ କାମବାଲୀ ମନୀ ଆସିବାକୁ ନାହିଁ । ବାସି ବାସନ ତକ ଧୋଇ ଘର ଓଳାଇବାକୁ ପଡିବ । କାମଦାମ ସାରେ, ପୁଣି ଶୁଣିବି ।

ଦିନ ଗ୍ଟରିଟା ବେଳକୁ ମନୀ ଆସି କହିଲା, ବୃନ୍ଦାଙ୍କୁ, ମାଆ ରାଗ କରିବନ । ସକାଳେ ଆସି ପାରିଲିନ । କଶୋର ବାବୁଙ୍କ ଘରେ ଗହଳକୁ ଭେଜିଥିଲା । ମୋ ମିଣିପଟାକୁ ବି ଭଲ ମୁନ୍ଦେ ପିଇବାକୁ ମିଳଲା । ଗ୍ଲାସ, ବୋତଲ, ଥାଳ, ଗିନା ସବୁ ସଫା କରୁକରୁ ଉଚ୍ଛୁର ହେଇଗଲା । ସକାଳେ ତମ ଘରକୁ ଆସି ପାରିଲିନ ।

ଏହା ମଧ୍ୟ ଲୋକେ କଥା ହେଉଥିଲେ କଶୋର ବାବୁଙ୍କ ସାନପୁଅ କଣ ଗୋଟିଏ ବଡ ସାନଟାଇଜର ଓ ମାସ୍କ ହୋଲସେଲ କମ୍ପାନୀ କରିଛି । ତାଙ୍କ ବଡପୁଅ ଗୋଟିଏ ଟ୍ରାଭେଲ ଏଜେନ୍ସି ଖୋଲିଛି । ଗାଡି ପୁରା ସୁରକ୍ଷିତ ଓ ସାନଟାଇଜଡ୍ । "ପ୍ରେସ" ଷ୍ଟିକର ଗୋଟିଏ ମାରିଦେଲେ, ଗାଡି ଗ୍ଟଳକ ଗୋଟିଏ ଇଲେକଟ୍ରୋନକ ଗଣମାଧମ ବା ଟିଭି ଗ୍ଟନେଲ ର ପରିଚୟ ପତ୍ର ଝୁଲାଇଦେଲେ କରୋନା କଣ ତା ବୋପା ପୋଲିସବାଲା ବି ଛୁଇଁପାରିବନ । ଆରେ କରୋନା ହେଲା ବୋଲି ଲୋକେ ମରିବେନ ନା ପିଲା ଜନ୍ମ ହେବେନ ନା କେହି ଅନ୍ୟ ରୋଗ ବଇରାଗ ରେ ପଡେବେନ । ଖାଲି ଆମକୁ ପାଞ୍ଚଶହ ଜାଗାରେ ହଜାରେ, ବାରଶହ ଟଙ୍କା ଭଡା ଆକାରରେ ଦେଲେ ହେଲା । ତମ ଅସୁବିଧା କୁ ଆମ ସୁବିଧା । ଆନନ୍ଦବାବୁ ଙ୍କୁ ହାର୍ଟ ଷ୍ଟ୍ରୋକ ହେଲା ବେଳେ ତାଙ୍କ ସ୍ତ୍ରୀ ଗାଡି ଚଳାଇବା ଜାଣି ନଥିବାରୁ ଘରେ ଗାଡି ଥାଇ ବି ଓଲା, ଉବର ଟ୍ୟାକ୍ସି ବନ୍ଦ ଥିବାରୁ ଲକ୍ ଡାଉନ ହେଇଥିବାରୁ ବାଧବାଧକତାରେ

କଶୋରବାବୁଙ୍କ ପୁଅଠାରୁ ବିକଳ ହେଇ ଗାଡି ନେଇଥିଲେ । ସେତିକବେଳେ ଆନନ୍ଦବାବୁଙ୍କ ସ୍ତ୍ରୀ କଶୋରବାବୁଙ୍କ ବଡପୁଅଠାରୁ ଏତକ ଗ୍ୱମକାହାଣୀ ଶୁଣିଥିଲେ । ତାଙ୍କ ଘରଠାରୁ "ଉପଶମ ହସ୍ପିଟାଲ" ଯିବାପାଇଁ ଯେଉଁଠି ସାଧାରଣତଃ ପାଞ୍ଚଶହଟଙ୍କା ଦେବାକୁ ହୁଏ । ଅନନ୍ୟୋପାୟ ହେଇ ଆନନ୍ଦବାବୁଙ୍କ ସ୍ତ୍ରୀ ଥରକୁ ୨୦୦୦ ଟଙ୍କା ଦେଉଥିଲେ ।

କାମବାଲୀ ମନୀ ଘର ଝାଡୁ କରୁ କରୁ ବୃନ୍ଦାଙ୍କୁ ଶୁଣାଇ କହୁଥିଲ୍ । ମା ତୁମେ ଓ ବାବୁ କଶୋରବାବୁଙ୍କ ଖାତାରେ ନାଁ ରେଜିଷ୍ଟ୍ରି କରିଦିଅ । ବୃନ୍ଦା ନ ଜାଣି ପାରି କହିଲେ, ଆଲେ କାହିଁକ? ମନୀ ଉତ୍ତର ଦେଲ୍, ଆହେ ମା ତେମେ ଜାଣିନା କ? ଏହି ଯେଉଁ ମହାମାରୀ କର୍ୱେନା ଆସିଛି, ସେଇଟା ହେବନ ବୋଲି ଟୀକା ପର୍ ବଜାରକୁ ଆଉଛି । କଏ କେତେ ପ୍ରକାର କଥା କହୁଛନ୍ତି । କୁଆଡେ ୫୦୦, ୧୦୦୦ ରୁ ଆରମ୍ଭ କରି ୫୦୦୦ ଟଙ୍କା ଯାଏଁ ପଡିବ ବୋଲି ଲେ୍କେ କୁହାକୁହି ହେଉଛନ୍ତି । କନ୍ତୁ କଶୋର ବାବୁଆଣି କହୁଥିଲେ, ସେ ଅତି କମ୍ ଦାମ ରେ ବିତରଣ କରିବେ ଆଉ ସେ ଯେଉଁ ଟୀକା ବାଣ୍ଟିବେ ସେ ଟୀକାରେ ମଧ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ରହିବନ । ତାଙ୍କଠାରୁ ଟୀକା ଶସ୍ତାରେ ଆଉ ସହଜରେ ମିଳଯିବ । ଯାହା କୁହ ମା କଶୋରବାବୁଙ୍କ ପରି ଦରଦୀ, ପର୍ୱେପକାରୀ ଲେ୍କ ଏ ଯୁଗରେ ବିରଳ ।

ବୃନ୍ଦା ଭ୍ୱବୁଥିଲେ:
କହି ଜାଣିଲେ କଥା ସୁନ୍ଦର
ବିକ ଜାଣିଲେ ବଜାର ନଜର

Madhu1691@gmail.com

# ସ୍ୱାଗତର ଚୁକ୍ତିନାମା



ବିଜୟଲକ୍ଷ୍ମୀ ପାଣିଗ୍ରାହି

ହେ ନବ ବର୍ଷର
ପହିଲି ସ୍ପର୍ଶ
ସୁଜାସୁଜି ହୋଇନଥିବା ଏ ବେଳା/ଲଗ୍ନ/ ତିଥି
ସବୁ ତୁମପରି ଆଶୀର୍ବାଦାତ୍ମକ
ତୁମ ହାଲକା ଛୁଆଁରେ
ମୋ ଖୁସିମାନେ ଫାଲ୍ଗୁବୋଳା।
ବଉଳର ବାସରେ ମୋର ସବୁ ସ୍ୱପ୍ନ ବିଭୋର।
କୋଇଲିର କୁହୁରେ
ମୋ ସଂସାରର ମିଠାସ୍।
ତୁମେ ହିଁ ତ ଖାସ୍
ମୋ ଚିର ବସନ୍ତ ଆଉ ବିଶ୍ୱାସ ।
ତୁମକୁ କରିବିନି କଳଙ୍କିତ
ମୋ କର୍ମରେ
ସାଧନାରେ ଆଙ୍କିବି ସେ ଚନ୍ଦ୍ରକଳା
ଯେଉଁଠି ଫୁଟୁଥିବ
ନିଷ୍କଳଙ୍କ ତୁମ
ପଦ୍ମଅଁ ଫୁଲିଆ ହସ
ମୋ ଚେତନାରେ/କ୍ରିୟାରେ /ବାକ୍ୟରେ
ଭରୁଥିବି ଦିବ୍ୟ ପ୍ରକାଶ
ସ୍ୱାଗତ
ସ୍ୱାଗତ ହେ ନବବର୍ଷ ।

ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ

# ନାରୀ ମାଗେ ନ୍ୟାୟ



ମଧୁସ୍ମିତା ପୃଷ୍ଟି

ନିରୀହ ନିଷ୍ପାପ ଶରୀର ମୋହର
ଟିକି ଟିକି ସ୍ୱପ୍ନ ମୋର,
ଦୁନିଆଁକୁ ଟିକେ ଚହ୍ନିବା ଆଗରୁ
କାଟିଲ୍ କିଏ ମୋ ପର ।

ମାଆର ଥିଲି ମୁଁ ଅଲିଅଳ କନ୍ୟା
ବାପାଙ୍କ ଗେଲବସର,
ମୋ ଅଳ ଅର୍ଦ୍ଦଳ ଅଝଟ ପଣରେ
ପୁରି ଉଠୁଥିଲ୍ ଘର ।

ନିଷ୍ପାପ କଢ଼ିକୁ ପାଦରେ ଦଳିଲ୍
କିଏ ସେ ପିଶାଚ ନର,
ମୋଦେଶରେ ଯେତେ କନ୍ୟାପିତା ଅଛ
ଟିକିଏ କର ବିଗ୍ଭର ।

ଆମ ସମ୍ବିଧାନ ନିୟମ ଗଢିଲ୍
ପରକୀୟା ପ୍ରୀତି ପାଇଁ,
ନାରୀକୁ ଭାବିଲ୍ ଭୋଗ୍ୟ ବସ୍ତୁଟିଏ
ସୁରକ୍ଷା ଯେ ଦିଏ ନାହିଁ ।

ଯେଉଁ ନାରୀପାଇଁ ଜନମ ତାହାର
ତାପରେ ଲୋଲୁପ ଦୃଷ୍ଟି,

ସରକାର କୁହନ୍ତି ପଢ଼ାଓ ବେଟିଙ୍କୁ
ବଞ୍ଚାଓ ବଞ୍ଚାଓ ବେଟି |

ସବୁପାଇଁ ଗଢ଼ୁଅଛ ସମ୍ବିଧାନ
ମୋହର ଦେଉଛ ମାରି,
ନାରୀର ସୁରକ୍ଷା ପାଇଁ କି ନିୟମ
କେଉଁ ଧାରା ଅଛ କରି |

ନିରୀହ ମୁହଁକୁ ଦେଖିପାରୁନାହଁ
ଦେଖୁନାହଁ ତାର କୋହ,
କଅଁଳ ପ୍ରାଣକୁ ଝୁଣି ଖାଉଅଛ
କେମିତି ସହୁଛି ଦେହ |

ଆଇନ କାନୁନ ବଦଳାଇ ଦିଅ
ନୂତନ ନିୟମ ଆଣି,
ଦୋଷୀ ଦୋଷ ପ୍ରମାଣିତ ହେଇଗଲେ
ଫାଶୀରେ ଚଢାଅ ଟାଣି |

ନାରୀର ସୁରକ୍ଷା ଯଦି ଗୃହୁଁଥାଅ
ଏ ନିୟମ ଲାଗୁ କର,
ଲକ୍ଷେ ଥର ଚିନ୍ତା କରିବ ପାମର
କରିବାକୁ ବ୍ୟଭିଚାର |

ନାରୀଟିଏ ହୋଇ ଗୁହାରି କରୁଛି
ଶୁଣ ମୋ ଦେଶ ସର୍କାର,
ନାରୀକୁ ଫେରାଅ ଅଧିକାର ତାର
ସ୍ୱପ୍ନ ତା କର ସାକାର |

ଭୁବନେଶ୍ୱର,ଖୋର୍ଦ୍ଧା

# ପିପାସା



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ଲେଖି ପକାଏ ମୁଁ ଲେଖି ପକାଏ
ସମନତା ଆସିଯିବ;
ବୟସ-ତପନ ଅସ୍ତ ହୋଇଗଲେ-
କାଳ ମୋର ପୂରିଯିବ;
ଅନେକ କବିତା ବାକି ମୋର ରହିଯିବ ।
ଲେଖି ପକାଏ ମୁଁ ସଅଳ ସଅଳ-
ଯୁଗଟା ବଦଳି ଯିବ;
ଲେଖନୀ ମୁନର ଶାଶ୍ୱତ-ଝରଣ-
ଅଗ୍ନିକ ଶୁଖିଯିବ;
ଶୂନ୍ୟ ଲେଖନୀରେ କବିତାକି ଲେଖିହେବ?
ଲେଖି ପକାଏ ମୁଁ ଲେଖି ପକାଏ,
ତୁମ ଯୌବନ ଝରି ଯିବ;
ଅଭିନୟ ସବୁ ସାରିଦେଇ ତୁମେ
କୋକେଇରେ ଶୋଇ ଥିବ;
ମଥାରେ ତୁମର ସୂର୍ଯ୍ୟ ଉଇଁ ଉଠୁଥିବ ।
ଲେଖି ପକାଏ ମୁଁ ଲେଖି ପାରେ ଯେତେ
ସ୍ମୃତି ଶେଷ ହୋଇଯିବ;
ଜଟିଳ-ଜଂଜାଳ-ଜଗତ ଭିତରେ
ମନ ମୋର ମଜ୍ଜି ଯିବ;
କବିତାରୁ ମୋର ଛନ୍ଦ ସବୁ ହଜିଯିବ ।
ଲେଖି ପକାଏ ମୁଁ ଲେଖି ପକାଏ,

ଏ ସୂର୍ଯ୍ୟଟା ବୁଡି ଯିବ;
ଜହ୍ନ ଶୋଇବ ତମସା ର କୋଳେ
ଅନ୍ଧକାର ଘୋଟିଯିବ;
ପୃଥିବୀଟା ସାରା ବରଫ ପାଲଟି ଥିବ ।
ଲେଖି ପକାଏ ମୁଁ କେତେ ଯେ କେଜାଣି
ପିପାସା ମୋ ମେଣ୍ଟିଯିବ;
ପଢୁ ପଛେ କଏ ନପଢୁ ପଛେକେ
ଗଦାଏ କବିତା ହେବ;
ପେଟର୍ ଭିତରେ ସେଇମିତି ପଡିଥିବ ।
ମୋ କବିତା ପରି ନାତୀଟିଏ ଯେବେ
ମୋ ଘରେ ଜନମ ନେବ;
ପାଣ୍ଡୁଲିପି ଚିରି କାଗଜର ଡଙ୍ଗୀ
ସୁଅରେ ଭସାଇ ଦେବ;
କବିତା-ଡଙ୍ଗା ମୋ ଥେଇ ଥେଇ ନାଚୁଥିବ ।
ଭସାଇ ଦେଲେ ସେ ଦେଉ ପଛେ ମୋର
ମନେ ତିଳେ ଦ୍ୱିଧା ନାହିଁ;
ଆରପୁରେ ଥାଇ କବିତା ପଢିବ,
କାଗଜ ଡଙ୍ଗା ଗୋଟେଇ;
ମୋ କବିତା ତୁମରିପାଇଁ, ମୋ କବିତା ତୁମରି ପାଇଁ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ରାଉରକେଲା, ଓଡିଶା

# ମକର ସଂକ୍ରାନ୍ତି



କୌସ୍ତୁଭ ଜାଲ

ଆମ ରାଜ୍ୟ ଓଡ଼ିଶା ହେଉଛି ପର୍ବ - ପର୍ବାଣିର ରାଜ୍ୟ । ଏବଂ ଏଠାକାର ଅଧିବାସୀ ଆମେ ସରଳ ଓଡିଆମାନେ ହେଉଛୁ ଅତ୍ୟନ୍ତ ଶ୍ରଦ୍ଧାଳୁ । ସେଥିପାଇଁ ତ ଏଇ ଓଡ଼ିଆ ଜାତି ପାଳନ କରିଥାଏ, "ବାର ମାସରେ ତେର ଯାତ" । ଏତଦ୍ ବ୍ୟତିତ ଆହୁରି ଅନେକ ଉତ୍ସବ ଏଠାରେ ଧୁମ୍‌ଧାମ୍‌ରେ ପାଳନ କରାଯାଏ । "ସରଳ ଜୀବନ-ଉଚ୍ଚ ବିଚାର" ଏଇ ପବିତ୍ର ମହାନ ବିଚାର କେଉଁ ଆବାହମାନ କାଳରୁ ଏଇ ଓଡିଆ ଜାତିର ଚରିତ୍ରକୁ ନିଖୁଣ ଭାବେ ଅଳଂକୃତ କରିଛି ।

ଏଠାରେ ବାଛ ବିଚାରର ଅବକାଶ ନାହିଁ । ଏଠାରେ ସମସ୍ତଙ୍କୁ ସମାନ ମର୍ଯ୍ୟାଦା ଦିଆଯାଇଥାଏ । ଏଥିପାଇଁ ଏଠାରେ ଅନ୍ୟର ଧର୍ମ, ମତ , ବିଚାର, ତଥା ଉତ୍ସବ ସସମ୍ମାନେ ପାଳିତ ହୋଇଥାନ୍ତି । ସେଥିପାଇଁ ପରା କୁହାଯାଏ - "ଯାହା ନାହିଁ ଉତ୍କଳେ, ତାହା ନାହିଁ ଶୟନେ " ।'

ମକର ସଂକ୍ରାନ୍ତି ଏକ ମହାନ୍ ପର୍ବ । ସୂର୍ଯ୍ୟ ଧନୁରାଶି ରୁ ମକର ରାଶିକୁ ପ୍ରବେଶ କରନ୍ତି ତେଣୁ ଏହାକୁ ମକର ସଂକ୍ରାନ୍ତି ବୋଲି କୁହାଯାଏ । ଏହା ସମଗ୍ର ଭାରତରେ ସର୍ବତ୍ର ଧୁମ୍‌ଧାମ୍‌ରେ ପାଳିତ ହୁଏ । ତେଣୁ ପର୍ବାଣୀର ଭୂମି ଆମ ଓଡିଶାରେ ଅବା ତାହା ବାଦ୍ ପଡିବ କେମିତି ? ସମଗ୍ର ଭାରତୀୟ ସ୍ତରରେ ଏଇ ପର୍ବକୁ ଯେଉଁ ଢଙ୍ଗରେ ପାଳନ କରାଯାଏ କହିଲେ ନସରେ ମାତ୍ର ଆମ ଓଡ଼ିଆମାନେ ଏହାକୁ ଆହୁରି ସୁନ୍ଦର ରୂପ ଦେଇ ଦିଅନ୍ତି । ସତେ ଅବା ମନେହୁଏ ଏଠାରେ ପାଳିତ ହୋଇ ମକର ସଂକ୍ରାନ୍ତି ମହିମା ମଣ୍ଡିତ ହୋଇ ପୂର୍ଣ୍ଣତ୍ୱ ଲାଭ କଲା । ଏଇ ଅବସରରେ ଓଡ଼ିଆଙ୍କ ଶ୍ରେଷ୍ଠ ବିଚାର ହେଉଛି ଦାନ ଦେବା । ଅସହାୟ, ଦଳିତ, ନିଷ୍ପେସିତ, ଗୋ, ବ୍ରାହ୍ମଣ, ଗୁରୁ ତଥା ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦାନ ଦିଆଯାଇଥାଏ । ଏହା ହେଉଛି ଶ୍ରେଷ୍ଠତମ ବିଚାର , କାହିଁକିନା ସବୁ ଯୁଗର ନିର୍ଦ୍ଦିଷ୍ଟ ପଦ୍ଧତି ରହିଛି ଯଥା- ସତ୍ୟ ଯୁଗର ଧ୍ୟାନ, ତ୍ରେତାର ଯଜ୍ଞ, ଦ୍ୱାପର ର

ପରିଚର୍ଯ୍ୟା ଏବଂ କଳରେ ନାମ ମାତ୍ର 'ଦାନ' ଏପରି ଏକ ପଦ୍ଧତି ଯାହାକ ସମସ୍ତ ଯୁଗରେ ସମାନ ରୂପରେ ବିଦ୍ୟମାନ । ତେଣୁ ଆମ ଓଡ଼ିଆ ଜାତି ଏହାକୁ, ଯଥାର୍ଥ ରୂପେ ଉପଲବଧି କରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ଏଇ ଅବସରରେ ଆମ ଓଡିଆଙ୍କ ମହାନ ବିଗ୍ଭରଧାର୍ ହେଉଛି ମିତ୍ରତା ସ୍ଥାପନ କରିବା । ବାଛ ବିଗ୍ଭର, ହିଂସା-ଦ୍ୱେଷ ଭୁଲି ମିତ୍ରତା ସୂତ୍ରରେ ଆବଦ୍ଧ ହେବା ସମଗ୍ର ବିଶ୍ୱକୁ ନିଜ ପରିବାର ରୂପେ ବାନ୍ଧି ରଖିବାପାଇଁ ସୁନ୍ଦର ବାର୍ତ୍ତା ପ୍ରଦାନ କରିଥାଏ । ଏଇ ପବିତ୍ର ମୂହୁର୍ତ୍ତରେ ଯଜ୍ଞ କରିବା, ନାମ ସଂକୀର୍ତ୍ତନ କରିବା ଏଭଳ ବିଭିନ୍ନ ଧର୍ମାନୁଷ୍ଠାନ କରିବା ଏତଦ୍ ବ୍ୟଦିତ ଗୁଡି ଉଡାଇବାର ସୁନ୍ଦର ପ୍ରଥା, ସାମାଜିକ ସମରସତା ଏଭଳ ସୁନ୍ଦର ପ୍ରଥା ମାନ ଆଚରଣ କରିଥାନ୍ତି ଏଥିରୁ ଜଣାପଡେକ ମକର ସଂକ୍ରାନ୍ତି ସହିତ ଆମ ଓଡ଼ିଆଙ୍କ ର କେତେଗଭୀର ଅନୁଭବ ରହିଛି ।

ଏବେ ଆସନ୍ତୁ ଜାଣିବା ଜାଣିବା ମକର ସଂକ୍ରାନ୍ତି ସମ୍ବନ୍ଧୀୟ ଆହୁରି କଛି ତଥ୍ୟ । ସୂର୍ଯ୍ୟଙ୍କ ଗତିଛଅ ମାସ ଦକ୍ଷିଣାୟନ ଏବଂ ଛଅ ମାସ ଉତ୍ତର୍‌ାୟଣ ହୋଇଥାଏ ମନୁଷ୍ୟ ମାନଙ୍କର ଛଅ ମାସ ଦେବତାଙ୍କ ଗୋଟିଏ ର୍‌ାତି ଓ ଆଉ ଛଅ ମାସ ବିତିଲେ ଦେବତାଙ୍କ ଗୋଟିଏ ଦିନ ହୋଇଥାଏ । ଉତ୍ତର୍‌ାୟଣ ଦିନ ଦେବତାମାନେ ମଧ୍ଧ ଜାଗ୍ରତ ହୋଇଥାନ୍ତି । ଆମ ଉପରେ ଦେବତାଙ୍କ କୃପା ବର୍ଷଣ ହେଉ ଏଇ ଉଦ୍ଦେଶ୍ୟ ରଖି ଏଇ ପର୍ବ ପାଳନ କର୍‌ାଯାଏ ।

କୁହାଯାଏ, ଏହି ଦିନ ଯଜ୍ଞ ଭ୍ଗ ଗ୍ରହଣ କରିବା ପାଇଁ ଦେବତାମାନେ ଧର୍‌ାପୃଷ୍ଠରେ ଅବତରିତ ହୁଅନ୍ତି । ଏହି ପ୍ରକାଶମୟପର୍ବରେ ପୂଣ୍ୟାତ୍ମା ପୁରୁଷ ଶରୀର ତ୍ୟାଗ କରି ସ୍ୱର୍ଗାଦିଲ୍ୋକ ପ୍ରବେଶ କର । ଏଣୁ ଏହାକୁ ପ୍ରକାଶର ଅବସର ବୋଲି କୁହାଯାଏ । ଏହି ଉତ୍ତର୍‌ାୟଣ ପର୍ବର ଅପେକ୍ଷାରେ ଥିବା ପିତାମହ ଭୀଷ୍ମ ଉତ୍ତର୍‌ାୟଣ ଆରମ୍ଭ ପରେ ହିଁ ନିଜର ପାର୍ଥିବ ଶରୀରକୁ ତ୍ୟାଗ କରିଥିଲେ । ବିଶ୍ୱର କୌଣସି ଯୋଦ୍ଧା ସଂକଳ୍ପ ବଳରେ ଅଠାବନ ଦିନ କ'ଣ, ଅଠାବନ ଘଣ୍ଟା ଶରଶଯ୍ୟାରେ ରହି ପାରି ନଥାନ୍ତି ଯଦିଓ ଏଇ ଏକବିଂଶ ଶତାବ୍ଦୀରେ ବିଜ୍ଞାନର ଆକାଶ ଛୁଆଁ ଉନ୍ନତି ସାଧିତ ହୋଇଛି । ମାତ୍ର ଆଜକୁ ପ୍ରାୟ ପାଞ୍ଚହଜାର ବର୍ଷ ତଳେ ଭ୍ରତର ଏକ ମହାନ୍ 6ଯାଗୀ ପିତାମହ ଭୀଷ୍ମ ସେହି କାର୍ଯ୍ୟ କରି ଦେଖାଇ ଦେଇଛନ୍ତି । ଏହାଠାରୁ ବଳ ଆମ ଭ୍ରତୀୟ ମାନଙ୍କ ପାଇଁ ଗର୍ବର ବିଷୟ କ'ଣ ଥାଇପାରେ **?** ଏ ଘଟଣାକୁ ଆଜିର ଏଇ ନୂତନ ଭ୍ରତର ଭୌତିକ ବିଜ୍ଞାନରେ ଅନ୍ଧ ବସ୍ତୁବାଦୀ ମଣିଷ ଇତିହାସ ବୋଲି ଏଡେଇ ଦେବାର ପ୍ରୟାସ କରିବ କାରଣ "ଯାହା ନ

ଦେଖିବୁ ବେଦନୟନେ, ପରତେ ନଯିବୁ ଗୁରୁବଚନେ" ଏହି ସିଦ୍ଧାନ୍ତ କୁ ସ୍ୱୀକାର କରୁଥିବା ମଣିଷ ଭୁଲିଯାଏ ଯେ ଆଜି ସେ ଯାହା କରୁଛି ଦିନେ ତାହା ମଧ ଇତିହାସ ପୃଷ୍ଠାରେ ଅଳଂକୃତ ହେବ ।

ଧର୍ମଶାସ୍ତ୍ରାନୁସାରେ ଏହି ଦିନ ଦାନ - ପୁଣ୍ୟ, ଜପ-ଧ୍ୟାନ – ତପ ତଥା ଧାର୍ମିକ ଅନୁଷ୍ଠାନର ଅତ୍ୟନ୍ତ ମହତ୍ତ୍ୱରହିଛି । ଇତ୍ୟବସରରେ ଦିଆଯାଇଥିବା ଦାନ ପୁନର୍ଜନ୍ମରେ ଶହେ ଗୁଣ ହୋଇପ୍ରାପ୍ତ ହୁଏ । ଏହା ଏକ ପ୍ରାକୃତିକ ଉତ୍ସବ ସଙ୍ଗେ ସଙ୍ଗେ କୃଷି ଭିତ୍ତିକ ପର୍ବ ମଧ୍ୟ । ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରେ କ୍ଷେତରୁ ଅମଳ ହେଉଥିବା ନୂତନ ଶସ୍ୟ ରୁ ଉତ୍ପନ୍ନ ଗ୍ରଉଳକୁ ଆଖୁ ଗୁଡ଼, ତିଳ, ଅଦା ମିଶ୍ରିତ କରି ଦିଅଁ ଦେବତାଙ୍କ ନିକଟରେ ଭୋଗ ଲଗାଇ ତାକୁ ଚୂଡାନ୍ନ ରୂପେ ଭକ୍ଷଣ କରି ନୂତନ ବସ୍ତ୍ର ପରିଧାନପୂର୍ବକ ପରସ୍ପର ମଧ୍ୟରେ ଈର୍ଷା ଦ୍ୱେଷ ଭୁଲି ମିତ୍ରତା ସୂତ୍ରରେ ଆବଦ୍ଧ ହୋଇ ଧୁମ୍ ଧାମ୍ ରେ ପାଳନ କରିଥାନ୍ତି । ଏହି ଦିନଠାରୁ ଦକ୍ଷିଣ ଭାରତରେ ତାମିଲ୍ ନବ ବର୍ଷର ଆରମ୍ଭ ହୁଏ । ଉତ୍ତର ଭାରତରେ "ମକର ସଂକ୍ରାନ୍ତି ", ପ୍ରୟାଗରାଜରେ କୁମ୍ଭ ମେଳା, ବିହାରରେ ଖିଚଡ଼ି ଆସାମରେ ବିହୁ, ତାମିଲନାଡୁରେ ପୋଙ୍ଗଲ, ଗୁଜୁରାଟରେ ଉତ୍ତରାୟଣ ରୂପେ ଗୁଡିଉଡାଇବାର ସୁନ୍ଦର ପରମ୍ପରା ଅଛି ପଞ୍ଜାବ- ହରିୟାଣାରେ ଲୋହଡ଼ି ତଥା ପଡୋଶୀ ଦେଶ ନେପାଳରେ ମଧ୍ୟ ମାଘ ସଂକ୍ରାନ୍ତି ତଥା ସୂର୍ଯ୍ୟୋତ୍ତରାୟଣ ରୂପେ ପାଳନ କରାଯାଏ ।

"ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର " । ସୂର୍ଯ୍ୟଙ୍କ ଉପାସନା, ଧ୍ୟାନ, ଜପ କରି ତାଙ୍କୁ ପ୍ରାର୍ଥନା କରିବା ଉଚିତ ଯେ ଆମକୁ କାମ - କ୍ରୋଧ, ବିକାର, ଚିନ୍ତାରୁ ମୁକ୍ତ କରି ଆତ୍ମଶାନ୍ତି ପାଇବାରେ, ଗୁରୁକୃପା ଆତ୍ମସାତ କରିବାରେ ସହାୟକ ହୁଅନ୍ତୁ । ଏହି ଦିନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ସଙ୍ଗେ ସଙ୍ଗେ ସୂର୍ଯ୍ୟ ନମସ୍କାର କରିବା ଦ୍ୱାରା ସମସ୍ତ ଅନିଷ୍ଟ ଦୂର ହୋଇ ବର୍ଷସାରା ସୁଖ-ଶାନ୍ତି ପ୍ରାପ୍ତ ହୋଇଥାଏ ।

ଏହାତ ଗଲା ମକର ସଂକ୍ରାନ୍ତି ମୌଳିକ ରୂପେ ପାଳନ କରିବାର ବିଷୟ । କିନ୍ତୁ ଏହାର ଅଧ୍ୟାତ୍ମିକ ପକ୍ଷ ହେଉଛି - ଜୀବନରେ ସମ୍ୟକ କ୍ରାନ୍ତି । ଭୌତିକ ଜଗତରେ ବର୍ଷକୁ ଥରେ ମାତ୍ର ମକର ସଂକ୍ରାନ୍ତି ଆସେ ମାତ୍ର ଆମେ ନିଜର ଚିତ୍ତକୁ-ବିଷୟ-ବିକାରରୁ ମୁକ୍ତ କରି ପ୍ରତ୍ୟହ ନିଜର ଜୀବନରେ ସମ୍ୟକ କ୍ରାନ୍ତି ଆଣି ପାରିବା । ତେଣୁ ହେ ମାନବ ! ଆସ,

ଜାଗ୍ରତ ହୁଅ, ନିଜ ଜୀବନର ସମ୍ୟକ କ୍ରାନ୍ତି ପାଇଁ ସଂକଳ୍ପ କର । ନିଜର ତୁଚ୍ଛ , ମନ୍ଦ ଅଭ୍ୟାସକୁ ଦୂର କରିଦିବ୍ୟ ଜୀବନ ବିତାଇବୁ । ପ୍ରାଣୀମାତ୍ରକ ପରମହିତୈଷୀ ସେହି ପରମାତ୍ମା ଙ୍କ ଦିବ୍ୟଲୀଳାରେ ପ୍ରସନ୍ନ ରହିବୁ ।ମାନ-ଅପମାନ, ସୁଖ-ଦୁଃଖ, ପ୍ରତ୍ୟେକ ସ୍ଥିତିରେ ପରମାତ୍ମାଙ୍କ ଇଚ୍ଛା କୁ ଅନୁଭବ କରିବୁ । ପ୍ରତ୍ୟେକ ସ୍ଥିତିରେ ନିଜର ଜୀବନକୁ ତେଜସ୍ୱୀ, ଓଜସ୍ୱୀ ଓ ଦିବ୍ୟ କରିବା ପାଇଁ ପ୍ରଯତ୍ନ ଶୀଳ ହେବୁ ॥

ଡୁଡୁକା, ବଲାଙ୍ଗୀର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ତୁମରି ସନ୍ତକ



ଅଶୋକ କୁମାର ପ୍ରଧାନ

ତୁମେ ଦେଇଥିଲ ପ୍ରେମ ପୂର୍ଣ୍ଣ ପାତ୍ର ସାଇତି ବାକୁ ମୋ ହୃଦେ
ଆଜିବି ତାହାକୁ ସାଇତି ରଖିଛି ପଡିନ ମୁଁ କେବେ ଦ୍ୱନ୍ଦେ
ତୁମ ସ୍ମୃତି ସଦା ଅମ୍ଳାନ ଅଟଇ ଅକ୍ଷୟ କବଚ ହେଉ
ଇହ ଜନ୍ମ ସାଥେ ପରଜନ୍ମରେ ବି ସଦା ପ୍ରେମ ଗୀତ ଗାଉ।

ତୁମେ ଦେଇଥିବା ପ୍ରୀତିର ଗୋଲାପ ଗଛବି ଜୀଇଁଛି ଆଜି
ମୋର ଅଗଣାରେ ଫୁଟୁଅଛି ସେହି ପ୍ରୀତିର ସ୍ମାରକୀ ସାଜି
ଖରା ବର୍ଷା ଶୀତ ବସନ୍ତ ପବନେ ହୋଇନ ସେ ପରାହତ
ତୁମ ପାଇଁ ସଦା ଅପେକ୍ଷା କରିଛି କରିବ ଆଗକୁ ସେତ।

ତୁମେ ଯେବେ ଆସି ସେ ଗଛ ଡାଳରୁ ତୋଳନେବ ଗୋଟେ ଫୁଲ
ପ୍ରତିବାଦ ଜମା କରିବ ନାହିଁ ସେ ମାଗିବନ ତାର ମୂଲ
ଅତି ଖୁସି ହେବ ତୁମ ହାତ ସ୍ପର୍ଶେ ଖୋଜିବ ତୁମରି ଛୁଆଁ
ତୁମ ପାଇଁ ତାର ଜୀବନ ଯୌବନ ରୂପ ଲାଗେ ନିତି ନୂଆଁ।

ଥରେ ଆସି ତୁମେ ବୁଲିଯାଅ ଦେଖି ତୁମ ପ୍ରେମ ସନ୍ତକକୁ
ହସୁଛି ହସିବ ସବୁରି ପାଇଁ ସେ ରହିବ କାଳକାଳକୁ।

ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରେହିଗାଁ, ଗଞ୍ଜାମ

# ମୋର ଗାଁ

ଶ୍ୟାମସୁନ୍ଦର କୁମ୍ଭାର

ଯେନ ମାଟି ମୋର ନଲୁଆ ପଡ଼ିଛେ
ହେଟାତ ମୋର ଗାଁ
କେଡେ ଅଏନ ମାଏଟ, ପାଏନ, ପବନ
ସନ୍ଧିବାହାଲ ତାର ନାଁ ।।

ମୋର ଗାଁ ମଝି ମାଏଶିରି ଗୁଡ଼ି
ଭକତର ଦୁଃଖ ହରେ
ବୁଢ଼ାରଜା ଆମର ପୂଜା ପାଉଛନ
ବେରିପାଲି ର୍ବେଡ଼ ତରେ ।।

ସପ୍ତାକେ ଥରେ ଗୁରୁବାର ଦିନେ
ଗାଁ ନ ବସସି ହାଟ
ବଡ଼ କଟାର ପାଏନ ଝଳ ମାରୁଛେ
କେଡ଼େ ସଫା ବାଟ ଘାଟ ।।

ଗ୍ବଏର ଟା ୱାର୍ଡର ଗାଁ ଟା ଆମର
ଗାଁ ନ ଅଛେ ପଞ୍ଚେତ
ବରମାସି ମିଳେ କଞ୍ଚା ତୁନ ଶାଗ
ଶାଗୁଆ ସୁନ୍ଦର ସବୁ କ୍ଷେତ ।।

ଗାଁ ର ବୁଢ଼ା ଡଙ୍ଗର ଶାଗୁଆ ସୁନ୍ଦର
କୁରେଫୁଲ ଯାଏ କହଁରି

ଜୋର ବୁହିଯାଏ ଖଲଖଲ୍ ନୁ
ଉହୁଲେନ ଖେଲୁ ପହଁରି ।।

ପହପହନୁ ପ୍ରଭାତୀ ପାର୍ଟି
ଗାଇ ମହାମନ୍ତର
ଗାଁ ନ କରସନ ନଗର କୀର୍ତ୍ତନ
ପାପ ତାପ କେତେ ମାତର ।।

ରଥଯାତ୍ରା, ନୂଆଖାଇ ଆର
ଭାଏ ଜୀନ୍ତା ବଡ଼ଉଷା
କାର୍ତ୍ତିକ ମାସେ ପଂଚକ ବୁଡ଼ା
ମଗସିର ମାସେ ମାନବସା ।।

ଫି ବଛର ହେସି ନାମଯଜ୍ଞ
ଗହଗହ ମହମହ ଗାଁ ସାର୍
ହିଂସା ଅହଙ୍କାର ଲଛି ନେଇନ
ଭରପୁର ଅଛେ ଭାଇଚ୍ଚାର୍ ।।
ଶ୍ୟାମସୁନ୍ଦର କୁମ୍ଭାର ।

ସନ୍ଧିବାହାଲ, ଗାଇସିଲେଟ
ବରଗଡ଼

# ମୋ' ଝିଅ:ମୋ' ଜୀବନ:ଏକ ଅମୃତ ଅନୁଭବ



ଶେଷଦେବ ପଣ୍ଡା

ଅନନ୍ତ କୋଟି ଶ୍ରଦ୍ଧାର ଅମୃତ ଅନୁ-
ଭବ ମୋ' ଝିଅ, କରୁଣାମୟ
ସ୍ରଷ୍ଟାଙ୍କ ଅସୀମ ଆଶିଷ,
ସାଧନାର ଅନିର୍ବାଣ ଆଲୋକ- ବର୍ତ୍ତିକା,
କୋଟିଏ ଆଶ୍ୱାସନାର ଗୋଟିଏ କେନ୍ଦ୍ରସ୍ଥଳ ଝିଅ ମୋର ।।

ମୋ' ଝିଅଠିଁ ଦେଖିଛି ମୁଁ ବିଶ୍ୱରୂପ,
ଏକ ସଫଳ ଜାୟା ଜନନୀ- ଭଗିନୀର,ଧୈର୍ଯ୍ୟ ଓ ସହିଷ୍ଣୁତାର ମୂର୍ତ୍ତିମୟୀ ଜାହ୍ନବୀ ସେ,
ସିଏ ମୋ' ଆତ୍ମୀୟତାର  ସୁରଭିତ ବିକଚ ବ୍ରହ୍ମକମଳ, ମମତ୍ୱବୋଧର ଅଲିଭା ସ୍ୱାକ୍ଷର ।।

ମୋ' ଝିଅ ଯେତେବେଳେ ଭୂମିଷ୍ଠ ହେଲା ଏ ପୃଥିବୀ ହୋଇଗଲା ବାଙ୍ଗମୟ,
ଲୋଡିବାପଣର ଆଦ୍ୟ ଓଁକାର ସେ,
କଳା-ବିଜ୍ଞାନ-ସୃଜନର ଦେଦୀପ୍ୟମାନ ଝଂକାର ସେ,
କରିଅଛି ପ୍ରମାଣିତ ଦ୍ରୋଣ-ଦର୍ଶିତ ନୟମ  'ଶାସ୍ତ୍ରାଦପି-ଶରାଦପି'
ଧରା ଜୟ ଅର୍ଥେ ।।

ଝିଅରଙ୍କୁଣା କାହିଁକ ହେବିନ,
ମୋ' ଝିଅ ଯେତେବେଳେ ଅନେକ ପୁଅଙ୍କ ପାଇଁ ସଫଳତାର ଚରମ ଦୃଷ୍ଟାନ୍ତ,
ମୋ' ଯାତ୍ରାର ସହଯାତ୍ରୀ,
ପ୍ରେରଣାର ଉତ୍ସ,ବିମୁଗ୍ଧ ମୁଁ ତା'ର ପ୍ରଚଣ୍ଡ ଜୀବନୀଶକ୍ତିରେ ।।

ଆଂଜୁଳାଏ ଅମୃତ ସିଞ୍ଚି ମୋ' ଝିଅ ଗଢିଛି ନୂଆ ବସୁନ୍ଧରା,
ସମସ୍ୟା-ସଂକୁଳ ସଂସାରରେ ବାସ୍ତବିକ ମରୁଦ୍ୟାନଟିଏ ସେ,
ତା' ସ୍ନେହ ସୋହାଗରେ ଆତ୍ମହରା ମୁଁ,ଲୋଡୁଛି ପିତୃତ୍ୱ ତା'ର
ଜନ୍ମ ଜନ୍ମାନ୍ତରେ ।।

"ସୃଷ୍ଟିନୀଡ"
ମୁଦଲସର, ପାଟଣାଗଡ
ବଲାଙ୍ଗିର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଅଶ୍ରୁ।।।।



ରଶ୍ମିତା ସାହୁ

ଘୃଣା କରେ ତୁମକୁ,
ମୁଁ ଘୃଣା କରେ ତୁମକୁ..
ତୁମ ଆଗମନରେ ଭରିଯାଏ କୋହ ମୋ ଛାତିରେ,
ତୁମ ଆଗତରେ ଅସ୍ୱଷ୍ଟ ଦିଶେ ଛବି ମୋ ଆଖିରେ..
ଭଲପାଏ ମୁଁ ତୁମକୁ ଗୋପନ ରଖିବାକୁ,
ଭୟକରେ ମୁଁ ତୁମ ଉନ୍ମୋଚନ କୁ..
ଚାଁହେନା ମୁଁ--ତୁମେ ମୋ ଆଖିରେ ଶୋଭିପାଅ,
ଚାଁହେନା ମୁଁ--ତୁମେ ମୋ ଦୁର୍ବଳ ର କାରଣ ହୁଅ..
ଚାଁହେନା ମୁଁ--ତୁମ ଯୋଗୁଁ ଉପେକ୍ଷିତ ଅବା ଲଜ୍ଜିତ ହେବାକୁ,
ଚାଁହେନା ମୁଁ--ତୁମ ଯୋଗୁଁ ଉପହାସ ର ପାତ୍ର ହେବାକୁ..
ଘୃଣା ସତ୍ତ୍ୱେ ବି ମୁଁ ସ୍ୱୀକାର କରେ,
ଅବିଚ୍ଛେଦ୍ୟ ସମ୍ପର୍କ ତୁମ ସହ ମୋର...
ପର ନୁହଁ ତୁମେ ଅଟ ଆପଣାର,
ତୁମେ ପର୍ବ ମୋର ଅଶ୍ରୁ ଚକ୍ଷୁ ଯୁଗଳର।।।।।

ଛତ୍ରପୁର(ଗଞ୍ଜାମ)

# ଭାଷ୍ୟକାର
# (ପ୍ରବନ୍ଧ)



ସରୋଜ କୁମାର ଜେନା

**ଭାଷ୍ୟକାର ର ଅର୍ଥ -** କଛି ଗୋଟେ ପଦର୍ଶିତ ହେଉଥିବା ଜିନଷ ନଜ ସମ୍ମୁଖରେ । ଯଥା ଖେଳ, ସାଂସ୍କୃ ତି କ କାର୍ଯ୍ୟକ୍ରମ ।ଏହାକୁ କଛି କଛି ମିଠା କଥା କହି ଏହି କାର୍ଯ୍ୟକ୍ରମ ସମ୍ବନ୍ଧ ରେ ଲୋକ ଙ୍କ ମନ ଜିଣୁଥିବା ତତ୍ ସହିତ ଏହାର ଆରମ୍ଭ ରୁ ଶେଷ ପର୍ଯ୍ୟନ୍ତ ଟିକ ନଖି ତଥ୍ୟ ଦେଉଥିବା ବ୍ୟକ୍ତି ତଥା ଧାରା ବିବରଣୀ ଦେଇ ଉପସ୍ଥିତ ଜନତା ତଥା ଦୂରରେ ଥିବା ଶ୍ରୋତା ଏହି କାର୍ଯ୍ୟକ୍ରମ କୁ ସଠିକ୍ ଭାବରେ ଜ୍ଞାତ ଯେଉଁ ବ୍ୟକ୍ତି କରାଇ ପାରନ୍ତି । ତେଣୁ ଏହି କାର୍ଯ୍ୟକ୍ରମ କୁ ଯେଉଁ ମାନେ ସମ୍ପାଦନା କରନ୍ତି ତାଙ୍କୁ ଭାଷ୍ୟକାର କୁହାଯାଏ ।

**ଭାଷ୍ୟକାର ର ସୃଷ୍ଟି -** ଇତିହାସ କହେ ଏକଦା ଦ୍ୱାପରେ ଯୁଗରେ ମହାଭାରତ ଯୁଦ୍ଧ ସମୟରେ ରାଜା ଯୁତରାଷ୍ଟ୍ର ଅନ୍ଧ ହୋଇଥିବାରୁ ମହାଭାରତ ଯୁଦ୍ଧ କୁ ଦେଖି ପାରୁ ନଥିଲେ । ଯେହେତୁ ଏହା କୌରବ ଏବଂ ପାଣ୍ଡବ ମାନଙ୍କ ମଧରେ ହେଉଥିଲା ସେଥିପାଇଁ ସେ ପାଖରେ ବିଦୁର ଙ୍କ ପୁତ୍ର ସଞ୍ଜୟ ଙ୍କୁ ପାଖରେ ରଖିଥିଲେ । ପ୍ରଭୁ କୃଷ୍ଣ ସଞ୍ଜୟ ଙ୍କୁ ଅଲୌକିକ ଦୂର ଦୃଷ୍ଟି ପ୍ରଦାନ କରିଥିଲେ। ଯାହା ବଳରେ ମହାଭାରତ ରଣ କ୍ଷେତ୍ରରେ ହେଉଥିବା ଘଟଣା କ୍ରମ ସବୁ କଥା ମାଧମରେ ଯୁତରାଷ୍ଟ୍ର ଙ୍କୁ ଜଣାଉ ଥିଲେ । ତେଣୁ ଏହା ଭାଷ୍ୟକାର ଭାବେ ସେ ବିବେଚତ ହୋଇଥିଲେ । ତେଣୁ କଛି ଗବେଷକ ଙ୍କ ମତରେ ଭାଷ୍ୟକାର ର ସୃଷ୍ଟି ଦ୍ୱାପର ଯୁଗରୁ ସୃଷ୍ଟି । ସଞ୍ଜୟ ଥିଲେ ଜଣେ ଦକ୍ଷ ଭାଷ୍ୟକାର ।

**ଏବେର ଭାଷ୍ୟକାର -** ଏବେ ପ୍ରାୟ ସବୁ ଖେଳରେ ହେଉ କମ୍ବା ଟେଲିଭିଜନ ରେ ହେଉ କମ୍ବା ଆକାଶ ବାଣୀ ରେ ହେଉ ସଂପ୍ରତି ଗାଁ ଗହଳ ରେ ହେଉ କମ୍ବା ସହର ରେ ହଉ ଯେ କୌଣସି କ୍ରୀଡ଼ା କମ୍ବା ବିଭିନ୍ନ କାର୍ଯ୍ୟକ୍ରମ ରେ ଏବେ ଭାଷ୍ୟକାର ମାନଙ୍କୁ ଦେଖିବାକୁ ମିଳୁଛି। ଯଦିଓ ଦେଖିବେ କୌଣସି କାର୍ଯ୍ୟକ୍ରମ ରେ ମଞ୍ଚ ପରିଚାଳନା ବ୍ୟକ୍ତି ଙ୍କୁ ଆଜିକା ସମୟରେ ପ୍ରାୟ ଭାଷ୍ୟକାର ବୋଲି ବିବେଚତ କରୁ ନାହାନ୍ତି । କମ୍ବା ଟେଲିଭିଜନ ର କାର୍ଯ୍ୟକ୍ରମ କମ୍ବା ସମ୍ବାଦ ଖବର ପଢ଼ିବା ଆକାଶ ବାଣୀ ଏବଂ ଟେଲିଭିଜନ ରେ ଏହି

ପଢୁଥିବା ବ୍ୟକ୍ତି ଙ୍କୁ ଭାଷ୍ୟକାର ରୂପେ ସାଧାରଣ ଲୋକ ବିବେଚତ କରୁନାହାନ୍ତି । ପ୍ରକୃତ ରେ ସମ୍ବାଦ ଖବର ପଢୁଥିବା ବ୍ୟକ୍ତି ପ୍ରାୟ ସାମ୍ବାଦିକତା ପାଠ ଅର୍ଜନ କରି ସାମ୍ବାଦିକ ହିସାବରେ ଗଣନା ହେଉଛନ୍ତି । ତତ୍ ସହିତ ମଞ୍ଚ କମ୍ବା ଟିଭି ରେ କମ୍ବା ଆକାଶ ବାଣୀ ରେ କାର୍ଯ୍ୟକ୍ରମ ସମ୍ପାଦାନ କରୁଥିବା ବ୍ୟକ୍ତି ଙ୍କୁ ଆଙ୍କର୍ ଭାବେ ବିବେଚନା କରୁଛନ୍ତି । ବିଶେଷ କରି କ୍ରୀଡ଼ା କ୍ଷେତ୍ରରେ ଯେଉଁ ମାନେ ଧାରାବିବରଣି ଦିଅନ୍ତି ସେମାନଙ୍କୁ ଭାଷ୍ୟକାର କହୁଛନ୍ତି ।

**ଭାଷ୍ୟକାର ପାଠ୍ୟକ୍ରମ -** ହଁ ଆଜ୍ଞା ଏହି ଉପରେ ଯଦି ପାଠ ପଢିବା ପାଇଁ ଚାହୁଁଛନ୍ତି ଆଜିକାଲି ବିଭିନ୍ନ ଅନୁଷ୍ଠାନର ରେ ଏହି ଉପରେ ପାଠ୍ୟକ୍ରମ ପ୍ରଦାନ କରାଯାଉଛି । ଯଦିଓ ଦେଖିବା ସମ୍ବାଦ ଖବର ପଢିବା ପାଇଁ ଟେଲିଭିଜନ କମ୍ବା ଆକାଶ ବାଣୀ ନମନ୍ତେ ଏହା ବାବଦ କୁ ସାମ୍ବାଦିକତା ପାଠ୍ୟକ୍ରମ ସହିତ ଏହି ଉପରେ ପଢ଼ାଯାଏ । ଯାହା ପ୍ରାୟ ଏଥିରେ ସ୍ନାତକ କରିବାକୁ ପଡ଼େ । ଆଉ ଟେଲିଭିଜନ କାର୍ଯ୍ୟକ୍ରମ କମ୍ବା ଆକାଶ ବାଣୀ ରେ କାର୍ଯ୍ୟକ୍ରମ ରେ କମ୍ବା ମଞ୍ଚ ପରିଚାଳନା କାର୍ଯ୍ୟକ୍ରମ ରେ ବିଭିନ୍ନ ସ୍ମୃତି ମଧୁର କଣ୍ଠରେ ଯେଉଁ ମାନେ କୁହନ୍ତି ଏହାକୁ ସମ୍ପାଦନା କରନ୍ତି ଏଥିରୁ କଛି ପାଠ ପଢିଥାନ୍ତି ଆଉ କଛି ନଜସ୍ୱ ଶୈଳୀ ରେ କରନ୍ତି । ସେହିପରି କ୍ରୀଡ଼ା ଉପରେ ଯେଉଁ ମାନେ କରନ୍ତି ଏମାନେ ମଧ କଛି ପଢ଼ିଥାନ୍ତି ଆଉ କଛି ଖେଳାଳ ଅବସର ନେଲା ପରେ ଏହା ସମ୍ପାଦନା କରୁଛନ୍ତି ଯାହାର ଏହା ପ୍ରତି ଭଲ ଅଭିଜ୍ଞତା ଥାଏ ।

**କ୍ରିକେଟ ଭାଷ୍ୟକାର -** ସାରା ବିଶ୍ୱରେ ଏବେ କ୍ରିକେଟ ସମସ୍ତଙ୍କ ମନ ଜିଣିଛି । ତେଣୁ ଏହି ଖେଳ ଏତେ ଲୋକ ପ୍ରିୟ ଲାଭ ଅର୍ଜନ କରିଛି । ଏଥିରେ ଏକ ଭଲ ଜିନଷ ହେଉଛି ଧାରାବିବରଣୀ । ଯାହା ଦର୍ଶକ ଓ ଶ୍ରୋତା ଙ୍କ ମନରେ ଉତ୍ସାହ ବଢ଼ାଇ ଦେଇଥାଏ ।

**ପ୍ରମୁଖ କ୍ରିକେଟ ଭାଷ୍ୟକାର -** ସାରା ବିଶ୍ୱରେ ଯଦିଓ ଦେଖିବା ବର୍ତ୍ତମାନ ପ୍ରଚୁର ଭାଷ୍ୟକାର ପ୍ରାୟ ବହୁତ ଖେଳ ଚାନେଲ ପାଇଁ ଧାରା ବିବରଣୀ ଦେଉଛନ୍ତି । ସେମାନେ ହେଲେ - ରବି ଶାସ୍ତ୍ରୀ, ରମିଜ ରାଜା, ରସଲ୍ ଆର୍ଣୋଲଡ୍, ଟୋନ ଗ୍ରେକ୍, ସଞ୍ଜୟ ମଞ୍ଜେରକର, ଅରୁଣ ଲାଲ୍, ଆକାଶ ଚୋପ୍ରା, ସିଧୁ, ୱାସିମ୍ ୱାକ୍ରମ୍, ଇଆନ୍ ଚାପେଲ୍, କପିଲ୍ ଦେବ୍, ଦେବ୍ ଦାସ ଗୁପ୍ତା, ଲକ୍ଷ୍ମଣ ଶିବ ରାମ କୃଷ୍ଣ, ସୁଶିଲ ଦୋଶି, ଅଜୟ ମେହେରା, ଇଆନ ବିଶ୍ଠ, ଦାରେନ ଗଙ୍ଗା, ଅଞ୍ଜୁମ୍ ଚୋପ୍ରା, ମୁରଲୀ କାର୍ତ୍ତିକ, ଭି ବି ଏସ ଏସ ଲକ୍ଷ୍ମଣ, ନୟନ ମୋଙ୍ଗିଆ, ଗୁରପିତ ସିଂହ, ନାସିର ହୁସେନ, ଡି ଜୋନସ୍, ସାଇମନ ଦଲ, ଡାନ

ମୋରିସନ୍, ହାର୍ଷା ବୋଗେଲେ, ଇଆନ ସ୍ମିଥ, ସୌରଭ ଗାଙ୍ଗୁଲି, ସୁନିଲ ଗାଭାସ୍କାର, ବିରେନ୍ଦ୍ର ସେହେୱାଗ, ଯତୀନ ସାପ୍ରୁ, ସୋହେବ ଅକତର, ଏମିତି ଅନେକ ନାମି ଦାମୀ କ୍ରିକେଟ ଭାଷ୍ୟକାର ପ୍ରାୟ ବିଶ୍ୱରେ ଅଛନ୍ତି ।

ଭାରତ କ୍ରିକେଟ ଭାଷ୍ୟକାର - ସାରା ବିଶ୍ୱରେ ଯଦିଓ ଦେଖିବା ବର୍ତ୍ତମାନ ପ୍ରଚୁର ଭାଷ୍ୟକାର ପ୍ରାୟ ବହୁତ ଖେଳ ଚ୍ୟାନେଲ ପାଇଁ ଧାରା ବିବରଣୀ ଦେଉଛନ୍ତି । ସେମାନେ ହେଲେ - ରବି ଶାସ୍ତ୍ରୀ, ସଞ୍ଜୟ ମଞ୍ଜେରେକର, ଅରୁଣ ଲାଲ୍, ଆକାଶ ଚୋପ୍ରା, ସିଧୁ, ମହମ୍ମଦ କୈଫ୍, ସୌରଭ ଗାଙ୍ଗୁଲି, କପିଲ୍ ଦେବ୍, ଦେବ୍ ଦାସ ଗୁପ୍ତା , ଲକ୍ଷ୍ମଣ ଶିବ ରାମ କୃଷ୍ଣ, ସୁଶିଲ ଯୋଶୀ, ଅଜୟ ମେହେରା, ଅଞ୍ଜୁମ୍ ଚୋପ୍ରା, ମୁରଲୀ କାର୍ତ୍ତିକ, ଭି ବି ଏସ ଏସ ଲକ୍ଷ୍ମଣ, ନୟନ ମୋଙ୍ଗିଆ, ଗୁରପିତ ସିଂହ, ହାର୍ଷା ବୋଗେଲ, ଅଜୟ ଜାଡେଜା, ବିରେନ୍ଦ୍ର ସେହେୱାଗ, ସୁନିଲ ଗାଭାସ୍କର, ଯତୀନ ଶାପ୍ରୁ ।

ପ୍ରମୁଖ ଆକାଶ ବାଣୀ, ଟେଲିଭିଜନ, କ୍ରିକେଟ ଭାଷ୍ୟକାର (ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ) - ସୁଶିଲ ଦୋଶି, ଯାହାଙ୍କର କଣ୍ଠ ପ୍ରାୟ କପିଲ୍ ଦେବ୍ ଙ୍କ ଭଳି ମିଶିଯାଏ । କିନ୍ତୁ ତାଙ୍କ ଧାରାବିବରଣୀ ଜିଏବି ଶୁଣିବ ସେ ଟେଲିଭିଜନ ହେଉ କିମ୍ବା ଆକାଶ ବାଣୀ ରେ ହେଉ ନିଶ୍ଚିତ ମନ୍ତ୍ର ମୁଗ୍ଧ ହୋଇ ଯିବେ । ମନରେ ଶିହରଣ ଖେଳିଯିବ ।

ଅନ୍ୟ ଭାରତୀୟ ହିନ୍ଦୀ ଭାଷ୍ୟକାର - ପ୍ରାୟ ସମସ୍ତଙ୍କ ଧାରା ବିବରଣୀ ଭଲ ଲାଗେ । କିନ୍ତୁ ସେ ସିଧୁ ଙ୍କ ଧାରା ବିବରଣୀ ତତ୍ ସହିତ ସୁଶିଲ ଦୋଶି, ଆକାଶ ଚୋପ୍ରା, ଅଜୟ ମେହେରା, ନରେନ୍ଦ୍ରତ୍ତମ ପୁରୀ, ଗୁରପିତ୍ ସିଂହ, ନୟନ ମୋଙ୍ଗିଆ, ଅଞ୍ଜୁମ୍ ଚୋପ୍ରା, ଅରୁଣ ଲାଲ୍, ଏମାନଙ୍କ ହିନ୍ଦୀ ଧାରା ବିବରଣୀ ମାଧ୍ୟମରେ ଏମାନେ ଏକ ସ୍ୱତନ୍ତ୍ର ପରିଚୟ ଭାଷ୍ୟକାର ହିସାବରେ ପରିଗଣିତ ହୋଇ ପାରିଛନ୍ତି । ଯଦିଓ ଆମର ଭାରତର ଆହୁରି ଭାଷ୍ୟକାର ଅଛନ୍ତି ।

ଇଂରାଜୀ ଭାରତୀୟ ଭାଷ୍ୟକାର ଯିଏକି ଖ୍ୟାତନାମା - ରବି ଶାସ୍ତ୍ରୀ, ସୁନିଲ ଗାଭାସ୍କର, ସଞ୍ଜୟ ମଂଜେରେକର, ଲକ୍ଷ୍ମଣ ଶିବ ରାମ କୃଷ୍ଣ, ସୌରଭ ଗାଙ୍ଗୁଲି, ଅରୁଣ ଲାଲ୍, ହାର୍ଷା ବୋଗେଲେ, ଅଜୟ ମେହେରା, ଆକାଶ ଚୋପ୍ରା , ଭି ବି ଏସ ଏସ ଲକ୍ଷ୍ମଣ, ଏମିତି ଅନେକ କିଛି ଅଛନ୍ତି ଯିଏକି ଆମ ଭାରତ ପାଇଁ ଗର୍ବ ଆଉ ଗୌରବ ଅର୍ଜନ କରିଛନ୍ତି ଭାଗଷ୍ୟକାର ମାଧ୍ୟମରେ ।

**ମୋ ସହିତ ଜଡ଼ିତ ମଧ୍ୟ ଭାଷ୍ୟକାର -** ମୁଁ ସରୋଜ କୁମାର ଜେନା । ସାହିତ୍ୟ ରେ ରୁଚି ରଖିବା ସହିତ । କ୍ରିକେଟ ମୋର ଏକ ଅବିଚ୍ଛେଦ୍ୟ ଅଙ୍ଗ କହିବାକୁ ଗଲେ ଅତ୍ୟୁକ୍ତି ହେବ ନାହିଁ । ପିଲାଟି ଦିନରୁ କ୍ରିକେଟ ପ୍ରତି ଭାରି ଆଗ୍ରହ ଥିଲା । ଦାଦା ଙ୍କ ସହିତ ଖେଳ ପଡ଼ିଆ କୁ ଯାଇ କ୍ରିକେଟ ପ୍ରତି ଆକର୍ଷିତ ହୋଇଥିଲି, ପରବର୍ତ୍ତୀ ସମୟ ରେ କ୍ରିକେଟ ଉପରେ ବହୁତ ତଥ୍ୟ ସଂଗ୍ରହ କରିବାକୁ ଇଚ୍ଛା ବଳେଇଲି। କିଛି ବର୍ଷ ଖେଳଲା ପରେ କିନ୍ତୁ ଭାଗ୍ୟ ମୋ ପ୍ରତି ଦାଉ ସାଜିଲା, ବାମ କାନ୍ଧ ହାଡ଼ ଭାଙ୍ଗିଗଲା ପରେ । ଭାରି ଦୁଃଖ ଲାଗିଥିଲା । କିନ୍ତୁ କ୍ରିକେଟ ପ୍ରତି ମନଉଣା କରି ନଥିଲି । ଧିରେ ଧିରେ ଗ୍ରାମାଞ୍ଚଳ କ୍ରିକେଟ ପ୍ରତିଯୋଗିତା ଗୁଡ଼ିକ ରେ ଭାଷ୍ୟକାର ହିସାବରେ ଉଭା ହୋଇ ଛିଡ଼ା ହେଲି । ପ୍ରାୟ ବନ୍ଧୁ ଓ ଦର୍ଶକ ଙ୍କୁ ମୁଁ ମୋ ଧାରା ବିବରଣୀ ବଳରେ ବାନ୍ଧି ରଖିବାକୁ ଚେଷ୍ଟା କରେ । ଯାହା ପରବର୍ତ୍ତୀ ସମୟରେ ମୋତେ ଆସି କିଛି ଧନ୍ୟବାଦ ଜ୍ଞାପନ କରନ୍ତି । ଯାହା ମୋତେ ଉତ୍ସାହ ଲାଗେ । ମୁଁ ପ୍ରାୟ ଧାରା ବିବରଣୀ ସମୟରେ ପ୍ରାୟ ଅନ୍ତ ରାଷ୍ଟ୍ରୀୟ ଖେଳ ଖବର ଉଦାହରଣ ଦେଇ ଦର୍ଶକ ଙ୍କ ମନ ମୋହେ । ଯାହା ଫଳରେ ଖେଳାଳି ମଧ୍ୟ ମନ ପ୍ରାଣ ଦେଇ ଖେଳ ପଦର୍ଶନ କରନ୍ତି । ଆଜି ଆମ ଉପଖଣ୍ଡ ରେ ଜଣେ ଭଲ ଭାଷ୍ୟକାର ହିସାବରେ ମୋତେ ବିବେଚତ କରନ୍ତି । ଏହା କେତେଦୂର ସଠିକ୍ ମୁଁ ଜାଣିନି ।ତଥାପି ମୋ କାର୍ଯ୍ୟ ଲେଖିବା ସହିତ ଭାଷ୍ୟକାର ଭୂମିକା ଜାରି ରଖିଛି । କ୍ରିକେଟ ନିୟମ ଉପରେ ସବୁ ବେଳେ ଧ୍ୟାନ ଦିଏ ।

**ଶେଷରେ ଭାଷ୍ୟକାର ଉପରେ ସାମାନ୍ୟ ବିବୃତି -** ଏହା ମାଧ୍ୟମରେ ଆପଣ ଯଦିଓ ସମାଜ ରେ ଭବିଷ୍ୟତରେ କିଛି କ୍ରିକେଟ କିମ୍ବା ଅନ୍ୟ କ୍ରୀଡ଼ା ରେ କ୍ୟାରିୟର କରିବା ପାଇଁ ଚାହୁଁଛନ୍ତି ନିଶ୍ଚିତ କରି ପାରିବେ । ସବୁ ବେଳେ ଏହା କେଉଁ ଆଦିମ ଓ ପୁରାଣ କାଳରୁ ରହି ଆସିଛି ରହିଥିବ ମଧ୍ୟ । ଯାହା ଦିନକୁ ଦିନ ଲୋକ ପ୍ରିୟ ହେବାରେ ଲାଗିଛି । ଏଇ ଯେଉଁ ଭଳି ଆମ ଦେଶର ପୂର୍ବତନ ଖେଳାଳି ମାନେ ଏହାକୁ ମଧ୍ୟ ଆପଣେଇ ନେଇଛନ୍ତି । ଏହାକୁ ଯଦିଓ ଆପଣ କେତେବେଳେ କେଉଁଠି କରୁଛନ୍ତି ଗୋଟିଏ ପ୍ରତି ଧ୍ୟାନ ଦେବେ ଦର୍ଶକ ଆଉ ଶ୍ରୋତା ଙ୍କୁ ଆପଣଙ୍କ ଆଡ଼େ ଭିଡ଼ିବା ପାଇଁ ତତ୍ ସହିତ ଏମିତି ଧାରା ବିବରଣୀ ଦିଅ ଖେଳାଳି ମାନେ ଉତ୍ସାହ ସହକାରେ ଖେଳିବେ ।

**ଓଡ଼ିଶାର ଦକ୍ଷ ଅଭିନେତ୍ରୀ ତଥା କ୍ରୀଡ଼ା ଭାଷ୍ୟକାର -** ସୁନୀତା ଗରାବଡୁ । ଯିଏକି ନିଜ ଅଭିନୟ ସହିତ ସୁନ୍ଦର କଣ୍ଠ ସହିତ କ୍ରିକେଟ ଟି ୨୦ ବିଶ୍ୱକପ ରେ। ଅନ୍ତ ରାଷ୍ଟ୍ରୀୟ କ୍ରିକେଟ ରେ ଭାଷ୍ୟକାର ଭୂମିକା ନିଭାଇ ଓଡ଼ିଶା ପାଇଁ ଗର୍ବ ଆଉ ଗୌରବ ଆଣିଛନ୍ତି ।

ତତ୍ ସହିତ ହକ ଇଣ୍ଡିଆ ଲିଗ୍ ଏବଂ ଆଇପିଏଲ ରେ ମଧ ଭ୍ବିଷ୍ୟକାର ଭୂମିକା ନଭ୍ଇଛନ୍ତି ।

**ଶେଷ ମନ୍ତବ୍ୟ** - ଆଶା କରୁଛି ଭଭ୍ବିଷ୍ୟକାର ମାନଙ୍କ ଉତ୍ପନ୍ନ ଆଉ କଭଳ କାର୍ଯ୍ୟକଳାପ ଜାଣି ପାରିଥିବେ ।

"ଜୟ ଶିବ ଶମ୍ଭୁ, ଜୟ ମାଆ ଭଟ୍ଟାରିକା"

ବାଲିଝରୀ, ନରସିଂହପୁର, କଟକ

**ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।**

**www.editor.vedantimagazine@gmail.com**

# ଶୀତ ସକାଳର ଗାଉଳ ଗୀତ



ଭଗିରଥୀ ଯାନୀ

କୁକ୍କୁଟ ଡାକନ୍ତି ପାହାନ୍ତାରୁ ଉଠ
ରାତ୍ରିର ଶେଷ ପ୍ରହରେ,
ଶୀତେ ଥରି ଥରି କମ୍ବଳ ସଜାଡି
ପାଦ ଚାଲେ ଧିରେ ଧିରେ।।

ନଆଁକୁ ଅଣ୍ଡାଳେ ପାହାନ୍ତା ରାତିରୁ
ଶୀତେ ସେ ଥରିବ କଆଁ,
ପାଖରେ ନ ଥାଏ ଡିବି ଦିଆସିଲି
ଲିଭି ଯାଇଥାଏ ନଆଁ।।

କାଠ ଆଉ ଝାଟି ଏକତ୍ରିତ କରି
ନଆଁ ଜାଳ ସରାଗରେ,
ତା' ଥଣ୍ଡା ଦେହକୁ ଉଷୁମ କରନ୍ତି
ସେକ ହୋଇ ଆରାମରେ।।

ନଆଁ ଧୁଆଁ ଦେଖି ପାଖକୁ ଆସନ୍ତି
ଜଣେ ପରେ ଜଣେ ବ୍ୟକ୍ତି,
ହାତ ମୁହଁ କାନ ଟିକେ ସେକ ହେଲେ
ଥଣ୍ଡାରୁ ମିଳଇ ଶାନ୍ତି।।

କୁହୁଡିରେ ଲୁଚ ସୂର୍ଯ୍ୟ ଆସେ ଉଇଁ
ସଙ୍ଗେ ନେଇ ବାସ୍ତବତା,
ଉଷ୍ମତା ପାଇଁ ରହିଥାନ୍ତି ଗୃହିଁ
ଆବାଳ ବୃଦ୍ଧ ବନତା।।

ଶୀତ ସକାଳର ଏ ଗାଉଁଳ ଗୀତ
କାକର ବିନ୍ଦୁର ସ୍ୱର୍ଶ,
ବୁଝନ୍ତି କେବଳ ଗ୍ରାମାଞ୍ଚଳ ଲୋକ
ଉପଲବ୍ଧିର ଆଭ୍ୟଷ।।

ଦଳପଡା,ଖଜୁରୀପଡା, ଫୁଲବାଣୀ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା –
୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

www.editor.vedantimagazine@gmail.com

# କୁହୁଳ କୁହୁଳ ଜଳେ ଯଉବନ



ପ୍ରତିମା ମେହେର

କୁହୁଳ କୁହୁଳ ଜଳେ ଯଉବନ
ସୁଗନ୍ଧ ପ୍ରିୟା'ର ବାସେ
ମଉଳ ମଉଳ ଯାଏରେ ଜୀବନ
ପ୍ରିୟା ହସେ ଦରହାସେ ||

ଦରଦୀ ହୃଦୟ ଜଳ ଜଳ ଯାଏ
ବିରହ ସଳତା ହୋଇ
ଆଶା'ର କରଣ ଲିଭି ଲିଭି ଯାଏ
ଅକାରଣେ ଭଲ ପାଇ||

ଛପି ଛପି ଆସେ ବୟସ'ର ଭ୍ରମର
ନଦରୁ ଉଠାଇ କହେ
ଝିଲି ମିଲି ତୋର ମୁକୁତା'ର ହାର
ଆଉ କରେ ତୋତେ ଶୋହେ||

ଟିକ ଟିକ ଆଶା ସାଗ୍ ଜୀବନର
ଉଡ଼େ ଏବେ ଡ଼େଣା ମେଲି
ଖୁଲି ଖୁଲି ହସେ କହେ ପ୍ରିୟା ମୋର
ହାରିଗଲ ତୁମେ ବୋଲି ||

କେତେ ଯେ ଯାତନା ଘର କରିନେଲେ
ଅଜଣା ଅତିଥି ହୋଇ
କହିବି କପରି ବୁଝିବ କଏ ସେ
ଜଳେ ଅହରହ ମୁହିଁ ||

ନୀଳ ନୀଳ ସ୍ୱପ୍ନ ଯୋଛନା ରାତିରେ
ହସେ ଝରି ଝରି ହୋଇ
ଚେଇଁ ସ୍ୱପ୍ନ ଦେଖେ ତୁମରି ବାହୁରେ
ଝୁଲେ ଗୀତ ଗାଇ ଗାଇ||

ଅବାନ୍ତର ସବୁ ମନର ଭାବନା
କାଳାନ୍ତରେ ଯାଏ ହଜି
ଅଝଟ ନାୟୀକା ମୋ'ମନ ବୁଝେନା
ଭାବନା ରେ ଥାଏଁ ମଜି ||

ଶିରି ଶିରି ବାଆ ଚେତେଇ ଦିଏ ସେ
ଘନ ଅନ୍ଧକାର ବୋଲି
ଯବନକା ଟାଣେ ଜୀବନେ କଏ ସେ
ଛୁଇଁ ଦେଇ ଯାଏ ଚାଲି||

ପାଟଣାଗଡ଼

# ଶ୍ରମିକ

ସୌମ୍ୟାଶ୍ରୀ ନାୟକ

କର୍ମର ଅନ୍ୟ ନାମ ଯେ ଶ୍ରମ,
ଶ୍ରମ ହେଉଛି ସ୍ୱଭାବସିଦ୍ଧ ଧର୍ମ,
ଶ୍ରମ ବିନା କାର୍ଯ୍ୟ ନୁହେଁ ସମ୍ଭବପର,
ଶ୍ରମିକ ହିଁ କରିପାରେ ଶ୍ରମର ବିସ୍ତର ।

କୋଟିକୋଟି ଟଙ୍କାର ଯୋଜନା ନିର୍ମାଣ,
ନଭଚୁମ୍ବି ପ୍ରାସାଦ ପୁଣି ସଡକ ନିର୍ମାଣ,
ଶ୍ରମିକ କରେ କେତେ କଠିନ ପରିଶ୍ରମ,
କେତେ କଷ୍ଟ ଆହା ମନୁଷ୍ୟ ଜନମ ।

ଶ୍ରମିକ ଅଟନ୍ତି ମହତକାରୀ,
ସମ୍ମାନ ଦେବା ତାଙ୍କୁ ନିହାତି ଜରୁରୀ,
ଜୀବନ ଗଠନରେ ଶ୍ରମର ଗୁରୁତ୍ୱ ଅଧିକ,
ଶ୍ରମିକ ହିଁ ପୂର୍ଣ୍ଣ କରେ ଯୋଜନା ଅନେକ ।

ଶ୍ରମ ବିନା ସମୃଦ୍ଧି ଅସମ୍ଭବ ଅଟେ,
ଶ୍ରମିକ ଯୋଗୁଁ କାର୍ଯ୍ୟ ସମ୍ପନ୍ନ ଘଟେ,
ଅକ୍ଲେଶତା ମନୋଭାବ ଦୂରେଇ ଯିବ,
ଶ୍ରମର ମର୍ଯ୍ୟାଦା ଯେବେ ବୃଦ୍ଧି ପାଇବ ।

ଶ୍ରମିକ ଭାଇଙ୍କୁ ସମ୍ମାନ ଦେବା,
ପରିଶ୍ରମର ଉଚିତ୍ ମୂଲ୍ୟ ପ୍ରଦାନ କରିବା,
ଜନ ସଚେତନତା ଆଗେଇ ନେବା,
ଶ୍ରମିକମାନଙ୍କୁ ଉଚ୍ଚରେ ରଖିବା ।

ପାପଡାହାଣ୍ଡି, ନବରଙ୍ଗପୁର

# ଧନ୍ୟରେ ସେଲଫି



ଝରଣା ବାରିକ

ଏମିତି କେତେ କଥା ଭୁଲି ହେଇଯାଏ ଆଉ କଛି କଥା ମନ ଭିତରେ ଅଲିଭା ସ୍ମୃତି ଟିଏ ହୋଇ ରହିଯାଏ ସବୁଦିନ ପାଇଁ। ଯେତେ ଚେଷ୍ଟା କଲେ ଭୁଲି ହୁଏନାହିଁ ସେ ଦିନର କଥା। ଆଜିବି ଭାବିଲେ ଆଖିରେ ଲୁହ ଜକେଇ ଆସେ।

ଜୀବନରେ ଅନେକ ଥର ଧୋକା ଖାଇଲେବି ସୁଧୁରି ପାରୁ ନାହାଁନ୍ତି ସନ୍ତୋଷ ବାବୁ । ବାରମ୍ବାର ସେଇ ଭୁଲ କରି ବସୁଛନ୍ତି ସେ । ଆଜି ବି ସମସ୍ତଙ୍କ ପ୍ରତି ତାଙ୍କର ବହୁତ ବିଶ୍ବାସ। ଯିଏ ଯେତେ ଖରାପ ହେଉ ନାଁ କାହିଁକି ତାଙ୍କ ଆଖିରେ ସମସ୍ତେ ଗୋଟା ତୁଳସୀ । କାହା ପାଇଁ ତାଙ୍କ ମନରେ ତିଳେ ମାତ୍ର ଅବିଶ୍ବାସ ନାହିଁ। ଯାହା ସହିତ ମିଶିଲେ ସେ ଗୋଟା ପଣେ ତାଙ୍କର। ଆଜିକାଲି ଲୋକମାନେ ଉପରେ ଉପରେ ପାଣି ଛିଞ୍ଚି ଭିତରେ ଚେର କାଟିବାରେ ମାହିର। ସେ କଥା ପତ୍ନୀ ରୀତା ଦେବୀ ଯେତେ ବୁଝାଇଲେ ବି ସେ କଥା କାନରେ ପୁରେଇ ବାକୁ ବାବୁ ନାରାଜ। ପତ୍ନୀ ଙ୍କ କଥାକୁ ହସରେ ଉଡ଼ାଇ କହନ୍ତି ଆରେ ଉପର ବାଲା ଅଛି ନାଁ । ବ୍ୟସ୍ତ କ'ଣ ପାଇଁ ହଉଛ। ପତ୍ନୀ ରୀତା ଦେବୀ ଚଡି ଯାଇ କହନ୍ତି ହଁ ଉପର ବାଲା ତମକୁ ଗୁହିଁ ବସିଛି । କେତେ ଥର ଠକଲେ ଠିକବ ମୁଁ ଜାଣି ପାରୁନ। ହଉ ତମ ଇଛା ଯାହା କରୁଛ କର।

ସନ୍ତୋଷ ବାବୁଙ୍କର ଖୁବ୍ ବଡ଼ ବ୍ୟବସାୟ ଚ଼ାଲିଥାଏ। ଦୁଇ ତିନଜଣ ପିଲା ମଧ ତାଙ୍କ ପାଖରେ କାମ କରୁଥାନ୍ତି। ସମସ୍ତେ ବାବୁଙ୍କର ବହୁତ ବିଶ୍ବାସୀ। ବାବୁ ନଥିଲା ବେଳେ ପିଲାମାନେ ବ୍ୟବସାୟ ସମ୍ଭାଳ ଥାଆନ୍ତି। ତାଙ୍କ ଉପରେ ଭରସା ଓ ବିଶ୍ବାସ ଦେଖି ଧିରେ ଧିରେ ପିଲାମାନେ ତାଙ୍କ ବିଶ୍ବାସରେ ବିଷ ଦେବା ଆରମ୍ଭ କରିଦେଲେ। କଛି କଛି ଟଙ୍କା ପକେଟ୍ ମା'ର କରି ନଜ ପାଇଁ ସଞ୍ଚୟ କରିନେଲେ। ଲକ୍ଷ ଲକ୍ଷ ଟଙ୍କାର ବ୍ୟାପାର ଯୋଗୁଁ ଅଳ୍ପ ଅଳ୍ପ ଟଙ୍କା ନେଉଥିବାରୁ ପ୍ରଥମେ ପ୍ରଥମେ ଜାଣି ପାରିଲେନ ସନ୍ତୋଷ ବାବୁ। ବର୍ଷ

ଶେଷରେ ମୋଟ୍ ହିସାବ କରିବାରୁ ଜଣା ପଡ଼ିଲା । ହିସାବ ଅନୁସାରେ ଅର୍ଥ ନାହିଁ। ଜିନଷ ଷ୍ଟକ୍ ନାହିଁ। କାନ ମୁଣ୍ଡା ଆଉଁସି ଚୁପଚାପ୍ ରହିଲେ।

ସେଦିନ କାହିଁକ କେଜାଣି ଦୋକାନକୁ ଯିବାପାଇଁ ଯମା ବି ଇଚ୍ଛା ନଥିଲା। ଦୋକାନ ପିଲା ହାତରେ ଗ୍ଚବି ଦେଇ ନଜେ ଟିକେ ରେଷ୍ଟ ନେଉଥିଲେ ସନ୍ତୋଷ ବାବୁ। ପିଲା ହାତରେ ଗ୍ଚବି ଦେବାର ଦେଖି ପତ୍ନୀ ରୀତା ଦେବୀ ପାଟି କରି ଉଠେଇ ଦେଲେ । ଆଉ ଦୋକାନ ପିଲାକୁ କାହିଁକ ଗ୍ଚବି ଦେଲ କହି ଦୋକାନ କୁ ଯାଅ ବୋଲି କହିଲେ। ଯିବାର ଯଦି ନାହିଁ ରେଷ୍ଟ ନଅ । କନ୍ତୁ ପିଲା ହାତରେ କାହିଁକ ଗ୍ଚବି ଦେଲ। ଇଚ୍ଛା ନ ଥିଲେ ବି ଆଖି ମଳ ମଳ ଉଠି ସନ୍ତୋଷ ବାବୁ ବାହାରିଲେ ଦୋକାନକୁ। ପାଟି କରି ସିନା ପଠେଇ ଦେଲେ । ହେଲେ କାହିଁକ କେଜାଣି ମନଟା ଭରି ଅସ୍ଥିର ଲାଗୁଥାଏ।

କଛି ସମୟ ପରେ ସନ୍ତୋଷ ବାବୁଙ୍କର ଫୋନ୍ ଆସିଲା । ରୀତା ଦେବୀ ଖୁସିରେ ଯାଇ ଫୋନ ରିସିଭ କରି କହିଲେ ଆଜି କ'ଣ ଯାଉ ଯାଉ ଫୋନ କଲଣି । ସେ ପଟୁ ଆଉ କାହା କଣ୍ଠ ସ୍ୱର ଶୁଭିଲା। ଏ ଫୋନ ଯାହାର ତାଙ୍କର ଆକ୍ସିଡେଣ୍ଟ ହେଇଛି। ଶୀଘ୍ର ଆସନ୍ତୁ। ବିଶ୍ୱାସ କରି ପାରିଲେ ନାହିଁ ରୀତା ଦେବୀ। ପାଟି କରି କହିଲେ ଏ କଣ କହୁଛ । ସେ ପଟୁ ଏବେ ଗଲେ । ଗାଡି ନମ୍ବର ପଢି କହିଲା ଏ ଗାଡି ଯାହାର ତାଙ୍କୁ ଜାଣିଛ । ରୀତା ଦେବୀ ଆମ ଗାଡ଼ି ବୋଲି କହିଲେ। ଆଉ ରାସ୍ତା ରେ ଦୌଡିବାକୁ ଲାଗିଲେ। କେହି ଜଣେ ତାଙ୍କୁ ନେଇ ସେଇଠି ପହଞ୍ଚାଇ ଦେଲା।

ସେତେବେଳକୁ ବହୁତ ରକ୍ତ ବୋହି ସାରିଥିଲା। ମେଡିକାଲ ନେବାପାଇଁ କେତେ କାକୁତି ମିନତି ହେଲେ। ଆମ୍ବୁଲାନ୍ସ କୁ ଟିକେ କେହି ଫୋନ କର କହି ଭେ ଭେ ହୋଇ କାନ୍ଦୁଥାନ୍ତି ରୀତା ଦେବୀ । ହେଲେ ତାଙ୍କ କଥାକେହି ଶୁଣୁନଥିଲେ । ଶହ ଶହ ଲୋକ ଗଦା ହେଇ ରହିଥାନ୍ତି । ସାହାଯ୍ୟ କରିବା ବଦଳରେ ଫଟୋ ଉଠାଇବାରେ ଲାଗିଥାନ୍ତି । ଫଟୋ ଉଠେଇଲେ ଯେମିତି ସବୁ ଠିକ ହେଇ ଯିବ। ଇଚ୍ଛା ହେଉଥିଲା ଭଲ କରି ଦି ଗ୍ଚରି ପଦ ଶୁଣେଇ ଦେବାକୁ। କଛି ସୁରକ୍ଷା ବାହିନୀ ମଧ୍ୟ ସେଠାରେ ଥାନ୍ତି। ତାଙ୍କ ପାଟିରୁ ଶୁଭୁଥାଏ ଶୀଘ୍ର ମେଡିକାଲ ନେଇଯାଅ ଶୀଘ୍ର ମେଡିକାଲ ନେଇଯାଅ। ସାହାଯ୍ୟ ମନୋବୃତ୍ତି ମଣିଷ ପଣିଆ ଏଠି କାହା ପାଖରେ ଦିଶୁ ନଥାଏ। ଏଇ ଆମରି ମଣିଷ ପଣିଆ ଏଇ ଆମର

ସମାଜିକ ଚଳନ। ରୀତା ଦେବୀ ସନ୍ତୋଷ ବାବୁଙ୍କୁ ଭଲକରି ଘରକୁ ଆଣିଲେ। କନ୍ତୁ ଆଜି ବି ସେ ଦିନର କଥା ଜଳ ଜଳ ହେଇ ଝଲସି ଉଠୁଛି ଆଖି ଆଗରେ। ମନେ ମନେ ଭାବୁଥିଲି ଧନ୍ୟ ଆଜିକା ମଣିଷ ପଣିଆ ଆଉ ଧନ୍ୟ ଏ ସେଲଫି ମାନଆ**...!**

ସମଲ, ତାଳଚେର, ଅନୁଗୋଳ

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି ।

ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ନୂଆ ବରଷ



ଅମରନାଥ ବାରିକ

ଆସୁଛି ଆସୁଛି
ନୂଆ ବରଷ ।
ସଭିଙ୍କ ମୁହଁରେ
ଦେବ ସେ ହସ ।।

ନାଲି ନୀଳ ରଙ୍ଗ
ସବୁଜ ଧଳା ।
ସାହା ହେବେ ପୁଣି
ସେ ଚକା ଡୋଳା ।।

ଚକେନ୍ ମଟନ
ସବୁ ଛାଡିବା ।
ପଶୁ ପକ୍ଷୀଙ୍କୁ ବି
ଦୟା କରିବା ।।

ବଣଭୋଜି କରି
ଡାଲମା ଭାତ ।
ମଉଜ କରିବା
ଆସରେ ମିତ ।

ସମ୍ପର୍କରେ ଆମେ
ବାନ୍ଧିବା ଡୋରି ।
ଜିବନରେ କେବେ
ନଯିବା ହାରି ।।

ଭୁଲିଯିବା ଆମେ
ପୁରୁଣା ରାଗ ।
ଆଦରିବା ପାଇଁ
ବନ୍ଧୁଙ୍କୁ ଆଗ ।।

ପ୍ରଭୁଙ୍କ ପୟରେ
ରଖିବା ଲୟ ।
ଦୃଷ୍ଟ ସଙ୍ଗ ପ୍ରତି
ନଥିବ ଭୟ ।।

ବିଦାୟ ଦେଇଣ
ପୁରୁଣା ବର୍ଷ ।
ସ୍ୱାଗତ କରିବା
ନୂତନ ବର୍ଷ ।।

ଯାଜପୁର, ମଙ୍ଗଳପୁର, କୟାଁ

# ନୂତନ ବର୍ଷ ୨୦୨୧



ବିଶ୍ୱ ରଞ୍ଜନ ମହାନ୍ତି

ଦିନ ପରେ ଦିନ ମାସ ପରେ ମାସ
ବିତିଯାଏ ପୁଣି ବର୍ଷ
ଜାଣି ହୁଏ ନାହିଁ କେତେବେଳେ ପୁଣି
ନୂତନ ବର୍ଷ ଦିଏ ସ୍ପର୍ଶ ।
ଦାରିଦ୍ର୍ୟ କଷଣ ଦୁର୍ନୀତି ଶୋଷଣ
ନ ରହୁ ଏହି ଭୁବନେ
ନାରୀ ନର୍ଯ୍ୟାତନା ଦୁଷ୍କର୍ମ ଭାବନା
ନ ରହୁ କାହା ମନେ ।
କାମ କ୍ରୋଧ ଇର୍ଷା ଲୋଭ ମୋହ ହିଂସା
ଭାବନାକୁ ଦୂର କର
ଆଳସ୍ୟ ନିରାଶା ଘୃଣା ଦ୍ୱେଷ ଭାଷା
ବିଡମ୍ବନା ପରିହର ।
ସମୟର ଗତି ମଣିଷର ସ୍ଥିତି
କମାଇ ଦିଏ ଆୟୁଷ
ପ୍ରକୃତିର ଖେଳ କୋରନାର କାଳ
ପ୍ରଭୁ କରି ଦିଅନ୍ତୁ ବିନାଶ ।
ନୂତନ ବର୍ଷରେ ନୂତନ ଆଶାର
ମନରେ ହୁଏ ପ୍ରକାଶ
ଜହ୍ନ ତାରା ପୁଣି କେତେକ ନକ୍ଷତ୍ର
ବକ୍ଷରେ ରଖେ ଆକାଶ ।
ରଖି ଦେଇ ଦୁଃଖ ସୁଖ କରେ ଦୃଶ୍ୟ
ସତ୍ୟ ପ୍ରଭୁ ଆଶୁତୋଷ
ନୂତନ ବର୍ଷର ବହୁଳ ଶୁଭେଚ୍ଛା
ପହଞ୍ଚୁ ସଭିଙ୍କ ପାଶ ।

କୁଳସାହି, ଅଲଣା ହାଟ
ଜଗତସିଂହପୁର

# ପିଲ୍‌ଦିନ ସ୍ମୃତି



ସରୋଜ କୁମାର ସାହୁ

ଆଜିବି ଅଧୁର୍ ପିଲ୍‌ଦିନର ସେ
ନଇପଠା ବାଲିଖେଳ
କେତେ ଥଟ୍ଟାମଜ୍ଜା ମିଛର ଝଗଡା
ପୁଅଝିଅ ସାଙ୍ଗମେଳ।

କାଗଜର ଗୁଡି ସାଥେ ନଟୁଗ୍ରେରି
କାଚଗୁଲିର ସେ ମଜା
ମୁଢିଚୂଡାର ସେ ଭୁଗ ବଣ୍ଟାବଣ୍ଟି
ମାମୁଁ ଘରର ମିଠାଖଜା।

ବୋହୂଗ୍ରେରି ଖେଳ ମିଛ ବାହାଘର
କନଆଁର ବୋହୂବେଶ
ବରବେଶ ସାଜି ସଜ ହେଲେ କଏ
କରଥାନ୍ତି ସବୁ ରୋଷ।

ସଢେଇର ଖେଳ ବଣଭୋଜି ବେଳ
ବାଲିଡିଆଁ ଲୁଚକାଳ
ଦିଆସିଲି ପତା କଉଡିର ଖେଳ
ଦେହସାର୍ ବୋଳା ଧୂଳ।

କୋଳ ଖାଇବାର ମଜା ବି ନଆର୍
ନଆର୍ ବି କଙ୍କିଧର୍
କାଗଜ ଡଙ୍ଗାକୁ କାଗଜର ଫୁଲ
ବରଷାରେ ମାଛଧର୍ ।

ଆମ୍ବପତ୍ର ଚକ୍ରି ତାଳପତ୍ର ଘଣ୍ଟା
ନଡିଆର ଖିଲିପାନ
ପିଜୁଳର ଗ୍ଳେରି ଫୁଲ ତୋଳାତୋଳ
ଖଳାର ଅମଳ ଧାନ ।

ମାଆର ଆକଟ କଅଁଳିଆ ଛାଟ
ଜେଜେମାର ମିଠାଗେଲ
ବାପାଙ୍କ ଲାଳ୍ଗ ଜେଜେଙ୍କର ଗପ
ଅପାର ବୋଳା ତେଲ ।

ଘର ହେଉ ପର ସଭିଁଙ୍କୁ ନଜର
ଲାଗେ ଗୋଟେ ପରିବାର
ଚହ୍ଲଟିଏ ସାଜି ରହିଛି ଛାତିରେ
ଝୁରିହୁଏ ବାରମ୍ବାର ।

ଆଠଗଡ, କଟକ

# ସେଇ ଅନ୍ଧାର ରାତିରେ: ଭାଗ - ୪



ବିଜୟ କୁମାର ପଣ୍ଡା

ଏହା ଏକ ଧାରାବାହିକ କାହାଣୀ,
କାହାଣୀକୁ ସମ୍ପୂର୍ଣ୍ଣ ବୁଝିବା ପାଇଁ ପୂର୍ବଭାଗ ପଢ଼ିବାକୁ ଅନୁରୋଧ ।

ତୁମେ ଗଲା ପର ଦିନ କଥା ..।

ମୋର ନସଙ୍ଗତା ବଢ଼ି ବଢ଼ି ଯାଉଥିଲା, ଯଦିଓ ମିନୁ ମୋ ସାଥିରେ ରହେ କନ୍ତୁ ତୁମର ଅନୁପସ୍ଥିତି ମୋତେ ଅନ୍ୟ ମନସ୍କ କରିଦେଉଥିଲା ।ବେଳେ ବେଳେ ମିନୁ ମୋତେ ତମ କଥା ମନେପକେଇ ଚଡ଼ଉଥିଲା । ବୋଧେ ଛ ମାସ ବ୍ୟବଧାନ ପରେ ତୁମେ ସପ୍ତାହରୁ ଅଧିକ ଦିନ ପାଇଁ ଗାଁ କୁ ଯାଇଥିଲ ।

ସେଦିନ ଆମେ ଦୁଇଜଣ କଥା ହେଲା ବେଳେ ଲିପୁନ ଆମ ପଛପଟେ ଆସି କାନ୍ଥ ପାଖେ ଲୁଚ ଲୁଚ ଆମ କଥା ସବୁ ଶୁଣୁଥିଲା ।ଆମେ ଜାଣି ପାରି ତାକୁ ପ୍ରତିରୋଧ କରିବାରୁ ସେ ରାଗି କ ଆମକୁ କହିଥିଲା- "ସେ ଇଡିଏଟ ବୁବୁ ସହ ମିଶିବା ବନ୍ଦ କରିଦେ ..ନହେଲେ କଛି ଭଲ ହେବନ କହିଦେଉଛି"।

ମୁଁ ତାକୁ ରୋକ ଠୋକ କହିଦେଲି "ମୁଁ କାହା ସହ କଥା ହେବି ନହେବି ତାହା ମୋର ଇଚ୍ଛା ..ମୋ ସ୍ୱାଧୀନତା ଉପରେ ତୁମର କୌଣସି ଅଧିକାର ନାହିଁ” ।

ତାର ପିଲାଳଆମୀ ଦେଖି ମୋତେ ଯେତିକ ହସ ଲାଗିଥିଲା ସେତିକ କ୍ରୋଧ ବି ଆସିଥିଲା । ଦୂରରେ ତା ସାଙ୍ଗ ମାନଙ୍କ ସହ ଯାଇ କଣ ସବୁ ହୋ ହାଲ୍ଲା କରି ସେଠାରୁ ପଳେଇଥିଲେ ।

ତା ଦୁଇଦିନ ପରେ ସେ ମୋତେ ମୋର ଏକ ନୋଟ ମାଗିଥିଲା । ମୁଁ ବହୁତ ମନାକଲି ହେଲେ କ୍ଲାସ ସରିବା ପୂର୍ବରୁ ସେ ଜେରେକ୍ସ କରି ଫେରେଇଦେବ ବୋଲି ନେଇଗଲା । ଫେରାଇଲା ବେଳେ କହିଲା "ତମେ ମୋତେ ନୋଟ ଦେଇ ସାହାଯ୍ୟ କରିଲ, ମୁଁ ତୁମ ପାଇଁ ଛୋଟ ଗିଫ୍ଟ ଟିଏ ଆଣିଛି । ନଅ.. ଦୟାକରି ମନା କରିବନି ।"

ମୁଁ ଗ୍ରହଣ କରିଲିନାହିଁ । ସେ ରାଗି ପଳେଇଲା । କିନ୍ତୁ ନୋଟ ଭିତରେ " I Love You" ଲେଖା କାଗଜଟିଏ ରଖି ଦେଇଥିଲା । ମୁଁ ଘରକୁ ଗଲାପରେ ଦେଖିବାକୁ ପାଇଲି । ତାର ଚାରିଦିନ ଯାଏଁ ମୁଁ ଆଉ କଲେଜ ଆସିଲିନି । ପର ସପ୍ତାହରେ ଆସି ଡିନ କୁ କମ୍ପ୍ଲେନ କରିଦେଲି ।

ସେଦିନ କ୍ଲାସରେ ଅନ୍ୟଦିନ ମାନଙ୍କ ଭଳି ମୁଁ ଲଞ୍ଚ ସମୟରେ ବାହାରିଲି ଟିଫିନ ବକ୍ସ ଧରି ବାହାରିଲି କମନ ରୁମ ଆଡ଼କୁ । ଅନେକ ବର୍ଷ ପରେ କାହିଁକି ପ୍ରଥମ ଥର ପାଇଁ ମୋ ମନରେ ଜୀବନ ଦର୍ଶନ ଭାବନା ଜାତ ହୋଇଉଠିଥିଲା । ଏଇ ରକ୍ତମାଂସ ଧାରୀ ମଣିଷ ଭିତର ଶରୀର ପ୍ରଣିରାରେ କେତେବେଳେ ଯେ କେମିତି ଭାବନା ଉଦ୍ରେକ ହୁଏ !! ସେଦିନ ତୁମ ଚେହେରା ଆଖି ଆଗରେ ନାଚ ଯାଉଥିଲା । ତୁମ ସହ ଥିଲା କିଛି ଅକୁହା ସମ୍ପର୍କ ଯାହା କେବଳ ଆମେ ଦୁହିଁଙ୍କୁ ଜଣାଥିଲା ।

ସେଇ ଅଳ୍ପଦିନର ସମ୍ପର୍କରେ ନା ତୁମେ ମାଗିଥିଲ କିଛି ନା ମୁଁ । ସେ ସମ୍ପର୍କରେ କିଛି ନାଁ ନଥାଇ ବି ହୃଦୟକୁ ଛୁଇଁଲା ଭଳି ଅତି ଆପଣାର ଥିଲା ଭାଇ । ଏତିକି କହି ବେହୋସ ହେଇ ଯାଇଥିଲା ମିନୁ । ପକ୍ଷୀ ଉଡ଼ି ଯାଇଥିଲା ନିଡ଼କୁ ।

ରାତି ଅନେକ ହୋଇ ଯାଇଥିଲା । ମିନୁର ଘର ଲୋକେ ମିନୁକୁ ଖୋଜି ଖୋଜି ଆସି ପହଞ୍ଚି ଯାଇଥିଲେ ।

(କ୍ରମଶଃ... ପଞ୍ଚମ ଭାଗରେ)

ସମ୍ପାଦକ "କନକପ୍ରଭା"
ସବଙ୍ଗ, ସିମୁଳିଆ, ବାଲେଶ୍ୱର

# କରୋନା ଭାଗବତ-୭

ବ୍ୟଙ୍ଗ କବିତା



ଶମ୍ଭୁନାଥ ଦାସ

ଏଥୁ ବିରାମେ ମୁନବର ।
ଚଳଲେ ଯମରାଜା ଘର ॥
ଦେଖିଲେ ଯମ ବସିଛନ୍ତି ।
ପାଟିରେ ତୁଣ୍ଡି ବାନ୍ଧିଛନ୍ତି ॥
ମୁନଙ୍କୁ ଦେଖି ଯମ ଦ୍ୱାରେ ।
ଦୂରେଇ ଗଲେ ସେ ଭୟରେ ॥
ଏମନ୍ତ ହାବ-ଭାବ ଦେଖି ।
ନାରଦ ଚାହିଁଲେ ନରେଖି ॥
କହିଲେ ଆହେ ଯମଦେବ ।
କମ୍ପା ଏମନ୍ତ ହାବ-ଭାବ?
ଶୁଣି କହିଲେ ଜନ୍ତରାଣ ।
ଶୁଣ ହେ ଦେବର୍ଷି କାରଣ ॥
ତୁମେ ତ ଯାଇଥିଲ ମର୍ତ୍ତ୍ୟ ।
ହୋଇଅଛ କ ସଂକ୍ରମିତ ॥
ତେଣୁ ମୁଁ ତୁମ ଠାରୁ ଦୂରେ ।
ରହି କହୁଛି କଥା ବାରେ ॥
ଆସିବ ଯଦି ମୋର ପାଶ ।
ରକ୍ତ ପରୀକ୍ଷା କରି ଆସ ॥
କରୋନା ନୁହେଁ ଦୈବ-ବାଣ ।
ଆୟୁଷ ନୁହେଁ ନରୂପଣ ॥
ତେଣୁ ମୁଁ ସଂକଟରେ ଅଛି ।
କରୋନା ଉତ୍ପାତ ଦେଖୁଛି ॥
ପ୍ରାର୍ଥନା ଶୁଣି ସଭିଙ୍କର ।
ମୁଁ ଯାଇଥିଲି ମର୍ତ୍ତ୍ୟପୁର ॥
କରୋନା ଆକ୍ରମଣ କଲା ।
ମାରିବାକୁ ଧମକ ଦେଲା ॥
ମର୍ତ୍ତ୍ୟପୁରରେ କବିବର ।
ରଖିଲେ ଇଜ୍ଜତ ମୋହର ॥
କହିଲେ ଶାରୀରିକ ଦୂର ।
ନହାତି ହେବ ଦି ମିଟର ॥
ତୁଣ୍ଡି ବାନ୍ଧି କର ଭ୍ରମଣ ।
ହାତ ଧୁଅନ୍ତୁ ଘନଘନ ॥
ସେଠୁ ମୁଁ ପଳାଇ ଆସିଛି ।
ତ୍ରିଦେବ ମନ୍ତ୍ରଣା କରୁଛି ॥
ଆୟୁଷ ଲେଖାଯିବ ତାର ।
ଅଥିଥି ହେବେ କବିବର ॥
କବି-ବରଙ୍କୁ ମୋ ଆଶିଷ ।
ସେ ପ୍ରିୟ ଶମ୍ଭୁନାଥ ଦାସ ॥

ମୁଖ୍ୟ ସଂପାଦକ:"ଅଭିଯାନ"
୧୭୫-ଏ/୧, ବିଶ୍ୱଲକ୍ଷ୍ମୀ ତାଲା ରୋଡ, କୋଲକତା

# ମୋ ଗାଁ ନଈ



ସନାତନ ଦାସ

ମୋ ଗାଁ ନଈ ତୁମ ଗାଁ କୁ
ବହିଯାଏ ଗୀତ ଗାଇ,
କୁଳୁ କୁଳୁ ନାଦେ ସଙ୍ଗୀତ ସୁରରେ
ତୁମକୁ ଦେଇ ଅନାଇ..!!

ତୁମ ପାଦ ସ୍ପର୍ଶ ନଈ ର ପାଣିରେ
ଲହରୀତ ଯେବେ ହୁଏ,
ତରଙ୍ଗାୟିତ ହୋଇ ସେଇ ପାଦ ଛୁଆଁ
ମନକୁ ମୋ ଛୁଇଁଯାଏ..!!

ମୋ ଗାଁର ସେଇ ହଂସୁଆ ନଈ ର
ସୌନ୍ଦର୍ଯ୍ୟର ନାହିଁ ତୁଳନା,
ଅଭିମାନୀ ଭଳି ଆମ ଗାଆଁ ନଈ
ସତେକ ଷୋଡ଼ଶୀ ଲଳନା..!!

କେତେ ଯେ ସ୍ମୃତି ଜାବୁଡ଼ି ଧରିଛି
ଅତୀତର ସବୁ କଥା,
ଜୀବନ ଯମୁନା ବିତି ଗଲେ ବି
ସରିବନ ତାର ଗାଥା..!!

ସଅଁଗ୍ରା, ଜଗତସିଂହପୁର

# ସମ୍ପର୍କ



ସଙ୍ଗୀତା ମହାନ୍ତି

ମନେ ପଡିଗଲ୍ ତୋର ଏତେ ଦିନେ ମୋ କଥା
କେତେ କଥା କହି ମୋ ମନେ ଦେଇଛୁ ବ୍ୟଥା
ଆଜି ଭାବିଲୁ ବହୁ ଦିନର ସ୍ମୃତିକୁ
କାଲି କେଉଁଠି ଥିଲୁ ଭୁଲି ଏସବୁକୁ
ସମ୍ପର୍କର ମୂଲ୍ୟ ତୋ ପାଖେ କଛି ନାଇଁ
ଆଉ ପାଇବୁ  ବୋଲି ମତେ କାହିଁ ହେଉଛୁ ବାଇ
ମୁଁ ତ ପୁରୁଣା ସ୍ମୃତିକୁ ନେଇ ବଞ୍ଚିବା ଶିଖିଥିଲି
ତୋ ପାଖେ ଜୀବନ କାଟିବି ବୋଲି ଭାବିଥିଲି
ଅନ୍ୟ ପାଇଁ ମୋ ସାଥେ କଲୁ ବହୁ ଛନ୍ଦ କପଟ
ହେଲେ ପାଇଲୁ କଣ ଅନ୍ୟକୁ କରି ଆପଟ
ତୁ ଭାବିଥିଲୁ ମୋ ସାଥେ କରି ଏତେ ଛନ୍ଦ
ମୋ ପ୍ରକୃତି ଓ ଅଭ୍ୟାସକୁ କରିଦେବୁ ବନ୍ଦ
ସମ୍ପର୍କ ଭିନ୍ନ ପ୍ରକାର ମତେ କରିଛି ନିର୍ବିକାର
କେବେ ମିଳନ ଖୁସିରେ ସେ ହୁଏ ଆତ୍ମହରା
ପୁଣି କେବେ କାହା ବିଚ୍ଛେଦରେ ହୁଏ ବେସାହାରା
ଆଖିର ଭାଷାକୁ ଯେ ପଢିପାରେ ସେ ପ୍ରକୃତ ପ୍ରେମିକ
ସେ ଆଖିର ଲୁହ କୋହ ଯିଏ ବୁଝେ ସେ ପ୍ରକୃତ ନାୟକ
ବେଳେବେଳେ ଏଇ ଆଖି ସବୁ ଦେଖେ
ଉଣି ବେଳେ ବେଳେ ସବୁ ଦେଖିକ କଛି ନଦେଖେ
କେହି ବୁଝନ୍ତିନ ମୋ ଅସହ୍ୟ ଯନ୍ତ୍ରଣା ଆଉ କରୁଣ କାନ୍ଦଣା
ଯେତେ କଷ୍ଟରେ ରହିଲେ ବି ମୋ ପାଇଁ କାନ୍ଦିବା ମନା

କାରଣ ଥାଇ ଯେଉଁ ସମ୍ପର୍କ ରଖା ଯାଇଥାଏ ସେ ସମ୍ପର୍କ ନୁହେଁ
ବରଂ ଜୀବନର ଅକାରଣ ସମସ୍ୟା
ସେଦିନ ଆଉ ଆଜି ଭିତରେ ବହୁତ କଛି ଫରକ ହେଇଯାଇଛି
ସମ୍ପର୍କ ଅଛି ହେଲେ ବଦଳ ଯାଇଛି ଚରିତ୍ର
ସମ୍ପର୍କ ଅଛି ହେଲେ ଆଉ ନାହିଁ ସେ ମଧୁରତା
ଆଜିର ସଂପର୍କ ହୋଇଯାଇଛି ଅବୁଝା ସମ୍ପର୍କ
ତୁମେ ନଦୀ ସ୍ରୋତସ୍ୱିନୀ, ମୁଁ ସୁପ୍ତ ବେଳାଭୂମି
ତୁମେ ଅଲିଭ୍ ସଳତା, ମୁଁ ଦୀପ୍ତହୀନ ଶିଖା
ଭଗବାନଙ୍କ ପାଖେ ମୋର ଏତିକି ଅଳ
ସମ୍ପର୍କର ସୁଅରେ ମତେ ଆଉ ନପକାନ୍ତୁ ବଳ ॥

ତୁଳସୀପୁର, ମଠସାହି

# ଛୋଟ ମୋର ନାଆଟି



ପ୍ରଫେସର ଅନନ୍ତା ପଣ୍ଡା

(ଧାରାବାହିକ)

୨୪.୮.୨୦୦୮

ଅଟଳ ପ୍ରବୃତ୍ତି:-

ଆଜି ଆଇ ଡ଼ୋନେସନ୍ ଫୋର୍ଟ ନାଇଟ୍ ପାଇଁ ମିଟିଙ୍ଗ୍ ଡକାଇଥିଲି । ଗୃହା ପର୍ବ ଆରମ୍ଭ ହୋଇଥିଲା । ମୋ' ମନ କଥାଟି ପ୍ରକାଶ କରିଥିଲି । ଆହୁରି ତିନିବର୍ଷ ତ ମୋ' ପାଇଁ ସଂପାଦକ ଦୁଆର ବନ୍ଦ । ଏ ଥର ମୁଁ ଉପସଭାପତି ପାଇଁ ଚେଷ୍ଟା କରିବି! ଜଣେ ସହକର୍ମୀଙ୍କର ମନ୍ତବ୍ୟ-ଦୁଇ ଦୁଇଥର ମାଡଖାଇବା (ପରାଜିତ ହୋଇଯିବା) ପରେ ପୁଣିଥରେ!

ଅନ୍ୟ ଜଣଙ୍କର ପ୍ରଶ୍ନ, "ପ୍ରକୃତ କାରଣଟା ଜାଣିବାକୁ ଚେଷ୍ଟା କର । ନହେଲେ ସାରାଜୀବନ ଏଇମିତି ଶାରୀରିକ, ଆର୍ଥିକ ଏବଂ ମାନସିକ କ୍ରାଇସିସ୍‌ର ସାମନା କରୁଥିବ ।" ଏହାର କାରଣ ଆଜି ନୁହେଁ, ମୁଁ ୨୦୦୪ରୁ ଜାଣିଛି ।

କୋଉ କଥା?

କାରଣଟା ନହାତି ଗମ୍ଭୀର ।

ଆରେ କ'ଣ ଖୋଲି କହନା, ନିଶ୍ଚୟ କାହା ସଂଗେ ଝଗଡ଼ା କରିଛୁ । କହିଲା ସତ୍‌ପାଲ ।

ସଂପୂର୍ଣ୍ଣ ଭାରତର ବାର ହଜାରରୁ ଊର୍ଦ୍ଧ୍ୱ ସଂସ୍ଥା ସଦସ୍ୟ ମଧ୍ୟରେ ମୁଁ ଲୋକପ୍ରିୟ ଥିଲେ ମଧ୍ୟ ଗୋଟାଏ ବିଷୟକୁ ନେଇ କେତେଜଣ ମୁଖ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ମୁଁ ଚକ୍ଷୁଶୂଳ ହୋଇ ଉଠିଥିଲି । ସମସ୍ୟାଟି ଖୁବ୍ ଛୋଟ ଥିଲା, ମାତ୍ର ନୀତି ସାମ୍ନାରେ ଛୋଟ ବଡ଼, ସବୁ ସମାନ।

"ତୁ ଆଉ ତୋର ମୂଳନୀତି । ଆରେ ଯାହା ଯେମିତି ଚାଲିଛି "ଚଲନେ ଦୋ" ।

ନାଇଁ ସତ୍ପାଲ୍, ନୀତିକୁ ଛାଡ଼ିଲେ ନାଁ ସଂସ୍ଥା ଆଗେଇବ ନାଁ ଆମେ ।

ଆଚ୍ଛା ବାବା ମାଡ଼ାମ୍ ମୂଳନୀତି, ଯାହା ଭଲ ଭାବୁଛୁ କର । କହି ଚାହା କପ୍ ଉଠାଇଲା ସତ୍ପାଲ୍ ପ୍ରଥମରୁ କହିଛି ସମସ୍ୟାଟି ଖୁବ୍ ଛୋଟ । ୨୦୦୪ରେ ଏକ ଅଫିସିଆଲ୍ ମିଟିଙ୍ଗରେ ମୁଁ ସଂସ୍ଥାର ସମ୍ପତ୍ତି ସୁରକ୍ଷିତ ରଖିବା ପାଇଁ ଟିକିଏ ବେଶୀ ସ୍ୱର ଉତ୍ତୋଳନ କରିଥିଲି ।

"ତେବେ ଏଇଟା ନିଜ ଅର୍ଜିତ ଫଳ । ତେଣୁ ବୃଥା ପ୍ରୟାସ ନିରର୍ଥକ ।"

"ନାଁ, ସେମାନେ ନିଜ ମତାମତରେ ଦୃଢ଼ ହେଲେ ମୁଁ ମଧ୍ୟ ମୋ' ଇଚ୍ଛାରେ ଅଟଳ ।

୧୪.୧୧.୨୦୦୮ –

ଗୋଟାଏ ମିଟିଂରେ ମତେ ନୋମିନେଟ୍ କରି ଥିବା ବୟୋଜ୍ୟେଷ୍ଠ ଦୁଇଜଣ ସଦସ୍ୟଙ୍କ ସହ ସାକ୍ଷାତ ହେଲା । ଫର୍ମ ରଦ୍ଦ କରିବା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ମତ ଦେଲେ । ପ୍ରସ୍ତାବରେ ରାଜି ନ ହୋଇ ମୁଁ ଉତ୍ତର ଦେଲି: "ସକାଳର ଆବହାୱା ସଂପୂର୍ଣ୍ଣ ଦିନ ବିଷୟରେ ସମ୍ୟକ୍ ଆଲୋକପାତ କରେ (ଧାରଣା ଦିଏ) ଭଲ ହେଲା, ନିଜର ଅଦୃଷ୍ଟ ମତାମତକୁ ସେମାନେ ପ୍ରଥମରୁ ପ୍ରକଟ କରିଦେଲେ । ନଚେତ୍ ପୂର୍ବ ଦୁଇ ଥର ଭଳି ବହୁ ପରିଶ୍ରମ ସତ୍ତ୍ୱେ ମଧ୍ୟ ପରାଜିତର ସାମନା କରିବାକୁ ପଡ଼ିଥାନ୍ତା । ଦୁହିଙ୍କ ମଧ୍ୟରୁ ଜଣେ ନୀରବ ରହିଲେ । ଅନ୍ୟ ଜଣକ ପ୍ରତିବାଦ କଲେ "ଏତେବଡ଼ ସଂସ୍ଥାର ସର୍ବୋଚ୍ଚ ପଦ ପାଇଁ ଅଭିପ୍ରାୟୀ ପ୍ରତିଦ୍ୱନ୍ଦୀକୁ ଏମିତି ବଶ୍ୟ ବିଚାର ଧାରା ଶୋଭା ଦିଏନା ।"

"ଧୀର ପାଣି ପଥର କାଟେ ଆଜ୍ଞା । ଆମକୁ ସମୟର ପ୍ରତୀକ୍ଷା କରିବାକୁ ହେବ ।"

ଭଦ୍ରବ୍ୟକ୍ତି ଜଣକ ନିରୁତ୍ତର ରହିଥିଲେ ମଧ୍ୟ ମୁଁ ତାଙ୍କ ମୁହଁରୁ ପଢ଼ିପାରୁଥିଲି, ଯେମିତି ସେ କହିବାକୁ ଚାହୁଁଛନ୍ତି "ସାରା ଜୀବନ ତୁମେ ପୋଖରୀ ତୁଠର ପଥର ହୋଇ ରହିଯିବ । ଆଗକୁ ବଢ଼ି ପାରିବନି ।"

୨.୧୧.୨୦୦୯ –

ଅଫିସ୍ ପିଅନ ମୋ' ହାତରେ ମୋ'ର ନୋମିନେସନ୍ ଫର୍ମଟି ଧରାଇ ଦେଲା । ପଚାରିଲି "କଥା କ'ଣ?"

"ମୁଁ ଜାଣିନ ଆଜ୍ଞା, ଆପଣ ଅଫିସ୍ ଫୋନ୍ କରି ପଚାରନ୍ତୁ ।"

ଅଫିସ୍ ଫୋନ୍ ମିଳାଇ କାରଣ ପଚାରିଲି ।

"ଚିଠିରେ ଲେଖା ଅଛି ମାଡ଼ାମ୍ ।"

ଖୋଲି ପଢ଼ିଲି, ଫର୍ମରେ ଥିବା ଦସ୍ତଖତ ମୋ' ନିଜର ନୁହେଁ, ତେଣୁ ରଦ୍ଦ କରାଯାଇଛି । ଚିଠିଟା ଟେବୁଲ୍ ଉପରେ ରଖି ଅଳ୍ପ ହସିଲି ।

ଅଭିନନ୍ଦନର ଅଭୀପ୍ସା – ୨୮.୧୦.୨୦୦୯

ଅକ୍ଟୋବର ୩୧ ତାରିଖରେ ନିର୍ବାଚନ ପତ୍ର ଫେରସ୍ତ ନେବାର ଶେଷଦିନ । ସେଦିନ ଅଠାଇସ ଅକ୍ଟୋବର ଦୀପାବଳୀ ଅମାବାସ୍ୟା ଥିଲା । ରାତିଟା ଦିନଠାରୁ ଆହୁରି ଉଜ୍ଜ୍ୱଳ । ବାହାର ପରିବେଶ ନାଲି, ନେଳୀ, ହଳଦୀଆ, ନାରଙ୍ଗୀ ପ୍ରଭୃତି ରଙ୍ଗ ବେରଙ୍ଗୀ ଲାଇଟ୍‌ରେ ସଜ୍ଜିତ । ଅତି ମନୋରମ ଦୃଶ୍ୟ... ଘଣ୍ଟା ଘଣ୍ଟା ଧରି ଉପଭୋଗ କରିବାକୁ ଇଚ୍ଛା ଥିଲେ ମଧ୍ୟ ବାଧ୍ୟତଃ ଭିତରକୁ ଆସିଲି । ତା'ର କାରଣ ହେଲା "ଫୋଟକା ଫୁଟିବା" ମୁଁ ଆଦୌ ସହ୍ୟ କରିପାରେନ । ସମାଜର ଏଇ ବିଷୟଟିରେ ମୋ'ର ପ୍ରତିକ୍ରିୟା ଉପୁଜେ । ସେଥିପାଇଁ ବହୁ ବନ୍ଧୁଙ୍କ ସାମ୍ନାରେ ମୁଁ ଉପହାସର ପାତ୍ରୀ ହୋଇଥିବା ସତ୍ତ୍ୱେ ମଧ୍ୟ ମୁଁ ନିଜକୁ ବଦଳାଇବାର ବୃଥା ପ୍ରୟାସ କରିନାହିଁ ।

ପରିବାର ସଦସ୍ୟ ମାନଙ୍କ ସାମ୍ନାରେ ଏ କଥାଟି ଅଛପା ନୁହେଁ । ତେଣୁ କେହି ପ୍ରତିବାଦ କରନ୍ତିନି । ଶୋଇବା ଘରକୁ ଯାଇ ଝରକା ଦୁଆର ସବୁ ବନ୍ଦ କଲି । ବାହାର ଫୋନ୍‌ରେ ନିଦ ଭାଙ୍ଗିଗଲା । କାନ୍ଥ ଘଡ଼ିରେ ଦଶଟା ବାଜିଥିଲା, ମୋବାଇଲ୍ ଉଠାଇଲି ।

"ହାପି ଦିୱାଲୀ ମାମ୍ । ଦୀପାବଳୀର ବହୁତ ବହୁତ ଶୁଭେଚ୍ଛା ସ୍ୱରଟି ମୋ'ର ଦୀର୍ଘ ୩୦ ବର୍ଷର ପରିଚତ । ତାଙ୍କର ପୋଷ୍ଟ ଗ୍ରାଜୁଏସନ୍‌ରେ ଭର୍ତ୍ତୀ ହେବା ଦିନଠୁ । କହିଲି "ଧନ୍ୟବାଦ, ହେଲେ ହଠାତ୍ କେମିତି ମନେ ପକାଇଲ?"

"ଆରେ ମାମ୍, ଆପଣଙ୍କୁ କଏ କ'ଣ ସହଜରେ ଭୁଲିପାରେ! ଆପଣ ସେଇମିତି ସ୍ନେହ ଶ୍ରଦ୍ଧା ଦେଇ ସମସ୍ତଙ୍କୁ କିଣି ନଅନ୍ତି ।"

ଯଦି ଓ ମୁଁ ଏଇ ଚକସ୍ୱଙ୍କ ଜଣଙ୍କୁ ଖୁବ୍ ଶ୍ରଦ୍ଧା କରେ, ତଥାପି କାହିଁକି କେଜାଣି ଆଜିର କଥା ପଦକରେ ମୁଁ ଅଶ୍ୱସ୍ତି ଅନୁଭବ କଲି, କ'ଣ ଉତ୍ତର ଦେବି କଛି ବି ମୋ' ତୁଣ୍ଡକୁ ଆସୁ ନ ଥିଲା । ଟିକଏ ସମୟ ପରେ ମୋ' ନିଜ ଅଜାଣତରେ ପାଟିରୁ ବାହାରି ଆସିଲା "କେତେଟା ବାଜିଛି? ମୁଁ ଶୋଇ ପଡ଼ିଥିଲି ।"

"ଏମିତି ଶୋଇଲେ ପ୍ରେସିଡ଼େଣ୍ଟ କାମ କେମିତି ସମ୍ଭାଳବେ?" ସେଇ ଗତାନୁଗତିକ କଣ୍ଠସ୍ୱର ।

"ସେଥିପାଇଁ ତୁମେମାନେ ଅଛ ଯେ!" ଖୁବ୍ ସାଧାରଣ ଭାବେ ଉତ୍ତର ଦେଲି ।

ସେଇଥିପାଇଁ ତ ଫୋନ୍ କରିଛି ମାମ୍ ।

ବୁଝି ପାରିଲିନ ।

ମୁଁ କହୁଥିଲି ନିର୍ବାଚନ ତାଲିକାରୁ ଆପଣ ଏଥର ନିଜ ନାମଟା ପ୍ରତ୍ୟାହାର କରିନଅନ୍ତୁ ମାମ୍ ।

ମୋ' କାମ ଉପରେ ତୁମର ଭରସା ନାହିଁ?

କେବଳ ମୋ'ର ନୁହେଁ ମାମ୍, ସଂସ୍ଥାର ୧୩ ହଜାର ସଦସ୍ୟ ସଦସ୍ୟାଙ୍କର ଭରସା ଖୁବ୍ ନିବିଡ଼ । ତଥାପି ନାମ ପ୍ରତ୍ୟାହାର କରିନେଲେ ଭଲ ହେବ । ମୁଁ ଆପଣଙ୍କୁ ସମ୍ମାନ କରେ । ସେ କଥା ତୁମକୁ କହିବାକୁ ପଡ଼ିବ! ତେଣୁ ମୋ' ଛୋଟ କୁହାଟି ମାନିଯାଆନ୍ତୁ ।

ଦୁଇ ଦୁଇଥର ସଂପାଦକ ନିର୍ବାଚନରେ ଭାଗ ନେଇ ଦେଖିଲ ତ ଅନ୍ୟମାନେ ଏକଜୁଟ୍ ହୋଇ କେମିତି ମତେ ଅସୁବିଧାରେ ପକାଇଲେ ପୁଣି ଗତବର୍ଷ ବିନା କାରଣରେ ମୋ'ର

ନୋମିନେସନ ଫର୍ମ ରଦ୍ଦ କରାଯାଇଥିଲା । ଅନ୍ତତଃ ସଭାପତି ଭାବେ ସଂସ୍ଥା ହିତରେ କିଛିଟା କର୍ତ୍ତବ୍ୟ ସଂପର୍ଣ୍ଣ କରେ ।

ଆପଣ ବହୁତ ସରଳ ମାମ୍ । ବିନା କାରଣରେ ନୁହେଁ । ସ୍ୱର୍ଣ୍ଣ ନିର୍ମିତ ପତ୍ନୀ ସହ ଜନ୍ମ ନେଇଥିବା ପ୍ରାର୍ଥୀ ଭାଗ ନେଉଥିଲେ । ତା'ଛଡ଼ା ପୁଣି ସେଇ ପୂର୍ବ ଅସୁବିଧାର ପୁନରାବୃତ୍ତି ହେବନି ବୋଲି ଆପଣ ଦୃଢ଼ତାର ସହ କେମିତି କହି ପାରିବେ?

ଠିକ୍ ଅଛି, ଏକାଗ୍ରତାର ସଫଳତା ଦିନେ ନା ଦିନେ ନିଶ୍ଚିତ ତା'ଛଡ଼ା ତୁମ ଭଳି ବହୁ ଶୁଭାକାଂକ୍ଷୀ ସଦସ୍ୟ ସଦସ୍ୟା ମୋ' ସହ ଅଛନ୍ତି । ଉଇ ସୁଡ୍ ହୋପ୍ ଫର୍ ଦ ବେଷ୍ଟ । ରଣଭୂମିରୁ ଫେରିଯିବାକୁ କାପୁରୁଷତା କୁହାଯାଏ ।

"ନାଁ ମାମ୍, ମୁଁ କହୁଥିଲି ଏଥର ମତେ ଏଇ ସୌଭାଗ୍ୟ ଦିଅନ୍ତୁ । ଭବିଷ୍ୟତରେ ଆଉ କେବେ ମୌକା ଦେଖି ଲଢ଼ିବେ । ଆପଣଙ୍କ ଛାତ୍ରକୁ ଆପଣ ପ୍ରତିଷ୍ଠିତ ହେବାକୁ ଦେବେନି?" କଣ୍ଠରେ ସେଇମିତି ଅନୁରୋଧ ପୂର୍ଣ୍ଣ ଭକ୍ତି ।

ଅର୍ଥାତ୍ ତୁମେ ମଧ୍ୟ ଜଣେ ପ୍ରାର୍ଥୀ?

ଆପଣଙ୍କ ଆଶୀର୍ବାଦ ମାଡ଼ାମ୍ ।

ଇଉ ହାଭ୍ ଟାଇମ୍ ମାଇ ଡିଅର । ଆସନ୍ତା ବର୍ଷ ମତେ ଷାଠିଏ ପୂରିବ । ଦୁଇବର୍ଷ ପରେ ଅବକାଶ । ଭାବୁଥିଲି ଏଇ ଅନୁଷ୍ଠାନରେ ଥିବା ସମୟରେ ସଂସ୍ଥା ପାଇଁ କିଛି ଅଧିକା କାମ କରିପାରିବି ଏଥର ନିର୍ବାଚନ ରାଜସ୍ଥାନରେ ମୋ' ପାଇଁ ଜିତିବା ଖୁବ୍ ସହଜ । ଆପଣଙ୍କ ପରାଜିତତା ମତେ କଷ୍ଟ ଦେବ ମାଡ୍ୟାମ୍ ।

ଆଜି ଭଲ ଦିନରେ ମୁଁ ତୁମକୁ ଟେନ୍‌ସନ ଦେବାକୁ ଚାହୁଁ ନ ଥିଲେ ମଧ୍ୟ ଏତିକି କହିବି ମୁଁ ମୋ'ର ସିଦ୍ଧାନ୍ତରେ ଅଟଳ । ତୁମକୁ ଶୁଭେଚ୍ଛା ଜଣାଇବା ବ୍ୟତୀତ ଆଉ ବେଶୀ କିଛି କରିପାରିବିନି ।

୪.୨.୨୦୦୯ –

ନିର୍ବାଚନ ଦିନଟି ଘରେ ପଶିଲାଣି । ବଡ଼ ବଡ଼ କମ୍ପାନୀ ମାନଙ୍କ ଦ୍ୱାରା ବିଭିନ୍ନ ହୋଟେଲ୍‌ରେ ପାର୍ଟିମାନଙ୍କର ଆୟୋଜନ । ପ୍ରତିନିଧି ମାନଙ୍କର ଭୋଟ ପାଇଁ ପ୍ରାର୍ଥନାରେ ରାଜସ୍ଥାନର

ଉଦ୍ଦିଷ୍ଟ ସ୍ଥଳୀଟି ସରଗରମ ହୋଇ ଉଠିଛି । ଅନ୍ୟ ଏକ କମ୍ପାନୀର ମୁଖ୍ୟ ମତେ ଭେଟିଥିଲେ, "ଆମ ତରଫରୁ ଆମେ ମଧ୍ୟ ଏକ ପାର୍ଟିର ଯୋଜନା ନିର୍ବାଚନ ପୂର୍ବଦିନ ବ୍ୟବସ୍ଥା କରି ପାରିବୁ "ଡ୍ରିଙ୍କ୍ ପାର୍ଟି" ନିର୍ବାଚନ ପାଇଁ ଏକ ଅପରିହାର୍ଯ୍ୟ ଅଙ୍ଗ ।"

ଆପଣଙ୍କ ଉଦ୍‌ବୋଧକ ଚନ୍ତାଧାର୍ ପାଇଁ ଖୁବ୍ ଧନ୍ୟବାଦ । ମାତ୍ର ଯାହା ମୁଁ ବର୍ଷ ବର୍ଷ ଧରି କରିପାରିନ, ଆଜି ତାହା ମୋ' ପାଇଁ ସମ୍ଭବ ନୁହେଁ । ହଁ, ଆପଣ ଠିକ୍ କହୁଛନ୍ତି, ଆବଭାବରୁ ମୁଁ ହାରିବି ବୋଲି ଜଣା ପଡୁଛି, ହେଲେ ହାରିବା ଜିତିବା ତ ଲାଗି ରହିଛି ।

ଆଜି ନିର୍ବାଚନ ଶେଷ ହୋଇଥିଲା । ଫଳାଫଳ ଘୋଷଣା ନ କରାଯାଇଥିଲେ ମଧ୍ୟ ବିଶେଷ ସୂତ୍ରରୁ ଜଣା ପଡିଥିଲା ମୁଁ ହାରି ଯାଇଛି । ଜଣେ ବୟୋଜ୍ୟୋଷ୍ଠ ବ୍ୟକ୍ତି ତାତ୍ସଲ୍ୟ କରି କହିଲେ "ହେଟ୍ରିକ୍ ହୋଇଗଲା", ଯେ କୁଚକ୍ରୀ କାରବାର ତୋ ଯୋଗେ ହେବନି । ଏବେ ନିଶା ଛାଡ଼୍ ।

ତାଙ୍କୁ କିଛି ନ କହି ବ୍ୟାଗ୍ ଭିତରୁ ମୋବାଇଲ୍ ବାହାର କରିବାକୁ ହାତ ଭର୍ତ୍ତିକଲି । ଚିନ୍ତାରେ ବୁଡିଗଲି । ବ୍ୟାଗ୍‌ଟି ଅନ୍ୟ ଜଣଙ୍କ ପାଖରେ ଛାଡିଥିଲି । ଭିଡ ଭିତରେ ନିଶ୍ଚିତ ଭାବରେ ବ୍ୟାଗ୍ ଭିତରୁ ମୋବାଇଲ୍‌ଟି କିଏ ଗାପ୍ କରିନେଇଛି ।

"ଦୁଃଖ କରନ୍ତୁନି ମାଡ଼ାମ୍ । ଏଇଟା ପୁରୁଷ ପ୍ରାଧାନ୍ୟ ସମାଜ ପୁରୁଷ ଗୋଷ୍ଠୀ ସଂଗେ ଲଢ଼ିବା ଆମ ପକ୍ଷେ ସମ୍ଭବ ନୁହେଁ ।" ମୋ'ର ଉଦାସୀନତା ଲକ୍ଷ୍ୟ କରି ଜଣେ ନାରୀବନ୍ଧୁ ମନ୍ତବ୍ୟ ଦେଲେ ।

ବହୁ ପୂର୍ବରୁ ଏହା ମତେ ଜଣାଥିଲା ଅନୀତା । ହେଲେ "ଚେଷ୍ଟା" ହିଁ ମଣିଷକୁ ତା'ର ଲକ୍ଷ୍ୟସ୍ଥଳୀରେ ପହୁଁଚାଇଥାଏ ।

ଆପଣଙ୍କ ଧୈର୍ଯ୍ୟକୁ ମୁଁ ପ୍ରଣାମ କରେ ମାଡ଼ାମ୍ । ଏଇ ସବୁର ମୂଳମନ୍ତ୍ର ଆପଣଙ୍କ ଠାରୁ ଶିକ୍ଷଣୀୟ ।

ସେ ସବୁ ଛାଡ଼, ଜଣେ ନାରୀ ହିସାବରେ ତୁମର ମଧ୍ୟ ବର୍ଷ ବର୍ଷ (ଯୁଗ ଯୁଗ) ଧରି ଚଳି ଆସୁଥିବା ପ୍ରଥା ବିଷୟରେ ଜାଣି ରଖିବା ଉଚିତ୍ । ସେ ହେଲା ନାରୀର ନାରୀ ପ୍ରତି ଇର୍ଷା ସମାଜର ଯେତିକି କ୍ଷତି ନ କରେ ପୁରୁଷର ନାରୀ ପ୍ରତି ଇର୍ଷା ତାହା ବହୁଗୁଣରେ ସମାଜ ପାଇଁ କ୍ଷତିଦାୟକ । ଏଇଥିପାଇଁ ନାରୀ କୌଣସି ବି କ୍ଷେତ୍ରରେ ପୂର୍ଣ୍ଣ ବିକଶିତ ହେବାପାଇଁ

ଅସମର୍ଥ ହୁଏ । ଇତିହାସର ନାରୀ 'ଜୋଆନ', 'ଗାର୍ଗୀ', ଆମ୍ରପାଲ୍ଲୀ, ଖନା ଏବଂ ତସ୍‌ଲିମାଙ୍କ ତୁଳନାରେ ମୋ'ର ଦୁଃଖ କଛି ଅଧିକା ନୁହେଁ । ଯେଉଁ ବୀର୍ ରମଣୀ ଜୋଆନ୍ ଅଫ୍ ଆର୍କଙ୍କୁ "ଡ଼ାଆଣୀ" ଆଖ୍ୟା ଦେଇ ଯେଉଁମାନେ ତାଙ୍କୁ ଜୀବନ୍ତ ଜଳାଇ ଦେଇଥିଲେ ସେମାନେ ଥିଲେ ଅସଂଖ୍ୟ ପୁରୁଷ ।

ଆମ୍ରପାଲ୍ଲୀଙ୍କର ଭୁବନ ମୋହିନୀ ରୂପ ଯୋଗୁ ତାଙ୍କୁ "ନଗର ବଧୂ" ହେବା ପାଇଁ ବାଧ କରିଥିଲେ ଶିକ୍ଷିତ ପୁରୁଷ ଗୋଷ୍ଠୀ । ଖନାଙ୍କର ଅନନ୍ୟ ପାଣ୍ଡିତ୍ୟ ଓ ଜ୍ୟୋର୍ତିଜ୍ଞାନ ଯୋଗୁ ତାଙ୍କୁ ବାକ୍‌ଶକ୍ତି ହରାଇବାକୁ ପଡ଼ିଥିଲା । ଡ଼ାଃ ତସ୍‌ଲିମାଙ୍କ ବିଷୟରେ କେଉଁ ପ୍ରକାର ଝଡ଼ ଉଠି ଥିଲା ତାହା ପୃଥିବୀବାସୀଙ୍କୁ ଅଗୋଚର ନୁହେଁ ।

ହଁ, ମୋ' ପାଇଁ ବର୍ତ୍ତମାନର ଉଦାସୀନତାର କାରଣ ହେଲା ଭିଡ଼ ଭିତରେ ମୋ' ବ୍ୟାଗରୁ ମୋବାଇଲ୍‌ଟି କଏ ଚୋରାଇ ନେଇଛି । ସେଥିରେ ମୋ'ର ସବୁ କଛି ଡ଼େଟା ଗଚ୍ଛିତ ଥିଲା । ନିର୍ବାଚନ ଚନ୍ତା ଛାଡ଼ି ମୋ' ମନରେ ମୋବାଇଲ୍ ଚନ୍ତା ପଶି ଯାଇଥିଲା । ଦିଲ୍ଲୀରେ ପହଞ୍ଚି କଛି କରିହେବ, ତେଣୁ ସମୟ ନଷ୍ଟ ନ କରି ମୁଁ ଦିଲ୍ଲୀ ଫେରି ଆସିଲି ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ମୋ ପ୍ରଭୁ



ସୁଲୋଚନା ବେହେରା

ଆଜ ଫଳପ୍ରସୂ
ବ୍ୟାକୁଳ ବାସନା
ଯାମିନୀ ର ଶେଷ ଭାଗେ,
ଅତଳ ବିତଳ
ଆଶା ଆକାଂକ୍ଷା ର
ପୂର୍ଣ୍ଣ ଛେଦ ପଞ୍ଚ ରାଗେ ।

ଏ ପ୍ରାଣ ବୀଣାରେ
ଆଶିଷ ପରଷି
ଉଛୁଳେ ସ୍ୱର ମୂର୍ଚ୍ଛନା,
ଦୟାନିଧି ତୁମେ
ଦୟାର ବାରିଧି
ଊଣା ନ ହେଲା ପାଉଣା ।

ସତେ ଶୁଭୁ ଅଛି
ପ୍ରାଣେ ପ୍ରତିଧ୍ୱନୀ
ତୁମ୍ଭେ ମୋହରି ମୋହରି,
ହେ ଅନାଦି ଅନନ୍ତ
ରସ ପ୍ରସବଣ
ସାରା ଜୀବନ ତୁମ୍ଭରି ।

ମୃଦଙ୍ଗର ତାଳେ
ନାଚ ମୁଁ ଉଠଇ

ପାଦରେ ଘୁଙ୍ଗୁର ମାଳ,
ଗୀତ ଗୋବିନ୍ଦ ମୋ
କଣ୍ଠେରେ ସୂରିଲା
ଝଙ୍କାରେ ରାଗେଣୀ ତାଳ ।

ଖୁସି ଅଶ୍ରୁ ଓଠ
ଚୁମ୍ବୁଛି ଆନନ୍ଦେ
ଭକ୍ତି ଅଞ୍ଜଳ ଚରଣେ,
ଆହେ ପ୍ରଭୁ ତୁମ୍ଭେ
କ ପୀୟୁସ ଢାଳ
ହଜିଯାଏ ମନ ପ୍ରାଣେ ।

ଗୃହିଁ ଚର ତୃପ୍ତ
ରୂପ କାନ୍ତି ତବ
ହାସ୍ୟ ଚମକ ଚପଳା,
ମଉନେ ଭୂଷଣେ
ଲୋତକ ଲୋଚନେ
ଅରପି ମନ ବାଉଳା ।

ନତି ତୁମ୍ଭ ନାମ
ରସ ସଞ୍ଚରଇ
ମନେ ଉତ୍କଣ୍ଠା ଆନନ୍ଦେ,
ମୋ ମନର ନେହା
ନନ୍ଦ ପସରା ଗୋ
ପ୍ରଣତି ତବ ଶ୍ରୀ ପଦେ ।

ବଇଁଚୁଆ, ବାଲିଅନ୍ତା, ଖୋର୍ଦ୍ଧା

# ଏକଲା ପଥିକ!!!



ଶକୁନ୍ତଳା ପରିଡା

ଜୀବନର ଏଇ ଲମ୍ବା ରାସ୍ତାରେ
ଏକଲା ପଥିକ ମୁଁ
ଜଣାନାହିଁ କେତେ ପଥ ଚାଲିବାକୁ ହବ
ଏ ଜୀବନ ପଥରେ ମୁଁ ।୧।

ଜଣାନାହିଁ ଆଉ କେତେଦିନ ଏକୁଟିଆ
ଜୀବନର ସଙ୍ଘର୍ଷ ଲଢିବି ମୁଁ
ଏ ଜୀବନର ପଥରେ ଆଉ କେହି ନାହିଁ
ବାସ୍ ଖାଲି ମୁଁ ଆଉ ମୁଁ।୨।

ଦି ଦିନର ସାଥି ହୋଇ ଚାଲୁଥିଲେ ଯିଏ
ଅଧାବାଟେ ହାତଛାଡ଼ି ଚାଲିଗଲେ ସେ
ଶିଖେଇଦେଇ ଗଲେ ଏକା ବଞ୍ଚିବା
ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଯେ।୩।

କିଛି କ୍ଷଣ ପାଇଁ ଭାଙ୍ଗି ପଡିଥିଲି
ଏକା ହୋଇଗଲି ବୋଲି ମୁଁ
ଆଜି ମୁଁ ନିଜକୁ ସାନ୍ତ୍ୱନା ଦଉଛି
ଚାଲିବୁଚାଲିବୁ ନ ପଡିବୁ ଥକି
ଯେ ପର୍ଯ୍ୟନ୍ତ ଖୋଲା ଅଛି ଏଇ ତୋର ଆଖି। ୪।

କୋରୁଆ, ନୂଆଗାଁ, ଜଗତସିଂହପୁର

# ସେବା



ନଲେଶ କୁମାର ଭୋଇ

ସେବା ହିଁ ଧର୍ମ, ସେବା ହିଁ କର୍ମ,ସେବା ବିନା ବୃଥା ଏହି ମଣିଷ ଜୀବନ ।
ମାନବ ସେବା ହିଁ ମାଧବ ସେବା କହନ୍ତି ମହତ ପୁରୁଷ ଗଣ ॥

ଗୋପବନ୍ଧୁଙ୍କ ସେବାକୁ ଭୁଲିହେବ ନାହିଁ, ସେ ବୁଝୁଥିଲେ ଗରିବଙ୍କ ଦୁଃଖ ।
ନଜର ସନ୍ତାନ ପର କରିଦେଇ ଗୃହିଁ ଥିଲେ ସେ ଶହେ ପୁତ୍ର ମୁଖ ॥

ସେହିପରି ମହାନ ମଣିଷ ମିଳେବେ କାହିଁ ଏହି ଅଲିଭ୍ ଦୁନଆଁରେ ।
ଦ୍ୟୁତି, ଆଦିତ୍ୟ ହୋଇ ରହି ଥିଲେ ସେ ପ୍ରତେକଙ୍କ ହୃଦୟରେ ॥

ସେହି ନୀଳଗିରି ଗୁରୁକୁଳ ଝୁରୁଛି କାହିଁ  ମିଳବେ ସେହିପରି ଆଗୃର୍ଯ୍ୟ ।
ସତ୍ୟବାଦୀ ବନବିଦ୍ୟାଳୟ ତୁମରି ସୁ-ଶିକ୍ଷା ଦେଉଥିଲ୍ ପାଳ ବ୍ରହ୍ମଚର୍ଯ୍ୟ ॥

ସମାଜ ପତ୍ରିକା ରଚଗଲ ତୁମେ ସୁ-ବାର୍ତ୍ତା ଦେଇ ଏହି ଅଲିଭ୍ ଦୁନଆଁକୁ ।
ଚରସ୍ମରଣୀୟ ତୁମରଜୀବନ ସଲିତା  ରହିଥାଉ କାଳ-କାଳକୁ ॥

କଟ୍ ବିଶ୍ୱ ବିଦ୍ୟାଳୟ ଛାତ୍ର(ବିଜ୍ଞାନ ଭିଭଗ)

# ମଣିଷ ପଣିଆ



କେଶରୀ ପ୍ରସାଦ ମହାନ୍ତି

ଆଜିର ସାମ୍ପ୍ରତିକ ସମାଜ ରେ ବିଜ୍ଞାନର ନୂତନ ସ୍ପର୍ଶ ରେ ଅଲୋଡ଼ା ହେଇ ଯାଇଛି ମାନବିକତା । ପ୍ରସ୍ତର, ଲୌହ, ତାମ୍ର ଯୁଗ କୁ ଅତିକ୍ରମ କରି ଆଜିର ଇଣ୍ଟେରନେଟ ଯୁଗ ର ମଣିଷ ବାସ୍ତବ ବାଦୀ ହେବା ବାହାନା ରେ ବୋଧ ହୁଏ ବସ୍ତୁ ବାଦୀ ଏବଂ ପ୍ରେମ କରିବା ର ଦ୍ୱାହି ଦେଇ କରୁଛି ପ୍ରତାରଣା ।

ମାନବିକତା ର ମୂଲ୍ୟବୋଧ କୁ ଜାଣିବା ପାଇଁ ନା କାହାର ମନ ରେ ଅଛି ଜିଜ୍ଞାସା ଅବା କାହାର ମନ ରେ ସଭ୍ୟତା ର ଚରମ ସୋପାନ ର ସତ୍ୟତା ଜାଣିବା ପାଇଁ ଅଛି ଅନୁସନ୍ଧିତ୍ସା? ସମୟ ସ୍ରୋତ ରେ ଅବସ୍ଥା ଦେଖି ବ୍ୟବସ୍ଥା କରିବା ର ଢାଞ୍ଚା କୁ ମଣିଷ ଆପଣେଇ ନେଇ ନିଜର ମଣିଷ ପଣିଆ ର ସଲିଲ ସମାଧି ଦେଇ ନିସହାୟ ଶୁଷ୍କ ତୃଣ ପରି ଦିଗହରା ହୋଇ ଭସି ଗ୍ଲାଲିଛି ସୀମାହୀନ ସାଗର ରେ । କେତେବେଳେ ଅର୍ଥବଳ ଆଗରେ ମାନବିକତା ବିକ୍ରି ହୋଇଯାଉଛି ତ କେତେବେଳେ ବାହୁବଳ କୁ ସାମ୍ନା କରି ନପାରି ଅଦିନ କୁହୁଡି ରେ ଢାଙ୍କି ହୋଇ ଯାଉଛି...

ମଣିଷ ପଣିଆ ର ଦ୍ୱାହି ଦେଇ ବଂଚବା ଶିଖିଥିବା କେତେକ ଲୋକ ଙ୍କର ଆଗରେ ବ୍ୟଭିଗ୍ଲରୀ ଙ୍କର ଅତ୍ୟାଗ୍ଲର ବୋଝ ଉପରେ ସାଜିଛି ନଳତା ବିଡ଼ା । ସତରେ ଲାଗୁଚ ଆଜିର ଦିନ ରେ ମଣିଷ ପଣିଆ କୃଷ୍ଣ ପକ୍ଷ ର ଚନ୍ଦ୍ର ପରି ହ୍ରାସ ହୋଇ ଲୋପ ପାଇବା କୁ ବସିଛି ।

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଳୟ, ଯାଜପୁର

# ସଦା କୁସୁମିତ



ବିଜୟ କୁମାର ଛାଟୋଇ

କା' ଆଗେ ବାଇବି  ମନର ବେଦନା
ଗହନ ବ୍ୟଥାର ଗାଥା,
ହୃଦୟର କୋହ  ନେତ୍ରର ଉତାପେ
ଭ୍ରମରେ ଘୁରୁଛି ମଥା //

ବିଜଡ଼ିତ ମୋହେ  ଧନ ଦଉଲତେ
ସ୍ୱାର୍ଥୀଏ ଭିଡ଼ନ୍ତି ଆଣ୍ଟ,
ଗଲାବେଳେ ଦିନେ  ଏକାହୋଇ ଯିବା
ଯମ କରିଥିବ କଣ୍ଟ //

ବଡ଼ପଣ ସେହି  ସଞ୍ଚିଲା ଧରମ
ଜଗତେ ଯା' ବଞ୍ଚିରହେ,
ମାନ ସନମାନ  ଦେଇ ଗ୍ଲୁଲ ଭ୍ରଇ
ଏ ବାଣୀ ମହାନ୍ତେ କହେ //

ଟେକ ସମଦୃଷ୍ଟି  ଭଗତ ଜନରେ
ନ ମଣି ଆପଣା ପର,
ନ୍ୟାୟବାଦୀ ସେହି  ସମାଜ ଆଗରେ
ନ ଥାଏ ତା' ସ୍ୱାର୍ଥପର//

ସତ ସଞ୍ଚୁଥିଲେ  ସତ୍ୟପଥେ ସାହା
ହେବ ସେ' ସଞ୍ଚିଲା ଧନ,

ଅସତ ସଙ୍ଗନା  କୁପଥେ ପଡ଼ନା
କୁପାଞ୍ଜେ ଦିଅନା ମନ //

ମାୟା ଘେରିଥିବ  ଜୀବଥିବା ଯାଏ
ପୁତ୍ର ଦାର୍ ପରିଜନେ,
ଏମାନଙ୍କ ସାଥେ  ମତି ବଳାଇଲେ
ପଡିବୁ ମାୟା ବନ୍ଧନେ //

ବଡ଼ ବୋଲି ଯଦି  ଆଣ୍ଟକରୁ ମନେ
ବଡ ହୃଦଟିଏ ଗଢ଼ ,
ପିତାମାତା ପରି  ମହାଜନ ହୋଇ
ପରହିତେ ସଦା ସଢ଼ //

ବଡ଼ିମା ଦମ୍ଭରେ  ବଡ଼ କେ' ହୋଇଛି
କହିବ କେ' ଅଛ ଜଣେ,
ବଡ଼ିମା ଦମ୍ଭରେ  ବିନାଶ ଘୋଟିଲା
ଦଶାଶୀର ଦୁର୍ଯ୍ୟୋଧନେ //

ସତ୍ୟପଥ ସିନା  କଣ୍ଟକତ ଭଇ
ସଦା କୁସୁମିତ ଥାଏ,
ସହଜ ସରଳ  ଅସତଟି ସିନା
ଦିବ୍ୟତନୁ ନାଶ ଯାଏ //

ମହୁର୍, ସତ୍ୟବାଦୀ, ପୁରୀ

# ବିଶ୍ୱାସ ଓ ଜ୍ଞାନଚକ୍ଷୁ



ସୁଧାଂଶୁ ଶେଖର ସୁତାର

ସେଦିନ ଜଣେ ଗେରୁଆ ବସ୍ତ୍ର ଧାରୀ ଦାଢ଼ିଆ ସାଧୁ ମଞ୍ଚରେ ପ୍ରବଚନ ଦେଉଥାନ୍ତି। ଯିଏ ବାଲ୍ୟକାଳରୁ ଘର ସଂସାର ତ୍ୟାଗ କରି ହିମାଳୟରୁ ତପସ୍ୟା କରି ସିଦ୍ଧି ଲାଭ କରି ଫେରିଥିଲେ। ତାଙ୍କର ପ୍ରବଚନର ପ୍ରସଙ୍ଗ ଥିଲା ଯେ:- କପରି ଦାମ୍ପତ୍ୟ ଜୀବନ ସୁଖମୟ ହେବ,,, କପରି ପତିପତ୍ନୀ ଭିତରେ ବୁଝାମଣା ଠିକ ରହିବ,,, ସନ୍ତାନ ସନ୍ତତିଙ୍କ ଲାଳନ ପାଳନ କପରି କରିବେ,,,, ଇତ୍ୟାଦି ଇତ୍ୟାଦି।

ତାଙ୍କ ପ୍ରବଚନ ସରିଲା କ୍ଷଣି ମୁଁ ସାଧୁଙ୍କୁ ପଚାରିଲି ଯେ, ଆପଣ ତ ଆଜନ୍ମ ବ୍ରହ୍ମଚାରୀ, ଘର ସଂସାର କରି ନାହାନ୍ତି, ତେବେ ଆପଣଙ୍କର ଏତେ ଏକ୍ସପେରିଏନ୍ସ କେମିତି ହେଲା**?**

-- ଏହା ମୋର ସାଧନାର ସିଦ୍ଧି।

-- କେମିତିଆ ସାଧନା**???** ଯେଉଁଥିରେ ବିନା ଏକ୍ସପେରିଏନ୍ସରେ ଆପଣ ଜାଣି ପାରିଲେ**?**

-- ଦେଖ ବାବୁ, ତୁମର ଜ୍ଞାନଚକ୍ଷୁରେ ଦେଖ ସବୁ ବୁଝି ପାରିବ, ତର୍କ ନିଷ୍ପ୍ରୟୋଜନ।

-- ଚକ୍ଷୁ ତ ଏକ, ତେବେ ଯେ ଜ୍ଞାନଚକ୍ଷୁ ଅଜ୍ଞାନଚକ୍ଷୁ କୋଉଠୁ ଆସିଲା**??**

--ବିଶ୍ୱାସ ହିଁ ଏହାର ପ୍ରତୀକ।

-- କେମିତି ବିଶ୍ୱାସ କରିବି ଯେ ଚକ୍ଷୁ ଭିନ୍ନ ଭିନ୍ନ ପ୍ରକାରର??? ହଁ କାହା ଚକ୍ଷୁର ଦୃଷ୍ଟିଶକ୍ତି କମ କାହାର ଅଧିକ, ଚକ୍ଷୁ ବିଭିନ୍ନ ପ୍ରକାର କେମିତି ହେବ।

-- ବାବାଜୀ କଣ କହିବେ ବୋଲି ଭାବୁ ଭାବୁ ତାଙ୍କର ଜଣେ ସହଯୋଗୀ କହିଦେଲେ :- ହରି ଓଁ,,, ଏବେ ସ୍ୱାମୀଜୀଙ୍କ ପ୍ରାର୍ଥନା ସମୟ,,, ସମସ୍ତେ ସାନ୍ଧ୍ୟପ୍ରାର୍ଥନା ଗାନ କରନ୍ତୁ।

ତା ପରେ ଗିନ, ଖୋଳ ଝାଞ୍ଜ କମ୍ପିଲା,, ସମସ୍ତେ ହରିବୋଲ ହୁଳହୁଳ ଦେଲେ।।। ମୁଁ ବାବାଜୀଙ୍କୁ ସେମିତି ଅନେଇ ଥାଏ।

ଢିଙ୍କିଆ, କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

www.editor.vedantimagazine@gmail.com

# ନା ମୋର ରାମାୟାପାଟଣା



ରଞ୍ଜନ କୁମାର ଖଣ୍ଡା

ନା ମୋର ରାମାୟାପାଟଣା
ରହିଛି ମୁଁ କେଉଁ କାଲୁ ଏଧର୍ ଧାମରେ
ଶସ୍ୟଶ୍ୟାମଳା ପୂର୍ଣ୍ଣ ସଶରୀରେ
ନଡ଼ିଆ ଗୁଆ ତାଳ କେତେ କସମର
ପରିପୂର୍ଣ୍ଣ ଥାଏ ମୋର ଶରୀର
ଦେଖି ସମସ୍ତଙ୍କର ଲୋଭଇ ମନ
ଆକୃଷ୍ଟେ ଆସନ୍ତି ଜନଜୀବନ  ।
ସାଗର ଲହଡି ଯେସନ ଅଳସ ଭଙ୍ଗେ
ତେସନ ପୁରବୀ ରାଗ ଝଙ୍କାରେ
ନାଚଇ ପିକ ହସଇ ମରୁତ ବହେ ଶୀତଳ ବାଆ
ଦୁନଆ ଯାକର ଖୁସି ମୋ ପାଖେ
ସମସ୍ତଙ୍କର ମୁଁ ଅଟଇ ମାଆ  ‖ ଏକ ‖

ଏଠାକୁ ଆସନ୍ତି କେତେ ଦର୍ଶକ
ଆସନ୍ତି ପୁଣି କେତେ କେତେ ଆଲୋଚକ
କରନ୍ତି ବହୁ ତର୍କ
ତଥାପି କହିବ ଗାଲି ଯାଅ ବୋଲି
ହେବ ବୋଲି କାଳେ ମନ କଷ୍ଟ  ।
ଜୀବନ ମୋ ଅଛି ପ୍ରକୃତି କୂଳରେ
ସେ ମୋର ପରମ ପୂଜ୍ୟ

ଗିରି-ଲତା ଆଦି ଜୀବ ଜଗତ
ସଭିଏଁ ହୋଅନ୍ତି ମୋଠାରେ ଯାତ ‖ ଦୁଇ ‖

କମ୍ପାଇଁ ମୋ ମନ ହୁଏ ଓହଳ ବିକଳ
ଲମ୍ବା ଆୟୁ ପାଇଁ
ହେଲେ ଜଣାନାହିଁ କେଉଁ ଦୂରର ଅତିଥି
ହାବୁଡ଼ି ଯିବ ପୁଣି ଆସି |
କାଳର କରାଳ ରୂପ ଯେ ଭୟଙ୍କର
ଲାଗେ ସତେ ବଡ଼ କଷ୍ଟ
କେଦିନ କେଜାଣି ନେଇଯିବ ଆସି
କରି ମୋ ଶରୀର ନଷ୍ଟ ‖ ତିନ ‖

ଗ୍ରହୁଁ ଗ୍ରହୁଁ ପୁଣି ବିଲୀନ ହେବ
ଶସ୍ୟଶ୍ୟାମଳା ଭରା ମୋର ଶରୀର
ଜଳପୂର୍ଣ୍ଣ ହେବ ଶରୀର ମୋର
ହେବି ମୁଁ ଜଳ ସମାଧି
ମୋର ବିହୁନେ କ
ବଞ୍ଚି ପାରିବେ ମୋ ବାସୀ
ବିକଳେ ହୋଇବେ ପୁଣି ସବୁ ପ୍ରବାସୀ |
କେମିତି ସହିବି ଏ ଆକୁଳ ବେଦନା
କେତେ ଦୁଃଖୀ ଜନଙ୍କର
ସମସ୍ତେ ଆଦରି ଅଛନ୍ତି ମୋ ପାଶେ
ସହି ପ୍ରକୃତିର ଦୁର୍ଦ୍ଧର ଶ୍ୱାସ ‖ ଗ୍ଯରି ‖

ଶେଷରେ ୱମାୟା ଗୁହାରି କରୁଛି
ହେ ଜଳଧିଶ !
ତୁମେ ଏଇ ପ୍ରକୃତିର ପରମ ପ୍ରିୟ
କରନାହିଁ ସର୍ବନାଶ
ମୋତେ ନଅ ପଛେ ସାଥିରେ ତୁମର
କରିବିନ କେବେ ହସ୍ତକ୍ଷେପ ‖ ପାଞ୍ଚ ‖

ବଳଦୁଆଁ, ଆନନ୍ଦପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମୋ ପରିବାର



ନବ କୁମାର ଦାସ

ସ୍ନେହ ସମ୍ପର୍କ ପ୍ରେମର ଘର
ତାହା ମୋ ପରିବାର
କଥା କଥାରେ କେତେ ସୁନ୍ଦର
ଅଟେ ସରଗ ପୁର

ପାକୁଆ ପାଟି ପାକୁଆ କଥା
ମିଠା ମିଠା ଗପକୁ
ବାଢ଼ି ପକାନ୍ତି ଜେଜେ ଜେଜେମା
କୋଳେ ଧରି ଆମକୁ


ବାପା ମା ମୋର ସବୁ ବେଳରେ
ଆମରି କଥା ଚିନ୍ତି
କାମ କରନ୍ତି କେତେ ଖରାରେ
ଆମକୁ ଦେଖୁଥାନ୍ତି

ମୋହରି ଭାଇ ମୋର ଭଉଣୀ
ଅଳିଅଳ ସାହସୀ
ପ୍ରତି କଥାରେ ମୋ ଗୁଣ ଗୁଣୀ
ଆନନ୍ଦେ ଯାନ୍ତି ହସି

ଏଇତ ଅଟେ ମୋ ପରିବାର
ମହତ କଥା ଯେତେ
ଯେତେ ଗାଇଲେ ଖୁସିର ସ୍ୱର
ଝରି ପଡଇ ସେତେ

ବାଲିଆପାଳ, ବାଲେଶ୍ୱର

# WhatsApp ଭିତରେ ଜିଜ୍ଞାସୁ



ଅଜିତ ପାଢ଼ି

WhatsApp, Facebook ଭିତରେ ସାମାଜିକ ସଂସ୍କୃତି ର ମିଳନ "କରୋନା କାଳେ" ସାମାଜିକ ପ୍ରତିଫଳନ ର ଏକ ମାର୍ଗ ଅଟେ WhatsApp । ରାଷ୍ଟ୍ର ଚିନ୍ତକ, ପ୍ରାବନ୍ଧିକ, ଲେଖକ, କବି, ଭାଷ୍ୟକାର, ପାଲା ଗାୟକ, ନିଜର ସୁଚିନ୍ତନ ର ଚିନ୍ତାଧାରାକୁ ପରିମାର୍ଜିତ କରୁଛନ୍ତି, ସଂକୁଚିତ ପୀଡିତ ସମାଜକୁ ସଚେତନ କରିବାପାଇଁ। ମାନବ ସମାଜ ଆଜି ଏକ "ଦାରୁଣ ବ୍ୟାଧି" ର ଅନ୍ତରାଳେ ଗତି କରୁଛି । ଇତି ମଧ୍ୟରେ ବିଶ୍ୱର ପ୍ରତ୍ୟେକ ସାମାଜିକ ସଂଗଠନ ମାନବିକତାକୁ ଆଧାର କରି ସେମାନଙ୍କର ଦାୟିତ୍ୱବୋଧ ରାଷ୍ଟ୍ରୀୟ ନେତାମାନଙ୍କୁ ପହଞ୍ଚାଇ ପାରୁଛନ୍ତି, ନିଜର "ଲେଖନୀ ସ୍ମୃତି" ମାଧ୍ୟମରେ । ବାସ୍ତବ ରେ WhatsApp ଏକ ଶକ୍ତିଶାଳୀ "ସମ୍ବାଦ ବାହକ" "ସଂସ୍କୃତି ର ମିଳନ ପର୍ବ" ଏବଂ "ସୂଚନା ର କେନ୍ଦ୍ରବିନ୍ଦୁ" ହୋଇ ପ୍ରତିସ୍ପନ୍ଦନ କୁ ପ୍ରତିସ୍ପନ୍ଦିତ କରିପାରିଛି । WhatsApp ଆଧୁନିକ ସଭ୍ୟତାର ଏକ ନାଟକୀୟ ମଞ୍ଚ ଓ ମିଳନର ପର୍ବ ଅଟେ ।

Network ର ଅଭାବୀକରଣ ଦ୍ୱାରା "ଜିଜ୍ଞାସୁ ବ୍ୟକ୍ତି" ର ଦକ୍ଷତା ବେଳେବେଳେ ମାନସିକତା ଓ ଚାରିତ୍ରିକତା ଉପରେ ପ୍ରଭାବ ପକାଉଅଛି । ପ୍ରଭାବ ବିହୀନ Network ଦ୍ୱାରା "ଜିଜ୍ଞାସୁ" ବ୍ୟକ୍ତି ନିଜର ବକ୍ତବ୍ୟକୁ ସମାଜରେ ଠିକ୍ ଭାବରେ ପ୍ରତିଫଳନ କରିପାରୁନାହିଁ ଏବଂ ପ୍ରତିଯୋଗିତାରୁ ନିଜେ ନିଜକୁ ବାହାରି ଯାଉଛି, ଯୁଦ୍ଧକାଳୀନ ଭିତ୍ତିରେ । ଏହାକୁ ନେତୃବୃନ୍ଦ ଓ ବିଚାରକ ସୁଦୃଷ୍ଟିକୁ ଅତ୍ୟନ୍ତ ଆବଶ୍ୟକତା ମନେ କର "ଜିଜ୍ଞାସୁ", ଏହି ଜିଜ୍ଞାସୁ ବ୍ୟକ୍ତି । "ରାଷ୍ଟ୍ର ବିପତ୍ତି" ରେ ରାଷ୍ଟ୍ର ଚିନ୍ତନ ରେ, ରାଷ୍ଟ୍ର ମାର୍ଗରେ ସଦା ସର୍ବଦା "କ୍ରାନ୍ତି" ଆଣିଥାନ୍ତି ପ୍ରାବନ୍ଧିକ, ଲେଖକ କବି, ସାମ୍ବାଦିକ ଓ "ସାହିତ୍ୟ ଦର୍ପଣ" ର ସ୍ରଷ୍ଟାମାନେ । ସେମାନଙ୍କ ଅକ୍ଳାନ୍ତ ଓ ପରିଶ୍ରମ ଦ୍ୱାରା ଏକ "କ୍ରାନ୍ତି" ମାଧ୍ୟମରେ ସମାଜ

ପ୍ରତିଫଳତ ହୋଇ ଏକ ସୁସ୍ଥ ରାଷ୍ଟ୍ର ଗଠନ କରିବାରେ ସେମାନଙ୍କ ଭୂମିକା ଅତୀବ ମନେହୁଏ । ପ୍ରକୃତରେ ସେମାନେ ହିଁ ଧନ୍ୟ ଅଟନ୍ତି ଓ ବନ୍ଦନୀୟ ଅଟନ୍ତି ।

"କରୋନା କରାଳେ" ଓଡିଶା ପ୍ରଦେଶରେ ଅନେକ ସାମାଜିକ ଅନୁଷ୍ଠାନ ପ୍ରତି ହୃଦୟରେ ସ୍ୱଚ୍ଛତା, ସଚେତନ, ଦୂରତା ଓ ମାନବତାକୁ ଶ୍ରେୟ ଦେଇ WhatsApp ମାଧ୍ୟମରେ "କବିତା ଆସର", ସାହିତ୍ୟ ଆଲୋଚନା ଚକ୍ର, ପୁରାଣ, ସଚେତନତା ଭିତରେ "ମୋବାଇଲ" ର ବାର୍ତ୍ତା ବାହକ ହୋଇ ନିଜକୁ ଉତ୍ସର୍ଗୀତ କରୁଛନ୍ତି, ସମାଜକୁ ଓ ଓଡିଶା ପ୍ରଦେଶକୁ ବିପତ୍ତି ଓ କରୋନା କରାଳରୁ ମୁକ୍ତ କରିବା ସକାଶେ ପ୍ରତିବଦ୍ଧତାର ନିଷ୍ଠା ମନୋଭାବ ନେଇ ଭସାଇ ଦେଉଛନ୍ତି ନିଜେ ନିଜକୁ ନିଜସ୍ୱ ପରିବାରର ଉର୍ଦ୍ଧରେ ରହି, ବାସ୍ତବ ରେ ସେମାନେ ମହାନ । ପ୍ରକୃତରେ ଗିରି, ବନ, ପାହାଡ, ଝରଣା, ନଦ ନଦୀ ଅତିକ୍ରମ କରି ହନୁମତ ପ୍ରାୟେ WhatsApp ଏକ ମାନବ ଉପଯୋଗୀ ସଂସ୍କୃତି ର ଏକ ମିଳନ ପର୍ବ ଭାବେ ବିବେଚତ ମନେହୁଏ ।

ଆଜି ଉତ୍କଳ ପ୍ରେଦେଶ, ରାଷ୍ଟ୍ରଦୀପ, ବେଦାନ୍ତୀ, ଆ ପତ୍ରିକା, ସାହିତ୍ୟ ସଂସଦ, ପ୍ରତ୍ୟେକ ଜିଲ୍ଲା, ସାମ୍ବାଦିକ ସଂଗଠନ WhatsApp ମାଧ୍ୟମରେ କବିତା ଆସାର ମାଧ୍ୟମରେ ଜନ ଜାଗରଣ, ଜନ ସଚେତନତା, ସ୍ୱଚ୍ଛତା ଓ ଦୂର ବ୍ୟବଧାନର ପଥପ୍ରଦର୍ଶକ ସାଜିଛନ୍ତି, ବାସ୍ତବରେ ସେହି ଯୁଗ ଚନ୍ଦ୍ରକ, ରାଷ୍ଟ୍ର ଶୁଭେଚ୍ଛାମାନଙ୍କୁ WhatsApp ମାଧ୍ୟମରେ ଜିଜ୍ଞାସୁ ଅଭିଳାଷାର ବ୍ୟକ୍ତି ସେହି ମହାନ ଯୁଗ ସ୍ରଷ୍ଟାମାନଙ୍କର ଅର୍ନ୍ତନିହିତ ହୃଦୟ ପ୍ରଦେଶରୁ ସେହି ଶୁଭେଚ୍ଛା ଜଣାଏ । ଜିଜ୍ଞାସୁ ମହାନତା ପାଖରେ ଏକ ନୂତନ ମଞ୍ଜି ହୋଇ ସ୍ରଷ୍ଟାମାନଙ୍କର ଉଦ୍ଦେଶ୍ୟକୁ ସାଫଲ୍ୟ କରିବା ପାଇଁ ସଦାସର୍ବଦା ନିଜେ ନିଜକୁ ଅଭିଶପ୍ତ ଭାବରେ ଭାବନା ଭିତରେ ଝଡ ସୃଷ୍ଟି କରିବା ପାଇଁ WhatsApp ର ଏକ ଶିକ୍ଷଣୀୟ ସେବାର ଏକ ବିଦ୍ୟାର୍ଥୀ ଭାବରେ ଉନ୍ମୋଚନ କରିଥାଏ ।

ଘାସିରାମ ମାଝୀ ହାଇସ୍କୁଲ, ନୂଆଗାଁ

# ମାନବୀୟ ମୂଲ୍ୟବୋଧ



ଖଗେଶ୍ୱର ବାଗ

ଦେଖିନ ତ ପାତର ଅନ୍ତର
ପର ଆପଣାର ଭାବ
ଧନୀ ଗରିବ କି ସାନ ବଡର ପାର୍ଥକ୍ୟ
ସକଳ ସଜୀବକୁ ନଜର ଭାବି
ନିତ୍ୟ ନିରନ୍ତର ଦେଇ ଚାଲିଛି
ପାଣି ପବନ ଆଉ ଆଲୋକ।।
ଖୋଜିବାର ପ୍ରୟାସ ଅନବରତ
ହୋଟେଲ ହାଟ ବଜାର
ଖେଳ ପଡିଆ ବସଷ୍ଟାଣ୍ଡ
ପାର୍କ ସିନେମାହଲ
କାହିଁ କେହି ତ ପଚାରନ୍ତି ନାହିଁ କାହାର ଜାତି କି ଧର୍ମ କଥା।।
ଜାତି----?
ସଭିଏଁ ତ ସ୍ରଷ୍ଟାର ଅନବଦ୍ୟ ସୃଷ୍ଟି
ଦୁର୍ଲ୍ଲଭ ନଶ୍ୱର
ଅସ୍ଥି ମାଂସ ରକ୍ତରେ ଗଢା
ମଣିଷ ଶରୀର
ରଙ୍ଗୀନ ଚନ୍ଦ ସବୁ ଭଲ
ହସ କୌତୁକ ନୈରାଶ୍ୟ
ରାଗ ବୈରାଗ୍ୟ ପ୍ରସନ୍ନ ସରଳ ନିଷ୍ପାପ ମୁଖଗୁଡିକ।।
ବୋମା ବିସ୍ଫୋରଣର କାରୁଣ୍ୟ ଦୃଶ୍ୟ
ଦୁର୍ଘଟଣା ବିପର୍ଯ୍ୟୟର ଦୟନୀୟ ଅବସ୍ଥା

ନିରାଶ୍ରୟ ଅସହାୟ ପ୍ରତି ସହାନୁଭୂତି
ସେବା ଶୁଶ୍ରୁସା ଦାନ ବଳିଦାନ
ସମାଜ ପାଇଁ ଉତ୍ସର୍ଗୀକୃତ
ଯୁଗଜନ୍ମାଙ୍କର
ଏଇ ତ ମାନବୀୟ ମୂଲ୍ୟବୋଧ।।
ତଥାକଥିତ ଧର୍ମ ସମ୍ପ୍ରଦାୟ
ଆଗ୍ଭର ବିଗ୍ଭର ଉପାସନା ପଦ୍ଧତି
ଭାଷା ପୋଷାକ ଗ୍ଭଲିଚଳଣି
ହୋଇପାରେ ଭିନ୍ନ
ଅଥଚ ସେଇ ମାନବୀୟ ମୂଲ୍ୟବୋଧ ଏକାନ୍ତ କାମ୍ୟ।।

ବୁଢ଼ିକୋମନା, ଜିଲ୍ଲା ନୂଆପଡ଼ା

**"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**

# ଅବଶୋଷ



ସିଦ୍ଧେଶ୍ୱର ତ୍ରିପାଠୀ

ସପନ ଗୁଡାକ ଜୀବନ ସାଥିରେ
ଏମିତିକା ଯୋଡ଼ାଯୋଡି
ଶତ ଚେଷ୍ଟା କରି ସେଇ ସପନକୁ
କେବେ ହୁଏନାହିଁ ଛାଡି ।

ସେଇ ସପନରେ ଡେଣା ଲାଗିଗଲେ
ଉଡେ ଦୁର ଆକାଶରେ
ଯେବେ ତଳେପଡି ମାଟିସାଥେ ମିଶେ
ଲୁହ ଦିଏ ଏ ଆଖିରେ ।

ଅଦେଖା ନିଆଁରେ କୋମଳ ମନଟା
ଅଗ୍ନିକ ଯାଏ ପୋଡି
ସପନ ଗୁଡାକ ଜୀବନ ସାଥିରେ
ଏମିତିକା ଯୋଡ଼ାଯୋଡି ।

ସପନ ସରେନି ସରିଯାଏ ଦିନ
ବାକି ସବୁ ଅମା ରାତି
ଅସରା ଲୁହକୁ ସାଥିରେ ନେବାକୁ
ଆସିଯାଏ ଶେଷ ତିଥି ।

ଆଶା ଉପକ୍ରମ ବର୍ଣ୍ଣନା ସରେନି
ପୂର୍ଣ୍ଣଚ୍ଛେଦ ଯାଏ ପଡି
ସପନ ଗୁଡାକ ଜୀବନ ସାଥିରେ
ଏମିତିକା ଯୋଡ଼ାଯୋଡି ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

# ତୁମ ଭାବନାରେ...



ଅମୂଲ୍ୟ କୁମାର ପଣ୍ଡା

ଦେଖିଦେଲେ ତୋତେ ଲେଖେ ମୁଁ କବିତା
ଛୁଇଁ ଦେଲେ ଗାଏ ଗୀତ,
ଏମିତି ବାନ୍ଧିଛୁ ସମ୍ପର୍କର ଡୋରିରେ
ସାତ ଜନମକୁ ମିତ ।
ବାନ୍ଧିଛ ସମ୍ପର୍କ ଡୋରି
ସବୁଦିନ ପାଇଁ ଅପଣାର କଲ
କରି ମୋ ମନକୁ ଚୋରି ॥

ଅନୁଭବ କରେ ତୋତେ ପ୍ରତି କ୍ଷଣେ
ତୁ ନିଶ୍ୱାସ ହେଲେ ମୁଁ ଦେହ,
ଅନୁଭୂତି ତୋର ସାଇତା ହୃଦୟେ
କେତେ କାହାଣୀର ସ୍ନେହ ।
କରିବୁନି କେବେ ପର
ମୋର ହୃଦୟର ପ୍ରତି କୋଠାରୀରେ
ତୋର ଅଛୁ ପରି ଘର ॥

ପ୍ରେମ ତୋର ପ୍ରିୟା ସବୁଠୁ ମୋ ପ୍ରିୟ
ଆକାଶ ଜୋଛନା ପରି,
ଛାଡିବିନି ତୋର ହାତ ଏ ଜନମେ
କଥା ଦେଲି ପ୍ରଣ କରି ।
ତୁ ପରି ଜୀବନ ସାଥି
ଆକାଶ ବକ୍ଷରେ ମୁହିଁ ଜହ୍ନ ହେଲେ
ତୁ ମୋର ପୁନେଇଁ ରାତି ॥

ଅରଙ୍ଗାବାଦ, ବରୀ, ଯାଜପୁର

# ମୁଇଁ ତ ଗରିବ ଛାତ୍ର

## ଭାଗ -୧



ମହେଶ୍ୱର ସାହୁ

ତପନ ପାଠରେ ଏତେ ଭଲ ନ ହେଲେ ବି ଖେଳ ଓ କୌତୁକଆରେ ପ୍ରଥମ । ବିଦ୍ୟାଳୟରେ ସମସ୍ତ କାର୍ଯ୍ୟକ୍ରମରେ ସେ ଆଗଭର ହୋଇ ସାହାର୍ଯ୍ୟର ହାତ ବଢ଼ାଇ ଥାଏ। କହିବାକୁ ଗଲେ ବିଦ୍ୟାଳୟରେ ହେଉଥିବା ବାର୍ଷିକ ମାଆ ସରସ୍ୱତୀଙ୍କ ପୂଜା ଓ ଗଣପତିଙ୍କ ପୂଜାରେ ଅଧିକାଂଶ କାମ ତା'ରି । ଏମିତିକି ସହପାଠୀଙ୍କର ଭୋଜନ ପରର ଅଇଁଠା ପତ୍ର ବି କାହାରିକୁ ଉଠେଇବାକୁ ଦିଏ ନାହିଁ । ଗୁରୁ ଓ ଗୁରୁମାମାନଙ୍କର ସ୍ନେହର ପାତ୍ର କହିଲେ ତପନ ।

ସେଦିନ ରାଜ୍ୟସ୍ତରୀୟ କ୍ରୀଡା ଉତ୍ସବରେ କୃତି ପିଲାମାନେ ଭାଗନେଇ ପାରିବେ ଅର୍ଥରେ ଏକ ପତ୍ର ପାଇଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ପ୍ରଧାନ ଶିକ୍ଷକ କଛି କୃତି ପିଲାଙ୍କୁ ବାଛିବା ପାଇଁ ନିଜ ବିଦ୍ୟାଳୟରେ ଏକ ପ୍ରତିଯୋଗିତା ଆରମ୍ଭ କଲେ । ପ୍ରତିଯୋଗିତାର ପରିସମାପ୍ତି ପରେ ତପନ ସହିତ ଅନ୍ୟ ଦୁଇଜଣ ମହେଶ ଓ ରାଜେଶଙ୍କୁ ବଛା ଯାଇଥିଲା ।

କ୍ରୀଡା ଦିବସର ଦିନଟି ସମୀପ ହେବାକୁ ଯାଉଥାଏ, ତାହା ସହିତ ପିଲା ତିନ ଜଣଙ୍କର ଅଭ୍ୟାସ କାର୍ଯ୍ୟକ୍ରମ ଜାରି ରହିଥାଏ ।

ତପନ ଯେତେବେଳେ ଦୁଇବର୍ଷର ହୋଇଥିଲା ସେବେ ଠାରୁ ସେ ତା'ର ବାପାଙ୍କୁ ହରେଇ ଥିଲା । ବିଧବା ମାଆ ଶାଶୁଘର ଯନ୍ତ୍ରଣା ସହି ନ ପାରି ପୁଅକୁ ଧରି ବାପାଙ୍କ ଘରେ ରୁହେ। ବାପଘରେ ମଧ୍ଯ ସେହି ଭଳ ଅବସ୍ଥା ! ଭାଇ ଭାଉଜ ଆଖି କୋଣରେ ଦେଖିଲେ ନାହିଁ । ବାଧ୍ଯକୁ ମାଆ ଗୋଟିଏ ଝୁପଡି ଘର ତୋଳ ତପନ ସହିତ ଅଲଗା ରହିଲେ ଓ ପୁଅକୁ ପାଠ

ପଢେଇ ମଣିଷ କରିବା ଲକ୍ଷ୍ୟରେ ବାର ଓଳରେ ତେର କାମ କଲ୍ ଭଳ ; କାହାର ବାସନ ମଜା ତ କାହାର ମୁଡ଼ି ଖଇ ଭଜା ସହିତ ଗୁହାଳ କାମ କରନ୍ତି ଦୁଇ ପଇସା ରୋଜଗାର ପାଇଁ ।

ଆଜି ସେଇ ବିଧବା ମାଆଙ୍କର ପୁଅ ତପନ, ଦେହରେ ଓ ମୁଣ୍ଡରେ ତେଲ ନ ବାଜୁ ହେଲେ ହୃଦୟରେ ସର୍ବଦା ଅକୁହା ଆଗଭର । ରାତି ନ ପାହୁଣୁ ଶଯ୍ୟାତ୍ୟାଗ କରି ନିଜ ଘର ଠାରୁ ଗାଁ ସଡକରେ ଦୌଡ଼ ମାରୁଥାଏ । ମାଆଙ୍କୁ କହିଦେଇଥାଏ "ମାଆ ସୋମବାର ମୋତେ ଦଶ ଟଙ୍କା ଦେବୁ । ଆମର ଯିବା ଆସିବା ଖର୍ଚ୍ଚ ଗୁରୁଜୀ ଦେବେ ବିଦ୍ୟାଳୟ ତରଫରୁ ହେଲେ ତୁ ଜଉ ଦଶ ଟଙ୍କା ଦେବୁ ସେଥିରେ ମୁଁ ଭୋକ ଲାଗିଲେ ଆଳୁକସା ଓ ବରା ଖାଇବି।" ମାଆ ହଁ ଭରିଦେବାରୁ ତପନର ଖୁସି ଦୁଇଗୁଣ ବଢି ଗଲା । ହେଲେ ମାଆ କହିଲେ "ତତେ ମୁଁ କହିଥିଲି ନା ଗୁରୁଜୀଙ୍କୁ କହିବୁ ମୁଁ ଏତେ ବାଟ ଯିବିନାହିଁ କି ଭାଗ ନେବି ନାହିଁ ।"

ତପନ ବୁଝେଇ ଦେଇ କହିଲା "ବୁଝିଲୁ ମାଆ ମୁଁ ଯାଇ କହିଲି ଯେ ଗୁରୁଜୀ ମାଆ ମୋର ମନା କରୁଛି ତୁ ଭାଗ ନେବୁନାହିଁ, ହେଲେ ସେ କଣ ଶୁଣିଲେ ଯେ: କହିଲେ ତୁ ଭାଗ ନେବୁ ଓ ତୋର ଯିବା ଆସିବା ସହିତ ଖାଇବା ଖର୍ଚ୍ଚ ବିଦ୍ୟାଳୟ ଦେବ । ଜାଣିଛୁ ମାଆ ମୁଁ କୁଆଡେ ମାଙ୍କଡ ଭଳି ଡିଆଁ ମାରିଦେଉଛି ଓ ଭଲ ଅଭିନୟ କରି ଦେଉଛି ଯେ ସମସ୍ତେ କାନ୍ଦି ପକାଉଛନ୍ତି ।"

ମାଆ ତପନକୁ କୋଳେଇ ନେଲେ ଆଉ କହିଲେ ତତେ ମୁଁ ଏଇଥି ପାଇଁ ମନା କରେ ଯେ ତୁ ମୋର ଗୋଟଏ ବୋଲି ପୁଅ । ଏକୋଇର ବଳା ବିସିକେସନ ପରା ତୁ । ତୁ ଭଲ ପାଠ ପଢ଼ିବୁ ଓ ମୋର ଦୁଃଖ ଦୂର କରେଇବୁ ବୋଲି କେତେ ଆଶା ଓ ଭରଷା କରିଛି ରେ । ତୁ ମୋ ଆଖିଆଗରେ ଥିଲେ ବି ମୋର ସବୁ ସୁଖ ଅଛି । ହଉ ଠିକ ଅଛି ମୋ ଗେହ୍ଲାକୁ ମୁଁ ନିଶ୍ଚୟ **10** ଟଙ୍କା ଦେବୀ । ଏବେ ଖୁସି ତ କହ**??** ଖୁସି ତ**??**

ମୋ ମାଆ ପରି କଏ ହେବ ଯେ । କହିଲୁ ମାଆ ମୁଁ ସେଦିନ ଏତେ ବାଟ ଯିବି । ଟିକେ ସଫା ହେଇକ ଓ ସାବୁନ ମାରିକ ଗଲେ ଭଲ ଲାଗିବ । ଆଉ ମୋ କପଡା ଦେଖିଛୁ ତ, ପଛ ପଟରୁ ମୋଡି ହୋଇ ଗଲାଣି ଆଉ କଛି ଦିନ ପରେ ବେକ ଧରିଯିବ । ଗୋଟେ ନୂଆ ଜାମା ହେଇଥିଲେ ହୁଅନ୍ତା । ଗୋଟେ ସାବୁନ କଣିବି ତା ସହିତ ଗୋଟେ ଜାମା ବି କଣିବି ହେଲେ ମାଆ ତୁ ଏତେ ଟଙ୍କା ଆଣିବୁ କେଉଁଠୁ ? ଦେଇ ପାରିବୁନ ନା ?"

ମାଆଙ୍କ ଆଖିରୁ ଲୁହ ବୋହି ଯାଇଥିଲା ଦୁଇ ଟୋପା । ପୁଅର କଥା ଶୁଣି ଅତ୍ୟନ୍ତ ଅନୁତପ୍ତ ହୋଇ ଯାଇଥିଲେ ମାଆ । ତଥାପି ପୁଅକୁ ସାହସ ଦେଇଥିଲେ ତାର ଅଭିଳାଷ ପୂରଣ କରିବା ପାଇଁ । ଯାହା କଛି ରୋଜଗାର ହେଉଛି ତେଲ ଲୁଣରେ ଯାଉଛି । ସରକାରୀ ଚାଉଳ ଏତେ ଦୌଡ଼ି ଦୌଡ଼ି ବି ମିଳପାରୁନ । କାରଣ ମୋ ନାଁରେ କୁଆଡେ ମୋ ଶଶୁର ଘର ଲୋକ ଚାଉଳ ତେଲ ନେଉଛନ୍ତି ।

ସନ୍ଧ୍ୟା ସମୟ ଏକ ବଡ଼ ଗାଡି ଆସି ଲାଗିଲା ଗାଁ ମୁଣ୍ଡରେ । ସେଥିରେ ବିଦ୍ୟୁତ ଉପକରଣ ଆସିଥାଏ । ସରକାରୀ ବିଦ୍ୟୁତ ସଂଯୋଗ ପାଇଁ ଆସିଥିବା ଉପକରଣ ଠିକ ସ୍ଥାନରେ ପହଞ୍ଚାଇବାକୁ କଛି ଶ୍ରମିକ ଦରକାର । ସେମାନଙ୍କ ପାଖରେ ଶ୍ରମିକ ଅଭାବରୁ ସେମାନେ ଗାଁ ଶ୍ରମିକ କଛି ଯୋଗାଡ଼ କରୁଥାନ୍ତି । ଗାଁ ଶ୍ରମିକ ଖୋଜିବା ଦେଖି ତପନ ଦୁଇଦିନ କାମ କରିବ ବୋଲି ପ୍ରତିଶୃତି ଦେଲା । ସେମାନେ ଛୋଟିଆ ପିଲା କହିବାରୁ ତପନ ହାତ ଗୋଡ଼ ଧରି ନେହୁରା ହେଲା ଓ ନଜର ସମସ୍ୟା ଜଣାଇବାରୁ ଠିକାଦାର ତାକୁ ଦୁଇଦିନ କାମ କରିବାକୁ ମଞ୍ଜୁର ଦେଲେ । ଓ କହିଲେ ଯାହା ପାରିବୁ କରିବୁ ହେଲେ ଛୋଟିଆ ପିଲା କାମରେ ଲଗେଇବା ବିପଦ ! ତପନ ଖୁସି ହୋଇ ମାଆଙ୍କୁ କହିଲା "ମାଆ ମୁଁ ଦୁଇଦିନ କାମ କରିବି ବିଦ୍ୟୁତ ସରଞ୍ଜାମ ବୁହା ବୁହିରେ । ଠିକାଦାର ମୋତେ କଥା ଦେଇଛନ୍ତି । ସେ ପଇସା ଦେବେ ମୋର ଜାମା, ପ୍ୟାଣ୍ଟ ଓ ସାବୁନ ସବୁ କଣା ହେଇଯିବ ।"

ମାଆ କହିଲେ ତୁ ଯଦି ଯିବୁ ତୋ ସହିତ ମୁଁ ବି ଯିବି ଦୁଇଜଣ ମିସିକ କାମ କରିଦେବା । ଆଉ ଠିକାଦାର ଖୁସି ହେଇ ଆହୁରି ଅଧିକ ପଇସା ବି ଦେବେ ।

ତହିଁ ଆର ଦିନ ସକାଳେ ମାଆ ଓ ପୁଅ ଦୁଇଜଣ ବାହାରିଗଲେ କାମ କରିବାକୁ । ଠିକାଦାର ମଧ୍ୟ ଖୁସି ହେଇଗଲେ କାରଣ ତାଙ୍କର ଶ୍ରମିକଙ୍କର ଆବଶ୍ୟକତା ଥିଲା । ଦୁଇଦିନ କାମ ସରିଗଲା ହେଲେ ଯେ କଣ ଆଉ ଠିକାଦାରଙ୍କର ଦେଖା ନାହିଁ । ଅଜବ ଲୋକ ପଇସା ଦେବେ କହି ଚାଲିଗଲେ ।

ଠିକାଦାର ଭଲ ଲୋକ ହେଲେ ସେ ଜରୁରୀ କାମରେ ତିନିଦିନ ବାହାରକୁ ଚାଲିଯାଇଥିଲେ । ତପନ କାନ୍ଦିବାରେ ଲାଗିଲା । ଏତେ ପରିଶ୍ରମ ମାଆ ପୁଅ କଲୁ ହେଲେ କିଛି କାମରେ ଆସିଲା ନାହିଁ । କେହିବି ଉଦ୍ଧାର ମାଗିଲେ ଦେଉ ନାହାନ୍ତି । ବାପା ଯାହାର ଥାଏ ପଇସା ପାଖରେ ନ ଥିଲେ ବି କେହି ଉଦ୍ଧାର ଦେଇଦେବେ ହେଲେ ମୋର କିଏ ଅଛି ଯେ ! କେବଳ ମୋ ମାଆ, ମୋ ମାଆଙ୍କୁ ତ କେହି ଭରସା କରୁ ନାହାନ୍ତି ! ଭାବୁଛନ୍ତି ଦେଇ ପାରିବ ନାହିଁ ! ଏମିତି କହି ମନେ ମନେ ବାରେଣ୍ଡାରେ ବସି ତପନ କାନ୍ଦିବାକୁ ଲାଗିଲା । ଆଜି ରାତି ପାହିଲେ କାଲି ସେ ଯିବ କ୍ରୀଡା ଉତ୍ସବକୁ । ହେଲେ ପିନ୍ଧିବାକୁ କପଡା ନାହିଁ କି ଟିକେ ଦେହ ଓ ବାଳ ସଜାଡିବାକୁ ତେଲ କି ସାବୁନ ନାହିଁ । ହେଲେ ମନରେ ଧର୍ଯ୍ୟ ରହିଛି ଯେ ମୁଁ ନିଶ୍ଚୟ ଯିବି ।

(ଭାଗ ୨ ଆଗାମୀ ଅଧ୍ୟାୟରେ)

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ
ବାଲେଶ୍ୱର(ଭଦ୍ରକ)

# ରାମ କହେ
# ଶୁଣ ଶ୍ୟାମ ହେ



ଗୁପ୍ତେଶ୍ୱର ଚାନ୍ଦ୍

ରାମ କୁହେ ଶୁଣ ଶ୍ୟାମ ହେ
କଳ କାଳ କାହାଣୀ।
ଶୁଣିଲେ ଏ ଅଶୁଳ ଗାଥା
ହୃଦୟ ହୁଏ ହାଣି। ୧ ।

କେତେ ଆଶା ନେଇ ସନ୍ତାନ
ଦେଇ ଥାନ୍ତି ଜନମ।
ପାଳ ପୋଷି ବଡ଼ କରନ୍ତି
ସହି କେତେ କଷଣ।୨।

ନିଜେ ରହି ଭୋକ ଉପାସେ
ଖରା ବରଷା ଶୀତ ।
ମୂଲ ଲାଗି ବାର ଦୁଆରେ
ଗଢନ୍ତି ଭବିଷ୍ୟତ।୩।

ଆପେ ପିନ୍ଧି ଚିରା ଦଦରା
କଣି ନୂତନ ଜାମା ।
ସନ୍ତାନ କୁ ବିତରି ଥାନ୍ତି
କରି ସୁଖ କାମନା।୪।

ପାଠ ଦି'ଅକ୍ଷର ପଢାନ୍ତି
ହେବ ବୋଲି ଶିକ୍ଷିତ।
ସଦା ଚାହୁଁ ଥାନ୍ତି ମଙ୍ଗଳ

କର୍ମ କରି ବିହିତ ।୫।

ହେବ ବୋଲି ସାହା ଭରସା
ବୃଦ୍ଧ କାଳ କୁ ଚ୍ହିଁ।
କେତେ ପୂଜାର୍ଚ୍ଚନା କରନ୍ତି
ଡକାଇଣ ଗୋସାଇଁ ।୬।

ଆଖିରେ ନନ୍ଦ ବେଶ ନାହିଁ
ସନ୍ତାନ ସୁଖ ଆଶେ।
କରି ଥାନ୍ତି ହାରି ଗୁହାରୀ
ସଦା ଦିଅଁ ଙ୍କ ପାଶେ ।୭।

ପଢ଼ା ସାରି ପୁଅ ଯେବେ ଟି
କରେ ନୂଆ ଚ୍କରୀ ।
ବାପା ମାଆ କଥା ସଂପୂର୍ଣ୍ଣ
ମନୁ ଯାଏ ପାଶୋରି ।୮।

ଆପଣା ଇଚ୍ଛା ରେ ପସନ୍ଦ
କରି ଜୀବନ ସାଥି।
ବିବାହ ବନ୍ଧନେ ଆବଦ୍ଧ
ହୁଏ ସୁଖରେ ମାତି ।୯।

ଝୁରି ମରୁ ଥାନ୍ତି ଜନକ
ଜନନୀ ଅନ୍ତ କାଳେ।
କ ଭ୍ଗ୍ୟ କେଜାଣି ଔଷଧ
ମୁନ୍ଦିଏ ବି ନ ମିଳେ ।୧୦।

ସମସିଂହା, ଝାରସୁଗୁଡା

# ବିସ୍ମୟ ତୁମେ ଗାନ୍ଧୀ

ଜନ୍ମେଜୟ ନାୟକ

ଅହିଂସା ମନ୍ତ୍ରରେ ଥିଲ ଅଭିମନ୍ତ୍ରିତ,
ମିଛକୁ ଘୃଣା କରି କହୁଥିଲ ସତ ।
ବର୍ଣ୍ଣବୈଷମ୍ୟତା କରିଥିଲ ଦୂର,
ଭେଦଭାବ ଦୂର କଲ ଛୁଆଁଅଛୁଆଁର ।୧।

ତୁମ ନୀତି ଆଦର୍ଶ ଜାତୀୟତା ଗାଥା,
ହେ ଶାନ୍ତିକପୋତ ଦେଶେ ଆଣିଲ ଏକତା ।
ଇଂରେଜଙ୍କୁ ତଡି ସଭିଙ୍କୁ ବିସ୍ମୟ କରି,
ସ୍ୱାଧୀନତା ସ୍ୱାଦ ଚଖାଇଲ ସତ୍ୟ ପୂଜାରୀ।୨।

ଜାତିର ପିତା ସାଜି ହେ ପ୍ରିୟ ଗାନ୍ଧିଜୀ,
ସ୍ୱଦେଶୀ ଆନ୍ଦୋଳନର ବୁଣିଥିଲ ମଞ୍ଜି ।
କୁଟି ଖାଇ କାଟି ପିନ୍ଧିବାକୁ ଦେଲ ଆହ୍ୱାନ,
ଚରନମସ୍ୟ ପ୍ରବାଦପୁରୁଷ ତୁମେ ମହାନ ।୩।

କହିବା ଆଗରୁ କରିବାକୁ ତୁମେ ଭଲପାଅ,
ତିନମାଙ୍କଡ ମୂର୍ତ୍ତି ଦ୍ୱାରା କେତେ କଥା ଶିଖାଅ ।
କହିବା ଆଗରୁ କରିବା ତୁମେ ଶିଖାଇଲ,
ରାମ ରାଜ୍ୟର ସପନ ପୂରା ନକରି ଚାଲିଗଲ।୪।

ସାବରମତୀ ଆଶ୍ରମେ ତୁମେ ସନ୍ଥ ସୁନ୍ଦର,
ସତ୍ୟ  ଶାନ୍ତି ଅହିଂସାର ବାଣୀ କଲ ପ୍ରଚ୍ଚର  |
ମମତାମୟୀ ଭାରତମାଆ ଡାକେ ହାତ ଠାରି
ହେ ପ୍ରିୟ ବାପୁଜୀ ତୁମେ ଆସ ଥରେ ଫେରି |୫|

TGT PCM, ଚଲିକା ନୋଡାଲ ହାଇସ୍କୁଲ୍, ପୁରୀ

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ -9594993733

# ଏ ମଣିଷ....

ଶୁଭଲକ୍ଷ୍ମୀ ସାହୁ

ହାଡ, ମାଂସ ରକତରେ ଏ ମଣିଷ
ଦିନେ ନା ଦିନେ ଏ ମାଟିରେ ମିଶିବ
କର ନାହିଁ କେବେ ଏ ଜୀବନେ ଲୋଭ
ଯାହା କ ତୁମକୁ କରିବ ଧ୍ୱଂସ ।
ହାତ ଗୋଡ ଅଛି ଯେବେ
କାହିଁ କରୁଯେ ଚନ୍ତା
ହରଣ ଗୁଣନ ମିଶାଣ ଫେଡାଣ ମିଶେଇ ଦେ ଜୀବନେ
ନକରି ବିଳମ୍ବ ତା ।
ଯେ ପର୍ଯ୍ୟନ୍ତ ଅଛି ଏ ଜୀବନ
କରିଦେ କଛି ପୁଣ୍ୟ କର୍ମ
ପାଇଯିବୁ ପ୍ରଭୁଙ୍କ ଆସର୍
ହୋଇଯିବୁ ତୁ ଅମର ପର୍ ।
କହନା କେବେ ମିଥ୍ୟା
କରନା କେବେ ଛଳନା ସଦା ହୁଅ ଯେ ସଦାଗ୍ଭରୀ
ଭ୍ବିଚନ୍ତି କରି ବିଗ୍ଭରି ।
ନଜେ କର୍ମେ ରଖ ଭରସା
ମନେ ରଖି ସଦା ଦୃଢ ଆଶା
ଗଢିବ ସମ୍ପର୍କ ଭ୍ଇ-ଭଉଣୀର
କହିବନ କେବେ କାହାକୁ ପର ।

ନେତୁଆ, କେନ୍ଦ୍ରାପଡା

# ନରୀଶ୍ୱରବାଦୀଙ୍କ ଲକ୍ଷଣ



ବାଲ୍ମୀକି ନାୟକ

ନରୀଶ୍ୱରବାଦ ଓ ହେତୁବାଦ ଦୁଇଟାଯାକ ଏକା ଭଳ ଲାଗିଲେ ବି ନରୀଶ୍ୱରବାଦୀ ଓ ହେତୁବାଦୀମାନଙ୍କ ଚରିତ୍ର ଏବଂ ସ୍ୱଭାବ ଭିତରେ ସାମାନ୍ୟ ପ୍ରଭେଦ ରହିଥାଏ । ସମସ୍ତ ନରୀଶ୍ୱରବାଦୀ ହେତୁବାଦୀ ନ ହୋଇପାରନ୍ତି କନ୍ତୁ ପ୍ରତ୍ୟେକ ହେତୁବାଦୀ ମଣିଷ ନଶ୍ଚିତଭାବେ ନରୀଶ୍ୱରବାଦୀ । ନରୀଶ୍ୱରବାଦୀ ଇଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରୁଥିଲେ ମଧ୍ୟ ତାଙ୍କର ବୈଜ୍ଞାନକ ଦୃଷ୍ଟିକୋଣ ନଥିଲେ ଅନେକ ରୂଢ଼ିବାଦୀ ପରମ୍ପରାକୁ ମାନ ଚାଲୁଛନ୍ତି । ସେମାନଙ୍କ ଭିତରେ ମାନବିକତାର ଅଭାବ ମଧ୍ୟ ଦେଖାଯାଏ । କନ୍ତୁ ଜଣେ ସଚ୍ଚା ହେତୁବାଦୀଙ୍କ ମନରେ ବୈଜ୍ଞାନକ ଦୃଷ୍ଟିକୋଣ ଓ ମାନବିକତା ଥାଏ । ସେ ସର୍ବଦା ତର୍କଶୀଳ ହୋଇଥାଏ । କୌଣସି ବିଷୟକୁ ମାନବା ପୂର୍ବରୁ ନଜର ବୁଦ୍ଧି, ବିବେକ ଏବଂ ଅନୁଭବ ଦ୍ୱାରା ପରୀକ୍ଷା କରି ନେଇଥାଏ ।

ବହୁତଲୋକ ମାନୁଛନ୍ତି ବୋଲି ସେ ମାନବାକୁ ବାଧ୍ୟ ହୁଏନାହିଁ । ସେ ସାହସର ସହିତ ପ୍ରଶ୍ନ କରିପାରେ ଯେ ବହୁତ ଲୋକ ମଧ୍ୟ ଭୁଲ ବୁଝି ଥାଇପାରନ୍ତି । ପୂର୍ବରୁ ପୃଥିବୀ ସ୍ଥିର ଏବଂ ସୂର୍ଯ୍ୟ ଚାରି ପାଖରେ ଘୁରୁଛି ବୋଲି ବହୁତ ଲୋକ ବୁଝିଥିଲେ । କୌଣସି ଦୈବୀ ଶକ୍ତି ଦ୍ୱାରା ବର୍ଷା, ବିଜୁଳୀ, ବାତ୍ୟା, ବନ୍ୟା ଆଦି ଘଟୁଛି ବୋଲି ମଧ୍ୟ ବହୁତ ଲୋକ ମାନୁଥିଲେ । ସୂର୍ଯ୍ୟ ପରାଗ ଓ ଚନ୍ଦ୍ରଗ୍ରହଣ, ରାହୁ ଓ କେତୁ ନାମକ ଦୁଇଟି ରାକ୍ଷସଙ୍କ ଯୋଗୁ ହେଉଛି ବୋଲି ବହୁତ ଲୋକ ବିଶ୍ୱାସ କରୁଥିଲେ । ଏହି ପ୍ରାକୃତିକ ରହସ୍ୟଗୁଡ଼ିକର ସତ୍ୟତା ପ୍ରମାଣିତ କରିଛନ୍ତି, ମହାନ ନରୀଶ୍ୱରବାଦୀ ବୈଜ୍ଞାନକମାନେ ।  ନରୀଶ୍ୱରବାଦୀ କେବେ ପୂର୍ବାଗ୍ରହ ଗ୍ରସ୍ତ ହୋଇ ବିଚାର କରେନାହିଁ । ସେ ନଷ୍ପକ୍ଷ ଭାବେ ସତ୍ୟକୁ ସମର୍ଥନ କରିଥାଏ । ଲୋକମାନେ କ'ଣ କହିବେ ବୋଲି ସେ ଭୟ କରେନାହିଁ ।

ନରୀଶ୍ୱରବାଦୀ ନଜର ନୈତିକତା ଓ ଆଦର୍ଶ ରକ୍ଷା କରିବାପାଇଁ କୌଣସି ତଥାକଥିତ ଦେବୀ ଦେବତାଙ୍କ ଆଶ୍ରା କରେନାହିଁ । ତା'ର ନୈତିକତା କେବଳ ମାନବିକତା ଉପରେ ନର୍ଭର କରେ । ସେଥିପାଇଁ ସେ ଧର୍ମଶାସ୍ତ୍ର ଆଧାରିତ ନୀତି ନୟମ, ଧାର୍ମିକ ସମ୍ପ୍ରଦାୟର କୁପରମ୍ପରା, ରୂଢିବାଦୀ ସମାଜର ବିଶ୍ୱାସ, ସାଧୁ, ସନ୍ୟାସୀ ଓ ଧର୍ମଗୁରୁମାନଙ୍କର ଭ୍ରମାତ୍ମକ ପ୍ରବଚନ ଆଦିକୁ ବହିଷ୍କାର କରି ଦେଇଥାଏ । ସେ କେବଳ ମାନବ ସମାଜର ମଙ୍ଗଳ ପାଇଁ ଯେଉଁ ସବୁ ଶୁଦ୍ଧ ସାମାଜିକ ନୀତି ନୟମ ଓ ସଂସ୍କାର ଆବଶ୍ୟକ ସେଗୁଡିକୁ ମାନେ ଓ ପାଳନ କରେ ।

ସେ ସାମାଜିକ ରୂଢ଼ିବାଦୀ ପରମ୍ପରାଗୁଡ଼ିକୁ ପରିବର୍ତ୍ତନ କରି ସୁଧାର ଆଣିବାପାଇଁ ମୌଳବାଦୀଙ୍କ ସହିତ ବହୁତ କଡା ସଂଘର୍ଷ କରେ । ସେଥିପାଇଁ ହେତୁବାଦୀ ବିଗ୍ଭରଧାରାକୁ ସମର୍ଥନ କରୁଥିବା ଲୋକମାନେ ଆଗରୁ ଗ୍ଭଲିଥିବା ସତୀଦାହ ପ୍ରଥା, ବାଲ୍ୟବିବାହ ପ୍ରଥା, ନରବଳୀ ପ୍ରଥା, ଯୌତୁକ ପ୍ରଥା, ଉଚ୍ଚ-ନୀଚ୍ଚ ଜାତି ବ୍ୟବସ୍ଥା, ଗୁଣି-ଗାରେଡି ଆଳରେ ଡାହାଣୀ ବୋଲି ହତ୍ୟା କରିବା, ଛୋଟ ବୟସର ଗରିବ ଓ ନମ୍ନ ଜାତିର କନ୍ୟାଙ୍କୁ ମଠ ଓ ମନ୍ଦିରରେ ଦେବଦାସୀ କରି ରଖିବା ଆଦି ପ୍ରଥାକୁ ବନ୍ଦ କରି ଅନେକ ସୁଧାର ଆଣି ସାରିଲେଣି ।

ନରୀଶ୍ୱରବାଦୀ ଉଚତ ଏବଂ କଠିନ ଶାରୀରିକ ଓ ମାନସିକ ପରିଶ୍ରମ ଯୁକ୍ତ କର୍ମରେ ବିଶ୍ୱାସ କରେ । ସେ ଭଣ୍ଡ ସାଧୁ ସନ୍ୟାସୀଙ୍କ ଭଳ କାମଗ୍ଭେର ବା ପଳାୟନବାଦୀ ହୁଅନ୍ତି ନାହିଁ । ନଜର ପରିବାର ଓ ସମାଜର ଉତ୍ତର ଦାୟିତ୍ୱକୁ ସୁଗ୍ଭରୁ ରୂପେ ବହନ କରନ୍ତି । ସେ ତଥାକଥିତ ଆତ୍ମା, ପରମାତ୍ମା, ସ୍ୱର୍ଗ, ନର୍କ, ପୁନର୍ଜନ୍ମ, ଭାଗ୍ୟ, ପ୍ରାରବ୍ଧ, ଈଶ୍ୱର, ଅବତାର ବାଦ ଆଦିକୁ ବିଶ୍ୱାସ କରେ ନାହିଁ । ସେ ଜାଣେ ଏଗୁଡିକର କୌଣସି ବୈଜ୍ଞାନକ ଆଧାର ବା ପ୍ରମାଣ ନାହିଁ । କେବଳ କଳ୍ପନା କରି ବିଶ୍ୱାସ କରିବାକୁ କୁହାଯାଉଛି ।

ଯେଉଁ ଭକ୍ତମାନେ ମୁନ-ଋଷିଙ୍କ ଉଦାହରଣ ଦେଇ ନଜେ ବି ପ୍ରତିଦିନ ଈଶ୍ୱରଙ୍କୁ ଅନୁଭବ କରିପାରୁଛନ୍ତି ବୋଲି ଧେଣ୍ଡୁରା ପିଟି ଦାବି କରୁଛନ୍ତି, ସେମାନେ ବି ରୋଗ ହେଲେ ଠାକୁରଙ୍କ ଭରସା ଛାଡି ନରୀଶ୍ୱରବାଦୀଙ୍କ ଭଳ ଡାକ୍ତରଙ୍କ ପାଖରେ ହିଁ ଲାଇନ ଲଗେଇ ଠିଆ ହୁଅନ୍ତି । ସେତେବେଳେ ତାଙ୍କର ଭଗବାନ କୁଆଡେ ଲୁଚ ଯାଆନ୍ତି ? ଏହି ବର୍ଷ କରୋନା ଯୋଗୁଁ

ପୃଥିବୀର ସମସ୍ତ ଧର୍ମ ସ୍ଥଳର ଚମତ୍କାରୀ ଦୈବୀ ଶକ୍ତିର ପର୍ଦ୍ଦାଫାସ ହୋଇଗଲା । ଭକ୍ତମାନଙ୍କ କଥା ଛାଡ଼ନ୍ତୁ, ଦେବୀ ଦେବତାଙ୍କ ମୂର୍ତ୍ତି ମୁହଁରେ ମଧ୍ୟ ମାସ୍କ ଲଗେଇ ପୂଜା ପାଉଥିବା ଦୃଶ୍ୟ ଟିଭିରେ ଦେଖିବାକୁ ମିଳଛି ।

ଯେଉଁ ଭକ୍ତମାନେ, ଏହି ମନ୍ଦିରରେ ପ୍ରତ୍ୟକ୍ଷ ଦେବୀ ବା ଦେବତା ଅଛନ୍ତି, ଯାହା ମାନସିକ କଲେ ସୁଫଳ ଓ ସୁରକ୍ଷା ଦିଅନ୍ତି ବୋଲି ଦୃଢତାର ସହ ଦାବି କରୁଛନ୍ତି, ସେହି ମନ୍ଦିରରେ ଲୁହାରେ ତିଆରି କବାଟ କଳ ବଡ଼ ବଡ଼ ତାଲା ଲଗେଇବାକୁ ଭୁଲନ୍ତି ନାହିଁ । ଆଜିକାଲି ତ ସି.ସି ଟିଭି କ୍ୟାମେରା ମଧ୍ୟ ଲାଗିଲାଣି । ତଥାପି ଯଦି କେବେ ଗୁଳକ ଚୋରମାନେ ତାଲା ଭାଙ୍ଗି ସୁନା, ରୂପା ଓ ଟଙ୍କା ନେଇଯାଆନ୍ତି, ତେବେ ପୂଜାରୀ ଓ ଭକ୍ତମାନେ ସେହି ଦେବତାଙ୍କୁ ଏଡାଇ ଦେଇ ମଣିଷ ତିଆରି ପୋଲିସ ଥାନାକୁ ଯାଇ ଅଭିଯୋଗ କରନ୍ତି ।

ଥରେ ଜଣେ ପୂଜାରୀ ଯାଇ ଅଭିଯୋଗ କଲେ - "ଆଜ୍ଞା ଆମ ମନ୍ଦିରରୁ ଧନ ଚୋରି ହୋଇଗଲା ।" ଅଭିଯୋଗ ଶୁଣି ଜଣେ ନିରୀଶ୍ୱରବାଦୀ ପୋଲିସ ଅଫିସର ପଚାରିଲେ - "ସେ ଧନ କାହାର ଥିଲା ?" ପୂଜାରୀ କହିଲେ - "ଆଜ୍ଞା, ଠାକୁରଙ୍କର ।" ପୋଲିସ - "ତେବେ ତୁମେ ଅଭିଯୋଗ କରିବାକୁ ଆସିଛ କାହିଁକି ?" ପୂଜାରୀ - ଆଜ୍ଞା, ଠାକୁର କ'ଣ ଧନ ଖର୍ଚ୍ଚ କରନ୍ତି ? ପୋଲିସ - ସେଇ କଥା କହୁନ - ତୁମର ହିଁ ଧନ ଚୋରି ହୋଇଯାଇଛି ।"

ନିରୀଶ୍ୱରବାଦୀମାନେ ସମାଜର ଯେ କୌଣସି କର୍ମ କ୍ଷେତ୍ରରେ ଯାଇ ସଫଳତା ପୂର୍ବକ ନିଜର ପ୍ରତିଭା ଓ ଦକ୍ଷତାକୁ ପ୍ରମାଣିତ କରିପାରେ । ଯଥା : ଶିକ୍ଷକ, ସଙ୍ଗଠକ, ବୈଜ୍ଞାନିକ, ଚିକିତ୍ସକ, କୃଷକ, ଶ୍ରମିକ, ଲେଖକ, କଳାକାର, ଚିତ୍ରକାର, ଶିଳ୍ପୀ, ଇଞ୍ଜିନିୟର ଆଦି । କିନ୍ତୁ ନିରୀଶ୍ୱରବାଦୀ କେବେ ବି କୌଣସି ମଠ, ମନ୍ଦିର, ମସଜିଦ ଓ ଚର୍ଚ୍ଚରେ ପୂଜାରୀ, ମୌଲା, ପାଦ୍ରୀ ଆଦି ହେବାକୁ ଚାହିଁବ ନାହିଁ ।

କେ.ଆର. ପୂରମ, ବାଙ୍ଗାଲୋର

# ଅକ୍ଷୟ ମହାନ୍ତି



ସୌଭାଗ୍ୟ ରଞ୍ଜନ ମହାପାତ୍ର

ଓଡ଼ିଆ ଭଜନ ଆଉ ଆଧୁନକ ଗୀତ
ତୁମ ମାଧମରେ ହୋଇଥିଲ୍ ତ ଜୀବିତ ।।

ଖୋକା ଭାଇ ନାମେ ତୁମେ ଅଟ ପରିଚତ
କଟକ ମାଟିରେ ତୁମେ ହୋଇଲ ଜନ୍ମିତ ।।

ଗାୟକ ସଂଗୀତ ରୂପେ ଥିଲ ପରିଚତ
ଔପନ୍ୟାସିକ ଗାଳ୍ପିକ ରୂପରେ ବିଦିତ ।।

ଯାଯାବର ସଂଗୀତ ର ତୁମେ ଜନ୍ମଦାତା
ଅକ୍ଷୟ ମହାନ୍ତି ରୂପେ ତୁମେ ଯେ ଗଣତା ।।

ନଦୀ ନାମ ଦେଇପାର ଅଳସୀର କନ୍ୟା
କେବେ ତୁମେ ଗାଇପାର ବିରହର ବନ୍ୟା ।।

ତୁମର ବର୍ଣ୍ଣିତ ପ୍ରିୟା ଠାରୁ କେ ସୁନ୍ଦର
ଗୀତ ତୁମ ଭେଦିଯାଏ ହୃଦୟ କନ୍ଦର ।।

କେବେ ରାଜା ଝିଅ ସଙ୍ଗେ ଭାବ କରିପାର
ଭୁବନେଶ୍ୱର ହାଟରେ ତାକୁ ଭେଟିପାର।।

ବିମୁଗ୍ଧ କଳ୍ପ ସାଗରେ ତୁମେ ବୁଡିପାର
ସେ ସାଗରୁ କଳ୍ପନାର ମୋତି ଆଣିପାର।।

ଯାଯାବର ମନ ତୁମ ଆଶା ସୀମାହୀନ
ସପନ ର ବାଲିବସା ଭାଙ୍ଗ ନିତିଦିନ ।।

ସଂଗୀତରେ ଗୁଡି ଉଡା ଭାବ ତୁମ ଶୁଣି
ମନ ନାଚଯାଏ ଶୁଣିଲେ ଲଚକମଣୀ ।।

ଏମିତି ଅନେକ ଗୀତ ତୁମେ ଗାଇଅଛ
ପ୍ରତି ଓଡିଆ ଙ୍କ ମନେ ଜୀବିତ ରହିଛ।।

ସଂଗୀତ ତୁମର ଅଟେ ଚର ସଂଜୀବନୀ
ସେ ସଂଗୀତ ମଧ୍ୟେ ଶୁଭେ ଅକ୍ଷୟ ଙ୍କ ଧ୍ୱନ।।

ଟିଟିଲାଗଡ ବଲାଙ୍ଗୀର

# ଲେଖିବାକୁ ଦିଅ.....!



ତପନ କୁମାର ସାହୁ

ମୋତେ ଲେଖିବାକୁ ଦିଅ କବିତା ଦି ଧାଡି
କୃଷକର ଦାରୁଣ କାହାଣୀ ରେ ଥିବା
ଯନ୍ତ୍ରଣା ମାନଙ୍କର ଲୁହରେ
ଭିଯିବାକୁ ଦିଅ ଶବ୍ଦର ଆଖିକୁ !

ଗ୍ଭଖିବାକୁ ଦିଅ ଲୁହର ଲୁଣିଆ ସ୍ୱାଦକୁ
ଲକ୍ଷେ ଦୁଃଖ ର ପ୍ଲାବିତ ଧାରରେ
ଭାଷିବାକୁ ଦିଅ ଶବ୍ଦ କୁ !

ମେଞ୍ଚା ମେଞ୍ଚା ଭୋକ ପେଟର କଷ୍ଟ କୁ
ଖାଇବାକୁ ଦିଅ ଶବ୍ଦକୁ
ଖାଲି ଦେହରେ ଶହି ଯାଉଥିବା
ତମାମ ମାଘର କାକର ସ୍ପର୍ଶ କୁ
କମଲ୍ କରି ଘୋଡ଼େଇ ହେବାକୁ ଦିଅ ଶବ୍ଦର ଦେହକୁ !

ସୂର୍ଯ୍ୟର ଛାଇରେ ଦେହ ସେକୁଥିବା ଚମଡା ର
ରୁକ୍ଷ ପଣ କୁ ତେଲ କରି ମାଖିବାକୁ ଦିଅ ତାକୁ
ଚନ୍ଦ୍ରା ପାହାଡ଼ ର ଉଚ୍ଚତା କେତେ
ଚଢ଼ିବାକୁ ଦିଅ ଶବ୍ଦକୁ !

ଅଣନଶ୍ୱାଶି ହେବାକୁ ଦିଅ ସେ
ଅମ୍ଳଜାନ ଶୂନ୍ୟ ଦୁନିଆରେ
ପରିଶ୍ରମ ର ଆଶିର୍ବାଦ କୁ
ଅମଳ ପୂର୍ବରୁ ପ୍ରକୃତିର ତାଣ୍ଡବ ନୃତ୍ୟ ରେ
ଉଜାଡୁ ଥିବା ପାଦ ର ଦମ୍ ଦମ୍ ପ୍ରହାର କୁ
ସହିବାକୁ ଦିଅ ଶବ୍ଦର ଛାତିକୁ !

ଋଣ ର ବୋଝରେ ତମାମ ରାତି ର
ନିଦକୁ ଖୋଲା ଆଖି ରେ ଶୋଇବା ର ମର୍ମନ୍ତୁକ
କଷ୍ଟ କୁ କଜଳ କରି ମାଖିବାକୁ ଦିଅ ଶବ୍ଦକୁ !

ଶେଷରେ ଦଉଡ଼ିର ଫାସ କୁ ବର୍ଣ୍ଣମାଳା କରି
ମୃତ୍ୟୁ ସାଥେ ବିବାହ ରଚବାର ମୁହୂର୍ତ୍ତକୁ
ଛଟପଟ ହୋଇ ବଞ୍ଚିବାର ଭିକ୍ଷା ରେ
ମିଳୁଥିବା ମୃତ୍ୟୁର ଭିକ କୁ
ଗଣ୍ଠିଲିରେ ବାନ୍ଧିବାକୁ ଦିଅ ଶବ୍ଦକୁ !

ବେଲଗାଁ, ଏମ୍. ରାମପୁର
କଳାହାଣ୍ଡି

# ଆଜିର ମଣିଷ



ସଂଜୀବ ମେହେର

ଇତିହାସ ପୃଷ୍ଠେ ଦେଖୁଅଛି କେତେ
ମହାପୁରୁଷଙ୍କ ମାନ
ଆଜିର ମଣିଷ ମଣିଷ ନୋହୁଁ ରେ
ପଶୁ ଠାରୁ ବଳ ହୀନ ।
ପଶୁ ତ ବୁଝୁଛି ମା'ର ମମତା
ହେଲେ ତୁ ପାରୁନୁ ବୁଝି
ଦଶମାସ ଦିନ ଗରଭେ ଧରିଛି
ଋଣ ପାରିବୁନ ସୁଝି ।
ପିତା କୁ ମଣୁଛୁ ନସ୍ୱ ଶରୀର
କହୁଛୁ ମୁଣ୍ଡର ବୋଝ
ଚରିତ୍ରବୃତ୍ତି ତୋର ଉଭେଇ ଯାଇଛି
ଅପଥ୍ୟେ ଧାଉଁଛୁ ଆଜ ।
ଜନମ ଲଭିଛୁ ଯାହାପାଇଁ ଏଠି
ତା'ଠାରେ କରୁଛୁ ମାୟା
ଅନ୍ତରେ ଅନ୍ତରେ ତୁ ସିନା ଜାଣିଛୁ
ଧରିଛୁ କଳୁଷ କାୟା ।
ବିଳାସ ବ୍ୟସନେ ନାରୀ ର ଧର୍ଷଣେ
କଟି ଯାଉଛି ତୋ ଦିନ
ଆଜିର ମଣିଷ ମଣିଷ ନୋହୁଁ ରେ
ପଶୁ ଠାରୁ ବଳ ହୀନ ।

କୁ କର୍ମେ ଆଜି ତୁ ଲିପ୍ତ ରହିଛୁ
କରୁ ମିଥ୍ୟା, ହତ୍ୟା, ଚୋରି
ଉଚ୍ଚାସିନ ପାଇଁ ଜନ୍ମଦାତା ବୁକେ
ମାରି ଦେଇପାରୁ ଛୁରୀ ।
ର୍ବଣଠୁଁ ବଳ ବିକଟ ଆଯି ତୁ
ଭରସା କରିବା ପାପ
ମଣିଷ ନାଁ'ରେ କଳଙ୍କ ସାଜିଛୁ
ମୁଣ୍ଡେ ବୋଳୁ ଅଭିଶାପ ।
ସଇତାନ ରକ୍ତ ହେଉଛି ପ୍ରଚଳ
ତୋ ଦାରୁଣ ଦେହ ସାର୍
କାହିଁକି? କେ'ଜାଣି ବିଷ ଦେହ ତୋର
ମୁଣ୍ଡେ ବୋଝେଇଛି ଧର୍ ।
ଚକ୍ଷୁ୍ ପାଇଛୁ ଦେଖିବା ପାଇଁ କ
ପରତେ କାହିଁକି ଗ୍ଲୁ
ହୃଦୟ ପାଇଛୁ ଚନ୍ତିବା ପାଇଁ
ପଛରେ କାହିଁକି ଭ୍ଲୁ ।
ଏବେବି ରହିଛି ସମୟ ତୋ ହାତେ
ଫେରିଆ ସେ ବାଟ ଛାଡ଼ି
ସତ୍ୟ, ଧର୍ମ, ନ୍ୟାୟ ତୋ ଦେହେ ରହିଲେ
ପାପ ଯିବରେ ଦୁରେଇ ।
ଯଦି ଏହି ପଥ ଅନ୍ତ ଯାଏ ତୋର
ପାରିବୁନ ଜମା ଛାଡ଼ି
ଏଇ ସଂସାରେ ମଣିଷ ଜନ୍ମ
ଆଉ ଜନ୍ମିବୁ ନାହିଁ ।

ସାନବାବେଜୁରୀ

# ନପାରେ ତୁମକୁ ଭୁଲି !!!



ହରେରାମ ପଣ୍ଡା

ଛଇଳୀଗୋ ତୁମ ଛଇ ଛଟକରେ
କେମିତି କମିଆଁ କଲ ?
ଛାଇ ଆଲୁଅର ଛବିଳ ସପନ
କାହିଁ କାହାମନେ ଦେଲ ?
ଛମଛମ ତୁମ ଛନ୍ଦଭର୍ ଗୀଲି
ବଧୂଲି ଓଠର ହସ,
ଛାତିରେ ଛୁରୀକା ଆଘାତରେ ଅବା
ଘାଏଲ୍ କେଉଁ ପୁରୁଷ ?
ସୁନୟନା ତୁମ ନୟନ କୋଣରେ
ଏ ଯେଉଁ ଅଜବ ନଶା,
କେମିତି ବା କଏ କପରି ଗୋ କୁହ -
ବୁଝିବ ତୁମର ଭାଷା ?
ଝୁମୁକା ଝୁଲିଲେ କାନରେ ତୁମର
ଛାତିରେ ଛନକା ତୀର,
ଖୋସାର ବାସରେ ପୀରତିର ଭାଷା
ବୁଝିବାକୁ କେତେ ଦୁର !
ଭିଜିଲ୍ ଶ୍ରାବଣ ରଙ୍ଗିଲ୍ ଫଗୁଣ
ଅବା ନଦାଘର ତାତି,

ଦେହର ରଙ୍ଗକୁ ମନର ଢଙ୍ଗକୁ
ଛୁଇଁ ତ ପାରି ନାହାନ୍ତି ।
ଗୃହାଣି ଯେମିତି କାହାଣୀ କହୁଛି
ଘାଏଲ୍ କରୁଛି ମନ,
ଭଲପାଅ ବୋଲି କେବେ ତ କହିନ
ଥରେ ଖୋଲି ତୁମ ମନ ।
କହିବାକୁ ଭାବି କହି ପାରିନାହିଁ
ଭଲ ମୁଁ ପାଉଛି ବୋଲି,
ତଥାପି କାହିଁକି ଅଜାଣତେ ମୋର
ନପାରେ ତୁମକୁ ଭୁଲି ।

କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ

# ଅଣୁଗଳ୍ପ- ରାସ୍ତାକଡ଼ ପ୍ରେମ



ରୁଦ୍ର ନାରାୟଣ ଦାଶ

ସବୁଦିନଆ ଯାତ୍ରୀ ଥିଲେ ସେ। ସେଥିପାଇଁ ବୋଧେ ଓତଃପ୍ରୋତ ଭାବେ ଜଡ଼ିତ ଥିଲେ ସୁରେଶ ବାବୁ ସେ ରାସ୍ତା ସହ ଏବଂ ନିତିଦିନଆ ଯାତ୍ରୀମାନଙ୍କ ସହ ବିନା କୌଣସି ପରିଚୟ ଦିଆନଆରେ ବି ନିବିଡ଼ ସମ୍ପର୍କ ଗଢ଼ିଉଠିଥିଲା । ମାତ୍ର; କଏ ବା ଜାଣିଥିଲା ସହଯାତ୍ରୀମାନଙ୍କ ମୁହଁର ନକ୍ସାକୁ ମନରେ ଆଙ୍କୁ ଆଙ୍କୁ ସେ ଅଚିହ୍ନା ଯୁବତୀଙ୍କୁ ତାଙ୍କ ମନ କନ୍ଦରରେ ବସାଇ ପ୍ରେମ ର ନୈବେଦ୍ୟ ଦେବେ ସେ ଯୁବତୀଙ୍କ ଅଜଣାତରେ।

ଅନାଉଥିଲେ ତାଙ୍କୁ ଆଉ ଆଙ୍କୁଥିଲେ ତାଙ୍କୁ ନେଇ କେତେ କ'ଣ ତାଙ୍କ ଲେଖନୀ ମୁନରେ ନିତିଦିନ। ବେଳେବେଳେ ତ ରାତି ରାତି ନ ଶୋଇ ହସୁଥିଲେ, କାନ୍ଦୁଥିଲେ ଆତ୍ମବିଭୋର ହୋଇ ମନରେ ରହିଯାଇଥିବା ସେ ଅଲିଭା ନକ୍ସାକୁ ମନେପକାଇ। ଏହିସବୁ ସାଇତା କଥାକୁ ତାଙ୍କ ଅନ୍ତରଙ୍ଗ ବନ୍ଧୁ ନରୋତ୍ତମଙ୍କୁ କହିଦେଲେ ସୁରେଶ ଅଫିସର ଅବସର ସମୟରେ। କିଛି ପକ୍ଷଭୁକ୍ତ ଉତ୍ତର ମିଳବା ପରିବର୍ତ୍ତେ ଶୁଣିବାକୁ ପଡ଼ିଲା, "କାହିଁ ସେ ରାସ୍ତାକଡ଼ ଝିଅ ପଛରେ ପଡ଼ିଛ! ପାଗଳ ହେଇଗଲ ବୋଧେ.... କାମ ନାହିଁ କ ତମର"! ଏହି ଉତ୍ତର ଶୁଣି ଠୋ ଠୋ ହେଇ ହସିଉଠିଲେ ସୁରେଶ ବାବୁ।।

ନୟାପଲ୍ଲୀ,ଭୁବନେଶ୍ୱର

# ଶୀତୁଆ ସଂଜ



ସମ୍ବିତ ଦାଶ

ଶରତ ଋତୁ ଶେଷରେ
ଶୀତ ଆସେ,
ଧାନକ୍ଷେତ ଦେଖି କୃଷକ
ମନ ହସେ ।
ସନ୍ଧ୍ୟା ବେଳେ ଧୁଆଁଳିଆ
ଧୁଆଁଳିଆ ଦିଶେ,
ନାଲିଆକାଶେ ସୂର୍ଯ୍ୟ ପଶ୍ଚିମ
ଦିଗେ ମିଶେ ।
ଶୀତ ସନ୍ଧ୍ୟାରେ ଆସୁଥାଏ
ସୁଲୁସୁଲିଆ ପବନ,
ନିଆଁ ପାଖରେ ଖଟ୍ଟରେ
ବସିବା ନିତିଦିନ ।
ସନ୍ଧ୍ୟାରେ ଭିନ୍ନ ରଙ୍ଗଣି ପୁଣି
ଗେଣ୍ଡୁ ଫୁଲ ସକାଳେ,
ସନ୍ଧ୍ୟାରେ ଶୀତ ବସ୍ତ୍ର ପିନ୍ଧୁଥିବ
କାଳେ କାଳେ ।

ପଲ୍ଲୀକଣ୍ଠା, ଏରସମା, ଜଗତସିଂହପୁର

# ଝିଅ ବୋଝ ନୁହେଁ ବାପା



ପ୍ରକାଶ ସାହୁ

ମୁଁ ଦୁନିଆ ଦେଖିବା କୁ ଚାହେଁ ବାପା
ତୁମ ହାତ ଧରି ଚାଲିବାକୁ ଚାହେଁ ବାପା
ତୁମ କାନ୍ଧ ରେ ବସିବାକୁ ଚାହେଁ ବାପା
ତୁମ ଖୁସି ର କାରଣ ହେବାକୁ ଚାହେଁ ବାପା
ତୁମ ଦୁଃଖ କୁ ଦୂର କରିବାକୁ ଚାହେଁ ବାପା
ତୁମ ଝିଅ ବୋଝ ନୁହେଁ ବାପା

ଝିଅ ବୋଲି ମୋତେ ଭାବ ନାହିଁ ବାପା
ପୁଅ ନ ହୋଇ ବି ପୁଅ ବୋଲି ଭାବ ବାପା
ଦୁନିଆ ରୁ ସବୁ ସୁଖ ଆଣି ଦେବୀ ବାପା
ତୁମ ଆଖି ର ଲୁହ କୁ ପୋଛି ଦେବୀ ବାପା
ତୁମ ଅସହାୟ ର ସାହା ହେବି ବାପା
ତୁମ ଝିଅ ବୋଝ ନୁହେଁ ବାପା

ଦୁନିଆ ରେ ମୋତେ ପରିଚୟ ଦିଅ ବାପା
ସ୍ନେହ ଦେଇ କୋଳେଇ ନିଅ ବାପା
ମୋତେ ବିପଦ ରେ ସାହସ ଦିଅ ବାପା
ଦିନେ ମୁଁ ନିଜକୁ ସାମର୍ଥ୍ୟ କରିଦେବି ବାପା
ତୁମ ପରିଶ୍ରମ ର ମୂଲ୍ୟ ଦେବୀ ବାପା
ତୁମ ଝିଅ ବୋଝ ନୁହେଁ ବାପା

ଉଚ୍ଚ ଶିକ୍ଷା ପାଇଁ ଯିବାବେଳେ କାନ୍ଦ ନାହିଁ ବାପା
ଆଶୀର୍ବାଦ ଦେଇ ବିଦାୟ ଦିଅ ବାପା
କୋହ ସବୁ ଲୁହ ହୋଇ ଝରିଯାଏ ବାପା
ଶୀଘ୍ର ଫେରିଆସିବି ମୁଁ ତୁମ ପାଖେ ବାପା
ତୁମ ଝିଅ ବୋଝ ନୁହେଁ ବାପା

ମୋତେ ସବାରୀ ରେ ବସାଇ ଦିଅ ବାପା
ଲୁହସବୁ ପୋଛି ଦେଇ ଆଶୀର୍ବାଦ ଦିଅ ବାପା
ତୁମ ନୀତି ଶିକ୍ଷା ସାଥେ ଧରି ଯିବି ମୁଁ ବାପା
ତୁମ କୁ କେବେ ଭୁଲି ଯିବି ନାହିଁ ବାପା
ଝିଅ ହୋଇ ପୁଅ ର କର୍ତ୍ତବ୍ୟ କରିବି ବାପା
ତୁମ ଝିଅ ବୋଝ ନୁହେଁ ବାପା

ନଭୀ ମୁମ୍ବାଇ, ମହାରାଷ୍ଟ୍ର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ମୁଁ ବି କୃଷକ



ପ୍ରଶାନ୍ତ କୁମାର ନାଥ

ମୁଁ ପର୍ କୃଷକ
କୃଷିକୁ ଆପଣା କରିଛି
ଗୃଷୀଟିଏ ସାଜି
କ୍ଷେତକୁ ମୋହର ଚଷୁଛି ।

ଦୁଇଟି ବଳଦ
ଗୋଠରେ ମୋହର ବାନ୍ଧିଛି
ଖୋଇ ପେଇ ତାଙ୍କୁ
ବେକରେ ଜୁଆଳ ଯୋଟୁଛି ।

ସକାଳ ହୋଇଲେ
ପଖାଳ କଂସାଏ ଖାଉଛି
ପଗଡ଼ିଟେ ବାନ୍ଧି
ବିଲକୁ ନଇତି ଧାଉଁଛି ।

ଗାଆଁ ଲୋକଙ୍କର
ସୁଖ ଦୁଃଖ ସାଥି ହେଉଛି
ପରିବାର ସାଥେ
ବାରମାସ ଯାକ ରହୁଛି

ମୋ ପାଇଁ ହସୁଛି
କସୁନ୍ଦରେ ଦେଖ ୱାଇଜ
ଆନନ୍ଦ ମନରେ
ପାଳୁଛି ମୁଁ ରଜ ମଉଜ ।

ଖର୍ ବରଷା ଯେ
ମୋ ପାଇଁକ ସାଥି ସାଜୁଛି
ଶୀତ ନସନ୍ତରେ
ମନ ବି ମୋହର ହଜୁଛି ।

ନଜେ ଖାଇପିଇ
ଅନ୍ୟକୁ ଆହାର ଦେଉଛି
ଗୃଷୀଟିଏ ବୋଲି
ଗର୍ବରେ ଆଜି ମୁଁ କହୁଛି ।

ସୁନ୍ଦରପୁର, ପ୍ରୀତିପୁର, ଯାଜପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାର୍ ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ନଈରେ ଭାସୁଛି ଦୁଃଖ



ଦୁଷ୍ମନ୍ତ ବେହେରା

ନଈ ର ଆର ପାଖ ରେ ଛୋଟ ଗାଁ ଟିଏ। ସେ ଗାଁ ରେ ବାସ କରନ୍ତି ମଧୁଆ ଧୀବର। ପେଷାରେ ନଦୀ ଘାଟରେ ଡଙ୍ଗା ବାହି ଲୋକଙ୍କୁ ପାର କରିବା । ମଦୁଆ ର ପରିବାର କହିଲେ ସ୍ତ୍ରୀ ଆଉ ଗୋଟିଏ ବୋଲି ଝିଅ ମୀନୁ । ମାତ୍ର ବୟସ ତାର ବାର ବର୍ଷ। କନ୍ତୁ ସ୍ତ୍ରୀ କେବେ ଠାରୁ ଆର ପାରି କୁ ଚାଲିଯାଇଛନ୍ତି ।

ମଧୁଆ ପରିବାର ବଡ ଦୁଃଖ ଦୁର୍ଦ୍ଦଶା ରେ ଦିନ କାଟନ୍ତି । ଚୁଲ ଛପର ଘର ଚାରିକାନ୍ଥ ମାଟି ଏଇ ଯେମିତି ଦୁଃଖ ଗୁଡିକ କହିଦଉଥିଲା ଦୁଃଖ ରେ ଭୋକ ତ ଏମିତି ହିଁ ଆସେ ।

ଦୁଃଖ ତ ଏମିତି ସୁଅ
ଭସେଇ ନଏ ମନକୁ ମୋର
ବେଦନା ସହିବା ଜାର ଅଭ୍ୟାସ
ଦୁଃଖ କେମିତି ନ ସହିବ .....

ମଧୁଆ ପ୍ରତିଦିନ ନଈ କୂଳରେ ଡଙ୍ଗା ଧରି ଅପେକ୍ଷା କରିଥାଏ । କେତେବେଳେ ଆସିବେ ଲୋକେ ନଈ ପାର ହେବା ପାଇଁ । କଛି ପଇସା ମିଳଗଲେ ଘର କୁ ନେବ ଓ ମୀନୁ ତା ବାଟକୁ ଅପେକ୍ଷା କରିଥିବ। ଝିଅ ଟି ମୋର ସକାଳ ପ୍ରହରୁ କଛି ଖାଇ ନଥିବ । ଆସି ଦୁଇଟା ସମୟ ହେଲାଣି । ଘରେବି ସେମିତି କଛି ଖାଇବା ପାଇଁ ନାହିଁ । ହେ ଭଗବାନ୍ ଏ କ ଦୁଃଖ ର ପରୀକ୍ଷା ନଉଛ ।

ଗରିବ ଆଶା ଆଶାରେ ମରେ
ଜୀବନ ଲାଳଶା ଲାଳଶାରେସରେ

ମନ କହୁଛି ଅପେକ୍ଷା କର ତୁମେ
ମିଳ ଯିବ ଏଇ ଆସୁଛି ସତେ ......

ଗୋଟିଏ ଲୋକ ଏ ପର୍ଯ୍ୟନ୍ତ ନଇ ପାର ହୋଇନାହାନ୍ତି। କ'ଣ କରିବି। ମୀନୁ କେମିତି ଥିବ। ଘରେ ମୀନୁ ଭୋକ ସହି ନପାରି ଭାତ ହାଣ୍ଡି ଗୁମୁଡି ଦେଖିଲା କଛି ଭାତ ନାହିଁ । ମୀନୁ କହିଲା ଏ ଦୁଃଖ ଭରା ଘରଟି କେମିତି ଭୋକ ରେ ମାରୁଛି । ଏ ଦୋଷ ଘରର ନୁହଁ ଏ ଦୋଷ ମୋ ଭାଗ୍ୟ ର ।

ମୀନୁ ଭୋକ ସହି ନପାରି ନଇ ଘାଟ ରେ ବାପାଙ୍କ ପାଖରେ ପହଞ୍ଚିଲା। ମଧୁଆ ମୀନୁ କୁ ଦେଖି ଲୋହ ଭରା ଆଖି ଦୁଇଟି ଛଳ ଛଳ ହୋଇ କହିଲା "ମା" ମୀନୁ ଆଜି କଛି ରୋଜଗାର ହେଇ ନାହିଁ । ମୀନୁ ବାପାଙ୍କ ଆଖି ରୁ ଲୋହ ପୋଛି ଦେଇ କହିଲା ବାପା ଦୋଷ ଆମର ନୁହଁ ଏ ଦୋଷ ନଇର ।

ମୀନୁ ନଇ କୂଳେ ବସି ହାତ ରେ ପାଣି କୁ ହଲାଇ "ଭାସି ଯା ମୋ ଦୁଃଖ" "ଭାସି ଯା ମୋ ଭୋକ" "ଭାସି ଯା ମୋ ଗରିବ" " ଭାସି ଯା ମୋ ଭୋକ ସହି ଯାଉଥିବା ବେଦନା" ଭାସି ଯା ମୋ ଜୀବନ ଦୁଃଖ "  ନଇରେ... ଭାତ ଖା , ଡାଲି ଖା , ଖିରି ଖା , ଖାରେ... ନଇ ତୁ.... ସବୁ ଖା।

ଭସେଇ ନେ ରେ ଯେତେ ସୁଖ
ଲେଖି ଦେଇଛୁ ମୋ କରମେ ଦୁଃଖ

ମୀନୁ ନଇ କୂଳରେ କହୁ କହୁ ଗୋଟିଏ ଲୋକ ଆସି ପହଞ୍ଚିଲା ନଇ ପାର ହେବା କୁ ମୀନୁ କୁ ତା ବାପା ଡାକଲେ ଜଣେ ଲୋକ ଆସିଛନ୍ତି। ନଇ ପାର ହେବା ପାଇଁ ।

ହୁଉରେ ନଇ ଏତେ ବେଳେ ମୋ ଦୁଃଖ ଶୁଣିଲୁ
 ଦୁଃଖ ଶୁଣିଲୁ ମନ ଶୁଣିଲୁ
 ଶୁଣିଲୁ ମୋ ଭାଷାକୁ

ବୁଝିବା ଆଗରୁ ଡେରି ହୋଇଯାଏ
ମୋ ପରିସ୍ଥିତି ବେଳକୁ ....

ନଈ ଆର କୂଳରେ ପହଞ୍ଚିଲା ଡଙ୍ଗା। ଲୋକ ଜଣକ ଦଶ ଟଙ୍କା ଦେଇ ଚାଲିଗଲା ।ମୀନୁ ଦେଖି ପୁଣି ନଈ କୂଳ ପାଖକୁ ଧାଇଁ ଯାଇ ହାତ ରେ ପାଣିକୁ ହଲାଇ କହିଲା:

ଦେଲୁ ଏତିକି ଟିକିଏ ସୁଖ
ବଞ୍ଚିଲା ବେଳକୁ ଲାଗୁଛି ଦୁଃଖ...

ହଉରେ ନଈ ! "ଭସେଇ ନେ ମୋ ସୁଖ " "ଭସେଇ ନେ ମୋ ହସ " "ଭସେଇ ନେ ମୋ ମନ" ଜୀବନ ଟିକକ ଦେଲୁ ଯାହା କରମେ ସୁଖ ଭସେଇ ନେ ମୋ କରମେ ଦୁଃଖ "। ପାଠ ମୁଁ କେମିତି ପଢ଼ିବି କହ ତାକୁ ଭସେଇ ନେ ମୋ ଶିକ୍ଷିତ ଗୁଣ । ଏ କଥା କହୁ କହୁ ନଈ ଆର ପାଖରେ ପୁଣି ଜଣେ ଲୋକ ଡାକଲା ଡଙ୍ଗା ଆଣ । ହଉ "ମା" ମୁଁ ଡଙ୍ଗା ଆର ପାଖକୁ ନଉଛି । ମୁଁ ଆସିଲେ ଘରକୁ ଯିବା । ଏ କୂଳ ରୁ ଆର କୂଳ କୁ ଲୋକଟି ପହଞ୍ଚିଲା। ଲୋକ ଜଣ କ ଦଶ ଟଙ୍କା ଦେଲା । ମୀନୁ ଏହା ଦେଖି କହିଲା ହଉରେ ନଈ ତୁ ମୋ ଦୁଃଖ ବୁଝିଲୁ ହେଲେ ମୋ ଜୀବନ ସୁଖ ବୁଝି ପାରିଲୁ ନାହିଁ :

ଦେଖିଲି ତତେରେ ଯାଉଛୁ ବହି
ଭସେଇ ନେଉଛୁ ଦୁଃଖ
ତୋର ଯୌବନ ଫୁଟୁଛି ଏଠି
ମୋ ଯୌବନ ଯାଉଛି ସେଠି ...

ମଧୁଆ ଡାକଲା "ମା" ମୀନୁ ଆଜି ଆମର କୁଡିଏ ଟଙ୍କା ହୋଇଛି । ଆଜି ର ଦିନଟି ଭୋକ କଷ୍ଟେ ମଷ୍ଟେ ମେଣ୍ଟି ଯିବା ।

ଆରେ "ମା"
ଦୁନଆ ରେ ସମୟର
ନଈ ବୋହିଯାଏ

ଏ କୂଳ ଭାଙ୍ଗି କେବେ
ଆର କୂଳ ଗଢି ଦିଏ
ପୁଣି ଦୁଇ କୂଳ କେବେ ଖାଏ
ଦୁନଆି ର ସମୟ ରେ
ନଈ ରେ ଦୁଃଖ ବୋହିଯାଏ
ଏ କୂଳେ ରଜନୀ ପାହେତ
ସେ କୂଳେ ଦିନର ସମୟ ଖେଳେ....

ମୀନୁ କହିଲା ହଉରେ ନଈ ଏ ତୋ ଆମର ନତିଦିନଆି ଦୁଃଖ ତୁ କ ବୁଝିବୁ ମନର ସୁଖ । ତୁ ଏମିତି ଭାସି ଯାଉଥା ।

ସ୍ୱସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

"ବେଦାନ୍ତୀ" ରେ ନଜିର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଜୟ ଯବାନ



ନବୀନ କୁମାର ପଧାନ

ଦେଶ ମାତୃକାର ସୁରକ୍ଷା ପାଇଁକ
ଦିବସ ନଶି ଜାଗ୍ରତ
ଆତଙ୍କବାଦ ବା ବିସ୍ତାରବାଦରେ
ହୁଏ ନାହିଁ ଭୟଭୀତ ॥

ଭାରତ ମାଟି ତ ତା ପାଇଁ ଚନ୍ଦନ
ମନ୍ତ୍ର ଜୟ ହିନ୍ଦୁସ୍ଥାନ
ବିପଦ ଆଶଙ୍କା ହେଲେ ଜନନୀର
କରେ ସିଂହ ଗରଜନ ॥

ସନ୍ନିଧାନେ ନାହିଁ ପଛଘୁଞ୍ଚା ଦେବା
ଜୀବନ କରେ ଉତ୍ସର୍ଗ
ଜନନୀ ଜନମଭୂମି ତ ତା ପାଇଁ
ଧରାପୃଷ୍ଠରେ ଭୂସ୍ୱର୍ଗ ॥

ଗ୍ରୀଷ୍ମ, ଶୀତ, ବର୍ଷା ତା ପାଇଁ ସମାନ
ନ ଥାଏ ଟିକେ ବିଶ୍ରାମ
ଜାଗ୍ରତ ପ୍ରହରୀ ଦେଶ ମାତୃକାର
ଧନ୍ୟ ତାହାର ଜନମ ॥

ତାହାରି ସେବାର ପଟାନ୍ତର ନାହିଁ
କହିବାକୁ ବାକ୍ୟହୀନ
କହିବି କେବଳ ଜୟ ହିନ୍ଦୁସ୍ତାନ
ଜୟ ଯବାନ ଜୟ ଯବାନ ॥

ବଲାଙ୍ଗୀର

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ -9594993733

# ରେ୍ଗିଣା



ଦେବାଶିଷ୍ ସାଗର

ଅଙ୍କାବଙ୍କା ର୍ସ୍ତା, ସବୁଜ କ୍ଷେତ
ସହରଠାରୁ ଦୂରେ ମୋ ଗାଁ
ବାଲପୁର ।

ଜୀବନର ସୁଖ ଅଜାଡି ହୋଇଛି
ଭ୍ଇ, ଭଉଣୀ, ଅଜା, ଆଇ
ବାପା, ମାଁଙ୍କ ସହିତେ ।
ମନରେ ନରବତା କ'ଣ
ଜାଣିବାର ପ୍ରଶ୍ନ ନାହିଁ ।

ସବୁବେଳେ ସୁନେଲି ହସ
ମତେ ବାନ୍ଧି ରଖିଥିଲ୍ ସବୁ କଥାରେ ।
ସାଙ୍ଗ ସାଥିଙ୍କ ମିଳାମିଶା ଜୀବନକୁ ଆହୁରି
ଆନନ୍ଦ କରୁଛି ସମୟାନୁ କ୍ରମେ ।

ମନରେ ମୋ କେତେ ଆଶା ....
ପାଠପଢି ମୁଁ ଗୃକରୀ କରିବି ।
ସମୟ ଆଣି ଛାଡିଦେଇଛି ଏମ୍.ଫିଲ୍ର
ପାହାଚରେ .... ।

ଜୀବନକୁ ଆଗାଇ ନେବାର ମୋ ଆଶା
ଆହୁରି ଶକ୍ତ ହୋଇଛି ।
ହେଲେ କ'ଣ କରିବି ?
ମୁଁ ଏବେ ବନ୍ଧା ନାଁ, କାହା ଋଣ, ଭୟ
ଅଭିମାନ, ଅନୁରୋଧର ଦଉଡିରେ ।

ସେ ଦଉଡିକୁ ଛିଡେଇବାକୁ ଚେଷ୍ଟାକଲେ
ସାମାଜିକ କମଳ ମୋ ଦେହେ ଲଦି ହେବାକୁ
ଆସୁଛି ।
ସତରେ ମୁଁ କେତେ ରୋଗିଣା !
ଔଷଧ ଧରି ମଧ୍ୟ ଖାଇବାର ମୋର
ଶକ୍ତି ନାହିଁ ।

ଆଉ କେତେ ଦିନ ସହିବି, ଚୁପ୍ ରହିବି
ସୂର୍ଯ୍ୟ ଉଦୟର ସୁନେଲି କରଣରେ
ମୋ ମନ ଭିତରେ ଭୟ,
ସୃଷ୍ଟି କରୁଥିବା କଳାପାହାଡ଼କୁ
ଦୂରେଇ ଦେବି ସବୁ ଦିନଠାରୁ ।

ପୁଣି ରାତିର ନଦ ଭାଙ୍ଗୁ ଭାଙ୍ଗୁ
ଅନେକ ଇଚ୍ଛା, ଶ୍ରଦ୍ଧା, ଭଲପାଇବା
ମୋ ଆଖି ପଲଙ୍କରେ ଖେଳଯିବ ....
ହଁ .... ନଷ୍ଟେ ଖେଳବ .... ।

ବଡ଼ନୂଆଁପାଲି, ଚେରୁପାଲି
ସୁବର୍ଣ୍ଣପୁର

# ହେ ଏକୋଇଶ


ପଙ୍କଜିନୀ ଭୋଇ

ହେ ! ଏକୋଇଶ...,
ତୁମେ ହେଇଯାଅ ଉଷ୍ମତା ଟିକେ
ସାଗ୍ରାତି ଛଟପଟ ହେଇ
ଖଣ୍ଡେ ବସ୍ତ୍ରକୁ ଢାଳ କରି
ଶୀତ ସହ ଲଢ଼େଇ କରୁଥିବା
ସେଇ ବୁଢ଼ୀମା' ର ...!!

ହେ ! ଏକୋଇଶ...,
ତୁମେ ହେଇଯାଅ
ଓଦା ଓଦା ଆଖିର ସ୍ୱପ୍ନଟିଏ,
ଯେଉଁ ସ୍ୱପ୍ନକୁ ସତ କରିବାକୁ
ହଜେଇବାକୁ ପଡିଥାଏ
କେତେ ଯେ ରାତିର ନିଦ ଆଉ
କରିବାକୁ ପଡିଥାଏ
କେତେ ଯେ ଦିନର ତପସ୍ୟା...;

ହେ ! ଏକୋଇଶ...,
ତୁମେ ହେଇଯାଅ
ନିସ୍ତବ୍ଧ ଓଠର ହସଟିଏ,

ଯେଉଁ ହସଟିକୁ ଫୁଟେଇବାକୁ
ଦେବାକୁ ପଡିଥାଏ
କେତେ ଯେ ଦିନର ଭୋକର ବଳଦାନ...;

ହେ ! ଏକୋଇଶ...,
ତୁମେ ହେଇଯାଅ
ଗରିବର ଦି'ଓଳକୁ ଦି'ମୁଠା
ଟିକଏ ଶାନ୍ତି ଆଉ ଟିକଏ ତୃପ୍ତି
ଆଉ
ଚର୍ ପଣତରେ ସାଉଟିବାକୁ ଚେଷ୍ଟା କରୁଥିବା
ସୁଖ ଟିକକ...,
ଖେଳଯାଅ ସେଇ ଶୃଖ୍ଳ୍ ଓଠରେ
ଧାରେ ହସ ହେଇ ...;

ହେ ! ଏକୋଇଶ...,
ତୁମେ ହେଇଯାଅ
ସୀମାହୀନ ପ୍ରତୀକ୍ଷାର
ସୁଖମୟ ଅନ୍ତ,
କନ୍ତୁ
ନଷ୍ପାପ ହୃଦୟରେ
ନର୍ମଳ ପ୍ରେମର ଅୟମାରମ୍ଭ .....।।

# ସତ ଥିଲି ମୁଁ



ମେନନ୍ ସାହୁ

ମିଛରୁ ଆରମ୍ଭ ମିଛରେ ଶେଷଗଲ ଆଜି ଆଉ ଥରେ ସେ ବଦନାମର ଖେଳ ଖେଳବା। ମିଛ ଥିଲୁ ତୁ ଆଉ ମିଛ ଥିଲା ତୋ ପ୍ରେମ ଯେଉଁଠି ମୁଁ କଷ୍ଟ, ଯନ୍ତ୍ରଣା, ଧୋକା, ବେଦନାର ଆକ୍ରମଣରେ । ହେଲେ ସତ ଥିଲି ମୁଁ ବାରମ୍ବାର ହାରୁଥିବି ମୋର ପ୍ରତ୍ୟେକ କଥାରେ ତୁ ଆଉ ତୁ ମିଛ ଛଳନାର ସାହାଯ୍ୟରେ ମୋ ପ୍ରତ୍ୟେକ ଅଙ୍ଗରେ ତୁମୋ ଠାରୁ ବିଜୟ ପାଉଥିବୁ। ତୋର କଛି ଗଲା ନାହିଁ ହେଲେ ମୋର ଗ୍ଲିଗଲା ସବୁ ।

ଶୁଣ ଗୋ ସ୍ନେହର ମାନସ୍ବୀ କହୁଥିଲୁ ମୋତେ ସତ ପ୍ରେମ କରୁଥିଲୁ ପର୍ଦୁଃଖରେ ଭାଙ୍ଗିବ ନାହିଁ ଜମା । ବାସ୍ ବନ୍ଦ କର ଏ ସବୁ କଥା ଏ ପ୍ରେମ ପର୍ଜୟ ଦୁଃଖର ଭାର ମୋ ପାଖରେ ଆଉ କଛି ନାହିଁ । ତତେ ଦେବାକୁ ମୋ ମୁଣ୍ଡରେ ମୁଣ୍ଡାଇ ଗ୍ଲିବି ଜୀବନ ଯାକ ଶେଷ ଭଲପାଇବା ଟିକ ବି ଗଲା । ଆଉ ତମେ ଗ୍ଲିବ ଧରି ତୁମ ଶଙ୍ଖା ସିନ୍ଦୁରର ଭାର ।

ଗ୍ଲା କ୍ଷମା ଦେଲି ତତେ । ଯୋଗ୍ୟ ନୁହେଁ ତୁ ମୋ ରାଗ, ଅଭିମାନ ଦେଖିବାକୁ ଯା' ଖୁସିରେ ରହ ତୁ। ପବିତ୍ର ମନରେ ଭଲ ପାଇଥିଲି ତତେ ବିଦାୟ ବେଳରେ ବି ପ୍ରାର୍ଥନା କରୁଛି ହେଲେ ତୁ ମୋ ଘୃଣାର ପାତ୍ର ବି ନୁହୁଁ । ତୋ ସଂସାର ହସି ଉଠୁ ।

ହେଲେ ପିଣ୍ଡରେ ପ୍ରାଣ ଥିବା ଯାଏ କହୁଥିବି ଋଣ ଭଗବାନଙ୍କର ତୋ ପାଇଁ ଟିକେ ବି ଲୁହ ମିଛନଥିଲା। ମିଛ ଥିଲୁ ତୁ ଆଉ ମିଛ ଥିଲା ତୋ ପ୍ରେମ ଝରିବା ନାହିଁ ଏ ଆଖିରୁ ହେଲେ ସତ ଥିଲି ମୁଁ । କାରଣ ଏ ଆଶା ରେ ବଞ୍ଚିଛି ତୁ ଫେରିବୁ ବୋଲି ଦିନେ ଦେଖ୍ ମୁଁ ଭୁଲିଯାଇଥିଲି ତୁ କଣ ପାଇଁ ଫେରିବୁ ?

ମୁଁ ତୋର ଖେଳନା ଥିଲି ଏବେ ଭାଙ୍ଗି ଯାଇଛି । ସେଥିପାଇଁ ଛାଡି ଗ୍ଭଲିଗଲୁ ଏବେ ଆଉ କେଉଁ ଖେଳନାରେ ମନ ବୁଝାଉଛୁ ଗ୍ଭଲ୍ ତତେ ମନେ ପକାଇ ଦେଉଛି

ହଁ ଏବେ ଭାଙ୍ଗି ଯାଇଛି କଛି ଖଣ୍ଡ ଖଣ୍ଡ ଅଂଶ ହୋଇ ହେଲେ ତୁ କେବେ ଏକ ଝଲକ ଦେଖିବୁ । ଏ ଭଙ୍ଗା ଖଣ୍ଡ ଯୋଡି ହେବ ଦିନେ ପୁଣି ବାଦଶାହ୍ ପରି ମୋ ମନ ଚହଲିବ ନଷ୍ଟେ ଆଉ ଭୂଲି ଯିବି ସବୁ ସ୍ମୃତି ଯେଉଁଥିରେ ଥିବ ଗୋ ତୁମେ ।

ପର୍ଜଙ୍ଗ, ଢେଙ୍କାନାଳ

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ-9594993733

# ମୋହ



ସଞ୍ଜୟ କୁମାର ତ୍ରିପାଠୀ

ବିରଳ ବେଳା ସେ ସୁସୁକ୍ଷ୍ମ ମୁହୂର୍ତ୍ତ
ଅତି ଯେ ରଞ୍ଜିତ ଦୁଃଖ
ବିଧି ପ୍ରକ୍ରିୟା ଟି ଗତିଶୀଳ ସତେ
ଅବାଧ ଯୋଗ ରୁ ଜାତ ।

ଦୂର ଶାଳ ବଣ ବୁଝଇ ଟି ସିନା
କଳା ବାଦଲ ର ଦୁଃଖ
ଆଦିବାସୀ ହୃଦ ବେଦନା କେ ବୁଝେ
ଜଳବାକୁ ସତେ ସୃଷ୍ଟ।

ଅସରାଏ ସେଇ ସୁବର୍ଣ୍ଣ ର ବୃଷ୍ଟି
ଜଙ୍ଗଲ ର ହୃଦ ପରେ
ନୃତ୍ୟ କରେ ସତେ ସେ କାଳ ଗ୍ୱତକ
ରୁକ୍ଷ ମରୁଭୂମି ତିରେ ।

ମରୀଚକା ସାଜି ଦିନେ ଥିଲା ଯିଏ
ଲୁଚ ଆକାଶ ବୁକୁରେ
ଅବଧୂତ ସାଜି ଧରାକୁ ଅଇଲା
ଜଙ୍ଗଲ ରାଣୀ ମୋହରେ...।

ଯାନ୍ତ୍ରିକ ଯନ୍ତ୍ରୀ (ଦିଲ୍ଲୀ)

# ହୋ ଡାକ୍ତର! ମୋତେ ପରୀକ୍ଷା କର



ଡମ୍ବରୁଧର ପଟ୍ଟନାୟକ

ହୋ ଡାକ୍ତର!
ମୋ ରକ୍ତ ପରୀକ୍ଷାକରି କୁହ
ଶତକଡା ସ୍ନେହ କେତେ, ପ୍ରେମ କେତେ,
କ୍ରୋଧ କେତେ, କପଟ କେତେ,
ଦୟା କେତେ, ନୃଶଂସତା କେତେ?
ଖାଲି ସେତିକି ନୁହେଁ
ନିର୍ଦ୍ଧାରିତ କରି କହିପାରିବ କି
ସେଗୁଡିକର ଅନୁପାତ କେତେ ରହିଲେ
ମଣିଷ ହେବ ସୁସ୍ଥ ଓ ନିରୋଗ?

ମୋ ମଳମୂତ୍ର ପରୀକ୍ଷା କରି
କହିପାରିବ କି କେତେ ନିଷ୍କାସିତ ହୁଏ
ଅହଂକାରର ମଳ, ଈର୍ଷାର ପରିଶ୍ରା
ଦିନକରେ, ଥରକରେ?

କେତେ ବିନ୍ଦୁ ପତନରେ ହୁଏ
ବାଞ୍ଝ ଗଛରେ ଫଳ,
ବିନ୍ଦୁକରେ ଶତକଡା କେତେ ବଡପଣ?
ଏକା ପ୍ରଶ୍ୱାସରେ ଆତ୍ମବଡିମାର
ମୁଁ ନିଏ କେତେ ଅମ୍ଳଜାନ?

ନିଃଶ୍ୱାସରେ ଛାଡେ କେତେ
ଅଙ୍ଗାରକାମ୍ଳର ମିଛୁଆ ପବନ?

ମୋ ଝାଳରେ କେତେ ବାହାସ୍ଫୋଟ
ଲୁହରେ ମୋ କେତେ ଶତକଡା
ଉଷୁ ଓ ନିଃଶ୍ୱାସ ?

ହେ ଡାକ୍ତର!
ତୁମେ ପର୍ ରେଗ ପଢିପାର?
କହିପାରିବ କି ମୋ ଦେହରେ କେତେ ଅଛି
ମେଦ ମାଂସ ଲୋଭ ଓ ମୋହର?
ଈର୍ଷା ଓ ଅସୂୟା, ପୁଣି
କେତେ ଭାଗ ସେବକପଣର?

କହିପାରିବ କି
ପାଟି ମୋ ଖୋଲିଲେ
ଶତକଡା କେତେ ଶବ୍ଦ ଆତ୍ମୀୟପଣର
ଆଉ କେତେ ପୁଣି ମହୁବୋଳା ବିଷମଞ୍ଜି
ଭ୍ରମ ଜାଗେ ଫେଣା କି ସାକର!
ହେ ଡାକ୍ତର!
ମୋ ଇସିଜି କରି କହିପାରିବ କି
ସ୍ନାୟୁରେ ସ୍ନାୟୁରେ ମୋର
କେତେ ଭ୍ରଷ୍ଟାଗ୍ଣର, କେତେ ବ୍ୟଭିଗ୍ଣର?
ଶତକଡା କେତେ ଅଛି ଉପାଦାନ
ଶାସକ ଓ ଶୋଷକପଣର?
ପୁଣି କେତେ ଅଛି କୁହ
ବିନମ୍ରତା, ଆନୁଗତ୍ୟ ସ୍ୱର ।

ମୋ ଶିରା ଓ ଧମନୀରେ
କେତେ ଅଛି ପରଂପରାର ପ୍ରବାହ
ରକ୍ତଗ୍ରୁପ କେତେ ବା ଭକ୍ତିର**?**

ହୋ ଡାକ୍ତର**!**
ମୋ ତାଳୁରୁ ତଳପା ପରୀକ୍ଷା କର
ମୋ ରକ୍ତ କୁଆଡେ ମଧୁମୟ
ସେଥିପାଇଁ ପିତା-କଷା ପଥିପାଚନରେ
ମୋ ପାଟିରୁ ବାହାରୁଛି
ପିତା କଥା, ରୁକ୍ଷ ବ୍ୟବହାର ।

ଏବେ ତୁମେ ହିଁ ନିର୍ଦ୍ଧାରଣ କର
ସମାଜ ପାଇଁ କେତେ ଉପଯୋଗୀ
ମୋର ଏ ସୁନ୍ଦର ଶରୀର
ଅଥବା ମୁଁ ପୂରା ବେକାର **!!**

ସାହିତ୍ୟାୟନ,
କୋପରେଟିଭ୍ କଲୋନୀ-୨ୟ ଗଳି,
ଡାକ/ଜିଲ୍ଲା-ରାୟଗଡ-୭୬୫୦୦୧

# ମହାଭାରତ କଥା.....୧



ନରେନ୍ଦ୍ର ପ୍ରସାଦ ବେହେରା

## ରାଜା ଶାନ୍ତନୁ ଗଙ୍ଗାଙ୍କର କେଉଁ ସର୍ତ୍ତ ପାଳନ କରିବାକୁ ରାଜିହେଲେ ଓ କାହିଁକି

ଅତି ପ୍ରାଚୀନ କାଳର କଥା  ସେତେବେଳେ ଆମ ଦେଶ ଭାରତ ବର୍ଷରେ କେବଳ ଦୁଇଟି ବଂଶର ରାଜାମାନେ ରାଜତ୍ୱ କରୁଥିଲେ । ଏହି ଦୁଇଟି ରାଜବଂଶ, ସୂର୍ଯ୍ୟବଂଶ ଓ ସୋମବଂଶ ନାମରେ ଖ୍ୟାତ ଥିଲା । ସୋମବଂଶରେ ଏକଦା ଜଣେ ବିଖ୍ୟାତ ରାଜା ଥିଲେ, ଯାହାଙ୍କ ନାମ ଥିଲା କୁରୁ । କାଳକ୍ରମେ ରାଜା କୁରୁଙ୍କର ବଂଶଧରମାନେ କୌରବ ନାମରେ ଖ୍ୟାତି ଲାଭ କରିଥିଲେ । ସେହି ବଂଶରେ ଶାନ୍ତନୁ ନାମରେ ଜଣେ ମହାନ୍ ରାଜା ରାଜତ୍ୱ କରୁଥିଲେ, ଯାହାଙ୍କର ଅଦ୍ଭୁତ ଜୀବନଗାଥାରୁ ଆରମ୍ଭ ଏହି ଅନନ୍ୟ ମହାକାବ୍ୟ ମହାଭାରତ ଏବଂ ଏହି ମହାଭାରତର ଏକ  ଅଂଶବିଶେଷ ହେତୁ ସକଳ ଶାସ୍ତ୍ର ମଧ୍ୟରେ ସାର ଅଟେ ଶ୍ରୀମଦଭଗବତଗୀତା, ଭଗବାନ ଶ୍ରୀକୃଷ୍ଣଙ୍କର ମୁଖନିସୃତ ବାଣୀ ।

ପିତା ସ୍ୱର୍ଗାରୋହଣ କରିବା ପରେ ରାଜକୁମାର ଶାନ୍ତନୁ ଯେକି ବୃଦ୍ଧ ରାଜାଙ୍କର ଏକମାତ୍ର ପୁତ୍ର ଥିଲେ, ସେ ରାଜସିଂହାସନରେ ଅଧିଷ୍ଠିତ ହୁଅନ୍ତି । ସର୍ବଗୁଣରେ ବିଭୂଷିତ ରାଜା ଶାନ୍ତନୁ ଥିଲେ ଅତ୍ୟନ୍ତ ପ୍ରଜାବତ୍ସଳ । ତାଙ୍କ ରାଜତ୍ୱ କାଳରେ ଦେଶ ଧନଧାନ୍ୟରେ ପରିପୂର୍ଣ୍ଣ ଥିଲା। ତାଙ୍କର ଗୁଣ ଥିଲା ଯେପରି, ରୂପ ମଧ୍ୟ ଥିଲା ସେହିପରି ଅନନ୍ୟ । ଦିନେ ଗଙ୍ଗାନଦୀ କୂଳରେ ଭ୍ରମଣ କରୁଥିବା ସମୟରେ ଏକ ଅଲୌକିକ ଘଟଣା ଦେଖି ସ୍ତବ୍ଧ ହୋଇଗଲେ । ନଦୀର ଜଳ ମଧ୍ୟରୁ ଜଣେ ଅନିନ୍ଦ୍ୟ ସୁନ୍ଦରୀ ଯୁବତୀ ଆବିର୍ଭୂତା ହେବାର ସେ ଦେଖିବାକୁ ପାଇଲେ । ସକଳ ସୌନ୍ଦର୍ଯ୍ୟରେ ଭରା ଏହି ଯୁବତୀ କୂଳକୁ ଚାଲି ଆସିଲେ । ରାଜା ଭାବିଲେ, ୟେ ହୁଏତ ସ୍ୱର୍ଗର ଜଣେ ଅପସରା ହୋଇଥିବେ । ଏପରି ସୁନ୍ଦରୀ ରମଣୀ ରାଜା

ଇତିପୂର୍ବରୁ କେଉଁଠି ଦେଖି ନ ଥିଲେ । ଶାନ୍ତନୁ ଆଶ୍ଚର୍ଯ୍ୟଚକିତ ହୋଇ ନିର୍ନିମେଷ ନୟନରେ ଚାହିଁ ରହିଥିଲେ ସେହି ସୁନ୍ଦରୀ ରମଣୀଙ୍କୁ । ରାଜା ପ୍ରେମାସକ୍ତ ହୋଇ ପଡିଥିଲେ। ସେ ଧୀର ପଦବିକ୍ଷେପରେ ସେହି ରମଣୀଙ୍କ ନିକଟରେ ପହଞ୍ଚି ଧୀର ଗଳାରେ ପଚାରିଲେ, ତୁମେ କିଏ ଦେବୀ ? ବୀଣାବିନିନ୍ଦିତ କଣ୍ଠରେ ଉତ୍ତର ଶୁଣାଗଲା, ମୁଁ ହେଉଛି ଗଙ୍ଗା । ରାଜା ମୁଗ୍ଧ ନୟନରେ ଚାହିଁ ରହି ନିଜର ପରିଚୟ ପ୍ରଦାନ କରି କହିଲେ, ମୁଁ ହେଉଛି ଗଙ୍ଗା । ରାଜା ମୁଗ୍ଧ ନୟନରେ ଚାହିଁ ରହି ନିଜର ପରିଚୟ ପ୍ରଦାନ କରି କହିଲେ, ମୁଁ ହେଉଛି ଏ ଦେଶର ରାଜା ଶାନ୍ତନୁ । ମୁଁ ଅବିବାହିତ ରହିଥିବା କାରଣରୁ ତୁମକୁ ମୋର ଅର୍ଦ୍ଧାଙ୍ଗିନୀ କରିବାକୁ ଇଚ୍ଛା କରୁଛି । ହେ ଦେବୀ, ତୁମର ଅପରୂପ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ମୁଁ ତୁମକୁ ଭଲପାଇ ବସିଛି । ମୋର ଧର୍ମପତ୍ନୀ ହୋଇ ମୋର ମନୋରଥ ପୂର୍ଣ୍ଣ କରିବ । ରାଜା ଉତ୍କଣ୍ଠିତ ହୋଇ ଉତ୍ତର ଅପେକ୍ଷାରେ ରହିଲେ ।

ଗଙ୍ଗା ଉତ୍ତର ଦେଲେ, ହେ ରାଜନ୍, ମୁଁ ମଧ୍ୟ ତୁମର ପୁରୁଷୋଚିତ ବ୍ୟବହାର ଏବଂ ରୂପ ଓ ଗୁଣରେ ମୁଗ୍ଧ ହୋଇଛି । ମନୁଷ୍ୟଲୋକରେ ତୁମେ ହେଉଛ ଜଣେ ଶ୍ରେଷ୍ଠ ରାଜା । ମୁଁ ତୁମର ଧର୍ମପତ୍ନୀ ହେବାକୁ ସମ୍ମତି ଦେଉଛି ସତ, କିନ୍ତୁ ଏଥିଲାଗି ତୁମକୁ ଗୋଟିଏ ସର୍ତ୍ତ ପାଳନ କରିବାକୁ ପଡିବ । ତୁମେ ପ୍ରତିଶ୍ରୁତି ଦେଲେ ମୁଁ ତୁମର ପତ୍ନୀ ହେବି ।

ସେହି ପ୍ରଶ୍ନଟି କ'ଣ ? ରାଜା ପଚାରିଲେ ।

ଗଙ୍ଗା ସହାସ୍ୟ ବଦନରେ କହିଲେ, ହେ ରାଜନ୍, ସର୍ତ୍ତଟି ହେଉଛି, ମୁଁ ତୁମର ପତ୍ନୀ ରୂପେ ସମସ୍ତ ସାଂସାରିକ ରୀତିନୀତି ପାଳନ କରି ଚଳିବି, କିନ୍ତୁ ମୋର କୌଣସି କାର୍ଯ୍ୟରେ ତୁମେ ହସ୍ତକ୍ଷେପ କରିବ ନାହିଁ କିମ୍ବା ଏଥିଲାଗି ବିରକ୍ତି ପ୍ରକାଶ କରି କୌଣସି କର୍କଶ କଥା ମୋତେ କହିବ ନାହିଁ । ଏହାର ଅନ୍ୟଥା ହେଲେ, ମୁଁ ତତକ୍ଷଣାତ୍ ତୁମକୁ ପରିତ୍ୟାଗ କରି ଚାଲିଯିବି। ଗଙ୍ଗାଙ୍କ ପ୍ରେମରେ ପାଗଳ ହୋଇ ଯାଇଥିବା ରାଜା ଶାନ୍ତନୁ ଏହି ସର୍ତ୍ତରେ ରାଜି ହୋଇ ଗଲେ ଏବଂ ଭାବୀ ପତ୍ନୀଙ୍କୁ ସଙ୍ଗରେ ଧରି ରାଜପ୍ରାସାଦକୁ ଫେରି ଆସିଲେ । ମହାସମାରୋହରେ ଗଙ୍ଗାଙ୍କ ସହିତ ଶାନ୍ତନୁଙ୍କର ଶୁଭ ପରିଣୟ ସମ୍ପନ୍ନ ହେଲା । ଏହି ଉପଲକ୍ଷେ ରାଜଧାନୀ ହସ୍ତିନାପୁର ଉତ୍ସବ ମୁଖରିତ ହୋଇ ଉଠିଲା । ବିବାହିତ ଜୀବନରେ ସେମାନଙ୍କ ଔରସରୁ ପ୍ରଥମ ସନ୍ତାନଟିକୁ ଧରି ଗଙ୍ଗା ଯେତେବେଳେ ନଦୀ ଗର୍ଭରେ ଫିଙ୍ଗି

ଦେଇ ଆସିଲେ, ପତ୍ନୀଙ୍କର ଏତାଦୃଶ କାର୍ଯ୍ୟ ଦେଖି ରାଜା ଘୋର ମର୍ମାହତ ହେଲେ; ବିବାହ ପୂର୍ବ ସର୍ତ୍ତ କଥା ସ୍ମରଣ କରି ମାନସିକ ଯନ୍ତ୍ରଣାକୁ ଲୁଚାଇରଖି ନୀରବ ରହିଥିଲେ । ଏହାପରେ ଗୋଟିଏ ପରେ ଗୋଟିଏ ଶିଶୁକୁ ଜନ୍ମ ଦେଇ ଗଙ୍ଗା ନିଜ ଜନ୍ମିତ ସନ୍ତାନକୁ ନଦୀ ଗର୍ଭରେ ଫିଙ୍ଗି ଦେବାରେ ଲାଗିଲେ । ସେତେବେଳେକୁ ସାତଟି ଶିଶୁଙ୍କର ପ୍ରାଣନାଶ ହୋଇ ସାରିଥାଏ । ତଥାପି ରାଜା ପଦେ ହେଲେ ବି ପାଟି ଖୋଲି କିଛି କହୁ ନ ଥାନ୍ତି । ଏକ ପକ୍ଷରେ ପତ୍ନୀଙ୍କ ପ୍ରତି ମୋହ ଆଉ ଅନ୍ୟ ପକ୍ଷରେ ନବଜାତ ସନ୍ତାନମାନଙ୍କର ପ୍ରାଣ ନାଶ, ଏହି ପ୍ରକାର ଅବସ୍ଥା ମଧ୍ୟରେ ଥାଇ ଶାନ୍ତନୁ ଘୋର ମନସ୍ତାପରେ ରହିଥାନ୍ତି ।

ଯେତେବେଳେ ଅଷ୍ଟମ ସନ୍ତାନଟି ଜନ୍ମ ହୁଏ ଏବଂ ଗଙ୍ଗା ସେହି ନବଜାତ ଶିଶୁଟିକୁ ହାତରେ ଧରି ନଦୀ ଗର୍ଭକୁ ନିକ୍ଷେପ କରିବାକୁ ବାହାରନ୍ତି, ସେତେବେଳେ ରାଜା ଶାନ୍ତନୁ ଆଉ ଧୈର୍ଯ୍ୟ ଧରି ରହି ପାରିଲେ ନାହିଁ । ସେ ନିଜ କ୍ରୋଧ ସମ୍ବରଣ କରି ନ ପାରି କର୍କଶ ଗଳାରେ କହି ଉଠିଲେ, ତୁମେ ଏସବୁ କ'ଣ କରୁଛ ନାରୀ ? ଏ ପର୍ଯ୍ୟନ୍ତ ନିଜ ଗର୍ଭଜାତ ସାତଟି ସନ୍ତାନର ପ୍ରାଣନାଶ କରି ସାରିଲଣି । ତୁମକୁ ମୁଁ ଯାହା ବୋଲି ବିଚାରି ନିଜର ପତ୍ନୀ ରୂପେ ଗ୍ରହଣ କରିଥିଲି, ବର୍ତ୍ତମାନ ଦେଖୁଛି ତୁମେ ତା'ର ସମ୍ପୂର୍ଣ୍ଣ ବିପରୀତ । ମୋର ଏହି ଅଷ୍ଟମ ପୁତ୍ର ସନ୍ତାନଟିକୁ ମୁଁ କଦାପି ମୃତ୍ୟୁ ମୁଖରେ ପଡିବାକୁ ଦେବି ନାହିଁ । ତୁମର ଆଚରଣ ମୋତେ କ୍ଷୁବ୍ଧ କରିଛି । ଆଜି ମୋର ଧୈର୍ଯ୍ୟଚ୍ୟୁତି ଘଟିଛି । ତୁମେ ପ୍ରକୃତରେ କିଏ ମୋତେ କୁହ । ଏହା କହି ରାଜା ବଳପୂର୍ବକ ଗଙ୍ଗାଙ୍କ ହାତରୁ ଶିଶୁଟିକୁ ଛଡାଇ ନେଇଥିଲେ । ଏଥିପାଇଁ ଗଙ୍ଗା ତିଳେମାତ୍ର କ୍ରୋଧ ପ୍ରକାଶ ନକରି ସହାସ୍ୟ ବଦନରେ ପତିଙ୍କୁ ସମ୍ବୋଧନ କରି କହିଲେ, ହେ ରାଜନ୍, ତୁମେ କ'ଣ ପୂର୍ବ ପ୍ରତିଶ୍ରୁତି ଭୁଲିଗଲ ? ତୁମେ ପରା କହିଥିଲ ମୋ କାର୍ଯ୍ୟରେ ହସ୍ତକ୍ଷେପ କରିବ ନାହିଁ ବୋଲି ? ତୁମେ ଯେହେତୁ ତୁମର ପ୍ରତିଶ୍ରୁତି ପାଳନ କଲ ନାହିଁ, ତେଣୁ ମୁଁ ଆଉ ତୁମ ସଙ୍ଗରେ ରହିପାରିବି ନାହିଁ । ମୁଁ ଏଇ ମୁହୂର୍ତ୍ତରେ ତୁମକୁ ପରିତ୍ୟାଗ କରି ଚାଲିଯାଉଛି ।

ଗଙ୍ଗା ଚାଲିଯିବାକୁ ଉଦ୍ୟତ ହେଉଥିବା ସମୟରେ ଶାନ୍ତନୁ ପତ୍ନୀଙ୍କ ସମ୍ମୁଖରେ ବାଟ ଓଗାଳି ଛିଡା ହୋଇ ବାଷ୍ପରୁଦ୍ଧ କଣ୍ଠରେ କହିଲେ, ତୁମେ ଏତେ ନିର୍ଦ୍ଦୟ ବୋଲି ମୁଁ ଜାଣି ନ ଥିଲି । ତୁମେ ଏପର୍ଯ୍ୟନ୍ତ ଯେଉଁ ପ୍ରକାର ଅମାନୁଷିକ କାର୍ଯ୍ୟ କରିଛ, ସେଥିରେ ମୁଁ ଆଜି ପର୍ଯ୍ୟନ୍ତ ତିଳେମାତ୍ର ବାଧା ଦେଇ ନ ଥିଲି । କିନ୍ତୁ ବର୍ତ୍ତମାନ ଆଉ ସହ୍ୟ କରିପାରୁ ନାହିଁ । ମୋ ନିଜ

ଆଖି ଆଗରେ ମୋ ସନ୍ତାନର ପ୍ରାଣନାଶ ଆଉ ଦେଖି ପାରିବି ନାହିଁ । ତୁମେ ଅତ୍ୟନ୍ତ ନିଷ୍ଠୁର । ତା' ନ ହେଲେ ମା' ହୋଇ ନିଜ ଜନ୍ମିତ ଶିଶୁର ପ୍ରାଣନାଶ କରୁଥାଆନ୍ତ ?

ଏହା କହି ରାଜା ଅଶ୍ରୁପାତ କରିବାକୁ ଲାଗିଲେ । ରାଜାଙ୍କର ଏପରି ହୃଦୟବିଦାରକ ଅବସ୍ଥା ଦେଖି ଗଙ୍ଗାଙ୍କର କଠୋର ହୃଦୟ ତରଳ ଯାଇଥିଲା । ସେ ରାଜାଙ୍କୁ ଚାହିଁ ଧୀର ଗଳାରେ କହିଲେ, ହେ ରାଜନ୍, ମୁଁ ଚାଲିଯିବା ପୂର୍ବରୁ ସମସ୍ତ ବୃତ୍ତାନ୍ତ ଆଜି ତୁମ ସମ୍ମୁଖରେ ପ୍ରକାଶ କରୁଛି । ଏହି ଯେଉଁ ଆଠଟି ପୁତ୍ର ସନ୍ତାନ ଆମ ଔରସରୁ ଜନ୍ମ ହେଲେ, ଏମାନେ ହେଉଛନ୍ତି ଅଭିଶାପଗ୍ରସ୍ତ ଦେବତା ଅଷ୍ଟବସୁ । ଏମାନେ ମର୍ତ୍ତ୍ୟଲୋକରେ ଜନ୍ମ ହେବେ ବୋଲି ବଶିଷ୍ଠ ଋଷିଙ୍କଠାରୁ ଅଭିଶାପ ପାଇଥିଲେ । ଋଷିଙ୍କ ଅଭିଶାପରୁ ମୁକ୍ତ ହେବା ପାଇଁ ଏହି ଆଠ ଭାଇ ମୋ ନିକଟରେ ପ୍ରାର୍ଥନା କରିଥିଲେ । ତେଣୁ ଏହି ଅଷ୍ଟବସୁଙ୍କୁ ଋଷିଙ୍କ ଅଭିଶାପରୁ ମୁକ୍ତ କରିବା ସକାଶେ ସେମାନଙ୍କର ଜନନୀ ହେବା ଲାଗି ମୁଁ ମାନବୀ ରୂପ ଧାରଣ କରିଥିଲି । ନଦୀଗର୍ଭକୁ ନିକ୍ଷେପ କରି ମୁଁ ସାତଜଣ ବସୁଙ୍କୁ ଅଭିଶାପରୁ ମୁକ୍ତ କରିଦେଇଛି । ଆଉ ଏହି ଅଷ୍ଟମ ଶିଶୁଟିକୁ ତୁମେ ଧରିଛ, ସେ ଏହି ମର୍ତ୍ତ୍ୟଲୋକରେ ରହିଯିବ । ନରଲୋକରେ ଅଷ୍ଟବସୁଙ୍କର ପିତା ହେବା ଭଳି ଜଣେ ପୁରୁଷ ଆଉ କିଏ ଥିଲେ? ତେଣୁ ମୁଁ ତୁମକୁ ପତିରୂପେ ଗ୍ରହଣ କରିଥିଲି । ତୁମେ ମୋତେ ଏହି ଶିଶୁଟିକୁ ଦେଇଦିଅ, ମୁଁ ଲାଳନ ପାଳନ କରି ତାକୁ ବଡ଼ କରିବା ପରେ ତୁମ ହାତରେ ଅର୍ପଣ କରିଦେବି । ମର୍ତ୍ତ୍ୟଲୋକରେ ଏହି ଶିଶୁ ପରବର୍ତ୍ତୀ କାଳରେ ସର୍ବଜନପୂଜ୍ୟ ହୋଇ ରହିବ ।

ଶାନ୍ତନୁ ଗଙ୍ଗାଙ୍କ ହାତରେ ଶିଶୁଟିକୁ ଧରାଇ ଦେଇଥିଲେ । ଲୁହ ଛଳ ଛଳ ଆଖିରେ ବିଦାୟ ନେଇ କ୍ଷଣକରେ ଗଙ୍ଗା ଅଦୃଶ୍ୟ ହୋଇଯାଇଥିଲେ । ଶାନ୍ତନୁ ଭଗ୍ନ ହୃଦୟରେ ଅଶ୍ରୁପାତ କରିବାରେ ଲାଗିଲେ । ଦେବୀ ଗଙ୍ଗା ଯେ ମର୍ତ୍ତ୍ୟଲୋକରେ ତାଙ୍କର ପତ୍ନୀରୂପେ ଏତେକାଳ ରହିଥିଲେ, ତାହା ଭାବି ଶାନ୍ତନୁଙ୍କର ବିସ୍ମୟର ସୀମା ରହି ନ ଥିଲା । ଇତି.....(କ୍ରମଶଃ)

ଆଳଦା, ଖଇରା, ବାଲେଶ୍ୱର

# ପ୍ରୀତି ବର୍ଣ୍ଣବୋଧ



ଆନନ୍ଦ କୁମାର ଶତପଥୀ

ଅଧୁନା ହୃଦର ପ୍ରୀତି ତମେ ବହୁ ପ୍ରାଚୀନ,
ଆଦି ପ୍ରଣୟର ନୀତି ତମ ବହୁ କଠିନ(୧)
ଇନ୍ଦୁ ଇଙ୍ଗିତର ନେତ୍ରୀ ତମେ ଗୁରୁଚନ୍ଦନ,
ଈଷ-ପଥା-ଦଶା-ଯାତ୍ରା ତୁମ କେଡେ ଯତନ(୨)
ଉଚ୍ଚ କଳାକାରିଗରୀ ତୁମ ଅବଗୁଣ୍ଠନ,
ଊର୍ମି ଓଢଣୀର ଅନ୍ତଃରୂପ କେଡେ ରଙ୍ଗୀନ(୩)
ଋତୁ ବୈଶାଖର ତାତି ତୁମ ପାଇଁ ମଳନ,
ଋଣ ବସନ୍ତର ସୁଝି ଧର ଭିନୁ ପ୍ରାଙ୍ଗଣ(୪)
ଏକାଧିକ ଗୁଣ ଗଂଠୁଳ ତୋ ଭରି ଓଜନ,
ଐରାବତ ସରି ହିଆ ମୋରି କର ବନ୍ଧନ(୫)
ଓଦା ଭୃଗୁ ଭଙ୍ଗୁରତା କରେ କ୍ଷୀଣ ଜୀବନ,
ଔଧତ୍ୟ କେଶର କ୍ରୀଡ଼ାଦେଖି ବଢେ ସ୍ପନ୍ଦନ(୬)
କସ୍ତୁରୀ କୁରଙ୍ଗ ତୃଷ୍ଣା ମୋର ଅତି ସଙ୍ଗୀନ,
ଖଦ୍ୟୋତ ଆଲୁଅ ସାଜି ପଥେ ଦିଅ କିରଣ(୭)
ଗୁପ୍ତ ଲୋଚନର ଗୀର କରେ ଶୁଷ୍କ କ୍ରନ୍ଦନ,
ଘୃତଦଣ୍ଡ ଘାତେ ଯଜ୍ଞକୁଣ୍ଡେ ହବି ସମାନ(୮)
ଙ୍ଗେର୍ ଚେତନାର ଚନ୍ତା ତମେ ସଦା ଗୋପନ,
ଛୁଆଁ ଅଛୁଆଁ ର ଦ୍ୱନ୍ଦ ଭରେ ମନେ ପ୍ରଶନ(୯)
ଜୁଆର ମୁହଁର ମୀନ ପରି ହୃଦ ବିପନ୍ନ,
ଝସ ମୁଖ ଝଲସାଇ କର ମାନ ଭଞ୍ଜନ(୧୦)
ଟଙ୍କିଲ ଟାପୁ ର ନାବ ତମେ ଗତି ମଦନ,
ଠାର ଆହ୍ଲାଦରେ ମାଡିଗଲ ଦିଗ ନବୀନ(୧୧)

ଡର ଉହାଡ଼େ ଯେବେ ତିମିର କରେ ଭେଦନ,
ଜଳନ୍ତା ପ୍ରଦୀପେ ତୁମ ଆଭ୍ ଦିଏ ଜୀବନ(୧୨)
ନେତୟା ସୁତା ର ତ୍ୟାଗ ତମେ ଅଗ୍ର ବନ୍ଦନ,
ଥକା ସହିଷ୍ଣୁ ର ସୀମାରେଖା କର ଲଙ୍ଘନ(୧୩)
ଦ୍ୱାପର ଦିଅଁଙ୍କ ଗୋପା ତମେ ସର୍ବସମ୍ପନ୍ନ,
ଧୀ ରୂପୀ ଧନର ଶିରି ସାଜି କର ମଣ୍ଡନ(୧୪)
ନଷେଧାଞ୍ଚଳର ଶାନ୍ତି ତମେ କେଡେ ଗହନ,
ନ୍ୟୁନତା ଭିତରେ ଭରିଦିଅ ମୃଦୁ କମ୍ପନ(୧୫)
ପଦ୍ମ ପଲ୍ଲବର ବାରି ତମେ ମୁକ୍ତା ସମାନ,
ଫକୀର ଶାମୁକା ହୃଦେ ପଶି କର ସମ୍ପୂର୍ଣ୍ଣ(୧୬)
ବିଳାସ ସଦନେ ଦିଅ ମୋତେ ବଞ୍ଚିତ ସ୍ଥାନ,
ଭେକଲ୍ ଉଦରେ ହେଉପଛେ କାଟିବି ପ୍ରାଣ(୧୭)
ମରୀଚକା ଗୃହେ ଥାଉ ବୁନ୍ଦେ ପ୍ରେମ ଜୀବନ,
ଯୌବନ ତୃଷ୍ଣାରେ ବାରି ଜ୍ୱାଳ କର ଦହନ(୧୮)
ଋତି ରୁଦ୍ର ମଉନରେ ଭର ସ୍ୱଳ୍ପ ବଚନ,
ଲାଜ ଲେପି କାହିଁ ଲୁଗୁଉଛ ତୁମ କୂଜନ?(୧୯)
ଶିଥିଳ ସ୍ମୃ ତି ର ଗରଭରେ ଶୋଭି ଶୟନ
ଷଟ୍ପଦ ଋବର ବାଧତାରେ ତା ଆବାହନ(୨୦)
ସିଦ୍ଧି ସୁଖମୟ ସଂସାରରେ ଏକ ପ୍ରସନ୍ନ,
ସତ୍ୟ-ପ୍ରେମ-ବଟୁ ପରିଧାନେ ମୁକ୍ତି ମହାନ(୨୧)
ହର୍ଷ ନାସା ଶ୍ୱାସ ବାତ ତମେ ପଶେ ଶରଣ
କ୍ଷୟ ମୃତ୍ତିକାକୁ କୋଳେଧର ସାଜି କାନନ(୨୨)

ଧର୍ମଗଡ଼, କଳାହାଣ୍ଡି

# ପ୍ରଥମ ପ୍ରେମ

ବେହେରା ବାବୁ ଭୂପେନ୍ଦ୍ର

ଭଲପାଏ ବୋଲି ଲେଖୁଛି କବିତା
ତୁମ ପାଇଁ ବସି ଏକା !
ଅଧିକ ଭାବୁଛି ଅଳପ ଦେଖୁଛି
ଭାବି ଭାବି ତୁମ କଥା !
ଭଲ ପାଉଥିଲା କଥା ଦେଇଥିଲ
କହିଲନ ତୁମ ଘରେ
ତୁମ ପରିବାର ହେଲେ ଆପଣାର
ରହିଗଲି ମୁଁହି ଦୂରେ
ଗରିବ ପିଲା ଭାବି ତମ ଘର କଥା ଧରି
ମୋତେ ତମେ ଦେଲ ଛାଡି
ଭଲ ମୁଁ ପାଉଛି ଭଲ ପାଉଥିବି
ଜୀବନ ଶେଷ ଯାଏ !
ନୀରବ ପ୍ରେମର କେତେ ଯେ ଯନ୍ତ୍ରଣା
ମୁଁହିଁ ଜାଣଇ ଖାଲି !
ତୁମେ ମୋ ଆରମ୍ଭ ତୁମେ ହିଁ ମୋରେ ଶେଷ
ଏ କଥା ଭୁଲିବ ନାହିଁ !

# ଧୂସର କେଦାର



ବିନୟ ମିଶ୍ର

କେଦାରେ ଯେଦିନ ଶ୍ୟାମଳଗୋ ତୁମେ
ନୀଳ ପାଟଶାଢ଼ୀ ପିନ୍ଧି
ଧାଉଁଥିଲ ହୃଦେ  ପଣତ ଲହରୀ
ଖସି ଦିଏ ହୃଦ ବିନ୍ଧି।

କେଣେ ଗଲା ସେଇ ସପନ ପଖଳା
ନୀଳ ଯଉବନ ଦେହ,
କର୍ତ୍ତନ କଲା କେଉଁ ଅବିବେକ
ନ ରଖି ଟିକଏ ମୋହ?

ଭରା ଯଉବନ ଅଭିସାରିକା ଗୋ
ଶ୍ୟାମଳ  ଧୂସର ଦେହେ,
ଧୂସର ଗୋଲାପ କଣ୍ଠାରେ ତୁମ
ବୋଳ ହୋଇଅଛ ହାଏ।

ଅଧା ପ୍ରୀତିଭରା ଶରୀରର ଖଣ୍ଡ
ବିଖଣ୍ଡିତ ଅବଶେଷ,
ଗାଉଛି ଅତୀତ ଶିବରଞ୍ଜନୀ
ଶ୍ରାବଣୀ ସ୍ମୃତିର ଶୋଷ।

ତଥାପି ସକାଳ କାକର ବିନ୍ଦୁରେ
କଣ୍ଟକତ ଗୁଳ୍ମ ପରି,
ଆମ ପ୍ରୀତିର ସେ ଅକ୍ଷୟ ଗାଥା
ଗାଉଅଛି ଥିରି ଥିରି।

ମଲ୍ଲୀପୁର ଗଡନଆଳ ଖୋର୍ଦ୍ଧା

# ଭାବନା ର ଶେଷ ମୂହୁର୍ତ୍ତ



ବିଶ୍ୱମ୍ବର ଦାସ

ଏହା ଥିଲା ଏକ ସ୍ୱପ୍ନ, ଏହା ଥିଲା ଏକ ଅତିରଞ୍ଜିତ ସ୍ୱପ୍ନ। ଭାଙ୍ଗିଗଲା କ ସେ ସବୁ ସ୍ୱପ୍ନ ଯାହା ମୁଁ ଗଢିଥିଲି, ପୁନଃର୍ଦ୍ଧାର କରିଥିଲି ଓ ଆବିଷ୍କାର କରିଥିଲି! ଭୁଲିଯାଇ ମଧ୍ୟ ମନେ ପଡୁଛି ସେହି ସ୍ମୃତି ଗୁଡ଼ିକ ଯାହା ମୋର ମନ ଏବଂ ବିବେକକୁ ବହୁତ ଆନନ୍ଦ ଦେଉଥିଲା ।

ସୁନ୍ଦର ଥିଲା ତାହାର ବାତାବରଣ ଓ ତାହାର ଭାବର ଆଦାନ ପ୍ରଦାନ ଓ ସେଥିମଧ୍ୟରୁ ଗୋଟିଏ ଭାବ ଥିଲା ସବୁଠୁ ନିଆରା ଆଉ ତାହା ହେଲା ପ୍ରେମ । ଦେଖିନାହିଁ ସେହି ମୁହୂର୍ତ୍ତକୁ ଦେଖିଛି ତ କେବଳ ମୋ ଶରୀରକୁ, ଗୋଟିଏ ମନ ଆଉ ବିବେକକୁ, ଆଉ ତାହା ମଧ୍ୟରେ ହେଉଥିବା ପ୍ରେମ ର ଝଡ଼ କୁ।

ଆନନ୍ଦ ରେ କଟିଗଲା ଏ ଜୀବନ କିନ୍ତୁ ତାହା ମଧ୍ୟ ରେ ଏ ଶରୀର ମଧ୍ୟ ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଲାଣି ଏ କଥା ମୁଁ ବୁଝିନଥିଲି । ଏ ଶରୀର ରୁ ଅନେକ ପ୍ରକାର ର ରସ କ୍ଷରଣ ହେଲା ପରେ ମଧ୍ୟ ଏବେ ଏ କ ପ୍ରକାର ରସ କ୍ଷରଣ ହେଉଛି କେଜାଣି?

ଜୀବନ ଅଛି ତ ମୃତ୍ୟୁ ଅଛି, ଏକଥା ମୁଁ ଜାଣିଥିଲି ସତ ହେଲେ ଏତେ ଶୀଘ୍ର ଏ ଜୀବନ ଶେଷ ହୋଇଯିବ ଏକଥା ମୁଁ ଜାଣିନଥିଲି। ପଛରେ ଛାଡିଆସିଛି ମୁଁ ଅନେକ ସ୍ମୃତି, ଭଲପାଇବା, ଅନେକ କିଛି, କିନ୍ତୁ ଆଗରେ ଆସି ଦେଖେ ତ କେବଳ ମୃତ୍ୟୁ ଓ ମୋ ଶରୀର ଯାହା ମଧ୍ୟ ରେ ମୁଁ ବାସ କରିଥାଏ ।

ଜଣାନାହିଁ ମୋର ନୂତନ ଜୀବନ କିପରି, କିନ୍ତୁ ବର୍ତ୍ତମାନ ମୁଁ ମୋ ସ୍ମୃତି କୁ ଭୁଲି ନାହିଁ । ଶିଶୁ ରୁ ବାଳକ, ବାଳକରୁ କିଶୋର ଏବଂ କିଶୋର ରୁ ଯୌବନ ଆଉ ପରିଶେଷ ରେ ଯୌବନ ର ସାନିଧ୍ୟ ରୁ ବୃଦ୍ଧା ଏହା ଭିତରେ ଘଟିଛି ଅନେକ କିଛି ।

ମାଆ ର କୋଳ ତାପରେ ସାଙ୍ଗସାଥୀ ମାନଙ୍କ ସହ ଖେଳ ପରେ ପାଠ ପଢ଼ା ତାପରେ ଗୃକରୀ ତାପରେ ପ୍ରେମ ପୁଣି ପ୍ରେମରୁ ବିବାହ, ବିବାହ ରୁ ସଂସାର ଆଉ ପରେ ପରେ ପିଲ୍ ପୁଣି ତାପରେ ତାଙ୍କ ପିଲ୍, ମାନେ ଆମ ନାତି ନାତୁଣୀ ବେଶ୍ ଖୁସି ଥିଲି ମୁଁ , ଏସବୁ କ୍ଷଣସ୍ଥାୟୀ । ମୁଁ ଆଜି ଅନୁଭବ କରୁଛି,

ସ୍ଥାୟୀତ୍ୱ କେବଳ ମୋର ଆତ୍ମା, ଭାବନା ଓ ଗୁଣ, ଅପେକ୍ଷା କରିଛି ମୁଁ ସେହି ଦିନ କୁ ଯେବେ ମୁଁ ନୂତନ ଶରୀର ସହିତ ନୂତନ ସ୍ୱପ୍ନ ମଧ ଦେଖିବି ଆଉ ପୁନର୍ବାର ଗଢିବି ମୋର ସ୍ମୃତି, ଭାବନା, ଓ ଗୁଣ କୁ, ଅପେକ୍ଷା କରିଛି ମୁଁ ମୋର ଶେଷ ମୁହୂର୍ତ୍ତ କୁ ।

କାଇପଡ଼ା,ବରି,ଯାଜପୁର

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# କନ୍ୟା ରତ୍ନ



ଚତରଞ୍ଜନ ବେହେରା

ଝିଅଟିଏ ଜନ୍ମ ହେଲ୍ ବୋଲି ସର୍ବେ
ଦୁଃଖରେ ଯାଆ ନ୍ତି ଭସି ।
ସେଇ ଝିଅ ଦିନେ ସୈନକ ସାଜଇ
ଘୋଡା ର ପିଠିରେ ବସି ।।

ନ ପଗ୍ଧରେ ପୁଅ ବାପା ଅନ୍ତ କଲେ
ଝିଅ ଥାଏ ପାଖେ ପାଖେ ।
ସେତେବେଳ ବାପା ନଜେ ବୁଝି ପାରେ
ଝିଅ କ କାମରେ ଆସେ ।।

ବୋହୂ ସାଥେ ପୁଅ ବିଦେଶକୁ ଯାଏ
ଝିଅ ଆସେ ବାପା ଘରକୁ ।
ସେତେବେଳେ ବାପା ନଜେ ବୁଝି ପାରେ
ପୁଅ ଜନମ ର ସୁଖକୁ ।।

ବାପା ବୋଲି ବାପା ପୁଅ କୁ ଡାକଲେ
ପୁଅ ଶୁଣେ ନାହିଁ କଥା ।
ଝିଅ ବାପା ପାଇଁ ଶାଶୁ ଘରୁ ଆଣେ
ଆରିସା କାକର୍ ପିଠା ।।

ଯେଉଁ ବାପା ଭାବେ ଝିଅ ବୋଝ ବୋଲି
ଏମିତି ଭାବନ୍ତୁ ନାହିଁ ।
ଝିଅ ଜନମରେ ଯୋଉ ସୁଖ ଅଛି
ପୁଅ ଜନମରେ ନାହିଁ ।।

ହାତ ଯୋଡି ମୁହିଁ ସମସ୍ତ ଙ୍କୁ କହେ
ଏମିତି କରନ୍ତୁ ନାହିଁ ।
ଭୁଲ ଥିଲେ ମୋତ କ୍ଷମା କରିଦେବ
ହାତ ଯୋଡି କହେ ମୁହିଁ ।।

ମାଝିସାହି, ବଘିଆପଡା
ବୌଦ୍ଧ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ପ୍ରେମ ବନ୍ଧନ



ଯଶୋବନ୍ତ ନାୟକ

ପ୍ରେମ ହିଁ ଜୀବନ    ପବିତ୍ର ବନ୍ଧନ
ପ୍ରେମରେ ପୁଣି ଭଗବାନ
ପ୍ରେମ ଆମ ମାତା    ପିତା ଗୁରୁଜନ
ପ୍ରେମେ ଜିଉଁଛି ଏହି ଜୀବନ.......

ପ୍ରେମ ନୁହେଁ ଖାଲି    ଦିହର ମିଳନ
ପ୍ରେମ ଅଟେ ଚର ସୁନ୍ଦର
ପ୍ରେମିକାର ପ୍ରେମ    ପ୍ରଣୟରେ ସିନା
ନୂତନ ସୃଷ୍ଟିର  ସମ୍ଭାର........

ପ୍ରେମେ ବ୍ରତୀ ହୁଅ    ସମର୍ପଣ ଭାବେ
ବିଭୁ ପଦେ ରହୁ ମନ ପ୍ରେମରେ
ହଜିଲେ  ରଙ୍ଗେଅନୁରଙ୍ଗେ
ଦୁର୍ଲ୍ଲଭ ସମ ଏ ଜୀବନ......

ପ୍ରେମ ତରଳାଏ    କଠୋର ହୃଦୟ
ଗର୍ବକୁ କରାଇ ଚୂର୍ଣ୍ଣ
ପ୍ରେମ ଏକତାର    ମୂଳମନ୍ତ୍ର ଟିଏ
ପ୍ରେମରେ ବିଶ୍ୱ କୁ ଜିଣ......

ପ୍ରେମଟିଏ ପ୍ରେରଣା  ମାଦକତା ଭରା
ପ୍ରେମ ଉତ୍ସାହର ସୁଅ
ପ୍ରେମ ପରିଭାଷା  ତ୍ୟାଗ, ସ୍ନେହଶ୍ରଦ୍ଧା
ପ୍ରେମରେ ନିମଗ୍ନ ରୁହ........

ଚନ୍ଦାହାଣ୍ଡି, ନବରଙ୍ଗପୁର

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ମୁକ୍ତିର ମୃତ୍ୟୁ

ସୂର୍ଯ୍ୟକାନ୍ତ ମଲିକ

### ଦୃଶ୍ୟ - 1
### ଚରିତ୍ର. ଆଲୋକ, ସୁଜିତ

(ଭୋର ସମୟ ସୋଇଥିବା ବିଛଣାରୁ ଉଠି ନିଜର କାମ ସାରି ଖଣ୍ଡେ ହାପ ପ୍ୟାଣ୍ଟ ଓ ଗୋଟିଏ ଢିଲା ଟି ସାର୍ଟ ପିନ୍ଧି ହାତରେ ଖଣ୍ଡେ ବାଡ଼ି ଧରି ବାହାରିଲା ସୁଜିତ ମର୍ଣ୍ଣିଙ୍ଗ ୱାଲକ ନିମନ୍ତେ, ପାଖ ପାର୍କରେ ୱାଲକ କରୁ କରୁ ଜଣେ ବ୍ୟକ୍ତିକୁ ଦେଖି ଅଟକି ଯାଇଛି, ଆଉ ମନେ ମନେ କଉଛି )

ସୁଜିତ : ଆରେ ଏତ; ଆମ ଆଲୋକ ପରି ଲାଗୁଛି, ସେ କଣ ଗାଁକୁ ଫେରି ଆସିଛି ? ଅନେକ ଦିନ ହେଲା ଗାଁରୁ ଯାଇଛି ଯେ ଯାଇଛି, ତା ମାନେ ସେ କଣ ପୁଣି... । ନାଁ ଟିକେ ପାଖକୁ ଯାଇ ଦେଖିବାକୁ ପଡିବ, ଇଏ ଆଲୋକ ନା ଆଉ କିଏ !

(ଦୌଡିବା ଶୈଳୀରେ ସେଇ ବ୍ୟକ୍ତିକୁ ଦେଖିବା ପାଇଁ ପଛକୁ ଫେରିଲା ପାରେ ଆଶ୍ଚର୍ଯ୍ୟ ହୋଇଯାଇଛି ସୁଜିତ ଆଲୋକକୁ ଚିହ୍ନି ପାରି ଅତି ଖୁସିରେ ଡାକଛି )

ସୁଜିତ : ଆଲୋକ ।

(ବାୟାମ ରେ ବେସ୍ତ ଥିବା ଆଲୋକ ଧୀରେ ଧୀରେ ମୁହଁ ଉପରକୁ କରି ସୁଜିତ କୁ ଦେଖି ଚକିତ ହୋଇଯାଇଛି ଆଉ କହିଛି )

ଆଲୋକ : ସୁ... !

(ଆଲୋକ ସୁଜିତର ନାଁ ଧରୁ ଧରୁ ସୁଜିତ ଭିଡି ନେଇଛି ନିଜ ବାହୁକୁ )

ସୁଜିତ : ମୋ ସାଙ୍ଗ, ମୋ ବନ୍ଧୁ, କେମିତି ଅଛୁରେ ତୁ, କେବେଠୁ ଆସିଲୁଣି, କେତେଦିନ ହେଲା, ତୁ ଯାଇଛୁ ଯେ ଯାଇଛୁ, ତୋର କଣ ଆମ କଥା ମନେ ପଡୁନଥିଲା ?

(ଦୁଇଜଣ ଦୁଇ ବାହୁକୁ ଧରା ଧରି ହୋଇ ସାମ୍ନା ସାମନି ଅନାଇ ଛନ୍ତି )

ଆଲୋକ : ସୁଜିତ... ତୁ ମତେ ଚିହ୍ନି ପାରିଲୁ ?

ସୁଜିତ : (ହସି ହସି ) ଏ ଆଲୋକ ଏ ତୁ ଏ କଣ କଉଛୁ...!

ଆଲୋକ : ନାଇଁରେ ସାଙ୍ଗ ଅନେକ ଦିନ ଏଇ ଗାଁଠାରୁ ଦୁରେଇ ରହିଲି ଆଉ ଫେରିଲା ପାରେ ଏ ଗାଁ ମତେ ପୁରା ପୁରି ଅଲଗା ଅଲଗା ଲାଗିଲା ଯେମିତି ସମ୍ପୂର୍ଣ ବଦଳ ଯାଇଛି, ଆଉ ତା ସହିତ ଗାଁର ଲୋକ ମାନେ ମଧ୍ୟ... ।

ସୁଜିତ : ଆଲୋକ... ।

ଆଲୋକ : ହଁରେ ସାଙ୍ଗ, ଏଠି ସମସ୍ତେ ଚହ୍ନି ନଚହ୍ନିଲା ପାରିବିନ ବ୍ୟବହାର କରୁଛନ୍ତି ଆଉ ସେଥିପାଇଁ ପାଇଁ ଭାବିଲି ତୁ କାଳେ.....।

ସୁଜିତ : (ଆଲୋକକୁ ଆଲିଙ୍ଗନକରି) ବନ୍ଧ କରେ । ଆଉ କଛି କହନ.. । ତୁ କଣ ଭାବିଲୁ ମୁଁ ତତେ ଚହ୍ନି ପାରିବିନ ? ଏ ସାଙ୍ଗ ଏ ଆମେ ପରା ଗୋଟିଏ ଘରେ ରହିଛେ, ଗୋଟିଏ ଜାଗାରେ ଖାଇଛେ, ଆଉ ଗୋଟିଏ ସ୍କୁଲରେ ପାଠ ପଢି ବଡ଼ ହୋଇଛେ, କେମିତି ଚହ୍ନିପାରିବିନ.. ।

ଆଲୋକ :(କାନ୍ଦ କାନ୍ଦ ହୋଇ ) ସୁଜିତ.. ।

ସୁଜିତ : (ସମ୍ବୋଧନ କରି ) ହୋଉ ହେଲା ଛାଡେ ସେ କଥା, ତୁ କହେ କେବେ ଆସିଲୁ? ଆଉ ରହୁଛୁ କୋଉଠି ?

ଆଲୋକ : ଅନେକ ଦିନ ହେଲା ଆସିଲିଣି, ତୁମମାଙ୍କୁବି ବହୁତ ଖୋଜିଲି ହେଲେ କାହାର ସନ୍ଧାନ ପାଇଲିନ !

ସୁଜିତ : ଆଛା ଏମିତିକ ! ହୋଉ ମତେ କହିଲୁ ତୁ ସବୁଦିନ ପାଇଁ ଫେରି ଆସିଛୁ ତ ? ଭଲ କଲୁ, ଚାଲିଲୁ ଘରକୁ ଯିବା ବହୁତ ଦିନ ହେଲା ମାଉସୀକୁ ଦେଖିନ, ତାର ସେଇ ମିଠା ମିଠା କଥାକୁ ମୁଁ ବହୁତ ମିସ କରୁଥିଲି ! ଯା ହୋଉ ଭଗବାନ ପୁଣି ଥରେ ସେଇ ଖୁସିକୁ ଫେରେଇ ଦେଇଛନ୍ତି, ଚାଲିଲୁ ଜଲଦି ଚାଲେ ।

(ଦୁଇଜଣ ସାଙ୍ଗ ହୋଇ ଯାଉଥିବା ବେଳେ ସୁଜିତ ଆଲୋକ ର କଥା ଶୁଣି ଟିକେ ରହି ଯାଇଛି, ସୁଜିତ କହି କହି ଟିକେ ଆଗକୁ ପଳେଇ ବୁଲି ଦେଖିଛି )

ସୁଜିତ : (ଆଲୋକ ପାଖକୁ ଆସିବ ) ଆଲୋକ,,, । ତୋ ଆଖିରେ ଲୁହ କଣ ପାଇଁ ? କଣ ହୋଇଛି, ମୋ କଥା ଶୁଣି ତୁ ବହୁତ ଭାଙ୍ଗି ପଡିଲା ପରି ଲାଗୁଛି !

ଆଲୋକ :( ଟିକେ ଦୁଃଖ ରେ ) ନାଇଁରେ ସାଙ୍ଗ କଛି ନୁହେଁ, ଏମିତି ଟିକେ ପୁରୁଣା କଥା ମାନେ ପଡିଗଲା ତ, ସେଥିପାଇଁ ଆଖିରୁ ଟିକେ ଲୁହ ପଲି ଆସିଲା,, ହୋଉ ଗ୍ଭଲ ଯିବା ।

ସୁଜିତ : ନାଁ ତୁ ମତେ ଗୋଟିଏ କଣ ଲୁଗ୍ଭଉଛୁ ? ଏ ସାଙ୍ଗ କଣ ହୋଇଛି କହେ ମତେ.. ।

ଆଲୋକ : ଓହୋ ତୁ କାଇଁକି ମତେ ବାଧ୍ୟ କରୁଛୁ କହିଲି କଛି ହୋଇନ (ମନ ଦୁଃଖରେ )

ସୁଜିତ : ତୁ ଏତେ ଅଧର୍ଯ୍ୟ ହୋଇଯାଉଛୁ ମାନେ କଛି ଗୋଟିଏ ହୋଇଛି କଣ କହ, ମାଉସୀ କଣ...।

ଆଲୋକ : ସେ କୁଆଡେ ହଜି ଯାଇଛି ଯେତେ ଖୋଜିଲେବି ପତା ମିଳୁନ (କାନ୍ଦି କାନ୍ଦି )

ସୁଜିତ : ଆଲୋକ.. ତୁ ଏ କଣ କଉଛୁ !

ଆଲୋକ : ହଁ ମୁଁ ସତ କଉଛି ।

ସୁଜିତ : ହେଲେ କେମିତି ..?

ଆଲୋକ : (ଟିକେ ଦୁଃଖରେ ) ଜୀବନରେ ଗୋଟିଏ ବଡ଼ ଭୁଲ କରିଦେଇଛି, ଆଉ ଯେଉଁ ଭୁଲ ପାଇଁ ଆଜି ମତେ ଦଣ୍ଡ ମିଳୁଛି ହଁ ଦଣ୍ଡ.. ।

ସୁଜିତ : ଭୁଲ.. କଣ ଭୁଲ !

ଆଲୋକ : ହଁ ଭୁଲ । ସେଦିନ ମୁଁ ମୋ ସ୍ତ୍ରୀ ବୁଦ୍ଧିରେ ପଡି ମତେ ମଣିଷ କରିଥିବା ମା କୁ ଏକୁଟିଆ ଛାଡି ସବୁଦିନ ପାଇଁ ସହରକୁ ଗ୍ଭଲି ଗଲି ସୁଖର ଜୀବନ କାଟିବା ପାଇଁ କନ୍ତୁ.. ।

ସୁଜିତ : କନ୍ତୁ ପୁଣି କଣ..?

ଆଲୋକ : ସାମାନ୍ୟ କେତେଟା ପଇସା ଲୋଭରେ ବାଛିଥିବା ଜୀବନ ସାଥି ମତେ ମିଛ କେସରେ ଫସେଇ ଆଉ କାହାର ହାତ ଧରି.. ।

ସୁଜିତ :( ଆଶ୍ଚର୍ଯ୍ୟ ହୋଇ ) ଆଲୋକ

ଆଲୋକ : ଆଉ ସେଥିପାଇଁ ମତେ କଛି ବର୍ଷ କଏଦୀ ଜୀବନ କାଟିବାକୁ ପଡିଛି, ସେଇ ଜେଲର ଗ୍ଭରି କାନ୍ଥ ଭିତରେ ରହି ଏଇ ମୋହ ମାୟାର ଦୁନଆକୁ ବୁଝିବାକୁ ଚେଷ୍ଟା କଲି..

ହେଲେ କଛି ଲାଭ ନାଇଁ.. ।

ସୁଜିତ : ମାନେ ।

ଆଲୋକ : ମୁଁ ମୋ ଭୁଲ ବୁଝିପାରିଲି, କରିଥିବା ଭୁଲର ପ୍ରାୟଶ୍ଚିତ ପାଇଁ ଫେରି ଆସିଲି ସେଇଠିକୁ, ଯୋଉଠି ଛାଡି ଯାଇଥିଲି ମୋ ମା'କୁ. କିନ୍ତୁ ଏଠି ଆସିବ ବହୁତ ଖୋଜିଲିଣି ହେଲେ କୋଉଠି ତାର ସନ୍ଧାନ ପାଉନ ।

ସୁଜିତ : ଆଲୋକ ।

ଆଲୋକ : ହଁ ରେ ସାଙ୍ଗ ଏଜୀବନ ରୂପକ ମରୁଭୂମିର ଚଲାପଥରେ ମନର କଳସୀରେ ମୁଁ ମୋ ମାକୁ ପାଣି ପରି ପୂର୍ଣ୍ଣ କରି ରଖିଥିଲି, ଶୋଷ ମେଂଟାଇବାକୁ ହେଲେ ଧନ ଲୋଭରେ ମାୟାବୀ ନାରୀର ମୋହରେ ପଡି ମନର କଳସୀରୁ ପାଣିକୁ ଢାଳ ଦେଇ ସେଇ ଧନକୁ ସ୍ଥାନ ଦେଇ ଦେଲି, ତେବେ ତୁ କହେ ମରୁଭୂମିରେ କଣ ଦରକାର ? ଧନ ନାଁ ଜଳ ।

ସୁଜିତ : ଆଲୋକ ।

ଆଲୋକ : ହଁରେ ସାଙ୍ଗ । ସେ ଧନ ଏମିତି ଥିଲା ମୁଁ କିଛି ଭାବିବା ଆଗରୁ ମତେ ସେ ବଶୀଭୂତ କରିଦେଇଥିଲା ଆଉ ଯେଉଁଥି ପାଇଁ ସେ ଜଳକୁ ଫିଙ୍ଗି ଆଜି ଏଇ ମରୁଭୂମିରେ ପାଣି ଟୋପେ ପାଇଁ ଛଟ ପଟ ହଉଛି ।

ସୁଜିତ : (ଆଲୋକକୁ ସାନ୍ତ୍ୱନା ଦେଇ ) ହେ ଆଲୋକ, ତା ମାନେ ତୋ ସହ ଏତେ ସବୁ ଘଟି ଗଲା ଅଥଚ ଆମେ ଟିକେ ଜାଣି ପାରିଲୁନ

ଛି, ସାଙ୍ଗ କହିବାକୁ ନିଜକୁ ଖରାପ ଲାଗୁଛି.. । ହୋଉ ଛାଡେ ସେତ ସବୁ ଅତୀତ ଏବେ ମୁଁ ତୋ ସାଙ୍ଗରେ ଅଛି ବେସ୍ତ ହନ ଆମେ ମିଶିକ ମା' କୁ ଖୋଜିବା.. । ଏବେ ଚାଲ ଘରକୁ ଯିବା.. ।

(ଦୁଇଜଣ ବୁଝା ବୁଝି ହୋଇ ଯାଉଛନ୍ତି )

ଆଲୋକ : ଆଉ ତୋ ଖବର କଣ ମାଉସୀ, ଭାଉଜ ସମସ୍ତେ ଭଲ ଅଛନ୍ତି ନା,? ମୁଁ ଗୋଟିଏ ବଡ଼ ଦୁର୍ଭାଗ୍ୟ ସାଙ୍ଗ, ତୋ ବାହା ଘରର ମଜା ଉଠାଇ ପାରିଲିନ, ଛାଡେ ସେଇଟା ମୋ ଭାଗ୍ୟ ଏବେ ଚାଲ ଯିବା ମାକୁ ଦେଖା କରିବା ସହିତ ଭାଉଜଙ୍କୁ ବି ଦେଖା କରିଦେବି, ଶୁଣିଛି ଭାଉଜ କୁଆଡେ ବହୁତ ସୁନ୍ଦର.. ପୁରା ଗୋଟିଏ ଚାଉଳରେ ଗଢ଼ା ଚାଲିଲୁ ଚାଲିଲୁ ଜଳ୍ଦି.. ।

(ଆଲୋକର କଥା ଶୁଣି ସୁଜିତ ଟିକେ ମନ ଦୁଃଖ କରିଛି ଆଉ ଆଖିରୁ ଲୁହ ଗଡି ଆସିଛି ଆଲୋକକୁ କଛି କହିନ )

ଆଲୋକ : ମୁଁ ଏତେ କଥା କଉଛି ତୁ କଛି କୋଉ.. ।(ସୁଜିତ କୁ ଅନାଇଛି ଆଲୋକ ) ତୋ ଆଖିରେ ଲୁହ, ମୁଁ କଛି ଭୁଲ କହିଦେଲିକ ସାଙ୍ଗ ।

ସୁଜିତ : ନାଇଁ କଛି ନୁହେଁ.. । ଗ୍ଳଲ ଯିବା

ଆଲୋକ : ନା କଛି ଗୋଟିଏ ହୋଇଛି, ଯୋଉଟାକ ମତେ ଲୁଚେଇବାକୁ ଗ୍ଳହୁଁଛି, କଣ ହୋଇଛି କହ? ଦେଖେ ସତ କେବେ ଲୁଚ ରହେନ କଣ ହୋଇଛି କହ? କହ ମତେ.. ।

ସୁଜିତ : କଣ କହିବିରେ ସାଙ୍ଗ, ବିଶ୍ୱାସରେ ବଳ ଘରଟା ଯେତେବେଳେ ଭାଙ୍ଗିଯାଏ, ସେତେବେଳେ ତାର ଯନ୍ତ୍ରଣାକୁ କଣ ଭୁଲି ହୁଏ, ନା ଯୋଉଦିନ ହୋଇଯିବାର ସ୍ୱପ୍ନଟା ଏ ମନକୁ ସୁଖ ଦେଇ ପାରେ.. । ତାର ପରିଣାମ ବୋଧେ ମୋ ଠାରୁ ଅଧିକ ତୁ ଜାଣିଥିବୁ.. ।

ଆଲୋକ : ତୁ କଣ କଉଛୁ ମୁଁ କଛି ବୁଝି ପାରୁନ, ତା ମାନେ ତୁ କଣ ମୋ ପରିକା.. ।

ସୁଜିତ : ଠକ ଯାଇଛି ।

ଆଲୋକ : ସୁଜିତ ।

ସୁଜିତ : ହଁ ଆଲୋକ ମୁଁ ବି ତୋରି ପରି ଏ ମାୟାବି ନାରୀର ମାୟାରେ ବାନ୍ଧି ହୋଇ ଠକ ପଡିଛି, ହଁ ଠକ ପଡିଛି ।

ଆଲୋକ : ହେଲେ ତୋର ଏ ପରି..

କେମିତି.. ।

ସୁଜିତ : ସେଦିନ ମୁଁ ଅଫିସରୁ ଫେରି ଘରେ ଦେଖେତ, ମୋ ସ୍ତ୍ରୀ ଓ ମା ଙ୍କ ଭିତରେ ପ୍ରବଳ ଝଗଡା, କାର ଭୁଲ ଠିକ ଦେଖିବା ପୂର୍ବରୁ ମାୟାବି ନାରୀ ମୋ ସ୍ତ୍ରୀ ତା ମାୟାରେ ବାନ୍ଧି ପକାଇଲା, ଶେଷରେ ସ୍ତ୍ରୀ ବୁଦ୍ଧିଆ ହୋଇ ନଜ ଜନ୍ମିତ ମା'କୁ ଧିକ୍କାର କରି ସବୁଦିନ ପାଇଁ ଦୁରେଇଗଲା ସ୍ତ୍ରୀକୁ ନେଇ ସହରକୁ । ହେଲେ.. ।

ଆଲୋକ : ହେଲେ, କଣ ହେଲା ପୁଣି ।

ସୁଜିତ : କଣ ହବ ଆଉ । ସହରୀ ପାଣି ପଗାର ସଂସ୍ପର୍ଶରେ ଆସି ପରିବର୍ତ୍ତନର ମୌସୁମୀ ପରି ବଦଳଗଲା ମୋ ସ୍ତ୍ରୀ । ହୋଟେଲ, କ୍ଲବ ଆଦିରୁ ମଜା ମସ୍ତି କରି ଗ୍ଳତି ଅଧେ ଘରକୁ

ଫେରିବାର ପ୍ରତିବାଦ କରିବାରୁ, ହାତ ମୁଠାରେ ରଖିଥିବା ମୋ ମାଲିକକୁ କହି ଘରରୁ ବାହାର କରିଦେଲା, ଆଉ ତାପରେ ମୁଁ ହୋଇଗଲି ଏଦୁନିଆରେ ଏକାକୀ ପଥିକ ।

ଆଲୋକ : ସୁଜିତ (ଆଶ୍ଚର୍ଯ୍ୟ ହୋଇ )

ସୁଜିତ : ଆଉ ତାପରେ ବାନ୍ଧି ହୋଇଥିବ ମାୟାର ମାୟାବୀରୁ ମୁଁ ମୁକ୍ତ ହବାକୁ ଚେଷ୍ଟା କଲି, ଭୁଲ ରାସ୍ତାରେ ପାଦ ଥାପିଥିବାରୁ ନିଜକୁ ଠିକ କରିବାକୁ ସଜାଡ଼ିଲି, ଆଉ ତାପରେ କିଛି ନା ଭାବି ସିଧା ଫେରି ଆସିଲି ସେଇ ଭିଟାମାଟିର ବସାରେ ଥିବା ମା'ର କୋଳକୁ ହେଲେ.. ।

ଆଲୋକ : ହେଲେ ପୁଣି କଣ.. ।

ସୁଜିତ :ଏଠି ସେ ଭିଟାମାଟି ବସା ଅଛି, ମାତ୍ର ସେଇ ମାରି କୋଳ ଆଉ ନାଇଁ ।

ଆଲୋକ : ସୁଜିତ.. ତା ମାନେ ମାଉସୀ କଣ... ।

ସୁଜିତ : ଠିକ ତୋରି ପରି ମୁଁ ଅନେକ ଖୋଜିଲିଣି, ହେଲେ ତାର କିଛି ଖୋଜ ଖବର ପାଉନି । ମୁଁ ନିରାଶ ହୋଇପଡିଛିରେ ସାଙ୍ଗ ହଁ ନିରାଶ.. ।

ଆଲୋକ : ସୁଜିତ (ଦୁଇଜଣଙ୍କୁ ଆଲିଙ୍ଗନ କରିଛନ୍ତି ) ଯଦି ଭଗବାନଙ୍କ ର ଏଇଆ ଇଚ୍ଛା ତେବେ ତା ହେଉ । ଆମେ ଯେଉଁ ଭୁଲ କରିଛେ ତାର ଦଣ୍ଡ ଆମେ ନିଶ୍ଚିତ ପାଇବା । ଯା ହୋଉ ବହୁତ ଦିନ ହେଲା ବହୁତ ଏକା ଏକା ଲାଗୁଥିଲା ଆଜି ତୁ ଦେଖା ହବାରୁ ଏ ମନରେ ଟିକେ ଖୁସି ଲାଗୁଛି, ଆଉ ଟିକେ ଖୁସି ଲାଗନ୍ତା ଯଦି ଶ୍ରବଣ ଦେଖା ହୋଇଯାନ୍ତା ! ଏ ସୁଜିତ ତୁ ଜାଣିଛୁ କି ଶ୍ରବଣ କୋଉଠି ରହୁଛି ? ତାକୁ ଟିକେ ଦେଖିବାକୁ ବହୁତ ଇଚ୍ଛା ହଉଛି !

ସୁଜିତ : (ରାଗି ଯାଇ ହାତ ଛାଡି) ତୁ ଜମା ତା କଥା ମୋ ପାଖରେ ଉଠାନି, ହାରା.. ଖୋର ସେଇଟା ।

ଆଲୋକ : ତୁ ଏମିତି କଣ କଉଛୁ, ଆମେ ତିନି ସାଙ୍ଗ କେତେ ମଜା ମସ୍ତି କରୁଥିଲେ, ତୁ କଣ ଭୁଲି ଗଲୁଣି । ଆଜି ଆମେ ଦୁଇଜଣ ଭେଟହେଲେ ଆଉ ଜଣେ ଭେଟ ହୋଇଗଲେ କେତେ ଆନନ୍ଦ ଲାଗିବ କହିଲୁ ।

ସୁଜିତ : (ହସି ହସି ) ହୁଁ ଆନନ୍ଦ, ଆରେ ସେ କି ଆନନ୍ଦ ଦବ ଆମକୁ, ଯିଏ ନିଜ ମାକୁ ଟିକେ ଆନନ୍ଦ ଦେଇ ପାରୁନି, ଆରେ ଯିଏ ନିଜେ ଆନନ୍ଦରେ ରହିବାକୁ ଯାଇ ନିଜ ମାକୁ

ଏଇ ପରିଣତି ବୟସରେ ରୋଜଗାର କରିବାକୁ ପଠେଇ ପାରୁଛି ସେ ପୁଣି କ ଆନନ୍ଦ ଦବ..।

ଆଲୋକ : ସୁଜିତ.. ।

ସୁଜିତ : ଶୁଣୁ ସାଙ୍ଗ ତା କଥା ଉଠାନ, ଆମେ ଦୁଇଜଣ ଭେଟ ହୋଇକ ବହୁତ ଖୁସି ଅଛେ ଆଉ କଣ ଦରକାର.. ।

ଆଲୋକ : ତାମାନେ ତୁ ତା ବିଷୟରେ ସବୁ ଜାଣିଛୁ.. କହ ସେ କୋଉଠି ଅଛି କଣ କରୁଛି ତାକୁ ଦେଖିବାକୁ ମନ ବହୁତ ବ୍ୟାକୁଳ ହଉଛି, ଆଉ ତୁ ତା ଉପରେ ଏତେ କଣ ପାଇଁ ରାଗିଛି କଣ ହୋଇଛି କହ ମେତେ.. ।

ସୁଜିତ : ତା ହେଲେ ଶୁଣୁ, ସେଦିନ ମୁଁ ମା' ଖୋଜି ଖୋଜି କୋଉଠି ନ ପଇ ଥକ ପଡିଲା ପରେ ଭାବିଲି ଯାଉଛି ଶ୍ରବଣ ଆଉ ମାଉସୀକୁ ଭେଟ କରି ସବୁ ଜଣେଇବି, ଆଉ ଗଲି ମଧ, ହେଲେ ଯାଇକ ଯା ଦେଖିଲି ଆଉ ଶୁଣିଲି ବିଶ୍ୱାସରେ ଭାବି ପାରିଲିଣି ଏହା କଣ ସତ..?

ଆଲୋକ :ହେଲେ ମତେ ନା କହିଲେ ମୁଁ ଜାଣିବି କେମିତି ।

ସୁଜିତ : ତାହେଲେ ଶୁଣୁ.. ।

(ପ୍ରଥମ ଦୃଶ୍ୟ ଶେଷ )

ଘଣ୍ଟପଦା, କେନ୍ଦ୍ରାପଡ଼ା

# ଏ କେମିତି କା
# ପ୍ରେମର ଆରମ୍ଭ ଇତି



ପ୍ରଶାନ୍ତ କୁମାର ପଧାନ

ଆଖି କରିଥିଲା ପ୍ରେମର ଆରମ୍ଭ
ଯୌବନର ପାଦଦେଶେ
ସେଇ ଆଖି ପୁଣି ଝରାଏ ଶ୍ରାବଣ
ଲୁଚଲୁଚ ଛଦ୍ମବେଶେ ॥
ହୃଦୟଟା ଦିନେ ହଜି ଯାଇଥିଲା
ପ୍ରେମର ମହାମନ୍ତ୍ରରେ
ସେ ହୃଦୟ ପୁଣି ହାରିଗଲା ଆଜି
ପ୍ରେମର ପଶାପାଳରେ ॥
ମନର ଦେଶରେ ଉଇଁଥିଲା ଜହ୍ନ
ଝରିଥିଲା ମିଠା ଜୋସ୍ନା
ସେଇ ମନେ ଏବେ ବିଚ୍ଛେଦର ଜ୍ୱାଳା
ଲଗେଇ ଦେଇଛି ନିଆଁ ॥
ଓଠ କହିଥିଲା ଅଢ଼େଇ ଅକ୍ଷର
ଛୁଇଁଥିଲା କାହା ଓଠ
ସେଇ ଓଠ ଆଜି ନୀରବି ଯାଇଛି
ଯେମିତି ଅଲୋଡ଼ା ତୁଠ ॥
ଦେହ ଦେଉଳରେ ସାଜିଥିଲା ପ୍ରେମ
ମୂର୍ତ୍ତିଟିଏ ପୂଜକର
ସେ ଦେହଟା ଆଜି ଶବଟିଏ ସାଜି
ଭିକ୍ଷା ମାଗୁଛି ମୃତ୍ୟୁର ॥

ବୁର୍ଲେମୁଣ୍ଡା, ଗାଇସିଲାଟ, ବରଗଡ଼

# ତୁମେ ଗଲାପରେ.......



ସୁଦାମ ଲେଙ୍କା

ଆଜି ବି ଲାଗୁଛି ଏକା ଏକା ପ୍ରିୟା
ଚଲାବାଟେ ନାହିଁ ଛାଇ
ତମେ ଗଲାପରେ ମୋ ମନ ମଧ୍ୟରେ
ମରୀଚକା କାହିଁ ପାଇଁ ॥

କୁହୁକ ମାଟିର ମୋତିଟିକୁ ଆଣି
ପାରିଜାତେ କଲି ଘର
ଜହ୍ନ ମଲ୍ହାରକୁ ନମନ୍ତ୍ରଣ କଲି
ତମେ କଲ ମୋତେ ପର ॥

ସେହି ରଜ ଦୋଳ ସେହି ବର କୋଳ
ଆଜିବି ଲାଗୁଛି ଏକା
ଜୀବନ ରାସ୍ତାରେ ପ୍ରେମର ବାଟରେ
କାହିଁ ହୁଏ ନାହିଁ ଦେଖା ॥

କୃଷ୍ଣଚୂଡା ରଙ୍ଗ ବଦଳ ଗଲାଣି
ଗୋଲାପ ଗଲାଣି ନଇଁ
ତୁମେ ଚାଲିଗଲ ଅଫେରା ବାଟରେ
ପ୍ରେମକୁ ମୋ ଫିଙ୍ଗି ଦେଇ ॥

ମୃଦୁ ମଳୟର ଅନନ୍ତ ବୁକୁରେ
ବେରଙ୍ଗି ସେ ପକ୍ଷୀ କାହିଁ
ନୂଆ ଦିଗନ୍ତର ପଥ ଅବାନ୍ତର
ଗଲ୍ ପକ୍ଷୀ ଫେର ନାହିଁ ॥

ନିଃଶବ୍ଦ ମନର ଅବୁଝା ସ୍ମୃତିର
ଢେଉରେ ମୁଁ ଆଜି ଭସେ
ତୁମେ ଦେଇଗଲ ବିଷାଦର ବିଷ
ଖାଇ ବାନ୍ତି କରି ହସେ ॥

ଆଉ କେଇକ୍ଷଣ ଜୀବନ ମୋ ଜାଣ
ଆରତୀ ଯୁଇର ଶେଯେ
ନିର୍ଭିକ ହୋଇ ମୁଁ ନିଆଁର ନଈକୁ
ଯାଉଛି ହେଁ ନିଜେ ନିଜେ ॥

ଏ ଘୋର ସମାଜେ ପ୍ରେମର ଆବାଜେ
ହସେ ଫୁଲ ବଣ ପକ୍ଷୀ
ଆତ୍ମା କାନ୍ଦୁଅଛି ପ୍ରେମ ନିନ୍ଦୁଅଛି
ବୁଜିଦେଲ୍ ପରେ ଆଖି ॥

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ,
ଗୋନାସିକ ମହାବିଦ୍ୟାଳୟ, କେନ୍ଦୁଝର

# ଏ କେମିତି କା ନବବର୍ଷ



ସଞ୍ଜୟ କୁମାର ନାଏକ

ଆମ ଗହଣରେ ଆଜି ଉପନୀତ
ନା ଅଛି ସାଙ୍ଗ ସାଥୀର ମେଳ
ନା ଗାଆଁ।ଠୁ ସହରର କୋଳାହଳ
ନା ଗାଆଁ ଦାଣ୍ଡରେ ଛୋଟ ଛୁଆଙ୍କ ହସଖୁସି ସାଙ୍ଗ ମେଳ ।

ନା ଅଛି ଯାନଯାତ୍ରା ପୂଜା ପାର୍ବଣର ମେଳ
ସବୁଠି ନିରବତା, ନିସ୍ତବ୍ଧତା, ଶୁନ୍‌ଶାନ୍ ଆଜି
କଉଠିବି ନାହିଁ ଖୁସିରେଟିକେ ଜୀବନ ଜୀଇଁବାର ବେଳ ।

ନବ ବର୍ଷର ଏଦିନରେ କେତେ ଯେ ପର୍ଯ୍ୟଟନସ୍ଥଳୀ
ଲୋକାରଣ୍ୟରେ ପୁରି ଉଠେ, ଝଲସି ଉଠେ,
ଆଜି ଶୂନ୍ୟ ହିଁ ରହିଛି ସେ ପର୍ଯ୍ୟଟନସ୍ଥଳୀ ଗୁଡ଼ିକ
ଯେଉଁମାନେ କି ପ୍ରତି ନବବର୍ଷର ପ୍ରଥମ ଦିନରେ
କେତେ ରଙ୍ଗବେରଙ୍ଗରେ ମଜା ମଜଲିସ୍‌ରେ
ସଜେଇ ହୋଇ ଆସନ୍ତି ଓ ମନ ଭରି ଉପ ଭୋଗ କରି
ବେଶ୍ ଧୁମ୍ ଧାମ୍ ରେ ହସଖୁସିରେ ନାଚ ଗାଇ
ଚାଲିଯାଆନ୍ତି ନିଜ ସଜଳ ସ୍ମୃତିକୁ ଛାଡ଼ି ।

ଏ କେମିତିକା ନବବର୍ଷ,
କାହା ମୁହଁରେ ହସ ନାହିଁ, ସୁଖ ନାହିଁ
ଏ ଲୋକାରଣ୍ୟ ପୃଥିବୀଟା କଣ ମୁକ ପାଲଟିଯାଇଛି
ସବୁଆଡ଼େ କେବଳ ହାହାକାର ମୟ, ବିଭୀଷିକାମୟ
କଏ ନଜର ଭାଇ, ବନ୍ଧୁ, ସହୋଦରଙ୍କୁ ହରାଇବାର ଗ୍ଲାନରେ ପିଡିତ ତ
କାହାର ସର୍ବସ୍ୱ ପରିବାର ଏ ଧରା ପୃଷ୍ଠରୁ ନର୍ବାପିତ ।

ଏ କଣ ନବବର୍ଷ?
ନବଜନ୍ମିତ ଶିଶୁଟିଏ ମଧ ଦେଖି ନ ପାଇ ପାରିନ
ନଜ ମାତା ପିତାଙ୍କ ମୁଖ ଓ ତାଙ୍କଠୁ ଆବଶ୍ୟକ ସ୍ନେହ ।
ଏ କଣ ସଭିଙ୍କ ମୁହଁ ମର୍ମାହତ, ହତୋତ୍ସାହିତ, ଦୁଃଖାଭିଭୂତ
ସମସ୍ତଙ୍କଠାରେ ଘୋଟିଛି କେଉଁ ଏକ ଅଜଣା
ମହାମାରୀ ର ଛାୟାର କଳା ବାଦଲ ।

ଦୀର୍ଘସମୟ ହେଲା ଖୋଲିନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ
ପିଲାଗୁଡ଼ାଙ୍କୁ ଗ୍ରାସି ଲାଣି ମୂର୍ଖ ତ୍ୱର ମହାମାରୀ ଅନ୍ଧକାର ।
ଗୃଷୀ ଠୁ ଦିନମଜୁରିଆ, ଶ୍ରମିକ, ବେପାରୀ
ଦାଦନ ଶ୍ରମିକ, କୁଲି, ମଜୁରି, ଝାଡୁଦାର ତଥା
ସମାଜର ସବୁ ବର୍ଗର ଲୋକେ ଆଜି ପେଟ ପାଇଁ
କବଳତ, ବିଚଳତ, ହତୋତ୍ସାହିତ, ମର୍ମାହିତ ।

ଜୀବନର ସବୁ ଦିଗ ଆଜି ଗୋଟେ ପ୍ରକାର ଠପ୍
ନା ଦେଖି ହେଉଛି ଅତୀତ ନା ଭବିଷ୍ୟତ
ବଞ୍ଚିବାର ଏ ଘଡିସନ୍ଧି ମୂହୁର୍ତ୍ତରେ
ସମସ୍ତଙ୍କୁ ବ୍ୟସ୍ତ ବିବ୍ରତ କରି ପକେଇଛି
କେଉଁ ଏକ କରାଳ ରୂପୀ, ଧ୍ୱନ୍ ସକାରୀ, ମହାମାରୀ
ଅପ୍ରତିଦ୍ୱନ୍ଦୀ କରୋନାରୂପୀ ଅସୁର ।

ନା ଯୁଦ୍ଧରେ ଏହାକୁ ପରାଜୟ କରି ହେଉଛି
ନା କୌଣସି ଅସ୍ତ୍ରଶସ୍ତ୍ରରେ ଦମନ କରାଯାଇପାରୁଛି ।
ଧିରେ ଧିରେ ସେ ସମଗ୍ର ବିଶ୍ୱକୁ ସେ
କାୟା ବିସ୍ତାର କରି ଗ୍ଳଲିଛି ।

ଲୁଟି ନେଇଛି ମାନବୁଠୁ ଶାନ୍ତି, ମୈତ୍ରୀ, ପ୍ରୀତି
ଜୀବନ ଜିଇଁବା ହୋଇଯାଇଛି ବିଷମ ପରିସ୍ଥିତି ।
ସତରେ ଏ କେମିତିକା ନବବର୍ଷ**?**
ଏ କଣ ନବବର୍ଷ **?**
ଏ କଣ ନବ ବର୍ଷ **?**
ଏ କଣ ନବ ବର୍ଷ **?**

ବଡଝାଙ୍କର ପାଲି, ପିପଲ ଡାବର,
ଶିକ୍ଷକ-ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ପାଟଣାଗଡ଼

# ଜୀବନ ନାଟକ



ଟୁକୁନା ସାହୁ

କେତେବେଳେ ଶେଷ ହେବ କାହା ଅଙ୍କ
ନଥିବ ଜମାରୁ ଜଣା
ଅଭିନୟ ଶ୍ରେୟ ନିଶ୍ଚୟ ହୋଇବ
ଯାତ୍ରାର ଶେଷ ପାଉଣା ।

ଜିଣିବାକୁ ହେବ ଦର୍ଶକ ହୃଦୟ
ଢାଳିବା କୁ ହେବ ଲୁହ
ଲୁଚେଇ ନିଜର ହୃଦୟ ଯନ୍ତ୍ରଣା
ଭୁଲି ଯାଇ ଲୋଭ ମୋହ ।

ବାସଲ୍ୟ ଚରିତ୍ର ନୁହଁଇ ସହଜ
ଯଉବନ ଭରି କଷ୍ଟ
ବୃଦ୍ଧ ଚରିତ୍ରରେ ଉପନୀତ ହେଲେ
ହୋଇବାକୁ ପଡେ ଶିଷ୍ଟ ।

ବଢ଼ି ବଢ଼ି ଗଲେ ରାତ୍ରିର ଆୟୁଷ
ପଡେ ନାହିଁ କିଛି ଜଣା
ଶେଷ ଦୃଶ୍ୟ ପାଶେ ଉପନୀତ ହେଲେ
ସର୍ବେ ହୋନ୍ତି ବାଟ ବଣା ।

ସାନ୍ତର୍ ପଲ୍ଲୀ ଗଞ୍ଜାମ

# ଆଞ୍ଚଳିକ

# ବମ୍ବେଲଡୁ ବାଲା



ଶୁକଦେବ ସାହୁ

ଠାଡ୍ ମଏଧାନର୍ ତିରପଟ୍ ଖରାଥି
ବାଟ୍ ଗ୍ଲୁଥିବାର୍ ଲୋକଟାର୍ ମୁହେଁ
ଟିଖେ ଭି ନାଇଁ ଥାଇ ଥକାନ୍
ଝାଲ୍ ସରସର୍ ମୁହେଁ ଦପଦପଉ ଥିଲା ଆସାର୍ ଉକଆଟେ
ଫଟିକ୍ ବାଆରି ହଉଥିଲା ଉସନାକର ଝଲକ
ଖଁଦେ ଉଧାମାରି ଲଟକ ଥିବାର୍ ବଉଁସ୍ ବାଡିଥି
ଝୁଲୁଥିବାର୍ ଗୁଲାପି ରଂଗିଆ ଖଜା ଥିଲା
ତାର୍ କୁଟୁମ୍ ବସିଆର୍ ଗୁଟେନ ସାହାରା
'ଲାଲ୍ ଗୁଲାପି ଥିପଲା ରସ
ପଏସା ଧରି ଜଲଦି ଆସ'
ତାର୍ ଗିତର୍ ସୁରେ ବାଇ ହେଇ
ନରଦି ଆଏସନ୍ ଗାଁ ଜାକର୍ ଛୁଆ
କଏ ଚଲର୍ ପଏସା ତ କଏ ଚଉଲ୍ ଖେଜା ଧରି
ଉସାସ୍ ହଇଜାଏସି ତାର୍ ଖଁଦର୍ ବୋଝ୍
ପୁରି ଜାଏସି କୁଟୁମ୍ ବସିଆର୍ ପେଟ୍
ଭାବିକରି ମୁହେଁ ତାର୍ ଝଲକ ଉଠଲା ହଁସିଟେ
ହାଦେ ଦିସଲା ନ ଖଁଡେ ଧୁରୁ ଗାଁ ଗୁଟେ
ରୋଡତରାର ନଲଚୁଆଁର୍ ସିତଲପାଏନଥି
ପୁରେଇ ନେଲା ତାର୍ ଭୁକା ପେଟ୍
ଆରୁ

ରପସ୍ ର୍‌ପସ୍ ପାହା ପକାଲ୍ ସେ
ଗୁଟେ ହାତେ ତାର୍ ବାଡି ଆର ହାତେ ବିଡି
ମୁହେଁ ତାର୍ ପୁର୍‌ନା ହିଂଦି ସିନାମାର୍ ଗିତ୍
ବିଂଦାସ୍ ହେଇ ଗ୍‌ଲୁଥିଲା ବମ୍ବେଲଡ଼ୁ ବାଲ୍
ସବୁ ଫିକରକେ ବିଡିର କୁହୁଲାଥି ଫୁଙ୍କ ଦେଇ
ଜିବନର୍ ଜଏଗିତ୍ ଗାଇ ଗାଇ।

ଖାରୀ, ତରଭା, ସୋନପୁର

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# କୋରୋନା

ରୁବ୍ଲିନ୍ ସାହୁ

ଇଟା କାଏଁ ଦିନ୍ ଆଏଲା !
ଯିଏ ଯାହାକେ ଦେଖିଲେ, ଟିକେ ଦୂରେ ରହ ବଏଲା
ଶୁନ ନାଇଁ ଜାନ ନାଇଁ ଏନ୍ତା ଗୁଟେ ବେମାର୍,
କୋରୋନା ବୋଲି ନାଁ ହେଇଛେ ଇତାର୍ ।
ଲୁକେ କହୁଛନ୍ ଇନ ହେଇଛେ ସେନ ହେଇଛ
ଶୁନ ଲାଗୁଛେ ଭୟେ,
ମାଁ ବଲୁଛେ ପୁତା ଯାଁ କାମ ଥିଲେ ଥାଉ
ଘରେ ତୁଇଁ ରହେ ।
ଅଟୋବାଲାର୍ କମାନ ଗଲାଇ ଲକଡାଉନ୍ ଲାଗି,
କୁଟୁମ୍ ପୁସବାର୍ କେ ପଏସାଟେ ନାଇଁ
କାନ୍ଦିକାନ୍ଦି ଗଲା ଦିନ୍ ।
ଯେନ୍ତଇ କରି ସଭେ କାଟୁଛନ୍ ତାକର୍ ଦିନ୍
ଛୁଆ ସବୁ ବର୍ବାଦ୍ ହେଲେ ପାଠ୍ ପଢା ଆଉ କାହିଁ ।
ଖଞ୍ଜିବୁଟି ପଏସା ଘିନୁଛନ୍ ସଭେ ମୋବାଇଲ୍
ଅନଲାଇନ୍ କ୍ଲାସ୍ ପରେ କର୍ ବେ
ଛୁଆ ପାଠ୍ ପଢ୍ ବେ ତାହିଁ ।
ଇ ଗୁରୁସ୍ ପିଇଲା ଛୁଆ ମୋବାଇଲ୍ ଧର୍ ଲା,
ପାଠ୍ କାଣା ପଢ୍ ବା ଦିନ୍ ରାତ୍ ସେଥିଁ
ଅନଲାଇନ୍ ଗେମ୍ ଖେଳେଲା ।
ଏନ୍ତିକରି ବେକାର୍ ହେବେ ସବୁ ଛୁଆ,
କେଭେଁଇ କୋରୋନା ଯିବା ମୁଡେଁ ଚଡକ୍ ପସଲା

# ସଲ୍ମ ଡାକ୍ତର



ବିଶ୍ୱନାଥ ସେଠୀ

ଡାକ୍ତର ବଏଲେ ସଭେ ବୁଝସନ
ପିଲ୍ ଠାନୁ ବୁଢା ତକ,
ପିଲ୍ମାନେ ବାକ ଶୁନ୍‌ଦେଲେ ଟିକେ
ଲ୍ଗିଯାଏସି ସକ ।
ଡାକ୍ତର ହଉଛନ ଦୁତୀୟ ଭଗବାନ
ରୁତୀର୍ ସେବାକାରୀ,
ରୋଗ, ବେମାରର ନଦାନକାରୀ
ଜୀବନ ରକ୍ଷାକାରୀ ।
ରୁଗୀ ସେବା ତାକରନଦାନ କବାର
କେଭେ ନେ କରନ ହେଲ୍,
ଠିକ୍ ସମିଆଥି ହାଜର ହେସନ
କେଭେ ନେ ହୁଏ ଢିଲ୍ ।
ଡାକ୍ତର ଦେଖଲେ ରୁଗୀର ଜୀବନ
ହାତେ ପାଆଁଲି ଯାଏସି,
ରୋଗ, ବେମାର ଟା ପଲେଇ ଯାଏସି
ମନଟା ପରଛା ଲ୍ଗସି ।
ଯେତେ ବଡ ହଉ ରୋଗ, ବେମାର
କେଭେ ନେ କରନ କେଆର,
ବହାରିପଡସନ ଚକଚ୍ଛା ଲ୍ଗି
ହେଇ ଯାଏସନ ତିଆର ।
କେତେଲେ ଆଏସି ହଇଜା ରୋଗ ତ

କେବେ କଲେଗ୍ ବେମାର,
ରୋଗ ଜାନକରି ଉଷୋ ବି ଦେସନ
କେଭେ ନେ ଯାଏ ବେକାର ।
ଇଟା ଫେନ ଆଇଛେ ନୂଆଁ ବେମାର
ନାଁ ଟା ତାର କୋରନା,
କେତେ ଯେ ଭୟଙ୍କାର ସେ ବେମାରଟା
କରି ନେ ହୁଏ ଗଣନା ।
ହେଲେ ସେ କୋରନା ହେଲାନ ଦୁର୍ବଳ
ବାହାରି ଗଲାନ ଟିକା,
ଏଥର ଆଏତେ ହନ୍ଷ୍ଟେ ସେ ରହେବା
ମୁହଁ ତାର ହେବା ବଁକା ।
ଝାଲ ବୁହିତେଲ ଦାକ୍ତର ଆମର
କରିଛନ କେତେ ମେହନତ,
ବାହାରଲା ଶେଷେ କୋରନାର୍ ଉଷୋ
ହାରିଲା ସେ ଅମାନତ ।
ସବ ଦାକ୍ତର ମାନକର ସେବାକେ
କରୁଛୁଁ ସଭେ ସଲାମ,
କରୋନା ବେମାରକେ ଦାକ୍ତର ବାବୁ
କରୁଦଉନ ଗୁଲାମ ।

ଗାଁ-ଶଙ୍କର୍, ବିନକା,ସୁବର୍ଣ୍ଣପୁର

# ତୁଇ କରମ୍ କରି ଗୁଲ୍



ଅନାଦି ସେଠ

କରମ୍ ଥିଁ ଜିଁସି ମୁନୁଷ୍
କରମ୍ ଥିଁ ହିଁ ମର୍ସି
କରମ୍ ହିଁ ତ କପାଲ୍ ଆଏ
ସେ କରମ୍ ରେ ହିଁ ତର୍ସି !!

ଯେନ୍ତା ବୁନ ସେନ୍ତା ଦାଇ
ଲୋକ୍ ଯାଇଛନ୍ କହି
ଲିମ୍ ଗଛେ କାଏଁ ଆମ୍ ଫଲେ
କାମ୍ ଜାନ ଦାମ୍ ପାଇ !!

ସିଂ ଛୁଆ ହୋଇ ଶିକାର ନାଇଁ
କର୍ବୁ ବେଲେ ଗା ତୁଇ
ଭୁକେ ମର୍ବାର୍ ଟା ହିଁ ସାର୍ ଆଏ
ଦୁଃଖ୍ ଏକା ଗା ପାଇ !!

ଚାଁଟି ଠାନୁଁ ହାତୀ ପର୍ଯନ୍ତେ
କଟ ଠାନୁଁ ମହୁମାଛି
କାମ୍ କର୍ସନ୍ ଅଥକ୍ ହୋଇ
ନଜର୍ କରମ୍ ବାଛି !!

କାମ୍ କର୍ସନ୍ ଜୀବନ୍ ଛଡ଼ା
ଫଲ୍ ନାଇଁ ଥାଏ ଆଶା
ତାକର୍ କରମ୍ ଫଲ୍ ମୁନୁଷ୍ ଖାଏ
ଦେଇ ସେମାନ୍ କୁ ଦଷା!!

ଫେର୍ ବି ସେମାନେ ଖୁସ୍ ଥିଁସନ୍
ନାଇଁ ହୁଅନ୍ତ ରାଗ୍ ରୁଷା
କରମ୍ କରିକରି ସନ୍ତୋଷ୍ ପାଏସନ୍
ମୁନୁଷ୍ କେ କର୍ସନ୍ ପୁଷା !!

ଧରମ୍ ପଥେ ଥାଇକରି ଯିଏ
କରୁଥିସି ସବୁ କାମ୍
ସବୁ କାମେ ତାର୍ ଜିତ୍ ହେସି
ପାଏସି ପରମ୍ ଧାମ୍ !!

ମାହାପୁରୁ ହେଉକ ମୁନୁଷ୍ ହେଉ
କରମ୍ ଜାନ ତାର୍ ଗତି
ଠିକ୍ କାମେ ଠିକ୍ ଫଲ୍ ମିଲେ
ଭୁଲ୍ କାମେ ବେଇଜତି !!

ଦୁଲ୍ଲଭ୍ ଜୀବନ୍ ପାଇକରି ଯଦି
ନାଇଁ କର୍ମା ଆମର୍ କାମ୍
ଦୁଃଖ୍ ପାଏଲେ କଏ ସୁନ୍ ବା
ଯେତେ ଡ଼ାକଲେ ବି ରାମ୍ !!

ଦମ୍ ଧରିକରି କାମ୍ କରି ଚାଲ
ଭାଇ ଜବର୍ଦସ୍ତ କର କାମ୍
ଆଏଜ୍ ନାଇଁ ତ କାଏଲ୍ ମିଲ୍ବା
କାମ୍ ଜାନ ତମର୍ ଦାମ୍ !!

ଡୁଡୁକା, ବଲାଙ୍ଗୀର

# ଜିବନଟା
# ଘଡେ ଛନେ



ମନୋରଞ୍ଜନ ସୁରୁଜାଲ

ଗିଦଗିଦେଇ କରି ଆଏବ ବଲି
ବଉଲ ହେଇ କ ସାଙ୍ଗର ଜୁଲି
ନୁଆଁ ତିହାରର ଉଧେଁ
ଶଗଡ଼ ଚକାର ଭଅଁରି ମର୍‌ଥି
ଲମି ଆଏସ ସଧେଁ।
ବୁକା ଗରବ୍ ମେଲଛା କୁକର୍
ଝୁରି କଁକର୍ ପୁରବ୍ ଘୁଁସର୍
ପୁରେଇ ନେଲନ କାଲ
ବେଲ ଉଦି ଥିସି ଘଡେ ଛନେ ଲ୍‌ଗି
ବୁଡେ ଅକାଲ ସଖାଲ।
ଜିବନ ଇନ ପାନର ଫୁଟକା
ତାର ମୁଲ କେଁ ଖାଏସି ପଟକା
ଛୁଲକେ ଫୁଟେ ସିକାର
ଜିବ ହେଇ ଜିବେଁ ପଥର ହୁରୁଦ
ନୁହେସେ ଭଲ କବାର।
ଆଏସ ନେଇ ଉସତ ଆନନ
ହେସ ଦିନେ ଜୁହ୍ନା ବଅଁରେ ମନ
କେଭେ ଭଲ କେଭେ ମନ୍ଦ
କାହାର ଲ୍‌ଗିର ଉଞ୍ଜଲେ ସପନ
କାହକେ କରସ ଛନ୍ଦ।
ପଲ୍‌ଲ ସତେଁ ଲଗେଇ ଭେଲୁଆଁ

ଆଏଲ ଫେରି ଫେର ହେଇ ନୁଆଁ
ଦଗା ଦେଇ ଛାଡି ଚହ୍ନା
ପର୍ଘେଇ ଆନୁଛୁଁ ଆସ ଭଲେ ଭଲ
ନେକରି ସମିଆ କହ୍ନା।
ପୋକ ଠାନୁ ଜଁତୁ ମୁନୁସ ପତେ
ଛପ୍ନା କୁଟି ଜିବ ଯାହାକେ ଯେତେ
ସମକର ଲ୍‌ଗି ଝନେ
ଆଉଥ ଯାଉଥ ଶୁଭେଁ ଶୁଭ ବାଁଟି
ବଛରଟା ଯାକ ବନେ।
ଜିବନଟା ଘଡେ ଛନେ।।

ଅଇଁଲ୍‌ପାଲି, ଧମା, ସମ୍ବଲପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ମୋର ର୍ନୀ ଫୁଲକଗାଳ



ଟିକେଶ୍ୱର ସାହୁ

ମୋର ର୍ନୀ ଫୁଲକଗାଳ
ସବୁବେଳେ ହସୁଥିସି
ଆମର ଆଡୁ ଗୃଲିଗଲେ
ଉଲ୍ଟି ପୁଲ୍ଟି ଦେଖୁଥିସି ।

ଦେଖି କରି ତାହା କେ
ମୋର ଦିଲ ଧଡ଼କ ଜୈସୀ
ଜେତେ ବେଲେ ମତେ ଦେଖି
ସେ ମୁରୁକ ହସି ଦେସି ।

ମନ ମୋର ତା'ର୍ ଲାଗି
ସବୁ ବେଲେ ଝୁରୁ ଥିସି
ଛନେ ଘଡେ ନାଇଁ ଦେଖିଲେ
ପାଗଳ ପରି ଲାଗୁଥିସି ।

ଦିନେ ଫୋନ୍ ନାଇଁ କଲେ
ଦିନ ର୍ତି ଝୁରି ହେସି
ମୋର ର୍ନୀ ଅଭିମାନୀ
ଆଇ ଲଭ୍ ୟୁ କହୁଥିସି ।

# ଟାକଛେଁ



ଆକାଶ ସାହୁ

ଆଶା ଥିଲ୍
ତୁମେ ହେଲେ ବୁଝବ।
ମୋର୍ ଦୁଖ୍
ମୋର୍ ଆଁଖଲ୍ କେ।
ହେଲେ ତୁମେ ତ
ଛୁରୀ ମାରିଦେଲ
ମୋର୍ ପଛାଡେ।
କାନ୍ଦି କାନ୍ଦି
ଆଁଖଲ କେ ପୁଛି
ଉପର୍ ବାଲ୍ କେ ଦେଇ ସାକ୍ଷୀ
କହୁଛେଁ ଆଏଜ୍
ତୁମେ ବି କାନ୍ଦବ
ମୋର୍ ଲେଖେନ୍।

ଜଳିଯିବ ମୋର୍ ଆଁଖଲ୍ ଥିଁ
ମୋର୍ ମନେ ଜଳୁଥିବାର୍ ଜୁଏ ଥିଁ।
ସେଦିନ ମୁଇଁ ହଁସୁଥିମି
ଖିଦ୍ ଖିଦାଡେଲ୍
ହେଲେ ତୁମେ କାନ୍ଦବ
ହେଁକେଇ ହେଁକେଇ
କେନ୍ତା ଲାଗସି ଜାନବ।
ଭୁବିପାର ଇଟା ଅଭିଶାପ
ମୋର୍ ଆଁଖଲ୍ ଥି ଭିଜା ।
ଟାକଛେ ସେ ଦିନ୍ କେ
ଡାକୁଛେଁ ଖାଲି ଉପର୍ ବାଲ୍କେ।

ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ
ଟିଟିଲାଗଡ଼,ବଲାଙ୍ଗିର

# ଅଲ୍‌ଝଟ୍



ସନ୍ତୋଷ କୁମାର ଅଦାବର

"ବା' ଗୋ, ଆଏଜ୍ ମୁଇଁ ପାଁଶ ଟଁକା ଭତା ଆରୁ କମଲ୍ ଖଁଡେ ପାଏଲିଁ । ପଁଚେତ୍ କେ ଯେନ୍ ବାବୁ ଆସିଥିଲେ ମୋତେ ଦେଲେ । ବା' ଗୋ, ଆର୍ ଗୁଟେ କଥା ଗୋ। ପୁରୁନ୍ କହୁଥିଲ୍ ଯେ ତୁଇ ଟୁକେଲ୍ ଗୁଟେ ମୋତେ ପରେ ବିହା କରି ଦେ। ହି...ହି....ହି....। " ଏନ୍ତା କହେଲ୍ ଗାନା ଆର୍ ଖିଲ୍ ଖିଲେଇ ହଁସି ଟେ ଛାଡିକରି ତାର୍ ବାଆର୍ ଗ୍ଧର୍‌ହି ତରେ କଂଦିର୍‌ଲ୍ । ତାର୍ ବାଆ ସବୁ ଜାନଛେ ତାର୍ କଥା। " ହଏରେ ବାବୁ,ଯା। " ବୋଲିକରି କହେଲ୍ ଆର୍ ତାର୍ ଠାନୁ ପାଁଶ ଟଁକା ଆର୍ କମଲ୍ ଖଁଡ୍‌କ ମାଗ୍‌ଲ୍। ହଁସିହଁସି କରି ଗାନା ଭି ସେଟା ତାର୍ ବାଆ କେ ଦେଇଦେଲ୍ ଆରୁ କୁସେର୍ ପଗେ କେଁକ୍‌ଡି କେଁକ୍‌ଡି ଗାଁଖୁଲ୍ ଆଡ୍‌କେ ସର୍‌ପଟ୍ ମାଏଲ୍ ।

ନାଁ ତାର୍ ଗାନା। ସୁର୍ ଥାଉ ନ ଥାଉ,ଦୁଖେ ହେଉ ସୁଖେ ହେଉ କାଣା କାଣା ଗୁନ୍‌ଗୁନଉ ଥିସି। ହେତିର୍ ଲ୍‌ଗି ତାହାକେ ଲୁକେ ଗାନା ବୋଲି ଡାକ୍‌ସନ୍।ବଏସ ତିରିଶ୍ ଡେଗ୍‌ଲ୍ ନ। ଗୁଟେ ଗୁଡ୍ ଟିକେ ଖେଁଚେଇ ଖେଁଚେଇ ଗ୍ଧଲ୍‌ସି।ନାକୁ ତ ଅହରହ ସିଘନ୍ ଆରୁ ଅଁଟେ କରିଆ ଖଁଡେ ଗୁରେଇ ହେଇଥିସି। ଆଡ୍ ଭଏଁର୍ ଥେତା ଟା। ଛୁଆ ଗୁଟ୍‌କର୍ ଏତେ ବୁଇଧ୍ ନାଇଁ । ଛୁଆ ବେଲୁ ମାଁ ଛଉଁଡ୍।ତାକର୍ କୁଟୁମ୍ ଥି ତାର୍ ଭ୍ଧଏ ଅମର୍, ତାର୍ ବାଆ ଆରୁ ସେ ।

ଅମର୍ ଛୁଆ ବେଲୁ ବନେ ପାଠ୍ ସାଠ୍ ପଢିକରି ସହରେ ନଉକରି କର୍‌ସି। ଦର୍‌ମା ଭି ବନେ କରି ପାଉଛେ । ଗାନା ଆର୍ ତାର୍ ବାଆ ଗାଁ ଥି ରହେସନ୍ କାଁଜେ ବଏଲେ ଗାଁଥି ସେମାନ୍‌କୁ ଭଲ୍ ଲ୍‌ଗ୍‌ସି । ଅମର୍ କେ ଭି ଉସାସ୍ ଲ୍‌ଗ୍‌ସି। ମୁରୁଖ୍ ବାଆ ଆରୁ ଥେତାବେଡା ଦଦାକେ ନେଇକରି କେନ୍‌ନେ ସେ ସହରେ ରହି ପାର୍‌ବା। ସବୁ ଦିନ୍

ଅମରର୍ ସେଟା ଗୁଟେ ବଢା ଅଲ୍‌ଝଟ୍। ତାର୍ ସାଁଗ୍ ସର୍‌ସା ବାବୁ ମାନ୍‌କୁ ଭି ସେ କେତେ ମିଛ୍ କହିକରି ଲୁକଉଥିସି। ଆମେ ଜମିଦାର୍।ମୋର୍ ବାଆ ର୍ ପୁରୁଗ୍ ପୁରୁଗ୍ ଧାନ୍ ପାଏସି। ଆମର୍ ଫଲ୍‌ଲାଁ ଅଛେ,ଢେଁକ ଅଛେ।ଏନ୍‌ତା କେତ୍‌ନ କେତେ ଝୁଟ୍ କହେସି ସେ ବାବୁ ମାନ୍‌କୁ।ବଏସର୍ ହୁର୍‌ହୁରିଆ ଧଂଗ୍‌ର୍ ପବନ୍ ଅମର୍ ର ମନ୍ କେ ଛିଁ ଥିଲା ନା। ସେ ସହରର୍ ଗୁଟେ ଧନଘରର୍ ଟୁକେଲ୍ ଲିଲି ସଂଗେ ତାର୍ ମନ୍ ଦିଆନଆ ପେରେମ୍ ଭାବ୍ ଟା ହେଇଯାଇଥିସି।ଲିଲି ଧନଘରର୍ ହେଲେ ଭି ମନ୍ ଥି ରଁଚେ ଭି ଫୁଟାନ ନାଇଁ। ତାକର୍ ଘର୍ କେ ଅମର୍ ଦୁଇଥର୍ ଯାଇସାରିଥିସି। ଲିଲର୍ ବାପ୍ ମାଁ ଭି ଗୁଟେ ପର୍‌କାର୍ ରାଜି ଥିସନ୍। ମଝିଥି କେଁ ଗୁଟେ ରହି ଯାଇଥିସି ଇଟା ବଏଲେ ଲିଲି ଜାନ୍‌ବାର୍ କେ ରାହୁଁଥିସି ଅମର୍ ର ଘର୍ ବାଆ ମାଆଁ ଦଦା ନାନ.... କେତେ କାଣା,ଇ ସବୁ ବିଷେଥି।ଲେକନ୍ ଅମର୍ ର ଅଲ୍‌ଝଟ୍ ଥିସନ୍ ତାର୍ ମୁରୁଖ୍ ବାଆ ଆରୁ ବେଡା ଦାଦା ଗାନା। ଲିଲି ନଜର୍ ସଂଦେ ଭଗାବାର୍ ଲାଗି ଯୋଜ୍‌ନା ବନାଲା । ଆଗରୁ ଅମର୍‌ର ଗାଁର୍ ନାଁ ତାର୍ ପରିଚଏ ପତର୍ ଗୁଟେଥି ଜାନଥିସି ଲିଲି। ସେ ଠିକ୍‌ନା ରେ ଲିଲି ଅମର୍‌ର ଘର୍ କେ ପୁହୁଁଚସି । ଅମର୍ ର ବାଆର୍ ଠାନେ ଦୁଇପଦ୍ କଥା ହେସି ଆରୁ ଗାନା କେ ଭଲ୍ ସାଟ୍ ଖଁଡେ ଦେଇକରି ଆଏସି। ତାର୍ ଭିତ୍‌ରେ ସତ୍ କଥାଟା ଭି ଲିଲି ଅମର୍ ର ବାଆ କେ କହିଦେସି। ପହେଲା ଅମର୍ ର ବାଆ ବିଶ୍ବାସ୍ କରି ନ ପାରେ । ଫେର୍ ଭି ପୁରା ବିଶ୍ବାସ୍ ନ କରେ । ଧନର୍ ଝି ମନ୍ ଥି ଭି ଧନ ଆଏ ସେ। ଅମର୍ ର ବାଆ ଆରୁ ଗାନା କେ ମନେ ମନେ ବହୁତ୍ ଭଲ୍ ଭାବୁଥସି ।

ଅମର୍ କେ ଇ ସବୁକଥା ଜନା ନାଇଁ ଥିସି ।ମଝିରେ ଗାଁକେ ଆସ୍‌ଲା ଦିନେ।ତାର୍ ବାଆ ଆରୁ ଦଦା ଇ ସବୁ କଥା କହେଲେ।ଅମର୍ ମୁଡ୍ କାମ୍ ନ ଦେଲା। ଭାବ୍‌ସି କ ଲିଲି ଇମାନ୍‌କୁ ଠକଛେ। ଏତେ ଦିନ୍ ସେ ତାର୍ ବାଆ ଆରୁ ଦଦାର୍ ବିଷେ ଥି ଲିଲି କେ ଲୁକେଇ ଥିଲା,ଲେକନ୍ ଲିଲି ଇ ସବୁ ଜାନି ତାହାକେ ପର୍ କରି ନ ଦିଏ ତ? ଏନ୍‌ତା ଭାବିକରି ସେ ଗୁମ୍ ହେଇକରି ବସି ରହେଲା। ଧନର୍ ଝି, ଯଉତୁକ୍ ଆରୁ ସୁନଦ୍‌ରି ଟୁକେଲ୍ ତାର୍ ହାତ୍‌ଛଡା ହେଇ ଯିବା ଭାବି ଭାବି ସେ କାଣା କର୍‌ସିଁ ବୋଲି ଭାବି ନ ପାରୁଥିସି । ସତେ ଜେନ୍ତା ତାର୍ ବାଆ ଆରୁ ବେଡା ଦାଦା ତାର୍ ବାଟେ କଁଟା,ଗୁଟେ ଅଲ୍‌ଝଟ୍। ଆଏଜ୍ ସେ ସବୁ ତୁଟେଇ ଦେବା।ଇ ସବୁ ଭାବିଭାବି ସେ ରାତି ଶୁଇ ନାଇଁ ପାରେ। ସକାଲୁ ସହର୍ କେ ଫିରି ଯାଏସି। ସିଧା ଲିଲି ଘର୍‌କେ ଯାଏସି, ତାର୍ ମନ୍‌କେ ପର୍‌ଖିବାର୍ ଲାଗି।ଲିଲି ମୁଲ୍

ହଁସି ମାରି ସବୁଦିନର୍ ବାଗିର୍ ବସ୍‌ବାର୍ କେ କହେସି। କଛି ସମିଆଁ ଉତାରୁ ଲିଲି ଅମର୍ ର ବିରସ୍ ମନ୍‌କେ ଧରି ପାର୍‌ସି ଆରୁ ଅମର୍ କହେବାର୍ ଆଗ୍‌ରୁ ଲିଲି ତାକର୍ ଘର୍‌କେ ଯାଇଥିବାର୍ କଥା କହେସି। ଅମର୍ ର ଭିତର୍ ଟା ଆର୍ ଟିକେ ଟିକେ କାଣା ହେଇ ଯଉଥିସି।ଭିଏଲ୍ ଲିଲି ତାର୍ ବିହା କଥା କେ ମନା କରି ଦେବା କାଏଁ ଗା?

ଛନେ ଉତାରୁ ଲିଲି ବିହା ହେବାର୍ ଲାଗି ଗୁଟେ ସର୍ତ୍ କର୍‌ସି ଅମର୍ କେ ।ଅମର୍ ଆର୍ ଟିକେ ଉଟୁସ୍ ପୁଟୁସ୍ ।ଲିଲି କହେସି," ଦେଖ ଅମର୍,ତୁମେ ତମର୍ ରକତ୍ ସଂପର୍କକେ ଜୀବନର୍ ଅଲ୍‌ଝଟ୍ ଭାବୁଛ। ମୁଇଁ ତ ପରର୍ ଝିଇ।ତମେ ମୋତେ ନେଇ ନଜର୍ କରି ରଖି ପାର୍‌ବ,ଇଥିରେ ଗାରେଣ୍ଟି ନାଇଁ ନା। ତମେ ଯଧି ତମର୍ ବାପ୍ ଦଦା କେ ନଜର୍ କରି ପାର୍‌ବ,ମୁଇଁ ଜରୁର୍ ତମ୍‌କୁ ବିହା ହେମି। ତମେ ତାହାକୁ ଛାଡି ସହରେ ରହୁଛ,ସେତ କଛି ନ କହନ୍ତ୍। ତମେ କେନ୍ତା ତାଙ୍କୁ ଏଭଏଡ୍ କର୍‌ସ। "

ସବୁ କଥାକେ ଶୁନକରି ଶିଖିତ୍ ଅମର୍ ବୁଝି ପାର୍‌ଲା।ତାର୍ ବାଆର୍ ପରିଶରମ୍, ମାଆଁର୍ ଲେଖେଁ ସେବା ଆରୁ ତାର୍ ନର୍ମାୟା ଗାନା ଦାଦାର୍ କପଟ୍‌ଶୁଇନ୍ ହଁସା ଝଲେଝଲେ ତାର୍ ଆଁଖିନ ନାଚ୍‌ଲା। ଲିଲିର୍ ମୁହୁଁ କେ ଦେଖିକରି ଅମର୍ ଦୁଖେ ହଁସିଟେ ଛାଡ୍‌ଲା ଆରୁ ହଁ କହେମି,ରଖିମି ମୋର୍ ପାଶେ ବୋଲି କହେବାର୍ ଆଗ୍‌ରୁ, ତାର୍ ମୋବାଇଲ୍ ରିଂଗ୍ ହେସି। ଫୁନ୍ କରି ଥିସି ତାକର୍ ଗାଁର୍ ଡବ୍‌ଲୁ ପୁତ୍‌ରା। ଅମର୍ ଫୋନ୍ ଥି ଯାହା ଶୁନ୍‌ସି ତାର୍ ମୁଡ୍ ଘୁରି ଯାଏସି। ତାକର୍ ଘରେ ଜୁଏ ଲାଗିକରି ସବୁ ପୁଡି ଯାଇଥିସି।ଆର୍ ତାର୍ ବାପ୍ ଦାଦା ଭି....। ଫୁନ୍ କେ କାଟିକରି ଭେ ଭେ ହେଇ କାନଦ୍‌ସି ଅମର୍। ଲିଲି କେ ସବୁ କହି ଦେସି। ଦୁଖ୍ ଥି ଭାଙ୍ଗି ପଡୁଥିବାର୍ ଅମର୍ କେ ସମ୍ଭାଲ୍‌ବାର୍ ବେଲେଁ ନଜେ ଲିଲି ଭି କାନ୍ଦି ପକଉଥିସି ।

ଶିକ୍ଷକ, ବୀରମହାରାଜପୁର, ସୁବର୍ଣ୍ଣପୁର

# ଏ ଅନମୁଲ୍



ସହଦେବ ଧରୁଆ

ବୁଗ୍‌ବୁଗା ହେଇ ଫୁଟି ଚହଟଇ
ବାସନା ତାର୍ ହସାହ,
କା'ଡେ ଅରକଲେ ଚୁପଗୁପ୍ କଲେ
ଥେଇ ଲଗାସି ମହନ ॥

ବଢ୍ଲେ ମନଲୋଭ୍ ବଗଗୁର୍ ଆଭ୍
କେଭେଁ ନାଇଁ କହେ ମୁଇଁ,
କେତେ ଗହ ଗହ ହେଇ ମହ ମହ
ଶୁଖି ଝରି ପରେ ଭୁଇଁ ॥

ହାତ୍ ପାତି ମାଁଗେ କେଭେଁ କାର୍ ଆଗେ
ଦିଅ ମୋର୍ ହଁକ୍ ବଲି,
ଗୁନର୍ ମହଁକେ ଭଅଁର୍ ଟୁର୍‌କେ
ଟାନେ ନାଇଁ କରି ଅଲି ॥

ଗୁନ୍ ଥିଲେ ଗୁହ ମନ୍ ନେସି ଘିନ
ରହିଥାଉ ଯେନ୍ କୁନେ,
ଦେଖାନଆ ପନ୍ ଅବା ଛଁଦ୍ ବନ୍
ନେଇଁ ଥାଏ ଦିହେଁ ଅନେ ॥

ବାସନା ବିହିନା ଫୁଟାନ ଦୁଗୁନା
ଲ୍ଲସେ ଲେନଭ୍ବନା,
ଗୁନେ ଶୁନା ଥାଉ ତାର୍ ଜହ ଭ୍ଉ
ର୍ଭ ମଏନା ଭ୍ବନା ॥

କଅଁଲ୍ କୋମଲ୍ ହେସି ମଲ୍ ମଲ୍
ସୁତର୍ ପାତର୍ ଫୁଲ୍,
ମାନ୍ ନେଇଁ ମାନ୍ ତାର୍ ବଢେ ମାନ୍
ସଁସାରେ ଏ ଅନମୁଲ୍ ॥

ସାଇପାଲି, ବିଜେପୁର, ବରଗଡ଼

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମୋର୍ ଜୀବନ୍ ଗୁଟେ ରଫ୍ ଖାତା



ବାଙ୍କାବିହାରି ମହାକୁର

ମହରଗ ସଁସାର୍ ଭିଡ୍ ଭିତ୍'ରେ
ହଜି ଯାଉଛେ ଝୁମ୍'ର୍,
ଉପର୍ ମନ୍'କେ ଚକନଆଁ ଭ୍ରବ୍
ଭିତର୍ କପଟ୍ ଭର୍ ।

ଅର୍'ଘଲ୍ ବେଲେ ଆଏଭ୍ଏ କହି
କାମ୍'ବୁତା ଗଲେ ସରି,
ବିହାଘର୍ ଉତାରୁ ବେଦିର୍ ଲେଖେଁ
ମନୁ ଦେସନ୍ ପାସ୍'ରି ।

ମୋର୍ ଜୀବନ୍'ଟା ଗୁଟେ ରଫ୍ ଖାତା
ଲେଖାଜୁଖା ହର୍'ମିଶା,
ଯିଏ ପାର୍'ଲ୍ ସେ ଗେରେଇ ପକାଲ୍
ନ ବୁଝେ ମୋର୍ ଦୁର୍ଦ୍ଦଶା ।

ଧୁବ୍ ଫର୍'ଫର୍ କାଗଜ୍ ଫରଦ୍
ରଁଗ୍ ହେଇଗଲ୍ ଧୁଇ,
ସଭିଁର୍ ସପନ୍ ଭର୍'ନା କର୍ବାକେ
ଗଢନ୍ କରିଛେ ବିହି ।

ସମିଆ ଭ୍ରଗ୍'ସି ଘାଏଁଘାଏଁ କରି
ଚନ୍ଦ୍ରାକେ ସୁର୍'ତେ ମନ୍,
ସଁସାର୍ ବଡ୍'ଖା ସମ୍'ସିଆ ଯେତେଁ
ମୋର୍ ଦିହେ ସମାଧାନ୍ ।

ନାଇଁ ଧରି କରି ମାନ୍ ଅଭିମାନ୍
ସମ୍'କୁ ବାଁଧି ପକାସିଁ,
ତାକଁର୍ ସନ୍'ମାନ୍'ଟା ମୋର୍ ମାନ୍
ହୁର୍'ଦେ ହେତାଉଥିସି ।

ଆଖିର୍ ପାଏନ୍ ନାକର୍ ସିଁଗେନ୍
ଗୁଟେଠାନ୍ ମେଶାମେଶି,
ଚର୍ ଦଦର୍ ରୂପ୍ ହେଇ ଗଲେ
ମାଏଟ୍ ଆବ୍'ରି ନେସି ।

ରଙ୍'ଖାତାର୍ ନାଆଁକେ ଶୁନକରି
କଏ କହେସି କଚର୍,
ଦୁସ୍'ର୍ ଜୀବନେ ରଁଗ୍ ଭରିଥିସି
ନଜ୍'କେ କରି ଟୁକ୍'ର୍ ।

ବୁରୁବୁଡା ବୀରମହାର୍ଜପୁର ସୁବର୍ଣ୍ଣପୁର

# ଶିଶୁ ବିଭାଗ



# ପିଆଜର କରାମତି



ଡ଼ଃ ରଞ୍ଜିତ କୁମାର ସାହୁ

ଜେଜେମାଙ୍କର ହବିଷ ରନ୍ଧା ପିଙ୍କୁ ବହୁତ ପସନ୍ଦ କରେ I ଆଜି ବୋଉ ହବିଷ ରୋଷେଇ କରିଛି କନ୍ତୁ ଜେଜେମାଙ୍କର ଭଳ ସୁଆଦିଆ ହୋଇ ନାହିଁ I କେଜାଣି କେମିତି ପିଆଜ ରସୁଣ ବିନା ଜେଜେମା ଏତେ ଭଲ ରୋଷେଇ କରି ପାରନ୍ତି I

ପିଙ୍କୁ କଛି କହିବା ପୂର୍ବରୁ, ବାପା କହି ଦେଲେ, "ଏହି ଶୀତ ଦିନରେ ଗରମ ବରା ପକୋଡ଼ି କରିବା ବଦଳରେ, ଏହି ହବିଷ କଣ କଏ ବାଢ଼ିଲାଣି? କଛି ନ ହେଲେ ଟିକଏ ଅଣ୍ଡା ତରକାରୀ କରି ଦେଇଥାଆନ୍ତ I"

"ପିଆଜ ସରି ଯାଇଛି, ସେଥି ପାଇଁ ଆଜି ହବିଷ ବ୍ୟଞ୍ଜନ, ଯେମିତି ହେଇଛି ଖାଅ ନ ହେଲେ ଭୋକରେ ଶୁଅ," ବୋଉର ରୋକଠୋକ ଜବାବ I

"ନା ନା ମୁଁ ଏମିତି କହି ଦେଲି ନା, ମୋତେ କଣ ହବିଷ ରନ୍ଧା ଭଲ ଲାଗେନ କ? " ବାପା କହିଲେ, "ଏହି ପିଆଜଟା କାହିଁକ କେଜାଣି ଅଭ୍ୟାସ ହେଇ ଯାଇଛି ତ ସେଥି ପାଇଁ ପାଟିରୁ ବାହାରିଗଲା I ଛାତ ଉପରେ ଯୋଉ ଖାଲି ଜାଗା ଅଛି ସେଥିରେ କଛି କୁଣ୍ଡ ଆଣି ରଖିବି I ଆର ଥରକୁ ପିଆଜ ଆସିଲେ ତାହାର ମୂଳ ଭାଗ ଗୁଡ଼ିକ ପୋତି ଦେବା, ପିଆଜ ନ ହେଲେ ପିଆଜ ପତ୍ର ଟିକଏ ପକେଇ ଦେବ ଡାଲିର ଛୁଙ୍କ ଦେଲା ବେଳେ ।”

"ହଉ ତୁମେ ଗୃଷ କର ତାହା ପରେ ପିଆଜ ବଘର ଡାଲି ଖାଇବ I ଶୁଣିଛି ତୁମ ବଂଶରେ କଏ ଜଣେ ଏତେ ପିଆଜ ପ୍ରେମୀ ଥିଲା ଯେ ମଲା ବେଳକୁ ତାହାର ପାଟିରୁ

ପିଆଜ, ପିଆଜ ବାହାରିଥିଲା । ହଁ ଗଲା ଥର ଭଲ ସେ ବଡ ବଡ ପିଆଜ ଆଣିବନ, ଛୋଟ ଦେଖିକ ଆଣିବ ଆଉ ନାଲି ରଙ୍ଗର ଆଣିବ । ନଗ୍ରମିଷ ଆଣିବନ, ମୋତେ ଆସେନ ପିଆଜ ବିନା ନଗ୍ରମିଷ ଗ୍ରେଷେଇ, "ବୋଉ କହିଲେ ।

“ସତରେ ପିଆଜ ଏତେ ଆବଶ୍ୟକ କ ବାପା?" ପିଙ୍କୁ ପଗ୍ଭରିଲା । ମଣିଷ ମାନେ କଣ ବିନା ପିଆଜର ଚଳ ପାରିବେ ନାହିଁ?”

ବାପା କହିଲେ, “ପିଆଜ ଏକ ଉଦ୍ଭିଦ ଯାହା ପ୍ରାଚୀନ କାଳରୁ ମଣିଷ ବ୍ୟବହାର କରି ଆସିଛି । ପ୍ରାୟ 7000 ବର୍ଷ ହେଲା ମଣିଷ ମାନେ ଉପଯୋଗ କରି ଆସୁଛନ୍ତି, ତେଣୁ ଏହା ଏକ ପ୍ରକାର ଆମର ଜୀବନର ଏକ ଅଭିନ୍ନ ଅଙ୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ପୃଥିବୀ ସାର୍ା ଗ୍ଷ ହୁଏ ଏବଂ ଲୋକେ ଏହାକୁ କଞ୍ଚା ଖାଆନ୍ତି କମ୍ବା ବିଭିନ୍ନ ବ୍ୟଞ୍ଜନରେ ବ୍ୟବହାର କରନ୍ତି ।”

"ଆଉ ବୋଉ ଯେଉଁ ମଲା ଲୋକ କଥା କହିଲେ?" ପିଙ୍କୁ କହିଲା ।

"ସେଇଟା ସବୁ କୁହା ଶୁଣା କଥା କନ୍ତୁ ପିଆଜକୁ ପ୍ରାଚୀନ ଯୁଗରେ ମଧ୍ୟ ବହୁତ ମାନ୍ୟତା ଦିଆ ଯାଉଥିଲା । ଇଜିପ୍ଟରେ ଫାରୋ ମାନେ କବରରେ ପିଆଜ ରଖୁଥିଲେ, ଏହାକୁ ମରଣପୋରାନ୍ତ ଜୀବନକୁ ସୁଖମୟ କରିବାକୁ ଏବଂ ଏହାକୁ ଅମରତ୍ୱ ସହିତ ଯୋଡ଼ି ଥିଲେ," ବାପା କହିଲେ ।

"ନାଲି ପିଆଜ କଣ କହୁଥିଲା ବୋଉ? ପିଆଜ କଣ କେତେ ରଙ୍ଗର ଥାଏ କ? ମୁଁ ଖାଲି ଏହି ଗୋଲାପୀ ରଙ୍ଗର ହିଁ ଦେଖିଛି ବଜାରରେ । ଧଳା ପିଆଜ ତ ବହୁତ କମ ଦେଖିଛି," ପିଙ୍କୁ ପଗ୍ଭରିଲା ।

"ପିଆଜର ଅନେକ କସମର ଅଛି, ଗୋଟିକିଆ ଆଉ ପେନ୍ଥା ପ୍ରକାରର, ବିଭିନ ଆକାରର ଏବଂ ରଙ୍ଗର । ଭାରତରେ ମୁଖ୍ୟତଃ ନାଲି ପିଆଜ ବ୍ୟବହାର ହୁଏ, କନ୍ତୁ ଅନ୍ୟ ଦେଶରେ ହଳଦିଆ ପିଆଜ ମଧ୍ୟ ବ୍ୟବହାର ହୁଏ । ଏହା ଟିକଏ ଫିକା ଧୂସର

ରଙ୍ଗର ହୋଇଥାଏ । ଏହା ବ୍ୟତୀତ ଧଳା ପିଆଜ ଯାହା ଟିକଏ ସ୍ୱାଦରେ ଫିକା ମେକ୍ସିକନ ବ୍ୟଞ୍ଜନରେ ବ୍ୟବହୃତ ହୋଇଥାଏ," ବାପା କହିଲେ ।



"ପଡିଶା ଘର ମାଉସୀ କୁହନ୍ତି ତାକୁ ପିଆଜ ଖାଇଲେ ଏଲର୍ଜୀ ହୁଏ ? ଏହା କଣ ସତ ହେଇ ପାରେ କି?" ପିଙ୍କୁ ପଚ୍ଚାରିଲା ।



“ହେଇ ପାରେ, ଅଧିକାଂଶ ଲୋକ ପିଆଜ ଖାଇ ସୁସ୍ଥ ରହି ଥାଆନ୍ତି କିନ୍ତୁ କିଛି ଲୋକଙ୍କର ଲାଗି ସେବନ ପ୍ରତିକୂଳ ପ୍ରଭାବ ପକେଇ ପାରେ”, ବାପା କହିଲେ, “କିନ୍ତୁ ପିଆଜ କୁକୁର, ବିଲେଇ ଆଉ ମୂଷା ପାଇଁ ବିଷାକ୍ତ ଅଟେ ଏବଂ ଏହାର ସେବନ ଦ୍ଵାରା ସେମାନେ ଗୁରୁତ୍ତର ଭାବରେ ଅସୁସ୍ଥ  ଥାଆନ୍ତି !”

"ଓଃ ! ତାହା ହେଲେ ମୁଁ ବାପୁକୁ ଆଉ ପିଆଜ ଗଦା ଆଡକୁ ଯିବାକୁ ଦେବିନି ବଜାର ଗଲେ ତାକୁ ସାଥିରେ ନେଇକି । ସବୁଥିରେ ପଶିକି ତଦନ୍ତ କରିବା ବାପୁର ଗୋଟିଏ ବଦଗୁଣ । ସବୁ କୁକୁର ମାନେ କଣ ଏମିତି କି? ଯାଉଛି ତାକୁ ଖାଇବାକୁ ଦେବି, ବାପୁ ଏବେ ଭୁକଲାଣି, ବୋଧେ ତାକୁ ଭୋକ ଲାଗିଥିବ । ତା ପରେ ତାକୁ ବାହାରକୁ ନେବି ବୁଲେଇ ଆଣିବି, ଦିପହରରୁ  ବନ୍ଧା ହେଇକି ପଡିଛି ଅଗଣାରେ" ପିଙ୍କୁ କହିଲା ।

"ହଁ ବାପୁ କୁକୁର ହେଲେ କଣ ହେଲା ତାହାର ମଧ୍ୟ ଅଖାଦ୍ୟ ଦ୍ଵାରା  ହାନି ହିଁ ହେବ," ବାପା କହିଲେ, "ମୁଁ କାଲି ବଜାରରୁ ଆଗ ପିଆଜ ନେଇ ଆସେ, ନ ହେଲେ ପୁଣି  ହବିଷ ମିଳିବ। ସତରେ ପିଆଜ ଦ୍ଵାରା ଅନେକ  ବ୍ୟଞ୍ଜନ ସ୍ଵାଦିଷ୍ଟ  ହେଇ ଯାଏ ।

୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ସ୍ଟରଲୋଟସଭିଲେ, ଭିର୍ଜିନିଆ, ଯୁକ୍ତରାଷ୍ଟ୍ର ଆମେରିକା

# ସାଧାରଣତନ୍ତ୍ର ଦିବସ



ଅମରନାଥ ବାରିକ୍

ଊନବିଂଶ ପଗ୍ଚଶ ଜାନୁଆରୀ ଛବିଶ
ବ୍ରିଟିଶ୍ ସାମ୍ବିଧାନକ ବ୍ୟବସ୍ଥାର
ଅପସାରଣ କ୍ରମଶଃ
ହୋଇଲା଼ ଆମରି ଦେଶ
ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ
ବିଶ୍ୱରେ ହେଲା଼ ପ୍ରକାଶ ।

ଆସେମବ୍ଲିକୁ ସମ୍ବିଧାନ ଚଠା ହସ୍ତାନ୍ତର
କରିଥିଲେ ସେହୁ ଆମ୍ବେଦକର
ଆଲୋଚନା ବାରମ୍ବାର
ଶେଷରେ ବଳବତ୍ତର
ଇଂରାଜୀ ହିନ୍ଦୀରେ ଲିଖିତ କପିରେ
ଦସ୍ତଖତ ୩୦୮ଙ୍କର ।

ଉକ୍ତ ଲିଖିତରେ ସମ୍ବିଧାନ କାର୍ଯ୍ୟକାରୀ
ହୋଇଥିଲା଼ ବୋଲି ଏହି ଦିବସଟି
ପାଳଥାଉ ଆମେ ଘେରି
ପ୍ୟାରେଡ଼ ଓ ଝାଙ୍କି କରି
ଦେଖାଉ ଆମେରେ ପଡ଼ୋଶୀ ଦେଶକୁ
ଆମ ସେନାର ଗୃତୁରି ।

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆନ୍ଦୋଳନ
ଅସହଯୋଗ ଆଉ ଅହିଂସାପୂର୍ଣ୍ଣ
ଭାରତୀୟଙ୍କ ସ୍ୱାଧୀନ
ସେଲାଗି ଦେଶ ମହାନ
ଭାରତର ମୁଖ୍ୟ ହୋଇଥିଲେ ଯହିଁ
ଗଭର୍ଣ୍ଣର୍ ମାଉଣ୍ଟ୍ ବ୍ୟଟେନ ।

ରାଷ୍ଟ୍ରପତି ଆମ ରାଜଧାନୀ ନଗରୀରେ
ଜାତୀୟ ପତାକା ଉତ୍ତୋଳନ କରି
ଭାରତୀୟ ସମେତରେ
ଇଣ୍ଡିଆ ଗେଟ୍ ପାଶରେ
ଅଭିବାଦନ ଯେ ଗ୍ରହଣ କରନ୍ତି
ସାମରିକ ସଙ୍ଗତରେ ।

ଭାରତୀୟ ସେନା ଅଶ୍ୱାରୋହୀ ପଦାତିକ
ଆଦି ବାହିନୀଙ୍କୁ ସାଙ୍ଗରେ ଧରିଣ
କରନ୍ତି ସମ୍ଭାର ଏକ
ଶୋଭାଯାତ୍ରାର ଝଲକ
ସାଧାରଣତନ୍ତ୍ର ଦିବସ ଆମର
ଦିଶେ କେଡେ ଜକଜକ ।

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧

# ମାଛରଙ୍କାର ମାଛ ଖିଆ



ନୀଳମାଧବ ସାହୁ

ଗୋଲୁ ଓ ମୋଲୁ ଦୁହେଁ ଭଲ ସାଙ୍ଗ | ସବୁବେଳେ ବିଦ୍ୟାଳୟ ମିଶିକ ଯାଆନ୍ତି ଓ ଖେଳବୁଲ ବି ମିଶିକ କରନ୍ତି | ଛୁଟିଦିନରେ ଗାଁ ପୋଖରୀ ପାଖରେ ଥିବା ବରଗଛ ତଳେ ବସିକ ପ୍ରକୃତିକୁ ଅନୁଭବ କରନ୍ତି ଓ ପୋଖରୀରେ ଥିବା ହଂସ, ବତକ, ବଗ ଓ ବିଭିନ୍ନ ପକ୍ଷୀ ଦେଖେ |

ଦିନେ ଗୋଲୁ ମୋଲୁ ଦୁହେଁ ଗୋଟେ ଛୋଟ ପକ୍ଷୀକୁ ଦେଖିଲେ ଯିଏ କ କ୍ଷିପ୍ର ବେଗରେ ପୋଖରୀରୁ ଗୋଟିଏ ମାଛ ତା' ଥଣ୍ଟରେ ଧରି ଉଡ଼ିଗଲା | ସେମାନେ ସେହି ପକ୍ଷୀକୁ ଚିହ୍ନି ପାରିଲେ ନାହିଁ | ସେହି ଛୋଟ ପକ୍ଷୀର ଥଣ୍ଟ ଟିକେ ଲମ୍ବା ଓ ଲାଲ ଅଟେ, ମୁଣ୍ଡ ମାଟିଆ, ବେକ ପାଖ ଟିକେ ଧଳା ଓ ପର ଦୁଇଟି ମାଟିଆ, ଲାଲ, କଳା, ଧଳା ଓ ନୀଳ ରଙ୍ଗର ମିଶ୍ରଣ ଅଟେ | କାହାଠାରୁ ସେ ପକ୍ଷୀ ବିଷୟରେ ଜାଣିବେ ତାହା ଭାବୁଥାନ୍ତି | ଶେଷରେ ନିର୍ଣ୍ଣୟ ନେଲେ ଯେ କରଣ ଭାଇଙ୍କୁ ପଗ୍ଚରିବେ କାରଣ ସେ ଜୁଲୋଜୀରେ ସ୍ନାତକତ୍ତୋର କରିଛି |



ତା'ପର ଦିନ ସକାଳୁ ଦୁହେଁ ବାହାରିପଡିଲେ କରଣ ଭାଇଙ୍କ ପାଖକୁ | ସେତେବେଳେ ସେ ବିଭିନ୍ନ ଚଢେଇର ଫୋଟୋ ଉଠାଉଥାନ୍ତି | "ଭାଇ ତମେ କେଉଁ ଚଢେଇର ଫୋଟୋ ଉଠଉଚ **?"**, ଗୋଲୁ ଓ ମୋଲୁ ଦୁହେଁ ପଚ୍ଚରିଲେ | "ଏମିତି ହିଁ ଗୋଟେ ବଣିର ଫୋଟୋ ଉଠାଉଥିଲି |", କରଣ ଭାଇ ଉତ୍ତର ଦେଲେ | "କ'ଣ ହେଲା କ ତମେ ଦୁହେଁ ଆଜି ଏଠି ମୋ ପାଖରେ **?"**, କରଣ ଭାଇ ପଚ୍ଚରିଲେ | "ପକ୍ଷୀ ବିଷୟରେ କଛି ଜାଣିବାର ଥିଲା |", ଗୋଲୁ ଓ ମୋଲୁ ଦୁହେଁ ଉତ୍ତର ଦେଲେ | ତା'ପରେ ସେ ଦୁହେଁ ଦେଖିଥିବା ପକ୍ଷୀ ବିଷୟରେ କରଣ ଭାଇଙ୍କୁ ଜଣାଇଲେ ଓ ସେଇଟା କେଉଁ ପକ୍ଷୀ ବୋଲି ପଚ୍ଚରିଲେ | କଛି ସମୟ ପରେ କରଣ ଭାଇ ନଜ କ୍ୟାମେରାରେ ବିଭିନ୍ନ ପକ୍ଷୀ ଫୋଟୋ ଦେଖାଇଲେ ଓ କେଉଁ ପକ୍ଷୀଟା ଜଣେଇବାକୁ କହିଲେ | ସେ ଦୁହେଁ ସେ ପକ୍ଷୀକୁ ଚହ୍ନିଲେ ଓ ତା'ର ନାମ ପଚ୍ଚରିଲେ |

ସେ ପକ୍ଷୀର ନାମ ଧଳା ଥଣ୍ଟ ଥିବା ମାଛରଙ୍କା ଅଟେ | ଇଂରାଜୀରେ ଏହାକୁ ହ୍ୱାଇଟ ଥ୍ରୋଟେଡ୍ କଙ୍ଗଫିଶେର ବୋଲି କହନ୍ତି | ଏହି ପକ୍ଷୀଟି ମୁଖ୍ୟତଃ ଏସିଆରେ ଦେଖାଯାଏ | ସେମାନେ ପୋଖରୀ, ଗାଡ଼ିଆ ଓ ନଦୀ ପାଖରେ ଥିବା ଗଛ ଗୁଡାକରେ ବସିଥାନ୍ତି | ବହୁତ ସମୟରେ ସହରମାନଙ୍କରେ ମଧ୍ୟ ତାରରେ ବସିଥିବା ଦେଖାଯାଇ ଥାଏ | ଏମାନେ ଅଲସେଦିନୀଡ଼ଇ ପରିବାରର ଅଟନ୍ତି | ପୃଥୀବିରେ ଦେଖାଯାଉଥିବା ମାଛରଙ୍କାର ୧୧୪ ପ୍ରଜାତି ମଧ୍ୟରୁ ଇଏ ଗୋଟିଏ ପ୍ରଜାତିର ଅଟେ | ଏହି ଧଳା ଥଣ୍ଟ ଥିବା ମାଛରଙ୍କା ସହଜରେ ଗାଁ ଗହଳରେ ମଧ୍ୟ ମିଳନ୍ତି ତେଣୁ ଏମାନଙ୍କୁ ଖୋଜିବାକୁ ଏତେ କଷ୍ଟ କରିବାକୁ ପଡେ ନାହିଁ | ଏହିପରି କରଣ ଭାଇ ସେ ପକ୍ଷୀ ବିଷୟରେ ବୁଝାଉଥିଲେ |



"ଏହି ମାଛରଙ୍କା ପକ୍ଷୀ କଣ କଣ ଖାଏ ?", ଗୋଲୁ କରଣ ଭାଇଙ୍କୁ ପଚାରିଲା । ସେ ଉତ୍ତର ଦେଲେ ଯେ ଏହି ମାଛରଙ୍କା ଛୋଟ ଛୋଟ ମାଛ ଖାଇବା ସହ କେତେକ ସରୀସୃପ, ବେଙ୍ଗ ଓ କୀଟପତଙ୍ଗ ମଧ୍ୟ ଖାଇଥାଏ । ତା'ର ଶିକାର କରିବା ପ୍ରଣାଳୀ ବହୁତ ଉଚ୍ଚ କୋଟିର ଅଟେ । ଉଡୁଥିବା ସମୟରେ ଛୋଟ ମାଛକୁ ପାଣିରେ ଦେଖି ସିଧା ପାଣିକୁ ଲମ୍ଫମାରି ଶିକାର କରିଥାଏ । ଏହି ଧଳା ଥଣ୍ଟଥିବା ମାଛରଙ୍କା ପକ୍ଷୀ ମାଛ ଅପେକ୍ଷା ଅନ୍ୟ ଛୋଟ ସରୀସୃପକୁ ଶିକାର କରିବାର ବେଶୀ ସମୟରେ ଦେଖାଯାଏ ।

କରଣ ଭାଇଙ୍କ ପକ୍ଷୀ ବିଷୟରେ ବିଶେଷ ଜ୍ଞାନ ଦେଖି ଗୋଲୁ ଓ ମୋଲୁ ବହୁତ ଖୁସିହେଲେ ଓ ତାଙ୍କ ଠାରୁ ବିଭିନ୍ନ ପକ୍ଷୀ ବିଷୟରେ ଜାଣିବାକୁ ଚାହିଁଲେ । ଯେତେବେଳେ ବି ଖାଲି ସମୟ ମିଳୁଥିଲା କରଣ ଭାଇ ସାଙ୍ଗରେ ପକ୍ଷୀ ଦେଖିବାକୁ ପାଖ ପୋଖରୀ ଓ ଜଙ୍ଗଲକୁ ଚାଲିଯାଉଥିଲେ । ବିଭିନ୍ନ ପକ୍ଷୀ ବିଷୟରେ ଗୋଲୁ ଓ ମୋଲୁ ଦୁଇ ସାଙ୍ଗ ବି ଜାଣିଗଲେ । କରଣ ଭାଇଙ୍କ ଠାରୁ କଛି କଛି ଫୋଟୋଗ୍ରାଫି ବି ଶିଖିବାକୁ ପାଇଲେ । ସେମାନଙ୍କର ପ୍ରକୃତି ପ୍ରତି ରୁଚ ମଧ୍ୟ ବଢିବାକୁ ଲାଗିଲା । ଗୋଲୁ ଓ ମୋଲୁକୁ ଦେଖି ସେମାନଙ୍କ ଅନ୍ୟ ସାଙ୍ଗମାନେ ମଧ୍ୟ ପ୍ରକୃତି ଓ ପରିବେଶ ପାଇଁ ରୁଚ ବଢଇଲେ ଓ ତା'ର ସଂରକ୍ଷଣ ପାଇଁ ସଚେତନତା ବୃଦ୍ଧି ପାଇଲା ।

ପକ୍ଷୀମାନଙ୍କ ଉପକାରିତା ବିଷୟରେ କରଣ ଭାଇ ସମସ୍ତଙ୍କୁ ବୁଝାଇଲେ । ସେମାନଙ୍କ ଯୋଗୁ ପରିବେଶ ସନ୍ତୁଳନ ରହେ ଓ କୀଟପତଙ୍ଗ ସଂଖ୍ୟା ଅଧିକ ବଢେ ନାହିଁ । ଅନେକ ପ୍ରକୃତିପ୍ରେମୀମାନେ ପକ୍ଷୀକୁ ଦେଖନ୍ତି, ଉପଭୋଗ କରନ୍ତି ଓ ଫୋଟୋ ବି ଉଠାନ୍ତି । ଓଡ଼ିଶାର ଚିଲିକାକୁ ଲୋକମାନେ ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀ ଦେଖିବାକୁ ଆସନ୍ତି ଓ ମନୋରଞ୍ଜନ ବି କରନ୍ତି । ଭିତରକନକା ଅଭୟାରଣ୍ୟରେ କେତକ ବିରଳ ପ୍ରଜାତିର ମାଛରଙ୍କା ଦେଖାଯାଏ । ପ୍ରକୃତି ଗବେଷକ ଓ ଅନ୍ୟ ଫୋଟୋଗ୍ରାଫେରମାନେ ଭିତରକନକା ଏଥି ପାଇଁ ଯାଇଥାନ୍ତି । ଗଛଲତା, ପୋଖରୀ, ହ୍ରଦ, ନଦୀ ଓ ଜଙ୍ଗଲ ବଂଚବା ଦ୍ଵାରା ଏହି ପକ୍ଷୀମାନେ ବି ବଞ୍ଚି ପାରିବେ । ପଲିଥିନ ବ୍ୟବହାର ଓ ପ୍ରଦୂଷଣକୁ କମେଇବାକୁ ପଡିବ। ଏହା ଦ୍ଵାରା ସେମାନଙ୍କର ସଂରକ୍ଷଣ ହୋଇପାରିବ ।

କରଣ ଭାଇଙ୍କ ପ୍ରକୃତି ପ୍ରତି ଭଲପାଇବା ଗୁଣକୁ ଜାଣି ବିଦ୍ୟାଳୟର ଶିକ୍ଷକ ତାଙ୍କୁ ବିଦ୍ୟାଳୟକୁ ନିମନ୍ତ୍ରଣ ଦେଲେ ଓ ପିଲ୍ମାନଙ୍କୁ ପ୍ରକୃତି , ପଶୁପକ୍ଷୀ ଓ ଜଙ୍ଗଲ ବିଷୟରେ ସଚେତନତା ପାଇଁ ଅବଗତ କରିବାକୁ କହିଲେ | କରଣ ଭାଇ ବି ନିଜେ ଜାଣିଥିବା ବିଷୟ ସମସ୍ତଙ୍କ ସହ ବାଣ୍ଟି ବହୁତ ଖୁସି ହେଲେ |




ସମରଝୋଳ, ଗଂଜାମ, ଓଡିଶା

# ସାହସୀ ଝିଅ କୁନ



ଦୀପ୍ତିମୟୀ ସାହୁ

ପାଞ୍ଚ ବର୍ଷ ତଳର କଥା। କୁନ ବୋଲି ଝିଅଟିଏ ଥିଲା । ଦିନେ ବୈଶାଖ ମାସର କଳାକଟିମିଟି ଅନ୍ଧାର ରାତିରେ ସେ ତା'ର ପାଞ୍ଚ ଜଣ ସାଙ୍ଗ ମିତା, ଗୀତା, ସୀତା, ଝୁନା, ଟୁନା ସହ ପାଖ 'ବୀରଭଦ୍ର ପୁର' ଗାଁକୁ ଯାତ୍ରା ଦେଖିଯିବା ପାଇଁ ମନକଲେ। ତାଙ୍କର ବାପା ମାଆଙ୍କ ତାଗିଦ୍ ଯୋଗୁଁ ପଡୋଶୀ ଗିରିଧାରୀ ଦାଦା ଓ ଶାନ୍ତି ଖୁଡୀଙ୍କ ସହ ସେମାନେ ଯାଇଥିଲେ।

ଯାତ୍ରା ଦେଖି ଯିବା ବାଟରେ ଗୋଟିଏ ଛୋଟ ପାହାଡ଼ ପଡିଲା। ତା'ର ନାଁ ଥିଲା 'ଗାଈଖିଆ ପାହାଡ଼'। ସେହି ପାହାଡ଼କୁ ନେଇ ପ୍ରାଚୀନ କାଳରୁ ଏକ ଲୋକକଥା ରହିଥିଲା । ଦାଦା ଗିରିଧାରୀ ପିଲାମାନଙ୍କୁ ସେ କାହାଣୀଟି କହିଲେ ।

ଏକଦା ସେଇ ପାହାଡ଼ରେ ରହୁଥିଲା ଗୋଟିଏ ଗାଈଖିଆ ବ୍ରହ୍ମରାକ୍ଷସ । ସେଇ ପାହାଡ଼ ପାଖକୁ ଯେଉଁ ଗାଈ ଗୁଡିକ ଚରିବାକୁ ଆସୁଥିଲେ ସେ ସେମାନଙ୍କୁ ଆହାର କରିଦେଉଥିଲା। ତା'ର ଭୟଙ୍କର ଗର୍ଜନ ଆଉ ଏ ଦୁଷ୍ଟ ପ୍ରବୃତ୍ତି ପାଇଁ ଆଖପାଖ ଅଞ୍ଚଳବାସୀ ବହୁତ ଚନ୍ତିତ ଥିଲେ । ଯେତେ ଷଡଯନ୍ତ୍ର କଲେ ମଧ ତାକୁ କେହି ବଧ କରିପାରୁନଥିଲେ। ଦିନେ କ'ଣ ହେଲାନା, ଗୋଟିଏ ଗରିବ ଗାଈଆଳ ପିଲା ଶୁଖଲା ପତ୍ର ଜାଳୁଜାଳୁ ନିଆଁ ପାହାଡ଼ ସାରା ଖେଳଗଲା । ସେହି ନିଆଁ ରାକ୍ଷସ ରହୁଥିବା ଗୁମ୍ଫା ଆଡେ ମଧ ଚରିଗଲା । ନିଆଁରେ ପୋଡି ହୋଇ ରାକ୍ଷସ ସେଦିନ ସେଠାରେ ମରିଗଲା। ସେଇ ଗରିବ ଗାଈଆଳ ପିଲାକୁ ଏହି ଦୁଃସାହସିକ କାମ ପାଇଁ ସେ କାଳର ଜମିଦାର ୧୦୦ଗାଈ ସହ ସାତମାଣର ଗୋଟିଏ ଜମି ପୁରସ୍କାର ଦେଇଥିଲେ।

ପିଲ୍‌ମାନେ ଦାଦାଙ୍କଠାରୁ ଏ ଗପ ଶୁଣି ବହୁତ ଖୁସି ହେଲେ । ଛୋଟ ଗାଈଆଳ ପିଲ୍ ଏତେ ବଡ କାର୍ଯ୍ୟ କରିପାରିଥିଲା ଶୁଣି ପିଲ୍‌ମାନେ ବହୁତ ଖୁସି ହେଲେ । ସେମାନେ ମଧ ଚତୁର ଏବଂ ସାହସୀ ହେବାକୁ ଦାଦାଙ୍କୁ କହିବାରୁ ଦାଦା ହଁ କରି ତାଙ୍କ ମୁଣ୍ଡକୁ ଥାପୁଡେଇ ହସିଦେଲେ।

ସଭିଏଁ ଦାଦା ଖୁଡୀଙ୍କ ସହ ମିଶି 'ବୀରଭଦ୍ର ପୁର' ଗାଁରେ ପହଞ୍ଚିଲେ। ସେତେବେଳକୁ ସଂଧ୍ୟା ହୋଇଯାଇଥିଲା। ସମୟ ପ୍ରାୟ ପାଖାପାଖି ପାଞ୍ଚଟା ହେବ । ଦାଦା, ଖୁଡୀ ମେଳାର ସବୁ ଜିନଷ, ଖେଳନା, ଚକ୍ରିଦୋଳ, ମୀନାବଜାର ଦେଖାଇଲେ। ଗ୍ଭରିଆଡେ ଜନମେଳ ଥିଲା। ରଙ୍ଗୀନ ଆଲୋକମାଳାରେ ମେଳା ସ୍ଥାନଟି ଝଲ୍ ମଲ୍ କରୁଥିଲା। ଜିଲ୍‌ପି, ଝାଲ୍ ମୁଢି, ବରା, ପକୁଡି, ଆଇସ୍କ୍ରିମ ଖାଇ ମନ ଖୁସିରେ ସେମାନେ ବୁଲି ଦେଖିଲେ।କିଛି ସମୟ ପରେ ସ୍ଥାନଟି ଲୋକଗହଳ ପରିପୂର୍ଣ୍ଣ ହୋଇଗଲା । ତା'ଭିତରେ କୁନ ଆଉ ତା' ସାଙ୍ଗମାନେ ଦାଦା ଖୁଡୀଙ୍କ ପାଖରୁ କେତେବେଳେ ଯେ ଅଲଗା ହୋଇଗଲେ ଜାଣି ପାରିଲେନ।ସମସ୍ତେ ତାଙ୍କୁ ଖୋଜି ନିରାଶ ହେଲେ ।

ଏହି ସମୟରେ ଏକ ଅଜଣା ବ୍ୟକ୍ତି ତାଙ୍କ ପାଖକୁ ଆସି ସେମାନଙ୍କୁ ଚହ୍ନିଚ ବୋଲି କହିଲା। ଦାଦା, ଖୁଡୀ ତାଙ୍କ ପାଖରେ ନ ଥିବାରୁ ପିଲ୍‌ମାନେ ଭୟଭୀତ ହୋଇପଡିଥିଲେ। ଏପଟେ ରାତି ବି ହୋଇଯାଇଥିଲା। ତେଣୁ ସବୁ ପିଲ୍ ସେ ବ୍ୟକ୍ତି ସହ ନିଜ ଦାଦା ଖୁଡୀଙ୍କୁ ଖୋଜିବାକୁ ବାହାରି ପଡିଲେ।

ବ୍ୟକ୍ତିଟି ସବୁ ପିଲ୍‌ଙ୍କୁ ଗୋଟିଏ ଗୋଟିଏ ମିଠେଇ ଖାଇବାକୁ ଦେଲା। ସଭିଏଁ ସେ ମିଠେଇ ଖାଇଲେ ହେଲେ 'କୁନ' ତାକୁ ନ ଖାଇ ଅଜାଣତରେ ତାକୁ ଫୋପାଡି ଦେଲା। କାରଣ ତା'ର ଆଇ ମା' କହୁଥିଲେ କୌଣସି ଅଜଣା ବ୍ୟକ୍ତିର ଜିନଷ ଗ୍ରହଣ କରିବା ଅର୍ଥ ହେଲା ବିପଦକୁ ବରଣ କରିବା। ଲୋକଟି ସବୁ ପିଲ୍‌ଙ୍କୁ ମେଳା ଠାରୁ ଅନତି ଦୂରରେ ଥିବା ଏକ ଛୋଟ ଗ୍ଭଳଘରକୁ ନେଇଗଲା।

ସବୁ ପିଲ୍ ଡରିଗଲେ ସେମାନେ ନିଜ ଘରକୁ ଯିବା ପାଇଁ ଜିଦି କରିବାରୁ ଲୋକଟି କଅଁଳେଇକ ବୁଝେଇ କହିଲା-ତମ ଦାଦା ଖୁଡୀଙ୍କ ସଙ୍ଗେ ନ ଦେଖାହେଲେ ତମକୁ ନେଇ

ତମ ବାପା-ମାଆଙ୍କ ପାଖରେ ଛାଡି ଆସିବି। ସବୁ ପିଲା ସେ ବ୍ୟକ୍ତିଙ୍କର କଥାକୁ ସତ ମଣି ଚୁପ୍ ରହିଲେ।

ଏତିକି ବେଳକୁ ଗୋଟେ ପରେ ଗୋଟେ ପିଲା ବେହୋସ୍ ହୋଇ ତଳେ ପଡିଗଲେ। କୁନ ଆଶ୍ଚର୍ଯ୍ୟ ହୋଇଗଲା, ମାତ୍ର ସେ ବି ଅଭିନୟ ଛଳରେ ତାଙ୍କ ସହ ପଡିଗଲା। ଲୋକଟା ସମସ୍ତଙ୍କୁ ସେ ଘରେ ବନ୍ଦ କରି ଠୋ-ଠୋ ହସି ସେଠାରୁ କୁଆଡେ ଚାଲିଗଲା।

ବ୍ୟକ୍ତିଟି ଚାଲିଯିବା ପରେ କୁନ ଉଠି, ନିଜର ସନ୍ଦେହ ସତ ଥିଲା ବୋଲି ମନେକଲା। ଏହି ସମୟରେ କୁଆଡୁ ମେଞ୍ଚାଏ ପିଲାଙ୍କର କାନ୍ଦ ବୋବାଳି ଫାଟି ପଡିଲା । ସେଇ ଘରର ପରଦା ଟେକି କୁନ ଦେଖେତ ସାମ୍ନାରେ ଛୋଟ ଛୋଟ ତାଙ୍କ ଭଳି ପିଲା ୧୦-୧୫ ଜଣ ଚାହା ଧରି କାନ୍ଦୁଛନ୍ତି। ସେମାନେ ସମସ୍ତେ ତାଙ୍କ ଭଳି ମେଳାର ଗହଳରେ ହଜି ଯିବାରୁ ସେଇ ଲୋକଟି ତାଙ୍କୁ ଆଣି ଏଠାରେ ବନ୍ଦୀ କରି ରଖିଛି। ଖାଇବା ଲଡୁରେ ନିଶା ଦେଇ ସଭିଙ୍କୁ ସେ ନିଷ୍ଚେତ କରିଦେଇଥିଲା ଶୁଣି କୁନ ମୁଣ୍ଡ ଘାବରେଇ ଗଲା।

ସଭିଏଁ ଗୋଟାଏ ପିଲାଚୋରର ଦଳ ହାବୁଡରେ ପଡିଯାଇଛନ୍ତି ବୋଲି କୁନ ଭୟଭୀତ ହୋଇପଡିଲା। ତଥାପି ସେ ମନରେ ସାହସ ଆଣିଲା।କାରଣ ସେ ଶୁଣିଥିଲା:- "ଭୟାଳୁ ହାରେ, ସାହସୀ ଜିତେ।"

ଏତିକି ବେଳେ ତଳ ମାଟି ହାଣ୍ଡିରେ ଏକ ଫୋନ୍ କଲ୍ ବାଜି ଉଠିଲା। ଧୀରେ ଧୀରେ ତା'ପାଖକୁ ଯାଇ ସେ ଫୋନ୍ କୁ ରିସିଭ୍ କଲା। ଚଞ୍ଚଳ ତଥା ଗମ୍ଭୀର ସ୍ୱରରେ ସେପଟୁ ଉତ୍ତର ଆସିଲା -'ଚଞ୍ଚଳ କୋଡିଏ ଜଣ ପିଲାଙ୍କୁ ଧରି ପାଖ ବରଗଛ ପାଖକୁ ଆସ।ସେଠାରେ ନୀଳ ରଙ୍ଗର ଭ୍ୟାନ୍ ଧରି ଆମେ ଅପେକ୍ଷା କରିଛୁ।'

ଏତିକି କଥାରେ ଫୋନ୍‌ଟା ସେପଟୁ କଟିଗଲା। ପିଲା ଚୋରଙ୍କ ହାବୁଡରେ ପଡିଥିବାରୁ କୁନର ସାଷ୍ଟାଙ୍ଗ ଶରୀର ଥରିବାକୁ ଲାଗିଲା।ଏତିକି ବେଳେ ଉପସ୍ଥିତ ବୁଦ୍ଧି ଖଟାଇ କୁନ '୧୦୦' ନମ୍ବରରେ ପୋଲିସ୍ କୁ ଫୋନ୍ କରି ସବୁ କଥା ଜଣାଇଦେଲା। ପୋଲିସ୍ କୁନକୁ ନିର୍ଭୟରେ ରହିବାକୁ କହିବାରୁ ସେ ଫୋନ୍ କାଟିଦେଲା।

କଛି ଲୋକଙ୍କର ପାଦଶବ୍ଦ ଶୁଣି ସେମାନେ ଆସିଗଲେ ବୋଲି ଭାବି କୁନ ମୋବାଇକୁ ଯଥା ସ୍ଥାନରେ ରଖି ବେହୋସ୍ ର ଅଭିନୟରେ ପଡି ରହିଲା।ସମସ୍ତଙ୍କ ପାଟିରେ କପଡା ବାନ୍ଧି ଗୋଟି ଗୋଟି କରି ଛୁଆଙ୍କୁ ଟେକ କ ନେଉଥିବା ବେଳେ ପୋଲିସ୍ ଆସି ସେମାନଙ୍କୁ ଗିରଫ୍ କଲା।

ଚ୍ଚୋର ଦଳର ମୁଖିଆ ସହ ୧୦ ଜଣ ଚ୍ଚୋରଙ୍କୁ ଗିରଫ୍ କରିବା କଲା ପୋଲିସ୍ । ପନ୍ଦରଟି ପିଲାଙ୍କୁ ସେଠାରୁ ଉଦ୍ଧାର କରାଗଲା ।ଠିକ୍ ସମୟରେ ପୋଲିସ୍ କୁ ଖବର ଦେଇଥିବା କାରଣରୁ କୁନକୁ ସଭିଏଁ ସାବାସ୍ ଜଣାଇଲେ।

ପ୍ରତି ବର୍ଷ କଛି ନା କଛି ପିଲା ଚ୍ଚୋରି ହେଉଥିଲା। ପୋଲିସ୍ କ ଅଞ୍ଚଳବାସୀ ତା' ଟେର୍ ବି ପାଉ ନଥିଲେ। କୁନ ପାଇଁ ସେମାନେ ଧରାପଡିଲେ ଜାଣି ସେଇ ମେଳାରେ ବୀରଭଦ୍ର ପୁର ଗାଁ ଲୋକ ପୁରସ୍କାର ଦେଇ କୁନକୁ ସମ୍ମାନତ କଲେ। ପୁଣି ଅଗଷ୍ଟ ୧୫ ତାରିଖରେ ପାଖ ହାଇସ୍କୁ ଲ ପଡିଆରେ ଥାନା ତରଫରୁ 'ସାହସୀ ଝିଅର ପଦକ ' କୁନକୁ ମିଳଲା।

ବିପଦବେଳେ ଅଧୀର ନ ହୋଇ ଉପସ୍ଥିତ ବୁଦ୍ଧି ବଳରେ ଏତେ ସବୁ ପିଲାଙ୍କର ଜୀବନ ରକ୍ଷା କରିଥିବା କୁନ ତାଙ୍କ ଇଲାକାରେ 'ସାହସୀ ଝିଅ' ରୂପେ ପରିଚତ ହେଲା। ତା'ର ବାପା-ମାଆ, ସାଙ୍ଗ-ସାଥୀ, ସାଇ-ପଡିଶା ସଭିଏଁ ଏପରି ଝିଅ ପାଇଁ ଗର୍ବ ଅନୁଭବ କରୁଥିଲେ। ମୁଁ ମଧ୍ୟ ଗର୍ବରେ ତାଳ ମାରି ତାକୁ ତାରିଫ୍ କଲି।

ଭୁବନେଶ୍ୱର

# ଚିତ୍ର



ରିୟାନ୍ସ ପଣ୍ଡା



ଷ୍ଟାଣ୍ଡର୍ଡ ୧, ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ୍,
ବାଙ୍ଗାଲୋର

# ଫେବୃୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୨/୨୦୨୧ | ସଙ୍କଟ ଚତୁର୍ଥୀ ବ୍ରତ |
| ୦୭/୦୨/୨୦୨୧ | ଷଟତିଳା ଏକାଦଶୀ |
| ୦୯/୦୨/୨୦୨୧ | ଶରଣ ଆରମ୍ଭ |
| ୧୦/୦୨/୨୦୨୧ | ରଚନ୍ତୀ ଚତୁର୍ଦ୍ଦଶୀ, ଶିବଚତୁର୍ଦ୍ଦଶୀ |
| ୧୧/୦୨/୨୦୨୧ | ତ୍ରିବେଣୀ ଅମାବାସ୍ୟା, ମା ବିରଜା ଦେବୀଙ୍କ ଜନ୍ମୋତ୍ସବ |
| ୧୨/୦୨/୨୦୨୧ | କୁମ୍ଭ ସଂକ୍ରାନ୍ତି |
| ୧୩/୦୨/୨୦୨୧ | ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ପଦ୍ମମୁଖ ବେଶ |
| ୧୪/୦୨/୨୦୨୧ | ଶରଣ ଶେଷ |
| ୧୫/୦୨/୨୦୨୧ | ବରଦା ଚତୁର୍ଥୀ |
| ୧୬/୦୨/୨୦୨୧ | ଶ୍ରୀ ପଞ୍ଚମୀ, ସରସ୍ୱତୀ ପୂଜା ଓ ଶ୍ରୀ ମନ୍ଦିରେ ବସନ୍ତୋତ୍ସବ |
| ୧୯/୦୨/୨୦୨୧ | ମାଘ ସପ୍ତମୀ ଓ ଚନ୍ଦ୍ରଭାଗା ସ୍ନାନ |
| ୨୩/୦୨/୨୦୨୧ | ଭୈମୀ ଏକାଦଶୀ, ବ୍ୟାସ ସରୋବର ମେଳା |
| ୨୪/୦୨/୨୦୨୧ | ବରାହ ଦ୍ୱାଦଶୀ |
| ୨୫/୦୨/୨୦୨୧ | ଶ୍ରୀ ନତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ ଓ ଶିବ ଚତୁର୍ଦ୍ଦଶୀ |
| ୨୬/୦୨/୨୦୨୧ | ମାଘ ପୂର୍ଣ୍ଣିମା, ମାଘ ବ୍ରତ ସମାପନ ଓ ଗଜ ଉଦ୍ଧାରଣ ବେଶ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ଜାନୁୟାରୀ ମାସର ବିଜେତାଙ୍କ ନାମ



ଦହି ଖୁରୀ ଆଉ ଗୁମଚ ଦେଖିକ
ମନେପଡେ ପିଲାଦିନ
ଜେଜେ ଆଣୁଥିଲେ ଗୋଠରୁ ମଗାଇ

ସେ ଦହି ସୁଆଦ ଭିନ୍ନ ।
କବିରାଜ ଅଜା କହିଥିଲେ ଦିନେ
ସଜ ଦହି ଅଟେ ତକ୍ର,
ନିତି ଖାଉଥିଲେ ସୁସ୍ଥ ରହିଥିବ,
ବଦଳିଲେ ବି ଋତୁ ଚକ୍ର ।
ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର

ଗଉଡୁଣୀ ହାତୁ ଦହି ପିଇ ପ୍ରଭୁ,
ଯୁଦ୍ଧେ ବିଜେ ହେଲେ ମାନ ରଖି,
କାଂଚି ବିଜୟର ଗଉରବ ଗାଥା,
ମାଣିକ ପାଟଣା ମୁକସାକ୍ଷୀ,
ଗୋରସ ରୁ ଜାତ, ଅମୃତଏ ଦହି,
ଔଷଧୀୟ ଗୁଣେ ଆଭୁଷିତ,
ଅଣହେଳା କରି ଫୋପାଡି ନଦିଅ,
ସୁସ୍ଥ ଶରୀର ର ମାନଦଣ୍ଡ ଏହି,
ବିମାରୀ କୁ କରେ ପରାହତ ।
ବିଜେତା: ମୀନାକ୍ଷି ପାଢୀ, ଥାନେ, ମହାରାଷ୍ଟ୍ର

ପଞ୍ଚ ଅମୃତର ଏକ ଅଂଶ
ତୋ ବିନା ଦେବପୂଜା ହୁଏ ନିରର୍ଥକ ।
ଗ୍ରୀଷ୍ମ ଋତୁରେ ତୋ ଆଦର କିଏ ନଜାଣେ
ଘରେ ଘରେ ସାଇତି ରଖନ୍ତି ଧନ ସଂପତ୍ତି ପରି
କି କହିବି ତୋ ଗୁଣ
ମାନବ ଶରୀର ପାଇଁ ତୁ ଅଟୁ ଅମୂଲ ।
କୀର୍ତ୍ତି ଦେବୀ, ସିଭିଲ୍ ଟାଉନ୍ ସିପ୍, ରାଉରକେଲା

ଭାତ ରନ୍ଧା ବେଳ ଶେଷ ତୋରାଣୀକୁ
ସାଇତିଲେ ମାଟିପାତ୍ରେ
ସର୍କାର୍ ସଂଯୋଗେ ବୋହଲଆ ସ୍ଥିତି
ସୁସ୍ୱାଦୁ ଜେଲି କେକ୍ ପ୍ରାୟେ
ଶ୍ୱେତସାର ଭର୍ ଏହି ବ୍ୟଞ୍ଜନ
ଜିଣଇ ସର୍ବଜନ ମନ
ସକାଳ ଜଳଖିଆ ଶୀତ ପରସରେ
ଚଞ୍ଚଳତା ହୁଏ ପ୍ରାଣ ।

ବାଙ୍କାବିହାରି ମହାକୁର, ବୁରୁବୁଡା  ବୀରମହାରାଜପୁର ସୁବର୍ଣ୍ଣପୁର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

# ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁ www.vedantimagazine.com visit କରନ୍ତୁ ।

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**